The minor Chief of Athgarh, Raja Radhanath Dev Burma whose father, the late Raja Biswanath Dev Burma Bahadur had been a lifelong friend of mine and was known throughout India as a Sanskrit scholar and a generous and devout Hindu, has been staying with me for six months to get his administrative training at the Cuttack courts and offices. I have been much pleased with his earnestness and interest in helping me in his own way. A day does not dawn in which he is not ready with dozens of provincial and dialectical words peculiar to the Orissa Feudatory States. He makes it a point to read portions of the manuscript to any gentleman who comes to visit him and takes a personal pride in the humble production of his father's friend. May God bless him and make him an enlightened patron of Oriya literature.

The first volume is dedicated to Mr. J. A. Hubback, I. C. S., for whose genuine sympathy and appreciation I shall ever remain grateful.

The price of a set of the work, which will consist of four or five bound volumes, instead of two as originally planned, is now, in consideration of the increased size and cost of publication, been fixed at Rs. 60/-, (Rs. 50/- for unbound volumes), payable in advance on or before the delivery of the first volume. For subscribers who have already paid the previously advertised price of Rs. 30/- in advance, the price will remain the same, and the first and successive volumes will be delivered to them on payment of the freight-charges, as previously advertised. Through the Grace of God the first volume is finished and put

into the hands of the public, and His Grace, I hope, will enable me to place the last volume in their hands. I have got daily and repeated proofs of His Providence in securing me helpers in quarters from which help had not been expected, and He has saved me from many pitfalls, adversities, accidents and wants. I began my work 13 years ago with a prayer to Him, I close this volume with a prayer also.

The abbreviations used in this book and instructions for persons using the Dictionary have been given in the lists printed after the Oriya introduction. On the top of every page will be found some instructions how to find out words with similarly pronounced letters.

No one is more conscious than myself of the defects and shortcomings of this work. Owing to circumstances over which I had no control many errors have crept into it. When the kind public takes into consideration the fact that at least for 10 years I worked as word-collector, writer, collector of quotations and authorities, reader and fair-copyist, and at the same time paid personal visits to the outlying Oriya-speaking tracts for collecting provincial, dialectical and technical words, read and underlined dozens of Oriya, English, Sanskrit, Bengali and Hindustani Dictionaries and hundreds of Oriya, Bengali, Hindustani, English, and Sanskrit books and that I had no one to help me till 1928, the public will condone the defects which are due to the single-handedness of the worker. The credit of having improved on the original manuscript and writing belongs to my colleagues, and I alone am to blame for all the defects. If the users of the Dictionary kindly point out to me inaccuracies, defects and omissions, I shall, if God saves me till then, rectify them in the future edition of the work. Kind suggestions for improvement will, if approved, be carried out in the subsequent volumes.

Srijukta Visvanath Kar, Editor of the Utkal Sahitya magazine and Proprietor of the Utkal Sahitya Press, Cuttack ushered me to the world of letters, and my literary activities are due to his initiative. He has been unremitting in supplying me with books, seeing the work through the press, and securing for me help and co-operation. Had it not been for his lively interest in the publication, my life's labours would not have so soon seen the light of the day. Still, if I am not spared to see the subsequent volums published, I shall cherish the fond hope in my death-bed that Srijukta Visvanath Kar, Pandit Kulamani Das and my younger colleagues and supporters and lastly the Benign Government of Bihar and Orissa, will not let the remaining portion lie unpublished.

The Oriya language is one of the oldest vernaculars in India, but the outside world has got no idea of the richness of its classics and of its vocabulary. My humble efforts at making the Oriya language known, appreciated and admired not only by the sister-nations in India but by the civilized world of letters, by linking it with the medium of thought of the civilized world (namely English), with the Lingua franca of India ( namely Hindi ) and with one of the most advanced sister-languages ( namely Bengali ), deserve encouragement and support from every true patriot. This humble undertaking, pushed on through a period of 17years, has been appreciated and blessed by eminent scholars, both Indian and European, subsidized by the Government of Bihar and Orissa and highly spoken of by almost all the news-papers and periodicals of the land. Throughout this long period of compilation I have kept in view the hope that this humble work may serve as the starting point of many a research scholar in Grammar, in Philology, in History, in Religion and even in Astronomy, Botany and Medicine.

Thy Will be done ! Oh Father of all !

Cuttack; Orissa. }
September 1931. }　　G. C. Praharaj.



**The Hon'ble Sir Saiyid Muhammad Fakhr-ud-din,**
**Khan Bahadur, Kt.**
Education Minister, Bihar & Orissa.

ବିହାର-ଓଡ଼ିଶାର ଶିକ୍ଷାସଚିବ
ମାନ୍ୟବର ସର୍ ସୟଦ ମହମ୍ମଦ ଫକ୍ରୁଦ୍ଦିନ ।



**Mr. C. L. Philip M. A., I. C. S.**
Commissioner, Orissa Division.

ଓଡ଼ିଶା ବିଭାଗର କମିଶନର
ଶ୍ରୀଯୁକ୍ତ ସି. ଏଲ୍. ଫିଲିପ୍ ସାହେବ ।



**Visvanath Kar.**
Editor of Utkal Sahitya, CUTTACK.

ଉତ୍କଳ-ସାହିତ୍ୟର ସମ୍ପାଦକ
ଶ୍ରୀଯୁକ୍ତ ବିଶ୍ୱନାଥ କର ।



**Rai Bahadur Lakshmidhar Mahanty**
**B. L., M. L. C.,**
Dy. President of the Legislative Council,
Bihar & Orissa.

ବିହାର-ଓଡ଼ିଶା କାଉନ୍ସିଲର ଡେପୁଟି ପ୍ରେସିଡେଣ୍ଟ
ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ।

U. S. Press, Cuttack.

# ଅବତରଣିକା ।

୧ । **ଓଡ଼ିଆ ଭାଷାର ଉତ୍ପତ୍ତି**—ସଂସ୍କୃତଭାଷାରେ ଲିଖିତ ପ୍ରାଚୀନ ନାଟକ ଓ ଅଲଙ୍କାର ପ୍ରଭୃତି ଗ୍ରନ୍ଥ ପଢ଼ିଲେ ଜଣାଯାଏ ଯେ, ଉନ୍ନତତମ ଯୁଗରେ ଭାରତରେ ସଂସ୍କୃତ ଭାଷା ରାଜଭାଷା—( Court language ) ରୂପେ ସ୍ୱୀକୃତ ହୋଇଥିଲା । ଶିକ୍ଷିତ ଲୋକେ ସଂସ୍କୃତରେ କଥା କହୁଥିଲେ, ମାତ୍ର ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ, ତଥା ସ୍ତ୍ରୀଲୋକମାନେ ପ୍ରାକୃତ ଭାଷା ବ୍ୟବହାର କରୁଥିଲେ । ପ୍ରାଚୀନ ଭାରତରେ ବହୁବିଧ ପ୍ରାକୃତ ଭାଷାର ପ୍ରଚଳନ ଥିଲା । ତନ୍ମଧ୍ୟରେ ସୌରସେନୀ, ମାଗଧୀ, ମହାରାଷ୍ଟ୍ରୀ, ଅର୍ଦ୍ଧମାଗଧୀ, ପ୍ରାଚ୍ୟା, ଅବନ୍ତୀଜା, ଦାକ୍ଷିଣାତ୍ୟା, ବାହ୍ଲିକା, ଶାବରୀ, ଦ୍ରାବିଡ଼ୀ, ଆଭୀରୀ, ଚାଣ୍ଡାଳୀ, ପୈଶାଚୀ ପ୍ରଭୃତି ପ୍ରଧାନ । ଭାଷାମାନଙ୍କ ନାମରୁ ଭାରତର କେଉଁ ପ୍ରଦେଶରେ କେଉଁ ପ୍ରାକୃତ ଭାଷାର ପ୍ରଚଳନ ଥିଲା, ତାହା କେତେକ ପରିମାଣରେ ଜଣାଯାଏ । ଭାଷାତତ୍ତ୍ୱବିତ୍ ପଣ୍ଡିତମାନେ ସ୍ଥିର କରିଅଛନ୍ତି ଯେ, ବର୍ତ୍ତମାନର ଓଡ଼ିଆ ଭାଷା ପ୍ରାଚୀନ ମାଗଧୀ ପ୍ରାକୃତରୁ ଉତ୍ପନ୍ନ । କିନ୍ତୁ ପ୍ରାଚୀନ ପ୍ରାକୃତ ଭାଷାର ପ୍ରକୃତିଠାରୁ ଆଧୁନିକ ଓଡ଼ିଆ ଭାଷାର ପ୍ରକୃତି ସ୍ୱତନ୍ତ୍ର । ସହସ୍ର ସହସ୍ର ବର୍ଷ ପୂର୍ବେ ଆମ୍ଭମାନଙ୍କର ପୂର୍ବପୁରୁଷମାନେ ଯେଉଁ ଭାଷାରେ କଥା କହୁଥିଲେ, ଆମ୍ଭେମାନେ ବର୍ତ୍ତମାନ ଠିକ୍ ସେହି ଭାଷା ବ୍ୟବହାର କରୁ ନାହୁଁ । କାଳସ୍ରୋତର ପ୍ରବାହରେ ସେହି ପ୍ରାଚୀନ ମାଗଧୀପ୍ରାକୃତ ନାନା ଅବସ୍ଥା, ଘଟଣା ଓ ପ୍ରଭାବ ମଧ୍ୟରେ ବିଭିନ୍ନ ରୂପ ଧାରଣ କରି ବର୍ତ୍ତମାନ ଆକାର ପାଇଅଛି ।

ପୁରାତତ୍ତ୍ୱବିତ୍ ପଣ୍ଡିତମାନେ ଅନୁମାନ କରନ୍ତି, ବୈଦିକଯୁଗରେ ଭାରତରେ ଯେଉଁ ପ୍ରାକୃତ ଭାଷାର ପ୍ରଚଳନ ଥିଲା, ତାହାକୁ ପରିମାର୍ଜିତ ଅଥବା ସଂସ୍କାରଯୁକ୍ତ କରି ଶିକ୍ଷିତମାନେ ଯେଉଁ ଭାଷାର ସୃଷ୍ଟି କଲେ, ତାହା 'ସଂସ୍କୃତ'ଭାଷା ନାମରେ ଅଭିହିତ ହେଲା । ପ୍ରାକୃତ ଭାଷାରେ ଭାବପ୍ରକାଶୋପଯୋଗୀ ଶବ୍ଦର ଅଭାବ ଦେଖି ସଂସ୍କୃତ ଭାଷାରେ ପରବର୍ତ୍ତୀ କାଳରେ ଅନେକ ନୂତନ ଶବ୍ଦର ସୃଷ୍ଟି କରାଗଲା । ତେଣୁ ଏ ଭାବରେ ଦେଖିଲେ, ପ୍ରାକୃତ ଭାଷା ମୂଳ, ସଂସ୍କୃତ ଭାଷା (Refined language) ତାହାର ପରବର୍ତ୍ତୀ ମାର୍ଜିତ ଆକାର । ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ପରବର୍ତ୍ତୀ ଯୁଗରେ ଭାବପ୍ରକାଶର ସୁବିଧା ପାଇଁ ସଂସ୍କୃତ ଭାଷାରୁ ପ୍ରାକୃତ ଭାଷାମାନଙ୍କରେ ଶତ ଶତ ଶବ୍ଦ ଗ୍ରହଣ କରାଯାଇଅଛି ଏବଂ ସଂସ୍କୃତ ଭାଷାର ଶବ୍ଦ ଓ ଭାବବିଭବରେ ପ୍ରାକୃତ ଭାଷାମାନ ଉନ୍ନତ ହୋଇଅଛି; କିନ୍ତୁ 'ସଂସ୍କୃତ' ଏହି ନାମକରଣରୁ ସ୍ପଷ୍ଟ ଜଣାଯାଏ ଯେ, ପ୍ରାକୃତ ଭାଷାକୁ ସଂସ୍କୃତ ବା ମାର୍ଜିତ କରି ଏହି ଭାଷାର ସୃଷ୍ଟି କରାଯାଇଥିଲା ।

ଆର୍ଯ୍ୟଜାତି ଭାରତରେ ଉପନିବେଶ ସ୍ଥାପନ କରିବା ପୂର୍ବେ ଏ ଦେଶ ଆଦିମ ଅଧିବାସୀମାନଙ୍କର ବାସସ୍ଥଳ ଥିଲା । ସେହି ପ୍ରାଚୀନ ଜାତି ମଧ୍ୟରେ ଦ୍ରାବିଡ଼ୀୟମାନେ ପ୍ରଧାନ । ଆର୍ଯ୍ୟମାନଙ୍କ ଆଗମନ ପୂର୍ବେ ଦ୍ରାବିଡ଼ୀୟ ସଭ୍ୟତା ଭାରତରେ ପ୍ରଭାବ ବିସ୍ତାର କରିଥିଲା । ସେତେବେଳେ ଦ୍ରାବିଡ଼ୀୟମାନେ ଅଳ୍ପ ଉନ୍ନତ ନ ଥିଲେ । ଶିଳ୍ପ, ବିଜ୍ଞାନ, ସଙ୍ଗୀତ, ସାହିତ୍ୟ ପ୍ରଭୃତିରେ ସେମାନଙ୍କ ଅସାଧାରଣତ୍ୱର ନିଦର୍ଶନ ଅନେକତ୍ର ଦେଖାଯାଏ । ଆର୍ଯ୍ୟସଭ୍ୟତା ନିକଟରେ ସେମାନଙ୍କ ସଭ୍ୟତାର ଜ୍ୟୋତିଃ ମଳିନ ଓ ନିସ୍ତେଜ ହୋଇ ଉଠିଲା; କିନ୍ତୁ ଦୁଇ ବିଭିନ୍ନ ଜାତିର ପରସ୍ପର ସଂଘର୍ଷରୁ ପ୍ରକୃତିର ନିୟମ ଅନୁସାରେ ଉନ୍ନତତର ଆର୍ଯ୍ୟଭାଷାରେ ମଧ୍ୟ ଦ୍ରାବିଡ଼ୀୟ ଶବ୍ଦ ଓ ପ୍ରଭାବମାନ ପ୍ରବେଶ କଲା । ସଂସ୍କୃତରେ 'ଅପ୍' ଅର୍ଥରେ 'ନୀର' 'କୋକିଳ' ଅର୍ଥରେ 'ପିକ', 'ବାନର' ଅର୍ଥରେ 'ମର୍କଟ' ଶବ୍ଦର ବ୍ୟବହାର ଏହାର ପ୍ରକୃଷ୍ଟ ଉଦାହରଣ । ଭାଷାତତ୍ତ୍ୱବିତ୍ ପଣ୍ଡିତମାନେ ଏହିପରି ଶତ ଶତ ଦ୍ରାବିଡ଼ୀୟ ଶବ୍ଦ ସଂସ୍କୃତ ଭାଷାରେ ପ୍ରବେଶ କରିଅଛି ବୋଲି ପ୍ରମାଣ କରିଅଛନ୍ତି । ସଂସ୍କୃତରେ ପ୍ରବେଶ କରିଥିବା ଏହି ସବୁ ଦ୍ରାବିଡ଼ୀୟ ଶବ୍ଦାବଳୀ ପରବର୍ତ୍ତୀ କାଳରେ ଭାରତର ବିଭିନ୍ନ ପ୍ରାଦେଶିକ ଭାଷାରେ ମଧ୍ୟ ପ୍ରବେଶ କରିଅଛି । ତେଣୁ ହିନ୍ଦୀ, ବଙ୍ଗଳା, ମରହଟ୍ଟୀ ପ୍ରଭୃତି ପ୍ରାଦେଶିକ ଭାଷାମାନଙ୍କରେ ମଧ୍ୟ ଏହି ଦ୍ରାବିଡ଼ୀୟ ଶବ୍ଦମାନ ଦେଖାଯାଏ ।

ଆର୍ଯ୍ୟମାନେ ପ୍ରଥମେ ଉତ୍ତର-ଭାରତରେ ବସତି ବିସ୍ତାର କରିଥିଲେ । ଆର୍ଯ୍ୟ ପ୍ରଭାବ ସହି ନ ପାରି ଆଦିମ ଅନାର୍ଯ୍ୟ ଓ ଦ୍ରାବିଡ଼ୀୟମାନେ ଉତ୍ତର-ଭାରତ ତ୍ୟାଗ କରି ଦାକ୍ଷିଣାତ୍ୟର ପର୍ବତସଂକୁଳ ପ୍ରଦେଶରେ ଆଶ୍ରୟ ନେଇଥିଲେ । ବହୁକାଳ ଯାଏ ଦାକ୍ଷିଣାତ୍ୟ ଦ୍ରାବିଡ଼ୀୟ ସଭ୍ୟତାର ଲୀଳାକ୍ଷେତ୍ର ଥିଲା । ଆର୍ଯ୍ୟମାନେ ଉତ୍ତରାଖଣ୍ଡରେ ନିଜର ସଭ୍ୟତା ବିସ୍ତାର କରୁଥିଲେ । ବଙ୍ଗଦେଶ ଓ ଉତ୍କଳ ଯଥାକ୍ରମେ ପୂର୍ବ ଦକ୍ଷିଣାଞ୍ଚଳରେ ସର୍ବପରବର୍ତ୍ତୀ ଆର୍ଯ୍ୟ ଉପନିବେଶ ବୋଲି ମନେ ହୁଏ ।

କେଉଁ ଶତାବ୍ଦୀରେ ଉତ୍ତରାଖଣ୍ଡବାସୀ ଆର୍ଯ୍ୟମାନେ ଓଡ଼ିଶାରେ ଆସି ଉପନିବେଶ ସ୍ଥାପନ କରିଥିଲେ, ତାହା ଜାଣିବାର ଉପାୟ ନାହିଁ । ମନୁସଂହିତା ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ରଚିତ ହୋଇଥିଲା, ତାହାର ବହୁପୂର୍ବେ ଏ ଅଞ୍ଚଳ ଯେ ଆର୍ଯ୍ୟ ଉପନିବେଶରେ ପରିଣତ ହୋଇଥିଲା, ଏଥିରେ ସନ୍ଦେହ ନାହିଁ । ମନୁ 'ଉଡ୍ର'ମାନଙ୍କୁ 'ବ୍ରାତ୍ୟ' ବା ପତିତ କ୍ଷତ୍ରିୟ ବୋଲି ବର୍ଣ୍ଣନା କରିଅଛନ୍ତି । ଏଥିରୁ ଜଣାଯାଏ ଯେ, ଆର୍ଯ୍ୟମାନଙ୍କର ପବିତ୍ର ଲୀଳାକ୍ଷେତ୍ର ଉତ୍ତରାଖଣ୍ଡ ତ୍ୟାଗ କରି ଅନାର୍ଯ୍ୟବହୁଳ ଅଞ୍ଚଳରେ ବାସ କରିଥିବା ହେତୁରୁ ମନୁ ଏ ଦେଶରେ ଉପନିବେଶ ସ୍ଥାପନ କରିଥିବା କ୍ଷତ୍ରିୟ ଜାତିଙ୍କୁ ପତିତ କ୍ଷତ୍ରିୟ ବୋଲି କହିଅଛନ୍ତି ।

ଯେଉଁ ଆର୍ଯ୍ୟମାନେ ପ୍ରଥମେ ଏ ଅଞ୍ଚଳରେ ଆସି ବସତି ବିସ୍ତାର କରିଥିଲେ, ସେମାନେ ଉତ୍ତରାଖଣ୍ଡରେ ତତ୍କାଳ ପ୍ରଚଳିତ ମାଗଧୀ ପ୍ରାକୃତରେ କଥା କହୁଥିଲେ । ଏହି ମାଗଧୀ ପ୍ରାକୃତ ପରବର୍ତ୍ତୀ କାଳରେ 'ପାଲି' ନାମରେ ପରିଚିତ ହେଲା । ଖାରବେଳ ଓ ଅଶୋକ ପ୍ରଭୃତି ଉତ୍ତର ଭାରତର ରାଜାମାନେ ଯେତେବେଳେ ଉତ୍କଳ ଅଧିକାର କଲେ, ସେତେବେଳେ ଏ ଦେଶରେ ସେହି ପାଲି ଭାଷା ସାହାଯ୍ୟରେ ନିଜ ନିଜର ଅନୁଶାସନ ଓ ସାମୟିକ ବିବରଣୀମାନଙ୍କର ପ୍ରଚାର ଆରମ୍ଭ କଲେ । ଜଉଗଡ଼, ଧଉଳି ଓ ଖଣ୍ଡଗିରି ପର୍ବତରେ ଅଶୋକ ଓ ଖାରବେଳଙ୍କର ଯେଉଁ ସବୁ ଅନୁଶାସନମାନ ଖୋଦିତ ହୋଇଅଛି, ସେସବୁ ପାଲି ଭାଷାରେ ଲିଖିତ । ବୌଦ୍ଧ ରାଜାମାନେ ବୌଦ୍ଧଧର୍ମକୁ ଲୋକରଞ୍ଜନ କରିବା ନିମିତ୍ତ ଜନସାଧାରଣଙ୍କଦ୍ୱାରା ବ୍ୟବହୃତ ଭାଷାକୁ ରାଜକୀୟ ଘୋଷଣାମାନଙ୍କରେ ବ୍ୟବହାର କରୁଥିଲେ । ତେଣୁ ଜଣାଯାଏ, ଖାରବେଳ (ଖ୍ରୀ: ପୂ: ୧୦୦) ଓ ଅଶୋକ

(ଖ୍ରୀ: ପୂ: ୬୦୦)ଙ୍କ ସମୟରେ ଏ ଅଞ୍ଚଳରେ ଲୋକେ ପାଲି ବା ମାଗଧୀ ଭାଷା ବୁଝୁଥିଲେ ଏବଂ ବ୍ୟବହାର କରୁଥିଲେ । ଏହା ପରେ ଖ୍ରୀଷ୍ଟ ଦ୍ୱିତୀୟ ଓ ତୃତୀୟ ଶତାବ୍ଦୀରେ ଲିଖିତ କେତେକ ନାଟକରେ ବ୍ୟବହୃତ ପ୍ରାକୃତ 'ଉଡ୍ରୀ' ଭାଷାକୁ ବିଭାଷା ବା ଅପଭ୍ରଂଶ ନାମରେ ଅଭିହିତ କରାଯାଇଅଛି । ଏଥିରୁ ଅନୁମିତ ହୁଏ, ସେତେବେଳକୁ ଏ ଅଞ୍ଚଳବାସୀ ଆର୍ଯ୍ୟମାନେ ଆଉ ସେହି ମାଗଧୀ ପ୍ରାକୃତ ବା ପାଲି ବ୍ୟବହାର କରୁ ନ ଥିଲେ । ନାନା ଅନୁସନ୍ଧାନଦ୍ୱାରା ପଣ୍ଡିତମାନେ ନିର୍ଣ୍ଣୟ କରିଅଛନ୍ତି ଯେ, ସେତେବେଳେ ଏ ଦେଶରେ 'ଶବର' ନାମରେ ଏକ ଜାତୀୟ ଦ୍ରାବିଡ଼ୀୟ ଅନାର୍ଯ୍ୟ ବାସ କରୁଥିଲେ, ଆର୍ଯ୍ୟମାନେ ସେମାନଙ୍କ ସଙ୍ଗେ ମିଳି ମିଶି ରହିଲେ ଏବଂ ଏହି ସୂତ୍ରରେ ସେମାନଙ୍କ ଭାଷା ଆର୍ଯ୍ୟମାନଙ୍କ ବ୍ୟବହୃତ ପାଲି ଭାଷା ସଙ୍ଗେ ମିଳିତ ହୋଇ ଗୋଟିଏ ନୂତନ ଆକାର ଧାରଣ କଲା । ଏହିପରି ପ୍ରଥମେ ଓଡ଼ିଆ ଭାଷା ମାଗଧୀ ପ୍ରାକୃତ ଓ ଦ୍ରାବିଡ଼ୀୟ ଭାଷାର ସମ୍ମିଶ୍ରଣରେ ଉତ୍ପତ୍ତି ଲାଭ କରିଅଛି ।

ଗଙ୍ଗବଂଶୀୟ ରାଜାମାନେ ଖ୍ରୀଷ୍ଟ ଦ୍ୱାଦଶ ଶତାବ୍ଦୀରେ ଏ ଦେଶରେ ରାଜତ୍ୱ ଆରମ୍ଭ କରିଥିଲେ । ସେମାନେ ମଧ୍ୟ ଦ୍ରାବିଡ଼ୀୟ ବୋଲି ପରିଚିତ । ସୁତରାଂ ସେମାନଙ୍କ ରାଜତ୍ୱକାଳରେ ଅନେକ ଦ୍ରାବିଡ଼ୀୟ ଶବ୍ଦ ଯେ ଆମ୍ଭମାନଙ୍କ ଭାଷାରେ ପଶିଥିବ, ଏପରି ଅନୁମାନ କରିବା ଅସଙ୍ଗତ ନୁହେ । ମାତ୍ର ଶବ୍ଦଗୁଡ଼ିଏ ଭିନ୍ନ ଭାଷାରୁ ଗ୍ରହଣ କରିବାଦ୍ୱାରା କୌଣସି ଜୀବନ୍ତ ଭାଷାର ପ୍ରକୃତି ପରିବର୍ତ୍ତିତ ହୁଏ ନାହିଁ, ବରଂ ସେହି ସବୁ ଶବ୍ଦବିଭବରେ ଭାଷା ଅଧିକତର ସୌଷ୍ଠବାନ୍ୱିତ ଓ ଭାବପ୍ରକାଶର ଉପଯୋଗୀ ହୁଏ । ବର୍ତ୍ତମାନ ଯୁଗରେ ଇଂରାଜୀ ଭାଷା ଏହାର ନିଦର୍ଶନ । ଭାଷାର ଶ୍ରୀବୃଦ୍ଧି ସାଧନ ନିମିତ୍ତ ଇଂରେଜ ଜାତି କେତେ ଯେ ଶବ୍ଦ ଅନ୍ୟାନ୍ୟ ଭାଷାରୁ ଗ୍ରହଣ କରିଅଛି, ଏହାର ଇୟତ୍ତା ନାହିଁ । ଏହିପରି କେତେକାଳ ଅତୀତ ହେଲା ପରେ ଯେତେବେଳେ ସେହି କଥିତ ଭାଷା ଲିଖିତ ଭାଷାରେ ପରିଣତ ହେଲା, ସେତେବେଳେ ଭାବପ୍ରକାଶର ସୁବିଧା ନିମିତ୍ତ ସଂସ୍କୃତରୁ ନାନାବିଧ ଶବ୍ଦ ଭାଷାରେ ପ୍ରବେଶ କଲା ।

ମୁସଲମାନ ରାଜତ୍ୱରେ ଆରବୀ ଫାରସୀ ଭାଷା ଏ ଦେଶରେ ରାଜଭାଷା-ରୂପରେ ଚଳିଲା । ଅଧିକନ୍ତୁ ମଧ୍ୟ ମୁସଲମାନମାନେ ଏ ଦେଶରେ ଉପନିବେଶ ସ୍ଥାପନ କରି ରହିବାରୁ ଏ ଦେଶର ଭାଷାମାନଙ୍କରେ ଅନେକ ଯାବନିକ ଶବ୍ଦ-ପ୍ରବେଶର ପଥ ପରିଷ୍କୃତ ହେଲା । "ବଜାର୍, ଦୋକାନ୍, ଆଇନ୍, ଅଦାଲତ୍, ଦୁଆତ୍, କଲମ୍, କାଗଜ୍" ପ୍ରଭୃତି ଶତ ଶତ ଯାବନିକ ଶବ୍ଦ ଓ ଜମିଦାରୀ ସିରସ୍ତା ଓ କଚେରୀମାନଙ୍କରେ ବ୍ୟବହୃତ ଅଧିକାଂଶ ଶବ୍ଦ ମୁସଲମାନ ଓ ମୋଗଲ ରାଜତ୍ୱବେଳେ ଆମ୍ଭମାନଙ୍କ ଭାଷାକୁ ଆସିଲା । ଏହି ଯାବନିକ ଶବ୍ଦାବଳି ଏ ଦେଶରେ ଏପର୍ଯ୍ୟନ୍ତ ଏତେ ଲୋକପ୍ରିୟ ହୋଇଅଛି ଯେ, ସାଧାରଣ ଲୋକେ ତଥା ଶିକ୍ଷିତ ଲୋକେ ମଧ୍ୟ ଏହି ଶବ୍ଦସମୂହକୁ ନିଜ ନିଜ ଲେଖାରେ ଏବଂ କଥାଭାଷାରେ ଆନନ୍ଦରେ ବ୍ୟବହାର କରୁଅଛନ୍ତି । ସେହି ଶବ୍ଦମାନଙ୍କର ଅନ୍ୟ ଉପଯୁକ୍ତ ପ୍ରତିଶବ୍ଦ ଏପର୍ଯ୍ୟନ୍ତ ଆମ୍ଭମାନଙ୍କ ଭାଷାରେ ପ୍ରାପ୍ୟ ନାହିଁ—ଏପରି କି ସଂସ୍କୃତ ଭାଷାରେ ମଧ୍ୟ ଅନେକ ଶବ୍ଦର ଉପଯୁକ୍ତ ପ୍ରତିଶବ୍ଦ ଅଛି କି ନାହିଁ ସନ୍ଦେହ । ସେହି ଶବ୍ଦମାନଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚାରଣ ଦୋଷରୁ ବିକୃତ ହୋଇଗଲାଣି ଏବଂ କେତେକ ଅବିକୃତଭାବରେ ଏପର୍ଯ୍ୟନ୍ତ ଭାଷାରେ ଚଳୁଅଛି । ତେଣୁ ବୈଦେଶିକ ହେଲେହେଁ ସେହି ସବୁ ଯାବନିକ ଶବ୍ଦ ଆମ୍ଭମାନଙ୍କ ଭାଷାରେ ଦୃଢ଼ରୂପେ ପ୍ରତିଷ୍ଠିତ ହୋଇଗଲାଣି । ପରବର୍ତ୍ତୀକାଳର ଅନେକ କବି ମଧ୍ୟ ଯାବନିକ ଶବ୍ଦମାନ ସ୍ୱ ସ୍ୱ ରଚନାର ଅଙ୍ଗୀଭୂତ କରି ଭାଷାରେ ସେଗୁଡ଼ିକର ବ୍ୟବହାରକୁ ସମର୍ଥନ କରି ଯାଇଅଛନ୍ତି ।

ମୁସଲମାନରାଜତ୍ୱ ପରେ ଭାରତ ଇଉରୋପୀୟ ଜାତିମାନଙ୍କ ସଂସ୍ରବରେ ଆସିଲା । ପର୍ତ୍ତୁଗିଜ୍, ଓଲନ୍ଦାଜ୍, ଦିନାମାର୍ ଓ ଫରାସୀ ଜାତି ପଞ୍ଚଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ଏ ଦେଶକୁ ସେମାନଙ୍କ ବାଣିଜ୍ୟର ଲୀଳାକ୍ଷେତ୍ର କରିଥିଲେ । ସୁତରାଂ ସେମାନଙ୍କ ଭାଷାର ଅନେକ ଶବ୍ଦ ଏହି ସମୟରେ ଆମ୍ଭମାନଙ୍କ ଭାଷାରେ ପ୍ରବେଶ କଲା । ବର୍ତ୍ତମାନ ଇଂରେଜ ଜାତି ଏ ଦେଶର ରାଜା, ସେମାନେ ମଧ୍ୟ ବାଣିଜ୍ୟ ଲକ୍ଷ୍ୟରେ ପ୍ରଥମେ ଏ ଦେଶକୁ ଆସିଥିଲେ । ଗତ ଦେଢ଼ ଶହ ବର୍ଷକାଳ ଇଂରେଜ-ମାନଙ୍କ ସମ୍ପର୍କରେ ରହି ଆମ୍ଭେମାନେ ଅନେକ ଇଂରେଜୀ ଶବ୍ଦ ମଧ୍ୟ ଭାଷାରେ ଗ୍ରହଣ କରିଅଛୁଁ ।

ଏହିପରି ଭାବରେ ବିଚାର କରି ଦେଖିଲେ ଜଣାଯାଏ ଯେ, ମାଗଧୀ ପ୍ରାକୃତ ବା ପାଲି ଓଡ଼ିଆ ଭାଷାର ମୂଳ ହେଲେହେଁ ତହିଁରେ ପରବର୍ତ୍ତୀ କାଳରେ ବହୁଳ ସଂସ୍କୃତ ଶବ୍ଦ, ଦ୍ରାବିଡ଼ୀୟ ଶବ୍ଦ, ଆରବୀ, ପାର୍ଶୀ ଓ ଉର୍ଦ୍ଦୁ ଶବ୍ଦ ଏବଂ ପର୍ତ୍ତୁଗିଜ୍, ଓଲନ୍ଦାଜ, ଦିନାମାର୍, ଫରାସୀ ଓ ଇଂରେଜୀ ଶବ୍ଦ ପ୍ରବେଶ କରିଅଛି ଏବଂ ଏହି ଭାବରେ ବର୍ତ୍ତମାନ ପ୍ରଚଳିତ ଓଡ଼ିଆ ଭାଷାର ଉତ୍ପତ୍ତି ହୋଇଅଛି । ଊନବିଂଶ ଓ ବିଂଶ ଶତାବ୍ଦୀରେ ଓଡ଼ିଆମାନେ ବଙ୍ଗୀୟ, ତେଲୁଗୁ, ମରହଟ୍ଟୀ ଓ ହିନ୍ଦୁସ୍ଥାନୀ ଭାଷା ସଂସ୍ରବରେ ଆସି ତତ୍ତତ୍ ଭାଷାମାନଙ୍କରୁ ଗୁଡ଼ିଏ ଲେଖାଏଁ ଶବ୍ଦ ଗ୍ରହଣ କରିଅଛନ୍ତି । ଏବେ ମଧ୍ୟ ଏ ପଦ୍ଧତି ଚାଲିଅଛି ।

ଭାରତବର୍ଷରେ ବର୍ତ୍ତମାନ ୧୭୯ ପ୍ରକାର ଭାଷା ଓ ୫୪୪ ଉପଭାଷା ପ୍ରଚଳିତ ଅଛି । ପ୍ରସିଦ୍ଧ ପ୍ରାଚ୍ୟ-ଭାଷାତତ୍ତ୍ୱବିତ୍ ପାଶ୍ଚାତ୍ୟ ପଣ୍ଡିତ ଗ୍ରିଅର୍‌ସନ୍ ଏହି ଭାଷାମାନଙ୍କୁ ସାତ ପ୍ରଧାନଭାଗରେ ବିଭକ୍ତ କରିଅଛନ୍ତି ।

୧ । ଅଷ୍ଟ୍ରିକ ଶାଖାର ଭାଷା—ପ୍ରାୟ ୪୫ ଲକ୍ଷ ଲୋକ ଏହି ଭାଷାରେ କଥା କହନ୍ତି । ମାଲୟ ଉପଦ୍ୱୀପ, ନିକୋବର ଦ୍ୱୀପ ପୁଞ୍ଜରେ ଏହି ଭାଷା ଚଳେ । ଆମ ଦେଶରେ ମୁଣ୍ଡା, କୋହ୍ଲ, ଜୁଆଙ୍ଗ ପ୍ରଭୃତି ଏହି ଭାଷାରେ କଥା କହନ୍ତି ।

୨ । କାରେନ ପରିବାରର ଭାଷା—ପ୍ରାୟ ୧୦ ଲକ୍ଷ ଲୋକ ଏ ଭାଷାରେ କଥା କହନ୍ତି ।

୩ । ମାନ୍ ପରିବାରର ଭାଷା—ପ୍ରାୟ ୧ ହଜାର ମାତ୍ର ଲୋକ ଏ ଭାଷା ବ୍ୟବହାର କରନ୍ତି ।

୪ । ତିବ୍ବତୀୟ—ଚୀନିକ ପରିବାରର ଭାଷା—ଏକ କୋଟି ତିରିଶି ଲକ୍ଷ ଲୋକ ଏ ଭାଷାରେ କଥା କହନ୍ତି ।

୫ । ଦ୍ରାବିଡ଼ୀୟ ପରିବାରର ଭାଷା—ଛଅ କୋଟି ପଚିଶ ଲକ୍ଷ ଲୋକ ଏ ଭାଷାରେ କଥା କହନ୍ତି । ତାମିଲ, ତେଲୁଗୁ, ମାଲାୟାଲାମ୍, କାନାଡ଼ି, ଓରାଁ, କୁଇ, କନ୍ଧୀ, ଗଣ୍ଡୀ ପ୍ରଭୃତି ଭାଷା ଏହାର ଅନ୍ତର୍ଗତ ।

୬ । ଇଣ୍ଡୋ ଇଉରୋପୀୟ ପରିବାରର ଭାଷା—ପ୍ରାୟ ୨୩ କୋଟି ଲୋକ ଏହି ପରିବାରର ଅନ୍ତର୍ଗତ । ସଂସ୍କୃତ, ହିନ୍ଦୀ, ବଙ୍ଗଳା, ଓଡ଼ିଆ, ମହାରାଷ୍ଟ୍ରୀ, ସିନ୍ଧି, ଗୁଜରାଟୀ, ପଞ୍ଜାବୀ, ସିଂହଳୀ, ଆସାମୀ ଭାଷାରେ ଏମାନେ କଥାଭାଷା କରନ୍ତି ।

୭ । ଅଣ୍ଡାମାନୀୟ ପରିବାରର ଭାଷା—ଏମାନେ ସ୍ୱତନ୍ତ୍ର, ପ୍ରାୟ ଏକ ଲକ୍ଷ ଲୋକ ଏ ଭାଷାରେ କଥା କହନ୍ତି ।

ପୂର୍ବୋକ୍ତ ହିସାବରୁ ଦେଖାଯାଉଅଛି ଯେ, ଆମ୍ଭମାନଙ୍କ ଓଡ଼ିଆ ଭାଷା ଭାରତର ସର୍ବଶ୍ରେଷ୍ଠ ଇଣ୍ଡୋ ଇଉରୋପୀୟ ପରିବାରର ଅନ୍ତର୍ଭୁକ୍ତ ଆର୍ଯ୍ୟ ଭାଷା ମଧ୍ୟରୁ ଏକତମ । ହିନ୍ଦୀ, ବଙ୍ଗଳା ପ୍ରଭୃତି ଭାଷା ଯେଉଁ ଶ୍ରେଣୀୟ, ଆମ୍ଭମାନଙ୍କ ଭାଷା ସେହି ଶ୍ରେଣୀୟ । ଏହି ସବୁ ସମଶ୍ରେଣୀୟ ଭାଷାମାନଙ୍କଠାରୁ ଓଡ଼ିଆ ଭାଷାର ବିଶେଷତ୍ୱ ପରେ କ୍ରମଶଃ ଆଲୋଚିତ ହେବ ।

ଏହି ଆର୍ଯ୍ୟଭାଷାର ପ୍ରଚଳିତ ଶବ୍ଦମାନଙ୍କୁ ପଣ୍ଡିତ ଗ୍ରିଅର୍ସନ ଏହି କେତେ ଗୋଟି ବିଭାଗରେ ବିଭକ୍ତ କରିଅଛନ୍ତି :—

୧ । ସଂସ୍କୃତ—ଆଜ୍ଞା, ଲତା, ବୃଥା, ଶନୈଃ ପ୍ରଭୃତି ଯେଉଁସବୁ ଶବ୍ଦ ଅବିକୃତ ଭାବରେ ସଂସ୍କୃତରୁ ଗୃହୀତ ହୋଇଅଛି ।

୨ । ତତ୍ସମ—ରାଜା, ନର, ପର୍ବତ, ଗୃହ, ବଂଶ ପ୍ରଭୃତି ଯେଉଁ ସବୁ ଶବ୍ଦ ସଂସ୍କୃତ ବିଭକ୍ତି ପରିବର୍ତ୍ତିରେ ଭାଷାରେ ବିଭିନ୍ନ ବିଭକ୍ତିଯୁକ୍ତ ହୋଇ ବ୍ୟବହୃତ ହୁଏ ।

୩ । ତଦ୍ଭବ—ମଣିଷ, ଘୋଡ଼ା, ଲୁଣ, ଛତା, ଜାଇ ପ୍ରଭୃତି ଯେଉଁ ଶବ୍ଦଗୁଡ଼ିକ ମୂଳ ସଂସ୍କୃତ ଶବ୍ଦରୁ ବିକୃତ ବା ଅପଭ୍ରଷ୍ଟ ହୋଇ ଭାଷାରେ ଚଳେ ବା ଯେଉଁ ସବୁ ପ୍ରାକୃତ ଶବ୍ଦ ସଂସ୍କାର ପ୍ରାପ୍ତ ହୋଇ ସଂସ୍କୃତ ଭାଷାରେ ଗୃହୀତ ହୋଇଥିଲା ।

୪ । ଦେଶ୍ୟ ବା ଦେଶଜ—ଗିନା, କଣ୍ଟେଇ, ଲୁଗା, ଡିବି, ଖଣ୍ଟୁଣୀ ପ୍ରଭୃତି ଯେଉଁ ସବୁ ଶବ୍ଦର ତଦର୍ଥବୋଧକ ସଂସ୍କୃତ ଶବ୍ଦ ସଙ୍ଗେ ସାଦୃଶ୍ୟ ନାହିଁ ବା ଯେଉଁ ସବୁ ଶବ୍ଦ ମୂଳ ପ୍ରାକୃତର ଅନୁରୂପ ବା ଯାହାର ମୂଳ ସଂସ୍କୃତ ଶବ୍ଦ ଅନିର୍ଦ୍ଦେଶ୍ୟ, କିମ୍ବା ଯେଉଁମାନ ଦ୍ରାବିଡ଼ ଭାଷାରୁ ଗୃହୀତ ।

୫ । ବୈଦେଶିକ ଶବ୍ଦ—ବଜାର୍, ଦୋକାନ୍, ମେଜ୍, ମେହେନତ୍, ରାସ୍ତା, ଅଫିସ୍, ସ୍କୁଲ ପ୍ରଭୃତି ଯେଉଁ ସବୁ ଶବ୍ଦ ପରବର୍ତ୍ତୀକାଳରେ ଆରବୀ, ପାରସୀ, ଇଂରେଜୀ ଆଦି ଭାଷାରୁ ଗୃହୀତ ହୋଇଅଛି ।

ପୂର୍ବୋକ୍ତ ଶ୍ରେଣୀବିଭାଗର ଅନୁବର୍ତ୍ତନରେ ଆଲୋଚନାର ସୁବିଧା ପାଇଁ ଏହି ଅଭିଧାନରେ ଶବ୍ଦମାନଙ୍କୁ ନିମ୍ନଲିଖିତ ବିଭାଗରେ ବିଭକ୍ତ କରାଯାଇ ଅଛି ।

୧ । ସଂସ୍କୃତ—ସଂସ୍କୃତ ଭାଷାରୁ ଯେଉଁ ସବୁ ଶବ୍ଦ ସଂସ୍କୃତ ବିଭକ୍ତିଯୁକ୍ତ ହୋଇ ବା ଅବିକୃତଭାବରେ ଗୃହୀତ ହୋଇଅଛି, ଯଥା—ରାଜା, ଲତା, ଗୁଣୀ, ନଦୀ, କୃଷ୍ଣ, ପରନ୍ତୁ, କିନ୍ତୁ ଇତ୍ୟାଦି ଶବ୍ଦ ଏହି ଶ୍ରେଣୀର ଅନ୍ତର୍ଗତ । ଗ୍ରିଅର୍ସନଙ୍କ ସଂସ୍କୃତ ଓ ତତ୍ସମ ଶବ୍ଦାବଳି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

୨ । ଦେଶଜ—ମଣିଷ, ଘୋଡ଼ା, ବଳଦ, ଗିନା, କଣ୍ଟେଇ ପ୍ରଭୃତି ଯେଉଁ ସକଳ ଶବ୍ଦ ବହୁକାଳରୁ ଭାଷାରେ ଏକଭାବରେ ବ୍ୟବହୃତ ହେଉଅଛି ଏବଂ ଯେଉଁ ସବୁ ଶବ୍ଦ ମଧ୍ୟ କେତେକ ସଂସ୍କାରଯୁକ୍ତ ହୋଇ ସଂସ୍କୃତ ଶବ୍ଦରୂପରେ ଗୃହୀତ ବା ସଂସ୍କୃତରୁ ଅପଭ୍ରଷ୍ଟ ହୋଇଅଛି । ଗ୍ରିଅର୍ସନଙ୍କ ତଦ୍ଭବ ଓ ଦେଶ୍ୟ ଶବ୍ଦମାନ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

୩ । ପ୍ରାଦେଶିକ—ଭୁଗୀ, ନାଅଁଡ଼ରା, ଜୁଇ, ଟିକରା, ପାଏନ୍ ପ୍ରଭୃତି ଯେଉଁ ସବୁ ଶବ୍ଦ କେବଳ ଉତ୍କଳର ବିଭିନ୍ନ ଅଞ୍ଚଳରେ ବ୍ୟବହୃତ ବା ବିଶିଷ୍ଟ ଶ୍ରେଣୀର ଲୋକଙ୍କଦ୍ୱାରା ବ୍ୟବହୃତ ହୁଏ ଏବଂ ଯେଉଁ ସବୁ ଶବ୍ଦ ଆଦର୍ଶ ଓଡ଼ିଆ ( Standard language ) ବା ସର୍ବତ୍ର ପ୍ରଚଳିତ ଓଡ଼ିଆ ଭାଷାର ଅନ୍ତର୍ଗତ ନୁହେ, ସେଗୁଡ଼ିକ ଏହି ଶ୍ରେଣୀର ଅନ୍ତର୍ଗତ ।

୪ । ଗ୍ରାମ୍ୟ—ନେଉର, ଗୁଜୁର, ଶବଦ, କନାଅଁ, ବ୍ରତମାନ, ଅବିକାର ପ୍ରଭୃତି ଯେଉଁ ସବୁ ଶବ୍ଦ କେବଳ ଅଶିକ୍ଷିତ ଓ ଗ୍ରାମ୍ୟ ଲୋକଙ୍କ ଉଚ୍ଚାରଣଦୋଷରୁ ବିକୃତ ହୋଇଅଛି, ସେଗୁଡ଼ିକ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

୫ । ବୈଦେଶିକ—ଫାରସୀ, ଆରବୀ, ଇଂରେଜୀ ପ୍ରଭୃତି ଭାଷାରୁ ଯେଉଁ ଶବ୍ଦମାନ ଆମ୍ଭମାନଙ୍କ ଭାଷାରେ ବିକୃତ ବା ଅବିକୃତଭାବରେ ପଶିଅଛି, ସେ ଗୁଡ଼ିକ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

ଏହି ଶ୍ରେଣୀବିଭାଗରୁ ବୁଝିବାକୁ ହେବ ଯେ, ସଂସ୍କୃତ ଓ ଦେଶଜ ଶବ୍ଦମାନ ଆଦର୍ଶ ଓଡ଼ିଆ ସାହିତ୍ୟର ଉପଯୋଗୀ; ଅବଶ୍ୟ ଅପ୍ରଚଳିତ ସଂସ୍କୃତ ଶବ୍ଦାବଳୀ ଆଦର୍ଶ ଓଡ଼ିଆ ସାହିତ୍ୟର ଉପଯୋଗୀ ନୁହେ । ଦୋକାନ, ବଜାର, ସ୍କୁଲ, କଚେରି, ଅଫିସ୍ ପ୍ରଭୃତି ଯେଉଁ ସବୁ ଶବ୍ଦର ଉପଯୁକ୍ତ ପ୍ରତିଶବ୍ଦ ଭାଷାରେ ନାହିଁ, ସେ ଗୁଡ଼ିକ ଯେ ଆଦର୍ଶ ସାହିତ୍ୟର ଉପଯୋଗୀ, ଏହା ସ୍ୱୀକାର କରିବାକୁ ହେବ । କିନ୍ତୁ ଗ୍ରାମ୍ୟ ଓ ପ୍ରାଦେଶିକ ଶବ୍ଦମାନଙ୍କର ସାଧାରଣ ବା ଆଦର୍ଶ ସାହିତ୍ୟରେ ସ୍ଥାନ ରହିବା ଉଚିତ ନୁହେ । ପ୍ରାଚୀନ ଗ୍ରନ୍ଥମାନଙ୍କରେ ଓ ପଦ୍ୟର ଅନୁରୋଧରେ ଯେଉଁ ଶବ୍ଦମାନ ବିକୃତ ଓ ଖଣ୍ଡିତ ହୋଇ ବ୍ୟବହୃତ ହେବାର ଦେଖାଯାଏ, ଆଦର୍ଶ ଗଦ୍ୟସାହିତ୍ୟରେ ସେ ଶବ୍ଦଗୁଡ଼ିକ ମଧ୍ୟ ପରିହାର୍ଯ୍ୟ ।

୨ । **ଓଡ଼ିଆ ଲିପି**—ବୈଦିକ ଯୁଗରେ ପ୍ରଥମେ ଯେଉଁ ଅକ୍ଷରରେ ବେଦାଦି ଲିଖିତ ହୋଇଥିଲା, ତାହା 'ବ୍ରାହ୍ମୀ' ନାମରେ କଥିତ । ଏହି ବ୍ରାହ୍ମୀଲିପି କୁଟିଳ ଓ ଦେବନାଗରୀ ଅକ୍ଷରର ଜନନୀ । ହିନ୍ଦୀ ଓ ମହାରାଷ୍ଟ୍ରୀ ପ୍ରଭୃତି ଭାଷା ଏହି ଦେବନାଗରାକ୍ଷରରେ ଲେଖାଯାଏ । ବର୍ତ୍ତମାନ ଓଡ଼ିଆ ଭାଷାରେ ଯେଉଁ ଲିପିର ପ୍ରଚଳନ ଅଛି, ଦେବନାଗରୀ ଅକ୍ଷର ସଙ୍ଗେ ତୁଳନା କଲେ ଜଣାଯିବ ଯେ, ଓଡ଼ିଆର ଅଧିକାଂଶ ଅକ୍ଷର ଦେବନାଗରୀ ଅକ୍ଷରର ମୂଳଦୁଆ ଉପରେ ଠିଆ । ଓଡ଼ିଶାର ତାମ୍ରଫଳକମାନଙ୍କରେ ଯେଉଁ ଲିପି ବ୍ୟବହୃତ ହୋଇଅଛି, ତାହା କୁଟିଳ ଲିପି । ଏହି କୁଟିଳ ଲିପିରୁ ଯେପରି ଦେବନାଗର ଅକ୍ଷରର ଉଦ୍ଭବ ହୋଇଅଛି, ସେହିପରି ଓଡ଼ିଆ ଓ ବଙ୍ଗଳା ଅକ୍ଷରର ମଧ୍ୟ ଉଦ୍ଭବ ହୋଇଅଛି । ବଙ୍ଗଳା ଓ ଓଡ଼ିଆ ଅକ୍ଷର ମଧ୍ୟରେ ପରସ୍ପର ସାଦୃଶ୍ୟ ଏତେ ଘନିଷ୍ଠ ଯେ, ଏହି ଦୁଇ ପ୍ରକାର ଅକ୍ଷର ଯେ ପ୍ରାଚୀନ କୁଟିଳ ଲିପିରୁ ଉଦ୍ଭୂତ—ଏଥିରେ ସନ୍ଦେହ ନାହିଁ । ଓଡ଼ିଆ ଲିପି ଲୁହାଲେଖନ ସାହାଯ୍ୟରେ ତାଳପତ୍ର ଉପରେ ଲେଖାଯାଉଥିଲା । ତାଳପତ୍ରର ଶିରରେ ସମାନ୍ତର—ଲମ୍ବ ରେଖାମାନ ପଡ଼ିଗଲେ ତାଳପତ୍ର ଚିରିଯିବ, ତେଣୁ ଅକ୍ଷରମାନଙ୍କର ମସ୍ତକ ରେଖାକାର ନ ହୋଇ ଗୋଲାକାର ହୋଇଯାଇଅଛି । ତାମିଲ ଓ ତେଲଙ୍ଗୀୟ ଲିପିଗୁଡ଼ିକର କେତେକ ଅଂଶ ମଧ୍ୟ ଏହିପରି ଗୋଲାକୃତି । ଏଥିରୁ ଜଣାଯାଉଅଛି ଯେ, ବର୍ତ୍ତମାନ କାଳର ଓଡ଼ିଆ ଅକ୍ଷର କୁଟିଳ ଲିପିରୁ ଉତ୍ପତ୍ତିଲାଭ କରି ଲେଖନ ତାଳପତ୍ରର ବ୍ୟବହାର ଯୋଗୁଁ ଓ ଦ୍ରାବିଡ଼ୀୟ ଲିପିମାନଙ୍କ ଅନୁକରଣରେ ଗୋଲାକୃତି ଧାରଣ କରିଅଛି ।

୩ । **ଓଡ଼ିଆ ଭାଷାର ପ୍ରାଚୀନତା**—କଟକ ଜିଲ୍ଲାର ପଟ୍ଟିଆ ଗ୍ରାମରୁ ଓ ପୁରୀ ଜିଲ୍ଲାର ଭୁବନେଶ୍ୱରରୁ କେତେ ଖଣ୍ଡ ତାମ୍ରଫଳକ ଆବିଷ୍କୃତ ହୋଇଅଛି । ସେ ସବୁ କେଶରୀବଂଶୀୟ ଜନୈକ ରାଜା ଶୁଭଙ୍କର କେଶରୀଙ୍କ ରାଜତ୍ୱକାଳରେ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଲିଖିତ ହୋଇଥିଲା । ଏହି ତାମ୍ରଫଳକମାନଙ୍କର ଭାଷା ଓଡ଼ିଆ, ମାତ୍ର କୁଟିଳ ଅକ୍ଷରରେ ସେସବୁ ଲିପିବଦ୍ଧ । ଏଥିପୂର୍ବେ ଯେଉଁ ଓଡ଼ିଆ ଭାଷା ଚଳୁଥିଲା, ତାହାର ପ୍ରମାଣ ଆଜଯାଏ ମିଳି ନାହିଁ । ସୁତରାଂ ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆ ଯେ ଲିଖିତ ଭାଷାରେ ପରିଣତ ହୋଇଥିଲା, ଏଥିରେ ସନ୍ଦେହ ନାହିଁ ।

ମହାମହୋପାଧ୍ୟାୟ ପଣ୍ଡିତ ଶ୍ରୀ ହରପ୍ରସାଦ ଶାସ୍ତ୍ରୀ M. A., C. I. E. ଅଳ୍ପଦିନ ପୂର୍ବେ 'ବୌଦ୍ଧଗାନ ଓ ଦୋହା' ନାମରେ ନେପାଳ ରାଜ୍ୟରୁ ମିଳିଥିବା ଖଣ୍ଡିଏ ପୁରୁଣା ଗ୍ରନ୍ଥ ବଙ୍ଗାକ୍ଷରରେ ମୁଦ୍ରିତ କରି ପ୍ରକାଶ କରିଅଛନ୍ତି । ସେହି ପୁସ୍ତକର ଭାଷାରୁ ଶାସ୍ତ୍ରୀ ମହୋଦୟ ପ୍ରମାଣ କରିବାକୁ ଯାଇ-ଅଛନ୍ତି ଯେ, ତାହା ବଙ୍ଗ ଭାଷାର ମୂଳ । ନାନା ଆଲୋଚନାଦ୍ୱାରା ସେ ସ୍ଥିର କରିଅଛନ୍ତି ଯେ, ଶଂସିତ ପୁସ୍ତକ ଖଣ୍ଡି ଖ୍ରୀଷ୍ଟ ୧୦ମ ଶତାବ୍ଦୀରେ ରଚିତ ହୋଇଥିଲା । ଆମ୍ଭେମାନେ ସେହି ପୁସ୍ତକର କେତେକ ଅଂଶ ଆଲୋଚନା କରି ଦେଖିଅଛୁଁ । ତହିଁରୁ ଆମ୍ଭମାନଙ୍କର ଧାରଣା ହୋଇଅଛି ଯେ, 'ବୌଦ୍ଧଗାନ ଓ ଦୋହା' ପ୍ରକୃତରେ ବଙ୍ଗଳା ଭାଷାର ମୂଳ ନୁହେ । ପ୍ରାଚୀନ ଓ ଆଧୁନିକ ଓଡ଼ିଆ ଭାଷା ସଙ୍ଗେ ଏହାର ସାଦୃଶ୍ୟ ଯେତେ ସୁସ୍ପଷ୍ଟ, ବଙ୍ଗଳା ଭାଷା ସଙ୍ଗେ ତେତେ ସୁସ୍ପଷ୍ଟ ନୁହେ । ଉଦାହରଣସ୍ୱରୂପ ଆମ୍ଭେମାନେ ଏଠାରେ 'ବୌଦ୍ଧଗାନ ଓ ଦୋହା'ରୁ କେତେକ ପଂକ୍ତି ଉଦ୍ଧାର କରୁଅଛୁଁ ।

ବୌଦ୍ଧଗାନ ଓ ଦୋହା ( ୩ )

"ଏକ ସେ ଶୁଣ୍ଡିନୀ ଦୁଇ ଘରେ ସାନ୍ଧଅ,
ଚୀଅଣ ବା କଲଅ ବାରୁଣୀ ବାନ୍ଧଅ ।
ସହଜେ ଥିର କରି ବାରୁଣୀ ସାନ୍ଧେ
ଜେଁ ଅଜରାମର ହୋଇ ଦିଢ଼ କାନ୍ଧେ ।
ଦଶମି ଦୁଆରତ ଚିହ୍ନ ଦେଖଇଆ,
ଆଇଲ ଗରାହକ ଅପଣେ ବହିଆ ।
ଚଉଷଠୀ ଘଡ଼ିଏ ଦେଟ ପସାରା,
ପଇଠେଲ ଗରାହକ ନାହିଁ ନିସାରା ।
ଏକସ ଡୁଲୀ ସରୁଇ ନାଲ,
ଭଣନ୍ତି ବିରୁଆ ଥିର କରି ଚାଲ ।"

( ୭ )

"ଅଲିଏଁ କାଲିଏଁ ବାଟ ରୁନ୍ଧେଲା,
ତା ଦେଖି କାହ୍ନୁ ବିମନ ଭଇଲା ।
କାହ୍ନୁ କାହିଁ ଥଇ କରିବ ନିବାସ,
ଯୋ ମନ ଗୋଅର ସେ ଉଆସ ।
ତେ ତିନ ତେ ତିନ ତିନ ହୋ ଭିନ୍ନା,
ଭଣଇ କାହ୍ନୁ ଭବପରିଛିନ୍ନା ।
ଜେ ଜେ ଅଇଲା ତେ ତେ ଗେଲା,
ଅବଣା ଗବଣେ କାହ୍ନୁ ବିମନ ଭଇଲା ।
ହେରି ସେ କାହ୍ନୁ ଣିଅଡ଼ି ଜିନଉର ବଟ୍ଟଇ,
ଭଣଇ କାହ୍ନୁ ମୋହ ଅହି ନ ପଇସଇ ।"

ଏହି ଗ୍ରନ୍ଥରେ ବ୍ୟବହୃତ ଅଚ୍ଛଇ, ଅଧରାତି, ଅନ୍ଧାର, ଅଇଲା, ଆଖି, ଆଗେ, ଆଜ, ଆଲୋ, ଆହ୍ମେ, ଉପାଡ଼ି, ଉଠି, ଘରଣୀ, ଦଶଇ, ପୋଥି, କୁରାଡ଼ି, ବଳଦ, ବିଆଏଲ, ଜୁହ୍ନିଅ, ମୋହର, ଉଆସ, କାହ୍ନୁ, ଶାସୁ, ନଣନ୍ଦ, ବାପୁଡ଼ା, କୁଡ଼ିଆ, ଖଣ୍ଡଣ, ଗରାହକ, କେଡ଼ୁଆଳ, ବିଆଣ, ଗୁଞ୍ଜରିମାଳୀ, ଦାରି, ଲୋଡ଼ିବା, ବଖାଣି ପ୍ରଭୃତି ଶବ୍ଦ ଗୁଡ଼ିକ ଏ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଚଳୁଅଛି । କେବଳ ଏତିକି ନୁହେ, 'ଦୋହା' ବା 'ଧୁଆ' ନାମରେ ଏକ ପ୍ରକାର ପଦ୍ୟ ଓଡ଼ିଶାରେ ଗ୍ରାମେ ଗ୍ରାମେ ପରିଚିତ । 'ଯୋଗୀନ୍ଦ୍ର ଦାଣ୍ଡିଧୁଆ', 'ଶରୀରଭେଦ ଭଜନ' (ଏକ ଜାତୀୟ ଦୁହା) ଭାଷା ତଥା ଭାବରେ 'ବୌଦ୍ଧଗାନ ଓ ଦୋହା'ର ସମ୍ପୂର୍ଣ୍ଣ ଅନୁରୂପ । ପୁରୀ ଜଗନ୍ନାଥଙ୍କ ମନ୍ଦିରରେ ରଖାଯାଇଥିବା 'ମାଦାଳାପାଞ୍ଜି' ଖ୍ରୀଷ୍ଟ ଏକାଦଶ ଶତାବ୍ଦୀରେ ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱକାଳରୁ ଗଦ୍ୟରେ ଲେଖାହୋଇ ଆସୁଅଛି । ପରବର୍ତ୍ତୀ କାଳରେ ତାହାର ଭାଷା ଓ ବିଷୟରେ କିଞ୍ଚିତ୍ ପରିବର୍ତ୍ତନ ବିହିତ ହୋଇଥିଲେହେଁ, ତହିଁର ଗଣ୍ଠି ( Structure ) ଯେ ଏକାଦଶ ଶତାବ୍ଦୀର ଓଡ଼ିଆ ଗଦ୍ୟ ଭାଷା, ଏଥିରେ ସନ୍ଦେହ ନାହିଁ । ସେହି ଭାଷା କ୍ରମେ ପରିବର୍ତ୍ତିତ ହୋଇ ଆଧୁନିକ ଓଡ଼ିଆ ଭାଷାରେ ପରିଣତ ହୋଇଅଛି । ଏଥିରୁ ଜଣାଯାଉଅଛି ଯେ, ଏକାଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ନିର୍ଦ୍ଦିଷ୍ଟ ଆକୃତି ପ୍ରାପ୍ତ ହୋଇଥିଲା ଓ ପରବର୍ତ୍ତୀ କାଳରେ ନାନା ଅବସ୍ଥା ମଧ୍ୟରେ ଭିନ୍ନ ଆକାର ଧାରଣ କରିଅଛି ।

ମାର୍କଣ୍ଡ ଦାସଙ୍କ ପ୍ରଣୀତ 'କେଶବ କୋଇଲି' ବର୍ତ୍ତମାନ ମିଳୁଥିବା ଓଡ଼ିଆ ପୁସ୍ତକମାନଙ୍କ ମଧ୍ୟରେ ପ୍ରାଚୀନତମ ଜଣାଯାଇଅଛି । ମାର୍କଣ୍ଡ ଦାସ ସମ୍ଭବତଃ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ଏହା ଏକ ପ୍ରକାର ଚଉତିଶା । ପରବର୍ତ୍ତୀକାଳରେ ଅନେକ କବି ଏହାକୁ ଅନୁକରଣ କରି ନାନାପ୍ରକାର ଚଉତିଶା ବା ଚଉତିରିଶ ବ୍ୟଞ୍ଜନ ବର୍ଣ୍ଣ କ୍ରମରେ ପ୍ରତ୍ୟେକ ଧାଡ଼ିର ଆଦ୍ୟ ଅକ୍ଷର ରଖି ପଦ୍ୟ ଲେଖିଅଛନ୍ତି । 'କେଶବ କୋଇଲି'ର ଭାଷା ଦେଖିଲେ ଜଣାଯାଏ ଯେ, ତାହା ଭାଷାର ପ୍ରାଥମିକ ଅବସ୍ଥାର ଆକାର ନୁହେ । ଲେଖାର ରୀତି ବା ପ୍ରଣାଳୀ ଆଧୁନିକ ଓଡ଼ିଆ ପରି ମାର୍ଜିତ ଓ ଉନ୍ନତ ନ ଥିଲେହେଁ ତାହା ଯେ ସେ ଅବସ୍ଥାକୁ ଆସିବା ପୂର୍ବେ ଅନ୍ୟ ଅନେକ ପ୍ରାଥମିକ ଅବସ୍ଥା ଅତିକ୍ରମ କରିଥିଲା, ଏଥିରେ ଅଣୁମାତ୍ର ସନ୍ଦେହ ହୋଇ ନ ପାରେ । ତତ୍‌ପୂର୍ବର କୌଣସି ଗ୍ରନ୍ଥ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ସତ୍ୟ, ମାତ୍ର ତତ୍‌ପୂର୍ବେ ସେହିପରି ଯେ ଅନେକ ଗ୍ରନ୍ଥ ରଚିତ ହୋଇଥିବ, ଏଥିରେ ସନ୍ଦେହ ହୋଇ ନ ପାରେ । ମହାମହୋପାଧ୍ୟାୟ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀଙ୍କ ଆବିଷ୍କୃତ 'ବୌଦ୍ଧଗାନ ଓ ଦୋହା'ରେ ଯେଉଁ ଓଡ଼ିଆ ଶବ୍ଦ ଓ ବାକ୍ୟମାନ ଦେଖାଯାଏ, ସେ ସବୁ କେଶବ କୋଇଲିର ତିନିଶତାବ୍ଦୀ ପୂର୍ବର ଓଡ଼ିଆ ଭାଷା ବୋଲି ଅନୁମାନ କରିବାର ସୁସଙ୍ଗତ କାରଣ ଅଛି । ତହିଁର ରଚନା ପୂର୍ବରୁ ମଧ୍ୟ ଓଡ଼ିଆ ଭାଷା ଗୁଡ଼ିଏ ପ୍ରାଥମିକ ଅବସ୍ଥା ଅତିକ୍ରମ କରିଥିବ, ଏହା ବିଚିତ୍ର ନୁହେ । କାଳ-ଗତିରେ ଅନେକ ପ୍ରାଥମିକ ଓଡ଼ିଆ ଭାଷାର ରଚନା ନଷ୍ଟ ହୋଇଅଛି ବା ଏ ପର୍ଯ୍ୟନ୍ତ ପ୍ରକାଶିତ ନ ହୋଇ ସ୍ଥାନେ ସ୍ଥାନେ ଭାଗବତଗାଦିର ଅନ୍ତର୍ଭୁକ୍ତ ହୋଇ ପୂଜା ପାଉଅଛି ।

ତାହାପରେ ଓଡ଼ିଆ ଭାଷାରେ ପୁରାଣ ଅନୁବାଦର ଯୁଗ । ତ୍ରୟୋଦଶ ଶତାବ୍ଦୀରେ ସାରଳା ଦାସ ଯେତେବେଳେ ମହାଭାରତ ରଚନା କରିଥିଲେ, ସେତେବେଳକୁ ଓଡ଼ିଆ ଭାଷା ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୋଇଥିଲା ।



**Raja Sri Bikrama Dev Varma,**
Raja Saheb of Joypur (Vizag)

ବିଶାଖାପଟ୍ଟଣା ଜୟପୁରର ରାଜା
ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମା ।



**Raja Sri Radhamohan Rajendra Deo,**
Chikati, (Ganjam).

ଚିକିଟି-ଅଧୀଶ୍ୱର
ରାଜା ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ ।



**Raja Radhanath Dev Varma,**
Minor Ruling Chief of Athgar State, Orissa,

ଅଠଗଡ଼ ଷ୍ଟେଟର
ରାଜା ଶ୍ରୀ ରାଧାନାଥ ଦେବ ବର୍ମା ।

U. S. Press, Cuttack.

ତନ୍ତ୍ରରେ ନୃସିଂହପୁରାଣ, ଶିବପୁରାଣ, ବିଷ୍ଣୁପୁରାଣ ପ୍ରଭୃତି ଅନେକ ଗୁଡ଼ିଏ ପୁରାଣ ଭାଷାରେ ଅନୁବାଦିତ ଓ ରଚିତ ହୋଇଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଜଗନ୍ନାଥ ଦାସ ଭାଗବତ ଓ ବଳରାମ ଦାସ ରାମାୟଣ ରଚନା କରିଥିଲେ, ସେତେବେଳକୁ ଓଡ଼ିଆ ଭାଷା ପୂର୍ଣ୍ଣତା ଧାରଣ କଲାଣି ।

ଏହି ପୌରାଣିକ ଯୁଗ ପରେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ଓଡ଼ିଆ କାବ୍ୟଯୁଗର ଆରମ୍ଭ । ଏକାଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ-ପର୍ଯ୍ୟନ୍ତ ଯେଉଁ ସବୁ ଓଡ଼ିଆ ପୁସ୍ତକ ରଚିତ ହୋଇଥିଲା, ସେଥିମଧ୍ୟରୁ ଅଧିକାଂଶ ସଂସ୍କୃତରୁ ଅନୁବାଦିତ ବା ସଂସ୍କୃତ ପୁସ୍ତକର ଅନୁକରଣରେ ରଚିତ ଓ ସେ ଗୁଡ଼ିକ ପଦ୍ୟ । ସେ କାଳରେ କୌଣସି ମୌଳିକ ଗ୍ରନ୍ଥ ଓଡ଼ିଆରେ ପ୍ରାୟ ରଚିତ ହୋଇ ନାହିଁ । ଏହାର କାରଣ, ସେତେବେଳେ ବ୍ରାହ୍ମଣମାନେହିଁ ଏ ଦେଶରେ ବିଦ୍ୟା, ବିଶେଷତଃ ସଂସ୍କୃତ ସାହିତ୍ୟର ଆଲୋଚନା କରୁଥିଲେ । ବ୍ରାହ୍ମଣମାନଙ୍କର ତାହା ଜାତୀୟ ବ୍ୟବସାୟ ଥିଲା ଓ ବ୍ରାହ୍ମଣମାନେ ବଂଶପରମ୍ପରାକ୍ରମେ ବୁଦ୍ଧିଶକ୍ତିଶାଳୀ ଥିଲେ । ସେମାନେ ସେ କାଳରେ ପ୍ରାକୃତ ଜନକଥିତ ଓଡ଼ିଆରେ କୌଣସି ଗ୍ରନ୍ଥ ଲେଖିବାକୁ ଘୃଣା କରୁଥିଲେ । ଭାରତର ଅନ୍ୟାନ୍ୟ ଖଣ୍ଡ ପରି ଏହି ଉତ୍କଳ ଖଣ୍ଡରେ ମଧ୍ୟ ସେ କାଳରେ ସଂସ୍କୃତ ସାହିତ୍ୟ ସମ୍ୟକ୍‌ରୂପେ ଆଲୋଚିତ ହେଉଥିଲା । କେଉଁ କେଉଁ ସଂସ୍କୃତ କବି ବା ଲେଖକ ସେ କାଳରେ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ, ତାହା ଜାଣିବା ସହଜ ନୁହେଁ । ତଥାପି ଏହା ନିଃସନ୍ଦେହରୂପେ ଜଣାଯାଇ ଅଛି ଯେ, ସଂସ୍କୃତ ଧର୍ମଶାସ୍ତ୍ରମାନଙ୍କର ପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀ, ବୈଦ୍ୟକ ନିଦାନ ଗ୍ରନ୍ଥର ପ୍ରଣେତା ମାଧବକର, ପ୍ରସିଦ୍ଧ ଅଲଙ୍କାରଗ୍ରନ୍ଥପ୍ରଣେତା ଶ୍ରୀ ବିଶ୍ୱନାଥ କବିରାଜ, ପ୍ରସିଦ୍ଧ ଅଭିଧାନକାର ହେମଚନ୍ଦ୍ର, ଏବଂ ଆଧୁନିକ ଯୁଗର ପ୍ରସିଦ୍ଧ ଜ୍ୟୋତିଷଗ୍ରନ୍ଥର ରଚୟିତା ଚନ୍ଦ୍ରଶେଖର, ରୁକ୍ମିଣୀ ପରିଣୟ କାବ୍ୟପ୍ରଣେତା ଆଠଗଡ଼ର ସ୍ୱର୍ଗୀୟ ରାଜା ବିଶ୍ୱନାଥ ପ୍ରଭୃତି ମନୀଷୀମାନେ ଏହି ଉତ୍କଳ ଦେଶରେ ଜନ୍ମଗ୍ରହଣ କରିଥିଲେ । ଏହିପରି ଆଉ କେତେ ଯେ ମନୀଷୀ ସେ ଯୁଗରେ ଏହି ଉତ୍କଳ ଖଣ୍ଡରେ ଜନ୍ମି ସଂସ୍କୃତ ସାହିତ୍ୟର ଭିନ୍ନ ଭିନ୍ନ ବିଭାଗରେ କେତେ ଗ୍ରନ୍ଥ ରଚନା କରିଥିବେ, ଏହା ସହଜରେ ଅନୁମାନ କରାଯାଇ ପାରେ । ସେମାନେ କେବଳ ସଂସ୍କୃତ ଭାଷାରେ ପୁସ୍ତକ ରଚନା ନ କରି ଯେବେ ଓଡ଼ିଆ-ଭାଷାରେ କରିଥାଆନ୍ତେ, ତେବେ ଆଜି ଓଡ଼ିଆ-ସାହିତ୍ୟ-ଭଣ୍ଡାର କେତେ ଯେ ମୂଲ୍ୟବାନ୍ ରତ୍ନରେ ମଣ୍ଡିତ ହୋଇଥାନ୍ତା, ତାହାର କଳ୍ପନା କରି ହେଉ ନାହିଁ । ତଥାପି ପ୍ରାଚ୍ୟ ଓ ପାଶ୍ଚାତ୍ୟ ଅନେକ ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ ଏକବାକ୍ୟରେ ସ୍ୱୀକାର କରିଅଛନ୍ତି ଯେ, ଭାରତର ପ୍ରାଦେଶିକ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷାହିଁ ପ୍ରାଚୀନ ସାହିତ୍ୟବିଭବରେ ଶୀର୍ଷସ୍ଥାନୀୟ । ଯେତେବେଳେ ଆମ୍ଭମାନଙ୍କର ପ୍ରତିବେଶୀ ବଙ୍ଗଳା ଭାଷାର ଆଦୌ ଉଦ୍ଭବ ହୋଇ ନ ଥିଲା, ସେତେବେଳେ ଓଡ଼ିଆ ଭାଷା ଯେ ଗୋଟିଏ ପୂର୍ଣ୍ଣାଙ୍ଗ ଭାଷାରେ ପରିଣତ ହୋଇଥିଲା, ତାହା ପ୍ରସିଦ୍ଧ ଭାଷାତତ୍ତ୍ୱବିତ୍ ମନୀଷିବର ବିମ୍ସଙ୍କ ନିମ୍ନୋଦ୍ଧୃତ ମନ୍ତବ୍ୟରୁ ଅନୁମିତ ହେବ ।

"Oriya language used at the time of Upendra Bhanja continues to be used now, while Bidyapati's (a contemporary of Bhanja) language is different from the present Bengali.

At a period when Oriya was already a fixed and settled language, Bengali did not exist. The Bengalis spoke a vast variety of corrupt forms of Eastern Hindi. It is not till quite recent times that we find anything that can with propriety be called a Bengali language (Beams Comparative Grammar of four languages Vol. I. p. 119)

We may place the Hindi with its subsidiary forms Gujrati and Punjabi first fixing their rise and establishment as modern languages distinct from their previous existence as Prakrut till the 12th or 13th century. Oriya must have quite completed its transformation by the end of the 14th century. Bengali was no separate independent language but a maze of dialects without a distinct national or provincial type till the 17th or beginning of the 18th century. It was not till the gradual decay of the central Mahommedan power of Delhi enabled the provincial governors to assume an independent position that Bengali severed itself from Hindi and assumed characteristics which now vindicate for it a right to be considered a separate language.

(Beams Comparative Grammar of four languages Vol. I. p. 120)

ଷୋଡ଼ଶରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଆ ଭାଷାରେ ଯେଉଁ କବିମାନେ କାବ୍ୟ, ଛାନ୍ଦ, ସଙ୍ଗୀତ ପ୍ରଭୃତି ରଚନା କରି ଯାଇଅଛନ୍ତି, ସେମାନଙ୍କ ମଧ୍ୟରେ ବିଶ୍ୱନାଥ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ବଳଦେବ ପ୍ରଭୃତି ପ୍ରଧାନ । ଊନବିଂଶ ଓ ବିଂଶ ଶତାବ୍ଦୀରେ ନାନା କାରଣରୁ ଓଡ଼ିଆ ଭାଷା ବଙ୍ଗଳା ପ୍ରଭୃତି ଭାଷା ପରି ଉନ୍ନତ ହୋଇ ପାରି ନାହିଁ; କିନ୍ତୁ ପ୍ରାଚୀନ କାଳରେ ଏହା ଯେ ପ୍ରାଦେଶିକ ଭାଷାମାନଙ୍କର ଶୀର୍ଷସ୍ଥାନୀୟ ଥିଲା, ଏଥିରେ ସନ୍ଦେହ ନାହିଁ ।

ଯେଉଁ ବଙ୍ଗ ସାହିତ୍ୟ ବର୍ତ୍ତମାନ ଭାରତରେ ପ୍ରାଦେଶିକ ଭାଷାମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି, ପାଞ୍ଚ ଶହ ବର୍ଷ ପୂର୍ବରେ ତାହାର ନାମ ଗନ୍ଧ ନ ଥିଲା, ମାତ୍ର ଓଡ଼ିଆ ସାହିତ୍ୟଭଣ୍ଡାର ସେତେବେଳେ ବହୁ ରତ୍ନରେ ପୂର୍ଣ୍ଣ । ପଞ୍ଚଦଶ ଶତାବ୍ଦୀରେ ଚୈତନ୍ୟ ଦେବଙ୍କ ଆବିର୍ଭାବ ପୂର୍ବେ କେତେ ଜଣ ଓଡ଼ିଆ ବଙ୍ଗଦେଶରେ ପଦ୍ୟ ରଚନା କରି ଭୂରିଭୂରି ପ୍ରଶଂସା ଲାଭ କରିଥିଲେ । ସେମାନଙ୍କ ମଧ୍ୟରେ ବଙ୍ଗଳା ଚଣ୍ଡୀ ଓ କାହାଣୀର ପ୍ରଣେତା ଗୋପାଳ, 'ରସିକମଙ୍ଗଳ' ନାମକ ବଙ୍ଗଳା ପୁସ୍ତକରଚୟିତା ଗୋପୀବଲ୍ଲଭ ଓ ସଦାନନ୍ଦ କବିଙ୍କ ନାମ ଆମ୍ଭେମାନେ ସେହି ବଙ୍ଗଭାଷୀ-ମାନଙ୍କଠାରୁ ପାଇଅଛୁଁ । ଚୈତନ୍ୟଙ୍କ ପରେ ବଙ୍ଗଳା ଭାଷା ବୈଷ୍ଣବସାହିତ୍ୟ ପ୍ରଭାବରୁ ଏକ ଅଭିନବ ରୂପରେ ଗଢ଼ା ହେଲା । ଚୈତନ୍ୟ ଦେବଙ୍କ

ସଙ୍ଗରେ ଅନେକ ବଙ୍ଗାଳୀ ଭକ୍ତ ସେ ସମୟରେ ଓଡ଼ିଶାରେ ବାସ କରିଥିଲେ । ବହୁକାଳ ଏ ଦେଶରେ ବାସ କରିବାଦ୍ୱାରା ସେମାନେ ଓଡ଼ିଆ ଭାଷା ଓ ସାହିତ୍ୟ ଆଲୋଚନା କରିବାର ଅବସର ପାଇଲେ ଓ ତାହାର ଅନୁକରଣରେ ବଙ୍ଗ ଭାଷାରେ ବୈଷ୍ଣବୀୟ ଗ୍ରନ୍ଥାଦି ଲେଖିବାକୁ ଆରମ୍ଭ କଲେ । ବୈଷ୍ଣବୀୟ ଯୁଗରେ ରଚିତ ବଙ୍ଗଳା ଗ୍ରନ୍ଥମାନ ଓଡ଼ିଆ ଶବ୍ଦ ଓ ଓଡ଼ିଆ ବିଶିଷ୍ଟାର୍ଥକ (idiomatic) ପ୍ରୟୋଗରେ ପରିପୂର୍ଣ୍ଣ । ତେଣୁ ସ୍ପଷ୍ଟରୂପେ ଅନୁମିତ ହୁଏ ଯେ ଓଡ଼ିଆ ସାହିତ୍ୟ ବଙ୍ଗଳା ସାହିତ୍ୟର ଆଦର୍ଶ-ସ୍ଥାନୀୟ ।

ପଣ୍ଡିତମାନେ କହନ୍ତି, ଯେଉଁ ଜାତି ଯେ ପରିମାଣରେ ଉନ୍ନତ ତାହାର ସାହିତ୍ୟ ସେହି ପରିମାଣରେ ଉନ୍ନତ ଓ ଶ୍ରୀସମ୍ପନ୍ନ । ଭୁବନେଶ୍ୱରରେ ଯେଉଁ ନାନା ଶିଳ୍ପକଳାପୂର୍ଣ୍ଣ ଶତ ଶତ ମନ୍ଦିର ବର୍ତ୍ତମାନ ଜଗତରେ ସର୍ବ-ଶ୍ରେଷ୍ଠ ଶିଳ୍ପକଳାରୂପେ ସମାଦର ଲାଭ କରିଅଛି, ତାହା ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିଲା । ଖଣ୍ଡଗିରି ପର୍ବତ-ଗାତ୍ର ଖୋଲାଯାଇ ଯେଉଁ ଦ୍ୱିତଳ ରାଜପ୍ରାସାଦ ନିର୍ମିତ ହୋଇଥିଲା, ତାହା ଆହୁରି ପୂର୍ବକାଳୀନ । ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମିତ କୋଣାର୍କ ସୂର୍ଯ୍ୟ-ମନ୍ଦିରର ଶିଳ୍ପଚାତୁରୀ ପୃଥିବୀରେ ଅତୁଳନୀୟ । ପ୍ରାଚୀନ କଳିଙ୍ଗବାସୀମାନେ ବାଣିଜ୍ୟ ଉଦ୍ଦେଶ୍ୟରେ ଭାରତର ବିଭିନ୍ନ ଅଞ୍ଚଳ ଓ ଜାଭା, ବାଲି, ସୁମାତ୍ରା, ସିଂହଳ ଆଦି ଦ୍ୱୀପମାନଙ୍କୁ ବୋଇତରେ ଯାଉଥିଲେ, ଏହାର ଯଥେଷ୍ଟ ପ୍ରମାଣ ରହିଅଛି । ପ୍ରାଚୀନ ଉତ୍କଳୀୟମାନେ ଯେ ଜାହାଜ ନିର୍ମାଣ କରି ସେହି ଜାହାଜରେ ସମୁଦ୍ରରେ ବାଣିଜ୍ୟ କରୁଥିଲେ, ତହିଁରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଆ ଗୃହସ୍ଥର କେତେକ ପର୍ବରେ ବାଣିଜ୍ୟାର୍ଥ ବୋଇତ ଅନୁକୂଳ କରି ଯାଉଥିବାର ଓ ଫେରି ଆସିବା ବେଳେ ଗୃହବଧୂମାନଙ୍କ ବୋଇତକୁ ବନ୍ଦାଇ ଆଣିବାର ବିଧାନ ଉଜ୍ଜୀବିତ ରହିଅଛି । ପ୍ରାଚୀନ କଳିଙ୍ଗବାସୀମାନଙ୍କର ସୁଦୂର ଚୀନ, ବ୍ରହ୍ମଦେଶ, ଚଟ୍ଟଗ୍ରାମ ପ୍ରଭୃତି ଅଞ୍ଚଳରେ ଉପନିବେଶ ସ୍ଥାପନ କରିଥିବା ବିଷୟ ପ୍ରଫେସର ବି. ନାଗ୍ ଗବେଷଣା ଦ୍ୱାରା ସ୍ଥିର କରିଅଛନ୍ତି । ବୀରତ୍ୱରେ ଉତ୍କଳମାନଙ୍କର ଖ୍ୟାତି ଭାରତବ୍ୟାପୀ ଥିଲା । ଯେଉଁ ଦେଶ ଏହିପରି ସର୍ବବିଧ ଉନ୍ନତି ଲାଭ କରିଥିଲା, ସେ ଦେଶର ସାହିତ୍ୟ ଯେ ତଦନୁରୂପେ ଉନ୍ନତ ଥିଲା, ଏଥିରେ ସନ୍ଦେହ କରାଯାଇ ନ ପାରେ । ଶିଳ୍ପ, ବାଣିଜ୍ୟ ଓ ବୀରତ୍ୱର ସୂକ୍ଷ୍ମ ତତ୍ତ୍ୱମାନ ଅବଶ୍ୟ ସାହିତ୍ୟ ସାହାଯ୍ୟରେ ଦେଶର ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଚାରିତ ହୋଇଥିବ, ମାତ୍ର ସେ ସବୁ ସାହିତ୍ୟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇ ନାହିଁ । ପରବର୍ତ୍ତୀ କାଳର ଲୋକମାନଙ୍କର ଅଜ୍ଞତା ତଥା ପରାଧୀନତା ସେହି ସକଳ ସାହିତ୍ୟକୁ କାଳର ସର୍ବଗ୍ରାସୀ କବଳରେ ସମର୍ପଣ କରି ଦେଇଅଛି । ଆମ୍ଭେମାନେ ବର୍ତ୍ତମାନ ସେ କାଳର କେତେକ ଖଣ୍ଡି ମାତ୍ର ପୁସ୍ତକ ପାଇଅଛୁଁ, ତାହା କାଳଗ୍ରାସର ଉଚ୍ଛିଷ୍ଟ ମାତ୍ର । ପ୍ରକୃତରେ ଅନେକ ପ୍ରାଚୀନ ଉତ୍କଳ ସାହିତ୍ୟ ନଷ୍ଟ ହୋଇ ଯାଇଅଛି ।

**୪ । ଓଡ଼ିଆ ଭାଷାର ବିଶେଷତ୍ୱ**—ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ, କେବଳ ପ୍ରାକୃତ ଭାଷାର ଶବ୍ଦାବଳୀ ପୂର୍ଣ୍ଣମନୋଭାବ ପ୍ରକାଶ କରିବା ବିଷୟରେ ସମ୍ପୂର୍ଣ୍ଣରୂପେ ଅକ୍ଷମ, ତେଣୁ ସଂସ୍କୃତ ଭାଷାରୁ ଅନେକ ଶବ୍ଦ ଆମ୍ଭମାନଙ୍କ ପ୍ରାକୃତ ଓଡ଼ିଆରେ ଗୃହୀତ ହୋଇଅଛି । ଏ ହିସାବରେ ସଂସ୍କୃତ ଭାଷାକୁ ଓଡ଼ିଆ ଭାଷାର ଜନନୀରୂପେ ନିର୍ଦ୍ଦେଶ କରାଯାଇ ପାରେ । ହିନ୍ଦୀ ଓ ବଙ୍ଗଳା ଭାଷାରେ ସଂସ୍କୃତରୁ ଗୃହୀତ ହୋଇଥିବା ଅକାରାନ୍ତ ଶବ୍ଦର ଶେଷ ବର୍ଣ୍ଣ ଯେପରି ବିକୃତ ହୋଇ ହସନ୍ତ-ବର୍ଣ୍ଣବତ୍ ଉଚ୍ଚାରିତ ହୁଏ, ଓଡ଼ିଆ ଭାଷାରେ ସେପରି ହୁଏ ନାହିଁ । ଏହାହିଁ ଓଡ଼ିଆ ଭାଷାର ପ୍ରଧାନ ବିଶେଷତ୍ୱ । ମନୁଷ୍ୟ ପ୍ରକୃତି-ପ୍ରଭାବରୁ ଯେଉଁସବୁ ଧ୍ୱନି ଉଚ୍ଚାରଣ କରି ପାରେ, ସଂସ୍କୃତ ଭାଷାର ମୌଳିକ ବର୍ଣ୍ଣସମୂହ ବୈଜ୍ଞାନିକ ନିୟମରେ ସେହିସବୁ ଧ୍ୱନି ଉପରେ ପ୍ରତିଷ୍ଠିତ । ଅନ୍ୟ କୌଣସି ଭାଷାରେ ମୌଳିକ ଧ୍ୱନିକୁ ଅବଲମ୍ବନ କରି ଏପରି ବର୍ଣ୍ଣ-ସୃଷ୍ଟି ହୋଇ ନ ଥିବା କଥା ଆଧୁନିକ ଭାଷାତତ୍ତ୍ୱବିତ୍ ପଣ୍ଡିତମାନେ ସ୍ୱୀକାର କରିଅଛନ୍ତି । ଭାରତର ପ୍ରାଦେଶିକ ଆର୍ଯ୍ୟ ଭାଷା-ମାନଙ୍କ ମଧ୍ୟରେ ଓଡ଼ିଆ ଭାଷାହିଁ ଏ ବିଶେଷତ୍ୱକୁ ଅକ୍ଷୁଣ୍ଣ ଭାବରେ ରକ୍ଷା କରିଅଛି ।

ସଂସ୍କୃତ ଭାଷାରେ 'ନ ଓ ଣ', 'ଡ ଓ ଡ଼', 'ଢ ଓ ଢ଼', 'ଶ ଓ ସ', 'ଜ ଓ ଯ' ଏହି ସଦୃଶ ବର୍ଣ୍ଣମାନଙ୍କର ଉଚ୍ଚାରଣରେ ଯେଉଁ ବିଶେଷତ୍ୱ ପରିଲକ୍ଷିତ ହୁଏ, ଓଡ଼ିଆଭାଷୀ ଅଶିକ୍ଷିତ ଲୋକେ ମଧ୍ୟ ସେହି ବିଶେଷତ୍ୱ ରକ୍ଷା କରି ଶବ୍ଦମାନଙ୍କର ଉଚ୍ଚାରଣ କରନ୍ତି ।

ଆଜିକି ପ୍ରାୟ ଏକ ହଜାର ବର୍ଷରୁ ଅଧିକ ହେବ ଓଡ଼ିଆ ଲିଖିତ ଭାଷା ବା ସାହିତ୍ୟରୂପେ ଚଳି ଆସୁଅଛି । ଏହି ସୁଦୀର୍ଘକାଳ ମଧ୍ୟରେ ଓଡ଼ିଆ ଭାଷାରେ ଯେ କେତେ ସହସ୍ର ଗ୍ରନ୍ଥ ରଚିତ ହୋଇଅଛି, ତାହାର ଇୟତ୍ତା ନାହିଁ । ବର୍ତ୍ତମାନ ଓଡ଼ିଆଭାଷୀ ଲୋକଙ୍କ ସଂଖ୍ୟା ଏକ କୋଟିରୁ ଅଧିକ । ପଶ୍ଚିମରେ ମଧ୍ୟପ୍ରଦେଶାନ୍ତର୍ଗତ ବସ୍ତର ରାଜ୍ୟ, ଉତ୍ତରରେ ସିଂହଭୂମ ଓ ମେଦିନୀପୁର ଜିଲ୍ଲାର ଦକ୍ଷିଣାଂଶ, ପୂର୍ବରେ ବଙ୍ଗୋପସାଗରର ଉପକୂଳ, ଦକ୍ଷିଣରେ ବିଶାଖପତ୍ତନ ଜିଲ୍ଲାର ଉତ୍ତରାଂଶ ଅତି ପ୍ରାଚୀନ କାଳରୁ ଓଡ଼ିଆ ଦେଶ ରୂପେ ପରିଚିତ ହୋଇ ଆସୁଅଛି । ବର୍ତ୍ତମାନ ରାଜନୀତି କ୍ଷେତ୍ରରେ ଏହି ବିଶାଳ ରାଜ୍ୟ ଏକଶାସନାଧୀନ ନ ଥିଲେହେଁ ଏହି ଭିନ୍ନ ଭିନ୍ନ ପ୍ରଦେଶବାସୀ ଓଡ଼ିଆମାନେ ଏକ ଓଡ଼ିଆ ଭାଷାରେ କଥା କହନ୍ତି ଏବଂ ପରସ୍ପର ବୈବାହିକ ଓ ସାମାଜିକ ବନ୍ଧନରେ ଆବଦ୍ଧ ହୁଅନ୍ତି । ଆଜିକି ପାଞ୍ଚ ଶହ କି ଛଅ ଶହ ବର୍ଷ ତଳେ ସମଗ୍ର ଉତ୍କଳଭାଷୀ ପ୍ରଦେଶ ଏକ ସ୍ୱାଧୀନ ରାଜ୍ୟରୂପେ ସମଗ୍ର ଭାରତରେ ଦୀର୍ଘକାଳବ୍ୟାପୀ ଖ୍ୟାତି ଓ ପ୍ରତିଷ୍ଠା ଲାଭ କରିଥିଲା । ଏହି ବିଶାଳ ସ୍ୱାଧୀନ ରାଜ୍ୟ ମଧ୍ୟରେ କେତେ ବ୍ୟକ୍ତି କେତେ ପ୍ରକାର ଗ୍ରନ୍ଥ ପ୍ରଣୟନ କରିଥିଲେ, ଏପର୍ଯ୍ୟନ୍ତ ତାହାର ଇୟତ୍ତା କରାଯାଇ ନାହିଁ । ଭାବପ୍ରକାଶର ସୁବିଧା ପାଇଁ ପ୍ରାଚୀନ ଉତ୍କଳୀୟ କବିମାନେ ସଂସ୍କୃତ ଭାଷାରୁ ଶତ ଶତ ଶବ୍ଦ ଓଡ଼ିଆ ଭାଷାରେ ଗ୍ରହଣ କରିଥିଲେ । ଆହୁରି ମଧ୍ୟ ପଶ୍ଚିମରେ ହିନ୍ଦୀ ଭାଷା, ଉତ୍ତରରେ ବଙ୍ଗ ଭାଷା, ଦକ୍ଷିଣରେ ତେଲିଙ୍ଗୀୟ ଭାଷାର ସଂସର୍ଗରେ ତତ୍ତତ୍ ପ୍ରଦେଶର କଥିତ ଓଡ଼ିଆ ଭାଷାରେ ଶତ ଶତ ହିନ୍ଦୀ, ବଙ୍ଗଳା ଓ ତେଲିଙ୍ଗୀୟ ଶବ୍ଦ ପ୍ରବେଶ କରିଅଛି । ଏହି ହେତୁରୁ ଓଡ଼ିଆ ଭାଷାର ଶବ୍ଦ ସଂଖ୍ୟା ଅନ୍ୟ ଦେଶୀୟ ଭାଷାର ଶବ୍ଦ ସଂଖ୍ୟାଠାରୁ ଖୁବ୍ ବେଶି । ଗୋଟିଏ ସାଧାରଣ ପ୍ରଚଳିତ ଶବ୍ଦ ବର୍ତ୍ତମାନ ରାଜନୀତିକ ଉତ୍କଳରେ, ବଙ୍ଗପ୍ରଦେଶାନ୍ତର୍ଗତ ଉତ୍କଳଭାଷୀ ଅଞ୍ଚଳରେ, ମଧ୍ୟପ୍ରଦେଶାନ୍ତର୍ଗତ ଉତ୍କଳଭାଷୀ ଅଞ୍ଚଳରେ ଓ ମାନ୍ଦ୍ରାଜପ୍ରଦେଶସ୍ଥ ଉତ୍କଳଭାଷୀ ଅଞ୍ଚଳରେ କଥିତ ଭାଷାରେ ନିତାନ୍ତ ପକ୍ଷରେ ଚାରି ଗୋଟି ରୂପ ଧାରଣ କରିବାର

ଦେଖାଯାଏ । ଏହି ପ୍ରଚୁରଶବ୍ଦ-ପ୍ରାଚୁର୍ଯ୍ୟ ଯୋଗୁଁ ସଂସ୍କୃତ, ଇଂରାଜୀ ଓ ଅନ୍ୟାନ୍ୟ ଉନ୍ନତ ଭାଷାମାନ ଶକ୍ତିଶାଳୀ ଅଛନ୍ତି ଏବଂ ଏଥିଯୋଗୁଁ ଓଡ଼ିଆଭାଷାର ଶବ୍ଦପ୍ରାଚୁର୍ଯ୍ୟକୁ ମୂଳଭିତ୍ତି କରି ଗୋଟିଏ ଅତି ଉନ୍ନତ ସାହିତ୍ୟ ଗଢ଼ା ଯାଇ ପାରେ । ଓଡ଼ିଆ ଭାଷା ଭିନ୍ନ ଭିନ୍ନ ଅଞ୍ଚଳରେ କୁହାଯାଉଥିବା ଆକାର ଅନୁସାରେ କେତେଗୁଡ଼ିଏ ସ୍ବତନ୍ତ୍ର ଭାଷାରେ (Dialect) ପରିବର୍ତ୍ତିତ ନ ହୋଇ ଗୋଟିଏ ମୌଳିକ ଭାଷାରୂପେ ରହିଅଛି । କିନ୍ତୁ ଭାରତୀୟ ଅନ୍ୟାନ୍ୟ ଦେଶୀୟ ଭାଷା ( ଯଥା—ବଙ୍ଗଳା, ହିନ୍ଦୀ) ଭିନ୍ନ ଭିନ୍ନ ଅଞ୍ଚଳରେ କୁହାଯାଉଥିବା ଆକାର ଅନୁସାରେ ଭିନ୍ନ ଭିନ୍ନ ଶାଖାରୂପେ ପରିବର୍ତ୍ତିତ ହୋଇ ମୌଳିକ ଭାଷାରୁ ସ୍ବତନ୍ତ୍ର ହୋଇ ଯାଇଅଛି । ଉଦାହରଣସ୍ବରୂପ ଦେଖାଯିବ ଯେ, ହିନ୍ଦୀ ଭାଷାରୁ ଆଠ ଗୋଟି ଶାଖା ଓ ବଙ୍ଗଳା ଭାଷାରୁ ଚାରି ଗୋଟି ଶାଖା ବାହାରିଅଛି, କିନ୍ତୁ ଓଡ଼ିଆ ଭାଷାର ଶାଖା ନାହିଁ କହିଲେ ଚଳିବ । ମେଦିନୀପୁର ଅଞ୍ଚଳରେ ଯେଉଁ ଓଡ଼ିଆ ଭାଷା କଥିତ ହୁଏ, ସୁଦୂର ବିଶାଖପତ୍ତନ ଅଞ୍ଚଳରେ ମଧ୍ୟ ସେହି ଓଡ଼ିଆ ଭାଷା କଥିତ ହୁଏ । ବଙ୍ଗୋପସାଗର ଉପକୂଳରେ ଯେଉଁ ଓଡ଼ିଆ ଭାଷା ଚଳେ, ମଧ୍ୟପ୍ରଦେଶରେ ଥିବା ଓଡ଼ିଆ ଅଞ୍ଚଳରେ ମଧ୍ୟ ସେହି ଓଡ଼ିଆ ଭାଷା ଚଳେ । ବର୍ତ୍ତମାନର ଓଡ଼ିଶା ଡିଭିଜନରେ କଥିତ ଓଡ଼ିଆ ଭାଷା ଓ ଭିନ୍ନ ଭିନ୍ନ ଅଞ୍ଚଳରେ କଥିତ ଭାଷାମାନଙ୍କର ବ୍ୟାକରଣଗତ ମୂଳଭିତ୍ତି ଏକ । କେବଳ ଏକ ବସ୍ତୁର ଭିନ୍ନ ଭିନ୍ନ ନାମ ତତ୍ତତ୍ ଅଞ୍ଚଳରେ ବ୍ୟବହୃତ ହୁଏ । ଏହା ଓଡ଼ିଆ ଭାଷାର ଅନ୍ୟ ଗୋଟିଏ ବିଶେଷତ୍ୱ ।

ଭାରତୀୟ-ଭାଷା-ତତ୍ତ୍ୱାନ୍ୱେଷୀ ଆଚାର୍ଯ୍ୟ ଗ୍ରିଅରସନ୍ ବସ୍ତର ରାଜ୍ୟର ଏକାଂଶରେ (ପ୍ରାଚୀନ ଦକ୍ଷିଣ କୋଶଳରେ) ପ୍ରାୟ କୋଡ଼ିଏ ହଜାର ଲୋକଙ୍କ କଥିତ ଭତରି ଭାଷାକୁ ଓଡ଼ିଆ ଭାଷାର ଗୋଟିଏ ମାତ୍ର ଶାଖା ବୋଲି ଉଲ୍ଲେଖ କରିଅଛନ୍ତି ଏବଂ ସମ୍ବଲପୁର ଓ ଛତିଶ ଗଡ଼ ଅଞ୍ଚଳରେ କଥିତ ଲରିଆ ଭାଷାକୁ ଗ୍ରିଅରସନ୍ ଓଡ଼ିଆର ଶାଖା ବୋଲି ସ୍ୱୀକାର କରି ନ ଥିଲେହେଁ ତାହା ଓଡ଼ିଆ ଭାଷା ଦ୍ୱାରା ବିଶେଷଭାବରେ ପ୍ରଭାବିତ ବୋଲି କୁହାଯାଇ ପାରେ । ଶାଖା-ବର୍ଜିତ ଓ ୮୨୦୦୦ ବର୍ଗମାଇଲ ପରିମିତ ଅଞ୍ଚଳରେ ବାସ କରୁଥିବା ଏକ କୋଟି ଲୋକଙ୍କ ମଧ୍ୟରେ ବ୍ୟବହୃତ ଓଡ଼ିଆ ଭାଷାର ଏହି ଶବ୍ଦପ୍ରାଚୁର୍ଯ୍ୟକୁ ଉପଯୁକ୍ତ କରିବାପାଇଁ ଅଦ୍ୟାପି କୌଣସି ଅଭିଧାନ ଓଡ଼ିଆରେ ସଂକଳିତ ହୋଇ ନାହିଁ । ଏପରି ଗୋଟିଏ ଅଭିଧାନ ସଂକଳନଦ୍ୱାରା ଭିନ୍ନ ଭିନ୍ନ ଅଞ୍ଚଳରେ ବ୍ୟବହୃତ ଓଡ଼ିଆ ଭାଷା କେଉଁ କେଉଁ ପଡ଼ୋଶୀ ଭାଷା ( ହିନ୍ଦୀ, ବଙ୍ଗଳା, ତେଲୁଗୁ ) ଦ୍ୱାରା କି ପରିମାଣରେ ପ୍ରଭାବିତ ହୋଇଅଛି, ତାହା ଅକ୍ଳେଶରେ ଧରାଯାଇ ପାରିବ ।

## ଏହି ଅଭିଧାନର ଇତିହାସ ଓ ବିଶେଷତ୍ୱ—

ଓଡ଼ିଆ ଭାଷା ଏତେ ପ୍ରାଚୀନ ଓ ଶବ୍ଦସମ୍ପଦରେ ଭାରତର ଅନ୍ୟାନ୍ୟ କଥିତ ଭାଷାର ଆଦର୍ଶସ୍ଥାନୀୟ ହେଲେହେଁ ଏ ପର୍ଯ୍ୟନ୍ତ ତହିଁରେ ଖଣ୍ଡିଏ ପୂର୍ଣ୍ଣାଙ୍ଗ ଅଭିଧାନ ନାହିଁ । ଗ୍ରିଅରସନ୍, ହଣ୍ଟର୍, ବିମ୍ସ୍, ପାଇକ୍ ପ୍ରଭୃତି ଯେଉଁ ପାଶ୍ଚାତ୍ୟ ପଣ୍ଡିତମାନେ ଓଡ଼ିଆ ଭାଷା ଆଲୋଚନା କରିଅଛନ୍ତି, ସେମାନେ ମଧ୍ୟ ଏହି ଅସୁବିଧା ଭୋଗ କରି ଯାଇଅଛନ୍ତି । ଯେତେବେଳେ ଖ୍ରୀଷ୍ଟିଆନ୍ ପାଦ୍ରିମାନେ ପ୍ରଥମେ ଏ ଦେଶକୁ ଛାପାକଳ ଆଣିଲେ, ସେ ସମୟରେ ପାଦ୍ରି ସଟନ୍ ସାହେବ ୧୮୪୧ ମସିହାରେ ଖଣ୍ଡିଏ ଓଡ଼ିଆ ଉକ୍ତିନାଲି ପ୍ରକାଶ କରିଥିଲେ । ପାଦ୍ରି ମିଲର୍ ଓ ରଘୁନାଥ ମିଶ୍ର ୧୮୬୧ ମସିହାରେ ଖଣ୍ଡିଏ ଏବଂ ବ୍ରୁକ୍ସ ସାହେବ ୧୮୭୪ ମସିହାରେ ଆଉ ଖଣ୍ଡିଏ ଓଡ଼ିଆ-ଇଂରାଜୀ ଅଭିଧାନ ପ୍ରକାଶ କରିଥିଲେ । ଏ ଅଭିଧାନମାନ ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ସ୍ୱର୍ଗତ ଜଗନ୍ନାଥ ରାଓ ସରକାରଙ୍କଠାରୁ ଆଂଶିକ ଅର୍ଥସାହାଯ୍ୟ ପାଇ ୧୮୯୧ ସାଲରେ ଓଡ଼ିଆରେ ପ୍ରଥମେ ଖଣ୍ଡିଏ ଅଭିଧାନ ପ୍ରକାଶ କରିଥିଲେ, ମାତ୍ର ସେଥିରେ ଖାଣ୍ଟି ଓଡ଼ିଆ ଶବ୍ଦମାନ ନ ଥିଲା କହିଲେ ଚଳେ । କେବଳ କେତେଗୁଡ଼ିଏ ସଂସ୍କୃତ ଶବ୍ଦ ତହିଁରେ ଗୃହୀତ ହୋଇଥିଲା । ତତ୍‌ପ୍ରଣୀତ ପରବର୍ତ୍ତୀ ପକେଟ୍ ଅଭିଧାନ ଖଣ୍ଡି ମଧ୍ୟ ଏହି ଶ୍ରେଣୀୟ । ତତ୍ପରେ ସ୍ୱର୍ଗତ ମଧୁସୂଦନ ରାଓ 'ସୁଖବୋଧ ଅଭିଧାନ' ନାମରେ ଖଣ୍ଡିଏ କ୍ଷୁଦ୍ରାବୟବ ଅଭିଧାନ ପ୍ରଣୟନ କରିଥିଲେ । ସେଥିରେ ମଧ୍ୟ ପ୍ରକୃତ ଓଡ଼ିଆ ଶବ୍ଦର ଆଲୋଚନା ଅତ୍ୟଳ୍ପ ମାତ୍ରାରେ କରାଯାଇଥିଲା । ପାରଳାର ସ୍ୱର୍ଗୀୟ ପଣ୍ଡିତ ଗୋପୀନାଥ ନନ୍ଦ ୧୯୧୬ ସାଲରେ ଓଡ଼ିଆ ଶବ୍ଦତତ୍ତ୍ୱବୋଧ ନାମରେ ଯେଉଁ ଅଭିଧାନ ଖଣ୍ଡି ପ୍ରକାଶ କରିଥିଲେ, ତହିଁରେ ସେ କେତେକ ପରିମାଣରେ ଓଡ଼ିଆ ଶବ୍ଦର ଆଲୋଚନା କରିଥିଲେ, ମାତ୍ର ତହିଁରେ ଅନ୍ୟ ପ୍ରକାର ଅନେକ ଦୋଷ ରହି ଯାଇଥିବାରୁ ପରବର୍ତ୍ତୀ କାଳରେ ଓଡ଼ିଶାର ସାହିତ୍ୟସେବୀମାନେ ତାହାକୁ ଭିନ୍ନ ଦୃଷ୍ଟିରେ ଦେଖିଲେ । ଏହି ସବୁ କାରଣରୁ କେହି ତାହାର ସଂଶୋଧିତ ଦ୍ୱିତୀୟ ସଂସ୍କରଣ ପାଇଁ ମନୋଯୋଗ ଦେଇ ନାହାନ୍ତି । ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ବାଣୀଭୂଷଣ କାବ୍ୟତୀର୍ଥ ମହାଶୟ ନନ୍ଦଙ୍କ ପରେ ଖଣ୍ଡିଏ କ୍ଷୁଦ୍ରାବୟବ ପକେଟ୍ ଅଭିଧାନ ସଙ୍କଳନ କରିଥିଲେ, ମାତ୍ର ତାହାଙ୍କ ଜୀବଦଶାରେ ତାହା ପୂର୍ଣ୍ଣ ହୋଇ ପାରି ନ ଥିଲା, ପରେ ଯେନକେନ-ପ୍ରକାରେଣ ତାହାର ପୂର୍ତ୍ତି ବିଧାନ କରି କଟକ ଟ୍ରେଡିଙ୍ଗ୍ କମ୍ପାନୀ ତାହା ପ୍ରକାଶ କରିଥିଲେ, କିନ୍ତୁ ତଦ୍ଦ୍ୱାରା ଅଭିଧାନର ଅଭାବ ଦୂର ହୋଇ ନାହିଁ ।

ଓଡ଼ିଆରେ ପୂର୍ଣ୍ଣାଙ୍ଗ ଅଭିଧାନ ନ ଥିବାରୁ ଅନେକ ସମୟରେ ଏକ-ପ୍ରଦେଶବାସୀ ଓଡ଼ିଆ ଅନ୍ୟପ୍ରଦେଶବାସୀ ଓଡ଼ିଆଙ୍କ ମଧ୍ୟରେ ପ୍ରଚଳିତ ଶବ୍ଦମାନ ବୁଝି ପାରନ୍ତି ନାହିଁ ଏବଂ ପ୍ରାଚୀନ ଓଡ଼ିଆ ଗ୍ରନ୍ଥମାନଙ୍କରେ ଯେଉଁ ସବୁ ଶବ୍ଦ ପ୍ରଦତ୍ତ ହୋଇଅଛି ଏବଂ ବର୍ତ୍ତମାନ ସମୟରେ ଯେଉଁ ଶବ୍ଦମାନଙ୍କର ପ୍ରଚଳନ ନାହିଁ, ସେ ଗୁଡ଼ିକର ପ୍ରକୃତ ଅର୍ଥ ଓଡ଼ିଆ ଭାଷାର ପଣ୍ଡିତମାନେ ସୁଦ୍ଧା ବୁଝି ପାରିବା ଭଳି କୌଣସି ସୁଗମ ଅଭିଜ୍ଞାନଗ୍ରନ୍ଥ ନାହିଁ । ବିଶେଷତଃ କୌଣସି ବିଦେଶୀୟ ଲୋକ ଓଡ଼ିଆ ଭାଷାର ଆଲୋଚନା କରିବାକୁ ଇଚ୍ଛା କଲେ ଓଡ଼ିଶୀ ରୀତି ( idiom ) ଓ ଓଡ଼ିଆ ଶବ୍ଦସମ୍ବଳିତ ଭାଷାକୋଷର ଅଭାବରୁ ବାଧ୍ୟ ହୋଇ ତାହା କରି ପାରନ୍ତି ନାହିଁ । ଅନେକ ଦିନରୁ ମୁଁ ଏହି ଅସୁବିଧା ଅନୁଭବ କରୁଥିଲି । ଆମ୍ଭେମାନେ ଘରେ ପ୍ରତ୍ୟହ ଯେଉଁ ସବୁ ଶବ୍ଦ ବ୍ୟବହାର କରୁଁ, ଏ ପର୍ଯ୍ୟନ୍ତ ସେ ସବୁ ଶବ୍ଦ ମଧ୍ୟ କୌଣସି ଭାଷାକୋଷରେ ସ୍ଥାନ ପାଇ ନ ଥିବାରୁ ବିଦେଶୀୟଙ୍କ ନିକଟରେ ନିଜ ଭାଷାର ଗୌରବ ପ୍ରଖ୍ୟାପନ କରିବା ଲଜ୍ଜାଜନକ ହୁଏ । ମୁଁ ଚିରଦିନ ସରଳ, ଖାଣ୍ଟି ଓଡ଼ିଆ ଶବ୍ଦ ବ୍ୟବହାରର ପକ୍ଷପାତୀ; ମୋ ଭାଷାରେ ଅବୋଧ ସଂସ୍କୃତ ଶବ୍ଦ ମୁଁ ଯଥାଶକ୍ତି ବର୍ଜନ କରିଥାଏଁ । ଅବଶ୍ୟ ଭାବପ୍ରକାଶରେ ଖାଣ୍ଟି ଓଡ଼ିଆ ଶବ୍ଦର ଅଭାବ ଦେଖିଲେ ମୁଁ ଯଥାସମ୍ଭବ ସରଳ ସଂସ୍କୃତ ଶବ୍ଦ ବ୍ୟବହାର କରେଁ; ମାତ୍ର ଇଚ୍ଛା କରି ଶବ୍ଦାଡ଼ମ୍ବରମୟ କରିବାକୁ ବା ରଚନାର ରୀତିକୁ ବାଗ୍‌ବହୁଳ କରିବାକୁ ସଂସ୍କୃତ ଶବ୍ଦ ପ୍ରୟୋଗ କରେ ନାହିଁ । ମୋ ଲେଖାର ଏହି ରୀତି ବା ଧରଣକୁ ଲକ୍ଷ୍ୟ କରି ଓଡ଼ିଆ ଭାଷାର ସାଧକ ପାଶ୍ଚାତ୍ୟ ପଣ୍ଡିତ ସ୍ୱର୍ଗତ ହେଣ୍ଡରସନ୍ ସାହେବ କଟକ କଲେଜିଏଟ୍ ସ୍କୁଲର ହେଡ୍‌ମାଷ୍ଟର ଥିବାବେଳେ ୧୯୧୩ ମସିହାରେ ଓଡ଼ିଆ ଭାଷାରେ ଖଣ୍ଡିଏ

ପୂର୍ଣ୍ଣାଙ୍ଗ ଅଭିଧାନ ଲେଖିବାକୁ ମୋତେ ସୂଚନା ଦେଇଥିଲେ । ୧୯୧୩ ରୁ ୧୯୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ମୁଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ସହସ୍ର ପ୍ରାଦେଶିକ ଓ ଘରୋଇ ଶବ୍ଦ ସଂଗ୍ରହ କରି ତାହା ଛପା ଖାତା ଓ କାଗଜ-ମାନଙ୍କରେ ଛପିଲି ଏବଂ ପ୍ରାଚୀନ ଓ ଆଧୁନିକ ଗ୍ରନ୍ଥମାନ ପଢ଼ି ତହିଁରେ ଥିବା ସହସ୍ର ସହସ୍ର ବିଶିଷ୍ଟ ଶବ୍ଦକୁ ରେଖାଙ୍କିତ କଲି । ସଙ୍ଗେ ସଙ୍ଗେ ଶବ୍ଦର ପ୍ରୟୋଗମାନ ମଧ୍ୟ ଛପି ରଖିଲି । ୧୯୧୯ ଖ୍ରୀଷ୍ଟାବ୍ଦରେ ଏହି ସବୁ ଶବ୍ଦକୁ ସ୍ୱତନ୍ତ୍ର ଖାତାରେ ବର୍ଣ୍ଣାନୁକ୍ରମରେ ଲେଖିବାକୁ ଆରମ୍ଭ କଲି । ପ୍ରଥମେ ଅନୁକୂଳ କଲାବେଳେ ସଂସ୍କୃତ, ତତ୍ସମ, ତଦ୍ଭବ, ପ୍ରାଚୀନ, ଆଧୁନିକ, ଗ୍ରାମ୍ୟ, ଦେଶଜ, ପ୍ରାଦେଶିକ ଓ ବୈଦେଶିକ ଶବ୍ଦମାନଙ୍କର ବ୍ୟାଖ୍ୟା ଓଡ଼ିଆରେ ଲେଖି ଖଣ୍ଡିଏ ଖାଣ୍ଟି ଓଡ଼ିଆ ଅଭିଧାନ ସଂକଳନ କରିବି ବୋଲି କଳ୍ପନା କରିଥିଲି । ମାତ୍ର କାର୍ଯ୍ୟକ୍ଷେତ୍ରରେ କିଛିଦୂର ଅଗ୍ରସର ହେଲା ପରେ ବୁଝିପାରିଲି ଯେ ଓଡ଼ିଆରେ ବିଶ୍ୱକୋଷ ଶ୍ରେଣୀର ଅଭିଧାନଗ୍ରନ୍ଥ ନାହିଁ ଏବଂ ଭାଷାତତ୍ତ୍ୱସମ୍ବନ୍ଧରେ ତୁଳନାତ୍ମକ ଗବେଷଣା ପାଇଁ ଓଡ଼ିଶାରେ ଏ ପର୍ଯ୍ୟନ୍ତ କୌଣସି ମୂଳଭିତ୍ତି ସ୍ଥାପିତ ହୋଇ ନାହିଁ । ତେଣୁ ଉତ୍କଳ ଭାଷାରେ ପ୍ରଚଳିତ ବ୍ୟାକରଣକୁ ଅନୁସରଣ କରି ମୁଁ ସେହି ସଂଗୃହୀତ ଶବ୍ଦମାନଙ୍କର ବ୍ୟୁତ୍ପତ୍ତି, ଉତ୍ପତ୍ତି ଓ ଅନ୍ୟ ଭାଷା ସଙ୍ଗେ ସମ୍ବନ୍ଧ ନିର୍ଣ୍ଣୟ କରିବାକୁ ଲାଗିଲି । ଏହି ଦୁରୂହ କାର୍ଯ୍ୟ ଯଥାକଥଞ୍ଚିତ୍ ଶେଷ କଲା ପରେ ପୁଣି ମନେ କଲି ଯେ, ଓଡ଼ିଆ ଭାଷାନଭିଜ୍ଞ ବିଚାରପତିମାନଙ୍କୁ ବିଚାରକାର୍ଯ୍ୟରେ ତଥା ବିଦେଶୀୟ ସୁଧୀବୃନ୍ଦଙ୍କୁ ଉତ୍କଳଭାଷା ଶିଖିବାରେ ସାହାଯ୍ୟ କରିବାପାଇଁ ପ୍ରତ୍ୟେକ ଶବ୍ଦର ବ୍ୟାଖ୍ୟା ବା ପ୍ରତିଶବ୍ଦ ଇଂରେଜୀରେ ରହିବା ଆବଶ୍ୟକ । ନବ୍ୟ ଓଡ଼ିଆ ଭାଷାକୁ ବଙ୍ଗଳା ଭାଷା କପରି ପ୍ରଭାବିତ କରିଅଛି, ଏହା ଜାଣିବା ଏବଂ ଓଡ଼ିଆ ଶବ୍ଦମାନଙ୍କର ବଙ୍ଗଳା ପ୍ରତିଶବ୍ଦ ଜାଣିବା ଭାଷାତତ୍ତ୍ୱ ଅଧ୍ୟୟନକାରୀ ଛାତ୍ରମାନଙ୍କର ମଧ୍ୟ ଦରକାର ବୋଲି ଉପଲବ୍ଧି କଲି । ଏହିପରି ହିନ୍ଦୀ ପ୍ରତିଶବ୍ଦ ଜାଣିବାଦ୍ୱାରା ଆଧୁନିକ ଓଡ଼ିଆ ଭାଷାରେ ହିନ୍ଦୀର ପ୍ରଭାବ ଉପଲବ୍ଧି କରିବା ସୁଗମ ହେବ ଓ ହିନ୍ଦୀ ଭାଷା ଭାରତର ସର୍ବତ୍ରବୋଧ୍ୟ ଭାଷାରୂପେ ଗଣ୍ୟ ହେଉଥିବାରୁ ଏବଂ ତାହାକୁ ପଣ୍ଡିତମାନେ ବର୍ତ୍ତମାନ ଭାରତର ଜାତୀୟ ଭାଷାରୂପେ ଚଳାଇବାକୁ ଚେଷ୍ଟା କରୁଥିବାରୁ ହିନ୍ଦୀ ଶବ୍ଦମାନଙ୍କ ସଙ୍ଗେ ଓଡ଼ିଆ ଶବ୍ଦମାନଙ୍କର ସମ୍ବନ୍ଧ ସ୍ଥାପନ ପାଇଁ ହିନ୍ଦୀ ପ୍ରତିଶବ୍ଦ ଦେବାର କଳ୍ପନା ମଧ୍ୟ ପରେ ମୋ ମନରେ ଉଦିତ ହେଲା । କଲିକତା, ପାଟନା ଓ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟମାନଙ୍କର ଉଚ୍ଚତମ ଶ୍ରେଣୀରେ ଯେଉଁ ଛାତ୍ରମାନେ ଓଡ଼ିଆକୁ ମାତୃଭାଷାରୂପେ ପାଠ କରନ୍ତି, ସେମାନଙ୍କୁ ଇଚ୍ଛାଧୀନ ବିଷୟ ( Optional subject ) ରୂପେ ହିନ୍ଦୀ ବା ବଙ୍ଗଳା ଭାଷା ପଢ଼ିବାକୁ ପଡ଼େ । ଏହା ମଧ୍ୟ ଓଡ଼ିଆ ଶବ୍ଦମାନଙ୍କର ଯଥାସମ୍ଭବ ହିନ୍ଦୀ ଓ ବଙ୍ଗଳା ପ୍ରତିଶବ୍ଦମାନ ଦେବାର ଅନ୍ୟତମ କାରଣ । ଗଞ୍ଜାମ ଓ ବିଶାଖପତ୍ତନ ଅଞ୍ଚଳରେ ପ୍ରଚଳିତ ଓଡ଼ିଆ ଭାଷାର ଅନେକ ଶବ୍ଦ ତେଲୁଗୁ ଭାଷାଦ୍ୱାରା ପ୍ରଭାବିତ; ତେଣୁ ଉକ୍ତ ଅଞ୍ଚଳର ପ୍ରଚଳିତ ପ୍ରାଦେଶିକ ଶବ୍ଦମାନଙ୍କର ତେଲୁଗୁ ପ୍ରତିଶବ୍ଦ ଦିଆଯାଇ ଥିଲେ, ଉକ୍ତ ଅଞ୍ଚଳମାନଙ୍କରେ ତେଲୁଗୁ ଭାଷାର ପ୍ରଭାବ ଧରାପଡ଼ିଥାଆନ୍ତା । ତେଲୁଗୁ ଗୋଟିଏ ସ୍ୱତନ୍ତ୍ର ଦ୍ରାବିଡ଼-ଶାଖାର ଭାଷା ଥିବାରୁ ଓ ମୁଁ ଉକ୍ତ ଭାଷାରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବାରୁ ତାହା କରିବାର ସୁବିଧା ମୋ ଭାଗ୍ୟରେ ଘଟିଲା ନାହିଁ ।

ଓଡ଼ିଆ ଭାଷା ଓ ବର୍ଣ୍ଣମାଳା ଅପ୍ରଚଳିତ ହୋଇ ନ ଥିବା ଭାଷାନୁସନ୍ଧିତ୍ସୁ ଓ ବିଶେଷତଃ ପାଶ୍ଚାତ୍ୟ ପଣ୍ଡିତମାନଙ୍କ ପକ୍ଷରେ ଓଡ଼ିଆ ଭାଷା ବୁଝିବା ଦୁଃସାଧ୍ୟ । ଏଥିପାଇଁ ପ୍ରତ୍ୟେକ ମୂଳ ଶବ୍ଦର ଉଚ୍ଚାରଣକୁ ଇଂରାଜୀ ଟ୍ରାନ୍ସ୍‌ଲିଟରେସନ୍ ବା ଅକ୍ଷରାନ୍ତରୀକରଣ କଲେ ଏ ଅଭିଧାନ ଖଣ୍ଡି ଉତ୍କଳର ବାହାରେ ଓ ଇଉରୋପ, ଆମେରିକା ଆଦି ଅଞ୍ଚଳରେ ପଣ୍ଡିତମାନଙ୍କର ଆଦରଣୀୟ ହେବ ବୋଲି କେତେକ ପାଶ୍ଚାତ୍ୟ ପଣ୍ଡିତ ପରାମର୍ଶ ଦେବାରୁ ହଣ୍ଟର, ଗ୍ରିଅର୍‌ସନ୍, ବିମ୍ସ୍, ଉଇଲ୍‌କିନ୍‌ସ୍ ଆଦି ପଣ୍ଡିତମାନଙ୍କର ଅକ୍ଷରାନ୍ତରୀକରଣ ପ୍ରଥା ତୁଳନା କରି ମୁଁ ମୂଳ ଶବ୍ଦମାନଙ୍କର ଇଂରାଜୀ ଅକ୍ଷରରେ ଉଚ୍ଚାରଣ ସେହି ମୂଳ ଶବ୍ଦମାନଙ୍କ ତଳେ ଯୋଗ କରିଅଛି ।

ଅଭିଧାନଟିକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ ପ୍ରୟୋଜନାନୁରୂପ ଐତିହାସିକ, ପୌରାଣିକ, ଭୌଗୋଳିକ, ବୈଜ୍ଞାନିକ, ବୈଦ୍ୟକ, ଜ୍ୟୋତିଷିକ ଶବ୍ଦମାନଙ୍କ ସମ୍ବନ୍ଧରେ ଅବଶ୍ୟଜ୍ଞାତବ୍ୟ କେତେକ କଥା ଯଥାସ୍ଥାନରେ ଯୋଗ କରିଅଛି । ମୁଁ ପାଣ୍ଡୁଲିପି ଲେଖା ଆରମ୍ଭ କରିବା ସଙ୍ଗେ ସଙ୍ଗେ ମୋ ସହକର୍ମିଣୀ ଶ୍ରୀମତୀ ପୀତାମ୍ବରୀ ଦେବୀ ପାଞ୍ଚ ବର୍ଷକାଳ ଅତ୍ୟନ୍ତ ଅଧ୍ୟବସାୟ-ସହକାରେ ଉତ୍କଳର ଗଉଡ଼, ଭଣ୍ଡାରୀ, କମାର, ବଢ଼େଇ, ଚଷା, କେଉଟ, ତନ୍ତୀ ପ୍ରଭୃତି ବିଶିଷ୍ଟ ଜାତି ମଧ୍ୟରେ ବ୍ୟବହୃତ ଶତ ଶତ ଶବ୍ଦ ଓ ପରିଭାଷା ଏବଂ ଗ୍ରାମ୍ୟ ସ୍ତ୍ରୀମାନଙ୍କ ମଧ୍ୟରେ ପ୍ରଚଳିତ ଢଗଢମାଳୀ, ଶତ ଶତ ଗ୍ରାମ୍ୟ ଶବ୍ଦ, ଶିଶୁଗୀତ ଓ ପ୍ରବଚନ ସଂଗ୍ରହ କରି ମୋତେ ଉତ୍ସାହିତ କରିଅଛନ୍ତି । ତାଙ୍କ ସଂଗୃହୀତ ଢଗଢମାଳୀ, ପ୍ରବଚନ, କାହାଣୀ ଓ ସ୍ତ୍ରୀଗୀତରୁ ମୁଁ 'ଭାଷାକୋଷ'ରେ ଅନ୍ତତଃ ପାଞ୍ଚ ହଜାର ଶବ୍ଦ ଯୋଗ କରି ପାରିଅଛି ।

କଟକ ଟ୍ରେନିଂ ସ୍କୁଲରେ ପଢ଼ୁଥିବା ଗାଙ୍ଗପୁରର ଶ୍ରୀମାନ୍ ଚୂଡ଼ାମଣି ନାୟକ ଓ ନଟବର ପାଣ୍ଡେ, ଉଦ୍ଦେଶ୍ୟରେ ଭକ୍ତପ୍ରସାଦ ପଣ୍ଡା, ସମ୍ବଲପୁରର ଗୋପୀନାଥ ଶତପଥୀ ଓ ଭିନ୍ନ ଭିନ୍ନ ଗଡ଼ଜାତର କେତେକ ଉତ୍ସାହୀ ଯୁବକ ସେମାନଙ୍କ ଅଞ୍ଚଳରେ ପ୍ରଚଳିତ ବହୁ ସହସ୍ର ପ୍ରାଦେଶିକ ଶବ୍ଦ, ଢଗ ଓ ପ୍ରବଚନ ମୋତେ ଯୋଗାଇଅଛନ୍ତି । କଟକର ବାପ୍ଟିଷ୍ଟ୍ ମିଶନ୍ ପ୍ରେସର କର୍ତ୍ତୃପକ୍ଷମାନେ ପାଦ୍ରୀ ହାଇକେଲ ସାହେବଙ୍କର ଆଠ ବର୍ଷର ପରିଶ୍ରମସମ୍ଭୂତ ଅପ୍ରକାଶିତ ଓଡ଼ିଆ-ଇଂରାଜୀ ଅଭିଧାନର ୧୫୦୦ ପୃଷ୍ଠାବ୍ୟାପୀ ପାଣ୍ଡୁଲିପି ମୋତେ ଅର୍ପଣ କରିବାରୁ ମୁଁ ତତ୍ପୂର୍ବ ଓଡ଼ିଆ ଶବ୍ଦମାନଙ୍କର ଯେଉଁ ଇଂରାଜୀ ପ୍ରତିଶବ୍ଦମାନ ଲେଖିଥିଲି, ତାହାର ବିଶୁଦ୍ଧତା ତୁଳନା କରିବାର ଓ ଆବଶ୍ୟକ ସ୍ଥଳରେ ଶୁଦ୍ଧ ଇଂରେଜୀ ପ୍ରତିଶବ୍ଦ ଯୋଗ କରିବାର ସୁବିଧା ପାଇଲି । ମେଦିନୀପୁରର ଶ୍ରୀଯୁକ୍ତ ରାଧାନାଥ ପଣ୍ଡା, ସିଂହଭୂମର ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଜୟପୁରର ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ଓ ଗଞ୍ଜାମର ଜୟକୃଷ୍ଣ ଚୌଧୁରୀ ପଟ୍ଟନାୟକ, ଡାକ୍ତର ରାଧାଚରଣ ପଣ୍ଡା ଓ ନୟାଗଡ଼ର ପଣ୍ଡିତ ଗୋଦାବରୀଶ ମହାପାତ୍ର ପ୍ରମୁଖ ସାହିତ୍ୟସେବୀଗଣ ପ୍ରଚଳିତ ସହସ୍ରାଧିକ ପ୍ରାଦେଶିକ ଶବ୍ଦ ମଧ୍ୟ ଯୋଗାଇଲେ । ବଢ଼େଇ, କମାର, କୁମ୍ଭାର, ତନ୍ତୀ, ଶଗଡ଼ିଆ, ନାଉରିଆ, ପାନବରଜିଆ ଆଦିଙ୍କ ବ୍ୟବହୃତ ବହୁ ଶତ ଶବ୍ଦ ମଧ୍ୟ ସେହି ସେହି ବ୍ୟବସାୟୀମାନଙ୍କଠାରୁ ସଂଗ୍ରହ କଲି । ରାୟ ବାହାଦୁର ଅନନ୍ତଚନ୍ଦ୍ର ଦାସ ପ୍ରାଚୀନ ଓଡ଼ିଆ ଗ୍ରନ୍ଥମାନ ପଢ଼ିବା ସମୟରେ ନୋଟ୍ କରି ରଖିଥିବା ଶତ ଶତ ପ୍ରାଚୀନ ଓ ପ୍ରାଦେଶିକ ଶବ୍ଦମାନ ମଧ୍ୟ ମୋତେ ଯୋଗାଇଅଛନ୍ତି । ବହୁ ସହସ୍ର ଓଡ଼ିଆ ଶବ୍ଦର ଯେଉଁ ଅର୍ଥମାନ ଦିଆ ଯାଇଅଛି, ତାହା ସମର୍ଥନ କରିବାପାଇଁ ଶିଷ୍ଟପ୍ରୟୋଗମାନ ବହୁ ଶତ ପ୍ରାଚୀନ ଓ ଆଧୁନିକ ଓଡ଼ିଆ ଗ୍ରନ୍ଥ ଓ ସମ୍ବାଦପତ୍ର ଆଦିରୁ ଅଭିଧାନରେ ସଂଯୋଜିତ କରାଯାଇଅଛି । ଏହି ଭାବରେ ଗ୍ରନ୍ଥର କଲେବର ଅପ୍ରତ୍ୟାଶିତ ଭାବରେ ବଢ଼ିଗଲା । ପ୍ରଭୁଙ୍କ ଅପାର କରୁଣାରୁ ୧୯୨୭ ସାଲ ଅଗଷ୍ଟ ମାସରେ ପାଣ୍ଡୁଲିପିର ପ୍ରାଥମିକ ଲେଖା ଏକପ୍ରକାର ସମ୍ପନ୍ନ ହେଲା ।



**Mahanta Maharaj Sri Gadadhar Ramanuja Das,**
Emar math, Puri.

ପୁରୀ ଏମାର ମଠର ମହନ୍ତ ମହାରାଜ ଶ୍ରୀ ଗଦାଧର ରାମାନୁଜ ଦାସ ।



**Mahanta Sri Radha Krushna Das Goswami,**
Radhakanta math, Puri.

ପୁରୀ ରାଧାକାନ୍ତ ମଠର ମହନ୍ତ ଶ୍ରୀ ରାଧାକୃଷ୍ଣ ଦାସ ଗୋସ୍ୱାମୀ ।

U. S. Press, Cuttack.

ଏହି ପ୍ରାଥମିକ ପାଣ୍ଡୁଲିପି ସଂକଳନରେ ମୁଁ ଏତେ ବ୍ୟାପୃତ ହୋଇ ପଡ଼ିଲି ଯେ, ମୋର ଅର୍ଥାଗମର ପ୍ରଧାନ ଉପାୟ ଓକିଲାତି କାର୍ଯ୍ୟ ପ୍ରାୟ ବନ୍ଦ କରି ଦେଲି । ଏହି ସୁବୃହତ୍ ପାଣ୍ଡୁଲିପିର ସଂଶୋଧନ, ସମ୍ମାର୍ଜନ ଓ ପରିଷ୍କରଣ ଏକାକୀ କରିବସିଲେ ଆହୁରି ଦଶ ବର୍ଷ ଅତିବାହିତ ହେବ ବୋଲି ଜାଣି ସେ ସବୁ କାର୍ଯ୍ୟରେ କେତେକ ସହକର୍ମୀ ଓ ପରିଷ୍କରଣ ପାଇଁ ଶ୍ରୀମତୀ ପୀତାମ୍ବରୀ ଦେବୀଙ୍କୁ ନିଯୁକ୍ତ କଲି ।

ମୁଁ ଏଥିପୂର୍ବେ କହିଅଛି ଯେ, ବର୍ଣ୍ଣକ୍ରମରେ ଏହି ଅଭିଧାନର ପ୍ରଥମ ସଂକଳନ କାର୍ଯ୍ୟ ମୁଁ ୧୯୧୯ ସାଲରେ ଆରମ୍ଭ କରିଥିଲି । ସେ ସମୟରେ ମୁଁ ଯେଉଁ ସୂଚନା ଲେଖିଥିଲି, ତାହା ନିମ୍ନରେ ଦେଉଅଛି ।

**ସୂଚନା**—"ଓଡ଼ିଆ ଭାଷାର କୌଣସି ପୁସ୍ତକ ପଢ଼ିବା ସମୟରେ କିମ୍ବା କୌଣସି ବାକ୍ୟ ଶୁଣିବା ସମୟରେ ଅଜ୍ଞାତ ବାକ୍ୟ ଓ ଶବ୍ଦମାନଙ୍କର ଅର୍ଥ ଜାଣିବା ଆବଶ୍ୟକ ହେଲେ, ଆଜି ପର୍ଯ୍ୟନ୍ତ ଯେତେଗୁଡ଼ିଏ ଅଭିଧାନ ସଂକଳିତ ହୋଇଅଛି, ତାହା ଯଥେଷ୍ଟ (Exhaustive) ନୁହେ, ଏହା ମୁଁ ଅନୁଭବ କରିଅଛି । ଓଡ଼ିଆ ଭାଷା ଓ ସାହିତ୍ୟରେ ଅନେକଗୁଡ଼ିଏ ଶବ୍ଦ ଓ ବିଶିଷ୍ଟ ପ୍ରୟୋଗ ( idiom ) ଦେଖାଯାଏ, ଯାହା ପ୍ରକାଶିତ କୌଣସି ଅଭିଧାନରେ ମିଳେ ନାହିଁ । ଅନେକ ଗ୍ରାମ୍ୟ ( Colloqual ), ଘରୋଇ ( homely ), ଦେଶାଂଶପ୍ରଚଳିତ ( Dialectical ),. ପୁରାତନ ( Classical ) ଶବ୍ଦ ଓ ବାକ୍ୟାଂଶ (phrase), ଅନେକ ଜାତି ବା ବ୍ୟବସାୟବିଶେଷ ପ୍ରଚଳିତଶବ୍ଦ (Words peculiar to various castes and occupations), ଅନେକ ଦେଶଜ ଓ ବିଦେଶାଗତ ଶବ୍ଦ ଏବଂ ବାକ୍ୟମାନଙ୍କର ଅର୍ଥ ଜଣେ ଓଡ଼ିଆ ଭାଷାନଭିଜ୍ଞ ବ୍ୟକ୍ତିର ଜାଣିବା ନିମନ୍ତେ ଖଣ୍ଡିଏ ଉପଯୁକ୍ତ ଅଭିଧାନ ନାହିଁ କହିଲେ ଚଳେ । ଗଉଡ଼, କେଳା, ଚଷା, କମାର, ଧୋବା, କେଉଟ, ଭଣ୍ଡାରି, ତନ୍ତୀ, ଲୁଳାଭିଣା, ବଢ଼େଇ, ଶଗଡ଼ିଆ, ରାଜମିସ୍ତ୍ରୀ, ଡମ, ପାଣ, ଚମାର, ଶିଅଳ, ଚଢ଼େଇମାରୁ, ଲୁଣିଆ, ତେଲି, ଗୁଡ଼ିଆ, ବାଉରି, କଣ୍ଡରା ଆଦିଙ୍କ ଦ୍ୱାରା ବ୍ୟବହୃତ ଅନେକଗୁଡ଼ିଏ ଶବ୍ଦ ଆମ୍ଭେମାନେ ବୁଝି ପାରୁ ନାହିଁ । ଆହୁରି ମଧ୍ୟ, ଚଉତିଶା, ଜଣାଣ, କାହାଣୀ, ଖନାବଚନ, ପ୍ରବାଦ, ବ୍ରତ, ଓଷା, ପୁରୁଣା ଗୀତ, ପାଲା, ପୁରାଣ ଆଦିରେ ଏପରି ଅନେକ ଶବ୍ଦ ଓ ବାକ୍ୟ ଆମ୍ଭମାନଙ୍କ ହାବୁଡ଼ରେ ପଡ଼େ, ଯେ ସବୁର ଅନ୍ଦାଜି ଅର୍ଥ କରି ଆମ୍ଭମାନଙ୍କୁ କାମ ଚଳାଇନେବାକୁ ହୁଏ । ଆହୁରି ମଧ୍ୟ ଦେଖାଯାଏ ଯେ, ମେଦିନୀପୁର, ସିଂହଭୂମ, ବଙ୍ଗଦେଶ, ଗଞ୍ଜାମ, ବିଶାଖପଟ୍ଟନ, ମଧ୍ୟପ୍ରଦେଶ, ସମ୍ବଲପୁର, ଗଡ଼ଜାତ ପ୍ରଭୃତିରେ ପ୍ରଚଳିତ ଓଡ଼ିଆ ଶବ୍ଦମାନଙ୍କରେ ଏତେ ପ୍ରଭେଦ ଓ ବିଶେଷତ୍ୱ ( Dialectical peculiarities ) ଅଛି ଯେ, ଏକଦେଶବାସୀ ଓଡ଼ିଆମାନେ ଅନ୍ୟ ଦେଶରେ ପ୍ରଚଳିତ ଓଡ଼ିଆ ଭାଷା ବୁଝି ପାରନ୍ତି ନାହିଁ । ଏଥିର ଉଦାହରଣ ଦେଇ ଏ ପ୍ରବନ୍ଧର କଳେବର ବୃଦ୍ଧି କରିବା ମୋର ଉଦ୍ଦେଶ୍ୟ ନୁହେ । ଆହୁରି ମଧ୍ୟ ଦେଖାଯାଏ ଯେ, ଆମ ଭାଷାରେ Onomatopœic ( ଧ୍ୱନ୍ୟନୁକାରୀ ) ଶବ୍ଦ ଅନେକ ଅଛି, କିନ୍ତୁ ଲେଖକ ଓ ଭାଷା ବ୍ୟବହାରକାରୀମାନେ ଅଜ୍ଞତାବଶତଃ ପ୍ରୟୋଜନ ସ୍ଥଳରେ ବ୍ୟବହାର କରିବା ନିମନ୍ତେ ଗୋଟିଏ ସ୍ଥାନାନୁରୂପ ଚଳୁଥିବା ଶବ୍ଦ କୁ ବସାଇ ଅନ୍ୟ ଭାଷାରୁ ଆଣି ଗୋଟିଏ ଶବ୍ଦ ବସାଇ ହାସ୍ୟାସ୍ପଦ ହୁଅନ୍ତି । ବର୍ତ୍ତମାନ ଯୁଗରେ ଓଡ଼ିଆମାନେ ଯେତେ ବେଶି ଅନ୍ୟ ଜାତି ଓ ଅନ୍ୟ ଦେଶମାନଙ୍କ ସଂସ୍ରବରେ ଆସୁଅଛନ୍ତି, ଓଡ଼ିଆ ଭାଷାରେ ସେତିକି ବେଶି ବିଦେଶୀୟ ଶବ୍ଦ ଆସି ପଶୁଅଛି ଓ ସେ ଶବ୍ଦ ଗୁଡ଼ିକ କ୍ରମଶଃ ଓଡ଼ିଆ ଭାଷାର ନିଜସ୍ୱ ହୋଇ ଯାଉଅଛି । ଅନେକ ଗୁଡ଼ିଏ ନୂତନ ନିର୍ମିତ ଶବ୍ଦ ଭାଷାରେ ପ୍ରବେଶ ଲାଭ କରୁଅଛି । ବିଜ୍ଞାନ, ଆଇନ, ବ୍ୟବସାୟ, ବାଣିଜ୍ୟ, ରାଜନୀତି, କଳେଇ ଆଦି ସଙ୍ଗେ ଆମ୍ଭମାନଙ୍କର ଯେତିକି ଘନିଷ୍ଠତା ବଢ଼ୁଅଛି, ସେତିକି ନୂଆ ନୂଆ ଶବ୍ଦ ଆମ ଭାଷାରେ ପଶୁଅଛି ।

"ଓଡ଼ିଆ ଭାଷାର ଆଦିମ ମାତା ସଂସ୍କୃତ ଭାଷା । ସଂସ୍କୃତ ଓ ସଂସ୍କୃତମୂଳକ ଶବ୍ଦମାନ ଓଡ଼ିଆଭାଷାର ମୂଳଭିତ୍ତି । କେହି କେହି କହନ୍ତି ଯେ, ଯେଉଁ ମୂଳ ସଂସ୍କୃତ ଶବ୍ଦମାନ ଓଡ଼ିଆ ଭାଷାରେ ଚଳୁଅଛି, ସେମାନଙ୍କୁ ଓଡ଼ିଆ ଅଭିଧାନରେ ସ୍ଥାନ ଦେବା ପ୍ରୟୋଜନ ନାହିଁ । କେହି କେହି କହନ୍ତି, ଦେଶାଂଶପ୍ରଚଳିତ ବା ଇତରଜନ ବ୍ୟବହୃତ ଅଶୁଦ୍ଧ ଶବ୍ଦମାନ ଅଭିଧାନରେ ସ୍ଥାନ ପାଇବା ଉଚିତ ନୁହେ । କିନ୍ତୁ ମୋର ମତ ଯେ, ଅଭିଧାନସଙ୍କଳୟିତାଙ୍କର କେବଳ ମାତ୍ର ଶବ୍ଦ ସଂଗ୍ରହ ଓ ଶବ୍ଦାର୍ଥ ଲିପିବଦ୍ଧ କରିବା କର୍ତ୍ତବ୍ୟ ଅଟେ । ଲୋକମୁଖରେ ହେଉ, ବ୍ୟବହାରରେ ହେଉ, ପୁସ୍ତକରେ ହେଉ, ଦେଶବିଶେଷରେ ହେଉ, ଜାତିବିଶେଷରେ ହେଉ, ଯେଉଁଠାରେ ସେ ଗୋଟିଏ ଶବ୍ଦ ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଦେଖିବେ, ତାହା ସଂଗ୍ରହ କରି ଆଣି ଅଭିଧାନରେ ସ୍ଥାନ ଦେବେ । କିଏ ଶୁଦ୍ଧ, କିଏ ଅଶୁଦ୍ଧ, କେଉଁ ନିୟମ ( principle ) ଅନୁସାରେ ବା କେଉଁ ଆଦର୍ଶ (standard) ଅନୁସାରେ ଶବ୍ଦର ଶୁଦ୍ଧି ଅଶୁଦ୍ଧି ନିର୍ଣ୍ଣୀତ ହେବ, ତାହା ଅଭିଧାନକାରଙ୍କର ଇଲାକା ନୁହେ । ମନେ କରନ୍ତୁ, ଜଣେ ବିଦେଶୀ ଲୋକ ଓଡ଼ିଆ ଭାଷା ଶିକ୍ଷା କରୁଅଛନ୍ତି । ସେ ବାଉରି ସାହିରେ ପଶନ୍ତି ସେଠାରେ ବାଉରାଣୀଙ୍କ ମୁହଁରୁ 'ଖୁଡ଼ିଉର' ଶବ୍ଦଟି ଶୁଣିଲେ, କିନ୍ତୁ କିଏ ତାଙ୍କୁ ବୁଝାଇ ଦେବ ଯେ, 'ଖୁଡ଼ିଉର' ଅଶୁଦ୍ଧ ଓ ପ୍ରକୃତରେ ତାହା 'ଖୁଡ଼ିଉଳ' ହେବା ଉଚିତ ? ସେ କୌଣସି ଅଭିଧାନରୁ ଯଦି ଏଥିର ଆଭାସ ନ ପାଆନ୍ତି, ତାହାହେଲେ ସେ ଉକ୍ତ ଶବ୍ଦଟି ବୁଝିବାକୁ ଅକ୍ଷମ ହେବେ । ଜାତିବିଶେଷଙ୍କର ବା ସ୍ଥାନବିଶେଷର ଉଚ୍ଚାରଣ ଗୁଣରୁ ଓ ଜଳବାୟୁର ପ୍ରଭାବରୁ ଭାଷା ଓ ଶବ୍ଦମାନ ରୂପାନ୍ତରିତ ହୋଇଥାଏ ଓ ଗୋଟିଏ ଶବ୍ଦ ଭିନ୍ନ ଭିନ୍ନ ଆକାର ଧାରଣ କରିଥାଏ । ମୋର ମତ ଯେ, ଦେଶାଂଶ ପ୍ରଚଳିତ ଓ ଇତରଜନ ବ୍ୟବହୃତ ଶବ୍ଦମାନ, ସାଧାରଣତଃ ଯାହାକୁ ଆମ୍ଭେମାନେ ଉଚ୍ଚାରଣଦୃଷ୍ଟିରେ ବା ଅର୍ଥଦୃଷ୍ଟିରେ ଅଶୁଦ୍ଧ ବୋଲି କହୁଁ [ ଯଥା—ଖୁଡ଼ିଉର (ଳ), ବଉର (ଳ), ନେଉର (ଳ), ମେତେ (ମୋତେ), ସୁନ୍ଦେଇ (ସୁନ୍ଦରୀ), ଗନ (ଗଳ), ଡେପା (ପେଟ୍), ଅନୁରାଗ (କ୍ରୋଧ), ଆସନ (ଶୟନ), ଅନ୍ଧକ୍କାର (ଅନ୍ଧକାର), ବ୍ରତମାନ (ବର୍ତ୍ତମାନ), ଆସ୍ରିପାଦ (ଆଶୀର୍ବାଦ), ଦ୍ରଶନ (ଦର୍ଶନ), ପରତକ୍ଷ ( ପ୍ରତ୍ୟକ୍ଷ ), ଚକ୍ଷୁ ( ଚକ୍ଷୁ ), ସିମି (ଶିବ), ଗୁଡ଼ (ଗୋଡ଼), ବଠାଇବା (ପଠାଇବା) ] ସେ ଗୁଡ଼ିକ ଅଭିଧାନରେ ସ୍ଥାନ ପାଇବା ଉଚିତ । ଅଥଚ ଉକ୍ତ ଶବ୍ଦମାନଙ୍କ ସମ୍ବନ୍ଧରେ ସେହି ଶବ୍ଦ ସଙ୍ଗେ ତହିଁର ଇତିହାସ ନୋଟ୍ ହେବା ଉଚିତ । ବରଞ୍ଚ ଏପରି ପ୍ରୟୋଗ ଅଶୁଦ୍ଧ ବୋଲି ଲେଖା ରହିବାରେ ଆପତ୍ତି ନାହିଁ; କିନ୍ତୁ ଗୋଟିଏ ପ୍ରଚଳିତ ଶବ୍ଦକୁ ଏକାବେଳକେ ଅଶୁଦ୍ଧ ବୋଲି ଅଭିଧାନର ଭିତରୁ ବାହାର କରିଦେଲେ, ଉକ୍ତ ଅଭିଧାନଟି ଅସମ୍ପୂର୍ଣ୍ଣ ହେଲା ବୋଲି ମୋର ମତ ଅଟେ ।

"କଥିତ ଶବ୍ଦ ଓ ଲିଖିତ ସାହିତ୍ୟରେ ଯେଉଁ ଶବ୍ଦମାନ ସାଧାରଣତଃ ବ୍ୟବହୃତ ହେବାର ଦେଖାଯାଏ, ସେ ଗୁଡ଼ିକର ଆକ୍ଷରିକ, ପ୍ରାକୃତିକ ଓ ପ୍ରଚଳିତ ଅର୍ଥ, ବ୍ୟବହାର, ଇତିହାସ, ପ୍ରକୃତି ଓ ବିଶେଷତ୍ୱ ଆଦି ଲିପିବଦ୍ଧ

କର ରଖିବା ଅଭିଧାନ ଲେଖକଙ୍କର କର୍ତ୍ତବ୍ୟ ବୋଲି ମୁଁ ମନେକରେଁ । ଏ ଶବ୍ଦକୁ ଅଶୁଦ୍ଧ, ଅବ୍ୟବହାର୍ଯ୍ୟ, ଅଶ୍ଳୀଳ, ଇତରଜନ ବ୍ୟବହୃତ, ପ୍ରାଚୀନପ୍ରୟୋଗ, ବିଦେଶୀୟ, ଯାବନିକ ବୋଲି ଉକ୍ତ ଶବ୍ଦକୁ ଅଭିଧାନରେ ସ୍ଥାନ ନ ଦେବା ମୋ ମତରେ ପ୍ରକୃତ କର୍ତ୍ତବ୍ୟ ନୁହେ । 'ଭାଷାକୋଷ'ରେ ସମସ୍ତ ବ୍ୟବହୃତ ଶବ୍ଦ ସ୍ଥାନ ପାଇବ ଓ ତହିଁ ସଙ୍ଗେ ସଙ୍ଗେ ଉକ୍ତ ଶବ୍ଦ ସମ୍ବନ୍ଧରେ ଅଭିଧାନକାର ତାଙ୍କର ମନ୍ତବ୍ୟସମ୍ବଳିତ ନୋଟ୍ ଲିପିବଦ୍ଧ କରି ପାରିବେ ।

"କିନ୍ତୁ ଏ ପ୍ରଣାଳୀରେ ଶବ୍ଦ ସଂଗ୍ରହ କରିବା କାର୍ଯ୍ୟରେ ମଧ୍ୟ ଗୁରୁତର ବିଚାରଣୀୟ ବିଷୟ ଅଛି । ଅଧାପାଠୁଆ ଓ କଚିରିଆମାନେ ଅନେକ ସମୟରେ ହ୍ରସ୍ୱ ଇ, ଦୀର୍ଘ ଈ; ହ୍ରସ୍ୱ ଉ, ଦୀର୍ଘ ଊ; ଦନ୍ତ୍ୟ ସ, ତାଲବ୍ୟ ଶ, ମୂର୍ଦ୍ଧନ୍ୟ ଷ; ଅନ୍ତଃସ୍ଥ ଯ, ବର୍ଗ୍ୟ ଜ ର ପ୍ରଭେଦ ପ୍ରତି ଆଦୌ ଦୃଷ୍ଟି ରଖନ୍ତି ନାହିଁ । ଏ ବ୍ୟବହାର ସର୍ବଥା ପରିହାର୍ଯ୍ୟ, କାରଣ ଏଗୁଡ଼ିକ ଅଶୁଦ୍ଧ । କେତେକ ସ୍ଥାନରେ କ୍ଲୋଥ (କୋଲଥ), କୌଇନ ( ନୂଇନ ) ପରି ଶବ୍ଦର ବ୍ୟବହାର ମଧ୍ୟ ଦେଖାଯାଏ । ତଥାପି ମୋର ମତ ଯେ, ଅଭିଧାନରେ ଏଥିର ମଧ୍ୟ ଆଭାସ ଓ ନୋଟ୍ ରହିବା ଉଚିତ । କେହି କେହି କହନ୍ତି ଯେ, ଯେତେବେଳେ କଥାବାର୍ତ୍ତା ସମୟରେ ଓ ଉଚ୍ଚାରଣରେ ଆମ୍ଭମାନଙ୍କ ଭାଷାରେ ଦନ୍ତ୍ୟ ସ, ତାଲବ୍ୟ ଶ, ମୂର୍ଦ୍ଧନ୍ୟ ଷ, ଇ, ଈ, ଉ, ଊ, ଯ ଓ ଜ ର ପ୍ରଭେଦ ରହୁ ନାହିଁ ଲେଖାରେ ସେ ପ୍ରଭେଦ ରଖିବାର ଆବଶ୍ୟକତା କଅଣ ? ଭାଷାରେ ଗୋଟିଏ 'ଇ', ଗୋଟିଏ 'ଉ' ଗୋଟିଏ 'ସ', ଗୋଟିଏ 'ଜ', ଗୋଟିଏ 'ବ' ରଖିଲେ ଓ ଋ, ୠ, ଌ, ୡ ଉଠାଇ ଦେଲେ ବର୍ଣ୍ଣମାଳା କମିଯିବ ଏବଂ ସଂଯୁକ୍ତ ବର୍ଣ୍ଣମାନ ଉଠାଇ ଦେଇ ହଲନ୍ତ ସାହାଯ୍ୟରେ ଯୁକ୍ତାକ୍ଷରମାନ ପ୍ରକାଶ କଲେ ଓଡ଼ିଆ ଭାଷା ସରଳ ହୋଇଯିବ । ଯେ ହେଉ, ଏ ବିଷୟ ଅଭିଧାନସଂଗ୍ରାହକଙ୍କର ଇଲାକାବହିର୍ଭୂତ ଅଟେ । ମୋ ମତରେ ଅଭିଧାନକାରଙ୍କର 'ଗଲି ଥିଲି, ଯାହା ଦେଖିଥିଲି ତାହା କହିଲି', 'କାଳୁ ଥା, ଯାହା ପାଉଥିବୁ ବାନ୍ଧୁ ଥା'—ଏହି ମନ୍ତ୍ର ପୁରଶ୍ଚରଣକରିବା କର୍ତ୍ତବ୍ୟ । ଭାଷାତତ୍ତ୍ୱବିତ୍ ଓ ସାହିତ୍ୟିକମାନେ ଶବ୍ଦମାନଙ୍କର ବିଶୁଦ୍ଧତା ଓ ଅଶୁଦ୍ଧତା ମୀମାଂସା କରନ୍ତୁ । ଅଭିଧାନକାର ପୂର୍ବେ ବା ବର୍ତ୍ତମାନ ଯେଉଁଠାରେ ଯାହା କଥିତ ବା ଲିଖିତ ହେଉଥିବା ଦେଖିବେ ତାହା ସବୁ ସଂଗ୍ରହ କରି ରଖିଯିବେ ।

"ଓଡ଼ିଆ ଭାଷାର ଖଣ୍ଡିଏ 'ଶବ୍ଦକୋଷ' ସଂକଳିତ ହେଲେ, ଭାଷାର ଗୋଟିଏ ପ୍ରଧାନ ଅଭାବ ଦୂର ହୁଅନ୍ତା ବୋଲି ମୁଁ ବହୁ ଦିନରୁ ଅନୁଭବ କରୁଥିଲି । ମିଃ ବେଣ୍ଟ୍ରସନ୍ ମୋତେ ପହିଲେ ମଧ୍ୟ ଏହି ଉପଦେଶ ଦେଇଥିଲେ । ସ୍ୱର୍ଗତ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ସଂକଳିତ ଅଭିଧାନର ପାଣ୍ଡୁଲିପି ପ୍ରଥମେ ମୋର ହସ୍ତଗତ ହେବା ସମୟରେ ଯେଉଁ ଯେଉଁ ଅକ୍ଷରମାନ ମୋର ହସ୍ତଗତ ହୋଇଥିଲା, ସେଥିରେ ମୁଁ ଅନେକଗୁଡ଼ିଏ ଭାଷାପ୍ରଚଳିତ ଶବ୍ଦ ଯୋଗ କରି ଦେଇଥିଲି; କିନ୍ତୁ ନାନା କାରଣରୁ ପଣ୍ଡିତ ମହାଶୟଙ୍କର ଅଭିଧାନକୁ ମୋ ମନ ଅନୁସାରେ ଶବ୍ଦ-ପ୍ରଚୁର କରିବା ମୋ ଭାଗ୍ୟରେ ଘଟିଲା ନାହିଁ । ଫଳତଃ ମୋର ବାସନା ଅପୂର୍ଣ୍ଣ ରହିଗଲା । ଗୋଟିଏ ଶବ୍ଦ-ପ୍ରଚୁର ନିରପେକ୍ଷ ଓଡ଼ିଆ ଶବ୍ଦକୋଷ ସଙ୍କଳନ କରିବାର ଗୁରୁତର କାର୍ଯ୍ୟ-ଭାର ବହନ କରିବା ମୋ ପକ୍ଷରେ ଅସମ୍ଭବ । ସେଥିଲାଗି ଯେଉଁ ଭାଷାଭିଜ୍ଞତା, ଅନୁସନ୍ଧିତ୍ସା, ଅଧ୍ୟବସାୟ, ଶବ୍ଦପାଣ୍ଡିତ୍ୟ, ଭ୍ରମଣଶୀଳତା, ନାନା ସ୍ଥାନ ଓ ପୁସ୍ତକରୁ ଶବ୍ଦ ସଂଗ୍ରହ କରିବାର ଶକ୍ତି ଓ ସମୟ ଆବଶ୍ୟକ, ତାହା ମୋର ନାହିଁ । କେତେକ ସାହିତ୍ୟିକ ବନ୍ଧୁଙ୍କୁ ଏ ଭାର ଗ୍ରହଣ କରିବା ନିମନ୍ତେ ଅନୁରୋଧ କଲି; କିନ୍ତୁ ଫଳତଃ ଏ କ୍ଷେତ୍ରରେ କାହାରିକୁ କଷ୍ଟା-ସହିତ ଅଗ୍ରସର ହେବା ଦେଖିଲି ନାହିଁ । ଏପରି ସ୍ଥଳରେ ଅଗତ୍ୟା ଏ ଗୁରୁଦାୟିତ୍ୱରେ ମୁଁ ହସ୍ତକ୍ଷେପ କଲି ଓ ଏ ଶବ୍ଦକୋଷର ପ୍ରକାଶିତ ଓ ମୁଦ୍ରିତ ହେବା ପୂର୍ବରୁ ଭିନ୍ନ ଭିନ୍ନ ଉତ୍କଳଭାଷୀ ଅଞ୍ଚଳର ଅଭିଜ୍ଞ ଓ ସାହିତ୍ୟାନୁରକ୍ତ ବନ୍ଧୁମାନଙ୍କୁ ଦେଖାଇ ଏ ଶବ୍ଦକୋଷକୁ ଓଡ଼ିଆ ଭାଷାର Comprehensive 'ଶବ୍ଦକୋଷ' ରୂପରେ ସର୍ବସାଧାରଣଙ୍କ ହସ୍ତରେ ସମର୍ପଣ କରିବି ବୋଲି ଇଚ୍ଛା କରି ଶ୍ରୀ ପରମେଶ୍ବରଙ୍କ ନାମରେ ଏ ଦୁରୂହ କାର୍ଯ୍ୟରେ ହସ୍ତକ୍ଷେପ କରୁଅଛି । ଗତ ଛଅ ବର୍ଷ ହେଲା ଟିପାଟିପି କରି ଶବ୍ଦ ସଂଗ୍ରହ କରିଥିଲି ଓ ୧୯୧୬।୧୭ ରେ ତାକୁ ଅକ୍ଷରକ୍ରମରେ ସଜାଇଥିଲି । ଆଜି ଉକ୍ତ ଟିପାମାନଙ୍କରୁ ପ୍ରଥମ ଶବ୍ଦ ପାଣ୍ଡୁଲିପିରେ ଲେଖିବାକୁ ଆରମ୍ଭ କଲି । ଇତି ।

ସିଦ୍ଧେଶ୍ୱରପୁର
୩-୧୦-୧୯
୧୩୨୭ ସାଲ, ଆଶ୍ୱିନ ଶୁକ୍ଳ ନବମୀ
ଶୁକ୍ରବାର ।"

ପ୍ରଭୁଙ୍କ କରୁଣାରୁ ଶବ୍ଦସଂଗ୍ରହର ପ୍ରାଥମିକ କାର୍ଯ୍ୟ ୧୩।୮।୨୬ ରେ ଶେଷ ହେଲା । ଇତି ମଧ୍ୟରେ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟ Vernacular Development Committee ( ପ୍ରାଦେଶିକ ସାହିତ୍ୟବିବର୍ଦ୍ଧିନୀ ସମିତି ) ନାମରେ ଗୋଟିଏ ସମିତି ସାର୍ ଅଲି ଇମାମ୍ଙ୍କ ସଭାପତିତ୍ୱରେ ଗଠନ କଲେ ଓ ତହିଁର ୨୬।୨।୨୬ ତାରିଖର ବିଶିଷ୍ଟ ଅଧିବେଶନକୁ ଉତ୍କଳର ବିଭିନ୍ନ ଅଞ୍ଚଳର କେତେକ ଓଡ଼ିଆ ଭାଷା—ପଣ୍ଡିତ ଓ ପ୍ରୋଫେସର୍ ବିଜୟଚନ୍ଦ୍ର ମଜୁମଦାରଙ୍କୁ ନିମନ୍ତ୍ରଣ କରିଥିଲେ । ବିଶାଖାପଟ୍ଟଣାର ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମାଙ୍କ ( ଯେଉଁ ମହାତ୍ମା ବର୍ତ୍ତମାନ ଜୟପୁର ରାଜଗାଦୀ ଅଳଂକୃତ କରୁଅଛନ୍ତି ) ପ୍ରସ୍ତାବ, ପ୍ରୋଫେସର୍ ମଜୁମ୍ଦାରଙ୍କ ଅନୁମୋଦନ ଓ ସର୍ବସମ୍ମତିକ୍ରମେ ଧାର୍ଯ୍ୟ ହେଲା ଯେ ସମଗ୍ର ଉତ୍କଳଭାଷୀ ଅଞ୍ଚଳରେ ସର୍ବଜନବ୍ୟବହୃତଶବ୍ଦାବଳିସମ୍ବଳିତ ଓଡ଼ିଆ ଭାଷାର ଗୋଟିଏ ସ୍ୱତନ୍ତ୍ର ଅଭିଧାନ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ସାଧନ ପାଇଁ ଏକାନ୍ତ ଆବଶ୍ୟକ । ସେତେବେଳକୁ ମୋର ପାଣ୍ଡୁଲିପି ଦନ୍ତ୍ୟ 'ସ' ପର୍ଯ୍ୟନ୍ତ ଅଗ୍ରସର ହୋଇଥାଏ । ଉକ୍ତ ଅଭିଧାନର ପାଣ୍ଡୁଲିପିକୁ ଉପସ୍ଥିତ ଭଦ୍ରବ୍ୟକ୍ତିଗଣଙ୍କୁ ଦେଖାଇବାରେ ସେମାନେ ଏହାକୁ ସ୍ୱାଗତସମ୍ଭାଷଣକଲେ । ଏହି ନିର୍ଦ୍ଧାରଣ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କର ୨୧।୧୦।୨୬ ତାରିଖର ୪୧୩ ନମ୍ବର ( ଇ ) ରିଜଲିଉସନ୍ ସଙ୍ଗେ ମୁଦ୍ରିତ ହୋଇଥିଲା । ଉକ୍ତ ନିର୍ଦ୍ଧାରଣଦ୍ୱାରା ଉତ୍ସାହିତ ହୋଇ ମୁଁ ଭାଷାକୋଷ ମୁଦ୍ରଣର ଅର୍ଥ ସାହାଯ୍ୟପାଇଁ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରରେ ଉପସ୍ଥିତ ହେଲି । ବିହାର ଓଡ଼ିଶାର ତଦାନୀନ୍ତନ ଶିକ୍ଷାବିଭାଗର ଡାଇରେକ୍ଟର ଲାମ୍ବର୍ଟ୍ ସାହେବଙ୍କ ଅନୁରୋଧକ୍ରମେ କଟକର ବାପ୍ଟିଷ୍ଟ ମିସନାରୀ ଶ୍ରୀଯୁକ୍ତ ପାଇକ୍(Revd. Mr. H. W. Pike) ( ବାଇବଲ ନୂତନ ସମାଚାରର ଆଧୁନିକ ଓଡ଼ିଆ ଅନୁବାଦକ ଓ ଜଣେ ଓଡ଼ିଆ ଭାଷା ପଣ୍ଡିତ) ମୋହର ପାଣ୍ଡୁଲିପି ଗୁଡ଼ିକ ବହୁସ୍ଥାନରେ ତନ୍ନ ତନ୍ନ କରି ପରୀକ୍ଷାପୂର୍ବକ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ଯେ, "ବର୍ତ୍ତମାନ ଓଡ଼ିଆ ଭାଷାରେ ଏ ଅଭିଧାନର ପାସଙ୍ଗରେ ପଡ଼ିବା ଭଳି କୌଣସି ଅଭିଧାନ ନାହିଁ; ଏହି ବିରାଟ ମୂଲ୍ୟବାନ୍ ଗ୍ରନ୍ଥ ଛାପା ହେଲେ ଓଡ଼ିଆ ଭାଷାର ଗୋଟିଏ ପ୍ରଧାନ ଅଭାବ ପୂରଣ ହେବ ଓ ଏହା ଉତ୍କଳ ଭାଷା ତଥା ସାହିତ୍ୟ ଚର୍ଚ୍ଚାପକ୍ଷରେ ପ୍ରତିଦିନ ଲୋଡ଼ା ଗୋଟିଏ ବିଶିଷ୍ଟ ଅଭିଜ୍ଞାନଗ୍ରନ୍ଥ ହେବ; ଏହାକୁ 'ଭାଷା-କୋଷ' ନ କହି 'ବିଶ୍ୱକୋଷ' ଆଖ୍ୟା ଦିଆଯାଇ ପାରେ ।"

ଲାମ୍ବର୍ଟ ସାହେବ ମଧ୍ୟ ଶ୍ରୀଯୁକ୍ତ ବିଶ୍ୱନାଥ କର ଓ ପ୍ରୋଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କୁ ଏ ଅଭିଧାନ ବିଷୟ ପଚାରିବାରେ ସେମାନେ ଏଥିର ସପକ୍ଷରେ ଅନୁକୂଳ ମତ ଦେଲେ । ଉତ୍କଳର ପ୍ରାୟ ସବୁ ବିଶିଷ୍ଟ ସମ୍ବାଦପତ୍ର (ଉତ୍କଳଦୀପିକା, ଦୈନିକ ଆଶା, ପ୍ରଜାତନ୍ତ୍ର, ଯୁଗ ଉତ୍କଳ, ସମାଜ, ଗଡ଼ଜାତ-ବାସିନୀ, ପଲ୍ଲୀବାସୀ, ଶକ୍ତି)ମାନଙ୍କର ସମ୍ପାଦକମାନେ ପାଣ୍ଡୁଲିପିମାନ ପରୀକ୍ଷା କରି ଅନୁକୂଳ ମନ୍ତବ୍ୟ ଦ୍ୱାରା ମୋତେ ଉତ୍ସାହିତ କଲେ ।

ମହାତ୍ମା ଗାନ୍ଧି ୧୯୨୭ ସାଲରେ କଟକ ଆସିଥିବା ସମୟରେ ତାଙ୍କୁ ଏବଂ ତାଙ୍କ ସହଚର କାକା କାଲେଲକାରଙ୍କୁ ପାଣ୍ଡୁଲିପିର କେତେକ ଅଂଶ ପଢ଼ି ଶୁଣାଇ ଦିଆଯିବାରେ ସେମାନେ କେତେଗୁଡ଼ିଏ ସୂଚନା ଦେଇ ମୋତେ ଉତ୍ସାହିତ କରିଥିଲେ । ଯେଉଁଦିନ (ଗହ୍ମା ପୂର୍ଣ୍ଣିମା) ମୋର ପାଣ୍ଡୁଲିପିର ଏକଓଡ଼ିକିଆ ଲେଖା ଶେଷ ହେଲା, ସେଦିନ ସ୍ୱର୍ଗତ ଗୋପବନ୍ଧୁ ଦାଶ ମୋ ଗୃହକୁ ଆସି ମୋତେ ସାଦରସମ୍ଭାଷଣ କଲେ ଓ ତାଙ୍କ 'ସମାଜ'ରେ ଏ ଗ୍ରନ୍ଥର ମୂଲ୍ୟବତ୍ତା ଓ ଉପାଦେୟତା ପ୍ରଚାର କରି ମୋତେ ବିଶେଷ ଉତ୍ସାହିତ କଲେ ।

ଗଭର୍ଣ୍ଣମେଣ୍ଟ ମୋତେ ଲିଖିତ ଭାବରେ ସରକାରୀ ପତ୍ର ଦ୍ୱାରା ଜଣାଇଲେ ଯେ "ଆପଣଙ୍କର ଭାଷାକୋଷ ଓଡ଼ିଆ ଭାଷାର ଅନୁଶୀଳନାର୍ଥ ଗୋଟିଏ ମୂଲ୍ୟବାନ୍ ଉପାଦାନରୂପେ ଗୃହୀତ ହେବ ବୋଲି ଗଭର୍ଣ୍ଣମେଣ୍ଟ ଅବଧାରଣ କରୁଅଛନ୍ତି ।" ଗଭର୍ଣ୍ଣମେଣ୍ଟଙ୍କର ସେ ସମୟର ଅର୍ଥକୃଚ୍ଛ୍ରତା ଯୋଗୁଁ 'ଭାଷାକୋଷ'ର ମୁଦ୍ରଣ ଓ ପରିମାର୍ଜନପାଇଁ ଗଭର୍ଣ୍ଣମେଣ୍ଟଙ୍କଠାରୁ ପ୍ରାର୍ଥିତ ଅର୍ଥ ସାହାଯ୍ୟ ବିଷୟରେ ଅନୁକୂଳ ଆଦେଶ ପାଇବାରେ କିଛିଦିନ ବିଳମ୍ବ ଘଟିଲା । ଏଥି ମଧ୍ୟରେ ପାଣ୍ଡୁଲିପି ଗୁଡ଼ିକର ସମ୍ମାର୍ଜନ, ତହିଁରେ ଶିଷ୍ଟ ପ୍ରୟୋଗ ଯୋଜନା ଓ ତାକୁ ଛାପାଖାନା ପାଇଁ ଉପଯୋଗୀ କରିବାକୁ ସେ ଗୁଡ଼ିକର ପରିଷ୍କରଣ କାର୍ଯ୍ୟ କିପରି ସମାହିତ ହେବ, ଏହାହିଁ ମୋର ପ୍ରଧାନ ଚିନ୍ତାର ବିଷୟ ହେଲା । ଏଥି ସକାଶେ ମୋର ସହକର୍ମୀମାନଙ୍କ ପାରିଶ୍ରମିକ ଓ ମୋ ନିଜର ଖୋରାକି ପାଇଁ ମାସିକ ତିନି ଶହ ଟଙ୍କା ଲୋଡ଼ା ପଡ଼ିଲା । ମୁଁ ଓକିଲାତି ଛାଡ଼ିଥିବାରୁ ଏ ଅର୍ଥ ସଂସ୍ଥାନ ପାଇଁ ଅନନ୍ୟୋପାୟ ହୋଇ ପଡ଼ିଲି ଓ ସମ୍ବାଦପତ୍ରମାନଙ୍କରେ ସର୍ବସାଧାରଣଙ୍କୁ ଅର୍ଥ ଓ ଆଶିର୍ବାଦ ଅର୍ଦ୍ଧ ପ୍ରାର୍ଥନା କଲି । ୧୯୨୮ ଅକ୍ଟୋବର ମାସରେ କଳାହାଣ୍ଡିର ମହାରାଜ ଶ୍ରୀ ବ୍ରଜମୋହନ ଦେବ ମୋର ଅଭାବ ଶ୍ରବଣ କରି ମୋତେ ଏକ ହଜାର ଟଙ୍କା ଏକକାଳୀନ ଦାନ କଲେ । ଏହାହିଁ ସମ୍ମାର୍ଜନ କାର୍ଯ୍ୟରେ ମୋତେ ଅଗ୍ରସର କରାଇଲା । ତତ୍ପରେ ବର୍ତ୍ତମାନର ମହାରାଜ ଶ୍ରୀ ବିଜୟଚନ୍ଦ୍ର ମହତାପ ବାହାଦୁର (ଯେ କି ଓଡ଼ିଶାର କୁଜଙ୍ଗ ରାଜ୍ୟର ଅଧୀଶ୍ୱର ଅଟନ୍ତି) ଅଢ଼େଇ ଶତ ଟଙ୍କା ଓ ଡିକିଟିର ସାହିତ୍ୟପ୍ରାଣ ବାନପ୍ରସ୍ଥ ରାଜା ଶ୍ରୀରାଧାମୋହନରାଜେନ୍ଦ୍ର ଦେବ ସମ୍ମାର୍ଜନାଦିର ବ୍ୟୟ ବହନାର୍ଥ ସ୍ୱତଃ ପ୍ରଣୋଦିତ ହୋଇ ଏକ ହଜାର ଟଙ୍କା ଦେବାକୁ ସ୍ୱୀକାର କଲେ ଏବଂ ସେହି ବାବଦକୁ ମୋତେ ଛଅ ଶହ ଟଙ୍କା ଦାନ କଲେ । କଟକର ଓଡ଼ିଆ ସାହିତ୍ୟପ୍ରଚାରସଙ୍ଘ ଗୋଟିଏ ଓଡ଼ିଆ 'ବିଶ୍ୱକୋଷ' ସଂକଳନ କରିବା ନିମନ୍ତେ ପରିକଳ୍ପନା କରିଥିଲେ, କିନ୍ତୁ ସେ ମୋର ପାଣ୍ଡୁଲିପିମାନ ଦେଖି ଗୋଟିଏ ବିଶେଷ ଅଧିବେଶନ ମୋ ଘରଠାରେ କରି ନିର୍ଦ୍ଧାରଣ କଲେ ଯେ ସଙ୍ଘ ଦ୍ୱାରା ଗୋଟିଏ ସ୍ୱତନ୍ତ୍ର ବିଶ୍ୱକୋଷ ସଂକଳିତ ହେବ ନାହିଁ ଓ ମୋ ଅଭିଧାନକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ମୋତେ ସଙ୍ଘ ସାହାଯ୍ୟ ଦେବେ । ଏହି ନିର୍ଦ୍ଧାରଣ ଫଳରେ ଜଣେ ସମ୍ପାର୍କିକ ପଣ୍ଡିତଙ୍କର ଚାରି ମାସର ଦରମା ଏକ ଶହ କୋଡ଼ିଏ ଟଙ୍କା ଉକ୍ତ ସାହିତ୍ୟପ୍ରଚାର ସଂଘର ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମୋତେ ସାହାଯ୍ୟ କଲେ ।

ଏହି ଅର୍ଥମାନ ହସ୍ତଗତ ହେବା ପରେ ମୁଁ ଭଗବାନଙ୍କ ଅପାର କରୁଣା ଉପରେ ନିର୍ଭର କରି ସମ୍ମାର୍ଜନକାର୍ଯ୍ୟ ଓ ଶ୍ରୀମତୀ ପୀତାମ୍ବରୀ ଦେବୀଙ୍କ ଦ୍ୱାରା ପରିଷ୍କରଣ କାର୍ଯ୍ୟ ଆରମ୍ଭ କରି ଦେଲି । ଦୁଇ ଜଣ ଓଡ଼ିଆ ଗ୍ରାଜୁଏଟ୍, ଦୁଇ ଜଣ ଅଣ୍ଡର ଗ୍ରାଜୁଏଟ୍, ଦୁଇ ଜଣ ପଣ୍ଡିତ ଓ ଶ୍ରୀମତୀ ପୀତାମ୍ବରୀଙ୍କୁ ନେଇ ମୁଁ ସମ୍ମାର୍ଜନ କାର୍ଯ୍ୟ ୧୯୨୮ ନଭେମ୍ବର ମାସରେ ଆରମ୍ଭ କଲି । ଇତିମଧ୍ୟରେ ମୋ ସହକର୍ମୀମାନଙ୍କର ମଧ୍ୟେ ମଧ୍ୟେ ପରିବର୍ତ୍ତନ ଘଟିଅଛି । କିନ୍ତୁ ମୋ ସହକର୍ମୀ ପୁରୀ ଜିଲ୍ଲାର ନୂଆ ସୋମେଶ୍ୱର ପୁର ନିବାସୀ ଶ୍ରୀମାନ୍ ଚନ୍ଦ୍ରଶେଖର ମିଶ୍ର ବି: ଏ: ସମ୍ମାର୍ଜନ କାର୍ଯ୍ୟର ଆରମ୍ଭରୁ ଆଜି ପର୍ଯ୍ୟନ୍ତ କ୍ରମାଗତ ସାହାଯ୍ୟ କରି ଆସିଅଛନ୍ତି । ମୋ ସ୍ୱହସ୍ତ ଲିଖିତ ପାଣ୍ଡୁଲିପିମାନ ଅନ୍ୟୂନ ତିରିଶ ହଜାର ଫୁଲ୍‌ସ୍କେପ୍ ପୃଷ୍ଠାସମ୍ବଳିତ ଶତାଧିକ ଖଣ୍ଡ ଖାତା ଅଧିକାର କରିବାରୁ ସେମାନ ସ୍ଥାନାନ୍ତରକୁ ନେଇ କୌଣସି ବ୍ୟକ୍ତିଙ୍କୁ ଦେଖାଇବା ଅସମ୍ଭବ ହୋଇ ପଡ଼ିଲା । ସୌଭାଗ୍ୟକ୍ରମେ ବହୁ ଭାରତୀୟ ଓ ପାଶ୍ଚାତ୍ୟ ବିଦ୍ୱାନ୍ ଓ ଭାଷାତତ୍ତ୍ୱଜ୍ଞ ମନୀଷୀ ଏବଂ ସାହିତ୍ୟାନୁରାଗୀ ବ୍ୟକ୍ତି ମୋ ଉଦ୍ୟମ ବିଷୟ ଅବଗତ ହୋଇ ମୋ ଗୃହରେ ପଦାର୍ପଣ କରି ପାଣ୍ଡୁଲିପିମାନଙ୍କର ଅଂଶ-ବିଶେଷ ପରିଦର୍ଶନ ଓ ପରୀକ୍ଷା କରି ମୋତେ ଶତମୁଖରେ ପ୍ରଶଂସା କରିବା-ଦ୍ୱାରା ଏବଂ କେତେଗୁଡ଼ିଏ ସୂଚନା ଓ ସଂକେତ ଦେବା ଦ୍ୱାରା ମୋତେ ସମୁତ୍ସାହିତ କରିବାକୁ ଲାଗିଲେ । ଏହି ଉଦାରମନା ମନୀଷୀମାନଙ୍କ ମଧ୍ୟରେ ଉତ୍କଳର ବରପୁତ୍ର କୁଳବୃଦ୍ଧ ମଧୁସୂଦନ, ଭାରତର ବରପୁତ୍ର ମହାତ୍ମା ଗାନ୍ଧି, ବିଶ୍ୱବିଖ୍ୟାତ ଆଣ୍ଡ୍ରୁଜ୍, ବିହାର ଓଡ଼ିଶା ଫାଇନାନ୍ସ ମେମ୍ବର ମାନ୍ୟବର ରାଜା ରାଜେନ୍ଦ୍ର ନାରାୟଣ, ଉତ୍କଳ-ମଣି ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ଶ୍ରୀମାନ୍ ନୀଳକଣ୍ଠ, କଲିକତାର ପାଦ୍ରି ଶ୍ରୀଯୁକ୍ତ ପଫ୍ଲି ଓ ଠକ୍କୁର, କଟକ ଟ୍ରେନିଂ କଲେଜର ପ୍ରିନ୍ସିପାଲ୍ ହେଣ୍ଡରସନ୍ ଓ ହ୍ୱିଟ୍‌ମୋର, ଗୁଜରାଟ ବିଦ୍ୟାପୀଠର ଅଧ୍ୟକ୍ଷ ଆଚାର୍ଯ୍ୟ କାଲେଲକାର ପ୍ରଧାନ ଅଟନ୍ତି । ୧୯୨୯ ଜାନୁଆରୀ ମାସରେ ବିହାର-ଓଡ଼ିଶା ଶିକ୍ଷାବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ଫକସ୍ ସାହେବ ପାଣ୍ଡୁଲିପିମାନ ପରିଦର୍ଶନ ଓ ପରୀକ୍ଷା କରି ଗ୍ରନ୍ଥ ଛପା ହେଲେ ଏକ ସାର ଗ୍ରନ୍ଥକୁ ୩୫ ଟଙ୍କା ମୂଲ୍ୟରେ ୧୧୪ ସାର ଗ୍ରନ୍ଥ ବିହାର-ଓଡ଼ିଶା ଶିକ୍ଷାବିଭାଗ ପକ୍ଷରୁ କ୍ରୟ କରିବାପାଇଁ ବଚନ ଦେଲେ । ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ପ୍ରେରଣାକ୍ରମେ ମାନ୍ଦ୍ରାଜ ଶିକ୍ଷାବିଭାଗର ଡାଇରେକ୍ଟର ପଚିଶ ଖଣ୍ଡ ଓ ବଙ୍ଗ ଶିକ୍ଷାବିଭାଗର ଡାଇରେକ୍ଟର ଦଶ ଖଣ୍ଡ ଗ୍ରନ୍ଥ କିଣିବା ପାଇଁ ମଧ୍ୟ ଆଶା ଦେଲେ । କଟକର ତଦାନୀନ୍ତନ ମାଜିଷ୍ଟ୍ରେଟ୍ ଓ କଲେକ୍ଟର ଶ୍ରୀଯୁକ୍ତ ପେକ୍ ସାହେବ ୧୯୨୯ ମାର୍ଚ୍ଚ ମାସରେ ଏ ପାଣ୍ଡୁଲିପିମାନ ପରିଦର୍ଶନ କଲେ । ସେ କେତେଗୁଡ଼ିଏ ଶବ୍ଦର ଅର୍ଥ, ଟୀକା ଓ ଟିପ୍ପଣୀମାନ ଆଲୋଚନା କରି ଅତ୍ୟନ୍ତ ପ୍ରୀତ ହେଲେ ଏବଂ ତାଙ୍କର ଅନୁରୋଧକ୍ରମେ ଓଡ଼ିଶାର ତତ୍କାଳୀନ କମିସନର ଶ୍ରୀଯୁକ୍ତ ହବ୍ବାକ୍ ସାହେବ ୧୯୨୯ ଜୁଲାଇ ମାସରେ ଏହା ପରି-ଦର୍ଶନ କରି ଏଥିରେ ଥିବା ଜ୍ୟୋତିଷିକ ଓ ଉଦ୍ଭିଦବିଦ୍ୟାବିଷୟକ କେତେଗୁଡ଼ିଏ ଶବ୍ଦର ଟୀକା ଦେଖି ପରମ ପରିତୋଷ ଲାଭ କଲେ ଏବଂ ଜ୍ୟୋତିଷିକ ଶବ୍ଦମାନଙ୍କ ସମ୍ବନ୍ଧରେ କେତେଗୁଡ଼ିଏ ମୂଲ୍ୟବାନ୍ ଉପଦେଶ ଦେଇ ମୋତେ ଖଣ୍ଡିଏ ପ୍ରାମାଣିକ ଇଂରାଜୀ ଜ୍ୟୋତିଷିକ ଗ୍ରନ୍ଥ ( Astro-nomy without a telescope ) ପାଠ କରିବାପାଇଁ ଦେଲେ । ଶ୍ରୀଯୁକ୍ତ ହବାକ୍ ସାହେବ ପାଣ୍ଡୁଲିପିକୁ ଗଭୀର ଗବେଷଣା ଓ ଅଧ୍ୟବସାୟର

ପ୍ରମାଣ ପାଇ ଏପରି ପ୍ରସନ୍ନ ହେଲେ ଯେ, ସେ ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ସଙ୍ଗେ ପରାମର୍ଶ କରି ବିହାର-ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କୁ ବେସରକାରୀ ଭାବରେ ସୁପାରିସ୍ କଲେ କି ଏପରି ଅନନ୍ୟସାଧାରଣ ଗବେଷଣାପୂର୍ଣ୍ଣ ଗ୍ରନ୍ଥର ସମ୍ପାଦନ ଓ ମୁଦ୍ରଣରେ ଗଭର୍ଣ୍ଣମେଣ୍ଟଙ୍କର ମୁକ୍ତହସ୍ତତା ସହିତ ସାହାଯ୍ୟ କରିବା ବିଧେୟ; କାରଣ ଛାପା ହେଲେ ଏ ଗ୍ରନ୍ଥ କେବଳ ମାତ୍ର ଉତ୍କଳର ବିଦ୍ୱନ୍ମଣ୍ଡଳୀ ଓ ସାଧାରଣମଣ୍ଡଳୀରେ ନୁହେଁ, ଉତ୍କଳ ବାହାରେ ସମଗ୍ର ଭାରତରେ ଓ ଇଉରୋପ ଆଦି ସଭ୍ୟଜଗତର ବିଦ୍ୱତ୍‌ସମାଜରେ ମଧ୍ୟ ସାଦର ସମ୍ଭାଷଣ ଲାଭ କରିବାକୁ ସମର୍ଥ ହେବ। ବିହାର-ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କ ଅର୍ଥ-ସଦସ୍ୟ ମାନ୍ୟବର କନିକାର ରାଜା ସାହେବ ୧୯୨୯ ଅକ୍ଟୋବର ମାସରେ ପାଣ୍ଡୁଲିପିମାନ ପରିଦର୍ଶନ କଲେ ଓ ଗଭର୍ଣ୍ଣମେଣ୍ଟଙ୍କ ଉପଦେଶକ୍ରମେ ଓଡ଼ିଶାର ତଦାନୀନ୍ତନ ଏକ୍ଟିଙ୍ଗ୍ କମିସନର୍ ପୂର୍ବୋକ୍ତ ପେକ୍ ସାହେବ ୧୯୨୯ ଡିସେମ୍ବରରେ ମୁଦ୍ରଣର ଏଷ୍ଟିମେଟ୍ ଗଭର୍ଣ୍ଣମେଣ୍ଟଙ୍କୁ ପ୍ରେରଣ କଲେ । ଉକ୍ତ ରିପୋର୍ଟ ଶିକ୍ଷାବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ଫକସ୍ ସାହେବ, ମନ୍ତ୍ରୀ ମାନ୍ୟବର ସାର୍ ଫକ୍‌ରୁଦ୍ଦିନ୍, ସେକ୍ରେଟେରି ଶ୍ରୀଯୁକ୍ତ ଗୋଖଲେ, ଅର୍ଥସଦସ୍ୟ ମାନ୍ୟବର ରାଜା ରାଜେନ୍ଦ୍ରନାରାୟଣ, ଏକ୍‌ଜିକ୍ୟୁଟିଭ କମିଟିର ସଭାପତି ମାନ୍ୟବର ସିଫ୍ଟନ୍ ଓ ଲାଟ ସାର୍ ଷ୍ଟିଫେନ୍‌ସନ୍ ମହୋଦୟମାନଙ୍କ ସମ୍ମୁଖରେ ଉପସ୍ଥାପିତ ହେବାରୁ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟ ୩୦।୧।୩୦ ର ଆଦେଶପତ୍ରଦ୍ୱାରା ଏକ ହଜାର ଖଣ୍ଡ ଗ୍ରନ୍ଥ ଛାପିବା ପାଇଁ ଆଦେଶ ପ୍ରଦାନ କଲେ ଓ ପ୍ରାଥମିକ ଏଷ୍ଟିମେଟ୍ ଅନୁସାରେ ମୁଦ୍ରଣବ୍ୟୟର ଅର୍ଦ୍ଧେକ ଅର୍ଥାତ୍ ଚଉଦ ହଜାର ଦୁଇ ଶହ ଟଙ୍କା, ସମ୍ପାଦନ ବ୍ୟୟପାଇଁ ଆଂଶିକ ସାହାଯ୍ୟ ପାଞ୍ଚ ହଜାର ଟଙ୍କା ଦାନ କରିବେ ବୋଲି ଆଦେଶ ଦେଲେ । ଗ୍ରନ୍ଥ ଛାପା ହେଲେ ଦୁଇ ଶହ ଖଣ୍ଡରୁ ଅନଧିକ ଗ୍ରନ୍ଥ ତଦାନୀନ୍ତନ ପରିକଳ୍ପିତ ମୂଲ୍ୟ ଷୋଳଶ ଟଙ୍କାର ଅର୍ଦ୍ଧେକ ଅର୍ଥାତ୍ ଏକ ସାରିକୁ କୋଡ଼ିଏ ଟଙ୍କାରେ ମୁଁ ଗଭର୍ଣ୍ଣମେଣ୍ଟଙ୍କୁ ବିକ୍ରି କରିବି ବୋଲି ଗଭର୍ଣ୍ଣମେଣ୍ଟ ମୋଠାରୁ ବଚନ ନେଲେ ।

ବିହାର-ଓଡ଼ିଶା କାଉନ୍‌ସିଲର ଡେପୁଟି ପ୍ରେସିଡେଣ୍ଟ ମୋର କନିଷ୍ଠ-ପ୍ରତିମ ଶ୍ରୀମାନ୍ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ଆଡ୍‌ଭୋକେଟ୍ 'ଭାଷାକୋଷ' ପାଇଁ ଅର୍ଥସଂସ୍ଥାନର ଚେଷ୍ଟା ଅବିରତ କରି ଆସିଅଛନ୍ତି । ବିହାର-ଓଡ଼ିଶାର ଲାଟ୍ ସାହେବଙ୍କଠାରୁ ଆରମ୍ଭ କରି ପୋଲିଟିକାଲ୍ ଏଜେଣ୍ଟ୍, କମିସନର୍ ଓ କଲେକ୍ଟରଙ୍କ ପର୍ଯ୍ୟନ୍ତ ଉଚ୍ଚ କର୍ମଚାରୀ ଓ ଧନୀମାନଙ୍କ ନିକଟରେ 'ଭାଷାକୋଷ' ପାଇଁ ଆନୁକୂଲ୍ୟ ଓ ସାହାଯ୍ୟ ଭିକ୍ଷା କରିବାରେ ଏବଂ ଅନ୍ନ କରିବାରେ ସେ ସ୍ୱତଃ ପ୍ରବୃତ୍ତ ହୋଇ ସର୍ବଦା ଲାଗିଅଛନ୍ତି । ସମ୍ଭବତଃ ଗତ ପାଞ୍ଚ ବର୍ଷ ମଧ୍ୟରେ ଯେ କୌଣସି ଉପଲକ୍ଷରେ ଯେ କୌଣସି ଉଚ୍ଚ ରାଜକର୍ମଚାରୀ ବା ବିଦ୍ୟୋତ୍ସାହୀ ଧନୀଙ୍କ ସଙ୍ଗେ ତାଙ୍କର ସାକ୍ଷାତ ହୋଇଅଛି, ସେ ସୁଯୋଗ ଖୋଜି, ସେମାନଙ୍କ ନିକଟରେ 'ଭାଷାକୋଷ'ର ମୁଦ୍ରଣ ସାହାଯ୍ୟ-ପ୍ରସଙ୍ଗ ଉତ୍ଥାପନ କରିବାକୁ ଛାଡ଼ି ନାହାନ୍ତି । ଶ୍ରୀମାନ୍ ଲକ୍ଷ୍ମୀଧରଙ୍କର ଏପରି ଜ୍ୱଳନ୍ତ ଉତ୍ସାହ ଓ ଉଦ୍ୟମ ନିୟୋଜିତ ହୋଇ ନ ଥିଲେ 'ଭାଷାକୋଷ'ର ମୁଦ୍ରଣ ଓ ପ୍ରକାଶ ଆଜି ଯେତେଦୂର ସୁଗମ ହୋଇଅଛି, ତାହା ହୋଇ ନ ଥାନ୍ତା ବୋଲି ମୋର ବିଶ୍ୱାସ ।

ଗଭର୍ଣ୍ଣମେଣ୍ଟଙ୍କ ଆଦେଶ ପାଇଲା ପରେ ଗଡ଼ଜାତସମୂହର ତଦାନୀନ୍ତନ ପୋଲିଟିକାଲ୍ ଏଜେଣ୍ଟ ଓ କମିସନର୍ ଗୁଣଗ୍ରାହୀ ସ୍ମିଥ୍ ସାହେବ ମହୋଦୟ ଏ ଉଦ୍ୟମର ଉଚିତ ଗରିଷ୍ଠତା ଉପଲବ୍ଧି କରି ଆଦେଶ ଦେଲେ ଯେ, ସରକାରଙ୍କ ସାକ୍ଷାତ୍ ଶାସନାଧୀନ ଆଠଗଡ଼, ବାମଣ୍ଡା ଆଦି ସାତଗୋଟି ଷ୍ଟେଟ୍ ପ୍ରତ୍ୟେକେ ଏକ ସାରିକୁ ଛଅଶି ଟଙ୍କା ରେଟରେ ଦୁଇ ସାର ଲେଖାଏଁ ଗ୍ରନ୍ଥପାଇଁ ଅଗ୍ରିମ ମୂଲ୍ୟ ଦେଇ ଆଗଭୁରା ଅର୍ଡର ଦିଅନ୍ତୁ । ଉତ୍କଳର ରୁଲିଙ୍ଗ୍-ଚିଫ୍‌ମାନେ ଏ ବିରାଟ ଉଦ୍ୟମର ନିଶ୍ଚୟ ପୃଷ୍ଠପୋଷକ ହେବେ ବୋଲି ସ୍ମିଥ୍ ସାହେବ ନିଜର ଦୃଢ଼ ବିଶ୍ୱାସ ଥିବାର ମଧ୍ୟ ପ୍ରକାଶ କଲେ ।

୧୯୩୦ ଜୁନ୍ ମାସରେ 'ଭାଷାକୋଷ'ର ଛାପା ନମୁନା ଅଠର ପୃଷ୍ଠା, ଅନୁଷ୍ଠାନପତ୍ର ଓ ଅର୍ଡର୍‌ଫର୍ମ୍ ସମ୍ବଳିତ ଖଣ୍ଡିଏ ପୁସ୍ତକ ମୁଁ ଉତ୍କଳର, ଭାରତର ଓ ସଭ୍ୟଜଗତର ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟସଭାମାନଙ୍କ ନିକଟକୁ ପ୍ରେରଣ କଲି । ଇଉରୋପ ଓ ଆମେରିକାର ପ୍ରଧାନ ପ୍ରଧାନ ବିଦ୍ୟୋତ୍ସାହୀ ବ୍ୟକ୍ତି-ମାନଙ୍କ ନାମ ମୋତେ ଶ୍ରୀଯୁକ୍ତ ଫକସ୍ ସାହେବ ମହୋଦୟ ଦୟା କରି ଯୋଗାଇଲେ ।

ପାଣ୍ଡୁଲିପିର ଯେଉଁ କେତେକ ଅଂଶ ନମୁନା ପାଇଁ ଛାପା ହେଲା, ସେଥିରୁ ସେ ସମୟରେ ଅନୁମାନ କରାଯାଇଥିଲା ଯେ, ସମଗ୍ର ଗ୍ରନ୍ଥ ଛାପା ହେଲେ ରୟାଲ୍ କ୍ୱାର୍ଟୋ ( Royal Quarto ) ଆକାର ୩୬୦୦ ପୃଷ୍ଠା ଅଧିକାର କରିବ ଓ ତାହା ଦୁଇ ଭାଗରେ ବନ୍ଧା ହେବ ଏବଂ ଏଥିର ମୁଦ୍ରଣାଦିରେ ଅନ୍ୟୂନ ଛଅଶି ହଜାର ଟଙ୍କା ଲାଗିବ । ସମ୍ପାଦନ ଓ ମୁଦ୍ରଣାଦି ବ୍ୟୟର ଅଧିକାଂଶ ଗଭର୍ଣ୍ଣମେଣ୍ଟ ଓ କେତେକ ଦାନଶୀଳ ବ୍ୟକ୍ତି ବହନ କରିଥିବାରୁ ସେ ସମୟରେ ସ୍ଥିର ହୋଇଥିଲା ଯେ, ସମଗ୍ର ଛାପା ଗ୍ରନ୍ଥ ( ଦୁଇ ଖଣ୍ଡ )ର ମୂଲ୍ୟ ଟ ୪୦୧ ( ଷୋଳଶି ଟଙ୍କା ) କରାଯିବ ଓ ଯେଉଁମାନେ ଏକକାଳୀନ ଆଗଭୁରା ମୂଲ୍ୟ ଦେବେ, ସେମାନଙ୍କ ପାଇଁ ଛଅଶି ଟଙ୍କା କରାଯିବ । ଏଥିମଧ୍ୟରେ କଳାହାଣ୍ଡି ମହାରାଜ ପଚିଶିଖଣ୍ଡ, କେନ୍ଦୁଝର ରାଜା ସାହେବ ଦଶ ଖଣ୍ଡ, ଧରାକୋଟ ରାଜା ସାହେବ ଦଶ ଖଣ୍ଡ, ସୋନପୁର ମହାରାଜ ଛଅ ଖଣ୍ଡ, ଖରସୁଆଁ ରାଜା ସାହେବ ଦୁଇ ଖଣ୍ଡ, ଚିକିଟିର ରାଜା ସାହେବ ତିନି ଖଣ୍ଡ, ପାରିସ୍ ପ୍ରାଚ୍ୟସମିତି, କଲିକତା ଇମ୍ପିରିଅଲ୍ ଲାଇବ୍ରେରି, ଢାକା ବିଶ୍ୱବିଦ୍ୟାଳୟ-ଲାଇବ୍ରେରିଅନ୍, ମୁଙ୍ଗେରର ରାଜା ରଘୁନନ୍ଦନ ସିଂହ, ଜର୍ମାନି, ନରୱେ ଓ ଇଟାଲିର ପ୍ରାଚ୍ୟ-ସାହିତ୍ୟସଭାମାନ ଏବଂ ଓଡ଼ିଶାର କେତେଗୁଡ଼ିଏ ମାଇନର ସ୍କୁଲର ହେଡ୍ ମାଷ୍ଟର, ବିଶିଷ୍ଟ ଭୂସ୍ୱାମୀ ଓ ବିଦ୍ୟୋତ୍ସାହୀ ଗ୍ରାହକ, ମୁଙ୍ଗେର ଜିଲ୍ଲାର ଜାମୁଇ ହାଇସ୍କୁଲର ହେଡ୍ ମାଷ୍ଟର ଏବଂ ପୁରୀ, କଟକ ଓ ଗଞ୍ଜାମର ଡିଷ୍ଟ୍ରିକ୍ଟବୋର୍ଡ୍‌ମାନେ ଏକ ଏକ ସାର ଗ୍ରନ୍ଥ ପାଇଁ ଆଗଭୁରା ଅର୍ଡର ଦେଇ-ଅଛନ୍ତି । ଏଥିମଧ୍ୟରେ ଗ୍ରନ୍ଥପ୍ରକାଶର ବ୍ୟୟ ପାଇଁ କେନ୍ଦୁଝରର ରାଜା ଶ୍ରୀ ବଳଭଦ୍ର ନାରାୟଣ ଭଞ୍ଜଦେବ ପାଞ୍ଚ ଶତ ଟଙ୍କା, ଗଞ୍ଜାମ ହରିହରାଣ୍ଡି ମଠର ଟ୍ରଷ୍ଟି ଶ୍ରୀଯୁକ୍ତ ରାଏ ସାହେବ ଅଷ୍ଟା ରାଓ ପଚିଶ ଟଙ୍କା ସାହାଯ୍ୟ କରି-ଅଛନ୍ତି ।

ଗଭର୍ଣ୍ଣମେଣ୍ଟଙ୍କ ଅଙ୍ଗୀକୃତ ସମ୍ପାଦନବ୍ୟୟସାହାଯ୍ୟ ପାଞ୍ଚ ହଜାର ଟଙ୍କା ୧୯୩୦ ମାର୍ଚ୍ଚ ମାସରେ ଓ ମୁଦ୍ରଣ ବ୍ୟୟପାଇଁ ଅଙ୍ଗୀକୃତ ଚଉଦ ହଜାର ଦୁଇ ଶହ ଟଙ୍କା ମଧ୍ୟରୁ ଦଶ ହଜାର ଟଙ୍କା ୧୯୩୦ ଜୁଲାଇ ମାସରେ ମିଳିଲା । ପାଣ୍ଡୁଲିପିର ସାଫି ହୋଇଥିବା ଅଂଶମାନ ମୋର ସାହିତ୍ୟଗୁରୁ ଉତ୍କଳ ସାହିତ୍ୟ ପ୍ରେସର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ହସ୍ତରେ ୧୯୩୦ ଅକ୍ଟୋବର ମାସରେ ଅର୍ପଣ କଲି । ତଦବଧି ସହକର୍ମୀମାନେ ସମ୍ପାଦିତ ପାଣ୍ଡୁଲିପିଗୁଡ଼ିକ ସାଫି କରିବାରେ ଲାଗି ଅଛନ୍ତି ଏବଂ ସାଫି ହେଉ-ଥିବା ଅଂଶମାନ ଛାପାଖାନାକୁ ପଠାଯାଇ ତାହା କ୍ରମଶଃ ମୁଦ୍ରିତ ହେଉଅଛି ।

ଝର ଭାଷାର ଅସରରେ ଗୋଟିଏ ଗ୍ରନ୍ଥ ମୁଦ୍ରିତ ହେବାପାଇଁ ଓଡ଼ିଶାର ଛାପାଖାନାମାନଙ୍କରେ କେତେକେତେ ଅସୁବିଧା ଅଛି ତାହା ଭୁକ୍ତଭୋଗୀ ମାନଙ୍କେ ଜାଣନ୍ତି । ଏଥିପାଇଁ ବଙ୍ଗଳା ଓ ହିନ୍ଦୀ ପ୍ରଭୃତି ଶବ୍ଦମାନଙ୍କରେ ଅନେକ ସ୍ଥାନରେ ମୁଦ୍ରଣପ୍ରମାଦ ରହିଯାଇ ଅଛି । ଯେଉଁ ହେଣ୍ଡରସନ୍ ସାହେବ ଓଡ଼ିଆ ଅଭିଧାନ ସଂକଳନ ପାଇଁ ୧୭ ବର୍ଷ ପୂର୍ବେ ମୋତେ ସଙ୍କେତ ଦେଇଥିଲେ, ସେ ୧୯୬୯ ସାଲରେ ଟ୍ରେନିଙ୍ଗ୍ କଲେଜର ପ୍ରିନ୍ସିପାଲ୍ ସ୍ୱରୂପ କଟକକୁ ପୁନର୍ବାର ଆସି ମୋତେ ବଚନ ଦେଇଥିଲେ ଯେ, ମୁଦ୍ରିତ ପ୍ରୁଫ୍-ସିଟ୍‌ମାନ ସେ ସ୍ୱୟଂ ସଂଶୋଧନ କରିବେ; କିନ୍ତୁ ବିଧାତା ତାହା ସହିଲା ନାହିଁ । ତାଙ୍କର ଅକାଳମୃତ୍ୟୁ ଯୋଗୁଁ ମୁଁ ତାଙ୍କ ପ୍ରତିଶ୍ରୁତ ସାହାଯ୍ୟରୁ ବଞ୍ଚିତ ହେଲି । ତତ୍ପରେ ଟ୍ରେନିଙ୍ଗ୍ କଲେଜର ପ୍ରିନ୍ସିପାଲ୍ ହ୍ୱାଇଟ୍‌ମୋର୍ ସାହେବ ଦୟା କରି ମୁଦ୍ରିତ ପ୍ରୁଫ୍‌ସିଟ୍‌ମାନଙ୍କର ଇଂରାଜୀଅଂଶମାନ ସଂଶୋଧନ କରୁଥିଲେ; କିନ୍ତୁ ସେ ଗଭର୍ଣ୍ଣମେଣ୍ଟ ଚାକିରିରୁ ଅବସର ଗ୍ରହଣ କରି 'ଅ' ଅକ୍ଷର ଛାପା ଶେଷ ହେବା ସମୟରୁ ଭାରତ ତ୍ୟାଗ କରିବାରୁ ସେ ସୁଯୋଗରୁ ମଧ୍ୟ ମୁଁ ବଞ୍ଚିତ ହୋଇଅଛି । ଏପରି ଅବସ୍ଥାରେ ଏ ଗ୍ରନ୍ଥର ଇଂରାଜୀ ଅଂଶରେ ମଧ୍ୟ ଅନେକ ମୁଦ୍ରଣପ୍ରମାଦ ରହିଗଲା । ପ୍ରୁଫ୍‌ସିଟ୍‌ମାନ ସଂଶୋଧନ କରିବା ପାଇଁ ସାଧାରଣତଃ ଛାପାଖାନାମାନଙ୍କରେ ଯେଉଁ ବ୍ୟବସ୍ଥା ଥାଏ, ଏ କ୍ଷେତ୍ରରେ ତାହାଠାରୁ ଢେର୍ ବେଶି ବ୍ୟବସ୍ଥା କରାଯାଇ ଅଛି । ଗାଲିପ୍ରୁଫ୍‌ଠାରୁ ଆରମ୍ଭ କରି ଫାଇନାଲ୍ ପ୍ରୁଫ୍ ପର୍ଯ୍ୟନ୍ତ ଉତ୍କଳ ସାହିତ୍ୟ ପ୍ରେସର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ବିଶ୍ୱନାଥ କର ଓ ସହକର୍ମୀ ଶ୍ରୀମାନ୍ ପଦ୍ମଚରଣ ଦାସ, ମୋର ସହକର୍ମୀ ଶ୍ରୀମାନ୍ ଚନ୍ଦ୍ରଶେଖର ଓ ମୁଁ ନିଜେ—ଏହିପରି ଚାରିଜଣଯାକ 'ମିଶି ପ୍ରୁଫ୍‌ର ପ୍ରତି ଅଂଶକୁ ଅନ୍ତତଃ ସାତ ଥର ସଂଶୋଧନ କରୁଅଛୁଁ । ଶ୍ରୀମାନ୍ ପଦ୍ମଚରଣ ବିଶେଷ ଯତ୍ନ ଓ ଅସାଧାରଣ ଅଧ୍ୟବସାୟସହକାରେ ପ୍ରୁଫ୍‌ସିଟ୍‌ମାନଙ୍କୁ ତନ୍ନ ତନ୍ନ କରି ସଂଶୋଧନ କରୁ ଅଛନ୍ତି । ତଥାପି ଚାରିଭାଷାସମ୍ବଳିତ ମୁଦ୍ରିତ ଗ୍ରନ୍ଥରେ ଅନେକ ତ୍ରୁଟି ଓ ପ୍ରମାଦ ରହି ଯାଇଅଛି । ଆଶାକରେଁ, ଆମ୍ଭେମାନେ ପ୍ରୁଫ୍ ସଂଶୋଧନ କାର୍ଯ୍ୟରେ କ୍ରମଶଃ ଯେତିକି ଅଭ୍ୟସ୍ତ ହେଉଥିବୁଁ, ପରବର୍ତ୍ତୀ ଖଣ୍ଡମାନଙ୍କରେ ମୁଦ୍ରଣପ୍ରମାଦର ଆଶଙ୍କା ସେତିକି କମି ଯାଉଥିବ ।

ଟ୍ରେନିଙ୍ଗ୍ କଲେଜର ଅଧ୍ୟକ୍ଷ ହେଣ୍ଡରସନ୍ ସାହେବଙ୍କ ସମ୍ମତିକ୍ରମେ କଟକ ଟ୍ରେନିଙ୍ଗ୍ ସ୍କୁଲର ସଂସ୍କୃତ ଓ ଓଡ଼ିଆ ସାହିତ୍ୟ ଏବଂ ଭାଷାର ଅଧ୍ୟାପକ ଉତ୍କଳର ସୁପରିଚିତ ସାହିତ୍ୟିକ ପଣ୍ଡିତ ଶ୍ରୀଯୁକ୍ତ କୁଳମଣି ଦାଶ କାବ୍ୟତୀର୍ଥ ମହାଶୟ ପାଣ୍ଡୁଲିପି ଗୁଡ଼ିକର ସମ୍ମାର୍ଜନ କରୁ ଅଛନ୍ତି । ଅନେକ ସ୍ଥଳରେ ଯେଉଁ ଯେଉଁ ଭାଷାଗତ, ଅର୍ଥଗତ, ବ୍ୟାକରଣଗତ ଓ ରଚନାଗତ ଦୋଷମାନ ଥିଲା, ତାହା ସେ ମହାଶୟ ସଂଶୋଧନ କରି ଅଛନ୍ତି । ପଣ୍ଡିତ ମହାଶୟଙ୍କର ହାତ ଲାଗି ନ ଥିଲେ ଏ ଗ୍ରନ୍ଥରେ ଅନେକଗୁଡ଼ିଏ ଭାଷାଗତ ଅଶୁଦ୍ଧି ରହିଯାଇ ଥାଆନ୍ତା ।

ମୋର କନିଷ୍ଠଙ୍କ ଶ୍ରୀମାନ୍ ନୀଳକଣ୍ଠ ଦାଶ ଏମ୍. ଏ. ପାଣ୍ଡୁଲିପି ଗୁଡ଼ିକ ଅରେ ଦେଖି ପ୍ରୟୋଜନ ସ୍ଥଳରେ ସମ୍ମାର୍ଜନ କରିବାପାଇଁ ପ୍ରତି-ଶ୍ରୁତ ହୋଇଥିଲେ ଓ ତଦନୁସାରେ ମୋ ନିକଟରେ ଦୁଇ ତିନ ମାସ ଅବସ୍ଥାନ କରି 'କ' ଅକ୍ଷରର କେତେକ ଅଂଶର ପାଣ୍ଡୁଲିପିରେ ସମ୍ମାର୍ଜନ ମଧ୍ୟ କରି ଥିଲେ । ଭାରତବ୍ୟାପୀ ରାଜନୀତିକ ଆନ୍ଦୋଳନ ତାଙ୍କୁ ସ୍ଥିର ରହି ଦେଲା ନାହିଁ ଏବଂ ସମ୍ମାର୍ଜନ କାର୍ଯ୍ୟରେ ମୁଁ ତାଙ୍କ ମୂଲ୍ୟବାନ୍ ସାହାଯ୍ୟରୁ ବଞ୍ଚିତ ହୋଇଅଛି ।

'ଭାଷାକୋଷର' ସମ୍ମାର୍ଜନ ସମ୍ପର୍କରେ ଶବ୍ଦମାନଙ୍କର ବିଭାଗକରଣ, ଅନ୍ତର୍ବର୍ଗୀୟ ଓ ବର୍ଗୀୟ 'ବ' ର ପ୍ରଭେଦଜ୍ଞାପକ ଚିହ୍ନ ନିରୂପଣ, ବର୍ଣ୍ଣମାଳାକ୍ରମେ 'କ୍ଷ' ଅକ୍ଷରର ସ୍ଥାନ ନିର୍ଦ୍ଦେଶ, ଅନୁସ୍ୱାର, ବିସର୍ଗ ଓ ଚନ୍ଦ୍ରବିନ୍ଦୁ ସଂଯୁକ୍ତ ଅକ୍ଷର-ମାନଙ୍କର ସ୍ଥାନ ନିର୍ଣ୍ଣୟ, ସାଙ୍କେତିକ ଚିହ୍ନମାନଙ୍କର ବ୍ୟବହାର ଇତ୍ୟାଦି କେତେଗୁଡ଼ିଏ ବିଷମ ସମସ୍ୟା ଉପସ୍ଥିତ ହେଲା । ତେଣୁ ୧୯୩୦ ମାର୍ଚ୍ଚ ମାସରେ ଶ୍ରୀଯୁକ୍ତ ବିଶ୍ୱନାଥ କର, ପ୍ରୋଫେସର୍ ଆର୍ତ୍ତବଲ୍ଲଭ, ରାୟ ବାହାଦୁର ଅନନ୍ତଚନ୍ଦ୍ର, ଲକ୍ଷ୍ମୀସାହେବ, ଭକ୍ତବତ୍ସଳଚରଣ, ଶ୍ରୀମାନ୍ ଚନ୍ଦ୍ରମଣି ଆଚାର୍ଯ୍ୟ, ଶ୍ରୀ ଆର୍ତ୍ତତ୍ରାଣ ଶତପଥୀ, ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର, ଶ୍ରୀ କୁଳମଣି ଦାଶ, ଶ୍ରୀ କୃଷ୍ଣଚନ୍ଦ୍ର ସେନଗୁପ୍ତ, ଶ୍ରୀ ଅଗଣି ଦାଶ, ପଣ୍ଡିତ ଶ୍ରୀ ଆକୁଳ ମିଶ୍ର, ପଣ୍ଡିତ ଶ୍ରୀ ବହାବନ୍ଧି ଗରାବଡ଼ୁ ଓ ମୋର ସହକର୍ମୀମାନଙ୍କୁ ଘେନି ଗୋଟିଏ ପରାମର୍ଶସଭା ହୋଇଥିଲା । ତହିଁରେ ଆଲୋଚନାଦ୍ୱାରା ଯାହା ମୀମାଂସିତ ହେଲା, ତାହାହିଁ ଏ ଭାଷାକୋଷରେ ଅନୁସୃତ ହୋଇ ଅଛି ।

ଦେଖାଯାଏ ଯେ, ସାଧାରଣ ଲେଖାରେ ଓ ବିଶେଷତଃ ଅଶିକ୍ଷିତ ଓ କଚିରଆ ଲେଖାଳମାନଙ୍କ ଲେଖାରେ ଦେଶଜ ଓ ବୈଦେଶିକଶବ୍ଦମାନଙ୍କ ବନାନ ସମ୍ବନ୍ଧରେ କୌଣସି ଦୃଢ଼ ନିୟମ ପାଳନ କରାଯାଏ ନାହିଁ । ଏକ ଶବ୍ଦକୁ କେହି ହ୍ରସ୍ୱ ଇ କେହି ଦୀର୍ଘ ଈ ଯୁକ୍ତ କରି ଲେଖନ୍ତି । ଏହିପରି ହ୍ରସ୍ୱ ଉ, ଦୀର୍ଘ ଊ; ଦନ୍ତ୍ୟ ସ, ତାଳବ୍ୟ ଶ ଓ ମୂର୍ଦ୍ଧନ୍ୟ ଷ; ବର୍ଗ୍ୟ ଜ, ଅନ୍ତଃସ୍ଥ ଯ ର ବ୍ୟବହାର ସମ୍ବନ୍ଧରେ ଲେଖାରେ ସ୍ଥିରତା ନ ଥିବାର ଦେଖାଯାଏ (ଯଥା—କେହି ଲେଖେ ମୁଢ଼, କେହି ଲେଖେ ମୁଢ଼; ସୂତା, ସୁତା; ଏବା, ଯେବା; କୁଅ, କୂଅ; ଜାହାଜ, ଯାହାଯ; ଷ୍ଟେସନ୍, ଟ୍ରେଷନ) । ଶବ୍ଦମାନଙ୍କର ସମୋଚ୍ଚାରିତ ଅକ୍ଷରବିଶିଷ୍ଟ ସବୁ ଆକାରମାନ ଭାଷାକୋଷରେ ସ୍ଥାନ ପାଇଲେ ଗ୍ରନ୍ଥର କଳେବର ଅଯଥା ବଢ଼ିଯିବ, ଏହି ଆଶଙ୍କା ଯୋଗୁଁ ଏକତ୍ରିତ ପରାମର୍ଶସଭାରେ ବହୁ ତର୍କବିତର୍କ ଓ ଆଲୋଚନା ପରେ ସ୍ଥିର ହେଲା ଯେ—ଏ ଶ୍ରେଣୀର ଶବ୍ଦମାନଙ୍କର ଗୋଟିଏ ମାତ୍ର ବନାନ ଥିବା ଆକାର ଭାଷାକୋଷରେ ସ୍ଥାନ ପାଇବ । ଉକ୍ତ ଶବ୍ଦମାନଙ୍କର ଅନ୍ୟ ସମୋଚ୍ଚାରିତ ଆକାରମାନ ସହଜରେ ଜାଣିବା ପାଇଁ ପ୍ରତ୍ୟେକ ପୃଷ୍ଠାର ଶିରୋଭାଗରେ ପ୍ରାୟ ସମୋଚ୍ଚାରିତ ବର୍ଣ୍ଣମାନଙ୍କର ଗୋଟିଏ ଖାଉମୂଳିଆ ତାଲିକା ଉପରେ ତଳ ହୋଇ ଦିଆଗଲେ ଏହି ତାଲିକାରେ ଥିବା କୌଣସି ବର୍ଣ୍ଣଯୁକ୍ତ ଶବ୍ଦର ଗୋଟିଏ ଆକାର ଦେଖିଲେ ଉକ୍ତ ଶବ୍ଦର ଅନ୍ୟ ଆକାରମାନ ଏ ଭାଷାକୋଷରେ ଶବ୍ଦ ଖୋଜିବା ପାଠକ ସହଜରେ ସ୍ଥିର କରି ପାରିବେ । ପରାମର୍ଶସଭାର ଏହି ନିର୍ଦ୍ଧାରଣମତେ ପ୍ରତ୍ୟେକ ପୃଷ୍ଠାର ଡାହାଣ ପୁଡ଼ାର ଶିରୋଭାଗରେ ସମୋଚ୍ଚାରିତ ବର୍ଣ୍ଣମାନ ଦୁଇଟି ଧାଡ଼ିରେ ଉପର ତଳ ହୋଇ ଦିଆଯାଇଅଛି ଏବଂ ବାଁଆ ପୁଡ଼ାରେ ଉକ୍ତ ବର୍ଣ୍ଣଯୁକ୍ତ ଶବ୍ଦମାନଙ୍କର ଅନ୍ୟ ବନାନ ଥିବା ଆକାର କପରି ଧରାପଡ଼ିବ ତହିଁର ସୂଚନା ଦିଆଯାଇ ଅଛି । ଏ ଗ୍ରନ୍ଥର ଯେ କୌଣସି ପୃଷ୍ଠା ଫିଟାଇଲା ଖଣି ପ୍ରତି ପୁଡ଼ାର ଶିରୋଭାଗରେ ରେଖାବଦ୍ଧ ଅଂଶ ପାଠକଙ୍କର ପ୍ରଥମେ ଦୃଷ୍ଟିରେ ପଡ଼ିବ, ଏବଂ ତାହା ପଢ଼ି ପାଠକମାନେ ଏ ଶ୍ରେଣୀର ଶବ୍ଦମାନଙ୍କର ଭାଷାକୋଷରେ ଦିଆ ନ ଯାଇଥିବା ଆକାର ସହଜରେ ସ୍ଥିର କରି ପାରିବେ । ଉଦାହରଣ ସ୍ୱରୂପ, ସଂସ୍କୃତ 'କୂପ' ଶବ୍ଦରୁ ବାହାରିଥିବା ଦେଶଜ ଶବ୍ଦକୁ ଶିକ୍ଷିତମାନେ ମଧ୍ୟ 'କୂଅ' ନ ଲେଖି 'କୁଅ' ଲେଖିବାର ଓ ହ୍ରସ୍ୱ ଉ ଯୁକ୍ତ ଉଚ୍ଚାରଣ କରିବାର ଦେଖାଯାଏ; ଅଥଚ କେହି କେହି ପଣ୍ଡିତ ଏ ଶବ୍ଦକୁ 'କୂଅ' ବୋଲି ଲେଖିବା ଅସଙ୍ଗତ ନୁହେ । ଏପରି ଅବସ୍ଥାରେ 'କୁଅ' ଶବ୍ଦ ଏ ଭାଷାକୋଷରେ ନ ମିଳିଲେ 'କୂଅ' ଶବ୍ଦ ଦେଖିବାକୁ ହେବ ।

ଶ୍ରୀଯୁକ୍ତ ହବାକ୍ ସାହେବ ଓ ଶ୍ରୀଯୁକ୍ତ ପେକ୍ ସାହେବଙ୍କ ପରେ ଫିଲିପ୍-ଡଫ୍ କମିସନର୍ ଅନ୍ୟତର ସଦସ୍ୟ, ଓଡ଼ିଆ ଜାତିର ହିତାକାଙ୍କ୍ଷୀ ମହାମତି ଶ୍ରୀଯୁକ୍ତ ଫିଲିପ୍ ସାହେବ ଓଡ଼ିଶାକୁ କମିସନର୍ ହୋଇ ଆସି ଏ ଗ୍ରନ୍ଥ ପ୍ରତି ବିଶେଷ କୃପା ଦେଖାଇ ଅଛନ୍ତି ଓ ସ୍ୱୟଂ ଏକାଧିକ ଥର ଛାପାଖାନାକୁ ଯାଇ ମୁଦ୍ରଣ କାର୍ଯ୍ୟ କେତେଦୂର ଅଗ୍ରସର ହେଲା, ତାହା ସ୍ୱଚକ୍ଷୁରେ ପରିଦର୍ଶନ କରିଅଛନ୍ତି । କଟକର ବର୍ତ୍ତମାନ କଲେକ୍ଟର୍ ଶ୍ରୀଯୁକ୍ତ ମାରିଉଡ୍ ସାହେବ ମଧ୍ୟ ପାଣ୍ଡୁଲିପି ଗୁଡ଼ିକୁ ସ୍ୱୟଂ ଓ ତାଙ୍କର ସହଧର୍ମିଣୀଙ୍କ ସହିତ ଏକାଧିକ ଥର ପରିଦର୍ଶନ କରି ନାନା ଭାବରେ ମୋତେ ଉତ୍ସାହିତ କରିଅଛନ୍ତି ।

ଏହି ପ୍ରଥମ ଖଣ୍ଡର ଇଂରାଜୀ ଅଂଶରେ କେତେକ ସ୍ଥାନରେ ମୁଦ୍ରଣ-ପ୍ରମାଦ ଥିବାର ଦେଖି ଫିଲିପ୍ ଓ ମାରିଉଡ୍ ସାହେବଦ୍ୱୟ ସ୍ୱତଃ ପ୍ରବୃତ୍ତ ହୋଇ ଭବିଷ୍ୟତରେ ପ୍ରୁଫ୍‌ସିଟ୍‌ମାନଙ୍କର ଇଂରାଜୀ ଅଂଶମାନ ସଂଶୋଧନ କରିବାର ଭାର ସ୍ୱୟଂ ଗ୍ରହଣ କରି ଅଛନ୍ତି । ଏତାଦୃଶ ମହାନୁଭବତା ପାଇଁ ମୁଁ ଏ ଦୁହିଙ୍କ ନିକଟରେ ଋଣୀ ।

ଓଡ଼ିଆଶବ୍ଦମାନଙ୍କର ବଙ୍ଗଳା ପ୍ରତିଶବ୍ଦ ଯୋଗାଇବା ବିଷୟରେ କଟକର ଆଡ୍‌ଭୋକେଟ୍ ଶ୍ରୀଯୁକ୍ତ ସତୀନ୍ଦ୍ରନାରାୟଣ ରାୟ ମହାଶୟ ଏମ୍. ଏ., ବି. ଏଲ୍. ମୋତେ ନିୟମିତରୂପେ ଅଯାଚିତଭାବରେ ସାହାଯ୍ୟ କରିଅଛନ୍ତି ।

ଶ୍ରୀମତୀ ପୀତାମ୍ବରୀ ସମ୍ମାର୍ଜିତ ପାଣ୍ଡୁଲିପି ଗୁଡ଼ିକ ସାଫି କରିବା ଉଦ୍ଦେଶ୍ୟରେ ଇଂରାଜୀ ଓ ବଙ୍ଗଳା ଅକ୍ଷର ଶିକ୍ଷା କରି ଏଥିରେ ତାଙ୍କ ଶକ୍ତି ନିୟୋଜିତ କରିଅଛନ୍ତି ।

ଆଠଗଡ଼ର ଅପ୍ରାପ୍ତବ୍ୟବହାର ରାଜା ଶ୍ରୀ ରାଧାନାଥ ଦେବବର୍ମା ରାଜକାର୍ଯ୍ୟ ବ୍ୟବହାରଶିକ୍ଷାର୍ଥ ଗଭର୍ଣ୍ଣମେଣ୍ଟଙ୍କ ଆଦେଶକ୍ରମେ କଟକରେ ଛଅ ମାସ ଅବସ୍ଥାନ କରୁଅଛନ୍ତି । ଅତି ଅଳ୍ପବୟସରେ ତାଙ୍କର ଏହି ଭାଷାକୋଷ ପ୍ରତି ଅନୁରାଗ ଦେଖି ମୁଁ ଆନନ୍ଦିତ ହୋଇଅଛି । ସେ ମୋ ଗୃହରେ ଥାଇ ପ୍ରତିଦିନ ଅଭିଧାନର ସମ୍ମାର୍ଜନ ଓ ପରିସ୍କରଣସମ୍ବନ୍ଧରେ ନାନା ତତ୍ତ୍ୱ ନେଉ ଅଛନ୍ତି ଏବଂ ଏଥି ମଧ୍ୟରେ କେତେକ ଗଡ଼ଜାତ ପ୍ରଚଳିତ ଶବ୍ଦ ଏହି ଭାଷାକୋଷକୁ ଯୋଗାଇ ଅଛନ୍ତି । ଆହୁରି ମଧ୍ୟ କଥାପ୍ରସଙ୍ଗରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ନିକଟରେ ମୋ ଉଦ୍ୟମର ପ୍ରସଙ୍ଗ ଉତ୍ଥାପନ କରିବା ତାଙ୍କର ଗୋଟିଏ ବ୍ରତ ହୋଇଅଛି । ତାଙ୍କର ପିତା ସ୍ୱର୍ଗତ ରାଜକବି ସାହିତ୍ୟ-ପ୍ରାଣ ରାଜାବାହାଦୁର ବିଶ୍ୱନାଥ ଦେବ ବର୍ମା ମୋର ଜଣେ ବିଶିଷ୍ଟ 'ମହାପ୍ରସାଦ'ବନ୍ଧୁ ଥିଲେ । ଏ ଭାଷାକୋଷ ପ୍ରତି ତାଙ୍କ ଆତ୍ମଜଙ୍କର ଏହି ଅମାୟିକ ଅନୁରାଗ ଦେଖି ମୁଁ ଆଶା କରୁଅଛି ଯେ, ସେ ତାଙ୍କ ସ୍ୱର୍ଗୀୟ ପିତୃଦେବଙ୍କ ପଦାଙ୍କ ଅନୁସରଣ କରି ଦିନେ ଉତ୍କଳ ସାହିତ୍ୟ ଓ ଭାଷାର ଜଣେ ପ୍ରଧାନ ପୃଷ୍ଠପୋଷକ ହେବେ ।

ଗ୍ରନ୍ଥ ଛାପା କାର୍ଯ୍ୟ ଆରମ୍ଭ ହେବା ପରେ ଦେଖାଗଲା ଯେ, ପୂର୍ବକଳ୍ପିତ ଛଅଶି ଶହ ପୃଷ୍ଠା ପରିବର୍ତ୍ତେ ସମଗ୍ର ମୁଦ୍ରିତ ଗ୍ରନ୍ଥଟି ପ୍ରାୟ ଛଅ ହଜାର ପୃଷ୍ଠା ଅଧିକାର କରିବ ଓ ଦୁଇ ଖଣ୍ଡ ବନ୍ଧା ବହି ପରିବର୍ତ୍ତେ ସମଗ୍ର ଗ୍ରନ୍ଥକୁ ଗୃହ କି ପାଞ୍ଚ ଖଣ୍ଡରେ ବାନ୍ଧିବାକୁ ହେବ, ଏବଂ ପ୍ରଥମେ ପରିକଳ୍ପିତ ମୁଦ୍ରଣାଦିବ୍ୟୟ ତିରିଶ ହଜାର ଟଙ୍କା ପରିବର୍ତ୍ତେ ସମଗ୍ର ଗ୍ରନ୍ଥର ଛାପା ଶେଷ ହେଲା ବେଳକୁ ଅନ୍ୟୂନ ଷାଠିଏ ହଜାର ଟଙ୍କା ବ୍ୟୟିତ ହେବ । ଏ ବ୍ୟୟନିର୍ବାହ ଭଗବାନ୍ କରିବେ, ଏହି ଆଶାରେ ଆଶାନ୍ୱିତ ହୋଇ ମୂଳ ପାଣ୍ଡୁଲିପିରେ ଦିଆ ଯାଇଥିବା କୌଣସି ଶବ୍ଦ, ଟୀକା ବା ନୋଟ୍ କାଟାକଟି ନ କରି କିମ୍ବା ସଂଗୃହୀତ ପ୍ରାଦେଶିକ, ପାରିଭାଷିକ ଓ ବୈଦେଶିକ ଶବ୍ଦମାନଙ୍କର ସଂଖ୍ୟା ନ କମାଇ ମୁଦ୍ରଣ କାର୍ଯ୍ୟ ଚଳାଇ ଅଛି । ସତକୁ ସତ ଏଥି ମଧ୍ୟରେ ପ୍ରଭୁ ଜଣେ ଜଣେ ବିଶିଷ୍ଟ ଦାତାଙ୍କୁ ଆଣି ଅପ୍ରତ୍ୟାଶିତଭାବରେ ଏ ଗ୍ରନ୍ଥର ସହାୟକ ରୂପେ ଉପସ୍ଥାପିତ କରୁ ଅଛନ୍ତି ।

ଏଥି ମଧ୍ୟରେ ସମଗ୍ର ଭାରତୀୟ ପ୍ରାଚ୍ୟ ସମ୍ମିଳନ ( All India Oriental Conference ) ର ନବମ ଅଧିବେଶନରେ ଯୋଗ ଦେବା ପାଇଁ ମୁଁ ୧୯୩୦ ଡିସେମ୍ବର୍ ମାସରେ ପାଟନା ଯାଇଥିଲି । ସେଠାରେ ବିହାର ଓଡ଼ିଶା ଶିକ୍ଷାବିଭାଗର ଡେପୁଟି ଡାଇରେକ୍ଟର୍ ଶ୍ରୀଯୁକ୍ତ ଶ୍ୟାମଚରଣ ତ୍ରିପାଠୀ ଆଇ. ଇ. ଏସ୍. ମହୋଦୟ ଭାଷାକୋଷର ମୁଦ୍ରିତ ଅଂଶମାନ ଦେଖି ଓ ସେ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଥିବା ଅର୍ଥର ଏବଂ ପରେ ଲୋଡ଼ା ହେବା ଅର୍ଥର ପରିମାଣ ଅବଗତ ହୋଇ ମୟୂରଭଞ୍ଜର ମହାରାଜ ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେବଙ୍କ ଛାମୁରେ ଏ ଗ୍ରନ୍ଥର ଉପାଦେୟତା ଜଣାଇବାରେ ଗୁଣଗ୍ରାହକ ଶ୍ରୀ ମହାରାଜ ପ୍ରସନ୍ନଚିତ୍ତରେ ମୁଦ୍ରଣ ବ୍ୟୟ ପାଇଁ ଆଠ ହଜାର ଟଙ୍କା ଦୁଇ ବର୍ଷରେ ଦାନ କରିବାକୁ ଅଙ୍ଗୀକାର କଲେ । ଏହି ସାହାଯ୍ୟ ଲାଗି କୃତଜ୍ଞତା-ଜ୍ଞାପନାର୍ଥ ଭାଷାକୋଷର ନାମ ମହାରାଜଙ୍କ ଜ୍ୟେଷ୍ଠ ଭ୍ରାତା ସ୍ୱର୍ଗତ 'ପୂର୍ଣ୍ଣଚନ୍ଦ୍ର'ଙ୍କ ନାମ ସଙ୍ଗେ ସଂଯୁକ୍ତ ହୋଇଅଛି । ଏଥି ମଧ୍ୟରେ ମହାରାଜ ଦୁଇ ହଜାର ଟଙ୍କା ଦେଇ ଅଛନ୍ତି; ମୁଦ୍ରଣ କାର୍ଯ୍ୟ ଚଳୁଥିବା ଅବସ୍ଥାରେ ବାକି ଟଙ୍କା ମିଳିବ ।

ପୁରୀ ଏମାର ମଠର ମହନ୍ତ ମହାରାଜ ସ୍ୱନାମଧନ୍ୟ ଶ୍ରୀ ଗଦାଧର ରାମାନୁଜ ଦାସ ମୁଦ୍ରଣ ନିମନ୍ତେ ଦୁଇ ହଜାର ଟଙ୍କା ସାହାଯ୍ୟ ଅଙ୍ଗୀକାର କରି ଅଛନ୍ତି ଏବଂ ସୁବିଧା ହେଲେ ଅଧିକ ସାହାଯ୍ୟ କରିବେ ବୋଲି ଆଶ୍ୱାସନା ମଧ୍ୟ ଦେଇ ଅଛନ୍ତି । ମୋ ଜାମାତା ପୁରୀର ଗଭର୍ଣ୍ଣମେଣ୍ଟ-ପ୍ଲିଡର୍ ଓ ଆଡ୍‌ଭୋକେଟ୍ ରାୟ ବାହାଦୁର୍ ଶ୍ରୀମାନ୍ ଲୋକନାଥ ମିଶ୍ର ଏକ ହଜାର ଟଙ୍କା ସାହାଯ୍ୟ କରିବା ପାଇ ପ୍ରତିଶ୍ରୁତ ହୋଇ ଆଂଶିକ ଟଙ୍କା ଶ୍ରୀଯୁକ୍ତ ବିଶ୍ୱନାଥ ବାବୁଙ୍କ ହସ୍ତରେ ଅର୍ପଣ କରି ଅଛନ୍ତି । ଗଡ଼ଜାତର ପୋଲିଟିକାଲ୍ ଏଜେଣ୍ଟ୍ ଶ୍ରୀଯୁକ୍ତ ଟାଲେଣ୍ଟ ସାହେବ ମୋର ଏହି ଉଦ୍ୟମ ପ୍ରତି ବିଶେଷ ସହାନୁଭୂତି ଦେଖାଇ ଉତ୍କଳର କେତେକ ବିଶିଷ୍ଟ ରାଜା ମହାରାଜଙ୍କ ଦୃଷ୍ଟି ଏ ବ୍ୟୟସାଧ କାର୍ଯ୍ୟ ପ୍ରତି ଆକର୍ଷଣ କରି ମୋତେ କୃତଜ୍ଞତା ପାଶରେ ଆବଦ୍ଧ କରି ଅଛନ୍ତି । ମୁଁ ସରେଇକଳାର ରାଜକବି ଓ ଉତ୍କଳର ରାଜନ୍ୟ ମଣ୍ଡଳୀରେ ବୃଦ୍ଧତମ, ରାଜର୍ଷିପ୍ରତିମ ମହାରାଜ ଶ୍ରୀ ଉଦିତ ନାରାୟଣ ସିଂହ ଦେବଙ୍କ ନିକଟରେ ଉପସ୍ଥିତ ହେବାରୁ ମହାରାଜ ଗ୍ରନ୍ଥର କେତେକ ମୁଦ୍ରିତ ଅଂଶ ଦେଖି ପରମ ପ୍ରୀତି ଲାଭ କଲେ ଓ ତଦବଧି ମହାରାଜଙ୍କଠାରୁ ବିଶିଷ୍ଟ ସାହାଯ୍ୟ ମିଳିବାର ଆଶା ମୋ ମନରେ ଜାଗରୂକ ହୋଇଅଛି । ଖରସୁଆଁର ରୁଲିଙ୍ଗ୍ ଚିଫ୍ ରାଜା ଶ୍ରୀରାମଚନ୍ଦ୍ର ସିଂହ ଦେବ ମଧ୍ୟ ଏ ଗ୍ରନ୍ଥ ପାଇଁ ବିଶେଷ ସହାନୁଭୂତି ପ୍ରକାଶ କରି ଅଛନ୍ତି । ପୁରୀ ରାଧାକାନ୍ତ ମଠର ମହନ୍ତ ଶ୍ରୀ ରାଧାକୃଷ୍ଣ ଦାସ ଗୋସ୍ୱାମୀ ସ୍ୱତଃ ପ୍ରଣୋଦିତ ହୋଇ ଏ ଭାଷାକୋଷର ମୁଦ୍ରଣବ୍ୟୟ ଲାଗି ସାହାଯ୍ୟ ଦେବାପାଇଁ ପାରଳାର ସ୍ୱନାମଧନ୍ୟ, ଦେଶବତ୍ସଳ, ଉତ୍କଳରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ବରପୁତ୍ର, ରାଜା

ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସଙ୍ଗେ ଅଳି କରୁଥିବାରୁ ଶ୍ରୀ ଗଜପତିଙ୍କର ଏ ଗ୍ରନ୍ଥପ୍ରତି ସମଧିକ କୃପାଦୃଷ୍ଟି ପଡ଼ିବାର ଆଶା ହେଉଅଛି ।

ଏଥିମଧ୍ୟରେ ଏ ଗ୍ରନ୍ଥର ସର୍ବପ୍ରଥମ ପୃଷ୍ଠପୋଷକ, ଉତ୍କଳର ବିକ୍ରମାଦିତ୍ୟ-ପ୍ରତିମ, ସାହିତ୍ୟପ୍ରାଣ ଶ୍ରୀ ବିକ୍ରମ ଦେବ ବର୍ମା ଜୟପୁରର ରାଜସିଂହାସନ ଅଳଂକୃତ କରି ଅଛନ୍ତି । ସେ ମହୋଦୟ ପ୍ରଥମେ ଏହି ଦେଶହିତକର ବ୍ୟୟ-ବହୁଳ କାର୍ଯ୍ୟରେ ସାହାଯ୍ୟ କରିବାକୁ ତତ୍କାଳୀନ ଜୟପୁର ଅଧୀଶ୍ୱରଙ୍କ ନିକଟରେ ମୋ ପାଇଁ ଅଳି କରିଥିଲେ । ପ୍ରଭୁଙ୍କ ଅପାର କରୁଣାରୁ ଆଜି ସେ ସ୍ୱୟଂ ଜୟପୁରର ଅଧୀଶ୍ୱର । ତେଣୁ ମୁଦ୍ରଣ ବ୍ୟୟ ପାଇଁ ନିଅଣ୍ଟ ଥିବା ଅର୍ଥ ସମ୍ବନ୍ଧରେ ମୋର ଦୁଶ୍ଚିନ୍ତା ଦୂର ହୋଇଅଛି ଏବଂ ମୋ କର୍ମ-ପନ୍ଥା ଆଲୋକ-ମୟ ଦେଖା ଯାଉଅଛି ।

ପାଣ୍ଡୁଲିପିରୁ ପ୍ରଥମେ ଅନୁମାନ କରାଯାଇଥିଲା ଯେ ସ୍ୱରବର୍ଣ୍ଣାଂଶ ଚାରି ପାଞ୍ଚ ଶତ ପୃଷ୍ଠା ମାତ୍ର ଅଧିକାର କରିବ; କିନ୍ତୁ ବର୍ତ୍ତମାନ ସ୍ୱରବର୍ଣ୍ଣାଂଶର ମୁଦ୍ରଣ ପରେ ଦେଖାଗଲା ଯେ କେବଳ ସେହି ଅଂଶ ବାର ଶତ ପୃଷ୍ଠା ଅଧିକାର କରିଅଛି । ଏପରି ଅପ୍ରତ୍ୟାଶିତଭାବରେ ଗ୍ରନ୍ଥର କଳେବର ବୃଦ୍ଧି ହେବାରୁ ମୁଦ୍ରଣବ୍ୟୟସଙ୍କୁଳାନରେ ଆଶଙ୍କା ଜାତ ହେଉଥିଲେହେଁ, ଦୀର୍ଘ କୋଡ଼ିଏ ବର୍ଷ-ବ୍ୟାପୀ କଠୋର ପରିଶ୍ରମରେ ଯେଉଁ ସବୁ ଶବ୍ଦ, ଟୀକା, ଟିପ୍ପଣୀ, ନୋଟ୍ ଆଦି ମୁଁ ସଂଗ୍ରହ କରି ରଖିଅଛି, ସେ ଗୁଡ଼ିକ ଏ ସଂସ୍କରଣରେ ସନ୍ନିବେଶିତ କରିବାର ଲୋଭସମ୍ବରଣ କରି ପାରୁ ନାହିଁ । ଭଗବାନଙ୍କ ଅପାର କରୁଣା ଉପରେ ନିର୍ଭର କରି ମୁଁ ମୋର ବହୁପରିଶ୍ରମସମ୍ଭୂତ ପାଣ୍ଡୁଲିପିଲିଖିତ ସମସ୍ତ ବିଷୟ ସଭ୍ୟଜଗତର ଭାଇଭଉଣୀଙ୍କ ହାତରେ ଅର୍ପଣ କରିବି ବୋଲି ଦୃଢ଼ସଂକଳ୍ପ ହୋଇ ବସିଅଛି ।

ଶବ୍ଦମାନଙ୍କ ତଳେ ଶିଷ୍ଟପ୍ରୟୋଗମାନ ଯୋଗ କରିବା ଓ ଟୀକା ଲେଖିବା ପାଇଁ ଗତ ପନ୍ଦର ବର୍ଷ ହେବ ମୁଁ ସହସ୍ରାଧିକ ପ୍ରକାଶିତ ଓଡ଼ିଆ ଗ୍ରନ୍ଥ ପାଠ କରିଅଛି, ତଥାପି ଅନ୍ୟାନ୍ୟ ଗ୍ରନ୍ଥ କିଣିବାର ସଂଗତି ମୋର ନ ଥିବାରୁ କେତେକ ମହାନୁଭବ ବ୍ୟକ୍ତି ମୋତେ ସେମାନଙ୍କ କୃତ ବା ପ୍ରକାଶିତ ବା ସେମାନଙ୍କ ନିକଟରେ ଥିବା ବହୁ ଗଦ୍ୟ, ପଦ୍ୟ ଓ ଅଭିଧାନ-ଗ୍ରନ୍ଥ ଦେଇଅଛନ୍ତି । ଆଜି ଏଠାରେ ସେହି ମହାନୁଭବମାନଙ୍କ ନିକଟରେ ହୃଦୟର କୃତଜ୍ଞତା ଅର୍ପଣ କରୁଅଛି । ସେହି ଦାତାମାନଙ୍କର ନାମ ନିମ୍ନରେ ଦିଆଗଲା । ପ୍ରୋଫେସର୍ ଆର୍ତ୍ତବଲ୍ଲଭ ମହାନ୍ତି, ଶ୍ରୀ ବିଶ୍ୱନାଥ କର, ଶ୍ରୀ ଶଶିଭୂଷଣ ରାୟ, ପ୍ରୋଫେସର୍ ମୋହିନୀମୋହନ ସେନାପତି, ଶ୍ରୀ ବ୍ରଜସୁନ୍ଦର ଦାସ, ଶ୍ରୀ ନୀଳକଣ୍ଠ ଦାଶ, କବି ଶ୍ରୀ ଚିନ୍ତାମଣି ମହାନ୍ତି, ରାୟ ବାହାଦୁର ଅଜୟଚନ୍ଦ୍ର ଦାସ, ରାୟ ବାହାଦୁର୍ ରାମଶଙ୍କର ରାୟ, ରାୟ ସାହେବ ଭିକାରିଚରଣ ପଟ୍ଟନାୟକ, ପଣ୍ଡିତ ଶ୍ରୀ କୁଳମଣି ଦାଶ, କଟକ ଅରୁଣୋଦୟ ପ୍ରେସର ସ୍ୱତ୍ୱାଧିକାରୀ ଶ୍ରୀ [illegible] ଦାନ, ଶ୍ରୀ ନିତ୍ୟାନନ୍ଦ ସାହୁ, ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, କଟକ ଚନ୍ଦ୍ରୋଦୟ ପ୍ରେସର ସ୍ୱତ୍ୱାଧିକାରୀ ଶ୍ରୀ ହରେକୃଷ୍ଣ ଦାସ, ଶ୍ରୀ ରାଧାକୃଷ୍ଣ ବୋଷ, ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର, ଶ୍ରୀ ଶରଚ୍ଚନ୍ଦ୍ର ପାଲ, କଟକ ଟ୍ରେଡ଼ିଙ୍ଗ୍ କୋମ୍ପାନୀର ମେନେଜର୍ ପଣ୍ଡିତ ଶ୍ରୀ ଆକୁଳ ମିଶ୍ର କାବ୍ୟତୀର୍ଥ, ଡାକ୍ତର ରାୟ ବାହାଦୁର୍ ଜୟନ୍ତ ରାଓ, ଶ୍ରୀମାନ୍ ଚିନ୍ତାମଣି ଆଚାର୍ଯ୍ୟ, ସ୍ୱର୍ଗୀୟ ରାୟସାହେବ ନନ୍ଦକିଶୋର ବଳ, ସମ୍ବଲପୁର ସାଧନା ପତ୍ରିକାର ସମ୍ପାଦକ ପଣ୍ଡିତ ଶ୍ରୀ ସ୍ୱପ୍ନେଶ୍ୱର ଦାଶ, ଆଶାପତ୍ରିକାର ସମ୍ପାଦକ ଶ୍ରୀ ଶଶିଭୂଷଣ ରଥ, ଶ୍ରୀ ମହାରାଜ ସୋନପୁର, ଢେଙ୍କାନାଳର ବାନପ୍ରସ୍ଥ ରାଜା ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ ଓ ଯୁବରାଜ ଶ୍ରୀ ଗୌରଚନ୍ଦ୍ର ଦେବ, ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ, ସୁରଙ୍ଗୀର ସ୍ୱର୍ଗୀୟ ରାଜା ଶ୍ରୀ ଚନ୍ଦ୍ରଚୂଡ଼ାମଣି ଦେବ, ଶ୍ରୀ କୃଷ୍ଣଚନ୍ଦ୍ର ସେନ ଗୁପ୍ତ, କଟକ ପ୍ରିଣ୍ଟିଙ୍ଗ୍ କୋମ୍ପାନୀର କର୍ତ୍ତୃପକ୍ଷ, ଶ୍ରୀ ଶ୍ରୀବତ୍ସ ପଣ୍ଡା, ଢେଙ୍କାନାଳର ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ର, ଆଠଗଡ଼ ନିବାସୀ ପଣ୍ଡିତ ଶ୍ରୀ ଦୀନବନ୍ଧୁ ରଥ, ରାୟ ବାହାଦୁର୍ ରାଜକିଶୋର ଦାସ, ଶ୍ରୀ ଗୋଦାବରୀଶ ମିଶ୍ର, ସ୍ୱର୍ଗୀୟ ଗୋପବନ୍ଧୁ ଦାଶ, ବ୍ରହ୍ମପୁରର ଷ୍ଟୁଡେଣ୍ଟସ୍ ଷ୍ଟୋର୍ସର କର୍ତ୍ତୃପକ୍ଷ, ମୋର ପ୍ରାଣପ୍ରତିମା ସ୍ୱର୍ଗତା କନ୍ୟା ଶ୍ରୀମତୀ ଲାବଣ୍ୟବତୀ, କାଶୀ ନାଗରୀପ୍ରଚାରିଣୀ ସଭାର କର୍ତ୍ତୃପକ୍ଷ, ପାଟନା ପାଠଶାଳା ପ୍ରେସର ଅଧ୍ୟକ୍ଷ ପଣ୍ଡିତ ରାମଲୋଚନ ଶରଣ ଓ ଶ୍ରୀଯୁକ୍ତ ହବ୍ଲାକ୍ ସାହେବ ।

ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଓଡ଼ିଆ ଜାତିର କୋଠସମ୍ପତ୍ତି; ମୁଁ ଉତ୍କଳମାତାଙ୍କର ଜଣେ ନଗଣ୍ୟ ଓ ଅଧମ ପୁତ୍ର । ମୋ ଭଳି ଗୁଣହୀନ, ବିଦ୍ୟାହୀନ, ସାଧନାହୀନ ବ୍ୟକ୍ତିଦ୍ୱାରା ଉତ୍କଳ ଜାତିର ଏ ଯେଉଁ ଭାଷାସୌଧ ନିର୍ମିତ ହେଲା, ତାହା ବହୁଶତ ବିଦ୍ୟୋତ୍ସାହୀ, ଗୁଣଗ୍ରାହୀ, ସାହିତ୍ୟପ୍ରାଣ ବ୍ୟକ୍ତିମାନଙ୍କର ସାହାଯ୍ୟ, ସହାନୁଭୂତି ଓ ଆଶୀର୍ବାଦ ଯୋଗୁଁ ସମ୍ଭବପର ହୋଇଅଛି ।

ଯେଉଁମାନେ ମୋତେ ନାନାଭାବରେ — କେହି ଧନ ଦ୍ୱାରା, କେହି ଉତ୍ସାହଦ୍ୱାରା, କେହି ଲେଖାଦ୍ୱାରା, କେହି ଆଶୀର୍ବାଦ ଦ୍ୱାରା, କେହି ପୁସ୍ତକ ଯୋଗାଇ, କେହି ଦାତାମାନଙ୍କ ଠାରେ ସୁପାରିସ୍ କରି ଶବ୍ଦ ଯୋଗାଇ— ସାହାଯ୍ୟ କରିଅଛନ୍ତି, ମୁଁ ସେମାନଙ୍କଠାରେ ଆମରଣ ଋଣୀ ରହିଲି ।

ବିହାର ଓଡ଼ିଶାର ବର୍ତ୍ତମାନ ଲାଟସାହେବ ମହାମାନ୍ୟ ମାନ୍ୟବର ସର୍ ହିଉ ଷ୍ଟିଫେନ୍‌ସନ୍ ମହୋଦୟ ଏ ଗ୍ରନ୍ଥର ବିଶିଷ୍ଟ ପୃଷ୍ଠପୋଷକରୂପେ ମୋତେ ନାନାପ୍ରକାରେ ଉତ୍ସାହିତ କରି ଥିବାରୁ ମୁଁ ତଥା ଓଡ଼ିଆ ଭାଷା ତାଙ୍କର ମହାନୁଭବତା ପାଇଁ ତାଙ୍କଠାରେ ଚିରକୃତଜ୍ଞତା ପାଶରେ ଆବଦ୍ଧ ।

ଯେଉଁମାନଙ୍କ ବିଶିଷ୍ଟ ଉଦ୍ୟମ ଯୋଗୁଁ ଆଜି ଏ ଗ୍ରନ୍ଥ ମୁଦ୍ରିତ ହେବାର ଆଶା ଅଂଶତଃ ଫଳବତୀ ହୋଇଅଛି, ସେମାନଙ୍କ ହାଫ୍‌ଟୋନ୍ ଛବି ଏ ଗ୍ରନ୍ଥରେ ଦେବି ବୋଲି କଳ୍ପନା କରିଅଛି । ଏ ପର୍ଯ୍ୟନ୍ତ ଯେଉଁମାନଙ୍କ ଫଟୋ ବା ବ୍ଲକ୍ ହସ୍ତଗତ ହୋଇଅଛି ସେମାନଙ୍କ ଛବିମାନ ଏ ଖଣ୍ଡରେ ସଂଯୁକ୍ତ ହେଲା ଏବଂ କ୍ରମଶଃ ଯାହା ଯାହା ହସ୍ତଗତ ହେଉଥିବ ତାହା ପରବର୍ତ୍ତୀ ଖଣ୍ଡମାନଙ୍କରେ ଯୋଗ କରାଯିବ ।

ଏ ଗ୍ରନ୍ଥରେ ଅନେକ ଅଭାବ ଓ ଦୋଷ ରହିଗଲା । ଏହାକୁ ମୁଁ ଯେଉଁପରି ସର୍ବାଙ୍ଗସୁନ୍ଦର କରିବାକୁ କଳ୍ପନା କରିଥିଲି ସମୟ, ଅଭିଧାନ-ଗ୍ରନ୍ଥ, ଦେଶାଟନ ଓ ବିଶେଷତଃ ଅର୍ଥାଭାବରୁ ଏବଂ ଯଥେଷ୍ଟ ସହକର୍ମୀ ଅଭାବରୁ ତାହା କରି ପାରିଲି ନାହିଁ । କିନ୍ତୁ ମୁଁ ସର୍ବସାଧାରଣଙ୍କୁ ଏତିକି ମାତ୍ର କହି ପାରେଁ ଯେ, ମୁଁ ମୋ ଚେଷ୍ଟାରେ ତ୍ରୁଟି କରିନାହିଁ । ମୋର ଏକମାତ୍ର ଆଶା ଯେ, ମୁଁ ଓଡ଼ିଆ ଅଭିଧାନ ଲେଖିବାର ଯେଉଁ ଦିଗ୍ଦର୍ଶନ ସ୍ଥାପନ କରିଗଲି ତାହାର ପନ୍ଥା ଅନୁସରଣ କରି ମୋ ଅପେକ୍ଷା କ୍ଷମତାଶାଳୀ ଅଧିକତର ଗୁଣୀ ଓ ଅଧ୍ୟବସାୟୀ ବ୍ୟକ୍ତି ଭବିଷ୍ୟତରେ ଦିନେ ଗୋଟିଏ ପୂର୍ଣ୍ଣାଙ୍ଗ ଅଭିଧାନ ସଂକଳନ କରି ପାରିବେ । ମୋର ଏହି ସଂଗ୍ରହ ପୂର୍ଣ୍ଣାଙ୍ଗ ଓଡ଼ିଆ ଅଭିଧାନର ଉପକରଣ ମାତ୍ର ।

ସୌଭାଗ୍ୟକ୍ରମେ ମୁଁ ଓକିଲାତି ଆରମ୍ଭ କରିବା ବେଳେ ଉତ୍କଳର ଦେଶହିତୈକବ୍ରତ, କର୍ମନିଷ୍ଠ, ବୟୋବୃଦ୍ଧ ତଥା ଜ୍ଞାନବୃଦ୍ଧ ମିଷ୍ଟର୍ ଦାସ ( ଶ୍ରୀ ମଧୁସୂଦନ ଦାସ ଏମ୍. ଏ., ବି. ଏଲ୍. ସି. ଆଇ. ଇ ) ଙ୍କୁ ଗୁରୁରୂପେ

ପାଇବାର ସୁଯୋଗ ପାଇଥିଲି ଓ ତାଙ୍କ ତତ୍ତ୍ୱାବଧାନରେ ଉତ୍କଳସମ୍ମିଳନୀ, ବୈଦେହୀ ବାଳିକାବିଦ୍ୟାଳୟ ଆଦି କେତେକ ସାଧାରଣ ଅନୁଷ୍ଠାନରେ ଜଣେ ନଗଣ୍ୟ କର୍ମୀ ରୂପେ କିଛି ଦିନ କର୍ମ କରିଥିଲି । ମୋ ଜୀବନର ସେହି ସ୍ମରଣୀୟ ସାତବର୍ଷ ମଧ୍ୟରେ ତାଙ୍କ ଚରଣ ତଳେ ବସି ତାଙ୍କର ଜ୍ୱଳନ୍ତ ଈଶ୍ୱରବିଶ୍ୱାସ, ଅଧ୍ୟବସାୟ, ଜାତୀୟପ୍ରେମ, ଦେଶସେବା, କର୍ମନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ ଆଦି ଦେଖିବା ଯୋଗୁଁ ମୋ ଜୀବନର ଗତି ଯେଉଁ ପରି ନିୟନ୍ତ୍ରିତ ହୋଇଅଛି ଓ ତାଙ୍କଠାରୁ ମୁଁ ଯେଉଁ ଅଧ୍ୟବସାୟ, ଧୈର୍ଯ୍ୟ ଓ ଈଶ୍ୱରନିଷ୍ଠାରୂପ ମନ୍ତ୍ର ଗ୍ରହଣ କରିଅଛି, ତାହାରି ଫଳରେ ଆଜି ଏପରି ଗୋଟିଏ ବହୁ ଆୟାସସାଧ୍ୟ, ବହୁ ଧୈର୍ଯ୍ୟସାଧ୍ୟ, ବହୁ ଜନସାଧ୍ୟ ଓ ବହୁ ସମୟସାଧ୍ୟ କାର୍ଯ୍ୟ ମୋ ପକ୍ଷରେ ସମ୍ଭବପର ହୋଇଅଛି । ମୋର ବିଶ୍ୱାସ ଯେ ମୁଁ ତାଙ୍କ ସଂସ୍ରବରେ ଆସି ନ ଥିଲେ ନାନା ବାଧା-ବିଘ୍ନ, ଅଭାବ-ଅସୁବିଧା, ଘାତ-ପ୍ରତିଘାତ, ଆଶା-ନୈରାଶ୍ୟ ଅତିକ୍ରମ କରି ଧୈର୍ଯ୍ୟ ଓ ଈଶ୍ୱରବିଶ୍ୱାସ ସହକାରେ ଅନ୍ୟୂନ ୨୦ ବର୍ଷ ଲାଗି ଏପରି ଗୋଟିଏ ବିରାଟ ଗ୍ରନ୍ଥର ପାଣ୍ଡୁଲିପି ଶେଷ କରି ପାରି ନ ଥାନ୍ତି । ଗ୍ରନ୍ଥର ଛଅଶି ହଜାର ପୃଷ୍ଠା ବ୍ୟାପୀ ପାଣ୍ଡୁଲିପିର ଲେଖା ଶେଷ ହେବା ପରେ ସେ ନିଜେ ମୋ ଘରକୁ ଆସି ପାଣ୍ଡୁଲିପି ଗୁଡ଼ିକ ଦେଖି ତହିଁ ଉପରେ ହାତ ବୁଲାଇ ଦେଇ ଆଶୀର୍ବାଦ କରିଗଲେ ଏବଂ ତତ୍ପରେ ଏ ଗ୍ରନ୍ଥ ଛପା ହେବା ପାଇଁ ମୁଁ ଉଦ୍ୟମ ଆରମ୍ଭ କଲି ।

ଏ ଅଭିଧାନର ସଂକଳନ କାର୍ଯ୍ୟରେ ଶ୍ରୀମତୀ ପୀତାମ୍ବରୀ ଦେବୀ ନାନା ଭାବରେ ସାହାଯ୍ୟ କରିଅଛନ୍ତି ଏବଂ ତାଙ୍କ ସାହାଯ୍ୟ ପାଇ ନ ଥିଲେ ମୋ ଜୀବନରେ ଅଭିଧାନ ପ୍ରଣୟନରୂପ ମହାବ୍ରତ ମୁଁ କାର୍ଯ୍ୟରେ ପରିଣତ କରି ପାରି ନ ଥାନ୍ତି । ଏଥିପାଇଁ ମୁଁ ତାଙ୍କଠାରେ କେତେଦୂର ଋଣୀ, ତାହା ଭାଷାରେ ପ୍ରକାଶ କରି ପାରିବି ନାହିଁ—ମୁଁ ଏଥିଲାଗି ତାଙ୍କ ନିକଟରେ ଚିର ଜୀବନ ପାଇଁ ଅପରିଶୋଧ୍ୟ ଋଣରେ ଆବଦ୍ଧ ରହିଲି ।

ଓଡ଼ିଆ ସାହିତ୍ୟ ଅନୁଶୀଳନ କରିବାରେ ମୋର ପ୍ରଥମ ଉତ୍ସାହ-ଦାତା ଓ ପ୍ରତିବେଶୀ ଶ୍ରୀଯୁକ୍ତ ବିଶ୍ୱନାଥ କର ଏ ଗ୍ରନ୍ଥର ମୁଦ୍ରଣ ଓ ପ୍ରକାଶର ଭାର ବହନ କରି ମୋତେ ପରମାପ୍ୟାୟିତ କରିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ।

ଯେଉଁ ପ୍ରଭୁଙ୍କ ଅପାର କରୁଣାରୁ ଏହି କ୍ଷୀଣ ହସ୍ତଦ୍ୱାରା ଏପରି ବିରାଟ ଗ୍ରନ୍ଥର ପାଣ୍ଡୁଲିପିର ଲେଖା ଶେଷ ହୋଇ ପାରିଲା ଓ ଯାହାଙ୍କ ଆଶୀର୍ବାଦରେ ଆଜି ପ୍ରଥମ ଖଣ୍ଡ ସାଧାରଣଙ୍କ ହସ୍ତରେ ଅର୍ପିତ ହେଲା, ସେହି ପରମେଶ୍ୱରଙ୍କ କରୁଣା ଏ ଗ୍ରନ୍ଥର ଶେଷ ଖଣ୍ଡର ମୁଦ୍ରଣ ପର୍ଯ୍ୟନ୍ତ ମୋର ଏକ-ମାତ୍ର ଅବଲମ୍ବନ ।

ପରିଶେଷରେ ନିବେଦନ ଏହି କି ଏ ପ୍ରଥମ ଖଣ୍ଡ ପାଠକରି ପାଠକମାନେ ଯେଉଁଠାରେ ଯାହା ଭ୍ରମପ୍ରମାଦ ଦେଖିବେ ବା ପରିବର୍ତ୍ତନାଦର ଯାହା ଯାହା ସୂଚନା କରିବେ ତାହା ଅନୁଗ୍ରହପୂର୍ବକ ମୋତେ ଜଣାଇଲେ ପରବର୍ତ୍ତୀ ଖଣ୍ଡ ଓ ସଂସ୍କରଣ ମାନଙ୍କରେ ସେ ଗୁଡ଼ିକ ପରିହାର ବା ପାଳନ କରିବାକୁ ମୁଁ ଯଥାଶକ୍ତି ଚେଷ୍ଟା କରିବି ।

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସଙ୍କଳନ ପାଇଁ ବ୍ୟବହୃତ ଅଭିଧାନ ଗ୍ରନ୍ଥ, ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ ଚିହ୍ନ ।

M. W.—ମନିଅର୍ ଉଇଲିଆମ୍‌ସ୍‌ଙ୍କ କୃତ ସଂସ୍କୃତ-ଇଂରାଜୀ ଡିକ୍ସନାରୀ ।

Kirtikar—ଡକ୍ଟର କୀର୍ତ୍ତିକାରଙ୍କର 'Indian Plants' ( ଭାରତୀୟ ଉଦ୍ଭିଦ )

Apte—ପ୍ରୋଫେସର୍ ଆପ୍ଟେଙ୍କର Practical Sanskrit—English Dictionary. (ସଂସ୍କୃତ-ଇଂରାଜୀ ଅଭିଧାନ)

Beams—Beams' Comparative Grammar of four Indo-Aryan languages. ( ବାମ୍ସଙ୍କ ଗୌଡ଼ ଭାଷାର ବ୍ୟାକରଣ)

Haines—ହାଏନ୍ସ ସାହେବଙ୍କ Botany of Bihar and Orissa. (ବିହାର-ଓଡ଼ିଶାର ଉଦ୍ଭିଦତତ୍ତ୍ୱ)

Howells—ପାଦ୍ରୀ ହାୱେଲ୍ସ ସାହେବଙ୍କ ଅପ୍ରକାଶିତ ଓଡ଼ିଆ-ଇଂରାଜୀ ଅଭିଧାନର ପାଣ୍ଡୁଲିପି ।

Fallon—ଡକ୍ଟର ଫାଲନଙ୍କର ହିନ୍ଦୁସ୍ଥାନୀ-ଇଂରାଜୀ ଡିକ୍ସନାରୀ ।

Sir George Greierson—Linguistic Survey of India. (ଗ୍ରୀୟରସନ୍‌ଙ୍କ ଭାରତର ଭାଷାତତ୍ତ୍ୱ) ।

Grundy—ପାଦ୍ରି ଗ୍ରଣ୍ଡି ସାହେବଙ୍କର ଓଡ଼ିଆ-ଇଂରାଜୀ ଡିକ୍ସନାରୀ ।

ଗୋପୀନାଥ ନନ୍ଦ—ଗୋପୀନାଥ ନନ୍ଦଙ୍କ ଓଡ଼ିଆ 'ଶବ୍ଦତତ୍ତ୍ୱବୋଧ ଅଭିଧାନ' ।

ଜ୍ଞାନେନ୍ଦ୍ର—ଜ୍ଞାନେନ୍ଦ୍ର ମୋହନ ଦାସଙ୍କ ବଙ୍ଗଳା ଭାଷାର ଅଭିଧାନ ।

ବିଶ୍ୱକୋଷ—ନାଗେନ୍ଦ୍ରନାଥ ବସୁଙ୍କ ପ୍ରଣୀତ 'ବିଶ୍ୱକୋଷ' ।

ଯୋଗେଶଚନ୍ଦ୍ର—ରାୟ ବାହାଦୁର୍ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ସଂକଳିତ 'ବଙ୍ଗଳା ଶବ୍ଦକୋଷ' ।

ପ୍ରକୃତିବାଦ—ଶ୍ରୀଯୁକ୍ତ ରାମକମଲ ବିଦ୍ୟାଲଙ୍କାରଙ୍କ ପ୍ରଣୀତ ସଚିତ୍ର ବଙ୍ଗଳା 'ପ୍ରକୃତିବାଦ ଅଭିଧାନ' ।

ହିନ୍ଦି ଶବ୍ଦସାଗର - କାଶୀ ନାଗରୀ ପ୍ରଚାରିଣୀ ସଭାଙ୍କ ପ୍ରକାଶିତ 'ହିନ୍ଦୀ ଶବ୍ଦ-ସାଗର' ବା ହିନ୍ଦୀ ଭାଷାର ବୃହତ୍ କୋଷ ।

ସୁବଲଚନ୍ଦ୍ର—ସୁବଲଚନ୍ଦ୍ର ମିତ୍ରଙ୍କ ସରଳ ବଙ୍ଗଳା ଅଭିଧାନ ।

ଗାଙ୍ଗୁଲି—The student's Bengali and English Dictionary (ବି. ଗାଙ୍ଗୁଲିଙ୍କ ବଙ୍ଗଳା-ଇଂରାଜୀ ଅଭିଧାନ)

ଦ୍ରବ୍ୟଗୁଣ—ଶ୍ରୀ ନଗେନ୍ଦ୍ରନାଥ ସେନ୍ ଗୁପ୍ତଙ୍କ ବଙ୍ଗଳା 'ଦ୍ରବ୍ୟଗୁଣ ଶିକ୍ଷା' ।

ସମର୍ଥକୋଷ—ରାଜା ରାଧାକାନ୍ତ ଦେବଙ୍କ ଦ୍ୱାରା ପ୍ରକାଶିତ 'ସମର୍ଥକୋଷ' ଅଭିଧାନ ।

ଶବ୍ଦକଳ୍ପଦ୍ରୁମ—ବଙ୍ଗାକ୍ଷରରେ ମୁଦ୍ରିତ ସଂସ୍କୃତ ଅଭିଧାନ ।

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ବ୍ୟବହୃତ ଶିଷ୍ଟପ୍ରୟୋଗର ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ ଚିହ୍ନ ।

( ଦ୍ରଷ୍ଟବ୍ୟ—ଗ୍ରନ୍ଥମାନଙ୍କ ନାମ ଯଥାସ୍ଥାନରେ ଦିଆ ଯାଇଅଛି )

ଅଚ୍ୟୁତ; ଅଚ୍ୟୁତାନନ୍ଦ—କଟକ ଜିଲ୍ଲାର ନେମାଳଗାଦିର ମହନ୍ତ ସ୍ୱର୍ଗୀୟ ଅଚ୍ୟୁତାନନ୍ଦ ଦାସ ।

ଅଜୟ ଚନ୍ଦ୍ର—ରାୟ ବାହାଦୁର ଅଜୟ ଚନ୍ଦ୍ର ଦାସ ।

ଅଭିମନ୍ୟୁ—ପ୍ରାଚୀନ କବି ଅଭିମନ୍ୟୁ ସାମନ୍ତସିଂହାର ।

ଉତ୍କଳ-ସାହିତ୍ୟ—ଶ୍ରୀ ବିଶ୍ୱନାଥ କରଙ୍କ ପ୍ରକାଶିତ ମାସିକ ପତ୍ର ।

କବିସୂର୍ଯ୍ୟ—ପ୍ରାଚୀନ କବି କବିସୂର୍ଯ୍ୟ ବଳଦେବ ରଥ ।

କୁନ୍ତଳା; କୁନ୍ତଳାକୁମାରୀ—ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ ।

କୁଳମଣି—ପଣ୍ଡିତ ଶ୍ରୀ କୁଳମଣି ଦାଶ ।

କୃପାସିନ୍ଧୁ—ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର ।

କୃଷ୍ଣସିଂହ—ଧରାକୋଟର ପ୍ରାଚୀନ ରାଜା ।

ଗଙ୍ଗାଧର—ସ୍ୱର୍ଗୀୟ କବି ଗଙ୍ଗାଧର ମେହେର ।

ଗଡ଼ଜାତବାସିନୀ—ତାଳଚେରରୁ ପ୍ରକାଶିତ ସାପ୍ତାହିକ ପତ୍ର ।

ଗୋପାଳକୃଷ୍ଣ—ଗଞ୍ଜାମର ପ୍ରାଚୀନ କବି ।

ଗୋଲୋକ—ଅପ୍ରକାଶିତ କାବ୍ୟ ଇନ୍ଦୁରେଖାର ଆଧୁନିକ କବି ।

ଚକ୍ଷି—ରାଜାସାହେବ ଚକ୍ଷି ।

ଚିନ୍ତାମଣି—ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ ।

ଚିନ୍ତାମଣି—କବି ଚିନ୍ତାମଣି ମହାନ୍ତି ।

ଜଗନ୍ନାଥ—ଭକ୍ତକବି ଜଗନ୍ନାଥ ଦାଶ ।

ଜଗବନ୍ଧୁ—ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ।

ତାରଣୀ—ସ୍ୱର୍ଗୀୟ ତାରଣୀଚରଣ ରଥ ।

ତୁଳସୀ-ବିକ୍ରମ—ଜୟପୁରର ରାଜା ବିକ୍ରମଦେବଙ୍କ କୃତ ତୁଳସୀ ଦାସଙ୍କ ହିନ୍ଦୀ ରାମାୟଣ ଆଦିକାଣ୍ଡର ପଦ୍ୟାନୁବାଦ ।

ଦାଶରଥି—ପ୍ରାଚୀନ କବି ଦାଶରଥି ଦାସ ।

ଦୀନକୃଷ୍ଣ—ଭକ୍ତକବି ଦୀନକୃଷ୍ଣ ଦାସ ।

ଦୈନିକ ଆଶା—ବ୍ରହ୍ମପୁରରୁ ପ୍ରକାଶିତ ଦୈନିକ ପତ୍ରିକା ।

ନନ୍ଦକିଶୋର—ସ୍ୱର୍ଗୀୟ କବି ନନ୍ଦକିଶୋର ବଳ ।

ନାରାୟଣ—କବି ନାରାୟଣ ଦାସ ( ହରିବଂଶ ) ।

ନୀଳକଣ୍ଠ—ଶ୍ରୀ ନୀଳକଣ୍ଠ ଦାଶ ।

ପଞ୍ଚାମୃତ—କଟକ ଟ୍ରେଡିଙ୍ଗ୍ କମ୍ପାନୀଙ୍କ ପ୍ରକାଶିତ ପତ୍ରିକା ।

ପୀତାମ୍ବର—କବି ପୀତାମ୍ବର ( ନୃସିଂହ ପୁରାଣ ) ।

ପୀତାମ୍ବରୀ—ଶ୍ରୀମତୀ ପୀତାମ୍ବରୀ ଦେବୀ ।

ପ୍ରଭାତ—ପ୍ରାଚୀ ସମିତି ପ୍ରକାଶିତ ଶଶିଶେଣା ।

ପ୍ରାଚୀ—କଟକ ପ୍ରାଚୀସମିତି ପ୍ରକାଶିତ ଗ୍ରନ୍ଥମାଳା ।
ପ୍ୟାରୀମୋହନ—ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟ ।
ଫକୀର, ଫକୀରମୋହନ—ସ୍ୱର୍ଗୀୟ ଫକୀରମୋହନ ସେନାପତି ।
ବଳରାମ—ପ୍ରାଚୀନ କବି ବଳରାମ ଦାସ (ରାମାୟଣ) ।
ବ. କେ. ପୁ—ବଷ୍ଟୁ କେଶରୀ ପୁରାଣ ।
ବିନାୟକ—ପଣ୍ଡିତ ଶ୍ରୀ ବିନାୟକ ମିଶ୍ର ।
ବିଶ୍ୱନାଥ—ପ୍ରାଚୀନ କବି ବିଶ୍ୱନାଥ ଖୁଣ୍ଟିଆ (ବିଚିତ୍ର ରାମାୟଣ) ।
ବଷ୍ଟୁକେଶରୀ ପୁରାଣ—ପ୍ରାଚୀ-ଗ୍ରନ୍ଥମାଳା ।
ବ୍ରଜନାଥ—ବ୍ରଜନାଥ ବଡ଼ଜେନାଙ୍କ ପ୍ରଣୀତ ସମରତରଙ୍ଗ ।
ଭକ୍ତଦାସ, ଭକ୍ତଚରଣ—ପ୍ରାଚୀନ କବି ଭକ୍ତଚରଣ ଦାସ ।
ଭଞ୍ଜ—କବି ଉପେନ୍ଦ୍ର ଭଞ୍ଜ ।
ଭୀମା—ଭୀମାଧୀବର (କପଟପାଶା) ।
ଭିକାରୀଚରଣ—ରାୟ ସାହେବ ଶ୍ରୀ ଭିକାରୀଚରଣ ପଟ୍ଟନାୟକ ।
ଭୂପତି—ପ୍ରାଚୀ-ଗ୍ରନ୍ଥମାଳାର କବି ଭୂପତି ପ୍ରଣୀତ ପ୍ରେମପଞ୍ଚାମୃତ ।
ମଦନମୋହନ—ଶ୍ରୀଯୁକ୍ତ ମଦନମୋହନ ପଟ୍ଟନାୟକ (ତୀର୍ଥଦର୍ଶନ) ।
ମହାଦେବ—ପ୍ରାଚୀନ କବି ମହାଦେବ ଦାସ (ମାର୍କଣ୍ଡେୟ ପୁରାଣ)
ମଧୁସୂଦନ—ଭକ୍ତକବି ସ୍ୱର୍ଗୀୟ ମଧୁସୂଦନ ରାଓ ।
ଯଶୋବନ୍ତ—ପ୍ରାଚୀନ କବି ଯଶୋବନ୍ତ ସିଂହ (ପ୍ରେମଭକ୍ତି ବ୍ରହ୍ମଗୀତା) ।
ରାଜକିଶୋର—ଡାକ୍ତର ଶ୍ରୀ ରାଜକିଶୋର ନନ୍ଦ ।
ରାଧାନାଥ—କବିବର ସ୍ୱର୍ଗୀୟ ରାଧାନାଥ ରାୟ ।
ରାଧାମୋହନ—ଚିକିଟିର ରାଜା ରାଧାମୋହନ ରାଜେନ୍ଦ୍ର ଦେବ ।
ରାମଦାସ—ପ୍ରାଚୀନ କବି ରାମଦାସ (ଦାର୍ଢ୍ୟତାଭକ୍ତି) ।
ରାମଶଙ୍କର—ରାୟ ବାହାଦୁର ଶ୍ରୀ ରାମଶଙ୍କର ରାୟ ।
ଶିଶୁଶଙ୍କର—ପ୍ରାଚୀନ କବି ଶିଶୁଶଙ୍କର (ଉଷା ଅଭିଳାଷ) ।
ସତ୍ୟସମାଚାର—କଟକରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ।
ସମାଜ—କଟକରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ।
ସହକାର—କଟକରୁ ପ୍ରକାଶିତ ମାସିକ ପତ୍ରିକା ।
ସାରଳା—ପ୍ରାଚୀନ କବି ସାରଳା ଦାସ (ମହାଭାରତ) ।
ସୁଚଳ ଦେବ—ବାମଣ୍ଡାର ରାଜା ସ୍ୱର୍ଗୀୟ ରାଜା ସର୍ ବାସୁଦେବ ସୁଚଳ ଦେବ ।
ସୋନପୁର—ସୋନପୁର ମହାରାଜ ସର୍ ବୀରମିତ୍ରୋଦୟ ସିଂହ ଦେବ ।
ହରେକୃଷ୍ଣ—କବିରାଜ ହରେକୃଷ୍ଣ ମିଶ୍ର ।

## ଓଡ଼ିଆ ଶବ୍ଦମାନଙ୍କ ଉଚ୍ଚାରଣକୁ ଇଂରାଜୀ ଅକ୍ଷରରେ ଅକ୍ଷରାନ୍ତରୀକରଣରେ ବ୍ୟବହୃତ ବର୍ଣ୍ଣମାନଙ୍କର ପରିଚୟ ।

## LETTERS & SOUNDS USED IN ENGLISH TRANSLITERATION OF THE WORDS IN THE PURNACHANDRA BHASHAKOSHA.

| | Capital | Small |
|---|---|---|
| ଅ | A | a |
| ଆ | Ā | ā |
| ଇ | I | i |
| ଈ | Ī | ī |
| ଉ | U | u |
| ଊ | Ū | ū |
| ଋ | Ṛu | ṛu |
| ୠ | Ṛū | ṛū |
| ଌ | Ḷu | ḷu |
| ଏ | E | e |
| ଐ | Ai | ai |
| ଓ | O | o |
| ଔ | Au | au |
| ଂ (ଅନୁସ୍ୱାର) | — | ṁ |
| ଃ (ବିସର୍ଗ) | — | ḥ |
| ଁ (ଚନ୍ଦ୍ରବିନ୍ଦୁ) | — | ñ |

| | Capital | Small |
|---|---|---|
| କ | K | k |
| କ୍ଷ | Ksh | ksh |
| ଖ | Kh | kh |
| ଗ | G | g |
| ଘ | Gh | gh |
| ଙ | Ṅ | ṅ |
| ଚ | Ch | ch |
| ଛ | Chh | chh |
| ଜ | J | j |
| ଝ | Jh | jh |
| ଞ | N̄ | n̄ |
| ଟ | Ṭ | ṭ |
| ଠ | Ṭh | ṭh |
| ଡ | Ḍ | ḍ |
| ଡ଼ | — | rd |
| ଢ | Ḍh | ḍh |

| | Capital | Small |
|---|---|---|
| ଢ଼ | — | r̤dh |
| ଣ | Ṇ | ṇ |
| ତ | T | t |
| ଥ | Th | th |
| ଦ | D | d |
| ଧ | Dh | dh |
| ନ | N | n |
| ପ | P | p |
| ଫ | Ph | ph |
| ବ | B | b |
| ଭ | Bh | bh |

| | Capital | Small |
|---|---|---|
| ମ | M | m |
| ଯ | J̄ | j̄ |
| ୟ | Y | y |
| ର | R | r |
| ଳ | L̤ | l̤ |
| ଲ | L | l |
| ଅବର୍ଗ୍ୟ ବ ବା ୱ | W | w |
| ଶ | Ṡ | ṡ |
| ଷ | Sh | sh |
| ସ | S | s |
| ହ | H | h |

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ବ୍ୟବହୃତ ସାଙ୍କେତିକ ଅକ୍ଷର ଓ ଚିହ୍ନମାନଙ୍କ ପରିଚୟ ।

## ABBREVIATIONS USED IN THIS WORK WITH THEIR MEANINGS.

ଅ = ଅବ୍ୟୟ ପଦ ।
ଅଦାଲତ = ଅଦାଲତରେ ବ୍ୟବହୃତ ଶବ୍ଦ ।
+ ଅଧିକରଣ = ଅଧିକରଣ ବାଚ୍ୟରେ ପ୍ରତ୍ୟୟ ।
+ ଅପାଦାନଅ = ପାଦାନ ବାଚ୍ୟରେ ପ୍ରତ୍ୟୟ ।
ଅଶୁଦ୍ଧ = କଥାବାର୍ତ୍ତାରେ ବା ଲେଖାରେ ବ୍ୟବହୃତ ଅଶୁଦ୍ଧ ଶବ୍ଦ ବା ଉଚ୍ଚାରଣ ।
ଆ = ଆରବୀ ଭାଷା ।
ଆଇନ୍ = ଆଇନ୍ ବା ସ୍ମୃତିଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ଇଂ = ଇଂରାଜୀ ଭାଷା ।
ଇତର = ଇତରଜନ ବ୍ୟବହୃତ ଶବ୍ଦ ବା ଭାଷା ।
ଇଟା = ଇଟାଲୀୟ ଭାଷା ।
ଇତ୍ୟାଦି = ପୂର୍ବବର୍ତ୍ତୀ ଶବ୍ଦ ଓ ସେହି ଶବ୍ଦ ସଙ୍ଗେ ବ୍ୟବହୃତ ଅନ୍ୟ ଶବ୍ଦମାନ ।
ଉ; ଉର୍ଦ୍ଦୁ = ଉର୍ଦ୍ଦୁ ଭାଷା ।
ଓ = ଓଡ଼ିଆ ଭାଷା ।
କଚରିଆ = କଚେରି ଆଦିରେ ଓ ଅଶିକ୍ଷିତ ଦଲିଲ ଲେଖାଳଙ୍କ ବ୍ୟବହୃତ ଶବ୍ଦ ବା ଭାଷା ।
କନ୍ଧ = କନ୍ଧମାନଙ୍କ ବ୍ୟବହୃତ ଭାଷା ।
+ କରଣ = କରଣ ବାଚ୍ୟରେ ପ୍ରତ୍ୟୟ ।
+ କର୍ତ୍ତୃ = କର୍ତ୍ତୃ ବାଚ୍ୟରେ ପ୍ରତ୍ୟୟ ।
+ କର୍ମ = କର୍ମ ବାଚ୍ୟରେ ପ୍ରତ୍ୟୟ ।
କର୍ମଧା = କର୍ମଧାରୟ ସମାସ ।
କୋହ୍ଲ = କୋହ୍ଲ ଭାଷା ।
କ୍ରି = କ୍ରିୟାପଦ ।
କ୍ରି . ବିଣ = କ୍ରିୟା ବିଶେଷଣ ।

ଖ୍ରୀ = ଖ୍ରୀଷ୍ଟାବ୍ଦ ।
ଖ୍ରୀ. ପୂ = ଖ୍ରୀଷ୍ଟ ଜନ୍ମର ପୂର୍ବାବ୍ଦ ।
ଗଣିତ = ଗଣିତଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ଗାଳି = ଇତରଜନଙ୍କ ମଧ୍ୟରେ ଗାଳିରେ ବ୍ୟବହୃତ ଶବ୍ଦ ବା ବାକ୍ୟ ।
ଗୁ = ଗୁଜରାଟୀ ଭାଷା ।
ଗ୍ରା, ଗ୍ରାମ୍ୟ = ଗ୍ରାମ୍ୟ ବ୍ୟବହାର; ମାର୍ଜିତ ସାହିତ୍ୟରେ ପରିହାର୍ଯ୍ୟ ଶବ୍ଦ ।
ଗ୍ରୀ, ଗ୍ରୀକ୍ = ଗ୍ରୀକ୍ ଭାଷା ।
ଜର୍ମାନ୍ = ଜର୍ମାନ୍ ଭାଷା ।
ଜ୍ୟୋତିଷ = ଜ୍ୟୋତିଃଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ତତ୍ = ତତ୍ପୁରୁଷ ସମାସ ।
ତା = ତାମିଲ୍ ଭାଷା ।
ତୁର୍କୀ = ତୁରସ୍କଦେଶୀୟ ଭାଷା ।
ତୁଳ = ତୁଳନା କର ।
ତେ = ତେଲଗୁ ଭାଷା ।
ଦର୍ଶନ = ଦର୍ଶନ ଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ଦେ = ଦେଶଜ ଶବ୍ଦ ।
ଦେଖ = ପୂର୍ବବର୍ତ୍ତୀ ଶବ୍ଦ ଏ ଭାଷାକୋଷର ଶବ୍ଦକ୍ରମରେ ଯଥାସ୍ଥାନରେ ଖୋଜ ।
ଦ୍ର = ଦ୍ରଷ୍ଟବ୍ୟ ।
ଦ୍ରା = ଦ୍ରାବିଡ଼ ଭାଷା ।
ଧା; ଧାତୁ = ସଂସ୍କୃତ ଧାତୁ ।
ଧ୍ୱନ୍ୟନୁକରଣ = ଧ୍ୱନିଅନୁକରଣରେ ଗଠିତ ବା ଉଚ୍ଚାରିତ ବା ଅର୍ଥ ବୁଝାଯିବା ଶବ୍ଦ ।
ନଞ୍ ତତ୍ = ନଞ୍ ତତ୍ପୁରୁଷ ସମାସ ।
ନପୁଂ. = ନପୁଂସକ ଲିଙ୍ଗ ।

ନାଟକ = ନାଟକରେ ବ୍ୟବହୃତ ଭାଷା ।
ନାମ = ସ୍ଥାନ ବା ବ୍ୟକ୍ତିବିଶେଷଙ୍କ ନାମ ।
ନୋଟ୍ = ପୂର୍ବବର୍ତ୍ତୀ ଶବ୍ଦ ବିଷୟରେ ଟୀକା ।
ନ୍ୟାୟ = ୧. ନ୍ୟାୟଶାସ୍ତ୍ର; ୨. ଦେଶପ୍ରଚଳିତ ନ୍ୟାୟ ବା ଉଦାହରଣ ଦେବା ପ୍ରାମାଣିକ ଉକ୍ତି ।
ପଦ୍ୟ = କେବଳ ପଦ୍ୟରେ ବ୍ୟବହୃତ ଆକାର ।
ପର୍ତ୍ତୁ = ପର୍ତ୍ତୁଗୀଜ୍ ଭାଷା ।
ପା = ପାଲି ଭାଷା ।
ପୁଂ = ପୁଂଲିଙ୍ଗ ।
ପ୍ରା = ପ୍ରାକୃତ ଭାଷା ।
ପ୍ରାଚୀନ = ପ୍ରାଚୀନ ଗ୍ରନ୍ଥମାନଙ୍କରେ ବ୍ୟବହୃତ ଶବ୍ଦ ।
ଫା = ଫାରସୀ ବା ପାରସ୍ୟ ଦେଶ ପ୍ରଚଳିତ ଭାଷା ।
ଫ୍ରେ = ଫ୍ରେଞ୍ଚ୍ ବା ଫ୍ରାନ୍ସ୍ ଦେଶ ପ୍ରଚଳିତ ଭାଷା ।
ବ = ବଚନ; ( ୧ବ = ଏକବଚନ; ୨ବ = ଦୁଇବଚନ; ବହୁ ବ = ବହୁବଚନ । )
ବଂ = ବଙ୍ଗଳା ଭାଷା ।
ବି = ବିଶେଷ୍ୟ ପଦ ।
ବିଜ୍ଞାନପରିଭାଷା = ବିଜ୍ଞାନରେ ବ୍ୟବହୃତ ପାରିଭାଷିକ ଶବ୍ଦ ।
ବିଣ = ବିଶେଷଣ ପଦ ।
ବିଣର ବିଣ = ବିଶେଷଣର ବିଶେଷଣ ।
ବିପରୀତ = ପୂର୍ବୋକ୍ତ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ।
ବୈଦେ = ବୈଦେଶିକ ଭାଷା ( ଯଥା— ଇଂରାଜୀ, ଆରବୀ, ଫାରସୀ, ଫ୍ରେଞ୍ଚ, ଜର୍ମାନ୍ ଆଦି) ରୁ ଆଗତ ଶବ୍ଦ ।
ବୈଦ୍ୟକ = ବୈଦ୍ୟକ ଗ୍ରନ୍ଥ ବା ଆୟୁର୍ବେଦରେ ବ୍ୟବହୃତ ଶବ୍ଦ ।
ଭତ୍ରୀ; ଭତ୍ରୀ = ବସ୍ତର ରାଜ୍ୟର ଉତ୍ତର ପୂର୍ବ କୋଣରେ କୋଡ଼ିଏ ହଜାର କୃଷକ ଲୋକଙ୍କ କଥିତ ଭାଷା ।
+ଭାବ = ୧. ଭାବାର୍ଥ ପ୍ରତ୍ୟୟ;
୨. ଭାବ ବାଚ୍ୟରେ ପ୍ରତ୍ୟୟ ।
ମ = ମରହଟ୍ଟୀ ଭାଷା ।
ମ. ପ. ଲୋ = ମଧ୍ୟପଦଲୋପୀ କର୍ମଧାରୟ ।
ଯଥା = ପୂର୍ବୋକ୍ତ ଶବ୍ଦ ବା ଅର୍ଥର ପ୍ରୟୋଗର ଉଦାହରଣ ।
ଲକ୍ଷଣାର୍ଥ = ଶବ୍ଦର ଆରୋପିତ ଅର୍ଥ ।
ଲରିଆ = ସମ୍ବଲପୁର ଓ ଛତିଶଗଡ଼ ଅଞ୍ଚଳରେ ବ୍ୟବହୃତ ଉପଭାଷା ।
ସଂ = ସଂସ୍କୃତ ଭାଷା ।
+ସଂଜ୍ଞାର୍ଥ = ସଂଜ୍ଞାର୍ଥ ପ୍ରତ୍ୟୟ ।
+ସମ୍ବନ୍ଧ = ସମ୍ବନ୍ଧାର୍ଥ ପ୍ରତ୍ୟୟ ।

ସର୍ବ = ସର୍ବନାମ ପଦ ।
ସହଚର = ଏକତ୍ର ବା ଏକ ପରେ ଅନ୍ୟ ସହଚର ଶବ୍ଦରୂପେ ବ୍ୟବହୃତ ଶବ୍ଦଦ୍ୱୟ ।
ସାନ୍ତାଳୀ = ସାନ୍ତାଳମାନଙ୍କ କଥିତ ଭାଷା ।
ସ୍ତ୍ରୀ = ସ୍ତ୍ରୀଲିଙ୍ଗ ।
+ସ୍ୱାର୍ଥେ = ଶବ୍ଦର ସେହି ଅର୍ଥରେ ବ୍ୟବହୃତ ପ୍ରତ୍ୟୟ ।
ହି = ହିନ୍ଦୀ ବା ହିନ୍ଦୁସ୍ଥାନୀ ଭାଷା ।
ହେବ୍ରୁ = ହେବ୍ରୁ ଭାଷା ।
୧ମା = ପ୍ରଥମା ବିଭକ୍ତି ।
୨ୟା = ଦ୍ୱିତୀୟା ବିଭକ୍ତି ।
୩ୟା = ତୃତୀୟା ବିଭକ୍ତି ।
୪ର୍ଥୀ = ଚତୁର୍ଥୀ ବିଭକ୍ତି ।
୫ମୀ = ପଞ୍ଚମୀ ବିଭକ୍ତି ।
୬ଷ୍ଠୀ = ଷଷ୍ଠୀ ବିଭକ୍ତି ।
୭ମୀ = ସପ୍ତମୀ ବିଭକ୍ତି ।
୧ବ = ଏକବଚନ ।
୨ବ = ଦ୍ୱିବଚନ ।
ବହୁବ = ବହୁବଚନ
+ ( ଯୁକ୍ତ ) = ପରସ୍ପର ଯୁକ୍ତ ହେବା ଦୁଇ ଶବ୍ଦ ବା ଧାତୁ ଓ ପ୍ରତ୍ୟୟ ମଧ୍ୟରେ ଥିବା ଯୁକ୍ତ ଚିହ୍ନ ।
= ( ସମାନ ) = ଧାତୁ ଓ ପ୍ରତ୍ୟୟ ମିଶି ବା ଦୁଇ ପଦ ମିଶି ନିଷ୍ପନ୍ନ ହେବା ଶବ୍ଦ ବା ଅର୍ଥ ।
? ( ପ୍ରଶ୍ନ ) = ସନ୍ଦେହ ସ୍ଥଳରେ ପ୍ରଦତ୍ତ ଚିହ୍ନ ।
— ( ଡାସ୍ ) = ପରସ୍ପର ସଂବଦ୍ଧ ଦୁଇଟି ଶବ୍ଦ ବା ଶବ୍ଦ ଓ ଅର୍ଥ ବା ଦୁଇଟି ଭାବ ମଧ୍ୟରେ ସମ୍ବନ୍ଧଜ୍ଞାପକ ଚିହ୍ନ ।

Etc. = Please refer to the word preceding and its following words in this Dictionary.
See = Please refer to the preceding word.
Law = Legal term.

Algebra
Arithmetic
Astrology
Astronomy
Botany
Geography
Geometry
Logic
Mathematics
Philosophy
} = Words used in the said Sciences.

The iilustrious PATRON of this work.

ଏ ଗ୍ରନ୍ଥର ପୃଷ୍ଠପୋଷକ



H. E. Sir James David Sifton K. C. S. I., K. C. I. E., I C. S.

Governor of Bihar & Orissa.

ବିହାର ଓଡ଼ିଶା ପ୍ରଦେଶର ଗବର୍ଣ୍ଣର

ମାନ୍ୟବର ସର୍ ଜେମ୍ସ୍ ଡେଭିଡ଼ ସିଫ୍ଟନ୍ କେ. ସି. ଏସ୍. ଆଇ., କେ. ସି. ଆଇ. ଇ., ଆଇ. ସି. ଏସ୍.

U. S Press, Cuttack.

# ପୂର୍ଣ୍ଣଚନ୍ଦ୍ର

# ଓଡ଼ିଆ ଭାଷାକୋଷ ।

ଦ୍ୱିତୀୟ ଖଣ୍ଡ (ବ୍ୟଞ୍ଜନବର୍ଣ୍ଣ; କ—ଙ)

ସଂଗ୍ରାହକ—ଗୋପାଳଚନ୍ଦ୍ର ପ୍ରହରାଜ

ସହକର୍ମିଗଣ—୧—ଶ୍ରୀମତୀ ପୀତାମ୍ବରୀ ଦେବୀ
୨—ପଣ୍ଡିତ ଶ୍ରୀ ଭୁଲମଣି ଦାସ, କାବ୍ୟତୀର୍ଥ
୩—ପଣ୍ଡିତ ଶ୍ରୀ ରାମଚନ୍ଦ୍ର ରଥ
୪—ପଣ୍ଡିତ ଶ୍ରୀ ଭୁବନେଶ୍ୱର ମିଶ୍ର
୫—ସାମନ୍ତ ଶ୍ରୀ ନରସିଂହ ମହାପାତ୍ର
୬—ପଣ୍ଡିତ ଶ୍ରୀ ଜଗନ୍ନାଥ ରଥ
୭—ଶ୍ରୀ ଗୋଲକଚନ୍ଦ୍ର ପଧାନ

# PŪRṆṆACHANDRA

# ORḌIĀ BHĀSHĀKOSHA.

( A Lexicon of the Oria language )

**Volume— II (Consonants; Ka to ṅa)**

*Compiler—* **G. C. Praharaj.**

*Advocate, Patna High Court, Cuttack, B. N. R, Orissa. ( India ).*

**With the help of a body of assistants.**

**Printed and Published by V. Kar.**
**THE UTKAL SAHITYA PRESS,**
**CUTTACK.**
**1932.**



**The Late Maharaja
Purnachandra Bhanj Deo of Mayurbhanj**

ମୟୂରଭଞ୍ଜର ସ୍ୱର୍ଗୀୟ ମହାରାଜ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ

U. S. Press, Cuttack.

The Second volume of the

# PŪRṆṆACHANDRA
# ORḌIĀ BHĀSHĀKOSHA

**( Oria Lexicon )**

**is dedicated to**

**N. F. Peck, Esq.** B A. *(Cantab)* I. C. S., C. B. E.
*sometime District officer of Cuttack & officiating Commissioner of the Orissa Division,*

in grateful recognition of his initiative and sincere solicitude for the publication of the work and the valuable encouragement given by him to the cause of Oriya literature and his genuine sympathy for the Orias which he evinced as District Officer of Cuttack and Commissioner of the Orissa Division.

| | |
|---|---|
| CUTTACK,<br>*August 1932.* | *By his admirer*<br>THE COMPILER<br>**G. C. PRAHARAJ.** |

ଏହି ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ମୁଦ୍ରଣ ଓ ପ୍ରକାଶାର୍ଥ ଯେଉଁ ମହାନୁଭବ ମହୋଦୟ ବିହାର-ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କ-
ଠାରୁ ବିଶିଷ୍ଟ ସାହାଯ୍ୟ ମିଳିବାପାଇଁ ପ୍ରାରମ୍ଭିକ ଉଦ୍ୟମର ସୂତ୍ରପାତ ଓ ସୂଚନା କରି ଏ ବହୁବ୍ୟୟସାଧ୍ୟ ଗ୍ରନ୍ଥ ମୁଦ୍ରିତ
ଓ ପ୍ରକାଶିତ ହେବାର ପଥ ଉନ୍ମୁକ୍ତ କରିଅଛନ୍ତି ଓ ଯାହାଙ୍କର ଏ ଗ୍ରନ୍ଥ ପ୍ରତି, ଓଡ଼ିଆ ଭାଷା ପ୍ରତି ଓ ଓଡ଼ିଆ
ଜାତି ପ୍ରତି ଆନ୍ତରିକ ସ୍ନେହ ଦେଖି ମୁଁ ଉତ୍ସାହିତ ଓ କୃତାର୍ଥ ହୋଇଅଛି, ଏ କ୍ଷୁଦ୍ର ହୃଦୟରେ ଉଚ୍ଛ୍ୱସିତ
କୃତଜ୍ଞତାର ନିଦର୍ଶନସ୍ୱରୂପ କଟକର ସେହି ଭୂତପୂର୍ବ ଡିଷ୍ଟ୍ରିକ୍ଟ୍ ମାଜିଷ୍ଟ୍ରେଟ୍ ଓ କଲେକ୍ଟର୍ ଏବଂ
ଓଡ଼ିଶାର ଭୂତପୂର୍ବ ଅସ୍ଥାୟୀ କମିସନର୍ ଏବଂ ବର୍ତ୍ତମାନ ବିହାର ଓଡ଼ିଶା ପ୍ରଦେଶର
ଅବକାରୀ ବିଭାଗର କମିସନର୍ ଶ୍ରୀଯୁକ୍ତ ଏନ୍. ଏଫ୍. ପେକ୍ ବି. ଏ.,
ଆଇ. ସି. ଏସ୍, ସି. ବି. ଇ. ଙ୍କ ନାମରେ ଏ
ଭାଷାକୋଷର ଦ୍ୱିତୀୟ ଖଣ୍ଡ ଉତ୍ସର୍ଗ କଲି ।

| | |
|---|---|
| ଭାଷାକୋଷ ଆଶ୍ରମ,<br>କଟକ<br>ଅଗଷ୍ଟ ୧୯୩୨ | ଭବଦୀୟ ସ୍ନେହାଧୀନ<br>ସଂଗ୍ରାହକ<br>ଗୋପାଳଚନ୍ଦ୍ର ପ୍ରହରାଜ |



**N. F. Peck Esq. B. A., I. C. S., C. B. E.**

Sometime officiating Commissioner of the Orissa Division,
Inspector General of Registration & Commissioner of
Excise and Salt, Bihar & Orissa
( to whom the 2nd volume is dedicated ).

ଓଡ଼ିଶା ବିଭାଗର ଭୂତପୂର୍ବ ଏକ୍ଟିଙ୍ଗ କମିସନର୍ ଓ ବିହାର ଓଡ଼ିଶାର
ରେଜିଷ୍ଟ୍ରେସନ୍ ବିଭାଗର ଇନ୍‌ସ୍ପେକ୍ଟର ଜେନେରାଲ୍ ଓ
ଅବକାରୀ ବିଭାଗର କମିସନର୍
( ଯାହାଙ୍କ ନାମରେ ଏହି ୨ୟ ଖଣ୍ଡ ଉତ୍ସୃଷ୍ଟ ହେଲା )



**J. A. Hubback Esq. M. A. (Cantab) I. C. S.**

Sometime Commissioner of the Orissa Division,
Member, Board of Revenue, Bihar and Orissa
( to whom the 1st volume has been dedicated ).

ଶ୍ରୀଯୁକ୍ତ ଜେ. ଏ. ହବାକ୍ ଏମ. ଏ., ଆଇ. ସି. ଏସ୍
ଓଡ଼ିଶା ବିଭାଗର ଭୂତପୂର୍ବ କମିସନର ଓ ବିହାର ଓଡ଼ିଶାର
ରେଭେନ୍ୟୁ ବୋର୍ଡର ସଦସ୍ୟ
( ଯାହାଙ୍କ ନାମରେ ୧ମ ଖଣ୍ଡ ଉତ୍ସୃଷ୍ଟ ହୋଇଅଛି )

U. S. Press, Cuttack.

# INTRODUCTION.

To the second volume of
The Pūrṇṇachandra Oṛiā Bhāshākosha
( Oria Lexicon ).

Through the grace of the Almighty Father the second volume is now placed in the hands of the public. It comprises the first five consonants. The letter 'Ksha' ( କ୍ଷ ) is learnt by the beginner at the end of the consonants as a separate letter. It is a diphthong of Ka, being Ka ( କ )+Sha ( ଷ ). So it has been given in the work a place after the letter Ka.

In the introduction to the first volume the history and progress of this undertaking from the inception of the idea to the publication of the first volume was traced in detail.

That this publication, when completed, will remove a real want, needs no argument. From the following extracts from letters received from the German philologist, Professor Dr. Wilhelm Printz, Librarian of the famous library, Bibliothek Der Deutschen Morgenlandischen Gesselleschaft, Halle ( Saale ) in Germany, it will be apparent what position the Oria language and literature have hitherto held in the estimation of the civilised nations.

On receipt of the prospectus and specimen-pages he wrote—

"Since some years I have tried to increase our department of books in modern Indian languages, and we have now a nice stock, e. g. of Bengalee and Hindi books; but so far, I have not had any opportunity to buy Oria books. Oriental book-sellers in Europe as well as in Calcutta do not seem to take interest in Oria literature "

On receipt of some Oria books and the Typical Selections from Oria literature in 3 volumes by Professor B. C. Mazumdar, together with a list of hundreds of Oria books of importance, sent by me, the Professor writes—

"I am just writing a small article about Oria language and literature for the greatest German Encyclopaedia published by Brockharus at Leipzig, and I was glad to take new informations from the Introduction to the Typical Selections and to mention in the bibliography your dictionary and the Selections."

Libraries in Germany, Norway, France and England have been subscribing for the dictionary; and European book-sellers have been requesting me to register their names in advance for the dictionary. I am happy to think that the Oria language and literature will one day come to occupy their legitimate position amongst the modern languages and literatures and that I had an humble hand in contributing to the beginning of such an era.

I hope that the worthy and moneyed sons of Mother Orissa will extend their liberality and patronage to this undertaking of national importance, when they will realise the neglected position which our mother-tongue holds amongst the modern nations and will picture in their mind the bright future which is in store for it, in the comity of nations, once its rich portals are laid open to the outside world of letters.

Of my colleagues who were rendering me assistance in revising and faircopying the manuscripts when the first volume was out, Babu Chandra Sekhar Misra B. A. has, in the meantime, left us. Pandit Kulamani Das, Head Pandit, Ravenshaw Collegiate School, Cuttack, Pandit Ram Chandra Rath, one of the workers of the defunct Satyabadi Institution of Puri district, Samanta Narsing Mahapatra, Assistant teacher of P. M. Academy, Cuttack, Babu Golak Chandra Pradhan, the talented author of an unpublished Oriya lyric of a very high order,

Babu Bhubaneswar Misra, an excellent faircopyist and Pandit Jagannath Rath, an Oriya scholar with a musical and critical taste, have been working with me. Sreematee Peetambaree Debee, my valuable colleague and coadjutrix in the undertaking since 1919, has continued to render me assistance with unabated zeal and interest. I can not but admire the regularity and sincerity with which Pandit Kulamani has been indefatigably revising every line of the manuscripts and seeing that the meanings of the Sanskrit words given tally with those given in standard books of reference. Srijut Visvanath Kar, the Proprietor of the Utkal Sahitya Press and the publisher of this work and Babu Padma Charan Das, one of his assistants have been helping me in the correction of the proof-sheets

Mr. C. L. Philip M. A., I. C. S., Commissioner of the Orissa Division, and in his absence, Mr. S. L. Marwood, B. A., I. C. S., late District Magistrate and Collector of Cuttack, went through the English portions of a great number of proof-sheets of this volume; and the author acknowledges with pleasure the assistance rendered by them. It may be mentioned here with gratefulness that Mr. Philip volunteered to go through the English portions of the proof-sheets, and he has very cheerfully managed to devote at least one hour daily to going through eight pages of proof-sheets and make very valuable suggestions and corrections, but for which the second volume would have had many serious blunders. Amidst the multifarious pressing official duties which devolve on him as the Divisional head of Orissa, he has found time to go through the proof-sheets with regularity and precision.

My friend Babu Satindra Narayan Roy M. A. B. L., Advocate of Cuttack has been helping me, as before, by supplying the Bengalee equivalents of Oriya words; and recently I have enlisted the co-operation of my young friend Babu Sudhamsu Mohan Mukherji B L., pleader of Cuttack in the supply of Bengalee equivalents. Pandit Ramlochan Saran, publisher of the Pustak Bhandar, Laheriaserai, Darbhanga, has been helping me in finding out the Hindi equivalents of many Oriya words

The first volume dealt with 13 vowels; the second volume deals with 5 consonants and the diphthong 'Ksha'. Still, there remain 28 letters to be faircopied and printed in the succeeding three volumes. When the first volume was published in September 1931, it was calculated that the second volume would be out by March 1932; but on account of paucity of financial support from the generous donors and subscribers, by counting on whose liberality this gigantic compilation had been undertaken, the printing of the second volume has been unavoidably delayed by about 4 months. The financial deadlock, through which the world has been passing, has affected the Government, and the rich people, more than the poor. Naturally the Maharajas, Rajas and other patrons of literature and learning, the sons of mother Lakshmi ( the Goddess of riches ), were not able to respond as generously as some of them had done before. That flowing spring of liberality having dried up, it would have been impossible to bring out the second volume even now, had not some well disposed creditors readily lent the sum of seven thousand rupees on the security of my residential house, and thus enabled me to push on the revision and printing of the second volume. Matters have come to such a pass that many of the generous subscribers who had promised to purchase more than one copy of the work, when published, have been obliged to curtail their orders and purchase less number of copies; and some, even, have not purchased any copy. The Government of Madras, who had promised to purchase 50 copies, and the Government of Bengal, who had promised to purchase 10 copies, have, on account of the present financial stringency, rescinded their orders. At this time of financial distress I have hesitated to approach generous personages, to save them from the mortification of returning me from their doors empty-handed. It is hoped that better days will soon dawn and the undertaking will be pushed on with speed and vigour, with generous help received from the patrons of learning in this land and abroad.

Up to date, besides a sum of Rs. 7000/- received from the Government of Bihar and Orissa, the Maharaja of Kalahandi, the Raja Saheb of Chikati, the Maharajadhiraj Bahadur of Burdwan and the Oriya Sahitya Sangha, for revision and faircopying of the manuscripts ( acknowledged in the first volume ), a sum of Rs. 20500/- has been received from the

following sources to meet the cost of printing. The Government of Bihar and Orissa ( half of the then estimated printing charges ) Rs. 14200/-; Maharaja and Ruling Chief of Mayurbhanj State, Orissa, Rs. 4000/-; Mohant Maharaj of Emar Math, Puri, Rs. 1000/-; Raja Saheb and Ruling Chief of Keonjhar State, Orissa, Rs. 500/-; Rai Bahadur Loknath Misra, M. L. C. Advocate and Government pleader of Puri, Rs. 500/-, the junior dowager Maharanee of Mayurbhanj Rs. 200/-; the Raja Saheb and Ruling Chief of Kharsawan State, Orissa, Rs. 100/-. Besides the above, a sum of Rs. 5500/- is expected to be received from some of the doners who have made part payments out of their promised donations.

Raja Kishore Chandra Deo, the Raja Saheb and Ruling Chief of Athmalik State, Orissa, was pleased to pay a visit to the manuscripts recently and examine them with great interest He promised a donation of Rs. 1000/- towards the publication, and infused into the mind of the compiler new vigour by assuring him that this work of national importance, which has been once begun, will be completed. He has, in the meantime, sent his promised donation on learning of the present financial stress though which I have been passing. I am very grateful to the Raja Saheb for his generosity and encouragement.

Raja Madan Mohan Singh Deb Bahadur of Dharakota, Ganjam, the worthy descendant of the Oria metrical translator of the great epic Mahabharata, and himself a well-known patron of literature and learning, has subscribed for 6 sets of the dictionary, He visited the manuscripts and has promised financial help to the work.

The Maharaja and Ruling Chief of Mayurbhanj, Pratap Chandra Bhanj Deo, whose promise of a liberal donation enabled the compiler to connect the dictionary with the name of his illustrious brother, the late Maharaja Parna Chandra and who by supplementing the Government grant, enabled the publisher to go to the press, has continued to take a paternal interest on the progress of the work.

The Hon'ble Raja Rajendra Narayan Bhanj Deo, O. B. E, Finance member to the Government of Bihar and Orissa, whose tenure of office will be fondly remembered by the Oriya nation in connection with the Government grant to this national monument, has promised financial support to the work.

The late Maharaja Udit Narayan Singh Deo, Ruling chief of Seraikala State, Orissa Agency gave me a very kind and patient hearing when I paid him a visit last year with an introduction from Mr. P. C. Tallents, I. C. S. I had great hopes of enlisting his support as he was himself an Oria writer of considerable merit and a patron of Oria literature. It is hoped that his worthy successor, Raja Sri Aditya Pratap Singh Deo, the present Ruling Chief, a man of letters himself, who has been following the noble traditions of the family, will bestow his patronage on this undertaking.

The Raja Saheb of Parlakhimedi, Raja Krushna Chandra Gajapati Narayan Deb, who will be long remembered in connection with his labours for the amalgamation of the Oria speaking tracts, as a member of the Round Table Conference and of the Orissa Boundary Commission, and who has followed up the time-honoured liberality of his family by patronising the publication of various books, was approached during his visit to Cuttack in connection with the sittings of the Boundary Commission. He has promised his support to the work.

Samanta Radha Prasanna Das, the son of the late Rai Bahadur Radha Charan Das of Soonhut, Balasore, whose family has been known throughout India for extensive charitable and religious endowments and gifts, and who had been devoting himself to the cultivation and advancement of Oria literature, has expressed a keen appreciation of the work; and it is hoped that some of the future volumes will be connected with the name of his noble father who was a personal friend of the compiler

Maharaj Bikram Deb. Burma of Jeypur, Vizagapatam, as has been stated in the introduction to the first volume, has been a staunch supporter of this undertaking from its primary stage, when he had not graced the gadi of Jeypur. Since he succeeded to the estate he had been engrossed with many unavoidable complications in connection with his succession. Now that, through the grace of God, these tangles are clearing up, the hope of getting the

expected substantial support from him, for the publication of the remaining volumes, has brightened up.

The hope of getting practical support and encouragement from various other sources. e. g. Maharaja Sir Biramitrodaya Singh Deb Dharmanidhi Gyanagunakar, K. C. I. E., M. R A. S., Ruling Chief of Sonepur State, Raja Bahadur and Ruling Chief of Hindol State, Raja Saheb and Ruling Chief of Dhenkanal State, Raja Saheb and Ruling Chief of Baud State, Raja Saheb of Puri, Raja Saheb of Bodogodo, Ganjam, Raja Saheb of Madhupur, Cuttack, Sreemati Chandramani Patmahadevi, late Ranee of Madgula Estate, Vizagapatam, Babu Parmananda Sahoo, proprietor, Aska sugar factory and Babu Khetrabasi Sahoo, Zemindar and Mahajan, of Cuttack, has been entertained, and in some cases strengthened.

Chowdhury Mrutyunjoy N. Praharaj, the minor Zemindar of Irda, Balasore, who is a promising young man and whose estate is now under the Court of Wards, has shown his anxiety for seeing the publication completed, and has watched the progress of the work with a sincere solicitude, befitting the son of the late Chowdhury Ramnarayan Praharaj, who was an Oria and Sanskrit scholar of a very high order and who had, more than once in his life-time, pressed upon the compiler the desirability of taking up the compilation of a comprehensive Oria dictionary.

The Raja Saheb of Athgarh who has now completed his course of administrative training at Cuttack and will shortly be installed as a Ruling Chief, has never flagged in his earnest wish to see the revision and publication of the labours of his father's humble friend, pushed through.

My classmate of good old days, Dewan Bahadoor Srikrushna Mahapatra, retired District Superintendent of Police, has encouraged me by various efforts at securing support from various sources for the publication of the remaining volumes. Rai Bahadoor Lakshmidhar Mohanty, B. L., M. L C, Advocate, Deputy President of the Legislative Council, Bihar & Orissa, who has spared no pains to further the progress of the work and to secure support for it from the Government and from the public, has been as vigilant and helpful as before.

Mr D. P. S. Sharma B. A, I. C. S., the present District Magistrate and Collector of Cuttack, a man of letters, a big landlord and scion of an ancient leading family of Bihar, recently visited the manuscripts and the printed portions and very carefully examined them. He has been so much pleased with and interested in the work and specially that phase of it which aims at establishing connection between the Oria and the Hindi languages, that he has volunteered to bring the work to the notice of the leading men of light and learning of Bihar.

Babu Bamdeb Misra B. A., Dewan to the Ruling Chief of Athmallik State, has, in the meantime, supplied me with more than a thousand provincial and dialectical words in current use in Sambalpur, Bamra and Athmallik States and Jajpur.

Dr. Radha Charan Panda L. M. S., a Medical Officer under the Puri District Board, who is a keen student of the antiquities of Orissa and a rising author of exceptional merit, has been supplying me with hundreds of dialectical words of Ganjam and Vizagapatam and words of antiquarian interest.

Sir. H. L. Stephenson, tho late Governor of Bihar and Orissa, kindly permitted me to reproduce his photo in the first volume, as its patron; and it is a matter of congratulation that his successor H. E. Sir J. D. Sifton who, as President of the Executive Council of Bihar and Orissa, had a large hand in securing for it liberal Government support, has kindly permitted his photo to be reproduced in the second volume, as its patron.

The first volume was dedicated to Mr J. A. Hubback, M. A., I. C. S., sometime Commissioner of the Orissa Division and President of the Bihar and Orissa Banking Enquiry Committee, and now member of the Board of Revenue, Bihar and Orissa, whose labours in connection with the work have been enumerated in the introduction to the first volume.

The second volume is dedicated to Mr. N. F. Peck, I. C. S., C. B. E, sometime District Magistrate and Collector of Cuttack and officiating Commissioner of the Orissa Division, and now Inspector General of Registration and Commissioner of Excise and Salt, Bihar and Orissa, whose labours in connection with this undertaking have been enumerated in the introduction to the first volume.



**Maharaja Sree Brajamohan Deb**
**Ruling Chief of Kalahandi State (ORISSA).**

କଳାହାଣ୍ଡି ରଜ୍ୟର ରୁଲିଙ୍ ଚିଫ୍
ମହାରାଜ ଶ୍ରୀ ବ୍ରଜମୋହନ ଦେବ ।

U. S. Press, Cuttack.

Mr. G. E. Fawcus, M. A., C. I. E., O. B. E., V. D, I. E. S., Director of Public Instruction, Bihar and Orissa, whose primary promise to purchase 125 copies for his department, after inspection of the manuscripts, made the passing of the proposal of Government subsidy in the Council easier, has continued his interest in the progress of the work. Mr. H. Lambert M. A., I. E. S., sometime Principal of the Ravenshaw College, Cuttack and officiating Director of Public Instruction, Bihar and Orissa more than once, who had set the ball rolling by causing the manuscripts to be examined and reported upon by Revd. Mr. Pike and other experts and thus brought my humble labours to the notice of the Government, has been watching its progress with great interest.

It is hoped that the construction and comple tion of this national monument of Oria languag- and literature, of which the foundation-stone has been laid by the Government of Bihar and Orissa with two such distinguished and august heads, which has been associated with the hallowed name of the late Maharaja Purnna Chandra, son of the illustrious pole-star of Utkal, viz. Sreeram Chandra Bhanj Deb, which is guarded and fondly watched by four stalwarts on the 4 quarters of Orissa, viz. the Maharaja and Ruler of Mayurbhanj on the north, the Maharaja and Ruling Chief of Kalahandi on the west, the Maharaja of Jeypur on the south and the Hon'ble Raja Saheb of Kanika on the east and which has such a brilliant galaxy of present and prospective supporters, as above set forth, to light it, will not be left incomplete for want of proper encouragement and support.

The Government of Bihar and Orissa have already purchased, at half price, 125 copies, which they have supplied to the Colleges, High and Middle Schools of Orissa. The following subscribers have purchased more than one copy:—

Maharaja and Ruling Chief, Kalahandi State, Orissa, 25.

Raja and Ruling Chief, Keonjhar State, 10.

Raja and Ruling Chief, Baud State, 8.

Maharaja and Ruling Chief, Sonepur State, 6.

Raja Bahadur of Dharakota, Ganjam, 6.

Raja Saheb of Madhupur, Cuttack, 6.

Mahant Maharaj of Radhakanta Math, Puri, 3.

Seven States which were under Government administration in 1930, under directions of the Political Agent and Commissioner Mr. Scott, 14.

Mr. M. S. Das, C. I. E., Cuttack, 2.

Raja Saheb of Surangi, Ganjam, 2.

Prof. Dr. Sten Konow, Librarian, Ethnographic Museum, Oslo, Norway, 2.

27 copies have been subscribed for by Europeans, Christian missionaries and subscribers outside the Oria-speaking tracts, including Bihar, Bengal, Madras, France, Germany and England. 30 copies only have been subscribed by persons of the Oria-speaking tracts and the District Boards of Puri and Ganjam. Altogether 266 copies have been sold and 24 copies have been presented to distinguished patrons, well-wishers and associations.

When the prospectus was issued in 1929 it had been estimated that the whole work, when printed, would cover 3600 pages, bound in 2 volumes, and would cost Rs 28400/- ( Twenty eight thousand four hundred ) for printing and binding. So, the pre-publication price had been announced as Rs 30/- per set of 2 volumes; but when the 1st volume was printed it was found that the whole work would extend to 6000 pages, bound in 5 volumes, and the cost of publication would come to Rs 60000/- (Sixty thousand); so, the price had to be enhanced. 1250 copies are struck for the 1st edition. The pre-publication price of a set of 5 bound volumes has now been fixed at Rs 50/- and of the unbound volumes at Rs. 40/-, payable in advance. For subscribers who prefer to purchase each volume, as it comes out, the price has been fixed at Rs. 15/- for each bound volume and Rs. 13/- for each unbound volume. The subscribers will have to meet the postal, railway or other transit charges for sending the books to them. For subscribers who had remitted Rs. 30/- in response to the announcement in the prospectus, the price has not been increased; and they have been supplied with the 1st volume and will be supplied with the subsequent volumes without further demand.

The printing and binding charges for the five volumes of the 1st edition will amount to Rs 60000/-, as stated above. Out of this amount a sum of Rs 30000/- has been provided for in the shape of donations and subscriptions already received and

promised. So, a further sum of Rs. 30000/- has still to be found out, besides a monthly recurring expense of Rs. 200/-, being the allowance of my six assistants and my bare sustenance, for 2 years more. The subsequent 3 volumes will be out at intervals of about 9 months each. So, the whole work of 5 volumes will take about 2 years more to be completed.

This work of national importance has naturally its claim on the bounty of every enlightened and well-to-do son of Mother Utkal. As it aims at establishing connection between the Oria language ( the mother tongue of 10 millions of people ) and the Hindi language ( which is intended to be the vernacular medium of exchange of thought throughout India ), this undertaking has it claim on the liberality of Hindi-speaking persons, the Nagari Pracharini Sabha and lovers of Hindi literature. The Oria nation has been in intimate contact with the Bengalee nation in the fields of religion, literature, social communion, commerce and politics; and there has been exchange of thought and culture between the two nations for the last 6 centuries. Orissa has given some of its best to Bengal and vice versa. This work is a sustained and systematic endeavour at linking the Oria language to the Bengalee, and as such, it has its claim on the generosity of every son and patriot Mother of Bengal.

As an humble return for patronage bestowed on, services and help rendered and encouragement given to this undertaking in various shapes, I decided to append the half-tone pictures of its patrons, supporters, and helpers and acknowledge their services in the introduction.

In the 1st volume were reproduced the photos which were available at the time. In the 2nd volume the photos of the following supporters have been reproduced.

1. H. E. Sir J. D. Sifton, K.C.S.I., K. C. I. E., I. C. S., Governer of Bihar and Orissa.

2. J. A. Hubback, Esq. M. A., I. C. S., Member, Board of Revenue, Bihar and Orissa.

3. N. F. Peck Esq. I.C.S., C. B. E., Inspector General of Registration and Commissioner of Excise and Salt, Bihar and Orissa.

4. G. E. Fawcus Esq. M. A., C. I. E., I. E. S., Director of Public Instruction, Bihar and Orissa.

5. Maharaja and Ruling Chief of Kalahandi State, Orissa.

6. S. L. Marwood Esq I. C. S. late District Magistrate and Collector of Cuttack.

7. Revd. H. W. Pike, B. A., B. D., sometime Baptist Missionary, Cuttack.

8. Raja Saheb and Ruling Chief of Athmallik State, Orissa.

9. Rai Bahadur Loknath Misra B. L., M. L.C. Advocate, Puri.

It is intended that the other photos of its present and prospective patrons and supporters will, when availablle, be appended to subsequent volumes

At present the compiler's chief aim is to provide the wherewithal to get the work published by means of donations, grants and subscriptions received with advance-orders. So, the pre-publication price is fixed to cover the publication-charges only without bearing any margin.

The price of the whole set may be increased, so as to leave a margin of profit for the compiler and the book-seller, when the complete work is published.

Seeing the expansion of the size of the work in comparision with the first estimate, many of my well-meaning friends have been suggesting to me the desirability of curtailing the number of words by giving one form only of a word which is used in more than one form, and by leaving out most of the compound words. The utility of a dictionary, as a book of reference, lies in a stranger or learner readily finding out the meaning of a word which he comes across in a book or in the mouth of a speaker. By following the advice of my friends, the size, and necessarily, the cost would be much lightened; but from a philological and practical point of view, the primary aim and utility of such a compilation would be frustrated. My only reply to these well-meaning

friends has been the same as would be given by a mother of many children, whom she feels it very difficult to maintain, when asked to do away with some of them to lighten her burden, and to retain as many of them as she can maintain without straining her nerves and resources.

"I have devoted the best portion of my life and energy in bringing them out to this world and have drained my life-blood to sustain them. Each one of them is equally dear in my eyes. I may suffer, I may be obliged to beg or break stones in the public street to maintain them. It may be that I may fail in my attempt and all of us may perish; but I can not brook the idea of parting with any one of these dear little ones. We shall live or die together."

On the other hand, I am every moment realising, to my dismay, that for want of time, of money of research, of sufficient sympathy and encouragement, of proper books of reference, of extensive travel, of proper response from various quarters and of inspection of thousands of palm-leaf manuscripts lying hidden and neglected in the distant corners of the four Provinces, I could not collect thousands of words used by the Orias in the various tracts of the ancient Utkal or Kalinga country, of technical words of science, trade, art, mythology and history. So, when my friends want me to apply the pruning knife to the few words which I have been able to collect, my pen refuses to obey their mandate, well-intentioned though they be.

May a time come when some monied patron of literature or some financially strong body of men, abler than the solitary and weak compiler, will take up the subject in right earnest and institute a thorough search in every creek and corner of the formerly Oria-speaking tracts, now lying in four Provinces, from the Godavari river in the south to the Ganges in the north and from the Bay of Bengal in the east to the table-lands of the Central Provinces in the west, and collect all words preserved in palm-leaf manuscripts and used by people whose mother-tongue is or was Oria. Unless this is done, thousands of Oria words will be lost, which still lurk in the mouths of old men and women of the outlying tracts and which are gradually disappearing, as the process of denationalisation of these people proceeds apace, and as persons, who were originally Oria in culture, in sentiment and in language merge in the virile dominant races of those tracts. This is not the work of a single individual of slender means and scanty acquirements, like the present compiler. The New Standard Dictionary of the English Language, in 4 volumes, recently published, represents the labour of over 380 specialists and scholars, 400 professional readers and the expenditure of over 40 lakhs of Rupees, as given out by the publishers.

The courts of the Rajas of ancient Orissa were reverberating with music, with art and literature, and were the asylum of men of letters, research-scholars, philologists and philosphers. Let their descendants, some of whom are still burning with patriotism and genuine love for the mother-tongue, take up the subject of word-collection and philological and archaeological research in right earnest on the lines adopted by the successive rulers of Mayurbhanj State, including Maharaja Pratapchandra, and thus save thousands of Oria words from oblivion and extinction. Thus and thus only they will contribute to the Renaissance of the Oria culture, which had one day, emerging from Kalinga, carried the message of civilisation, of religion and art and of universal love to the farthest corners of the eastern hemisphere, to Nepal, to China, to Burma, to Siam and the islands of Java, Bali and Ceylon and the East Indies.

May that day come, when the civilised world will realise how rich, phonetic and ancient the Oria language is and when the Oria language will be given its legitimate place of honour among the cultured modern languages.

The humble compiler, while drawing this hopeful picture of a glorious future, feels happy at the thought that though he may not be spared to see the glorious day, it has fallen to his lot to now sow the tiny seeds which will one day germinate and spread branches and bear fruits, to the aggrandisement of the Oria nation. The 'Prachi' Sun is rising in the Orient. May the full flood of light illuminate the face of the earth.

Bhashakosha Office,
Cuttack.
August, 1932.

GOPAL CHANDRA PRAHARAJ.



ଅଷ୍ଟମଲ୍ଲି କାଧୀଶ୍ୱର

ରାଜା ଶ୍ରୀ ଶ୍ରୀ ଶ୍ରୀ କିଶୋରଚନ୍ଦ୍ର ଦେବ

ରାଜା ସାହେବ ଓ ରୁଲିଙ୍ଗ୍ ଚିଫ୍, ଅଠମଲ୍ଲିକ ଷ୍ଟେଟ ।

**Raja Sree Kishore Chandra Deb**

**Raja Saheb & Ruling Chief of Athmallik State, (ORISSA)**

U. S. Press, Cuttack.

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ଦ୍ୱିତୀୟ ଖଣ୍ଡ—

# ଅବତରଣିକା ।

ସେହି ପରାତ୍ପର ଜଗନ୍ନିୟନ୍ତା ପରମେଶ୍ୱରଙ୍କ ଅପାର କରୁଣାରୁ ୯ ବର୍ଷରେ ୫୨ଟି ବର୍ଣ୍ଣସମ୍ୱଳିତ ଭାଷାକୋଷର ଦ୍ୱିତୀୟ ଖଣ୍ଡ ଆଜି ସର୍ବସାଧାରଣଙ୍କ ହସ୍ତରେ ଅର୍ପଣ କରିବାପାଇଁ ମୁଁ ସମର୍ଥ ହେଲି । ଓଡ଼ିଆ ବର୍ଣ୍ଣମାଳାର ଶେଷରେ 'କ୍ଷ' ଗୋଟିଏ ସ୍ୱତନ୍ତ୍ର ବର୍ଣ୍ଣରୂପେ ଗୃହୀତ ହେଉଥିଲେହେଁ ଏହା କ ବର୍ଣ୍ଣର ଗୋଟିଏ ଯୁକ୍ତାକ୍ଷର (କ୍+ଷ) ଥିବାରୁ ଏ ଗ୍ରନ୍ଥରେ କ ଅକ୍ଷର ପରେ ଏହାକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଅଛି । ଅତଏବ ଦ୍ୱିତୀୟ ଖଣ୍ଡରେ ଏହି ୬ଟି ଅକ୍ଷରାଦ୍ୟ ଶବ୍ଦମାନ ଆଲୋଚିତ ହେଲା । ପ୍ରଥମ ଖଣ୍ଡରେ ୧୩ ଟି ସ୍ୱରବର୍ଣ୍ଣ ଦିଆଯାଇଅଛି, ଦ୍ୱିତୀୟ ଖଣ୍ଡରେ ୬ଟି ଅକ୍ଷର, ଏପରି ୧୯ ଅକ୍ଷର ଏ ଦୁଇ ଖଣ୍ଡରେ ଶେଷ ହେଲା । ବାକି ୨୮ଟି ଅକ୍ଷର ପରବର୍ତ୍ତୀ ଖଣ୍ଡମାନଙ୍କରେ ଆଲୋଚିତ ହେବ ।

ପ୍ରଥମ ଖଣ୍ଡର ଅବତରଣିକାରେ ଏ ଉଦ୍ୟମର କଳ୍ପନା ଓ ଅଙ୍କୁର-ରୋପଣଠାରୁ ପ୍ରଥମ ଖଣ୍ଡର ପ୍ରକାଶ ପର୍ଯ୍ୟନ୍ତ ଇତିହାସ ସ୍ଥୂଳରେ ବର୍ଣ୍ଣିତ ହୋଇଅଛି । ଜର୍ମାନୀ ଦେଶସ୍ଥ ହାଲ୍ (Halle) ନଗରର ବିଶ୍ୱ-ବିଖ୍ୟାତ ପୁସ୍ତକାଗାର (Bibliothek Der Deutschen Morgenlandischen Gesselleschaft) ର ଅଧ୍ୟକ୍ଷ (Librarian) ଓ ପ୍ରାଚ୍ୟଭାଷାତତ୍ତ୍ୱବିଶାରଦ ପ୍ରୋଫେସର୍ ଡାକ୍ତର ୱିଲ୍‌ହେଲ୍ମ୍ ପ୍ରିନ୍ସ୍ (Professor Doctor Wilhelm Printz) ଏହି ଭାଷାକୋଷର ନମୁନା ଓ ଅନୁଷ୍ଠାନପତ୍ର ପାଇ ମୋ ନିକଟକୁ ଇଂରେଜୀରେ ନିମ୍ନଲିଖିତ ମର୍ମରେ ପତ୍ର ଲେଖିଥିଲେ—

"ଗତ କେତେବର୍ଷ ହେଲା ଏ ପୁସ୍ତକାଗାରରେ ଆଧୁନିକ ଭାରତୀୟ ଭାଷାମାନଙ୍କର ଗ୍ରନ୍ଥସଂଖ୍ୟା ବଢ଼ାଇବାକୁ ଆମ୍ଭେ ଉଦ୍ୟମ କରୁଅଛୁଁ । ବର୍ତ୍ତମାନ ଏ ପୁସ୍ତକାଗାରରେ ଗୁଡ଼ିଏ ବଙ୍ଗଳା ଓ ହିନ୍ଦୀ ପୁସ୍ତକ ସଂଗୃହୀତ ହୋଇଅଛି; କିନ୍ତୁ ଆଜିପର୍ଯ୍ୟନ୍ତ ଓଡ଼ିଆଭାଷାର ପୁସ୍ତକ କିଣିବାର ସୁବିଧା ଆମ୍ଭମାନଙ୍କୁ ମିଳି ନାହିଁ । ଇଉରୋପର ଓ କଲିକତାର ପ୍ରାଚ୍ୟପୁସ୍ତକ-ବିକ୍ରେତାମାନଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଆଦର (ବା ଆଗ୍ରହ) ଥିବାର ଜଣା ଯାଏ ନାହିଁ ।"

ଏ ପତ୍ର ପାଇ ମୁଁ ଉକ୍ତ ପ୍ରୋଫେସର୍ ମହାଶୟଙ୍କୁ ଖଣ୍ଡିକେତେ ଓଡ଼ିଆ ପୁସ୍ତକ ଓ ଶ୍ରୀ ବିଜୟଚନ୍ଦ୍ର ମଜୁମଦାରଙ୍କର 'ଓଡ଼ିଆ ସାହିତ୍ୟରୁ ନିର୍ବାଚିତ ସଂଗ୍ରହ' ନାମକ ୩ ଖଣ୍ଡ ଗ୍ରନ୍ଥ ପଠାଇଥିଲି । ସେ ଉକ୍ତ ପୁସ୍ତକମାନ ପ୍ରାପ୍ତ ହୋଇ ଦ୍ୱିତୀୟ ପତ୍ରରେ ଲେଖିଅଛନ୍ତି:—

"ଲାଇପ୍‌ଜିଗ୍ ନଗରୀରେ ପ୍ରକାଶିତ ଜର୍ମାନୀର ବୃହତ୍ତମ ବିଶ୍ୱକୋଷରେ ସ୍ଥାନ ପାଇବା ପାଇଁ ଆମ୍ଭେ ବର୍ତ୍ତମାନ 'ଓଡ଼ିଆ ଭାଷା ଓ ସାହିତ୍ୟ' ନାମକ ଗୋଟିଏ ପ୍ରବନ୍ଧ ଲେଖୁଅଛୁଁ । ଉକ୍ତ ପ୍ରବନ୍ଧ ନିମନ୍ତେ ଆପଣଙ୍କ ପ୍ରେରିତ ପୁସ୍ତକମାନଙ୍କରୁ ଆମ୍ଭେ ଆନନ୍ଦସହକାରେ ଗୁଡ଼ିଏ ତଥ୍ୟ ସଂଗ୍ରହ କରିଅଛୁଁ ଓ ଉକ୍ତ ପ୍ରବନ୍ଧର ଗ୍ରନ୍ଥସୂଚୀରେ ଆମ୍ଭେ ଉକ୍ତ ସଂଗ୍ରହପୁସ୍ତକ ଓ ଆପଣଙ୍କ ଭାଷାକୋଷ ବିଷୟ ଉଲ୍ଲେଖ କରୁଅଛୁଁ ।"

ଜର୍ମାନୀର ଉକ୍ତ ପୁସ୍ତକାଗାର, ବର୍ଲିନ, ଫ୍ରାନ୍ସ, ନରୱେ ଓ ଇଂଲଣ୍ଡର ପୁସ୍ତକାଗାରମାନ ଅଗ୍ରିମ ମୂଲ୍ୟ ପଠାଇ ଭାଷାକୋଷର ଗ୍ରାହକ ହୋଇଅଛନ୍ତି ଓ ଇତିମଧ୍ୟରେ ସେମାନଙ୍କଠାକୁ ପ୍ରଥମ ଖଣ୍ଡ ପ୍ରେରିତ ହୋଇଅଛି ।

ଜଗତର ଅନ୍ୟ ସଭ୍ୟଜାତିମାନଙ୍କ ଚକ୍ଷୁରେ ଓଡ଼ିଆ ଭାଷା ଆଜି-ପର୍ଯ୍ୟନ୍ତ କେଉଁ ସ୍ଥାନ ଅଧିକାର କରିଅଛି ଓ ଏ ଭାଷାକୋଷର ବହୁଳ ପ୍ରଚାର ହେଲେ ପାଶ୍ଚାତ୍ୟ ଜଗତରେ ଓଡ଼ିଆ ଭାଷାର ଓ ସାହିତ୍ୟର ମର୍ଯ୍ୟାଦା କେତେଦୂର ବୃଦ୍ଧି ହେବାର ସମ୍ଭାବନା, ଉପରଉକ୍ତ ଉଦ୍ଧୃତ ଅଂଶରୁ ଏହା ପ୍ରଣିଧାନ କରିବାପାଇଁ ମୁଁ ଉତ୍କଳମାତାଙ୍କର, ତଥା ଲକ୍ଷ୍ମୀଙ୍କ ବରପୁତ୍ରମାନଙ୍କ ନିକଟରେ ବିନୟ ସହକାରେ ନିବେଦନ କରୁଅଛି । ସେମାନଙ୍କ ସମ୍ମୁଖରେ ମୁଁ ଏତିକି ମାତ୍ର ଜଣାଉଅଛି ଯେ, ଅର୍ଥାଭାବରୁ ପାଣ୍ଡୁଲିପିର ସଂଶୋଧନ ଓ ପରବର୍ତ୍ତୀ ଖଣ୍ଡମାନଙ୍କର ମୁଦ୍ରଣ ଓ ପ୍ରକାଶରେ ବିଳମ୍ବ ଘଟୁଅଛି ଓ ଘଟିବ ।

ପ୍ରଥମ ଖଣ୍ଡ ପ୍ରକାଶିତ ହେବାପର୍ଯ୍ୟନ୍ତ ଯେଉଁମାନେ ମୋର ସହକର୍ମୀ ଥିଲେ, ତହିଁ ମଧ୍ୟରୁ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ମିଶ୍ର ବି. ଏ. ଇତିମଧ୍ୟରେ କର୍ମତ୍ୟାଗ କରିଅଛନ୍ତି । କଟକ ରେଭେନ୍ସା କଲେଜିଏଟ୍ ସ୍କୁଲର ହେଡ୍ ପଣ୍ଡିତ ଶ୍ରୀଯୁକ୍ତ ଲୁଳମଣି ଦାଶ, ପୁରୀଜିଲ୍ଲା ସତ୍ୟବାଦୀ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଓ କର୍ମୀ ଶ୍ରୀମାନ୍ ରାମଚନ୍ଦ୍ର ରଥ, କଟକ ପିଅରୀମୋହନ ଏକାଡେମୀର ଶିକ୍ଷକ ସାମନ୍ତ ଶ୍ରୀ ନରସିଂହ ମହାପାତ୍ର, ସଙ୍ଗୀତସାହିତ୍ୟରସିକ ପୁରୀଜିଲ୍ଲାର ଶ୍ରୀମାନ୍ ଜଗନ୍ନାଥ ରଥ, ପରିଷ୍କରଣପଟୁ ଶ୍ରୀମାନ୍ ଭୁବନେଶ୍ୱର ମିଶ୍ର, ଅପ୍ରକାଶିତ ଓଡ଼ିଆ ଚମ୍ପୂକାବ୍ୟ 'ଇନ୍ଦୁମତୀ'ର ରଚୟିତା ଶ୍ରୀମାନ୍ ଗୋଲକଚନ୍ଦ୍ର ପ୍ରଧାନ ଓ ଏ ଗ୍ରନ୍ଥ ସଙ୍କଳନରେ ମୋର ପ୍ରଧାନ ଉତ୍ସାହଦାତ୍ରୀ ଓ ସହଧର୍ମିଣୀ ଶ୍ରୀମତୀ ପୀତାମ୍ବରୀ ଦେବୀ ପାଣ୍ଡୁଲିପିର ସଂଶୋଧନ, ସମ୍ମାର୍ଜନ ଓ ପରିଷ୍କରଣ କାର୍ଯ୍ୟାଦିରେ ମୋତେ ଏପର୍ଯ୍ୟନ୍ତ ସାହାଯ୍ୟ କରୁଅଛନ୍ତି । ଓଡ଼ିଶା ବିଭାଗର କମିସନର୍ ମହାମତି ଶ୍ରୀଯୁକ୍ତ ସି. ଏଲ୍. ଫିଲିପ୍ ସାହେବ ଓ କଟକର ଭୂତପୂର୍ବ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଓ କଲେକ୍ଟର୍ ଶ୍ରୀଯୁକ୍ତ ଏସ୍. ଏଲ୍. ମାରଉଡ୍ ସାହେବ, ଉତ୍କଳ ସାହିତ୍ୟ ପ୍ରେସର ସ୍ୱତ୍ୱାଧିକାରୀ ଓ ଏ ଗ୍ରନ୍ଥର ପ୍ରକାଶକ ଭକ୍ତିଭାଜନ ଶ୍ରୀଯୁକ୍ତ ବିଶ୍ୱନାଥ କର ଓ ଉକ୍ତ ପ୍ରେସର କର୍ମଚାରୀ ଶ୍ରୀମାନ୍ ପଦ୍ମଚରଣ ଦାଶ ପ୍ରୁଫ୍ ସଂଶୋଧନ ବିଷୟରେ ମୋର ସହାୟ ହୋଇଅଛନ୍ତି । ଶ୍ରୀଯୁକ୍ତ ଫିଲିପ୍ ସାହେବ ପ୍ରୁଫ୍-ସିଟ୍‌ମାନଙ୍କ ଇଂରାଜୀ ଅଂଶମାନ ତନ୍ନତନ୍ନ କରି ସଂଶୋଧନ କରି ନ ଥିଲେ ଏ ଗ୍ରନ୍ଥରେ ଅନେକଗୁଡ଼ିଏ ଗୁରୁତର ପ୍ରମାଦ ରହିଯାଇଥାଆନ୍ତା । ସାହେବ ମହୋଦୟ କଟକରେ ଯେତେଦିନ ଅବସ୍ଥାନ କରନ୍ତି, ପ୍ରୁଫ୍ ପଠାଯିବା ମାତ୍ରକେ ସେ ନାନା ଦୁରୂହ ସରକାରୀ କର୍ମରେ ବ୍ୟସ୍ତ ଥାଇ ସୁଦ୍ଧା ପ୍ରତିଦିନ ଆଠ ପୃଷ୍ଠା ପ୍ରୁଫ୍ ସଂଶୋଧନ କରିଦିଅନ୍ତି । ମାନ୍ୟବର ଲାଟ ସାହେବ କଟକରେ ଦରବାରମାନ କରିଥିବା ସମୟରେ ନାନା ଜଞ୍ଜାଳ ମଧ୍ୟରେ ବିବ୍ରତ ଥାଇ ସୁଦ୍ଧା ଫିଲିପ୍ ସାହେବ ପ୍ରୁଫ୍ ସଂଶୋଧନ କର୍ମରେ ତିଳେ ମାତ୍ର ବିଳମ୍ବ କରି ନାହାନ୍ତି । ଓଡ଼ିଆ ଭାଷା ସାହେବଙ୍କ ମାତୃଭାଷା ନୁହେଁ, ତଥାପି ଏପରି

ଗୋଟିଏ ଜାତୀୟ ଉଦ୍ୟମ ସୁଚାରୁରୂପେ ସମ୍ପାଦିତ ହେବା ବିଷୟରେ ସେ ଯେଉଁ ଉତ୍ସାହ, ଐକାନ୍ତିକତା ଓ ସହୃଦୟତା ଦେଖାଇଅଛନ୍ତି, ଏଥିରୁ ଆମ ଓଡ଼ିଆ ପୁଅଙ୍କର ଢେର୍ ଶିଖିବାର କଥା ଅଛି । ମୋର ପରମପ୍ରୀତିଭାଜନ ବନ୍ଧୁ କଟକର ଶ୍ରୀ ସତୀନ୍ଦ୍ରନାରାୟଣ ରାୟ ମହାଶୟ ଆଡଭୋକେଟ୍ ପୂର୍ବାପର ବଙ୍ଗଳା ପ୍ରତିଶବ୍ଦମାନ ଯୋଗାଇବାରେ ମୋତେ ସାହାଯ୍ୟ କରୁଅଛନ୍ତି ଓ କଟକର ଯୁବକ ଉକିଲ ଶ୍ରୀ ବାବୁ ସୁଧାଂଶୁମୋହନ ମୁଖୋପାଧ୍ୟାୟ ଅଳ୍ପଦିନ ହେଲା ବଙ୍ଗଳା ପ୍ରତିଶବ୍ଦ ଯୋଜନାକର୍ମରେ ମଧ୍ୟ ମୋର ସହାୟ ହୋଇଅଛନ୍ତି । ଦ୍ୱାରଭଙ୍ଗା ଲାହେରିଆସରାଇର ଗ୍ରନ୍ଥପ୍ରକାଶକ ପଣ୍ଡିତ ଶ୍ରୀ ରାମଲୋଚନ ଶରଣ ହିନ୍ଦୀ ପ୍ରତିଶବ୍ଦ ଯୋଗାଇବାରେ ମୋତେ ସାହାଯ୍ୟ କରୁଅଛନ୍ତି ।

ପ୍ରଥମ ଖଣ୍ଡ ୧୯୩୧ ମସିହା ସେପ୍ଟେମ୍ବର ମାସରେ ପ୍ରକାଶିତ ହେଲା-ବେଳେ ଆଶା କରାଯାଇଥିଲା ଯେ, ୧୯୩୨ ସାଲ ମାର୍ଚ୍ଚ ମାସ ସୁଦ୍ଧା ଦ୍ୱିତୀୟଖଣ୍ଡ ପ୍ରକାଶିତ ହେବ; କିନ୍ତୁ ଇତିମଧ୍ୟରେ ସମଗ୍ର ଜଗତକୁ ଅର୍ଥାଭାବ-ରୂପ ଯେଉଁ ଦାରୁଣ ଦୁରବସ୍ଥା ଗ୍ରାସିଅଛି, ତାହାର ଦାଉରେ ଏ ଗ୍ରନ୍ଥ ପାଇଁ ଇତିମଧ୍ୟରେ ଯଥେଷ୍ଟ ପୃଷ୍ଠପୋଷକ ଓ ଅର୍ଥସାହାଯ୍ୟ ନ ମିଳିବାରୁ ଦ୍ୱିତୀୟ ଖଣ୍ଡ ପ୍ରକାଶିତ ହେବାରେ ଚାରି ମାସ ବିଳମ୍ବ ଘଟିଲା । ଉପସ୍ଥିତ ଆର୍ଥିକ ଦୁଃସ୍ଥିତିରେ କି ଗଭର୍ଣ୍ଣମେଣ୍ଟ, କି ରାଜା ମହାରାଜ, କି ସନ୍ଥ ମହନ୍ତ, କି ସାହୁକାର ମହାଜନ, କି ଜମିଦାର ପ୍ରଜା ସମସ୍ତେ ଏକାନ୍ତ ବିବ୍ରତ ହୋଇ ପଡ଼ିଅଛନ୍ତି । ଯେଉଁ ସାହିତ୍ୟରସିକ, ବିଦ୍ୟାନୁରାଗୀ, ଦେଶପ୍ରାଣ, ଉତ୍ସାହୀ ମହାପୁରୁଷମାନଙ୍କଠାରୁ ବିଶିଷ୍ଟ ଅର୍ଥସାହାଯ୍ୟ ପାଇବା ଆଶାକୁ ମୂଳଭିତ୍ତି କରି ମୁଁ ଏ ବହୁବ୍ୟୟସାଧ ଦୁରୂହ କର୍ମରେ ହସ୍ତକ୍ଷେପ କରିଥିଲି, ଉପସ୍ଥିତ ଆର୍ଥିକ ଦୁଃସମୟରେ ସେମାନଙ୍କ ଦ୍ୱାରସ୍ଥ ହେବାପାଇଁ ମୁଁ ସ୍ୱୟଂ ମଧ୍ୟ କୁଣ୍ଠିତ ହୋଇଅଛି; ପରନ୍ତୁ ଇତିମଧ୍ୟରେ ଯେଉଁମାନଙ୍କ ଦ୍ୱାରସ୍ଥ ହୋଇଅଛି, ସେମାନଙ୍କଠାରୁ ମୋର ସାହାଯ୍ୟପ୍ରାପ୍ତିର ଆଶା ଆପାତତଃ ବିଫଳ ହେବା ସଙ୍ଗେ ସଙ୍ଗେ ଏ କର୍ମରେ ସାହାଯ୍ୟ କରିବା ପାଇଁ ସମ୍ପୂର୍ଣ୍ଣ ଆଗ୍ରହ ଥିଲେ ମଧ୍ୟ ତାହା କାର୍ଯ୍ୟରେ ପରିଣତ ନ କରି ପାରିବା ଯୋଗୁଁ ସେମାନଙ୍କ ମନରେ ଦାରୁଣ ଦୁଃଖ ଜାତ ହୋଇଅଛି । ଯେଉଁ ସଦାଶୟ ବ୍ୟକ୍ତିମାନେ ଗ୍ରନ୍ଥ ଛପା ହେଲେ ଏକାଧିକ ଖଣ୍ଡ କିଣିବେ ବୋଲି ପୂର୍ବରୁ ବଚନ ଦେଇଥିଲେ, ଗ୍ରନ୍ଥ ପ୍ରକାଶ ପରେ ଅଗତ୍ୟା ଗ୍ରନ୍ଥର ମୂଲ୍ୟ ବୃଦ୍ଧି ହେବାରୁ ସେମାନଙ୍କ ମଧ୍ୟରୁ କେତେ ଜଣ ଆଦିଷ୍ଟ ସଂଖ୍ୟାରୁ ଅଳ୍ପସଂଖ୍ୟକ ପୁସ୍ତକ ଗ୍ରହଣ କରିଅଛନ୍ତି ଓ କେହି କେହି ଅଦ୍ୟାବଧି ଆଦିଷ୍ଟ ପୁସ୍ତକ ଆଦୌ କ୍ରୟ କରି ପାରି ନାହାନ୍ତି । ଗ୍ରନ୍ଥ ପ୍ରକାଶିତ ହେଲେ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ୫୦ ଖଣ୍ଡ ଓ ବଙ୍ଗ ଗଭର୍ଣ୍ଣମେଣ୍ଟ ୧୦ ଖଣ୍ଡ କିଣିବେ ବୋଲି ପୂର୍ବରୁ ବଚନ ଦେଇଥିଲେହେଁ ଆର୍ଥିକ ଦୁରବସ୍ଥା ଯୋଗୁଁ ଉକ୍ତ ବଚନ ପାଳିବାର ସୁବିଧା ସେମାନଙ୍କୁ ହୋଇ ପାରୁ ନାହିଁ ବୋଲି ସେମାନେ ଜଣାଇଅଛନ୍ତି ।

ଏ ଗ୍ରନ୍ଥର ପରବର୍ତ୍ତୀ ଖଣ୍ଡମାନଙ୍କର ପ୍ରକାଶ ଦାତାମାନଙ୍କ ବଦାନ୍ୟତା ଓ ସମଗ୍ର ଗ୍ରନ୍ଥର ଗ୍ରାହକମାନଙ୍କ ପ୍ରଦତ୍ତ ଅଗ୍ରିମ ମୂଲ୍ୟ ଉପରେ ନିର୍ଭର କରେ; କିନ୍ତୁ ଏ ପର୍ଯ୍ୟନ୍ତ ଉଭୟ ଦିଗରେ ଆଶାନୁରୂପ ଫଳ ଫଳି ନାହିଁ । ଏ ଦୁଃସମୟରେ କେତେକ ସଦାଶୟ ମହାଜନ ମୋର ବାସଗୃହ ବନ୍ଧକ ରଖି ମୋତେ ଟ ୭୦୦୦୯ ( ସାତ ହଜାର ଟଙ୍କା ) ଋଣ ଦେଇ ନ ଥିଲେ ଦ୍ୱିତୀୟ ଖଣ୍ଡ ଆଜି ମଧ୍ୟ ପ୍ରକାଶିତ ହୋଇ ପାରି ନ ଥାନ୍ତା । ଆଶାକରେଁ ଜଗନ୍ନିୟନ୍ତା ପ୍ରଭୁ ଜଗତକୁ, ଭାରତକୁ ଓ ଓଡ଼ିଶାକୁ, ତଥା ସରକାରଙ୍କୁ, ରାଜାମହାରାଜ, ସନ୍ଥମହନ୍ତ, ଧନପତି, ବ୍ୟବସାୟୀ, ଜମିଦାର ଓ ମହାଜନମାନଙ୍କୁ ଉପସ୍ଥିତ ଦୁଃସ୍ଥିତିରୁ ଶୀଘ୍ର ଉଦ୍ଧାର କରିବେ ଓ ତଦ୍ୱାରା ପରବର୍ତ୍ତୀ ଖଣ୍ଡମାନ ଅନତିବିଳମ୍ବରେ ପ୍ରକାଶିତ ହେବାର ପଥ ନିର୍ମଳ ଓ ସୁଗମ ହେବ ।

ଏ ଗ୍ରନ୍ଥର ସଙ୍କଳନବ୍ୟୟ ପାଇଁ ସରକାରଙ୍କଠାରୁ ଓ ଅନ୍ୟାନ୍ୟ କେତେକ ବଦାନ୍ୟ ବ୍ୟକ୍ତିଙ୍କଠାରୁ ଟ ୭୦୦୦୯ ମିଳିଥିବା ବିଷୟ ପ୍ରଥମ ଖଣ୍ଡରେ ବିବୃତ ହୋଇଥିଲା । ମୁଦ୍ରଣବ୍ୟୟ ନିର୍ବାହାର୍ଥ ପ୍ରଥମ ଖଣ୍ଡରେ ସୂଚିତ ପ୍ରତିଶ୍ରୁତ ସାହାଯ୍ୟ ମଧ୍ୟରୁ ବିହାର ଓଡ଼ିଶା ସରକାର ଟ୧୪୨୦୦୯, ମୟୂରଭଞ୍ଜର ମହାରାଜ ଟ ୪୦୦୦୯, ପୁରୀ ଇମାରମଠର ମହନ୍ତ ମହାରାଜ ଟ ୧୦୦୦୯, କେନ୍ଦୁଝରର ରାଜା ସାହେବ ଟ ୫୦୦୯, ପୁରୀର ରାୟ ବାହାଦୁର ଲୋକନାଥ ମିଶ୍ର ଟ ୫୦୦୯, ସ୍ୱର୍ଗୀୟ ମହାରାଜ ପୂର୍ଣ୍ଣଚନ୍ଦ୍ରଙ୍କ ମହାରାଣୀ ଟ ୨୦୦୯, ଖରସୁଆଁର ରାଜା ସାହେବ ଟ ୧୦୦୯ ଏରୂପ ଆଜି ପର୍ଯ୍ୟନ୍ତ ସର୍ବମୋଟ ଟ ୨୦୫୦୦୯ ମିଳିଅଛି । ପ୍ରଥମ ଖଣ୍ଡରେ ପ୍ରକାଶିତ ପ୍ରତିଶ୍ରୁତି ଛଡ଼ା ଇତି ମଧ୍ୟରେ ଆଠମଲ୍ଲିକର ରାଜା ସାହେବ ଓ ରୁଲିଙ୍ଗ୍ ଚିଫ୍ ଶ୍ରୀଯୁକ୍ତ କିଶୋରଚନ୍ଦ୍ର ଦେଓ ମହୋଦୟ ପାଣ୍ଡୁଲିପିମାନ ପରିଦର୍ଶନ କରି ଏକାନ୍ତ ପ୍ରୀତିପୂର୍ଣ୍ଣ-ହୃଦୟରେ ଏକ ହଜାର ଟଙ୍କା ସାହାଯ୍ୟ ଦେବାପାଇଁ ପ୍ରତିଶ୍ରୁତ ହୋଇଥିଲେ ଓ ଅଚିରେ ଏ ବ୍ୟୟସାଧ ମହତ୍ ଜାତୀୟ କାର୍ଯ୍ୟର ପ୍ରକାଶକର୍ମ ସମାପ୍ତ ହେବ ବୋଲି ଯେଉଁ ଅଭୟବଚନ ଓ ଉତ୍ସାହବାଣୀ ଶୁଣାଇଅଛନ୍ତି ସେଥିପାଇଁ ମୁଁ ରାଜାସାହେବଙ୍କଠାରେ ହୃଦୟର ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି । ଇତିମଧ୍ୟରେ ରାଜା ସାହେବ ତାଙ୍କ ପ୍ରତିଶ୍ରୁତ ସାହାଯ୍ୟ ଟ ୧୦୦୦୯ ପଠାଇ ଦେଇ ମୋତେ ଉପସ୍ଥିତ ଅର୍ଥସଙ୍କଟରୁ ଉଦ୍ଧାର କରି ଅଛନ୍ତି । ରାଜା ସାହେବଙ୍କର ଏ ସମୟୋପ-ଯୋଗୀ ସାହାଯ୍ୟ ମୋର ବିଶେଷ ଉପକାରରେ ଲାଗିଛି ।

ବିହାର-ଓଡ଼ିଶା ଗଭର୍ଣ୍ଣମେଣ୍ଟ ଅର୍ଦ୍ଧମୂଲ୍ୟରେ ୧୨୦ ଖଣ୍ଡ ଗ୍ରନ୍ଥ ଗ୍ରହଣ କରି ଓଡ଼ିଶାର କଲେଜ, ହାଇସ୍କୁଲ ଓ ମିଡିଲ ସ୍କୁଲମାନଙ୍କୁ ଖଣ୍ଡିଏ ଲେଖାଏଁ ବିତରଣ କରିଅଛନ୍ତି ଓ କେତେକ ସରକାରୀ ବିଭାଗ, କଚେରି ଓ ଅଫିସ୍ ୫ ଖଣ୍ଡ ଗ୍ରହଣ କରିଅଛନ୍ତି । ନିମ୍ନଲିଖିତ ଗ୍ରାହକମାନେ ଏକାଧିକ ସଂଖ୍ୟକ ଗ୍ରନ୍ଥ ଅଗ୍ରିମ ମୂଲ୍ୟ ଦେଇ କିଣି ଅଛନ୍ତି :—

କଳାହାଣ୍ଡିର ମହାରାଜ ଓ ରୁଲିଙ୍ଗ୍ ଚିଫ୍ ୨୫ଖଣ୍ଡ, କେନ୍ଦୁଝରର ରାଜା ସାହେବ ଓ ରୁଲିଙ୍ଗ୍ ଚିଫ୍ ୧୦ ଖଣ୍ଡ, ବୌଦର ରାଜା ସାହେବ ଓ ରୁଲିଙ୍ଗ୍ ଚିଫ୍ ୮ ଖଣ୍ଡ, ସୋନପୁରର ମହାରାଜା ଓ ରୁଲିଙ୍ଗ୍ ଚିଫ୍ ୬ ଖଣ୍ଡ, ଧରାକୋଟର ରାଜାବାହାଦୁର ୭ ଖଣ୍ଡ, ମଧୁପୁରର ରାଜା ସାହେବ ୭ ଖଣ୍ଡ ପୁରୀ ରାଧାକାନ୍ତ ମଠର ମହନ୍ତ ମହାରାଜ ୩ ଖଣ୍ଡ, କଟକ ଡିଷ୍ଟ୍ରିକ୍ଟବୋର୍ଡ୍‌ର ଚେଅର୍‌ମାନ୍ ୩ ଖଣ୍ଡ, ୧୯୩୦ ସାଲରେ ଗଭର୍ଣ୍ଣମେଣ୍ଟଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଥିବା ଆଠଗଡ଼, ନରସିଂହପୁର, ବାମଣ୍ଡା, ବଡ଼ମ୍ବା, ଖଣ୍ଡପଡ଼ା, ନୟାଗଡ଼, ପାଟଣା, ଏ ସାତ ଗଡ଼ଜାତ ୨ ଖଣ୍ଡ ଲେଖାଏଁ ୧୪ ଖଣ୍ଡ, ଶ୍ରୀଯୁକ୍ତ ଏମ୍. ଏସ୍. ଦାସ ( ମଧୁ ବାବୁ ) ୨ ଖଣ୍ଡ, ସୁରଗୁଜାର ରାଜା ସାହେବ ୨ ଖଣ୍ଡ, ଖରସୁଆଁର ରାଜା ସାହେବ ଓ ରୁଲିଙ୍ଗ୍ ଚିଫ୍ ୨ ଖଣ୍ଡ ଓ ଇଉରୋପ ମହାଦେଶ ଅନ୍ତର୍ଗତ ନରୱେ ଦେଶର ନରତତ୍ତ୍ୱସମିତିର ଅଧ୍ୟକ୍ଷ ୨ ଖଣ୍ଡ ।

ଏହାଛଡ଼ା ବିହାର, ମାନ୍ଦ୍ରାଜ, ବଙ୍ଗପ୍ରଦେଶ, ଫ୍ରାନ୍ସ, ଜର୍ମାନୀ ଓ ଇଂଲଣ୍ଡର ବିଶିଷ୍ଟ ବ୍ୟକ୍ତି ଓ ସଭା ଓ କେତେକ ଇଉରୋପୀୟ ଓ ପାଦ୍ରୀ ୨୭ ଖଣ୍ଡ କ୍ରୟ କରିଅଛନ୍ତି । ଉଲ୍ଲେଖଯୋଗ୍ୟ ଗ୍ରାହକ, ପୁରୀ ଓ ଗଞ୍ଜାମ ଡିଷ୍ଟ୍ରିକ୍ଟ-

ବୋର୍ଡ଼୍ ଓ କେତେକ ବିଦ୍ୟାଳୟ ୩୦ ଖଣ୍ଡ ମାତ୍ର କିଣିଅଛନ୍ତି । ଅନ୍ତ ସବୁ ଗଭର୍ଣ୍ଣମେଣ୍ଟ ନେବା ଭିନ୍ନ ମିଶାଇ ୧୨୨ ଖଣ୍ଡି ମାତ୍ର ଗ୍ରନ୍ଥ ବିକ୍ରୀତ ହୋଇଅଛି ଓ କେତେକ ବଶିଷ୍ଟ ପୃଷ୍ଠପୋଷକ, ସହାୟକ ଓ ସାଧାରଣ ଅନୁଷ୍ଠାନକୁ ୨୪ ଖଣ୍ଡି ଉପହାର ଦିଆ ଯାଇଅଛି ।

୧୯୨୯ ସାଲରେ ଅନୁଷ୍ଠାନପତ୍ର ପ୍ରକାଶ ସମୟରେ ଅନୁମାନ କରାଯାଇଥିଲା ଯେ, ସମଗ୍ର ଗ୍ରନ୍ଥ ୩୨୦୦ ପୃଷ୍ଠାବ୍ୟାପୀ ୨ ଖଣ୍ଡରେ ସମାପ୍ତ ହେବ ଓ ତହିଁର ମୁଦ୍ରଣାଦିରେ ଟ ୨୮୪୦୦୲ (ଅଠେଇସି ହଜାର ଚାରି ଶହ ଟଙ୍କା) ଖରଚ ହେବ । କିନ୍ତୁ ପରେ ଦେଖାଗଲା ଯେ, ସମଗ୍ର ଗ୍ରନ୍ଥ ୬୦୦୦ ପୃଷ୍ଠାବ୍ୟାପୀ ୫ ଖଣ୍ଡରେ ସମାପ୍ତ ହେବ ଓ ତହିଁର ମୁଦ୍ରଣାଦିରେ ଟ ୬୦,୦୦୦୲ (ଷାଠିଏ ହଜାର ଟଙ୍କା) ଖରଚ ହେବ । ଅତଏବ ଏତତ୍ସାର ଗ୍ରନ୍ଥର ଅଗ୍ରିମ ଦେୟ ମୂଲ୍ୟ ଟ ୩୦୲ ପରିବର୍ତ୍ତେ ଟ ୬୦୲ ହେବ ବୋଲି ପ୍ରଥମ ଖଣ୍ଡରେ ବିଜ୍ଞାପିତ ହୋଇଥିଲା; କିନ୍ତୁ ତାହା ସାଧାରଣଙ୍କ ପକ୍ଷରେ ଅତ୍ୟଧିକ ହେବାର ଦେଖାଯିବାରୁ ନଗଦ ଟ ୫୦୲ ଅଗ୍ରିମ ମୂଲ୍ୟରେ ଏ ଗ୍ରନ୍ଥ ବିକ୍ରୟ କରାଯିବାର ଆପାତତଃ ସ୍ଥିର ହୋଇଅଛି । ଯେଉଁମାନେ ବର୍ତ୍ତମାନ ନଗଦ ଟ ୫୦୲ ଦେବେ, ସେମାନେ ପ୍ରକାଶିତ ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡ ବର୍ତ୍ତମାନ ପାଇବେ ଓ ପରବର୍ତ୍ତୀ ଖଣ୍ଡମାନ ଛପା ହେବା ସଙ୍ଗେ ସଙ୍ଗେ ପାଉଥିବେ । ଗ୍ରାହକମାନଙ୍କଠାକୁ ଗ୍ରନ୍ଥ ପଠାଇବାର ବ୍ୟୟ ସେମାନେ ସ୍ୱୟଂ ବହନ କରିବେ । ପ୍ରଥମ ସଂସ୍କରଣରେ ୧୨୫୦ ସଂଖ୍ୟକ ଗ୍ରନ୍ଥ ଛପା ହେଉଅଛି; ପରବର୍ତ୍ତୀ ଖଣ୍ଡମାନ ପ୍ରତି ୯ ମାସରେ ପ୍ରକାଶିତ ହେବାର ଆଶା କରାଯାଏ ।

୫ ଖଣ୍ଡ ଗ୍ରନ୍ଥର ଛପା ଖରଚ ଟ ୬୯,୦୦୦୲ ଲାଗିବ । ଅଦ୍ୟପର୍ଯ୍ୟନ୍ତ ସାହାଯ୍ୟଦାତାମାନଙ୍କଠାରୁ ଓ ଗ୍ରାହକମାନଙ୍କଠାରୁ ମିଳିଥିବା ଓ ପରେ ମିଳିବାର ଆଶା ଥିବା ଟ ୩୦୦୦୦୲ ବାଦ୍ ବାକି ୩୦୦୦୦୲ (ତିରିଶ ହଜାର) ଟଙ୍କାର ଅପ୍ରୋଜନ ଆବଶ୍ୟକ । ଏହା ଛଡ଼ା ପାଣ୍ଡୁଲିପିମାନଙ୍କ ସଂଶୋଧନ, ସମ୍ମାର୍ଜନ ଓ ପରିଷ୍କରଣରେ ନିଯୁକ୍ତ ମୋର ୨ ଜଣ ସହକର୍ମୀଙ୍କର ପାରିଶ୍ରମିକ ଓ ମୋର କେବଳ ଗ୍ରାସାଚ୍ଛାଦନବ୍ୟୟ ପାଇଁ ଆଉ ୨ ବର୍ଷ ମାସିକ ଟ ୨୦୦୲ ଲେଖାଏଁ ଟ ୫୦୦୦୲ (ପାଞ୍ଚ ହଜାର ଟଙ୍କା) ଲୋଡ଼ା । ଦୁର୍ବଳର ବଳ, ଅସହାୟର ସହାୟ, ନିର୍ଧନର ଧନ ଯେଉଁ ମହାପ୍ରଭୁ ଏହି ଦୁର୍ବଳ ହସ୍ତକୁ ଏପରି ଗୋଟିଏ ବହୁଧନସାଧ୍ୟ, ବହୁଜନସାଧ୍ୟ, ବହୁବଳସାଧ୍ୟ ଦୁରୂହ କାର୍ଯ୍ୟରେ ନିୟୋଜିତ କରି ସମଗ୍ର ଗ୍ରନ୍ଥର ପାଣ୍ଡୁଲିପି ସମାପ୍ତ କରାଇଅଛନ୍ତି ଓ ଅଦ୍ୟପର୍ଯ୍ୟନ୍ତ ଏତେଦୂର ଅଗ୍ରସର ହେବାକୁ ସମର୍ଥ କରିଅଛନ୍ତି, ସେହି ପ୍ରଭୁ ଉତ୍କଳଲକ୍ଷ୍ମୀଙ୍କ ବିଦ୍ୟାନୁରାଗୀ, ସାହିତ୍ୟରସିକ ଓ ଦାନଶୀଳ ବରପୁତ୍ରମାନଙ୍କ ହୃଦୟରେ ବିଜେ କରି ମାତୃଭାଷାର ହିତକଳ୍ପେ ମୁକ୍ତହସ୍ତ ହେବାକୁ ସେମାନଙ୍କୁ ପ୍ରେରଣା ଦେବେ ବୋଲି ଦୃଢ଼ ଆଶା ପୋଷଣପୂର୍ବକ 'Be not anxious for the morrow' 'କାଲି ପାଇଁ ଚିନ୍ତିତ ନ ହୁଅ' ଏହି ଉପଦେଶବଚନକୁ ଅନୁସରଣ କରି ମୁଁ କାର୍ଯ୍ୟରେ ଅଗ୍ରସର ହେଉଅଛି ।

ସମଗ୍ର ଭାରତର ଭବିଷ୍ୟତ୍ ରାଷ୍ଟ୍ରୀୟ ଭାଷାରୂପେ ପରିକଳ୍ପିତ ହିନ୍ଦୀ ଭାଷା ସଙ୍ଗେ ଏକ କୋଟି ଲୋକଙ୍କ ମାତୃଭାଷା ଓଡ଼ିଆର ସମ୍ବନ୍ଧ ସ୍ଥାପନ କରିବାପାଇଁ ଧାରାବାହିକ ଚେଷ୍ଟାର ଏହାହିଁ ପ୍ରଥମ ଉଦ୍ୟମ । ଏହି କାରଣରୁ ହିନ୍ଦୀଭାଷୀ, ହିନ୍ଦୀଭାଷାନୁରାଗୀମାନେ ଓ ନାଗରୀପ୍ରଚାରିଣୀ ସଭାର ନେତାମାନେ ଏ ଗ୍ରନ୍ଥ ପ୍ରତି କୃପାଦୃଷ୍ଟି ଦେବେ ବୋଲି ଆଶା କରାଯାଏ ।

ଅନ୍ତତଃ ଅନ୍ୟୂନ ୬ ଶତାବ୍ଦୀ ହେଲା ଓଡ଼ିଆ ଓ ବଙ୍ଗାଳୀମାନେ ରାଜନୀତି, ଧର୍ମନୀତି, ସମାଜନୀତି, ବ୍ୟବସାୟ, କର୍ମକ୍ଷେତ୍ର ଓ ସାହିତ୍ୟକ୍ଷେତ୍ରରେ ପରସ୍ପର ଓତପ୍ରୋତଭାବରେ ଜଡ଼ିତ । ବଙ୍ଗଳା ଭାଷା ସଙ୍ଗେ ଓଡ଼ିଆ ଭାଷାର ସମ୍ବନ୍ଧ ସ୍ଥାପନ କରିବାପାଇଁ ଓଡ଼ିଆଙ୍କ ପକ୍ଷରୁ ଏହାହିଁ ପ୍ରଥମ ଧାରାବାହିକ ଉଦ୍ୟମ । ବଙ୍ଗଳା ଭାଷା ଦିଗରୁ ରାୟ ବାହାଦୁର ଆଚାର୍ଯ୍ୟ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି ତାଙ୍କ ବଙ୍ଗଳା ଅଭିଧାନରେ ପ୍ରଥମେ ଏ ଚେଷ୍ଟାର ସୂତ୍ରପାତ କରିଥିଲେ ମାତ୍ର । ଏକ କୋଟି ପ୍ରତିବେଶୀଙ୍କ ମାତୃଭାଷା ସଙ୍ଗେ ବଙ୍ଗଳା ଭାଷାର ସମ୍ବନ୍ଧ ଦୃଢ଼ କରିବାର ଏହି ଚେଷ୍ଟା ପ୍ରତି ବଙ୍ଗ ଦେଶର ବରପୁତ୍ରମାନେ ଅନୁକୂଳଦୃଷ୍ଟି ଦେବେ ବୋଲି ମୋର ମଧ୍ୟ ଆଶା ଓ ବିଶ୍ୱାସ ।

ବିହାର ଓଡ଼ିଶାର ପୂର୍ବତନ ଗଭର୍ଣ୍ଣର ସର୍ ହିଉ ଷ୍ଟିଫେନ୍ସନ୍ ମହୋଦୟଙ୍କ ଅନୁମତିକ୍ରମେ ଗ୍ରନ୍ଥର ପୃଷ୍ଠପୋଷକରୂପେ ତାଙ୍କର ପ୍ରତିକୃତି (ଫଟୋ) ପ୍ରଥମ ଖଣ୍ଡରେ ସନ୍ନିବେଶିତ ହୋଇଥିଲା । ଏ ପ୍ରଦେଶର ଭୂତପୂର୍ବ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର ପ୍ରେସିଡେଣ୍ଟରୂପେ ଏ ଗ୍ରନ୍ଥକୁ ସରକାରଙ୍କଠାରୁ ବିଶିଷ୍ଟ ସାହାଯ୍ୟ ମିଳିବା ପଥକୁ ଯେଉଁ ମହାତ୍ମା ସୁଗମ କରିଥିଲେ, ବର୍ତ୍ତମାନ ଗଭର୍ଣ୍ଣର ଗାଦିରେ ଅଧିଷ୍ଠିତ ସେହି ଗୁଣିପ୍ରବର ମାନ୍ୟବର ସର୍ ଜେମ୍ସ ଡାଉଡ୍ ସିଫ୍ଟନ୍ ମହୋଦୟ ଦ୍ୱିତୀୟ ଖଣ୍ଡର ପୃଷ୍ଠପୋଷକରୂପେ ଏ ଖଣ୍ଡରେ ତାଙ୍କ ଫଟୋ ପ୍ରକାଶିତ ହେବାପାଇଁ ପ୍ରସନ୍ନ ଚିତ୍ତରେ ଅନୁମତି ଦେଇ ପରବର୍ତ୍ତୀ ଖଣ୍ଡମାନ ଅକ୍ଳେଶରେ ପ୍ରକାଶିତ ହେବାର ଆଶାକୁ ଉଜ୍ଜ୍ୱଳତର ଓ ମାର୍ଗକୁ ସୁଗମତର କରିଅଛନ୍ତି, ଏହା ଏ ଗ୍ରନ୍ଥ ପକ୍ଷରେ ସୌଭାଗ୍ୟର ବିଷୟ ।

ଦୁଇ ଜଣ ପ୍ରାଦେଶିକ ଲାଟ୍ ଯଥାକ୍ରମେ ଯେଉଁ ଗ୍ରନ୍ଥର ପ୍ରଥମ ଓ ଦ୍ୱିତୀୟ ଖଣ୍ଡର ପୃଷ୍ଠପୋଷକ, ଯେଉଁ ଗ୍ରନ୍ଥ ପ୍ରାଦେଶିକ ସରକାରଙ୍କଠାରୁ ବିଶିଷ୍ଟ ଅର୍ଥସାହାଯ୍ୟ ଲଭିଅଛି, ଯେଉଁ ଗ୍ରନ୍ଥର ନାମ ଓଡ଼ିଆ ଜାତିର ମୌଳିମଣ୍ଡନ ମୟୂରଭଞ୍ଜ ମହାରାଜବଂଶର ପୂର୍ଣ୍ଣଚନ୍ଦ୍ରପ୍ରତିମ ସ୍ୱର୍ଗୀୟ ମହାରାଜ ପୂର୍ଣ୍ଣଚନ୍ଦ୍ରଙ୍କ ପବିତ୍ର ନାମ ସଙ୍ଗେ ସଂଯୋଜିତ, ଯେଉଁ ଗ୍ରନ୍ଥପ୍ରକାଶର ବିଶିଷ୍ଟ ସହାୟକ ଓ ରକ୍ଷକ ଦିକ୍‌ପାଳରୂପେ ଉତ୍ତରରେ ମୟୂରଭଞ୍ଜର ଭାରତଖଣ୍ଡଚକ୍ରବର୍ତ୍ତି, ନରେନ୍ଦ୍ରମଣ୍ଡଳୀମଣ୍ଡନ, ରାଜର୍ଷିପ୍ରତିମ, ଧର୍ମବୀର ମହାରାଜ ପ୍ରତାପଚନ୍ଦ୍ର, ପଶ୍ଚିମରେ କଳାହାଣ୍ଡିର କର୍ମବୀର ମହାରାଜ ବ୍ରଜମୋହନ, ଦକ୍ଷିଣରେ ଜୟପୁରର ସାହିତ୍ୟପ୍ରାଣ, ଉତ୍କଳର ବିକ୍ରମାଦିତ୍ୟ, ଦାନବୀର ମହାରାଜ ବିକ୍ରମ ଦେବ ଓ ପୂର୍ବରେ ରାଜେନ୍ଦ୍ରପ୍ରତିମ ରାଜନୀତିବୀର କନିକାର ଅଧୀଶ୍ୱର ମାନ୍ୟବର ରାଜେନ୍ଦ୍ରନାରାୟଣଙ୍କ ଭଳି ଉଦାରଚେତା କର୍ମବୀର, ଧର୍ମବୀର, ଦାନବୀର ଓ ରାଜନୀତିବୀରମାନେ ବଦ୍ଧପରିକର ହୋଇ ଦଣ୍ଡାୟମାନ, ସେ ଗ୍ରନ୍ଥର ଅବଶିଷ୍ଟ ୩ ଖଣ୍ଡର ପ୍ରକାଶାର୍ଥ ପଞ୍ଚତିରିଶି ହଜାର ମାତ୍ର ଟଙ୍କାର ସଂସ୍ଥାନ ହୋଇ ପାରିବ ନାହିଁ, ଏ କଥା ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ହତାଶ ହେବାକୁ ମନ ରାଜି ହେଉ ନାହିଁ ।

ଯାଜପୁରର ସ୍ୱନାମଧନ୍ୟ ପଣ୍ଡିତ ଶ୍ରୀ ନୀଳମଣି ମିଶ୍ରଙ୍କ ସୁଯୋଗ୍ୟ ପୁତ୍ର, ଅଠମଲ୍ଲିକର ଭୂତପୂର୍ବ ରୁଲିଙ୍ଗ୍ ଚିଫ୍‌ଙ୍କ ଦେବାନ ଶ୍ରୀମାନ୍ ବାମଦେବ ମିଶ୍ର ବି. ଏ. ଇତିମଧ୍ୟରେ ବାମଣ୍ଡା, ସମ୍ବଲପୁର, ଅଠମଲ୍ଲିକ ଓ ଯାଜପୁର ଅଞ୍ଚଳରେ ପ୍ରଚଳିତ ସହସ୍ରାଧିକ ପ୍ରାଦେଶିକ ଶବ୍ଦ ସଂଗ୍ରହ କରି ବୃଦ୍ଧାବସ୍ଥାରେ ମଧ୍ୟ ଭାଷାକୋଷର ଶବ୍ଦଯୋଜନାରେ ସାହାଯ୍ୟ କରି ମୋତେ ଆପ୍ୟାୟିତ କରିଅଛନ୍ତି । ତେଣୁ ମୁଁ ତାଙ୍କୁ ଆଶୀର୍ବାଦ କରୁଅଛି ।

ପୁରୀ ଡିଷ୍ଟ୍ରିକ୍ଟବୋର୍ଡ଼ର ଇନୈକ ମେଡ଼ିକାଲ୍ ଅଫିସର୍ ପ୍ରତ୍ନତତ୍ତ୍ୱାନୁସନ୍ଧିତ୍ସୁ, ସାହିତ୍ୟସେବକ ଯୁବକ ଡାକ୍ତର ଶ୍ରୀମାନ୍ ରାଧାଚରଣ ପଣ୍ଡା ଅନେକ ଗୁଡ଼ିଏ ପ୍ରାଦେଶିକ ଓ ପ୍ରତ୍ନ ଶବ୍ଦ ସଂଗ୍ରହ କରି ମୋତେ ଯୋଗାଇଥିବା ଯୋଗୁଁ ମୁଁ ତାଙ୍କଠାରେ କୃତଜ୍ଞ ।

ସଂକଳନ ଆରମ୍ଭରୁ ଆଜିପର୍ଯ୍ୟନ୍ତ ଏ ଗ୍ରନ୍ଥର ବିଶିଷ୍ଟ ଉତ୍ସାହଦାତା ଓ ଆଶୀର୍ବାଦକ ମହାରାଜ ଶ୍ରୀ ବିକ୍ରମଦେବ ବର୍ମା ଜୟପୁର ରାଜସିଂହାସନରେ ଅଧିଷ୍ଠିତ ହୋଇଥିଲେହେଁ ଇତିମଧ୍ୟରେ ନାନା ଅଲଂଘନୀୟ ରାଜକୀୟ ଝଞ୍ଜାଳରେ ବିବ୍ରତ ଥିଲେ; ପ୍ରଭୁଙ୍କ ଦୟାରୁ ବର୍ତ୍ତମାନ ସେ ଉକ୍ତ ଝଞ୍ଜାଳରୁ ନିଷ୍କୃତି ଲାଭ କରି ନିଶ୍ଚିନ୍ତ ହୋଇଅଛନ୍ତି; ତେଣୁ ତାଙ୍କଠାରୁ ପ୍ରତିଶ୍ରୁତ ବିଶିଷ୍ଟ ଅର୍ଥାନୁକୂଲ୍ୟ ଲାଭ କରିବାର ଆଶା ଦୃଢ଼ତର ହୋଇଅଛି ।

ପାରଳାଖେମୁଣ୍ଡିର ସ୍ୱନାମଧନ୍ୟ ରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓଡ଼ିଶା ବାଉଣ୍ଡେରୀ କମିସନ୍ ବୈଠକ ଉପଲକ୍ଷରେ କଟକରେ ବିଜେ କରିଥିବା ଅବସରରେ ଏ ଗ୍ରନ୍ଥ ଉପହାର ପାଇ ଏଥିର ପ୍ରକାଶାର୍ଥ ବିଶିଷ୍ଟ ରୂପେ ସାହାଯ୍ୟ କରିବେ ବୋଲି ଆଶା ଦେଇଅଛନ୍ତି ।

ପ୍ରଥମ ଖଣ୍ଡ ପ୍ରକାଶିତ ହେବା ପରେ ଉତ୍କଳଖଣ୍ଡର କୃଷ୍ଣହେଁପାୟନ ରାଜା କୃଷ୍ଣ ସିଂହଙ୍କ ସୁଯୋଗ୍ୟ ବଂଶଧର, ବିଦ୍ୱନ୍ମଣ୍ଡଳୀପରିବୃତ, ସନାତନଧର୍ମ—ନିରତ ଧରାକୋଟର ରାଜା ଶ୍ରୀ ମଦନମୋହନ ସିଂହ ଦେବ ବାହାଦୂର, ଜ୍ଞାନବୃଦ୍ଧ, ଓଡ଼ିଆଭାଷାନୁରାଗୀ, ବିଦ୍ୟୋତ୍ସାହୀ, କବିତିଳକ, ଦାନସାଗର ସୋନପୁରର ରୁଲିଙ୍ଗ୍ ଚିଫ୍ ମହାରାଜ ଶ୍ରୀ ସର୍ ବୀରମିତ୍ରୋଦୟ ସିଂହ ଦେବ ଧର୍ମନିଧି, ଜ୍ଞାନଗୁଣାକର, K. C. I. E., M. R. A. S., ସାହିତ୍ୟରସିକ, ଜ୍ଞାନନିଷ୍ଠ, ପ୍ରବୀଣ ତାଳଚେରର ରୁଲିଙ୍ଗ୍ ଚିଫ୍ ରାଜା ଶ୍ରୀ କିଶୋରଚନ୍ଦ୍ର ବୀରବର ହରିଚନ୍ଦନ, ଷଡ଼ୈଶ୍ୱର୍ଯ୍ୟ ରାଜକବି, ଜ୍ଞାନାର୍ଜନରତ, କର୍ମବୀର, ମହାରାଜକୁମାର, ରୁଲିଙ୍ଗ ଚିଫ୍ ଓ ରାଜା ଶ୍ରୀ ଆଦିତ୍ୟପ୍ରତାପ ସିଂହ ଦେବ, ନିଭୃତକର୍ମୀ, ନିରାଡମ୍ବର, ନିରଭିମାନ ହିନ୍ଦୋଳର ରାଜା ଓ ରୁଲିଙ୍ଗ୍ ଚିଫ୍ ଶ୍ରୀନବକିଶୋରଚନ୍ଦ୍ର ବାହାଦୂର, ଚିତ୍ରିକାଳର ସ୍ୱର୍ଗୀୟ ଦୀନବନ୍ଧୁ ଭାଗୀରଥି ଓ ରାଜର୍ଷି ସ୍ୱର୍ଗୀୟ ସୁରପ୍ରତାପଙ୍କ କୁଳତିଳକ ଢେଙ୍କାନାଳର ଶଙ୍କରପ୍ରତାପ ଉଦ୍ୟମଶୀଳ ରୁଲିଙ୍ଗ୍ ଚିଫ୍ ରାଜା ଶ୍ରୀ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର, ପ୍ରାଚୀନ ଉତ୍କଳ-ସାମ୍ରାଜ୍ୟର ବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ନବ କୋଟି କର୍ଣ୍ଣାଟକଲବର୍ଗେଶ୍ୱର ସ୍ୱାଧୀନ ନରପତିବୃନ୍ଦଙ୍କ ଆସନର ଅଧିକାରୀ ଓ ସାହିତ୍ୟରତ୍ନାକର ବାମଣ୍ଡା ରାଜବଂଶୋଦ୍ଭବ ପୁରୀର ରାଜା ଶ୍ରୀ ରାମଚନ୍ଦ୍ର ଦେବ, ଗଞ୍ଜାମ ବଡ଼ଗଡ଼ର ଜ୍ଞାନପିପାସୁ, ନିରନ୍ତର ଅଧ୍ୟୟନରତ ରାଜା ସାହେବ, ବାଲେଶ୍ୱର ସୁନହଟର ଦାନବୀର, ଧର୍ମବୀର ଓ କର୍ମବୀର ସ୍ୱର୍ଗୀୟ ରାୟବାହାଦୂର ସାମନ୍ତ ରାଧାଚରଣ ଦାସଙ୍କ ସୌମ୍ୟମୂର୍ତ୍ତି, ପିତୃଭକ୍ତ ସୁଯୋଗ୍ୟ ସନ୍ତାନ ସାମନ୍ତ ରାଧାପ୍ରସନ୍ନ ଦାସ, ମୋର ସୋଦର ପ୍ରତିମ ବାଲେଶ୍ୱର ଇଡ଼ଦା ଗଡ଼ର ସୁପଣ୍ଡିତ ବାଗ୍ମୀପ୍ରବର ସ୍ୱର୍ଗୀୟ ଚୌଧୁରୀ ରାମନାରାୟଣ ପ୍ରହରାଜ ମହାଶୟଙ୍କ ସୌମ୍ୟଦର୍ଶନ ଅଧ୍ୟୟନରତ ପୁତ୍ର ଶ୍ରୀମାନ୍ ମୃତ୍ୟୁଞ୍ଜୟନାରାୟଣ, ପୁରୀ ଶ୍ରୀକ୍ଷେତ୍ରବାସିନୀ, ପରମଭକ୍ତିପରାୟଣା ବିଶାଖାପଟ୍ଟଣାର ମାଡ଼ଗୁଲର ଶ୍ରୀମତୀ ରାଣୀ ଚନ୍ଦ୍ରମଣି ପାଟମହାଦେବୀ, ଗଞ୍ଜାମ ଅସିକାର ଚିନିକାରଖାନାର ଅଧ୍ୟକ୍ଷ ଦେବବ୍ରାହ୍ମଣସେବାରତ ମହାଜନ ଶ୍ରୀ ପରମାନନ୍ଦ ସାହୁ, କଟକର ହିଦାରଚେଟା ଜମିଦାର ଓ ମହାଜନ ଶ୍ରୀକ୍ଷେତ୍ରବାସୀ ସାହୁ, ଏମାନଙ୍କ ମଧ୍ୟରୁ କେତେକଙ୍କ ନିକଟରେ ଏ ଗ୍ରନ୍ଥର ଅର୍ଥସମସ୍ୟା ପ୍ରତ୍ୟକ୍ଷରେ ଓ କେତେକଙ୍କ ନିକଟରେ ପରୋକ୍ଷରେ ଉପସ୍ଥାପିତ କରାଯାଇଅଛି ଓ କରାଯିବାର ଚେଷ୍ଟା କରାଯାଉଅଛି ।

ବିହାରର ବରପୁତ୍ର, ବିଶିଷ୍ଟ ଜମିଦାର, ମୈଥିଳ ଭୂସୁରକୁଳତିଳକ, ସାହିତ୍ୟାନୁରାଗୀ, ଦେଶଭକ୍ତ, କର୍ମବୀର ଶ୍ରୀଯୁକ୍ତ ଦ୍ୱାରକାପ୍ରସାଦ ସିଂହ ଶର୍ମା ବି. ଏ, ଆଇ. ସି. ଏସ, ଶ୍ରୀଯୁକ୍ତ ମାରଉଡ୍ ସାହେବଙ୍କ ପରେ ବର୍ତ୍ତମାନ କଟକର ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଆସନ ଅଳଙ୍କୃତ କରିଅଛନ୍ତି । ସେ ମହାଶୟ ଏଥିମଧ୍ୟରେ ଭାଷାକୋଷ କାର୍ଯ୍ୟାଳୟରେ ପଦାର୍ପଣ କରି ପାଣ୍ଡୁଲିପି ଓ ମୁଦ୍ରିତ ଖଣ୍ଡର କେତେକ ଅଂଶ ତନ୍ନତନ୍ନ କରି ପରିଦର୍ଶନ ଓ ପରୀକ୍ଷା କରି ପରମ ପରିତୋଷଜ୍ଞାପନପୂର୍ବକ ମୋତେ ବିଶେଷ ଉତ୍ସାହିତ କରିଅଛନ୍ତି ଓ ଏ ଗ୍ରନ୍ଥ ପ୍ରତି ବିହାରର ବରପୁତ୍ରମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ୱତଃ ପ୍ରତିଶ୍ରୁତ ହୋଇ ଅଛନ୍ତି; ପ୍ରଭୁ କରନ୍ତୁ ଯେ, ଓଡ଼ିଆ ଜାତିର ଏହି ସ୍ମୃତିମନ୍ଦିର ସଙ୍ଗେ ବିହାରର ଉକ୍ତ ବରପୁତ୍ରଙ୍କ ନାମ ସଂଶ୍ଳିଷ୍ଟ ରହିବା ଦ୍ୱାରା ଏ ଦୁଇ ଜାତିର ଆଧୁନିକ ରାଜନୀତିକ ଘନିଷ୍ଠତାର ନିଦର୍ଶନ ଚିରକାଳ ପାଇଁ ଓଡ଼ିଆ ଭାଷାର ଇତିହାସରେ ବିରାଜିତ ରହୁ ।

ମୋର ପରମମିତ୍ର ଆଠଗଡ଼ର ଦାନଶୌଣ୍ଡ, ବିଦ୍ୱତ୍ପ୍ରବର, ପ୍ରାତଃସ୍ମରଣୀୟ ସ୍ୱର୍ଗୀୟ ରଜା ବିଶ୍ୱନାଥ ଦେବ ବର୍ମା ବାହାଦୂରଙ୍କ ପୁତ୍ର ରାଜା ଓ ରୁଲିଙ୍ଗ୍ ଚିଫ୍ ଶ୍ରୀମାନ୍ ରାଧାନାଥ ଦେବବର୍ମା ପୂର୍ବ ପରି ଏହାର ସଙ୍କଳନ ପ୍ରତି ସ୍ନେହଦୃଷ୍ଟି ରଖିଅଛନ୍ତି ।

ମୋର ସହାଧ୍ୟାୟୀ ବାଲ୍ୟବନ୍ଧୁ କର୍ମକୁଶଳ, ଧର୍ମନିରତ, ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ସମ୍ମାନିତ ଓ ଉଚ୍ଚ ରାଜକର୍ମରୁ ଅବସରପ୍ରାପ୍ତ ଦେବାନ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ର ଏ ଗ୍ରନ୍ଥର ପ୍ରକାଶ ଲାଗି ନାନା ଉପାୟକଳ୍ପନାଦ୍ୱାରା ମୋତେ ଉତ୍ସାହିତ କରୁଅଛନ୍ତି; ତେଣୁ ମୁଁ ତାଙ୍କଠାରେ କୃତଜ୍ଞତାପାଶରେ ଆବଦ୍ଧ । ମୋର ଅନୁଜପ୍ରତିମ, ନୀରବ ସାଧକ, ବିହାର ଓଡ଼ିଶା କାଉନ୍ସିଲର ଡେପୁଟୀ ପ୍ରେସିଡେଣ୍ଟ, କଟକ ଡିଷ୍ଟ୍ରିକ୍ଟବୋର୍ଡ଼ର ଚେୟାରମାନ୍, ଆଡ୍‌ଭୋକେଟ୍ ରାୟବାହାଦୂର ଲକ୍ଷ୍ମୀଧର ମହାନ୍ତି ଯେତେବେଳେ ସୁଯୋଗ ପାଇଅଛନ୍ତି, ମୋତେ ଏ ଗ୍ରନ୍ଥ ପ୍ରକାଶ ବିଷୟରେ ସାହାଯ୍ୟ କରିବାରେ ଓ କାଳକ୍ରମେ ଉପସ୍ଥିତ ନାନା ସଙ୍କଟ ଓ ସମସ୍ୟାରୁ ମୋତେ ଉଦ୍ଧାରିବାରେ କେବେ ହେଲେ କୁଣ୍ଠିତ ହୋଇ ନାହାନ୍ତି । ଭଗବାନ୍ ଦୁଃସ୍ଥ ବ୍ୟକ୍ତିର ସହାୟକ, ପରୋପକାରୀ ବ୍ୟକ୍ତିଙ୍କୁ ଚିରଜୀବୀ କରି ତାଙ୍କଦ୍ୱାରା ଦେଶର ଓ ଜାତିର ମଙ୍ଗଳ ସାଧନ କରାନ୍ତୁ ଏହାହିଁ ଏକାନ୍ତ ଆଶୀର୍ବାଦ ।

ଏ ଗ୍ରନ୍ଥର ପୃଷ୍ଠପୋଷକ, ସହାୟକ, ସହକର୍ମୀମାନଙ୍କ ମଧ୍ୟରୁ ପ୍ରଥମ ଖଣ୍ଡ ପ୍ରକାଶିତ ହେଲାବେଳେ ଯେଉଁମାନଙ୍କ ଫଟୋ ହସ୍ତଗତ ହୋଇଥିଲା, ତହିଁରେ ସେମାନ ସନ୍ନିବେଶିତ ହୋଇଅଛି ଓ ସେମାନଙ୍କ ପରିଚୟ ଓ ସାହାଯ୍ୟର ପ୍ରକାର ସୂଚିତ ହୋଇଅଛି । ବର୍ତ୍ତମାନ ଦ୍ୱିତୀୟ ଖଣ୍ଡର ପ୍ରକାଶଯାଏ ଯେଉଁମାନଙ୍କ ଫଟୋ ହସ୍ତଗତ ହୋଇଅଛି, ସେମାନ ଏଥିରେ ସ୍ଥାନ ପାଇଲା ଓ ଭବିଷ୍ୟତରେ ଯେଉଁମାନଙ୍କ ଫଟୋ ହସ୍ତଗତ ହେବ ଓ ଯେଉଁମାନଙ୍କଠାରୁ ବିଶିଷ୍ଟ ସାହାଯ୍ୟ ମିଳିବ, ସେମାନଙ୍କ ଫଟୋ ପରବର୍ତ୍ତୀ ଖଣ୍ଡମାନଙ୍କରେ ସନ୍ନିବେଶିତ ହେବ । ଦାତା, ପୃଷ୍ଠପୋଷକ ଓ ସହାୟକମାନଙ୍କ ବିବରଣ, ବଂଶାନୁଚରିତ ଓ କୀର୍ତ୍ତିକଳାପ ପରବର୍ତ୍ତୀ ଖଣ୍ଡର କ୍ରୋଡ଼ପତ୍ରରେ ସନ୍ନିବେଶିତ ହେବାର କଳ୍ପନା ଅଛି ଓ ସେଥିପାଇଁ ଉପକରଣମାନ ସଂଗୃହୀତ ହେଉଅଛି ।

ଓଡ଼ିଶାର ଭୂତପୂର୍ବ କମିସନର୍ ଓ ବର୍ତ୍ତମାନ ବିହାର ଓଡ଼ିଶାର ରେଭିନ୍ୟୁ ବୋର୍ଡର ମେମ୍ବର ଶ୍ରୀଯୁକ୍ତ ଯେ. ଏ. ହବ୍ବାକ୍ ସାହେବଙ୍କ ନାମରେ ପ୍ରଥମ ଖଣ୍ଡ ଉତ୍ସୃଷ୍ଟ ହୋଇଥିଲା । ତାଙ୍କର ଫଟୋ ଉପଯୁକ୍ତ



**The Compiler of the work.**

ଭାଷାକୋଷର ସଂଗ୍ରାହକ ।



**Mr. C. L. Philip M. A., I. C. S.**

**Commissioner, Orissa Division.**

ଓଡ଼ିଶା ବିଭାଗର କମିଶନର

ଶ୍ରୀଯୁକ୍ତ ସି. ଏଲ୍. ଫିଲିପ୍ ସାହେବ ।



**Srimati Pitambari Debi, Colleague.**

ଶ୍ରୀମତୀ ପୀତାମ୍ବରୀ ଦେବୀ, ସହକର୍ମିଣୀ ।

U. S. Press, Cuttack.

ସମୟରେ ହସ୍ତଗତ ନ ହେବାରୁ ପ୍ରଥମ ଖଣ୍ଡରେ ସନ୍ନିବେଶିତ ହୋଇ ପାରି ନ ଥିଲା; ଏହି ଦ୍ୱିତୀୟ ଖଣ୍ଡରେ ତାଙ୍କ ପ୍ରତିକୃତି ଦିଆଗଲା । କଟକର ଡିଷ୍ଟ୍ରିକ୍ଟ-ମାଜିଷ୍ଟ୍ରେଟ୍ ଥିବା ସମୟରେ ଶ୍ରୀଯୁକ୍ତ ଏନ୍. ଏଫ୍. ପେକ୍ ସାହେବ ଗଭର୍ଣ୍ଣ-ମେଣ୍ଟଙ୍କ ଠାରେ ଏ ଗ୍ରନ୍ଥର ଦାବୀ ବିଶେଷଭାବରେ ଉପସ୍ଥାପିତ ହୋଇ ଗଭର୍ଣ୍ଣ-ମେଣ୍ଟଙ୍କଠାରୁ ବିଶିଷ୍ଟ ସାହାଯ୍ୟ ମିଳିବା ଉଦ୍ୟମର ସୂତ୍ରପାତ କରିଥିଲେ ଓ ପରେ ଓଡ଼ିଶା ବିଭାଗର କମିସନର୍ ହୋଇ ସରକାରୀ ଭାବରେ ଗଭର୍ଣ୍ଣମେଣ୍ଟଙ୍କ ସମ୍ମୁଖରେ ଏ ପ୍ରସ୍ତାବକୁ ସ୍ୱୟଂ ଆଗତ କଲେ । ଅବଶ୍ୟ ଏ ଗ୍ରନ୍ଥରୂପ ମହାବୃକ୍ଷ ବହୁ ଲୋକଙ୍କ ଅଦମ୍ୟ ଉଦ୍ୟମରେ ପରିବର୍ଦ୍ଧିତ ହୋଇଅଛି ଓ ହେବ; କିନ୍ତୁ ଶିକ୍ଷା-ବିଭାଗର ଡାଇରେକ୍ଟର୍ ଶ୍ରୀଯୁକ୍ତ ଫକସ୍ ସାହେବ ଯେଉଁ ବୀଜ ରୋପଣ କରିଥିଲେ ଓ ଶ୍ରୀଯୁକ୍ତ ହବାକ୍ ସାହେବଙ୍କ ଉଦ୍ୟମରେ ଯାହାର ଅଙ୍କୁରୋଦ୍ଗମ ହୋଇଥିଲା, ପେକ୍ ସାହେବଙ୍କ ଚେଷ୍ଟାଦ୍ୱାରା ତାହା ପଲ୍ଲବିତ ହେଲା । ସେ ମହାଶୟ ବର୍ତ୍ତମାନ ବିହାର-ଓଡ଼ିଶାର ଜମିଙ୍ଗୀ ଓ ଅବକାରୀ ବିଭାଗର କମିସନର୍ ଓ ରେଜିଷ୍ଟ୍ରେସନ୍ ବିଭାଗର ଇନ୍ସପେକ୍ଟର୍ ଜେନେରାଲ୍ ପଦରେ ଆସୀନ । ଏ ଦ୍ୱିତୀୟ ଖଣ୍ଡ ତାଙ୍କରି ନାମରେ ଉତ୍ସର୍ଗ କରାଗଲା ଓ ତାଙ୍କ ଫଟୋ ଏଥିରେ ସନ୍ନିବେଶିତ ହେଲା ।

ଏହା ଛଡ଼ା ଯେଉଁମାନଙ୍କ ପ୍ରତିକୃତି ଏ ଖଣ୍ଡରେ ସ୍ଥାନ ପାଇଅଛି, ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡର ଭୂମିକାରେ ସେମାନଙ୍କ ସାହାଯ୍ୟ ବିଷୟ ବିବୃତ ହୋଇଅଛି ।

• ଯେତେବେଳେ ମୁଁ ଭାଷାକୋଷ ପାଇଁ ଶବ୍ଦସଂଗ୍ରହ କରୁଥିବା ବିଷୟ ସାଧାରଣରେ ସୁପ୍ରକଟିତ ହୋଇ ନ ଥିଲା ଓ ଦିନେ ଯେ ଏହା ପ୍ରକାଶିତ ହେବ, ଏପରି କୌଣସି ଦୃଢ଼ ଆଶା ବା ନିଶ୍ଚିତତା ନ ଥିଲା, ପାଣ୍ଡୁଲିପିମାନ ସମ୍ମାର୍ଜନ କରିବାର ବ୍ୟୟ ସଂସ୍ଥାନ କରିବାପାଇଁ ଯେତେବେଳେ ମୁଁ ଚିନ୍ତିତ ହୋଇ ପଡ଼ିଥିଲି, ସେତେବେଳେ କଳାହାଣ୍ଡିର ରୁଲିଙ୍ଗ୍ ଚିଫ୍ ମହାରାଜ ବ୍ରଜମୋହନ ଅଲୁଣ୍ଠିତଚିତ୍ତରେ ଟ ୧୦୦୦୲ ସାହାଯ୍ୟ କରିଥିଲେ ଓ ପୁଣି କେତେଦିନ ପରେ ୨୫ ଖଣ୍ଡ ଗ୍ରନ୍ଥ କିଣିବାପାଇଁ ଅଗ୍ରିମ ମୂଲ୍ୟ ପଠାଇ ଦେଲେ । ତାଙ୍କର ପ୍ରତିକୃତି ପୂର୍ବରୁ ହସ୍ତଗତ ହୋଇ ପାରି ନ ଥିବାରୁ ଏହି ଖଣ୍ଡରେ ସନ୍ନିବେଶିତ ହେଲା ।

ପାଞ୍ଚ ଖଣ୍ଡରେ ବିଭକ୍ତ ହୋଇ କ୍ରମଶଃ ପ୍ରକାଶିତ ହେବା ଏକ ସାରା ଗ୍ରନ୍ଥର ପ୍ରକାଶ ପୂର୍ବରେ ଦେୟ ଅଗ୍ରିମ ମୂଲ୍ୟ (prepublication price) ଟ ୫୦୲ (ପଚାଶ ଟଙ୍କା) ଆପାତତଃ ସ୍ଥିର କରାଯାଇଅଛି । ଯେଉଁ ଗ୍ରାହକମାନେ ଅବନ୍ଧା ବହି ନେବେ ସେମାନଙ୍କୁ ଅଗ୍ରିମ ଟ ୪୦୲ (ଚାଳିଶ ଟଙ୍କା) ଦେବାକୁ ହେବ । ଯେଉଁମାନେ ଅଗ୍ରିମ ମୂଲ୍ୟ ଦେବାକୁ ଅନିଚ୍ଛୁକ ଥାଇ ପ୍ରକାଶ ହେବା ସଙ୍ଗେ ସଙ୍ଗେ ପ୍ରତି ଖଣ୍ଡ କିଣିବାକୁ ଇଚ୍ଛା କରିବେ, ସେମାନଙ୍କୁ ପ୍ରତିଖଣ୍ଡ ବନ୍ଧା ପୁସ୍ତକ ପାଇଁ ଟ ୧୫୲ (ପନ୍ଦର ଟଙ୍କା) ଓ ଅବନ୍ଧା ପୁସ୍ତକ ପାଇଁ ଟ ୧୩୲ (ତେର ଟଙ୍କା) ଦେବାକୁ ପଡ଼ିବ । ଗ୍ରାହକମାନଙ୍କ ନିକଟରେ ଗ୍ରନ୍ଥ ପଠାଇବା ବ୍ୟୟ ଗ୍ରାହକମାନେ ବହନ କରିବେ । ସବୁ ଖଣ୍ଡ ପ୍ରକାଶ ପୂର୍ବରୁ ଏକକାଳୀନ ଅଗ୍ରିମ ମୂଲ୍ୟ ଦେବା ଗ୍ରାହକମାନେ ବସ୍ତୁତଃ ଏ ଗ୍ରନ୍ଥର ପ୍ରକାଶରେ ସାହାଯ୍ୟ କରିବେ, ଏହି କାରଣରେ ସେମାନଙ୍କୁ ସାଧାରଣ ମୂଲ୍ୟ ଅପେକ୍ଷା ସସ୍ତାରେ ଦିଆଯିବା ନ୍ୟାଯ୍ୟ ଓ ସଙ୍ଗତ । ଏହି ସଂସ୍କରଣରେ ୧୨୫୦ ମାତ୍ର ଗ୍ରନ୍ଥ ଛପା ହେଉଅଛି । ପାଞ୍ଚ ଖଣ୍ଡରେ ସମାପ୍ତ ୧୨୫୦ ସଂଖ୍ୟକ ଗ୍ରନ୍ଥ ଛାପିବା ଓ ବାନ୍ଧିବାର ବ୍ୟୟ ଟ୬୦୦୦୦୲ (ଷାଠିଏ ହଜାର ଟଙ୍କା) ଲାଗିବ; ଅତଏବ ଏକ ସାରା ଗ୍ରନ୍ଥ ପାଇଁ ପ୍ରକୃତ ବ୍ୟୟ ପ୍ରାୟ ଟ ୫୦୲ ଏଥିରେ ଗ୍ରନ୍ଥକାରର ଲାଭ ଓ ପୁସ୍ତକବିକ୍ରେତାଙ୍କ କମିସନ୍ ଯୋଗ କଲେ ସାରେ ଗ୍ରନ୍ଥର ସାଧାରଣ ବିକ୍ରି ମୂଲ୍ୟ ଅନ୍ତତଃ ଟ ୭୫୲ ହେବା ଉଚିତ । ଯେଉଁ ଗ୍ରାହକମାନେ ପ୍ରତି ଖଣ୍ଡ ନଗଦ କିଣିନେବେ ସେମାନଙ୍କ ପକ୍ଷରେ ପୂର୍ବୋକ୍ତ ମୂଲ୍ୟହିଁ ଧାର୍ଯ୍ୟ କରାଯାଇ ଅଛି; ଆଉ ଯେଉଁ ଗ୍ରାହକମାନେ ସମସ୍ତ ଖଣ୍ଡ ପ୍ରକାଶ ହେବା ପୂର୍ବରୁ ଅଗ୍ରିମ ମୂଲ୍ୟ ଦେବେ, ସେମାନେ କେବଳ ମୁଦ୍ରଣାଦି ବ୍ୟୟ ଦେଇ ଏ ଗ୍ରନ୍ଥ ପାଇପାରିବେ । ୫ ଖଣ୍ଡଯାକ ଗ୍ରନ୍ଥ ଛପା ସରିବା ପରେ ଏକ ସାରା ଗ୍ରନ୍ଥର ମୂଲ୍ୟ ଟ ୮୦୲ ପର୍ଯ୍ୟନ୍ତ ବୃଦ୍ଧି କରାଯିବାର ମଧ୍ୟ ସମ୍ଭାବନା ।

ଏ ଗ୍ରନ୍ଥର କଳେବର ବୃଦ୍ଧି ହେବାର ଦେଖି ମୋର ମଙ୍ଗଳକାମୀ ବିଶିଷ୍ଟ ବନ୍ଧୁମାନେ ବାରମ୍ବାର ଅନୁରୋଧ ଓ ସୂଚନା କରୁଅଛନ୍ତି ଯେ, ଶବ୍ଦସଂଖ୍ୟା କମାଇ ଦିଆଯାଉ, ଏକାଧିକ ଆକାରରେ ବ୍ୟବହୃତ ଶବ୍ଦମାନଙ୍କର ଗୋଟିଏ ମାତ୍ର ଆକାର ରଖାଯାଉ, କଥିତ ଭାଷାରେ ଓ ଲେଖାରେ ଭିନ୍ନ-ଭିନ୍ନ ଆକାରରେ ବ୍ୟବହୃତ ଶବ୍ଦମାନଙ୍କର କଥିତରୂପ ବାଦ ଦିଆଯାଉ ଓ ସମାସନିଷ୍ପନ୍ନ କେତେକ ପଦ ଛାଡ଼ି ଦିଆଯାଉ; କିନ୍ତୁ ମୁଁ ସଂଗ୍ରହ କରି ପାଣ୍ଡୁଲିପିରେ ସ୍ଥାନ ଦେଇଥିବା କୌଣସି ଶବ୍ଦ ଉଠାଇ ଦେବାକୁ ମୋ ହାତ ଯାଉ ନାହିଁ । ବହୁସନ୍ତାନଙ୍କୁ ପୋଷିବାପାଇଁ ଦୁଃଖ ଭୋଗ କରୁଥିବା କୌଣସି ମାତାଙ୍କୁ ଯେବେ ସନ୍ତାନପାଳନବ୍ୟୟ ଓ ଦୁଃଖଲାଘବାର୍ଥ ସନ୍ତାନ-ମାନଙ୍କ ମଧ୍ୟରୁ କେତେକଙ୍କୁ ତଡ଼ି ଦେବାକୁ ବା ଜୀବନରେ ମାରି ଦେବାକୁ ଉପଦେଶ ଦିଆଯାଏ, ତାହା ହେଲେ ମାତା ସେ ଉପଦେଶ ପାଳନ କରି ପାରିବେ କି ? ନିଜ ଦେହରୁ ବିନ୍ଦୁବିନ୍ଦୁ ରକ୍ତବ୍ୟୟ କରି, ଯାହାଙ୍କୁ ଜନ୍ମ ଦେଇଅଛନ୍ତି, କେତେ ଦୁଃଖ ପାଇ, କେତେ ଉପବାସ ସହି, କେତେ ଅର୍ଦ୍ଧୋଳ ସମ୍ଭାଳି ଯାହାଙ୍କୁ ପାଳି ଆଣିଅଛନ୍ତି, ତାଙ୍କ ମଧ୍ୟରୁ କେଉଁ ଜଣକର ତଣ୍ଟି ଚିପିଦେବାକୁ ମାତାଙ୍କ ହାତ ଯିବ ? ମାଆଙ୍କ ଚକ୍ଷୁରେ ତ ସବୁ ସନ୍ତାନ ସମାନ ଓ ଯକ୍ଷିଧନ; ଏପରି କ୍ଷେତ୍ରରେ ମାତାଙ୍କ ପକ୍ଷରେ ଯାହା ଉତ୍ତର ଦେବା ସ୍ୱାଭାବିକ ମୁଁ ମୋ ବନ୍ଧୁମାନଙ୍କୁ ନିମ୍ନଲିଖିତରୂପେ ସେହିଭଳି ଉତ୍ତର ଦେଉଅଛି :—

"କେତେ ଦୁଃଖ ପାଇ, ଜୀବନର ଅନ୍ୟ ସମସ୍ତ ଆଶା, ସୁଖ, କଳ୍ପନା ଓ ଉପାର୍ଜନରେ ଜଳାଞ୍ଜଳି ଦେଇ, ୧୫ ବର୍ଷକାଳ ଅତିପାତ କରି ଯେଉଁମାନଙ୍କୁ ପାଇଅଛି ଓ ଗଣ୍ଠିଧନ କରି ସାଇତି ଅଛି, ମୁଁ ମରେଁ, ସରେଁ, ପଥର ଉକାଳି ହୁଏଁ, ଉପାସ ରହେଁ, ଦୁଃଖ ପାଏଁ, ସୂତା କାଟେଁ, ଧାନ କୁଟେଁ ପଛକେ, ତାଙ୍କ ମଧ୍ୟରୁ କାହାର ତଣ୍ଟି ଚିପିଦେବାକୁ ମୋ ହାତ ଯିବ ନାହିଁ । ତାଙ୍କ ଜୀବନରେ ମୋ ଜୀବନ, ତାଙ୍କ ମରଣରେ ମୋ ମରଣ ।"

କିନ୍ତୁ ଆଉ ବହୁ ସହସ୍ର ଶବ୍ଦ ମୁଁ ଯୋଗ କରି ପାରିଲି ନାହିଁ ବୋଲି ମୋର ଭିତରେ ଆକ୍ଷେପ ରହିଗଲା । ସମୟାଭାବରୁ, ଧନାଭାବରୁ, ଉପଯୁକ୍ତ କର୍ମୀ ଓ ସହକାରୀ ଅଭାବରୁ, ଉତ୍ସାହ ଓ ସାହାଯ୍ୟ ଅଭାବରୁ, ସୁବିଧା ଓ ସୁଯୋଗ ଅଭାବରୁ, ଦେଶରେ ଅଭିଧାନଗ୍ରନ୍ଥ ଓ ପୁସ୍ତକାଗାର ଅଭାବରୁ ବହୁ ସହସ୍ର ଘରୋଇ ଶବ୍ଦ, ଦେଶାଂଶପ୍ରଚଳିତ ଶବ୍ଦ, ଭିନ୍ନ ଭିନ୍ନ ବ୍ୟବସାୟ ଓ ସମାଜ-ପ୍ରଚଳିତ ଶବ୍ଦ, ବିଜ୍ଞାନର ଓ ନାନା କଳାର ପାରିଭାଷିକ ଶବ୍ଦ ମୁଁ ସଂଗ୍ରହ କରି ପାରିଲି ନାହିଁ, ଉତ୍କଳଭାଷୀ ଅଞ୍ଚଳର ପୁରପଲ୍ଲୀମାନ ବୁଲି ପାରିଲି ନାହିଁ, ଉତ୍କଳ ଭାଷାରେ ମୁଦ୍ରିତ ସମସ୍ତ ପୁସ୍ତକ ପାଇ ପାରିଲି ନାହିଁ କି ପଢ଼ି ପାରିଲି ନାହିଁ; ଉତ୍କଳଭାଷୀ ଅଞ୍ଚଳରେ ଘରେ ଘରେ, ଗାଁଏ ଗାଁଏ ସାଇତା ହୋଇ ପୋକ ଖାଉଥିବା ଓ ଉଇ ଧରୁଥିବା ସହସ୍ର ସହସ୍ର ପୁରୁଣା ପୋଥି



**S. L. Marwood Esq. I. C. S.**
Late District Magistrate & Collector, Cuttack.
କଟକର ପୂର୍ବତନ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର
ଶ୍ରୀଯୁକ୍ତ ଏସ୍. ଏଲ୍. ମାର୍‌ଉଡ଼ ଆଇ. ସି. ଏସ୍.



**G. E. Fawcus Esq. M. A., C I. E., O. B. E., V. D., I. E. S.**
Director of Public Instruction, Bihar & Orissa.
ବିହାର-ଓଡ଼ିଶାର ଶିକ୍ଷାବିଭାଗର ଡାଇରେକ୍ଟର
ଶ୍ରୀଯୁକ୍ତ ଜି. ଇ. ଫକସ୍ ଏମ୍. ଏ., ସି. ଆଇ. ଇ.,
ଓ. ବି. ଇ., ଭି ଡି., ଆଇ. ଇ. ଏସ୍.



**Visvanath Kar**
Editor of Utkal Sahitya, CUTTACK.
ଉତ୍କଳ-ସାହିତ୍ୟର ସମ୍ପାଦକ
ଶ୍ରୀଯୁକ୍ତ ବିଶ୍ୱନାଥ କର ।



**Reverend H. W. Pike B. A., B. D.**
Sometime Baptist Missionary, Cuttack
of the Baptist Mission Society.
ଭକ୍ତିଭାଜନ ଶ୍ରୀଯୁକ୍ତ ଏଚ୍. ଡବ୍ଲ୍ୟୁ. ପାଇକ୍ ବି.ଏ.,ବି.ଡି.
ପୂର୍ବତନ ବାପ୍‌ଟିଷ୍ଟ ମିସନାରି, କଟକ ।



**Rai Bahadur Loknath Misra B. L., M. L. C.**
Advocate, Government Pleader, Puri.
ରାୟ ବାହାଦୁର ଶ୍ରୀ ଲୋକନାଥ ମିଶ୍ର
ବି. ଏଲ୍., ଏମ୍. ଏଲ୍. ସି.
ଆଡ୍‌ଭୋକେଟ,ଗଭର୍ଣ୍ଣମେଣ୍ଟ ପ୍ଲିଡର, ପୁରୀ ।

U. S. Press, Cuttack.

ଦେଖି ପାରିଲେ ନାହିଁ; ବଙ୍ଗଭାଷୀ ଓ ହିନ୍ଦୀଭାଷୀ ଅଞ୍ଚଳମାନ ବୁଲି ପ୍ରତ୍ୟେକ ଓଡ଼ିଆ ଶବ୍ଦର ବଙ୍ଗଳା ଓ ହିନ୍ଦୀ ପ୍ରତିଶବ୍ଦ ଦେଇ ପାରିଲେ ନାହିଁ; ଗଞ୍ଜାମ ଓ ବିଶାଖପଟ୍ଟଣା ଅଞ୍ଚଳରେ ଓଡ଼ିଆମାନଙ୍କଦ୍ୱାରା ବ୍ୟବହୃତ ଶବ୍ଦମାନଙ୍କ ଉପରେ ତେଲଗୁ ଭାଷାର ପ୍ରଭାବ, ଓ ବସ୍ତର ରାଜ୍ୟ ପ୍ରଚଳିତ ଉତ୍କଳୀ ଭାଷା ଉପରେ ମରହଟ୍ଟୀ ଭାଷାର ପ୍ରଭାବ ଦେଖାଇ ପାରିଲେ ନାହିଁ; ଓଡ଼ିଆ ଶବ୍ଦମାନଙ୍କ ମୂଳ ଓ ଇତିହାସ ଖୋଜି ପାଇବାପାଇଁ ସଂସ୍କୃତ, ପ୍ରାକୃତ ଓ ପାଲି ଭାଷାର ପ୍ରାମାଣିକ ଅଭିଧାନ ଗ୍ରନ୍ଥମାନ ଆଲୋଚନା କରି ପାରିଲେ ନାହିଁ; ନେପାଳ, ଚୀନ, ଯାବା ଓ ବାଲିଦ୍ୱୀପ, ଶ୍ୟାମ, ଚମ୍ପା ଓ କାମ୍ବୋଡ଼ିଆ, ଆସାମ ଓ ସିଂହଳ ଆଦି ଦେଶମାନ ପୂର୍ବକାଳରେ ଯେଉଁ ଓଡ଼ିଆ (କଳିଙ୍ଗ) ସଭ୍ୟତାର ସଂସ୍ରବରେ ଆସିଥିଲେ, ସେ ଦେଶମାନଙ୍କରେ ଓ ତତ୍ରତ୍ୟ ଭାଷାରେ ଓଡ଼ିଆ ଭାଷା କି ଚିହ୍ନ ଛାଡ଼ି ଯାଇଅଛି, ଏହା ସ୍ଥିର କରି ପାରିଲେ ନାହିଁ ।

ପ୍ରଭୁ କରନ୍ତୁ— ଦିନ ଆସୁ, ଯେଉଁଦିନ ଭାରତର ପ୍ରଚଳିତ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷା କେଡ଼େ ପ୍ରାଚୀନ, କେଡ଼େ ଶବ୍ଦବହୁଳ, କେଡ଼େ ଭାବ ଓ ଧ୍ୱନିପ୍ରକାଶକ୍ଷମ, ଭାଷାତତ୍ତ୍ୱାନୁସନ୍ଧିତ୍ସୁମାନଙ୍କର ଏହା କେଡ଼େ ଆଦରର ସାମଗ୍ରୀ, କି ଧର୍ମନୀତି, କି ରାଜନୀତି, କି ସମାଜନୀତି, କି ଯୁଦ୍ଧନୀତି, କି ନୌବିଦ୍ୟା, କି ଶିଳ୍ପକଳା, କି ଚିତ୍ରକଳା, କି ବିଜ୍ଞାନ, କି ପ୍ରତ୍ନତତ୍ତ୍ୱ, କି ପୁରାଣ, କି ସାହିତ୍ୟ, କି ଚିକିତ୍ସାଶାସ୍ତ୍ର, କି ଜ୍ୟୋତିଷ, କି ଇତିହାସ, କି ଆୟୁର୍ବେଦ, କି ଧନୁର୍ବେଦ, କି ସଙ୍ଗୀତ, କି ବ୍ୟାକରଣ, କି ଅଳଙ୍କାର, ସବୁ କ୍ଷେତ୍ରରେ ଓଡ଼ିଆ ଭାଷାରେ କି କି ପ୍ରଚ୍ଛନ୍ନ ରତ୍ନମାନ ଲୋକଚକ୍ଷୁର ଅଗୋଚରରେ ରହିଅଛି, ଓଡ଼ିଆମାନେ ପ୍ରାଚୀନ କଳିଙ୍ଗରୁ ବାହାରି ଦେଶବିଦେଶରେ, ସାତସମୁଦ୍ର ଲଙ୍ଘିପାରିରେ କି ସଭ୍ୟତା ଓ କି ପ୍ରଭାବ ବିସ୍ତାର କରି କି ମହାକୀର୍ତ୍ତି ପ୍ରତିଷ୍ଠିତ କରିଯାଇଅଛନ୍ତି, ଏହା କେବଳ ଭାରତବାସୀ ନୁହନ୍ତି, କେବଳ ପ୍ରାଚ୍ୟ ପଣ୍ଡିତମଣ୍ଡଳୀ ନୁହନ୍ତି, କେବଳ ପାଶ୍ଚାତ୍ୟ ପଣ୍ଡିତମଣ୍ଡଳୀ ନୁହନ୍ତି, ସମଗ୍ର ସଭ୍ୟଜଗତର ବିଦ୍ୱଜ୍ଜନମଣ୍ଡଳୀ ଅନୁଭବ କରି ଭାଷା ଓ ସାହିତ୍ୟଜଗତରେ ଓ ସଭ୍ୟସମାଜରେ ଓଡ଼ିଆ ଭାଷାକୁ, ଓଡ଼ିଆ ସାହିତ୍ୟକୁ, ତଥା ଓଡ଼ିଆ ଜାତିକୁ ତାଙ୍କ ପ୍ରାପ୍ୟ ସମ୍ମାନ ଆସନ ଦେବାକୁ କୁଣ୍ଠିତ ହେବେ ନାହିଁ । ଏ ଦିନ ଦିନେ ନିଶ୍ଚୟ ଆସିବ । ସେ ଦିନ ଏ କ୍ଷୀଣବଳ, ନଗଣ୍ୟ ସଂଗ୍ରାହକ ଏ ଜନ୍ମରେ ହେଉ, ଜନ୍ମାନ୍ତରରେ ହେଉ, ଯେଉଁଠାରେ, ଯେଉଁ ଅବସ୍ଥାରେ, ଯେଉଁ ସତ୍ତା ଧାରଣ କରି ବିଦ୍ୟମାନ ଥିବ, ସେ ବା ତାହାର ଆତ୍ମା ଏହା ଦେଖି ପରମ ସୁଖ ଅନୁଭବ କରିବ ଓ ଏହି ଅଭ୍ୟୁଦୟ ଏ ଦୁର୍ବଳ ନଗଣ୍ୟ ପ୍ରାଣୀ ଆଜି ସୂତ୍ରପାତ କରିଥିବା କ୍ଷୀଣ ଉଦ୍ୟମରୂପ ବୀଜର ଅଙ୍କୁର, ଶାଖା, ପଲ୍ଲବ, ପୁଷ୍ପ ଓ ଫଳ ଥିବାର ଜାଣି, ସେ ବା ତାହାର ଆତ୍ମା ନିର୍ବାଣ ଲାଭ କରି ପରମାତ୍ମାରେ ଲୀନ ହେବ ।

ଓଡ଼ିଆ ଭାଷା ଶବ୍ଦସମ୍ପଦ, ଧ୍ୱନିସମ୍ପଦ ଓ ଭାବସମ୍ପଦରେ ଆଧୁନିକ ଭାରତର ଅନେକ ଭାଷାଠାରୁ ନ୍ୟୂନ ନୁହେ । ଓଡ଼ିଆଭାଷାର ଅଭ୍ୟୁଦୟଯୁଗରେ ଅନେକ ଆଧୁନିକ ଭାଷାର ଗର୍ଭାଧାନ ମଧ୍ୟ ହୋଇ ନ ଥିଲା, ଏହି ପୁଣ୍ୟ ଦେଶ ବହୁଧର୍ମସଂସ୍ଥାପକ, ମହାକବି, ମହାପଣ୍ଡିତ, ଜ୍ୟୋତିଷିକ, ଭାଷାତତ୍ତ୍ୱବିତ୍, ଶାସନନୀତିଜ୍ଞ, ଉଦାରଚରିତ ମହାପୁରୁଷମାନଙ୍କ ଜନ୍ମଭୂମି, କର୍ମଭୂମି ଓ ଲୀଳାଭୂମି ଥିଲା, ଏହା ଜଗତ ଜାଣି ଦିନେ ସ୍ତମ୍ଭୀଭୂତ ହେବ । ଓଡ଼ିଆ ଜାତିର ପ୍ରାଚୀନ ସଭ୍ୟତା ଯେଉଁପରି ଉଜ୍ଜ୍ୱଳମୟ ଓ ଆଲୋକମୟ ଥିଲା, ଦିନେ ଭବିଷ୍ୟତରେ ମଧ୍ୟ ସେହିପରି ଆଲୋକମୟ ହେବ । ପ୍ରାଚୀ ଦେଶର ପ୍ରାଚୀ ଗଗନରେ "ପ୍ରାଚୀଜ୍ୟୋତିଃ" ଉଇଁ ଆସିବାର ପୂର୍ବ ଲକ୍ଷଣ ଓ ଆଭାସ ଦେଖା ଯାଉଅଛି । ପ୍ରଭୁ ସେଦିନକୁ ନିକଟବର୍ତ୍ତୀ କରନ୍ତୁ । ତଥାସ୍ତୁ । ଓଁ ତତ୍ସତ୍ ।

| | | |
|---|---|---|
| ଭାଷାକୋଷାଶ୍ରମ, କଟକ<br>ଅଗଷ୍ଟ ୧୯୩[illegible] | } | **ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।** |

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସଙ୍କଳନରେ ବ୍ୟବହୃତ ଅଭିଧାନଗ୍ରନ୍ଥ, ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ ଚିହ୍ନ ।

M. W.—ମନିଅର୍ ୱିଲିଅମ୍‌ସ୍‌ଙ୍କ କୃତ ସଂସ୍କୃତ-ଇଂରାଜୀ ଡିକ୍ସ୍‌ନାରୀ ।

Kirtikar—ଡକ୍ଟର୍ କୀର୍ତ୍ତିକାରଙ୍କର 'Indian Plants' (ଭାରତୀୟ ଉଦ୍ଭିଦ) ।

Apte—ପ୍ରୋଫେସର୍ ଆପ୍ଟେଙ୍କର Practical Sanskrit—English Dictionary (ସଂସ୍କୃତ-ଇଂରାଜୀ ଅଭିଧାନ) ।

Beams—Beam's Comparative Grammar of four Indo-Aryan languages (ବୀମ୍‌ସଙ୍କ ଗୌଡ଼ଭାଷାର ବ୍ୟାକରଣ) ।

Haines—ହାଏନ ସାହେବଙ୍କ Botany of Bihar and Orissa (ବିହାର-ଓଡ଼ିଶା ଉଦ୍ଭିଦତତ୍ତ୍ୱ) ।

Howells—ପାଦ୍ରୀ ହଓ୍ୱେଲ୍‌ସ ସାହେବଙ୍କ ଅପ୍ରକାଶିତ ଓଡ଼ିଆ-ଇଂରାଜୀ ଅଭିଧାନର ପାଣ୍ଡୁଲିପି ।

(୩) ସାହିତ୍ୟ କ୍ଷେତ୍ରରେ ମୋର ଗୁରୁ, ଉତ୍କଳର ପ୍ରାଚୀନତମ ଉତ୍କଳ-ସାହିତ୍ୟ ପତ୍ରିକାର ସମ୍ପାଦକ, ଉତ୍କଳସାହିତ୍ୟ ପ୍ରେସର ସ୍ୱତ୍ୱାଧିକାରୀ ବାଗ୍ମିପ୍ରବର ସାହିତ୍ୟଧୁରୀଣ ଶ୍ରୀଯୁକ୍ତ ବିଶ୍ୱନାଥ କର ବୃଦ୍ଧବୟସରେ ଅସୁସ୍ଥ ହୋଇ ପ୍ରେସର ଅନ୍ୟ କାର୍ଯ୍ୟମାନ ବୁଝିବାକୁ ଅକ୍ଷମ ଥିଲା ବେଳେ ମଧ୍ୟ ଭାଷାକୋଷର ଛପା ଓ ପ୍ରୁଫ୍ ସଂଶୋଧନ କର୍ମ ଉପରେ ସର୍ବଦା ଜାଗ୍ରତ ଦୃଷ୍ଟି ରଖିଅଛନ୍ତି । ଏ ଗ୍ରନ୍ଥର ଅଙ୍ଗସୌଷ୍ଠବ ପାଇଁ ଯେବେ କିଛି ପ୍ରଶଂସା ମିଳେ, ତାହା କେବଳ ତାଙ୍କର ପ୍ରାପ୍ୟ ।

(୪) କଟକ ରେଭେନ୍ସା କଲେଜିଏଟ୍ ସ୍କୁଲର ହେଡ୍‌ପଣ୍ଡିତ ଓଡ଼ିଆ-ସାହିତ୍ୟାନୁଶୀଳନବ୍ରତୀ ପଣ୍ଡିତ ଶ୍ରୀ କୁଳମଣି ଦାଶଙ୍କୁ ପ୍ରତିଦିନ ପାଣ୍ଡୁଲିପି-ମାନଙ୍କ ସମ୍ମାର୍ଜନ କର୍ମରେ ଏକଘଣ୍ଟା ମୋତେ ସାହାଯ୍ୟ କରିବାକୁ ଶିକ୍ଷା-ବିଭାଗର କର୍ତ୍ତୃପକ୍ଷମାନଙ୍କଠାରୁ ଅନୁମତି ମିଳି ଥିବାରୁ ଭାଷାକୋଷ ତାଙ୍କ ସାହଚର୍ଯ୍ୟ ଲାଭ କରି ଧନ୍ୟ ହୋଇଅଛି । ପାଣ୍ଡୁଲିପିମାନ ସାଫିହେବା ପରେ ସେଗୁଡ଼ିକ ସେ ଆମୂଳ ସମ୍ମାର୍ଜନ କରନ୍ତି, ଏବଂ ବହୁ ପ୍ରାମାଣିକ ଗ୍ରନ୍ଥ ଆଲୋଚନା କରି ସ୍ଥାନେସ୍ଥାନେ ସେ ଅତି ଉପାଦେୟ ଟୀକା ଯୋଗ କରି ଗ୍ରନ୍ଥକୁ ସର୍ବାଙ୍ଗସୁନ୍ଦର ଓ ଅନବଦ୍ୟ କରିଅଛନ୍ତି । ଭାଷାକୋଷର ଶେଷ ଖଣ୍ଡ ପ୍ରକାଶିତ ହେବା ପୂର୍ବରୁ ଯେବେ ପ୍ରଭୁ ମୋତେ ଏ ସଂସାରରୁ ଲୋକାନ୍ତରିତ କରନ୍ତି, ତେବେ ସେ ଚେଷ୍ଟା କରି ସୁଦ୍ଧା ଶେଷ ଖଣ୍ଡ ପ୍ରକାଶ କରିବେ ବୋଲି ମୁଁ ଆଶାନ୍ୱିତ ଅଟେଁ ।

(୫) ମୁଁ ଓକାଲତି କରୁଥିବା ସମୟରେ କଟକର ଓକିଲ ଶ୍ରୀମାନ୍ କୃଷ୍ଣଚନ୍ଦ୍ର ମିଶ୍ର ଏମ୍. ଏ., ବି. ଏଲ୍ ମୋର ଜୁନିଅର୍ (କନୀୟାନ୍)

ରୂପେ କର୍ମ କରୁଥିଲେ । ବାର୍ଦ୍ଧକ୍ୟରେ ଏ ଗ୍ରନ୍ଥର ପ୍ରକାଶରେ ବହୁତୋମୁଖୀ ପରିଶ୍ରମ କରିବା ଯୋଗୁଁ ମୋ ଉପରେ ଯେଉଁ ବାଧା ପଡ଼ୁଅଛି, ତାହାର ଲାଘବରେ ସେ ସ୍ୱତଃ ପ୍ରଣୋଦିତ ହୋଇ ପ୍ରତି ଦିନ ୨।୩ ଘଣ୍ଟା ପାଣ୍ଡୁଲିପି ଓ ପ୍ରେସ୍-କପିମାନ ପରୀକ୍ଷା ଓ ପ୍ରୁଫ୍‌ସିଟ୍‌ମାନ ସଂଶୋଧନ କରିବାରେ ମୋତେ ସାହାଯ୍ୟ କରୁଅଛନ୍ତି । ଗତ ୧୫ ବର୍ଷ ମଧ୍ୟରେ ଶବ୍ଦସଂଗ୍ରହରେ ମୋତେ ସେ ସମୟସମୟରେ ସାହାଯ୍ୟ କରୁଥିଲେ; କିନ୍ତୁ ଫିଲିପ୍ ସାହେବ ଛୁଟି ନେଇ ସ୍ୱଦେଶକୁ ଯିବା ଯୋଗୁଁ ପ୍ରୁଫ୍‌ସିଟ୍-ମାନଙ୍କପାଇଁ ଆଉ ଜଣେ ପରୀକ୍ଷକଙ୍କ ଅଭାବ ଅନୁଭବ କରି ମୁଁ ବ୍ୟଥିତ ହେଉଥିବାର ଦେଖି କୃଷ୍ଣଚନ୍ଦ୍ର ମୋତେ ସାହାଯ୍ୟ କରିବାକୁ ଅଗ୍ରସର ହୋଇଅଛନ୍ତି ।

— (୬) କଟକର ଆଡ଼ଭୋକେଟ୍ ମୋର ପରମ ବନ୍ଧୁ ଶ୍ରୀଯୁକ୍ତ ସତୀନ୍ଦ୍ର ନାରାୟଣ ରାୟ ମହାଶୟ ଏମ୍. ଏ., ବି. ଏଲ୍. ଓକାଲତି କର୍ମରୁ ଅବସର ପାଇଲେ ଓଡ଼ିଆ ଶବ୍ଦମାନଙ୍କର ପଦରେଇ ବଙ୍ଗଳା ପ୍ରତିଶବ୍ଦମାନ ଯୋଗାଇବା ବିଷୟରେ କଦାପି ପରାଙ୍ମୁଖ ହୋଇ ନାହାନ୍ତି ଓ ଏ ସାହାଯ୍ୟର ପ୍ରତିଦାନରୂପେ ସେ ମୋ ଠାରୁ କେବେ କୌଣସି ପ୍ରତି-ଦାନର ଆଶା କରି ନାହାନ୍ତି । ଓଡ଼ିଆ ଭାଷା ପ୍ରତି ଓ ମୋ ପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ ଏହି ନିଃସ୍ୱାର୍ଥ ପରିଶ୍ରମର ପ୍ରଣୋଦକ ଅଟେ ।

(୭) ପାଟଣା ପାଠଶାଳା ପ୍ରେସର ଓ ଦ୍ୱାରଭଙ୍ଗା ଜିଲ୍ଲାର ଲହେରିଆ ସରାଇର ପୁସ୍ତକଭଣ୍ଡାରର ସ୍ୱତ୍ୱାଧିକାରୀ, ନିରଳସ ସାହିତ୍ୟସେବକ ପଣ୍ଡିତ ଶ୍ରୀ ରାମଲୋଚନ ଶରଣ ଓଡ଼ିଆ ଶବ୍ଦମାନଙ୍କର ହିନ୍ଦି ପ୍ରତିଶବ୍ଦ ଯୋଗାଇବା କର୍ମରେ ସର୍ବଦା ତତ୍ପର ଅଟନ୍ତି । ଏମନ୍ତ କି, ଲୋଡ଼ା ହେଲେ ନିଜ ବ୍ୟୟରେ ସୁଦୂର ପାଟଣା ଓ ଦ୍ୱାରଭଙ୍ଗା ଅଞ୍ଚଳରୁ କଟକ-ଠାକୁ ଆସି ଏଠାରେ ଦିନେ ଦୁଇ ଦିନ ଅବସ୍ଥାନ କରି ସେ ମୋତେ ହିନ୍ଦି ପ୍ରତିଶବ୍ଦମାନ ଯୋଗାଇ ଅଛନ୍ତି ।

(୮ ପୁରୀଜିଲ୍ଲା ସତ୍ୟବାଦୀର ପୂର୍ବତନ ଶିକ୍ଷାସଦନରେ ସ୍ୱର୍ଗୀୟ ଗୋପବନ୍ଧୁ ଦାଶଙ୍କ ଗଠିତ ଦେଶକର୍ମିଦଳର ଜଣେକ ନିଷ୍ଠିତ ନିରଳସ କର୍ମୀ ପଣ୍ଡିତ ଶ୍ରୀ ରାମଚନ୍ଦ୍ର ରଥ ମୌଳିକ ପାଣ୍ଡୁଲିପିମାନ ସାଫି କରିବାରେ ଯେଉଁ ନିଷ୍ଠା, ଅଧ୍ୟବସାୟ ଓ ଉତ୍ସାହ ଦେଖାଇ ଅଛନ୍ତି, ତାଙ୍କ କର୍ମ ଦେଖିଥିବା ଯେ କେହି ବ୍ୟକ୍ତି ତହିଁରେ ଯୁଗପତ୍ ଆନନ୍ଦିତ ଓ ଚମତ୍କୃତ ହେବେ । ଯନ୍ତ୍ରଚାଳିତ ଘଣ୍ଟିକା ଯନ୍ତ୍ରରେ ବିକୃତି ଓ ଅନିୟମ ଘଟିବା ସମ୍ଭବ; କିନ୍ତୁ ରାମଚନ୍ଦ୍ରଙ୍କ ନିୟମିତ ଗତି ଓ କର୍ମରେ ତ୍ରୁଟି ନାହିଁ । ସେ ୪ ବର୍ଷ ହେଲା ଏକ ପ୍ରଗତିରେ କର୍ମ କରି ଆସୁଅଛନ୍ତି ।

(୯) ପ୍ରୁଫସିଟମାନଙ୍କୁ ଦୁଇ ତିନି ଜଣ ବ୍ୟକ୍ତି ତନ୍ନ ତନ୍ନ କରି ପରୀକ୍ଷା ଓ ସଂଶୋଧନ କରି ସାରି ଉତ୍କଳ ସାହିତ୍ୟ ପ୍ରେସର ସହକାରୀ ଶ୍ରୀମାନ୍ ପଦ୍ମଚରଣଦାଶଙ୍କ ହାତକୁ ବଢ଼ାଇ ଦେବାକ୍ଷଣି ସେଥିରୁ କେଉଁଆଡ଼ୁ ଆଣି ଥୋଇ ଦେଲା ଭଳି ଗଣ୍ଡାଗଣ୍ଡା ଭୁଲ୍ ସେ କାଢ଼ି ଦିଅନ୍ତି; ଏହା ଦେଖି ଆମ୍ଭେମାନେ ବିସ୍ମିତ ହେଉଁ । ପ୍ରୁଫ୍ ସଂଶୋଧନ ବିଷୟରେ ଏପରି ଯତ୍ନ ଓ ତୀକ୍ଷ୍ଣଦୃଷ୍ଟି ଅନ୍ୟ କୁତ୍ରାପି ମୋ ଦୃଷ୍ଟିରେ ପଡ଼ି ନାହିଁ । ଗ୍ରନ୍ଥର ପାର୍ସେଲ୍‌ମାନ ପ୍ୟାକ୍ କରିବା ଓ ଡାକରେ ପଠାଇବା, ଗ୍ରାହକ-ରେଜିଷ୍ଟର ପୂରଣ କରିବା, ବହି ବାନ୍ଧିବା ଓ ଏ ଗ୍ରନ୍ଥମୁଦ୍ରଣର ତତ୍ତ୍ୱାବଧାନ ଆଦି ସମସ୍ତ ଆନୁସଙ୍ଗିକ କର୍ମରେ ମଧ୍ୟ ସେ ଧୁରନ୍ଧର ।

(୧୦) ପାଣ୍ଡୁଲିପିମାନ ସାଫି କରିବା କର୍ମରେ ନିଯୁକ୍ତ ଶ୍ରୀମାନ୍ ଭୁବନେଶ୍ୱର ମିଶ୍ର ଗତ ୨ ବର୍ଷ ହେବ କି ଖରା, କି ବର୍ଷା, କି ଶୀତ କି ଗରମ, କି କଚେରିଦିନ, କି ଛୁଟିଦିନ, ତାଙ୍କ କାମରେ ବରାବର ନିୟମିତ ରୂପେ ଲାଗିଅଛନ୍ତି ।

(୧୧) କଟକ ପିଆରିମୋହନ ଏକାଡେମୀର ସହକାରୀ ଶିକ୍ଷକ ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର ଗତ ୫ ବର୍ଷ ହେଲା ପାଣ୍ଡୁଲିପିମାନଙ୍କ ସାଫି ଓ ଶିଷ୍ଟ ପ୍ରୟୋଗମାନଙ୍କ ଉଦ୍ଧାର କର୍ମରେ ଲାଗିଅଛନ୍ତି । ମଝିରେ ଦିନାକେତେ ମୋ ଆର୍ଥିକ ପରିସ୍ଥିତି ସଙ୍କଟମୟ ହେବାରୁ ମୁଁ ସହକର୍ମୀମାନଙ୍କ ପାଇଁ ଅର୍ଥସଂସ୍ଥାନ କରି ନ ପାରିବା ଦେଖି ମୁଁ ଅର୍ଥସଙ୍କଟରୁ ଉଦ୍ଧାର ନ ପାଇବା ପର୍ଯ୍ୟନ୍ତ ମୋଠାରୁ କିଛି ପାରିଶ୍ରମିକ ଆଶା କରିବେ ନାହିଁ ବୋଲି ପ୍ରକାଶ କରି ସେ କର୍ମକରି ଆସିଅଛନ୍ତି ।

(୧୨) ଭଞ୍ଜୀୟ ଛାଟରେ ସୁବୋଧ କାବ୍ୟ ରଚନାରେ ପଟୁ, ଅପ୍ରକାଶିତ ଇନ୍ଦୁରେଖା କାବ୍ୟର ରଚୟିତା ଶ୍ରୀମାନ୍ ଗୋଲୋକଚନ୍ଦ୍ର ପ୍ରଧାନ ୪ ବର୍ଷ ହେଲା ମଝିରେ ମଝିରେ ଅବସର ନେଇ ଶିଷ୍ଟପ୍ରୟୋଗ ଉଦ୍ଧାର ଓ ପଣ୍ଡୁଲିପିମାନଙ୍କ ସାଫି କର୍ମ କରୁଅଛନ୍ତି ।

## ଏ ଉଦ୍ୟମର ସହାୟକ ଓ ମଙ୍ଗଳକାମିଗଣ—

ଉପର୍ଯ୍ୟୁକ୍ତ ସହକର୍ମୀ ଓ ସହଯୋଗୀମାନଙ୍କ ଛଡ଼ା ମୁଁ ଅନ୍ୟ ଯେଉଁ ମହାନୁଭବ ବ୍ୟକ୍ତିମାନଙ୍କଠାରୁ ନାନା ରୂପରେ, ନାନା ପ୍ରସଙ୍ଗରେ ଓ ନାନା ସମ୍ପର୍କରେ ସହାୟତା ଲାଭ କରିଅଛି, ସେମାନଙ୍କଠାରେ ମୁଁ ଋଣୀ । ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ନାମ ବିଶିଷ୍ଟରୂପେ ଉଲ୍ଲେଖନୀୟ :—

ଉତ୍କଳବିଖ୍ୟାତ, ଋଷିକଳ୍ପ ଯାଜପୁରର ପଣ୍ଡିତ ଶ୍ରୀଯୁକ୍ତ ନୀଳମଣି ମିଶ୍ରଙ୍କ ସୁଯୋଗ୍ୟ ସନ୍ତାନ ଆଠମଲ୍ଲିକର ଦେଶପ୍ରେମିକ, ନିରାଡ଼ମ୍ବର, ନିରଳସ, ନିରଭିମାନ, ସାହିତ୍ୟାନୁରାଗୀ, ଜ୍ଞାନପିପାସୁ ରାଜା ଶ୍ରୀ କିଶୋରଚନ୍ଦ୍ରଙ୍କର ସୁଯୋଗ୍ୟ ଦେବାନ ଶ୍ରୀମାନ୍ ବାମଦେବ ମିଶ୍ର ବି. ଏ. ଯାଜପୁର ଓ ଗଡ଼ଜାତ ଅଞ୍ଚଳରେ ବ୍ୟବହୃତ ଶତଶତ ପ୍ରାଦେଶିକ ଶବ୍ଦ ସଂଗ୍ରହ କରି ମୋତେ ଯୋଗାଇବା ଆପଣାର କର୍ତ୍ତବ୍ୟ କର୍ମର ଅଙ୍ଗୀଭୂତ କରିଅଛନ୍ତି । ଯେତେବେଳେ ଯେଉଁ କ୍ଷେତ୍ରରେ ଓ ଯେଉଁ ଉପାୟରେ ଭାଷାକୋଷକୁ ସାହାଯ୍ୟ କରିବାର ଅବସର ତାଙ୍କୁ ମିଳିଅଛି, ସେ ଅକୁଣ୍ଠିତ ଚିତ୍ତରେ ତାହାର ସଦ୍‌ବ୍ୟବହାର କରିଅଛନ୍ତି ।

ବୌଦ ଷ୍ଟେଟର ସାହିତ୍ୟରସିକ, ଗୁଣଗ୍ରାହୀ, ଦେଶପ୍ରାଣ, ଭୀମକାନ୍ତାଦିନୃପଗୁଣାଲଙ୍କୃତ, ସାର୍ଥକନାମା ରାଜା ଶ୍ରୀ ନାରାୟଣପ୍ରସାଦଙ୍କର ସୁଯୋଗ୍ୟ ଦେବାନ ଶ୍ରୀମାନ୍ ବଟକୃଷ୍ଣ ମହାନ୍ତି ବି. ଏ. ଭାଷାକୋଷ ପାଇଁ ଗଡ଼ଜାତ ପ୍ରଚଳିତ ପ୍ରାଦେଶିକ ଶବ୍ଦ ଯୋଗାଇବାଠାରୁ ଆରମ୍ଭ କରି ରାଜାସାହେବଙ୍କର ଭାଷାକୋଷ ପ୍ରତି ସ୍ୱତଃ ପ୍ରସନ୍ନ ମନକୁ ପ୍ରସନ୍ନତର କରିବାପାଇଁ ସର୍ବଦା ଉଦ୍‌ଗ୍ରୀବ ।

ବିହାର ଓଡ଼ିଶାର ଡେପୁଟୀ ମାଜିଷ୍ଟ୍ରେଟ, ରାଜ୍ୟଶାସନଧୁରନ୍ଧର, ଜ୍ଞାନଗରିମାବିଭୂଷିତ, ପ୍ରସନ୍ନଚେତା, ବାର୍ଦ୍ଧକ୍ୟରେ ମଧ୍ୟ ଯୁବଜନସୁଲଭ ଉତ୍ସାହରେ ଦେଦୀପ୍ୟମାନ, ବିଜ୍ଞ ରାୟବାହାଦୁର ଯୁଗଳକିଶୋର ତ୍ରିପାଠୀ ଏମ୍. ଏ. ମହାଶୟ ଭାଷାକୋଷ ପ୍ରତି କେନ୍ଦୁଝର ନରପତି ଓ ଅନ୍ୟ ବିଶିଷ୍ଟ ସହାୟକମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସର୍ବଦା ସଚେଷ୍ଟ ।

ଇ. ଆଇ. ଆର୍. ରେଲୱେର ସହକାରୀ ଟ୍ରାଫିକ୍ ସୁପରିଣ୍ଟେଣ୍ଡେଣ୍ଟ, ଉଦୀୟମାନ ଓଡ଼ିଆ ଲେଖକ ଓ କବି, ନିରଳସ କର୍ମୀ ଶ୍ରୀମାନ୍ ହରିଶ୍ଚନ୍ଦ୍ର ବଡ଼ାଳ, ବି. ଏସ୍‌ସି. ଉତ୍କଳର ବାହାରେ ଥାଇ ରେଲବିଭାଗର ଜଞ୍ଜାଳମୟ କର୍ମରେ ସର୍ବଦା ଚରଖା ପରି ଘୂରୁ ଘୂରୁ ମଧ୍ୟ ଅବିଚ୍ଛିନ୍ନ ଭାବରେ ଓଡ଼ିଆ ସାହିତ୍ୟର ସେବାରେ ଲାଗିଅଛନ୍ତି । ଉପରି ଅଳ୍ପ ବୟସ ଓ ଅଳ୍ପ ଆୟାସରେ ଓଡ଼ିଆ ଜାତିର କୋଠ ସମ୍ପତ୍ତି ଏହି ଶବ୍ଦ କୋଷ ଅଚିରେ ପ୍ରକାଶିତ ହେବ, ଏହି ପରିକଳ୍ପନାରେ ଶ୍ରୀମାନ୍ ହରିଶ୍ଚନ୍ଦ୍ର ସର୍ବଦା ଉଦ୍ବିଗ୍ନ। ଏହାଙ୍କ ସହାନୁଭୂତି କେବଳ ବଚନରେ ଆବଦ୍ଧ ନୁହେ । ଏ ଭାଷାକୋଷର ଜଣେ ପ୍ରାଥମିକ ଗ୍ରାହକ । ଗ୍ରନ୍ଥର ଅଙ୍ଗହାନି ନ ହୋଇ ଉପରି ଖାଲି ରହିଯାଉଥିବା ସ୍ଥାନମାନ ପୂରଣ ହେବାଦ୍ୱାରା ଭାଷାକୋଷର କଳ୍ପିତ ଆକାର ଓ ବ୍ୟୟ ଲଘୁତର ହୋଇପାରିବ, ଏ ସମ୍ବନ୍ଧରେ ସେ ଏକାଧିକଥର ଗୁରୁତ୍ୱ ବହୁମୂଲ୍ୟ ସୂଚନା ଦେଇ ମୋତେ ଆପ୍ୟାୟିତ କରିଅଛନ୍ତି ।

ଆଠଗଡ଼ର ପ୍ରାପ୍ତବ୍ୟବହାର ରାଜାସାହେବ ଶ୍ରୀମାନ୍ ରାଧାନାଥ ଦେବ ବର୍ମା ତାଙ୍କର ସ୍ୱର୍ଗୀୟ ପିତୃଦେବଙ୍କ ପ୍ରୀତିବନ୍ଧୁଙ୍କ ସାଧନା ପ୍ରସୂତ ଏହି ଭାଷାକୋଷ ପ୍ରତି ସର୍ବଦା ସ୍ନେହଦୃଷ୍ଟି ରଖିଅଛନ୍ତି । ବର୍ତ୍ତମାନ ଗାଦିରେ ବସି ରାଜକାର୍ଯ୍ୟର ଜଞ୍ଜାଳରେ ବ୍ୟସ୍ତ ଥାଇ ସୁଦ୍ଧା 'ମଞ୍ଜୁଷା'ଙ୍କର ଉଦ୍ୟମ କେତେଦୂର ଅଗ୍ରସର ହେଉଅଛି, ସେ ତାହା ପ୍ରତ୍ୟହ ବୁଝୁଅଛନ୍ତି ।

ଭାଷାକୋଷର ପ୍ରକାଶ ବିଷୟରେ ମୂଳରୁ ନାନା ଉପାୟରେ ସାହାଯ୍ୟ କରି ଆସୁଥିବା ବିହାରର ଓ ଓଡ଼ିଶା ବ୍ୟବସ୍ଥାପକ ସଭାର ଡେପୁଟୀ ପ୍ରେସିଡେଣ୍ଟ, କଟକ ଡିଷ୍ଟ୍ରିକ୍ଟବୋର୍ଡର ଚେୟାରମାନ୍, ଅଡ୍‌ଭୋକେଟ୍ ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଯେଉଁଦିନ ଭାଷାକୋଷ ପାଇଁ ଦଣ୍ଡେ ଘଡ଼ିଏ ଚିନ୍ତା ନ କରନ୍ତି କିମ୍ବା ତହିଁର ପ୍ରକାଶିତ ହେବା ମାର୍ଗରୁ କିଛି ସୁକର କରି ନ ପାରନ୍ତି, ସେଦିନଟି ତାଙ୍କ ପକ୍ଷରେ ଦୁର୍ଦ୍ଦିନ ବୋଲି ସେ ମନେ ମନେ ଆକ୍ଷେପ କରି ଥାଆନ୍ତି ।

କବିବର ଚିନ୍ତାମଣି ମହାନ୍ତି ଗତବର୍ଷ ଉତ୍କଳ ସାହିତ୍ୟ ସମାଜର ଚତୁର୍ବିଂଶ ସାମ୍ବତ୍ସରିକ ଅଧିବେଶନର ସଭାପତି ହୋଇ ତାଙ୍କ ଅଭିଭାଷଣରେ ଏ ଭାଷାକୋଷର ଉଲ୍ଲେଖ କରି ମୋତେ ଆପ୍ୟାୟିତ କରିଅଛନ୍ତି । ସେହି ସମୟରେ ସେ ଭାଷାକୋଷର କାର୍ଯ୍ୟାଳୟ ପରିଦର୍ଶନ କରି ସାତିଶୟ ପ୍ରୀତି ଲାଭ କରି ସମ୍ବାଦପତ୍ରରେ ଶତମୁଖରେ ଏହି ଉଦ୍ୟମର ପ୍ରଶଂସା କରିଥିଲେ ।

ଦୈନିକ ଆଶା, ଉତ୍କଳଦୀପିକା, ସମାଜ, ପଲ୍ଲିବାସୀ ଓ ଗଡ଼ଜାତବାସିନୀ ଆଦି ପତ୍ରିକାର ସମ୍ପାଦକମାନେ ଭାଷାକୋଷ ସମ୍ବନ୍ଧରେ ସମୟ ସମୟରେ ସମ୍ପାଦକୀୟ ଅଗ୍ରଲେଖମାନ ପ୍ରକାଶ କରି ମୋତେ ଉତ୍ସାହିତ କରିଅଛନ୍ତି ।

ବୌଦର ରାଜା ସାହେବ, ଆଠମଲ୍ଲିକର ରାଜା ସାହେବ ଓ କେନ୍ଦୁଝରର ରାଜା ସାହେବ ସେମାନଙ୍କ ରାଜଧାନୀରେ ପ୍ରକାଶ୍ୟରେ ଓଡ଼ିଆଭାଷାର ଏହି କୀର୍ତ୍ତିସୌଧ ନିର୍ମାଣ ପାଇଁ ମୋତେ ଯେଉଁ ସମ୍ମାନ ଓ ପ୍ରଶଂସା ଦେଇଅଛନ୍ତି, ତାହା ମୋର ନୁହେଁ; ତାହା ଓଡ଼ିଆ ଜାତିର ପ୍ରାପ୍ୟ; ସେଥିପାଇଁ ଓଡ଼ିଆ ଜାତି ସେମାନଙ୍କଠାରେ କୃତଜ୍ଞ ରହିବ ।

ଉତ୍କଳର ଉଦୀୟମାନା ନାରୀ କବି, ମୋର କନ୍ୟାପ୍ରତିମା ଶ୍ରୀମତୀ ଅପର୍ଣ୍ଣା ଦେବୀଙ୍କର ଏ ଗ୍ରନ୍ଥ ଓ ସଂଗ୍ରାହକ ପ୍ରତି ଭକ୍ତିଦୃଷ୍ଟି ରହିଅଛି; ତାଙ୍କୁ ଏ କର୍ମରେ ଅଚିରେ ଜଣେ ସହକର୍ମିଣୀରୂପେ ପାଇବି ବୋଲି ମୁଁ ଆଶା ପୋଷଣ କରୁଅଛି ।

**ମୋର ପୃଷ୍ଠପୋଷକଗଣ**—ବିହାର ଓଡ଼ିଶାର ପୂର୍ବତନ ଗଭର୍ଣ୍ଣର ଓ ବର୍ତ୍ତମାନ ବ୍ରହ୍ମଦେଶର ଲାଟ, ମାନ୍ୟବର ସର୍ ହିଉ ଷ୍ଟିଫେନ୍‌ସନ୍ ଏ ଗ୍ରନ୍ଥର ପ୍ରଥମ ଖଣ୍ଡର ପୃଷ୍ଠପୋଷକ ଅଟନ୍ତି । ସେ ସୁଦୂର ବ୍ରହ୍ମଦେଶରେ ଥାଇ ସୁଦ୍ଧା ଏ ଗ୍ରନ୍ଥର ପରବର୍ତ୍ତୀ ଖଣ୍ଡମାନଙ୍କ ପ୍ରକାଶ ପାଇଁ ଆଶୀର୍ବଚନ ପ୍ରେରଣ କରି ମୋତେ ଉତ୍ସାହିତ ଓ ପରମାପ୍ୟାୟିତ କରିଅଛନ୍ତି ।

ବର୍ତ୍ତମାନ ବିହାର-ଓଡ଼ିଶା ପ୍ରଦେଶର ଗଭର୍ଣ୍ଣର ମାନ୍ୟବର ସର୍ ଜେ. ଡି. ସିଫ୍ଟନ୍ ଦ୍ୱିତୀୟ ଖଣ୍ଡର ପୃଷ୍ଠପୋଷକ ଅଟନ୍ତି । ଲାଟ ଗାଦି ଅଳଙ୍କୃତ କରିବା ପୂର୍ବେ ଏ ଗ୍ରନ୍ଥର ପ୍ରକାଶ ପାଇଁ ତାଙ୍କର ଯେଉଁ ସହାନୁଭୂତି ଓ ସଦିଚ୍ଛା ମୁଁ ଲକ୍ଷ୍ୟ କରିଥିଲି, ବର୍ତ୍ତମାନ ମଧ୍ୟ ଏ ଭାଷାକୋଷ ସେ ସଦିଚ୍ଛା ଓ ସହାନୁଭୂତିରୁ ବଞ୍ଚିତ ହୋଇ ନାହିଁ । ସମୟ ଅନୁସାରେ ଏ ଗ୍ରନ୍ଥର ପ୍ରକାଶ ବିଷୟରେ ଅନୁଭୂତ ଅଭାବ, ଅସୁବିଧା ଓ ଅର୍ଥସଙ୍କଟ ବିଷୟ ତାଙ୍କ ସମ୍ମୁଖରେ ଜଣାଇବାଲାଗି ତାଙ୍କ ସିଂହଦ୍ୱାର ମୋ ପକ୍ଷରେ ସର୍ବଦା ଉନ୍ମୁକ୍ତ ଓ ଅବାରିତ । ସେ ଯେତେବେଳେ ସୁବିଧା ପାଇଅଛନ୍ତି, ଏ ଗ୍ରନ୍ଥପ୍ରତି ଭାବୀ ପୃଷ୍ଠପୋଷକମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କେବେହେଁ କୁଣ୍ଠିତ ହୋଇ ନାହାନ୍ତି ।

ବିହାର ଓଡ଼ିଶାର ଅର୍ଥସଦସ୍ୟ ମାନ୍ୟବର କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେବଙ୍କର ଆଶାବ୍ୟଞ୍ଜକ ଉତ୍ସାହବଚନ ଏ ଗ୍ରନ୍ଥର ଓ ସଂଗ୍ରାହକର ଅତୁଳନୀୟ ସମ୍ବଳ ହୋଇଅଛି । ଯେତେଥର ଭିକ୍ଷାପାତ୍ର ହସ୍ତରେ ମୁଁ ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇଅଛି, ସେ କେବେହେଁ ମୋତେ ଉତ୍ସାହବାଣୀଦ୍ୱାରା ପରିତୃପ୍ତ ହେବା ସୁଖରୁ ବଞ୍ଚିତ କରି ନାହାନ୍ତି ।

ପାଟଣା ହାଇକୋର୍ଟର ଚିଫ୍ ଜଷ୍ଟିସ୍ ମାନ୍ୟବର ସର୍ କୋର୍ଟନି ଟେରେଲ୍ ଦେଶର ବହୁ ହିତକର ସାଧାରଣ ଅନୁଷ୍ଠାନ ସଙ୍ଗେ ସାକ୍ଷାତ୍ ଭାବରେ ସଂପୃକ୍ତ ଅଟନ୍ତି । ପାଟଣା ବିଶ୍ୱବିଦ୍ୟାଳୟର ୧୬।୩।୩୩ ତାରିଖର ସିନେଟ୍ ସଭାରେ ଏ ଗ୍ରନ୍ଥର ପ୍ରଥମ ଓ ଦ୍ୱିତୀୟ ଖଣ୍ଡ ତାଙ୍କ ଦୃଷ୍ଟିରେ ପଡ଼ିଥିଲା । ଗତ ସରକିଟ୍ ଉପଲକ୍ଷେ ଗତ (ଏପ୍ରେଲ) ମାସରେ କଟକରେ ବିରାଜମାନ କରିଥିବା ବେଳେ ଭାଷାକୋଷ ଆଶ୍ରମରେ ପଦାର୍ପଣ କରି ସେ ମୋତେ ଓ ମୋ ସହକର୍ମୀମାନଙ୍କୁ ସମୁତ୍ସାହିତ କରିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଅଛି । ସେ ଅପ୍ରକାଶିତ ପାଣ୍ଡୁଲିପିମାନ ଶୀଘ୍ର ପ୍ରକାଶିତ ହେବାର ଆଶୀର୍ବଚନ ଉଚ୍ଚାରଣ କରିଅଛନ୍ତି । ତୃତୀୟ ଖଣ୍ଡର ଇଂରାଜୀ ଅବତରଣିକାକୁ ସେ ଆମୂଳଚୂଳ ଦେଖି ତହିଁର ଭାଷାକୁ ମାର୍ଜ୍ଜି ଦେଇଅଛନ୍ତି ଏବଂ ଏ ଗ୍ରନ୍ଥର ପରବର୍ତ୍ତୀ ଖଣ୍ଡର ପୃଷ୍ଠପୋଷକ ହେବାପାଇଁ ସ୍ୱୀକାର କରିଅଛନ୍ତି । ମହାମହିମ ଭାରତ ସମ୍ରାଟଙ୍କ ଏ ଗ୍ରନ୍ଥର ଅନ୍ତିମଭାଗ ଉତ୍ସର୍ଗ କରିବାକୁ ମୁଁ ଯେଉଁ ଉଚ୍ଚ ଆଶା ପୋଷଣ କରୁଅଛି ଓ ସ୍ୱପ୍ନ ଦେଖୁଅଛି, ସେ ଆଶା ଓ ସ୍ୱପ୍ନ ସଫଳ ହେବା ବିଷୟରେ ସେ ଯତ୍ନ କରିବେ ବୋଲି ମୋତେ ଆଶା ଦେଇ କଟକରୁ ବିଦାୟ ଯାଇଅଛନ୍ତି ।

ବିହାର ଓଡ଼ିଶା ପ୍ରଦେଶର ଶିକ୍ଷାବିଭାଗର କର୍ଣ୍ଣଧାର ମହାମତି ଜି. ଇ. ଫକ୍ସ୍ ଏମ୍. ଏ., ଆଇ. ଇ. ଏସ୍., ସି. ଆଇ. ଇ. ଭାଷାକୋଷର ପାଣ୍ଡୁଲିପିମାନ ତନ୍ନ ତନ୍ନ କରି ପରୀକ୍ଷା କରି ଶିକ୍ଷାବିଭାଗ ପକ୍ଷରୁ ୧୧୪ ଖଣ୍ଡ ଗ୍ରନ୍ଥ କିଣିବାପାଇଁ ୧୯୨୯ ସାଲରେ ମୋତେ ଯେଉଁ ବଚନ ଦେଇଥିଲେ, ତାହାହିଁ ଏ ଗ୍ରନ୍ଥ ପ୍ରକାଶ ବିଷୟରେ ମୋର ପ୍ରଥମ ମୂଳଦୁଆ ହୋଇଥିଲା । ଏହାଙ୍କ ପରାମର୍ଶ ଓ ମତ ଉପରେ ପ୍ରତିଷ୍ଠିତ ମାନ୍ୟବର ଶ୍ରୀଯୁକ୍ତ ହବାକ୍ ସାହେବ ଓ ପେକ୍ ସାହେବଙ୍କ ସୁପାରିସଦ୍ୱାରା ବିହାର ଗଭର୍ଣ୍ଣମେଣ୍ଟଙ୍କଠାରୁ ଅର୍ଥ ସାହାଯ୍ୟ ମିଳିବାର ପଥ ସୁଗମ ହୋଇଥିଲା ।



**Raja Balabhadra Narayan Bhanj Deb**

Raja Saheb and Ruler Keonjhar State.

କେନ୍ଦୁଝରାଧିପତି ରାଜା ଶ୍ରୀ ଶ୍ରୀ ଶ୍ରୀ ବଳଭଦ୍ର ନାରାୟଣ ଭଞ୍ଜ ଦେବ



**Raja Ramchandra Mardaraj Deb**

Raja Saheb of Khallikote and Athagad.

ଖଲ୍ଲିକୋଟ ଓ ଅଷ୍ଟଦୁର୍ଗାଧୀଶ୍ୱର

ରାଜା ଶ୍ରୀ ଶ୍ରୀ ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ

U. S. Press, Cuttack.

ଏ ଗ୍ରନ୍ଥର ଦ୍ୱିତୀୟ ଖଣ୍ଡ ପ୍ରକାଶ କରିବାପାଇଁ ମୋତେ ଯେଉଁ ଦୁସ୍ତର ଅର୍ଥସଙ୍କଟ ମଧ୍ୟ ଦେଇ ଯିବାକୁ ହୋଇଥିଲା, ତାହା ସେ ଅନୁଭବ କରି ଓ ତୃତୀୟ ଖଣ୍ଡର ମୁଦ୍ରଣ କର୍ମ ବୌଦ୍ଧର ରାଜାସାହେବଙ୍କ ଅର୍ଥସାହାଯ୍ୟଦ୍ୱାରା ସମାହିତ ହେବାର ଜାଣି ଚତୁର୍ଥ ଖଣ୍ଡର ମୁଦ୍ରଣ ମାର୍ଗକୁ ସୁକର କରିବାପାଇଁ ସାହେବ ମହୋଦୟ ମୋ ଅଜ୍ଞାତରେ ଓ ମୋର ବିନା ପ୍ରାର୍ଥନାରେ ମଧ୍ୟ ପାଟଣା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ଓ ସିନେଟ୍ ସଭାଦ୍ୱାରା ସମ୍ପ୍ରତି ପାଞ୍ଚ ହଜାର ଟଙ୍କା ମଞ୍ଜୁର କରାଇ-ଅଛନ୍ତି । ଏ ଉଦ୍ୟମ ପାଇଁ ତାଙ୍କୁ ପୂର୍ବରୁ ଥରେ ଧନ୍ୟବାଦ ଦେବାକୁ ସାହେବ ମହୋଦୟ ମୋତେ ଅବସର ସୁଦ୍ଧା ଦେଇ ନ ଥିଲେ । ଏଥିପୂର୍ବେ ତାଙ୍କ ପ୍ରଦତ୍ତ ତାଲିକା ଅନୁସାରେ ଇଉରୋପର ସୁଧୀବର୍ଗଙ୍କଠାକୁ ଭାଷାକୋଷର ଅନୁଷ୍ଠାନ ପତ୍ର ଓ ନମୁନା ପଠାଯାଇଥିବାରୁ ଆଜି ଇଉରୋପର ବିଦ୍ୱଜ୍ଜନ-ମଣ୍ଡଳରେ ଏ ଗ୍ରନ୍ଥ ସୁଜ୍ଞାତ ଓ ସମାଦୃତ ହୋଇଅଛି ।

ଦଶମୀଗତ ମହର୍ଷିକଳ୍ପ ମୋର ଗୁରୁସ୍ଥାନୀୟ ଉତ୍କଳର କୁଳବୃଦ୍ଧ ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି. ଆଇ. ଇ. ଙ୍କର ଏ ସଂଗ୍ରହ ଓ ସଂଗ୍ରାହକ ସଙ୍ଗେ ଥିବା ଘନିଷ୍ଠ ସମ୍ପର୍କ ପ୍ରଥମ ଖଣ୍ଡ ଅବତରଣିକାରେ ବିବୃତ ହୋଇଅଛି । ଦୁର୍ବଳ ଶିଶୁର କ୍ରମିକ ଶାରୀରିକ ପୁଷ୍ଟି ଓ ମାନସିକ ବିକାଶ ଦେଖି ପାଳକ ପିତାଙ୍କ ମନରେ ଯେଉଁ ଅନିର୍ବଚନୀୟ ଆନନ୍ଦ ଜାତ ହୁଏ, ଏ ଗ୍ରନ୍ଥର କ୍ରମିକ ଖଣ୍ଡମାନ ପ୍ରକାଶରେ ସେ ସେହି ନୈସର୍ଗିକ ଆନନ୍ଦ ଅନୁଭବ କରୁଥିବାର ମୁଁ ଦେଖିପାରୁଅଛି । ତାଙ୍କଠାରୁ ମିଳିଥିବା ଶିକ୍ଷା ଓ ପ୍ରେରଣା ଏ ଗ୍ରନ୍ଥର ମୂଳରେ ବିଦ୍ୟମାନ; ତଥାପି ଏ ଗ୍ରନ୍ଥରେ ତାଙ୍କ ପ୍ରତିକୃତି ସନ୍ନିବେଶିତ କରିବାପାଇଁ ମୋତେ ଆଦେଶ ମିଳିଲା ନାହିଁ । "ଆଜ୍ଞା ଗୁରୁଣାମବିଚାରଣୀୟା ।" ଗୁରୁଜନଙ୍କ ହୁକୁମ୍ ଉପରେ ଅପିଲ୍ ନାହିଁ ।

ଏହିପରି ନାନା ଭାବରେ, ନାନା ଉପାୟରେ ନାନା କ୍ଷେତ୍ରରେ, ନାନା ଆକାରରେ, ପ୍ରତ୍ୟକ୍ଷରେ ଓ ପରୋକ୍ଷରେ, ମୋ ଜ୍ଞାତସାରରେ ଓ ଅଜ୍ଞାତରେ ଯେଉଁମାନେ ମୋତେ ସହାୟ୍ୟ କରିଅଛନ୍ତି, କରୁଅଛନ୍ତି ଓ କରିବେ, ସେମାନଙ୍କଠାରେ ମୁଁ, ଓଡ଼ିଆଭାଷା ଓ ଓଡ଼ିଆଜାତି କୃତଜ୍ଞତା ପାଶରେ ଆବଦ୍ଧ । ଏହି କୃତଜ୍ଞତାର କଥଞ୍ଚିତ୍ ପ୍ରତିଦାନରୂପେ ଯେଉଁ ଯେଉଁମାନଙ୍କର ଫଟୋ(ଆଲୋକଚିତ୍ର) ମୋର ହସ୍ତଗତ ହୋଇଅଛି, ହେଉଅଛି ଓ ହେଉଥିବ ସେମାନଙ୍କ ଛବି ଏ ଗ୍ରନ୍ଥର ପୂର୍ବବର୍ତ୍ତୀ, ବର୍ତ୍ତମାନ ଓ ପରବର୍ତ୍ତୀ ଖଣ୍ଡମାନଙ୍କରେ ବାହାରିଛି, ବାହାରୁଛି ଓ ବାହାରିବ । ବିଶିଷ୍ଟ ସହାୟକ ଓ ସହକର୍ମୀଙ୍କ ଛବି ଏକାଧିକଥର ପ୍ରକାଶ କରି ତତ୍‌ବ୍ୟକ୍ତିଙ୍କ ଋଣରୁ ସାମାନ୍ୟରେ ମୁକ୍ତ ହେବି ବୋଲି ମୁଁ ବାସନା କରୁଅଛି ।

**ଏ ଗ୍ରନ୍ଥ ସଂକଳନ ଓ ମୁଦ୍ରଣାଦିର ବ୍ୟୟ**—ଏହି ସଂସ୍କରଣରେ ଛପା ହେବା ପୁସ୍ତକ ସଂଖ୍ୟା ୧୨୫୦ । ହାରାହାରି ୧୨୦୦ ପୃଷ୍ଠାସମ୍ବଳିତ ପ୍ରତ୍ୟେକ ଭାଗ (ଭଲ୍ୟୁମ୍) ପାଇଁ କାଗଜ,ଛପା ଓ ବନ୍ଧାଇ ଖରଚ ମୋଟାମୋଟି ବାର ହଜାର ଟଙ୍କା । ଏହି ବ୍ୟୟ ଛଡ଼ା ପାଣ୍ଡୁଲିପିମାନ ସାଫ କରିବା, ସମ୍ମାର୍ଜନ କରିବା ଓ ଛପାଖାନା ଲାଗି କପି ପ୍ରସ୍ତୁତ କରିବା କାର୍ଯ୍ୟରେ ନିଯୁକ୍ତ ମୋ ସହକର୍ମୀମାନଙ୍କୁ ଓ ମୋତେ ପୋଷିବାପାଇଁ ପ୍ରତି ମାସରେ ଦୁଇଶହ ଟଙ୍କା ବ୍ୟୟ କରିବାକୁ ୫ ବର୍ଷ ହେଲା ପଡ଼ୁଛି ଓ ଆଉ ୨ ବରଷ ପଡ଼ିବ । ଅତଏବ ଉକ୍ତ ମାସିକ ବ୍ୟୟ ଛଡ଼ା ସମସ୍ତ ୫ ଭାଗ ଯାକ ପ୍ରକାଶ କରିବାପାଇଁ ଅନ୍ୟୂନ ଷାଠିଏହଜାର ଟଙ୍କା ଲୋଡ଼ା ।

**ଅର୍ଥ ସଂକଟ ଓ ଆର୍ଥିକ ସଙ୍ଗତି**—ଆଜିକାଲି ସମସ୍ତ ଜଗତକୁ ଯେଉଁ ଅର୍ଥକୃଚ୍ଛ୍ରତା ଓ ଅର୍ଥସଂକଟରୂପ ବ୍ୟାଧି ଘୋଟିଅଛି, ତାହା, କି ଗଭର୍ଣ୍ଣମେଣ୍ଟ, କି ରାଜାମହାରାଜ, କି ସେଠ ସାହୁକାର, କି ସନ୍ଥ ମହନ୍ତ, କି ଅମୀର ଫକୀର, କି ଲକ୍ଷପତି ଗରିବ, ସମସ୍ତଙ୍କୁ ବାଧିଛି । ଏ ପରିସ୍ଥିତିରେ ଭାଷାକୋଷର ବ୍ୟୟ ନିର୍ବାହାର୍ଥ ଦାତା ଓ ଅଗ୍ରିମ ଗ୍ରାହକମାନଙ୍କଠାରୁ ମିଳିବା ଅର୍ଥସାହାଯ୍ୟର ସ୍ରୋତ କ୍ଷୀଣ ହୋଇଯିବାରୁ ମୋ ବାସଗୃହ ଖଣ୍ଡିକ ବନ୍ଧକ ଦେଇ ମୁଁ ସାତହଜାର ଟଙ୍କା ଋଣ କରିବାରୁ ଦ୍ୱିତୀୟ ଖଣ୍ଡ ପ୍ରକାଶିତ ହୋଇପାରିଲା । ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ୫୦ ସାରି ଗ୍ରନ୍ଥ କିଣିବେ ଓ ବଙ୍ଗ ଗଭର୍ଣ୍ଣମେଣ୍ଟ ୧୦ ସାରି ଗ୍ରନ୍ଥ କିଣିବେ ବୋଲି ଗ୍ରନ୍ଥପ୍ରକାଶ ପୂର୍ବରୁ ମୋତେ ବଚନ ଦେଇ ଥିଲେ; କିନ୍ତୁ ପ୍ରଥମ ଖଣ୍ଡ ପ୍ରକାଶିତ ହେବାର ସଂବାଦ ସେମାନଙ୍କଠାକୁ ପ୍ରେରିତ ହୁଅନ୍ତେ ଅର୍ଥାଭାବର ଦୁହାଇ ଦେଇ ସେମାନେ ବଚନ ଭୁଞ୍ଜିଲେ । ଏ ଗ୍ରନ୍ଥପାଇଁ ଅର୍ଥସାହାଯ୍ୟ କରିବା ଓ କେତେ ସାରି ଗ୍ରନ୍ଥ କିଣିବାପାଇଁ କେତେକ ବିଶିଷ୍ଟ ଧନପତି ପୂର୍ବରୁ ବଚନ ଦେଇଥିଲେହେଁ ଅଦ୍ୟାବଧି ସେମାନେ ସ୍ୱ ସ୍ୱ ବଚନ ପାଳନ କରି ନାହାନ୍ତି । ଏପରି ଅବସ୍ଥାରେ ଯେନକେନ ପ୍ରକାରେଣ ଦ୍ୱିତୀୟ ଭାଗ ପ୍ରକାଶ ହୋଇ ସାରିବା ପରେ ତୃତୀୟ ଖଣ୍ଡର ମୁଦ୍ରଣ ଓ ପ୍ରକାଶପାଇଁ ସମ୍ବଳ କାହୁଁ ଆସିବ, ଏହି ଚିନ୍ତା ମୋତେ ବିବ୍ରତ କରି ପକାଇଲା । ମୋର ବାସଗୃହ ଖଣ୍ଡି ତ ବନ୍ଧା ପଡ଼ିଛି, ଆଉ କି ଥାଇ ଅଛି ଯେ ମହାଜନ ମୋତେ ଋଣ ଦେବେ ? ଦାତାଙ୍କଠାରୁ ଧନ ମିଳିବ ନାହିଁ, ଗ୍ରାହକମାନଙ୍କ ଠାରୁ ଅଗ୍ରିମ ଅର୍ଡ଼ର ମିଳିବ ନାହିଁ, ମହାଜନଙ୍କଠାରୁ ଋଣ ମିଳିବ ନାହିଁ; ଭାଷାକୋଷ ପାଇଁ ଅର୍ଥାଗମର ଏ ତ୍ରିକୋଣପ୍ରାୟ ବାଟ କଣ୍ଟା ଛଟା ହେବାର ଦେଖି "ମାଆକୁ କହିବ, ବଳଦ ବିକିବ ନାହିଁ, ମୋ ବରଷମ ହବା କଥା କୋହିଲା" ନ୍ୟାୟ ମୋତେ ପୁଣି ଅବଲମ୍ବନ କରିବାକୁ ପଡ଼ିଲା; ଅର୍ଥାତ୍ ଯେଉଁ ଓକାଲତି ୫।୬ ବର୍ଷ ହେଲା ଛାଡ଼ିଥିଲି, ବାଧ୍ୟ ହୋଇ ପୁଣି ସେହିଆଡ଼କୁ ଆଖିବୁଲାଇଲି । ଦୈବ ଯୋଗରୁ ଗୋଟିଏ ନରହତ୍ୟା ମକଦ୍ଦମାରେ ମୁଦାଲାର ପକ୍ଷ ସମର୍ଥନ କରିବାପାଇଁ ଆଠମଲ୍ଲିକର ରାଜା ସାହେବଙ୍କଠାରୁ ମୋତେ ସାଗ୍ରହ ଡାକରା ଆସିଲା । ସେହି ମକଦ୍ଦମା ସମ୍ପର୍କରେ ଆଠମଲ୍ଲିକ ଯାଇ ସେଠାରୁ ବୌଦ୍ଧର ରାଜା ସାହେବଙ୍କଠାକୁ ଯିବାର ସଂକଳ୍ପ କଲି । ରାଜା ସାହେବଙ୍କ ସଙ୍ଗେ ମୋର ପୂର୍ବରୁ ଆଳାପ ପରିଚୟ ନ ଥିଲେହେଁ ରାଜା ସାହେବ ଏଥି ପୂର୍ବରୁ ଆଠ ସାରି ଗ୍ରନ୍ଥର ଅଗ୍ରିମ ଗ୍ରାହକ ହୋଇ ପ୍ରଥମ ଖଣ୍ଡ ଗ୍ରନ୍ଥ ମଗାଇନେଇ-ଥିଲେ । ତାଙ୍କ ସମ୍ମୁଖରେ ନେଇ ଦ୍ୱିତୀୟ ଖଣ୍ଡ ଉପସ୍ଥାପିତ କଲି ଓ ମୋର ଉପସ୍ଥିତ ଅର୍ଥସଙ୍କଟ ବିଷୟ ଜଣା କଲି । ରାଜାସାହେବ ଧୈର୍ଯ୍ୟସହକାରେ ମୋ ବିକ୍ତି ଶୁଣି ଏପରି ଉଦ୍ୟମରେ ସମସ୍ତଙ୍କର ସାହାଯ୍ୟ ଦେବା ଉଚିତ ବୋଲି ପ୍ରକାଶ କଲେ, ଏବଂ ତୃତୀୟ ଖଣ୍ଡର ମୁଦ୍ରଣ ବ୍ୟୟ ନିର୍ବାହାର୍ଥ ପାଞ୍ଚହଜାର ଟଙ୍କା ଅନତିବିଳମ୍ବେ ମଞ୍ଜୁର କଲେ, ଏବଂ ଆଜ୍ଞା କଲେ ଯେ ଏହାଛଡ଼ା ଅଧିକ ସାହାଯ୍ୟ ଦେବା କଥା ତାଙ୍କର ବିଚାରାଧୀନ । ବୌଦ୍ଧର ରାଜାସାହେବଙ୍କ ପ୍ରଦତ୍ତ ଏହି ପାଞ୍ଚହଜାର ଟଙ୍କାକୁ ମୂଳପିଣ୍ଡ କରି ତୃତୀୟ ଖଣ୍ଡର ମୁଦ୍ରଣ କାର୍ଯ୍ୟ ଆରମ୍ଭ ହେଲା ।

## ତୃତୀୟ ଖଣ୍ଡର କର୍ମରେ ଅନ୍ୟମାନଙ୍କଠାରୁ ପ୍ରାପ୍ତ ସାହାଯ୍ୟ--

ତୃତୀୟଖଣ୍ଡର ଛପା କାର୍ଯ୍ୟ ଚାଲୁଥିବା ସମୟରେ ମୟୂରଭଞ୍ଜ ମହାରାଜଙ୍କ ପ୍ରତିଶ୍ରୁତ ସାହାଯ୍ୟରୁ ବାକି ଥିବା ଟ୫୦୦୦୲ ଦୁଇ କିସ୍ତିରେ ହସ୍ତଗତ ହେଲା । ତାଳଚେରର ରାଜାସାହେବଙ୍କ ପ୍ରତିଶ୍ରୁତ ସାହାଯ୍ୟ ବାବଦକୁ ଟ ୨୦୦୦୲ ଓ କେନ୍ଦୁଝର ରାଜା ସାହେବଙ୍କଠାରୁ ପ୍ରତିଶ୍ରୁତ ଧନ ଛଡ଼ା ପୁଣି ଟ ୩୦୦୦୲ ହସ୍ତଗତ ହେବାରୁ ତୃତୀୟ ଖଣ୍ଡର ଛପା କାର୍ଯ୍ୟ ନିର୍ବିଘ୍ନରେ

ସମାହୃତ ହେଲା । ଦ୍ୱିତୀୟ ଭାଗର ଛାପାକାର୍ଯ୍ୟ ଚାଲୁଥିବା ସମୟରେ ଯେଉଁ ଅର୍ଥସଙ୍କଟ ପଡ଼ିଥିଲା, ଆଠମଲ୍ଲିକ ରାଜାସାହେବଙ୍କର ଏକ-ହଜାର ଟଙ୍କା ସାହାଯ୍ୟ ସେତେବେଳେ ମୋର ଭାରି କାମରେ ଲାଗିଥିଲା । ମୋର ଏହି କଥା ହେଜ ହେବାରୁ 'ଲୋକେ ଯାଇଲା ବାଟ୍ରେ ଚଢ଼ିଆ ବୁଲନ୍ତି' ନୀତିର ଅନୁସରଣ କରି ପୁଣି ଆଠମଲ୍ଲିକ ରାଜା ସାହେବଙ୍କୁ ତୃତୀୟ ଖଣ୍ଡର ବନ୍ଧା ହେବା ସମ୍ବନ୍ଧେ ଉପସ୍ଥିତ ଅର୍ଥସଙ୍କଟ ଜଣାଇଲି । ରାଜା ସାହେବ ଏ ଗ୍ରନ୍ଥ ପ୍ରକାଶ ରେ ସାହାଯ୍ୟାର୍ଥ ପୁଣି ଟ ୫୦୦୦ ମଞ୍ଜୁର କରି ସଙ୍ଗେ ସଙ୍ଗେ ଟ ୩୦୦୦ ପଠାଇ ଦେଇଅଛନ୍ତି । ବୌଦର ରାଜା ସାହେବଙ୍କୁ ମଧ୍ୟ ପୂର୍ବର ଆଶାଗର୍ଭିକ ପ୍ରତିଶ୍ରୁତି ବିଷୟ ସ୍ମରଣ କରାଇବାରୁ ତାଙ୍କ ପ୍ରତିଶ୍ରୁତି ପାଳନ କରି ଆହୁରି ଛଅ ହଜାର ଟଙ୍କା ସାହାଯ୍ୟ କରିଅଛନ୍ତି ।

ବୌଦ୍ଧ ରାଜା ସାହେବଙ୍କ ପ୍ରଦତ୍ତ ଟ ୮୦୦୦ ମୂଳପିଣ୍ଡ ଉପରେ ତୃତୀୟ ଖଣ୍ଡର ଛାପା କର୍ମ ଆରମ୍ଭ ହେଲା, ଓ ତାଙ୍କର ଅନ୍ତିମ ସାହାଯ୍ୟରେ ତୃତୀୟଖଣ୍ଡ ବନ୍ଧା ହେଲା । ଏଥିପାଇଁ ତାଙ୍କ ନାମରେ ତୃତୀୟ ଖଣ୍ଡ ଉତ୍ସୃଷ୍ଟ ହେଲା ଓ ତାଙ୍କୁ ମଧ୍ୟ ଏ ଖଣ୍ଡର ପୃଷ୍ଠପୋଷକରୂପେ ବରଣ କଲି ।

**ଚତୁର୍ଥ ଭାଗର ପ୍ରକାଶାର୍ଥ ପାଟଣା ବିଶ୍ୱବିଦ୍ୟାଳୟଙ୍କ ଦାନ**—ତୃତୀୟ ଭାଗର ଛାପା କାର୍ଯ୍ୟର ସମାପ୍ତି ଯେତିକ ପାଖେଇଆସେ, ଚତୁର୍ଥ ଖଣ୍ଡର ପ୍ରକାଶ ପାଇଁ ମୋର ଭାବନା ସେତିକ ବଢ଼ୁଥାଏ, ଓ ପ୍ରଭୁ ଚତୁର୍ଥ ଖଣ୍ଡର ଛାପା କର୍ମ ଆରମ୍ଭ ହେବା ପାଇଁ କି ବନ୍ଦୋବସ୍ତ କରିବେ, ମୁଁ ଏହାହିଁ ଭାବୁଥାଏଁ । ଏହି ସମୟରେ ହଠାତ୍ ଅକାଳରେ ଗଛପାଚିଲା ଆମ୍ବ ଗଛରୁ ଝଡ଼ି ପଥିକର କାନରେ ଖସିପଡ଼ିବା ଭଳି ୮।୩।୩୮ ରେ ପାଟଣା ବିଶ୍ୱ-ବିଦ୍ୟାଳୟର ସିନେଟ୍ ସିଣ୍ଡିକେଟଙ୍କ ସୁପାରିସ ଅନୁସାରେ ଟ ୫୦୦୦ ମଞ୍ଜୁର କରିବାର ସମ୍ବାଦ ପାଇଲି । ଏ ଉପକାର ଓ ସାହାଯ୍ୟ ପାଇଁ ବିଶ୍ୱ-ବିଦ୍ୟାଳୟର ସଭ୍ୟମାନଙ୍କଠାରେ ମୁଁ କୃତଜ୍ଞ ଓ ସେମାନଙ୍କର ସର୍ବବାଦ-ସମ୍ମତିକ୍ରମେ ଏ ଟଙ୍କା ମଞ୍ଜୁର ହୋଇଥିବା ଅତି ଆନନ୍ଦ ଓ ଆଶାର ବିଷୟ । ଏ ସାହାଯ୍ୟରେ ଆଉ ଗୋଟିଏ ବିଶିଷ୍ଟତା ଏହିକି, ମୁଁ କୌଣସି ସାହାଯ୍ୟ ପାଇଁ ବିଶ୍ୱବିଦ୍ୟାଳୟଙ୍କଠାରେ ପୂର୍ବରୁ ଆବେଦନ କରି ନ ଥିଲି । ଏ ଅଯାଚିତୋପସ୍ଥିତ ସାହାଯ୍ୟ ପାଇଁ ମୁଁ କେଉଁ ମହାନୁଭବ ସୂତ୍ରଧରଙ୍କୁ ଧନ୍ୟବାଦ ଦେବି ତାହା ମଧ୍ୟ ପୂର୍ବରୁ ଜାଣି ପାରି ନ ଥିଲି । ପରେ ଅବଗତ ହେଲି ଯେ, ଏ ଗ୍ରନ୍ଥର ମୌଳିକ ସହାୟକ, ବିହାର ଓଡ଼ିଶାର ଶିକ୍ଷାବିଭାଗର ଡାଇରେକ୍ଟର୍ ଶ୍ରୀଯୁକ୍ତ ଫକସ୍ ସାହେବ ଏ ଦାନ ସମ୍ବନ୍ଧରେ ପଛପୁରୋଧା ଅଟନ୍ତି ।

ଖଲ୍ଲିକୋଟ ଓ ଆଠଗଡ଼ର ଦେଶ ହିତୈକବ୍ରତ ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଲାଗି ଆରବ୍ଧ ଆନ୍ଦୋଳନର ମୌଳିକ ସୂତ୍ରଧାର ସ୍ୱର୍ଗୀୟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ସୁଯୋଗ୍ୟ ପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ଇତିମଧ୍ୟରେ ଭାଷାକୋଷର ଅପ୍ରକାଶିତ ପାଣ୍ଡୁଲିପିମାନ ପରିଦର୍ଶନ କରି ଏ ଗ୍ରନ୍ଥ ପ୍ରକାଶାର୍ଥ ଛଅ ମାସ ପରେ ଏକ ହଜାର ଟଙ୍କା ସାହାଯ୍ୟ ଦେବେ ବୋଲି ପ୍ରତିଶ୍ରୁତ ହୋଇଅଛନ୍ତି । ଆଶା ହେଉଅଛି ଯେ, ବିଶ୍ୱବିଦ୍ୟାଳୟଙ୍କ ପ୍ରଦତ୍ତ ଏହି ୫ ହଜାର ଟଙ୍କା ଓ ଖଲ୍ଲିକୋଟ ରାଜାସାହେବଙ୍କ ପ୍ରତିଶ୍ରୁତ ଏକ ହଜାର ଟଙ୍କା ମୂଳପିଣ୍ଡ ଦ୍ୱାରା ଚତୁର୍ଥ ଖଣ୍ଡର ଛାପା କର୍ମ ଆରମ୍ଭ ହୋଇ, କାର୍ଯ୍ୟ ଚାଲୁଥିବା ଅବସ୍ଥାରେ ଚତୁର୍ଥ ଖଣ୍ଡର ଛାପା ଓ ବନ୍ଧାଇପାଇଁ ଲୋଡ଼ା ଅବଶିଷ୍ଟ ଧନ ଉତ୍କଳର ବଦାନ୍ୟ ବରପୁତ୍ର-ଓ ଗ୍ରାହକମାନଙ୍କଠାରୁ ହସ୍ତଗତ ହେବ ।

**ପଞ୍ଚମ ଭାଗର ପ୍ରକାଶାର୍ଥ ଜୟପୁରର ରାଜା ସାହେବଙ୍କ-ଠାରୁ ସାହାଯ୍ୟର ଆଶା**—ଅଧିକ ମଧ୍ୟ ଆନନ୍ଦର ବିଷୟ ଏହିକି ପଞ୍ଚମ ଖଣ୍ଡର ପ୍ରକାଶାର୍ଥ ବ୍ୟୟ ନିର୍ବାହ ପାଇଁ ଜୟପୁରର ରାଜା ଶ୍ରୀ ବିକ୍ରମ ଦେବ ବର୍ମା 'ସାହିତ୍ୟସମ୍ରାଟ'ଙ୍କ ଠାରୁ ବିଶିଷ୍ଟ ଅର୍ଥ ସାହାଯ୍ୟ ମିଳିବାର ନିଃସନ୍ଦେହ ସୂଚନା ଏଥି ମଧ୍ୟରେ ମିଳିଅଛି । ଏ ଗ୍ରନ୍ଥର ଇତିହାସ ସଙ୍ଗେ ରାଜା ବିକ୍ରମ ଦେବ ବର୍ମାଙ୍କ ନାମ ଓତପ୍ରୋତରୂପେ ଜଡ଼ିତ ଥିବା ବିଷୟ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କରେ ବିବୃତ ହୋଇଅଛି । ଜୟପୁରର ରାଜଗାଦି ଅଳଙ୍କୃତ କରିବା ପୂର୍ବରୁ ଉତ୍କଳୀୟ-ମାନଙ୍କ ରାଜନୀତିକ, ବୈଷୟିକ, ସାହିତ୍ୟିକ ଓ ଜାତୀୟ ଉନ୍ନତି ପାଇଁ ଅନନ୍ୟାପେକ୍ଷୀ ହୋଇ ଗତ ୩୦।୪୦ ବର୍ଷ ହେଲା ସେ ଯାହା କରି ଆସି ଅଛନ୍ତି, ସମ୍ଭବତଃ ଉତ୍କଳଭାଷୀ ଅଞ୍ଚଳର ଅନ୍ୟ କେହି ଜଣେ ଏତେ ପ୍ରକାରେ, ଏତେ ଦିଗରେ, ଏତେ ଆକାରରେ ଓ ଏତେ ଉଦ୍ୟମରେ ତାହା କରି ନାହାନ୍ତି । ଗଞ୍ଜାମ ଓ ବିଶାଖାପାଟଣା ଅଞ୍ଚଳରେ ପରାକ୍ରମୀ ପ୍ରତିବେଶୀମାନଙ୍କ ତାଡ଼ନ-ଜର୍ଜ୍ଜରିତ ଓଡ଼ିଆଙ୍କ ସ୍ୱାତନ୍ତ୍ର୍ୟ ଓ ଜାତୀୟତା ତିଷ୍ଠିପାରିବା ଏହାଙ୍କ ପ୍ରଚେଷ୍ଟାଯୋଗୁ ସମ୍ଭବପର ହୋଇଅଛି । ରାଜଗାଦିରେ ବସିବାଦ୍ୱାରା ତାଙ୍କର ଏ ଭାଷାକୋଷ ପ୍ରତି ପୂର୍ବ ପ୍ରକାଶିତ ମୌଖିକ ଉତ୍ସାହ ଓ ସାହାଯ୍ୟ,ଫଳରେ ଓ ଅର୍ଥରେ ପରିଣତ ହେବାର ସମୟ ଓ ସୁବିଧା ପହଞ୍ଚିଲାକ୍ଷଣି ସେ ସେଥିର ସଦ୍‌ବ୍ୟବହାର କରିବେହିଁ କରିବେ । ଭାଷାକୋଷର କୌଣସି ପରବର୍ତ୍ତୀ ଖଣ୍ଡ ତାଙ୍କ ନାମରେ ଉତ୍ସର୍ଗ କରିବାର କ୍ଷମା ତାଙ୍କୁ ପାଟ୍ରନ୍ ( ପୃଷ୍ଠପୋଷକ ) ରୂପେ ବରଣ କରିବାର ସଙ୍କଳ୍ପ ମୁଁ ବହୁଦିନ ହେଲା ପୋଷଣ କରିଅଛି; ପ୍ରଭୁ ମୋ ଆଶା ପୂର୍ଣ୍ଣ କରନ୍ତୁ ।

## ପଞ୍ଚମ ଭାଗ ପରେ ପରିଶିଷ୍ଟ ଖଣ୍ଡ ପ୍ରକାଶର ପରିକଳ୍ପନା

ଅତଏବ ଦେଖାଯିବ ଯେ, ବର୍ତ୍ତମାନ ଆପାତତଃ ଚତୁର୍ଥ ଓ ପଞ୍ଚମ ଖଣ୍ଡମାନଙ୍କର ପ୍ରକାଶ ହେବାର ଆଶା ପୂର୍ବାପେକ୍ଷା ଉଜ୍ଜ୍ୱଳତର ହୋଇଅଛି । ପଞ୍ଚମ ଖଣ୍ଡ ପ୍ରକାଶିତ ହେବା ପରେ ଯେବେ ଦେଖାଯିବ ଯେ ବର୍ଣ୍ଣମାଳାର ଉକ୍ତବର୍ଣ୍ଣମାନଙ୍କର କେତେକ ଶବ୍ଦ ବାଦ ରହିଗଲା, ସେମାନ ଓ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କ ଛାପା ସରିବା ପରେ ସେହି ସେହି ଖଣ୍ଡମାନଙ୍କରେ ସଂଗୃହୀତ ଅକ୍ଷରାଦ୍ୟ ଯେଉଁ ନୂଆ ଶବ୍ଦମାନ ଇତିମଧ୍ୟରେ ମୋର ହସ୍ତଗତ ହୋଇଅଛି, ହେଉଅଛି ଓ ହେବ, ସେମାନଙ୍କ ପାଇଁ ଭାଷାକୋଷର 'ପରିଶିଷ୍ଟ ଖଣ୍ଡ' ପ୍ରକାଶିତ ହେବ ।

## ପ୍ରାପ୍ତ ଓ ଲୋଡ଼ା ଅର୍ଥର ପରିମାଣ

ଏ ବହୁ ଜନସାଧ, ବହୁ ଧନସାଧ ସମସ୍ତ ଗ୍ରନ୍ଥର ପରିସମାପ୍ତି ପାଇଁ ଲୋଡ଼ା ୬୦।୬୫ ହଜାର ଟଙ୍କା ମଧ୍ୟରୁ ଅଦ୍ୟପର୍ଯ୍ୟନ୍ତ ୪୬ ହଜାର ଟଙ୍କାର ସଂସ୍ଥାନ ପ୍ରଭୁଙ୍କ କୃପାରୁ ହୋଇ ସାରିଲାଣି । ବାକି ୧୫।୨୦ ହଜାର ଟଙ୍କା ଯଥା-ସମୟରେ ହସ୍ତଗତ ହୋଇ ଏ ଜାତୀୟ ଯଜ୍ଞର ଅଚ୍ଛିଦ୍ରାବଧାରଣ ନିର୍ବିଘ୍ନରେ ସମାପ୍ତ ହେବ ବୋଲି ମୋର ଆଶା ଦିନକୁଦିନ ଦୃଢ଼ରୁ ଦୃଢ଼ତର ହେଉଅଛି ।

## ଏ ଗ୍ରନ୍ଥର ସମାପ୍ତି ପାଇଁ ପୂର୍ବରୁ ପୋଷିତ ଆଶାର ନରୁଦ୍ଧେଖ

ଦ୍ୱିତୀୟ ଭାଗର ଅବତରଣିକାରେ ମୁଁ ଯେଉଁ ଆଶା ପୋଷଣ କରିଥିଲି, ଏଠାରେ ତାହାର ପୁନରୁଲ୍ଲେଖ କରୁଅଛି;—ଯେଉଁ ଜାତୀୟ କୀର୍ତ୍ତିମନ୍ଦିରର ଶୁଭ ବିହାର ଗଭର୍ଣ୍ଣମେଣ୍ଟ ପକାଇ ଅଛନ୍ତି, ଦୁଇଜଣ ଗଭର୍ଣ୍ଣର ଯାହାର ଶୁଭ-ବାଚନ କରିଅଛନ୍ତି, ପୁଣ୍ୟଶ୍ଳୋକ ସ୍ୱର୍ଗୀୟ ମହାରାଜ ପୂର୍ଣ୍ଣଚନ୍ଦ୍ରଙ୍କ ନାମରେ ଯାହାର ନାମକରଣ ସାର୍ଥକ ହୋଇଅଛି ଓ ଯେଉଁ କୀର୍ତ୍ତିମନ୍ଦିରର ସରକ୍ଷା ଓ

ପୁଷ୍ଟିସାଧନ ପାଇଁ ଉତ୍କଳ ଖଣ୍ଡର ଦିଗ୍ଦିଗରେ ମହାପରାକ୍ରମୀ ଦିଗ୍ଦନ୍ତୀମାନେ ହସ୍ତ ଉତ୍ତୋଳନ କରି ରହିଅଛନ୍ତି, ଉତ୍କଳଜାତିର, ଉତ୍କଳଖଣ୍ଡର, ଉତ୍କଳଭାଷାର ଓ ଉତ୍କଳସାହିତ୍ୟର ସେହି କୀର୍ତ୍ତିମନ୍ଦିରର ମୁଣ୍ଡି ନିଷ୍ଟୟ ମରିବ, ଅନ୍ତ ସନ୍ଦେହୋନାସ୍ତି ।

## ଯେଉଁ ବରପୁତ୍ରମାନଙ୍କ ବଦାନ୍ୟତା ଓ ସାହାଯ୍ୟରେ ଏ ଗ୍ରନ୍ଥର ପରିସମାପ୍ତି କଳ୍ପିତ ହେଉଅଛି

ମୟୂରଭଞ୍ଜର ହୀରକାକର, କଳ୍ପବୃକ୍ଷ ଓ ଦାନସାଗର ବଂଶର ମଉଡ଼ମଣି ମହାରାଜ ପ୍ରତାପଚନ୍ଦ୍ର; ଏ ଗ୍ରନ୍ଥରୂପ ବୃକ୍ଷର ଅଙ୍କୁରାରୋପଣ ବେଳେ ଏହାକୁ ଜଳଦାନ କରି ବଞ୍ଚାଇ ରଖିଥିବା କଳାହାଣ୍ଡିର ମହାରାଜ ବ୍ରଜମୋହନ; ଭାରତବର୍ଷରେ ଉତ୍କଳଭାଷାର ମର୍ଯ୍ୟାଦା ଓ ସ୍ଥାୟିତ୍ୱ ଯେଉଁ ମହାରାଜଦମ୍ପତିଙ୍କ ମୁକ୍ତହସ୍ତତା ଓ ବଦାନ୍ୟତା ଯୋଗୁଁ ସମୃଦ୍ଧ ଅଛି, ସେହି ସାମ୍ରାଜ୍ୟଲକ୍ଷ୍ମୀ ତ-କୀର୍ତ୍ତି, ଦାନବୀର, ଧର୍ମବୀର ଓ କର୍ମବୀର ସୋନପୁରର ମହାରାଜ ବୀର-ମିତ୍ରୋଦୟ; ସାହିତ୍ୟସେବା ଓ ସାହିତ୍ୟାନୁରାଗ ପାଇଁ ଉତ୍କଳପ୍ରସିଦ୍ଧ ରାଜ-ବିଦ୍ୱଂଶର ମୁକୁଟମଣି ପରଳାଖେମୁଣ୍ଡିର ମହାରାଜ ଆଦିତ୍ୟପ୍ରତାପ; ସାହିତ୍ୟରଥୀ, ଜାତୀୟ ବୀର, ଦେଶପ୍ରାଣ, ରାଜକବି, 'ସାହିତ୍ୟସମ୍ରାଟ', ଉତ୍କଳର ବିକ୍ରମାଦିତ୍ୟ ଜୟପୁରର ରାଜା ବିକ୍ରମ ଦେବ; ଉତ୍କଳର ପ୍ରାଚୀନ ବୀରଶ୍ରୀଗଜପତିବଂଶର ପ୍ରତିଷ୍ଠାକୁ ଅକ୍ଷୁଣ୍ଣ ରଖିବାରେ ସମର୍ଥ, ରାଉଣ୍ଡ୍ ଟେବଲ୍ କନ୍ଫରେନ୍ସରେ ଛିନ୍ନବିଚ୍ଛିନ୍ନ ସମଗ୍ର ଉତ୍କଳଖଣ୍ଡର ମୁଖ୍ୟ ପ୍ରତିନିଧିରୂପେ ଉତ୍କଳ ପ୍ରଦେଶ ଯୋଜନାରୂପ ଯଜ୍ଞର ସ୍ୱସ୍ତିବାଚକ ପଟ୍ଟପୁରୋଧା ପାରଳାଖେମୁଣ୍ଡିର ରାଜା ଶ୍ରୀ କୃଷ୍ଣଚନ୍ଦ୍ର; ଛିନ୍ନାବୟବ ଉତ୍କଳଖଣ୍ଡ ଏକୀକୃତ ସ୍ୱତନ୍ତ୍ର ପ୍ରଦେଶରୂପେ ଗଠିତ ହେବା ପାଇଁ ପ୍ରାଣ ପଣ କରିଥିବା ସ୍ୱର୍ଗୀୟ ରାଜା ହରିହରଙ୍କ ଯୋଗ୍ୟତର କୁମାର ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନସୂଚକ ସରକାରୀ ଘୋଷଣାର ସୂତ୍ରଧାର ଖଲ୍ଲିକୋଟ ଆଠଗଡ଼ର ରାଜା ରାମଚନ୍ଦ୍ର; ଲକ୍ଷ୍ମୀସରସ୍ୱତୀଙ୍କ ଚିରବିବାଦ-ଭଞ୍ଜକ, ପ୍ରାଦେଶିକ ଶାସନସଭାରେ ପ୍ରଥମ ଓଡ଼ିଆ, ଅର୍ଥସଦସ୍ୟ କନିକାର ମାନ୍ୟବର ରାଜା ରାଜେନ୍ଦ୍ରନାରାୟଣ; ଢେଙ୍କାନାଳର ଉଦୟମାନ ରାଜା ଶଙ୍କର ପ୍ରତାପ; ଓଡ଼ିଶାର ଲୋପୋନ୍ମୁଖ ପ୍ରାଚୀନ ଦେବକୀର୍ତ୍ତିମାନଙ୍କ ଉଦ୍ଧାର ଓ ସଂରକ୍ଷଣରେ ଅସାଧାରଣରୂପେ ମୁକ୍ତହସ୍ତ, ଓଡ଼ିଶା ଓ ଓଡ଼ିଆ ନାମଧାରୀ ଯେ କୌଣସି ସାଧାରଣ ଅନୁଷ୍ଠାନର ଅଭାବ ମୋଚନାର୍ଥ ସର୍ବଦା ବଦ୍ଧପରିକର, ଉଦାରଚେତା, ସୌମ୍ୟମୂର୍ତ୍ତି, ଦେବର୍ଷିପ୍ରତିମ ପୁରୀ ଇମାରମଠର ମହନ୍ତ ମହାରାଜ ଗଦାଧର; ଓଡ଼ିଆଙ୍କ ଲୁପ୍ତପ୍ରାୟ ପ୍ରାଚୀନ ଅକ୍ଷର-କୀର୍ତ୍ତି, ପ୍ରାଚୀନ ଧର୍ମ, ପ୍ରାଚୀନ ସାହିତ୍ୟ, ପ୍ରାଚୀନ ଶାରୀରିକ ବିଭବ ଓ ବଳବିକ୍ରମକୁ ପୁନରୁଜ୍ଜୀବିତ କରିବାରେ ବ୍ରତୀ, ଜଗଦ୍ବିଖ୍ୟାତ ପ୍ରାଚୀସମିତିର ଯଜମାନ, ଭାଷାକୋଷର ସଂଗ୍ରାହକ ଓ ସହକର୍ମିଣୀଙ୍କ ସଙ୍ଗେ ଧର୍ମ ଓ କର୍ମବନ୍ଧନରେ ବହୁକାଳ ହେଲା ଘନିଷ୍ଠରୂପେ ସଂପୃକ୍ତ, ଉତ୍କଳର ବିଭବ ରକ୍ଷା କଲେ ସର୍ବଦା ମୁକ୍ତହସ୍ତ ଭଦ୍ରଖର ଜମିଦାର ଭୂୟାଁ ଭାସ୍କର ଚନ୍ଦ୍ର; ଏତାଦୃଶ ବରପୁତ୍ରମାନଙ୍କୁ ଅଙ୍କରେ ଧାରଣ କରି ଆଜି ଉତ୍କଳ ମାତା ଓ ଉତ୍କଳ ଜାତି ଧନ୍ୟ । ଏମାନେ ସ୍ୱୟଂ ଓ ଏମାନଙ୍କ ପୂର୍ବପୁରୁଷମାନେ ଜଣେ ଜଣେ ଓଡ଼ିଶାର, ଓଡ଼ିଆ ଜାତିର, ଓଡ଼ିଆ ସାହିତ୍ୟର ଓ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ପାଇଁ ଯେଉଁ ଯେଉଁ ତ୍ୟାଗ ଓ ଦାନମାନ କରିଅଛନ୍ତି, ସେମାନ ଲିପିବଦ୍ଧ କଲେ ଗୋଟିଏ ଗୋଟିଏ ପୋଥି ହେବ । ଏମାନଙ୍କ ପାଇଁ ଓଡ଼ିଶାର ଭାବୀ ଇତିହାସରେ ଉଚ୍ଚ ସ୍ଥାନ ଗୋଟିଏ ଲେଖାଏଁ ମାର୍କାମରା ହୋଇ ରହିସ୍ଥି ହେଲାଣି । ଏମାନଙ୍କ ମଧ୍ୟରୁ କେହି ଜଣେ ମାତ୍ର ଚାହିଁଲେ ଭାଷାକୋଷର ପୂର୍ତ୍ତି ପାଇଁ ଲୋଡ଼ା ଅବଶିଷ୍ଟ ପନ୍ଦର କୋଡ଼ିଏ ହଜାର ଟଙ୍କା ରୋକ୍ଠୋକ୍ ଗଣି ଦେବେ । ମୋର ବିଶ୍ୱାସ ଯେ ଏମାନଙ୍କ ମଧ୍ୟରୁ ଜଣେ କେହି ଓଡ଼ିଶାରେ ବସିଥିବା ପର୍ଯ୍ୟନ୍ତ ଏହି ଭାଷାକୋଷ-ଦେଉଳ 'ଲଣ୍ଡା' ହୋଇ ରହିବ ନାହିଁ; ଏହା ମୁଣ୍ଡି ମରିବ ଓ ଏଥିରେ ନୀଳାଦ୍ରିବିହାରୀଙ୍କ ନୀଳଚକ୍ର ବସିବହିଁ ବସିବ ।

**ଓଡ଼ିଶାରେ, ଓଡ଼ିଶାର ବାହାରେ ଓ ଇଉରୋପରେ ବିକ୍ରି ହୋଇଥିବା ଓ ଉପହାର ଦିଆଯାଇଥିବା ଗ୍ରନ୍ଥର ସଂଖ୍ୟା**—ନରୱେ, ଫ୍ରାନ୍ସ, ଇଂଲଣ୍ଡ, ପ୍ରୁସିଆ ଓ ଜର୍ମାନୀର ବିଦ୍ୱ-ଜ୍ଜନମାନେ ଏ ଗ୍ରନ୍ଥର ନିର୍ଦ୍ଧାରିତ ଅଗ୍ରିମ ମୂଲ୍ୟ ଦେଇ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଅଛନ୍ତି । ଲଣ୍ଡନ, ଜର୍ମାନୀ ଓ ଫ୍ରାନ୍ସର ପୃଥିବୀବିଖ୍ୟାତ ପ୍ରାଚ୍ୟପୁସ୍ତକ-ବିକ୍ରେତାମାନେ ଦେଶବିଦେଶରେ ଏ ଗ୍ରନ୍ଥର ବିକ୍ରୟ ଓ ପ୍ରଚାର କରିବାପାଇଁ ଏଜେଣ୍ଟ ହୋଇଅଛନ୍ତି । ଆଜିପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ୩୨୫ ସାର ଗ୍ରନ୍ଥ ବିକ୍ରୟ ହୋଇଅଛି, ଓ ପୃଷ୍ଠପୋଷକ, ସହାୟକ, କର୍ମୀ ଓ ସାଧାରଣ ଅନୁଷ୍ଠାନ-ମାନଙ୍କୁ ୪୦ ସାର ଗ୍ରନ୍ଥ ଉପହାର ଦିଆଯାଇଅଛି ।

**ଦେଶବିଦେଶରେ ଏ ଗ୍ରନ୍ଥର ବିକ୍ରୟ, ପ୍ରଚାର, ଆଦର ଓ ପ୍ରଶଂସା**—ସମଗ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡର ୩୦୦୦ ପ୍ରାଚ୍ୟବିଦ୍ୟା-ବିଶାରଦ ବ୍ୟକ୍ତି ଓ ବିଦ୍ୟାଚର୍ଚ୍ଚାର କେନ୍ଦ୍ରମାନଙ୍କ ନିକଟରେ ପ୍ରଚାରିତ ଜର୍ମାନୀ ଦେଶର ଲାଇପ୍ଜିଗ୍ ନଗରୀର ପ୍ରାଚ୍ୟପୁସ୍ତକବିକ୍ରେତା ଅଟ୍ଟୋ ହାରାସୋୱିଜ୍ଙ୍କ ପ୍ରକାଶିତ ଜର୍ମାନୀ ଭାଷାର କାଟାଲୋଗ୍‌ରେ (ପୁସ୍ତକ-ତାଲିକାରେ) ଏ ଗ୍ରନ୍ଥର ନାମ ଓ ମୂଲ୍ୟାଦି ବିଜ୍ଞାପିତ ହୋଇଅଛି । ଉକ୍ତ ପୁସ୍ତକ-ବିକ୍ରେତା ଇତିମଧ୍ୟରେ ୪୨୫ ଜଣ ଅଗ୍ରିମ ଗ୍ରାହକଙ୍କୁ ଏ ପୁସ୍ତକ ବିକ୍ରି କରିଅଛନ୍ତି ଓ ପୁଣି ଦୁଇ ସାର ଗ୍ରନ୍ଥ ପାଇଁ ଅର୍ଡ଼ର ପଠାଇ ଅଛନ୍ତି । କଲିକତାର ପ୍ରଧାନ ପ୍ରାଚ୍ୟପୁସ୍ତକ ବିକ୍ରେତା ଲୁଜାକ୍ ଆଣ୍ଡ୍ କୋମ୍ପାନୀ କଲିକତାରେ ୫ ଜଣ ଅଗ୍ରିମ ଗ୍ରାହକଙ୍କୁ ଏ ପୁସ୍ତକ ବିକ୍ରି କରି-ଅଛନ୍ତି ଓ ବିକ୍ରି କରିବା ପାଇଁ ଆଉ କେତେ ସାର ଗ୍ରନ୍ଥ ମଗାଇ ନେଇଅଛନ୍ତି । ଜର୍ମାନୀ ଓ ପ୍ରୁସିଆର ସରକାରୀ ଲାଇବ୍ରେରୀ ଏ ପୁସ୍ତକ ଏକ ସାର କିଣି ଅଛନ୍ତି । ଫ୍ରାନ୍ସର ପୁସ୍ତକ ବିକ୍ରେତା ଇ. କ୍ଲିଙ୍କସିଙ୍କ୍ ମହାଶୟ ଫ୍ରାନ୍ସର ପ୍ରଧାନ ଲାଇବ୍ରେରୀକୁ ଏ ଗ୍ରନ୍ଥ ବିକ୍ରୟ କରିଅଛନ୍ତି । ନରୱେର ମାନବ-ଶାସ୍ତ୍ର-ସମାଜ ଦୁଇ ସାର ଗ୍ରନ୍ଥ କିଣି ନେଇଅଛନ୍ତି । ବିଶ୍ୱବିଖ୍ୟାତ ରୋମର ବିଶ୍ୱବିଦ୍ୟାଳୟର ପ୍ରାଚ୍ୟ ଭାଷାର ଅଧ୍ୟାପକ ଆଚାର୍ଯ୍ୟ ଗୁଇସେପ୍ ଟୁଚ୍ଚୀ ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ସମାଲୋଚନ—ପତ୍ରିକାରେ ଏ ଗ୍ରନ୍ଥ ବିଷୟରେ ପ୍ରବନ୍ଧ ପ୍ରକାଶ କରିବା ପାଇଁ ଏ ଗ୍ରନ୍ଥ ମଗାଇ ନେଇଅଛନ୍ତି । ଜର୍ମାନୀ ଗଭର୍ଣ୍ଣମେଣ୍ଟଙ୍କ ସହାୟତାରେ ପ୍ରକାଶିତ ଜର୍ମାନୀ ଭାଷାର ଜଗଦ୍ବିଖ୍ୟାତ ବିଶ୍ୱକୋଷରେ ଓଡ଼ିଆ ଭାଷା ଓ ଏ ଗ୍ରନ୍ଥ ସମ୍ବନ୍ଧରେ ପ୍ରବନ୍ଧ ଲିପିବଦ୍ଧ ହୋଇଅଛି । କଟକର ବାପ୍ଟିଷ୍ଟ ମିଶନ୍ ସମ୍ପ୍ରଦାୟର ଭୂତପୂର୍ବ ଧର୍ମଯାଜକ ଶ୍ରୀଯୁକ୍ତ ପାଇକ୍ ସାହେବ ବର୍ତ୍ତମାନ ବିଲାତରେ ଥାଇ ବିଲାତର ବିଦ୍ୟା-କେନ୍ଦ୍ରମାନଙ୍କରେ ଏ ଗ୍ରନ୍ଥର ପ୍ରଚାର କରୁଅଛନ୍ତି । ଏ ଗ୍ରନ୍ଥର ସଂକଳନ ଦ୍ୱାରା ଓଡ଼ିଆ ଭାଷା ଆଜି ସମଗ୍ର ସଭ୍ୟଜଗତର ସୁଧୀସମାଜରେ ଆଦର ଓ ସମ୍ମାନ ଲାଭ କରି ଆଧୁନିକ ଭାଷାମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ପ୍ରତିଷ୍ଠା ଲାଭ କରିବାକୁ ସମର୍ଥ ହୋଇଅଛି ଓ ହେବ; ଏହା ଭାବିଲେ ଓଡ଼ିଆ ରକ୍ତବିନ୍ଦୁର କଣିକାଏ ମାତ୍ର ଯେଉଁ ବ୍ୟକ୍ତିଙ୍କ ଧମନୀରେ ପ୍ରବାହିତ ହେଉଥିବ ସେ ଯୁଗପତ୍ ଗର୍ବ ଓ ଆନନ୍ଦ ଅନୁଭବ କରିବେ । ମୋ.ପରି ଜଣେ ନଗଣ୍ୟ, ଶକ୍ତିହୀନ, ଧନହୀନ, ଜନହୀନ, ବଳହୀନ ଓ ବିଦ୍ୟାହୀନ

ବ୍ୟକ୍ତିର ଚେଷ୍ଟା ଓଡ଼ିଆ ଭାଷାର ଏ ଆନ୍ତର୍ଜାତିକ ସମ୍ମାନଲାଭର ମୂଳରେ ଥିବାର ଅନୁଭବ କରି ଓଡ଼ିଆପୁଅ ରୂପେ ଜନ୍ମିବା ମୋ ଜୀବନରେ ସାର୍ଥକ ହୋଇଅଛି । ସମ୍ୟକ୍ ଗୌରବପୂର୍ଣ୍ଣ ପ୍ରାଚୀନ ଓଡ଼ିଆ ଭାଷା ଓ ପ୍ରାଚୀନ ଅକ୍ଷର-କୀର୍ତ୍ତି ଓ ପ୍ରସ୍ତରକୀର୍ତ୍ତିରେ ଭାସ୍ୱର ଓଡ଼ିଆ ଜାତି ଆନ୍ତର୍ଜାତୀୟ ବିଦ୍ୱଜ୍ଜନ-ମଣ୍ଡଳରେ ଆଉ ଏଣିକି ଅବହେଳାର ପାତ୍ର ହେବ ନାହିଁ; ଓଡ଼ିଆ ଜାତିର ଏହି ନ୍ୟାଯ୍ୟ ସମ୍ମାନଲାଭ ଯେଉଁ ବିଦେଶୀୟ ମହାମତି ପଣ୍ଡିତମାନଙ୍କ ସୂଚନା, ପ୍ରଶ୍ରୟ, ପ୍ରଶଂସା ଓ ପ୍ରଚେଷ୍ଟାରେ ସମ୍ଭବପର ହୋଇଅଛି, ଓଡ଼ିଆ ଜାତି ସେହି ମନୀଷୀମାନଙ୍କଠାରେ ଚିରକାଳ ଋଣୀ ରହିବ !

**ରାଜଦ୍ୱାରରେ ଏ ଗ୍ରନ୍ଥର ସଂଗ୍ରାହକର ସମ୍ମାନ ଓ କୈସର୍-ଇ-ହିନ୍ଦ୍-ପଦକ ଲାଭ**—ଓଡ଼ିଆ ଭାଷାର ଉନ୍ନତିକଳ୍ପେ ମୋର ଏହି କ୍ଷୁଦ୍ର ଚେଷ୍ଟା ଆଜି ଭାରତସମ୍ରାଟ ଓ ଭାଇସ୍‌ରଏଙ୍କ ଦୃଷ୍ଟିରେ ପଡ଼ିଅଛି । ଚଳିତ ନବବର୍ଷାରମ୍ଭ ଦିନ ମୋତେ ମହାମହିମ ଭାରତ ସମ୍ରାଟଙ୍କ କୈସର-ଇ-ହିନ୍ଦ୍ ପଦକ ମିଳିଅଛି । ଏ ଅଯାଚିତ, ଅପ୍ରତ୍ୟାଶିତ ଓ ଅନାହୂତ ରାଜସମ୍ମାନର ମୂଳରେ ବିହାର ଓଡ଼ିଶାର ଗଭର୍ଣ୍ଣର୍ ମାନ୍ୟବର ସର୍ ଜେମସ୍ ଡେଭିଡ୍ ସିଫ୍ଟନ୍‌ଙ୍କର ଓ ଓଡ଼ିଶାର କମିସନର୍, ଉତ୍କଳମିତ୍ର ଶ୍ରୀଯୁକ୍ତ ଫିଲିପ୍ ସାହେବଙ୍କର ସୁପାରିସ୍ ବିଦ୍ୟମାନ ଥିବାରୁ ମୁଁ ସେମାନଙ୍କଠାରେ କୃତଜ୍ଞ । ଏ ରାଜସମ୍ମାନ ମୋର ନୁହେଁ; ଏହା ସମଗ୍ର ଓଡ଼ିଆ ଜାତିର । ଏ ସମ୍ମାନଲାଭଦ୍ୱାରା ମୋର ଏ ଶବ୍ଦକୋଷ ରୂପ ବ୍ରତସାଧନ ପକ୍ଷରେ ବ୍ୟକ୍ତିଗତ ଲାଭ ଏତିକି ହେଲା ଯେ ଏ ଜାତୀୟ କୀର୍ତ୍ତିସୌଧର ମୂର୍ତ୍ତି ନିର୍ମାଣପାଇଁ ମୁଁ ଦେଶର ବଦାନ୍ୟ ବରପୁତ୍ରମାନଙ୍କ ସମ୍ମୁଖରେ ପୂର୍ବାପେକ୍ଷା ଦୃଢ଼ତର ଭାବରେ ଅଳି କରି ପାରିବି; କାରଣ, ଏହି ପଦକଦ୍ୱାରା ଜାତୀୟ ମନ୍ଦିରର ମାର୍କାମରା ସେବାଏତ୍ ଓ ପୂଜାହାରୀରୂପେ ମୋଠାରେ ଭାରତ ସମ୍ରାଟଙ୍କ ଶ୍ରୀହସ୍ତାଙ୍କିତ ଦ୍ୱାରକା-ଛାପା ମରା ହେଲା । ତେବେ ମୁଁ ଏଠାରେ ଏତିକି ମୋ ଭାଇମାନଙ୍କୁ କହି ରଖୁଛି ଯେ ପ୍ରଭୁଙ୍କ କୃପାରୁ ଏ ଜାତୀୟ ସୌଧର ମୂର୍ତ୍ତି ମଢ଼ି ସାରିଲେ ଓ ଏଥିର 'କୋଇଲିବୈକୁଣ୍ଠ ମଣ୍ଡପ'ରେ ତୀର୍ଥଯାତ୍ରୀମାନଙ୍କର 'ଅଟ୍ଟିକା' କରିବାର ଅବସର ଉପସ୍ଥିତ ହେଲେ ମୋ ଓଡ଼ିଆ ଭାଇମାନେ ଓ ଓଡ଼ିଆ ଜାତି ସେ ଅଟ୍ଟିକାରେ ସେମାନଙ୍କ ପ୍ରାପ୍ୟ ଅଂଶରୁ ବଞ୍ଚିତ ହେବେ ନାହିଁ ।

**ଏ ଗ୍ରନ୍ଥର ପ୍ରଥମ ନିର୍ଦ୍ଧାରିତ ମୂଲ୍ୟ ଓ ତହିଁର ବୃଦ୍ଧି**—ଏ ଗ୍ରନ୍ଥର ଛାପା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଯେଉଁ ଅନୁଷ୍ଠାନପତ୍ର ବାହାରିଥିଲା, ସମଗ୍ର ଗ୍ରନ୍ଥ ଦୁଇ ଭାଗରେ ଓ ୩୬୦୦ ପୃଷ୍ଠାରେ ସମାପ୍ତ ହେବ ଓ ତହିଁର ଅଗ୍ରିମଦେୟ ମୂଲ୍ୟ ଟ ୩୦୲ ବୋଲି ତହିଁରେ ଜଣାଇ ହୋଇଥିଲା; କିନ୍ତୁ ପ୍ରଥମ ଓ ଦ୍ୱିତୀୟ ଭାଗ ଛାପା ହେଲାବେଳକୁ ଦେଖାଗଲା ଯେ, ସମଗ୍ର ଗ୍ରନ୍ଥ ପାଞ୍ଚ ଭାଗରେ ଓ ୬୦୦୦ ପୃଷ୍ଠାରେ ସମାପ୍ତ ହେବ: ଏଥିପାଇଁ ସମଗ୍ର ଗ୍ରନ୍ଥର ଅଗ୍ରିମ ମୂଲ୍ୟ ପଚାଶ ଟଙ୍କା ଓ ପ୍ରତି ଭାଗର ନଗଦ ମୂଲ୍ୟ ଟ ୧୫୲ ସ୍ଥିରୀକୃତ ହେଲା । ବର୍ତ୍ତମାନ ତୃତୀୟ ଭାଗ ପ୍ରକାଶ-ଦ୍ୱାରା ଦେଖା ଯାଉଅଛି ଯେ, ପୂର୍ବକଳ୍ପିତ ଆକାର ଓ ବ୍ୟୟ ଆହୁରି ବଢ଼ିବ । ଅତଏବ ଏଣିକି ସମଗ୍ର ୫ ଖଣ୍ଡ ଗ୍ରନ୍ଥ ପାଇଁ ବର୍ତ୍ତମାନ ଦେୟ ଅଗ୍ରିମ ମୂଲ୍ୟ ଟ୬୦୲ (ଷାଠିଏ ଟଙ୍କା) ଓ ପ୍ରତି ଭାଗର ନଗଦ ମୂଲ୍ୟ ଟ ୧୬୲ ଆପାତତଃ ସ୍ଥିର କରାଗଲା । ଯେଉଁ ଗ୍ରାହକ ଅଗ୍ରିମ ମୂଲ୍ୟ ଦେବେ, ସେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକାଶିତ ଭାଗମାନ ସଙ୍ଗେ ସଙ୍ଗେ ପାଇବେ ଓ ଅବଶିଷ୍ଟ ଦୁଇ ଭାଗ ପ୍ରକାଶିତ ହେବାମାତ୍ରକେ ପାଇବେ। ଯେ ଅବଶ୍ୟ ଗ୍ରନ୍ଥ ନେବାକୁ ଇଚ୍ଛା କରିବେ, ତାଙ୍କୁ ସମଗ୍ର ଗ୍ରନ୍ଥ ପାଇଁ ଅଗ୍ରିମ ଦେୟ ମୂଲ୍ୟ ଟ ୫୦୲ ଓ ପ୍ରତ୍ୟେକ ଖଣ୍ଡ ପାଇଁ ନଗଦ ମୂଲ୍ୟ ଟ ୧୪୲ ଦେବାକୁ ହେବ । ଭବିଷ୍ୟତରେ ଅନ୍ୟ ଭାଗମାନ ପ୍ରକାଶିତ ହୋଇ ଗଲେ ବ୍ୟାବସାୟିକ ଲାଭଗଣନାରେ ସମଗ୍ର ଗ୍ରନ୍ଥର ନଗଦ ମୂଲ୍ୟ ଟ ୮୦୲ ହେବ । କିନ୍ତୁ ଯେଉଁ ଗ୍ରାହକମାନେ ପୂର୍ବ ପ୍ରକାଶିତ ଅନୁଷ୍ଠାନପତ୍ର ଓ ବିଜ୍ଞାପନ ଅନୁସାରେ ସମଗ୍ର ଗ୍ରନ୍ଥ ପାଇଁ ଅଗ୍ରିମ ମୂଲ୍ୟ ଯଥାକ୍ରମେ ଟ ୩୦୲ ବା ୫୦୲ ଦେଇ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଅଛନ୍ତି, ସେମାନଙ୍କଠାରୁ ଆଉ ଅଧିକା ମୂଲ୍ୟ ଦାବି କରା ନ ଯାଇ ସେମାନଙ୍କୁ ସେହି ପୂର୍ବଦତ୍ତ ମୂଲ୍ୟରେ ସମଗ୍ର ଗ୍ରନ୍ଥ ଦିଆ ଯାଉଅଛି ଓ ଯିବ । ଆଜିସୁଦ୍ଧା ୩ ଭାଗ ପ୍ରକାଶିତ ହେଲା ।

**ପରବର୍ତ୍ତୀ ଖଣ୍ଡମାନ ପ୍ରକାଶିତ ହେବାର କଳ୍ପିତକାଳ**—ଚତୁର୍ଥ ଭାଗ ୧୯୩୪ ମାର୍ଚ୍ଚ ମାସ ସୁଦ୍ଧା ଓ ପଞ୍ଚମ ଭାଗ ୧୯୩୪ ଡିସେମ୍ବର ମାସ ବା ୧୯୩୫ ଜାନୁଆରୀ ମାସ ସୁଦ୍ଧା ପ୍ରକାଶିତ ହେବ ବୋଲି ଆଶା କରାଯାଏ ।

**ଉତ୍କଳଭାଷୀ ଅଞ୍ଚଳମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା-ପ୍ରଦେଶ ଗଠିତ ହେବାରୂପ ଜାତୀୟ ଆକାଂକ୍ଷାର ପୂର୍ତ୍ତି ସଙ୍ଗେ ଏ ଗ୍ରନ୍ଥର ପୂର୍ତ୍ତିର ସମ୍ବନ୍ଧ**—ପ୍ରଥମ ଭାଗର ଅବତରଣିକାରେ ମୁଁ ଓଡ଼ିଆ ଜାତିର ଯେଉଁ ଉଜ୍ଜ୍ୱଳ ଭବିଷ୍ୟତ୍ କଳ୍ପନା କରିଥିଲି, ସେହି ଚିତ୍ର ଆଜି-ପର୍ଯ୍ୟନ୍ତ ମୋ 'ମନ ନୟନ'ରେ ଉଜ୍ଜ୍ୱଳ ରହିଅଛି । ଏଠାରେ ଆଉ ଗୋଟିଏ କଥାର ଅବତାରଣା କରୁଅଛି । ପ୍ରଥମ ଭାଗ ପ୍ରକାଶିତ ହେବା ସମୟରେ (୧୯୩୧ ସେପ୍ଟେମ୍ବର) ଓଡ଼ିଆଭାଷୀ ଅଞ୍ଚଳମାନ ଭାରତର ୪ଟି ସ୍ୱତନ୍ତ୍ର ପ୍ରଦେଶରେ ଖେଳେଇ ହୋଇ ପଡ଼ିଥିବାର ମୁଁ ସୂଚନା କରିଥିଲି । ଦ୍ୱିତୀୟ ଭାଗ ପ୍ରକାଶିତ ହେବା ସମୟକୁ (୧୯୩୨ ଅଗଷ୍ଟ) ବିଲାତର ଦ୍ୱିତୀୟ ରାଉଣ୍ଡ୍ ଟେବଲ୍ କନ୍‌ଫରେନ୍ସ୍‌ରେ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକୀ-କରଣର ଆଶା ସୂଚିତ ହୋଇଥିଲା ମାତ୍ର । ବର୍ତ୍ତମାନ ଏହି ତୃତୀୟ ଭାଗ ପ୍ରକାଶିତ ହେଲା ବେଳକୁ (୧୯୩୩ ମେ) ଅଧିକାଂଶ ଉତ୍କଳଭାଷୀ ଅଞ୍ଚଳ ଏକୀଭୂତ ହୋଇ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠିତ ହେବାର ଘୋଷଣା ତୃତୀୟ ରାଉଣ୍ଡ୍ ଟେବଲ୍ କନ୍‌ଫରେନ୍ସ୍‌ରେ ଭାରତର ଷ୍ଟେଟ୍ ସେକ୍ରେଟେରୀ କରି ସାରିଅଛନ୍ତି । ଆଶା କରାଯାଏ ଯେ, ଏ ଗ୍ରନ୍ଥର ଶେଷ ଭାଗ ପ୍ରକାଶିତ ହେଲା ବେଳକୁ (୧୯୩୫ ଜାନୁଆରି ସରିକି) ଏକକୋଟି ଓଡ଼ିଆ ସନ୍ତାନଙ୍କ ପ୍ରାଣର ଗଣ୍ଠିରେ କନ୍ଦରାକୁ ବାନ୍ଧିଥିବା ନୂତନ ଓଡ଼ିଶା ପ୍ରଦେଶର ସୀମାନିର୍ଣ୍ଣୟବିଷୟକ ତର୍କୋତ୍ପାଦକରା ସମସ୍ୟା ପାର୍ଲିଆମେଣ୍ଟ ଓ ସମ୍ରାଟଙ୍କ ଦ୍ୱାରା ସନ୍ତୋଷଜନକରୂପେ ମୀମାଂସିତ ହୋଇ ନୂତନ ଓଡ଼ିଶା-ପ୍ରଦେଶ ଗଠିତ ହୋଇଥିବ । ଅତଏବ, ଏଥିରୁ ଦେଖାଯିବ ଯେ, ଏକ-ଶାସନାଧୀନ ହେବାପାଇଁ ଓଡ଼ିଆ ଜାତିର ଗତ ପଚାଶ ବର୍ଷର ଆନ୍ଦୋଳନ, ଆଶା, ଆକାଂକ୍ଷା ଓ ପ୍ରାର୍ଥନାର ପୂର୍ତ୍ତି ସଙ୍ଗେ ଉତ୍କଳୀୟ ଜାତିର ଏ ଜ୍ଞାନସୌଧ ନିର୍ମାଣକାର୍ଯ୍ୟର ମଧ୍ୟ ପୂର୍ତ୍ତି ହୋଇଯିବ ।

**ଏ ଗ୍ରନ୍ଥର ଅନ୍ତିମ ଭାଗ ସଙ୍ଗେ ମହାମହିମ ଭାରତ ସମ୍ରାଟଙ୍କ ମହନୀୟ ନାମ-ସଂଯୋଜନର କଳ୍ପନା ଓ ଜଳ୍ପନା**—ଗତ ୫୦ ବର୍ଷର ଆଶା ଓ ସ୍ୱପ୍ନ ସଫଳ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବାର ସ୍ମାରକ ଏବଂ ଏକ କୋଟି ଓଡ଼ିଆଙ୍କ ଗଭୀର ଓ ଅଟଳ ରାଜଭକ୍ତିର ନିଦର୍ଶନ ଓ ମୋ ଜୀବନବ୍ୟାପୀ ପରିଶ୍ରମ ଓ ତପସ୍ୟା-ଫଳର ଶେଷସ୍ତବକକୁ (ଅର୍ଥାତ୍ ଭାଷାକୋଷର ଅନ୍ତିମ ଭାଗକୁ) ନରରୂପଧାରୀ ମହତ୍ତା ଦେବତା, ମହାମାନ୍ୟ ଭାରତସମ୍ରାଟଙ୍କ ମହନୀୟ ନାମରେ ଉତ୍ସର୍ଗ କରିବାକୁ କିମ୍ବା ତାଙ୍କୁ ତହିଁର ପୃଷ୍ଠପୋଷକରୂପେ ବରଣ କରିବାକୁ ମୁଁ ସମ୍ରାଟଙ୍କ ଶ୍ରୀମୁଖରୁ ଅନୁମତି ପାଇବି ବୋଲି ସୁଖସ୍ୱପ୍ନ ଦେଖୁଅଛି । ମହାପ୍ରଭୁ ଶ୍ରୀ ସମ୍ରାଟଙ୍କ କଣ୍ଠରେ ବସେ କରି ମୋ ସୁଖସ୍ୱପ୍ନର ପୂର୍ତ୍ତି କରନ୍ତୁ ।

**ପୂର୍ବତନ, ବର୍ତ୍ତମାନ ଓ ଭାବୀ ସହକର୍ମୀ, ସହାୟକ ଓ ପୃଷ୍ଠପୋଷକମାନଙ୍କୁ ଧନ୍ୟବାଦ ଅର୍ପଣ**—ପରିଶେଷରେ ମୋର ପୂର୍ବତନ, ବର୍ତ୍ତମାନ ଓ ଭାବୀ ସମସ୍ତ ସହକର୍ମୀ, ସହାୟକ, ସହାନୁଭୂତିଦାତା, ଆଶୀର୍ବାଦକ, ପୃଷ୍ଠପୋଷକ ଓ ସମାଲୋଚକମାନଙ୍କୁ ମୁଁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ଏବଂ ଏ କଷ୍ଟସାଧ୍ୟ କର୍ମ ସୁଚାରୁରୂପରେ ସରିବା ପାଇଁ ମୁଁ ସେମାନଙ୍କର ଆଶୀର୍ବାଦ, ସାହାଯ୍ୟ ଓ ଶୁଭବାଚନ ଭିକ୍ଷା କରୁଅଛି । ଏ ଗ୍ରନ୍ଥରେ ପରିଲକ୍ଷିତ ସମସ୍ତ ତ୍ରୁଟି, ଅଜ୍ଞାନ ଓ ଭ୍ରମ-ପ୍ରମାଦାଦି ପାଇଁ ମୁଁ ଦୋଷୀ ଓ ଦାୟୀ ଅଟେ; କିନ୍ତୁ ଏଥିରେ ଯେବେ କିଛି ପ୍ରଶଂସା ଓ ଗୌରବର ବିଷୟ ଥାଏ, ତାହା କେବଳ ମୋ ସହକର୍ମୀମାନଙ୍କ ଆନ୍ତରିକ ସହଯୋଗ ଯୋଗୁଁ ସମ୍ଭବ ହୋଇ ପାରିଅଛି । ଯେଉଁ ବନ୍ଧୁମାନେ ଏ ଗ୍ରନ୍ଥରେ ପରିଲକ୍ଷିତ ତ୍ରୁଟି, ଭ୍ରମ ଓ ପ୍ରମାଦମାନ ମୋତେ ଦେଖାଇ ଦେବେ ମୁଁ ସେମାନ ଶୁଦ୍ଧିପତ୍ରଦ୍ୱାରା ବା ପରିଶିଷ୍ଟ ଖଣ୍ଡରେ ବା ପରବର୍ତ୍ତୀ ସଂସ୍କରଣରେ ସଂଶୋଧନ କରିବି ଓ ଏଥିଲାଗି ମୁଁ ଉକ୍ତ ବନ୍ଧୁମାନଙ୍କଠାରେ କୃତଜ୍ଞ ରହିବି ।

**ପ୍ରଭୁ ପରମପିତାଙ୍କ ଚରଣରେ ଗଭୀର ଭକ୍ତି ଅର୍ପଣ ଓ କରୁଣା ଭିକ୍ଷା**—ଯେଉଁ ପରମପିତା, ମହତୋମହୀୟାନ୍ ବିଶ୍ୱନିୟନ୍ତାଙ୍କ ଅପାର କରୁଣା ମୋତେ ଓ ମୋ ଭାଷାକୋଷକୁ ନିର୍ବିଘ୍ନରେ ଆମ ଗନ୍ତବ୍ୟ ମାର୍ଗର ୩ ଗୋଟି ମାଇଲ୍-ଖୁଣ୍ଟି ପର୍ଯ୍ୟନ୍ତ ଆଣି ପହଞ୍ଚାଇଲାଣି, ତାଙ୍କ ଶ୍ରୀଚରଣରେ ମୁଁ ଭକ୍ତି-ଅର୍ଘ୍ୟ ଅର୍ପଣ କରୁଅଛି, ଓ ଏହି ମହାଜାତୀୟ ଯଜ୍ଞର ଅଚ୍ଛିଦ୍ରାବଧାରଣ କରିବା ପାଇଁ ଓ ମୋ ଗନ୍ତବ୍ୟ ମାର୍ଗର ମଙ୍ଗଳ ମୁଣ୍ଡରେ ପହଞ୍ଚିବା ପାଇଁ ମୋତେ ଉପଯୁକ୍ତ ଶକ୍ତି, ସାହାଯ୍ୟ, ଉତ୍ସାହ ଓ ସ୍ୱାସ୍ଥ୍ୟ ଦିଅନ୍ତୁ ବୋଲି ତାଙ୍କ ଶ୍ରୀଚରଣରେ ତ୍ରିକାଳସନ୍ଧ୍ୟାରେ ଭିକ୍ଷା କରୁଅଛି । ତାଙ୍କର ବିଧାନ ଓ ଆଦେଶ ପରିପାଳିତ ହେଉ । ତଥାସ୍ତୁ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ଇତି ।

ଭାଷାକୋଷ ଆଶ୍ରମ, କଟକ
୧୯୩୩ ମେ ମାସ

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ,
ସମ୍ପାଦକ ।

## Prominent supporters of this works.



**Mr. G. E. Fawcus Esq M.A., C.I.E., O.B.E., V.D., I.E.S.**

Director of public Instruction Bihar and Orissa.

ବିହାର ଓଡ଼ିଶା ଶିକ୍ଷାବିଭାଗର ଡାଇରେକ୍ଟର

ଶ୍ରୀଯୁକ୍ତ ଜି. ଇ. ଫକସ୍ ।



**Mr C. L. Philip M.A., I.C.S., C.I.E.**

Commissioner, Orissa Division.

ଓଡ଼ିଶା ବିଭାଗର କମିଶନର

ଶ୍ରୀଯୁକ୍ତ ସି. ଏଲ୍. ଫିଲିପ୍ ।



**Viswanath Kar**

Editor of the Utkal Sahitya, Cuttack.

ଉତ୍କଳ ସାହିତ୍ୟର ସମ୍ପାଦକ

ଶ୍ରୀଯୁକ୍ତ ବିଶ୍ୱନାଥ କର ।



**Rai Bahadur Lakshmidhar Mahanty B. L., M. L. C., Advocate.**

Dy. President of the Legislative Council Bihar and Orissa.

ବିହାର-ଓଡ଼ିଶା କାଉନ୍‌ସିଲର ଡେପୁଟି ପ୍ରେସିଡେଣ୍ଟ

ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ବି. ଏଲ. ।



**Babu Batakrishna Mahanty B.A.**

Dewan, Boudh State, Orissa.

ଶ୍ରୀ ବଟକୃଷ୍ଣ ମହାନ୍ତି

ଦେୱାନ, ବୌଦ୍ଧ ଷ୍ଟେଟ ।

U. S Press, Cuttack.

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସଙ୍କଳନରେ ବ୍ୟବହୃତ ଅଭିଧାନଗ୍ରନ୍ଥ, ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ ଚିହ୍ନ ।

M. W.—ମନିଅର୍ ୱିଲିଅମ୍‌ସ୍‌ଙ୍କ କୃତ ସଂସ୍କୃତ-ଇଂରାଜୀ ଅଭିଧାନ ।

Kirtikar—ଡକ୍ଟର୍ କୀର୍ତ୍ତିକାରଙ୍କର 'Indian Plants' (ଭାରତୀୟ ଉଦ୍ଭିଦ) ।

Apte—ପ୍ରୋଫେସର୍ ଆପ୍ଟେଙ୍କର Practical Sanskrit—English Dictionary (ସଂସ୍କୃତ-ଇଂରାଜୀ ଅଭିଧାନ) ।

Beams—Comparative Grammar of four Indo-Aryan languages (ବୀମ୍‌ସ ସାହେବଙ୍କ ଗୌଡ଼ଭାଷାର ବ୍ୟାକରଣ) ।

Haines—ହାଏନ୍‌ସ୍ ସାହେବଙ୍କ Botany of Bihar and Orissa (ବିହାର-ଓଡ଼ିଶାର ଉଦ୍ଭିଦତତ୍ତ୍ୱ) ।

Howells—ପାଦ୍ରୀ ହାୱେଲ୍‌ସ୍ ସାହେବଙ୍କ ଅପ୍ରକାଶିତ ଓଡ଼ିଆ-ଇଂରାଜୀ ଅଭିଧାନର ପାଣ୍ଡୁଲିପି ।

Fallon—ଡକ୍ଟର ଫାଲନ ସାହେବଙ୍କ ହିନ୍ଦୁସ୍ଥାନୀ-ଇଂରାଜୀ ଅଭିଧାନ ।

Sir George Greierson—Linguistic Survey of India (ଗ୍ରୀୟର୍‌ସନ୍ ସାହେବଙ୍କ ଭାରତୀୟ ଭାଷାତତ୍ତ୍ୱ) ।

Grundy—ପାଦ୍ରୀ ଗ୍ରଣ୍ଡି ସାହେବଙ୍କ ଓଡ଼ିଆ-ଇଂରାଜୀ ଅଭିଧାନ ।

ଗୋପୀନାଥ ନନ୍ଦ; ନନ୍ଦେ—ଗୋପୀନାଥ ନନ୍ଦଙ୍କ ଓଡ଼ିଆ 'ଶବ୍ଦତତ୍ତ୍ୱବୋଧ ଅଭିଧାନ' ।

ଜ୍ଞାନେନ୍ଦ୍ର—ଜ୍ଞାନେନ୍ଦ୍ର ମୋହନ ଦାସଙ୍କ ବଙ୍ଗଳା ଭାଷାର ଅଭିଧାନ ।

ବିଶ୍ୱକୋଷ—ନଗେନ୍ଦ୍ରନାଥ ବସୁଙ୍କ ପ୍ରଣୀତ ବଙ୍ଗଳା 'ବିଶ୍ୱକୋଷ' ।

ଯୋଗେଶଚନ୍ଦ୍ର—ରାୟ ବାହାଦୁର ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ସଂକଳିତ 'ବାଙ୍ଗଲା ଶବ୍ଦକୋଷ' ।

ପ୍ରକୃତିବାଦ—ଶ୍ରୀଯୁକ୍ତ ରାମକମଲ ବିଦ୍ୟାଲଙ୍କାରଙ୍କ ପ୍ରଣୀତ ସଚିତ୍ର ବଙ୍ଗଳା 'ପ୍ରକୃତିବାଦ ଅଭିଧାନ' ।

ହିନ୍ଦୀ ଶବ୍ଦସାଗର—କାଶୀ ନାଗରୀପ୍ରଚାରିଣୀ ସଭାଙ୍କ ପ୍ରକାଶିତ ହିନ୍ଦୀ ଭାଷାର ବୃହତ୍ ଅଭିଧାନ ।

ସୁବଳଚନ୍ଦ୍ର—ସୁବଳଚନ୍ଦ୍ର ମିତ୍ରଙ୍କ ସରଳ ବଙ୍ଗଳା ଅଭିଧାନ ।

ଗାଙ୍ଗୁଲି—The Student's Bengali and English Dictionary (ଡ଼. ଗାଙ୍ଗୁଲିଙ୍କ ବଙ୍ଗଳା-ଇଂରାଜୀ ଅଭିଧାନ) ।

ଦ୍ରବ୍ୟଗୁଣ—ଶ୍ରୀ ନଗେନ୍ଦ୍ରନାଥ ସେନ୍ ଗୁପ୍ତଙ୍କ ବଙ୍ଗଳା 'ଦ୍ରବ୍ୟଗୁଣ ଶିକ୍ଷା' ।

ସମର୍ଥକୋଷ—ରାଜା ରାଧାକାନ୍ତ ଦେବଙ୍କ ଦ୍ୱାରା ପ୍ରକାଶିତ ବଙ୍ଗଳା 'ସମର୍ଥ କୋଷ' ଅଭିଧାନ ।

ଶବ୍ଦକଳ୍ପଦ୍ରୁମ—ବଙ୍ଗାକ୍ଷରରେ ମୁଦ୍ରିତ ସଂସ୍କୃତ ଅଭିଧାନ ।

A. T. Dev—ଆଶୁତୋଷ ଦେବଙ୍କ ଇଂରାଜୀ-ବଙ୍ଗଳା ଅଭିଧାନ ।

ରାମନାରାୟଣ ଲାଲ—ଇଂରାଜୀ-ହିନ୍ଦୀ ଅଭିଧାନ ।

ଓଡ଼ିଆ ଦ୍ରବ୍ୟଗୁଣ, ହରେକୃଷ୍ଣ—କବିରାଜ ହରେକୃଷ୍ଣ ମିଶ୍ରଙ୍କ ଦ୍ରବ୍ୟଗୁଣ ।

ଓଡ଼ିଆ ଦ୍ରବ୍ୟଗୁଣ କଳ୍ପଦ୍ରୁମ—ବ୍ରଜବନ୍ଧୁ ତ୍ରିପାଠୀଙ୍କ ସଙ୍କଳିତ ଗ୍ରନ୍ଥ ।

Wilson—ୱିଲ୍‌ସନ୍ ସାହେବଙ୍କ କୃତ ସଂସ୍କୃତ ଅଭିଧାନ ।

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ଉଦ୍ଧୃତ ଶିଷ୍ଟପ୍ରୟୋଗର ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ ଚିହ୍ନ ।

(ଦ୍ରଷ୍ଟବ୍ୟ—ଗ୍ରନ୍ଥମାନଙ୍କ ନାମ ଯଥାସ୍ଥାନରେ ଦିଆ ଯାଇଅଛି)

ଅଚ୍ୟୁତ, ଅଚ୍ୟୁତାନନ୍ଦ—କଟକ ଜିଲ୍ଲାର ନେମାଳଗାଦିର ମହାନ୍ତ ସ୍ୱର୍ଗୀୟ ଅଚ୍ୟୁତାନନ୍ଦ ଦାସ ।

ଅଜୟ ଚନ୍ଦ୍ର—ସ୍ୱର୍ଗୀୟ ରାୟ ବାହାଦୁର ଅଜୟଚନ୍ଦ୍ର ଦାସ ।

ଅଭିମନ୍ୟୁ—ପ୍ରାଚୀନ କବି ଅଭିମନ୍ୟୁ ସାମନ୍ତସିଂହାର ।

ଉତ୍କଳ-ସାହିତ୍ୟ—ଶ୍ରୀ ବିଶ୍ୱନାଥ କରଙ୍କ ପ୍ରକାଶିତ ମାସିକ ପତ୍ର ।

ଉତ୍କଳ ସେବକ—ସମ୍ବଲପୁରରୁ ପ୍ରକାଶିତ ଓଡ଼ିଆ ସମ୍ବାଦପତ୍ର ।

କବିସୂର୍ଯ୍ୟ—ପ୍ରାଚୀନ କବି କବିସୂର୍ଯ୍ୟ ବଳଦେବ ରଥ ।

କୁନ୍ତଳା; କୁନ୍ତଳାକୁମାରୀ—ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ ।

କୁଳମଣି—ପଣ୍ଡିତ ଶ୍ରୀ କୁଳମଣି ଦାଶ ।

କୃପାସିନ୍ଧୁ—ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର ।

ଗଙ୍ଗାଧର—ସ୍ୱର୍ଗୀୟ କବି ଗଙ୍ଗାଧର ମେହେର ।

ଗଡ଼ଜାତବାସିନୀ—ତାଳଚେରରୁ ପ୍ରକାଶିତ ସାପ୍ତାହିକ ପତ୍ର ।

ଗୋପାଳକୃଷ୍ଣ—ଗଞ୍ଜାମର ପ୍ରାଚୀନ କବି ।

ଗୋଲକ—ଅପ୍ରକାଶିତ କାବ୍ୟ ଇନ୍ଦୁରେଖାର ଆଧୁନିକ କବି ।

ଚକଡ଼ି—ଗଞ୍ଜାମ ଜିଲ୍ଲାର ଚିକିଟି ରାଜ୍ୟର ରାଜାସାହେବ ।

ଚନ୍ଦ୍ରମଣି—ଶ୍ରୀଯୁକ୍ତ ଚନ୍ଦ୍ରମଣି ଆଚାର୍ଯ୍ୟ ।

ଚିନ୍ତାମଣି—କବିବର ଚିନ୍ତାମଣି ମହାନ୍ତି ।

ଜଗନ୍ନାଥ—ଭକ୍ତକବି ଜଗନ୍ନାଥ ଦାଶ ।

ଜଗବନ୍ଧୁ—ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ।

ତାରିଣୀ—ସ୍ୱର୍ଗୀୟ ତାରିଣୀଚରଣ ରଥ ।

ତୁଳସୀ-ବିକ୍ରମ—ଜୟପୁରର ରାଜା ବିକ୍ରମଦେବଙ୍କ କୃତ ତୁଳସୀଦାସଙ୍କ ହିନ୍ଦୀ ରାମାୟଣ ଆଦିକାଣ୍ଡର ପଦ୍ୟାନୁବାଦ ।

ଦିନା(ନୋ)ଇ ଦାସ—ଦିନେଇ ଦାସଙ୍କ ରଚିତ ପହିଲି ।

ଦାଶରଥି—ପ୍ରାଚୀନ କବି ଦାଶରଥି ଦାସ ।

ଦୀନକୃଷ୍ଣ—ଭକ୍ତକବି ଦୀନକୃଷ୍ଣ ଦାସ ।

ଦୈନିକ ଆଶା—ବ୍ରହ୍ମପୁରରୁ ପ୍ରକାଶିତ ଦୈନିକ ପତ୍ରିକା ।

ନନ୍ଦକିଶୋର—ସ୍ୱର୍ଗୀୟ କବି ନନ୍ଦକିଶୋର ବଳ ।

ନନ୍ଦେ—ସ୍ୱର୍ଗୀୟ ଗୋପୀନାଥ ନନ୍ଦଙ୍କ ଓଡ଼ିଆ ଅଭିଧାନ ।

ନାରାୟଣ—କବି ନାରାୟଣ ଦାସ (ହରିବଂଶ)

ନୀଳକଣ୍ଠ—ଶ୍ରୀ ନୀଳକଣ୍ଠ ଦାଶ ।

ନୀଳମଣି—ଯାଜପୁରର ପଣ୍ଡିତ ନୀଳମଣି ମିଶ୍ର (ଭକ୍ତିଧାରା ପ୍ରେମତରଙ୍ଗିଣୀ)

ପଞ୍ଚାମୃତ—କଟକ ଟ୍ରେଡ଼ିଙ୍ଗ୍ କମ୍ପାନୀଙ୍କ ପ୍ରକାଶିତ ପତ୍ରିକା ।

ପୀତାମ୍ବର—କବି ପୀତାମ୍ବର ଦାସ (ନୃସିଂହ ପୁରାଣ) ।

ପୀତାମ୍ବର—ଶ୍ରୀମତୀ ପୀତାମ୍ବରୀ ଦେବୀ ।
ପ୍ରତାପ—ପ୍ରାଚୀ ସମିତି ପ୍ରକାଶିତ ଶଶିଶେଣା ।
ପ୍ରାଚୀ—କଟକ ପ୍ରାଚୀସମିତି ପ୍ରକାଶିତ ଗ୍ରନ୍ଥମାଳା ।
ପ୍ୟାରୀମୋହନ—ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟ ।
ଫକୀର, ଫକୀରମୋହନ—ସ୍ୱର୍ଗୀୟ ଫକୀରମୋହନ ସେନାପତି ।
ବଳରାମ—ପ୍ରାଚୀନ କବି ବଳରାମ ଦାସ (ରାମାୟଣ) ।
ବି. କେ. ପୁ.—ବିଷ୍ଣୁ କେଶରୀ ପୁରାଣ ।
ବିନାୟକ—ପଣ୍ଡିତ ଶ୍ରୀ ବିନାୟକ ମିଶ୍ର ।
ବିଶ୍ୱନାଥ—ପ୍ରାଚୀନ କବି ବିଶ୍ୱନାଥ ଖୁଣ୍ଟିଆ (ବିଚିତ୍ରରାମାୟଣ) ।
ବିଷ୍ଣୁ କେଶରୀ ପୁରାଣ—ପ୍ରାଚୀ-ଗ୍ରନ୍ଥମାଳା ।
ବ୍ରଜନାଥ—ବ୍ରଜନାଥ ବଡ଼ଜେନାଙ୍କ ପ୍ରଣୀତ ସମରତରଙ୍ଗ ।
ଭକ୍ତଦାସ, ଭକ୍ତଚରଣ—ପ୍ରାଚୀନ କବି ଭକ୍ତଚରଣ ଦାସ ।
ଭଞ୍ଜ—କବି-ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ।
ଭୀମା—ଭୀମା ଧୀବର (କପଟପାଶା) ।
ଭିକାରୀଚରଣ—ରାୟ ସାହେବ ଶ୍ରୀ ଭିକାରୀଚରଣ ପଟ୍ଟନାୟକ ।
ଭୂପତି—ପ୍ରାଚୀ ଗ୍ରନ୍ଥମାଳାର କବି ଭୂପତି ପ୍ରଣୀତ ପ୍ରେମପଞ୍ଚାମୃତ ।
ମଦନମୋହନ—ଶ୍ରୀଯୁକ୍ତ ମଦନମୋହନ ପଟ୍ଟନାୟକ(ତୀର୍ଥଦର୍ଶନ) ।
ମନୁ—ମନୁସଂହିତା ।
ମହାଦେବ—ପ୍ରାଚୀନ କବି ମହାଦେବ ଦାସ (ମାର୍କଣ୍ଡେୟ ପୁରାଣ) ।
ମଧୁସୂଦନ—ଭକ୍ତକବି ସ୍ୱର୍ଗୀୟ ମଧୁସୂଦନ ରାଓ ।
ଯଶୋବନ୍ତ—ପ୍ରାଚୀନ କବି ଯଶୋବନ୍ତ ସିଂହ (ପ୍ରେମଭକ୍ତି ବ୍ରହ୍ମଗୀତା) ।
ରାଜକିଶୋର—ଡାକ୍ତର ଶ୍ରୀ ରାଜକିଶୋର ନନ୍ଦ ।
ରାଧାନାଥ—କବିବର ସ୍ୱର୍ଗୀୟ ରାଧାନାଥ ରାୟ ।
ରାଧାମୋହନ—ଡଙ୍କଟର ରାଜା ରାଧାମୋହନ ରାଜେନ୍ଦ୍ର ଦେବ ।
ରାମଦାସ—ପ୍ରାଚୀନ କବି ରାମଦାସ (ଦାର୍ଢ୍ୟତାଭକ୍ତି) ।
ରାମଶଙ୍କର—ସ୍ୱର୍ଗୀୟ ରାୟ ବାହାଦୁର ରାମଶଙ୍କର ରାୟ ।
ଶିଶୁଶଙ୍କର—ପ୍ରାଚୀନ କବି ଶିଶୁଶଙ୍କର (ଉଷା ଅଭିଳାଷ) ।
ସତ୍ୟସମାଚାର—କଟକରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ।
ସମାଜ—କଟକରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ।
ସହକାର—କଟକରୁ ପ୍ରକାଶିତ ମାସିକ ପତ୍ରିକା ।
ସାରଳା—ପ୍ରାଚୀନ କବି ସାରଳା ଦାସ (ମହାଭାରତ) ।
ସୁବଳ ଦେବ—ବାମଣ୍ଡାର ରାଜା ସ୍ୱର୍ଗୀୟ ରାଜା ସର୍ ବାସୁଦେବ ସୁବଳ ଦେବ ।
ସୋନପୁର—ସୋନପୁର ମହାରାଜ ସର୍ ବୀରମିତ୍ରୋଦୟ ସିଂହ ଦେବ ।

## ଓଡ଼ିଆ ଶବ୍ଦମାନଙ୍କ ଉଚ୍ଚାରଣକୁ ଇଂରାଜୀ ଅକ୍ଷରରେ ଅକ୍ଷରାନ୍ତରୀକରଣରେ ବ୍ୟବହୃତ ବର୍ଣ୍ଣମାନଙ୍କର ପରିଚୟ ।

## LETTERS & SOUNDS USED IN THE ENGLISH TRANSLITERATION OF THE WORDS IN THIS WORK.

| | Capital | Small |
|---|---|---|
| ଅ | A | a |
| ଆ | Ā | ā |
| ଇ | I | i |
| ଈ | Ī | ī |
| ଉ | U | u |
| ଊ | Ū | ū |
| ଋ | Ṛu | ṛu |
| ୠ | Ṛū | ṛū |
| ଌ | Ḷu | ḷu |
| ଏ | E | e |
| ଐ | Ai | ai |
| ଓ | O | o |
| ଔ | Au | au |
| ଂ(ଅନୁସ୍ୱାର) | — | ṁ |
| ଃ(ବିସର୍ଗ) | — | ḥ |
| ଁ(ଚନ୍ଦ୍ରବିନ୍ଦୁ) | — | ñ |

| | Capital | Small |
|---|---|---|
| କ | K | k |
| କ୍ଷ | Ksh | ksh |
| ଖ | Kh | kh |
| ଗ | G | g |
| ଘ | Gh | gh |
| ଙ | Ṅ | ṅ |
| ଚ | Ch | ch |
| ଛ | Chh | chh |
| ଜ | J | j |
| ଝ | Jh | jh |
| ଞ | N̄ | n̄ |
| ଟ | Ṭ | ṭ |
| ଠ | Ṭh | ṭh |
| ଡ | Ḍ | ḍ |
| ଡ଼ | — | rd |
| ଢ | Ḍh | ḍh |

| | Capital | Small |
|---|---|---|
| ଢ | — | ṛḍh |
| ଣ | Ṇ | ṇ |
| ତ | T | t |
| ଥ | Th | th |
| ଦ | D | d |
| ଧ | Dh | dh |
| ନ | N | n |
| ପ | P | p |
| ଫ | Ph | ph |
| ବ | B | b |
| ଭ | Bh | bh |

| | Capital | Small |
|---|---|---|
| ମ | M | m |
| ଯ | J̄ | j̄ |
| ୟ | Y | y |
| ର | R | r |
| ଳ | Ḻ | ḷ |
| ଲ | L | l |
| ଅବର୍ଗ୍ୟ ବ ବା ୱ | W | w or v |
| ଶ | Ś | ś |
| ଷ | Sh | sh |
| ସ | S | s |
| ହ | H | h |

## ଏ ଗ୍ରନ୍ଥରେ ବ୍ୟବହୃତ ସାଙ୍କେତିକ ଅକ୍ଷର ଓ ଚିହ୍ନମାନଙ୍କ ପରିଚୟ ।
## ABBREVIATIONS USED IN THIS WORK WITH THEIR MEANINGS.

ଅ = ଅବ୍ୟୟ ପଦ ।
ଅଦାଲତ = ଅଦାଲତରେ ଓ ଦଲିଲ ଆଦିରେ ବ୍ୟବହୃତ ଶବ୍ଦ ବା ଭାଷା ।
+ଅଧିକରଣ = ଅଧିକରଣ ବାଚ୍ୟରେ ପ୍ରତ୍ୟୟ ।
ଅନ୍ୟରୂପ = ଉପର୍ଯ୍ୟୁକ୍ତ ଶବ୍ଦର ଭିନ୍ନ ଆକାର କିମ୍ବା ଉକ୍ତ ଅର୍ଥବାଚକ ଅନ୍ୟ ଶବ୍ଦ ।
+ଅପାଦାନ = ଅପାଦାନ ବାଚ୍ୟରେ ପ୍ରତ୍ୟୟ ।
ଅଶୁଦ୍ଧ = କଥାବାର୍ତ୍ତାରେ ବା ଲେଖାରେ ବ୍ୟବହୃତ ଅଶୁଦ୍ଧ ଶବ୍ଦ, ବାକ୍ୟ ବା ଉଚ୍ଚାରଣ ।
ଆ = ଆରବୀ ଭାଷା ।
ଆଇନ୍ = ଆଇନ୍ ବା ସ୍ମୃତିଶାସ୍ତ୍ରରେ ବ୍ୟବହୃତ ଶବ୍ଦ
ଆସାମୀ = ଆସାମ ଦେଶର ଭାଷା ।
ଇଂ = ଇଂରାଜୀ ଭାଷା ।
ଇତର = ଇତରଜନ ବ୍ୟବହୃତ ଶବ୍ଦ, ଭାଷା ବା ଉଚ୍ଚାରଣ ।
ଇଟା(ଲି) = ଇଟାଲୀୟ ଭାଷା ।
ଇତ୍ୟାଦି = ପୂର୍ବବର୍ତ୍ତୀ ଶବ୍ଦ ଓ ସେହି ଶବ୍ଦଯୁକ୍ତ ଅନ୍ୟ ଶବ୍ଦମାନ ।
ଉ; ଉର୍ଦ୍ଦୁ = ଉର୍ଦ୍ଦୁ ଭାଷା ।
ଓ = ଓଡ଼ିଆ ଭାଷା ।
କଚରିଆ = କଚେରି ଆଦିରେ ଓ ଅଶିକ୍ଷିତ ଦଲିଲ-ଲେଖାଳିଙ୍କ ବ୍ୟବହୃତ ଶବ୍ଦ ବା ଭାଷା ।
କନ୍ଧ, କୁଇ = କନ୍ଧମାନଙ୍କ ବ୍ୟବହୃତ କୁଇ ଭାଷା ।
+କରଣ = କରଣ ବାଚ୍ୟରେ ପ୍ରତ୍ୟୟ ।
+କର୍ତ୍ତୃ = କର୍ତ୍ତୃ ବାଚ୍ୟରେ ପ୍ରତ୍ୟୟ ।
+କର୍ମ = କର୍ମ ବାଚ୍ୟରେ ପ୍ରତ୍ୟୟ ।
କର୍ମଧା = କର୍ମଧାରୟ ସମାସ ।
କାହାଣୀ = ଦେଶପ୍ରଚଳିତ ଉପକଥା ।

କୋହ୍ଲ = କୋହ୍ଲମାନଙ୍କ ବ୍ୟବହୃତ ଭାଷା ।
କ୍ରି = କ୍ରିୟାପଦ ।
କ୍ରି. ବିଣ = କ୍ରିୟା ବିଶେଷଣ ।
ଖ୍ରୀ = ଖ୍ରୀଷ୍ଟାବ୍ଦ ।
ଖ୍ରୀ. ପୂ = ଖ୍ରୀଷ୍ଟ ଜନ୍ମର ପୂର୍ବାବ୍ଦ ।
ଗଣିତ = ଗଣିତଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ଗାଳି = ଇତରଜନଙ୍କ ମଧ୍ୟରେ ଗାଳିରେ ବ୍ୟବହୃତ ଶବ୍ଦ ବା ବାକ୍ୟ ।
ଗୁ = ଗୁଜରାଟୀ ଭାଷା ।
ଗ୍ରା; ଗ୍ରାମ୍ୟ = ଗ୍ରାମ୍ୟ ବ୍ୟବହାର; ମାର୍ଜିତ ସାହିତ୍ୟରେ ପରିହାର୍ଯ୍ୟ ଶବ୍ଦ ।
ଗ୍ରୀ; ଗ୍ରୀକ୍ = ଗ୍ରୀସ୍ ଦେଶର ଭାଷା ।
ଜଣାଣ, ଭଜନ = ପ୍ରାଚୀନ ଓଡ଼ିଆ ଲୌକିକ ଭଜନ ।
ଜର୍ମାନ୍ = ଜର୍ମାନ ଦେଶର ଭାଷା ।
ଜ୍ୟୋତିଷ = ଜ୍ୟୋତିଃଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ଢଗ, ବଚନ, ପ୍ରବଚନ = ଲୌକିକ ପ୍ରବଚନ ବା ପ୍ରବାଦ-ବାକ୍ୟ ।
ଣିଜନ୍ତରୂପ = ପୂର୍ବୋକ୍ତ କ୍ରିୟାର ଣିଜନ୍ତ ବା ପ୍ରଯୋଜକ ରୂପ ।
ତତ୍ = ତତ୍ପୁରୁଷ ସମାସ ।
ତା = ତାମିଲ୍ ଭାଷା ।
ତୁର୍କୀ = ତୁରସ୍କଦେଶୀୟ ଭାଷା ।
ତୁଳ = ତୁଳନା କର ।
ତେ = ତେଲଗୁ ଭାଷା ।
ଦର୍ଶନ = ଦର୍ଶନ ଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ଦେ = ଦେଶଜ ଶବ୍ଦ ।
ଦେଖ = ପୂର୍ବବର୍ତ୍ତୀ ଶବ୍ଦକୁ ଏ ଭାଷାକୋଷର ଶବ୍ଦକ୍ରମରେ ଯଥାସ୍ଥାନରେ ଖୋଜ ।
ଦ୍ର = ଦ୍ରଷ୍ଟବ୍ୟ ।

ଦ୍ରା=ଦ୍ରାବିଡ଼ ଭାଷା ।
ଧା; ଧାତୁ=ସଂସ୍କୃତ ଧାତୁ ।
ଧ୍ୱନ୍ୟନୁକରଣ=ଧ୍ୱନିର ଅନୁକରଣରେ ଗଠିତ ବା ଉଚ୍ଚାରିତ
ବା ଅର୍ଥ ବୁଝାଯିବା ଶବ୍ଦ ।
ନଞ୍ ତତ୍=ନଞ୍ ତତ୍ପୁରୁଷ ସମାସ ।
ନପୁଂ.=ନପୁଂସକ ଲିଙ୍ଗ ।
ନାଟକ=ନାଟକରେ ବ୍ୟବହୃତ ଭାଷା ବା ଶବ୍ଦ ।
ନାମ=ସ୍ଥାନ ବା ବ୍ୟକ୍ତିବିଶେଷଙ୍କ ନାମ ।
ନୋଟ୍=ପୂର୍ବବର୍ତ୍ତୀ ଶବ୍ଦ ବିଷୟରେ ଟୀକା ।
ନ୍ୟାୟ=୧. ନ୍ୟାୟଶାସ୍ତ୍ର; ୨. ଦେଶପ୍ରଚଳିତ ଲୌକିକ ବଚନ ବା
ଲୋକେ କଥାପ୍ରସଙ୍ଗରେ ଉଲ୍ଲେଖ ଦେବା ପ୍ରାମାଣିକ ଉକ୍ତି ।
ପଦ୍ୟ=କେବଳ ପଦ୍ୟରେ ବ୍ୟବହୃତ ଆକାର ।
ପରିଭାଷା—ବିଜ୍ଞାନାଦିରେ ବ୍ୟବହୃତ ପାରିଭାଷିକ ଶବ୍ଦ ।
ପର୍ତ୍ତୁ ( ର୍ତ୍ତୁ )=ପର୍ତ୍ତୁଗାଲ୍ ଦେଶର ଭାଷା ।
ପା=ପାଲି ଭାଷା ।
ପୁଂ=ପୁଂଲିଙ୍ଗ ।
ପ୍ରା=ପ୍ରାକୃତ ଭାଷା ।
ପ୍ରାଚୀନ=ପ୍ରାଚୀନ ଗ୍ରନ୍ଥମାନଙ୍କରେ ବ୍ୟବହୃତ, ଅଧୁନା ବିରଳ ଶବ୍ଦ ।
ପ୍ରାଦେ—ପ୍ରାଦେଶିକ ଅର୍ଥାତ୍ ଦେଶାଂଶ ବିଶେଷରେ ପ୍ରଚଳିତ
ଓଡ଼ିଆ ଶବ୍ଦ

[ ଯେଉଁ ଯେଉଁ ଅଞ୍ଚଳରେ ଯେଉଁ ଶବ୍ଦ ବ୍ୟବହୃତ ସେ ଅଞ୍ଚଳମାନଙ୍କ ନାମ ବନ୍ଧନୀ ମଧ୍ୟରେ ସୂଚିତ ହୋଇଅଛି । ଯଥା :— ପ୍ରାଦେ (କଟକ)=କଟକ ଜିଲ୍ଲାରେ ବ୍ୟବହୃତ ପ୍ରାଦେଶିକ ଶବ୍ଦ ]

ଫା=ଫାରସୀ ବା ପାରସ୍ୟ ଦେଶ ପ୍ରଚଳିତ ଭାଷା ।
ଫ୍ରେ=ଫ୍ରେଞ୍ଚ୍ ବା ଫ୍ରାନ୍ସ ଦେଶ ପ୍ରଚଳିତ ଭାଷା ।
ବ=ବଚନ; ( ୧ବ=ଏକବଚନ; ୨ବ=ଦୁଇବଚନ;
ବହୁ ବ=ବହୁବଚନ । )
ବଂ=ବଙ୍ଗଳା ଭାଷା ।
ବହୁ. ବ.=ବହୁବଚନ ।
ବି=ବିଶେଷ୍ୟ ପଦ ।
ବିଜ୍ଞାନପରିଭାଷା=ବିଜ୍ଞାନରେ ବ୍ୟବହୃତ ପାରିଭାଷିକ ଶବ୍ଦ ।
ବିଣ=ବିଶେଷଣ ପଦ ।
ବିଣ ର ବିଣ=ବିଶେଷଣର ବିଶେଷଣ ।
ବିପରୀତ=ପୂର୍ବୋକ୍ତ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ।
ବୈଦେ=ବୈଦେଶିକ ଭାଷା ( ଯଥା—ଇଂରାଜୀ, ଆରବୀ, ଫାରସୀ,
ଫ୍ରେଞ୍ଚ୍, ଜର୍ମାନ୍ ଆଦି ) ରୁ ଆଗତ ଶବ୍ଦ ।
ବୈଦ୍ୟକ=ବୈଦ୍ୟକ ଗ୍ରନ୍ଥ ବା ଆୟୁର୍ବେଦରେ ବ୍ୟବହୃତ ଶବ୍ଦ ।
ଭତର; ଭତ୍ରୀ; ଭତଡ୍ଡ=ବସ୍ତର ରାଜ୍ୟର ଉତ୍ତରପୂର୍ବ କୋଣରେ
କୋଡ଼ିଏ ହଜାର କୃଷିଜୀବୀ ଲୋକଙ୍କ କଥିତ ଭାଷା ।
+ଭାବ=୧. ଭାବାର୍ଥ ପ୍ରତ୍ୟୟ;
୨. ଭାବ ବାଚ୍ୟରେ ପ୍ରତ୍ୟୟ ।
ମ=ମରହଟ୍ଟୀ ଭାଷା ।
ମ. ପ. ଲୋ=ମଧ୍ୟପଦଲୋପୀ କର୍ମଧାରୟ ।
ଯଥା=ପୂର୍ବୋକ୍ତ ଶବ୍ଦର, ଅର୍ଥର ବା ପ୍ରୟୋଗର ଉଦାହରଣ ।
ଲକ୍ଷଣାର୍ଥ=ଶବ୍ଦର ଆରୋପିତ ଅର୍ଥ ।

ଲରିଆ=ସମ୍ବଲପୁର ଓ ଛତିଶଗଡ଼ ଅଞ୍ଚଳରେ ବ୍ୟବହୃତ ଉପଭାଷା ।
ଶିଶୁବଚନ, ଶିଶୁଗୀତ, ଶିଶୁରଞ୍ଜନ—ଶିଶୁମାନଙ୍କ ମନୋରଞ୍ଜନାର୍ଥ
ବୋଲାଯିବା ବା ଶିଶୁମାନଙ୍କ ଉଚ୍ଚାରିତ ବଚନ ।
ସଂ=ସଂସ୍କୃତ ଭାଷା ।
ସଙ୍ଗୀତ, ପ୍ରାଚୀନ ସଙ୍ଗୀତ—ପ୍ରାଚୀନ ଓଡ଼ିଆ ସଙ୍ଗୀତ ।
+ସଂଜ୍ଞାର୍ଥ=ସଂଜ୍ଞାର୍ଥ ପ୍ରତ୍ୟୟ ।
+ସମ୍ବନ୍ଧ=ସମ୍ବନ୍ଧାର୍ଥ ପ୍ରତ୍ୟୟ ।
ସର୍ବ—ସର୍ବନାମ ପଦ ।
ସହଚର=ସହଚର ଶବ୍ଦରୂପେ ଏକତ୍ର ବା ଏକ ପରେ ଅନ୍ୟ
ବ୍ୟବହୃତ ଶବ୍ଦଦ୍ୱୟ ।
ସାନ୍ତାଲୀ=ସାନ୍ତାଳମାନଙ୍କ କଥିତ ଭାଷା ।
ସ୍ତ୍ରୀ=ସ୍ତ୍ରୀଲିଙ୍ଗ ।
+ସ୍ୱାର୍ଥେ=ଶବ୍ଦର ମୌଳିକ ଅର୍ଥରେ ଯୁକ୍ତ ପ୍ରତ୍ୟୟ ।
ହି=ହିନ୍ଦୀ ବା ହିନ୍ଦୁସ୍ଥାନୀ ଭାଷା ।
ହେବ୍ରୁ=ହେବ୍ରୁ ଭାଷା ।
୧ମା=ପ୍ରଥମା ବିଭକ୍ତି ।
୨ୟା=ଦ୍ୱିତୀୟା ବିଭକ୍ତି ।
୩ୟା=ତୃତୀୟା ବିଭକ୍ତି ।
୪ର୍ଥୀ=ଚତୁର୍ଥୀ ବିଭକ୍ତି ।
୫ମୀ=ପଞ୍ଚମୀ ବିଭକ୍ତି ।
୬ଷ୍ଠୀ=ଷଷ୍ଠୀ ବିଭକ୍ତି ।
୭ମୀ=ସପ୍ତମୀ ବିଭକ୍ତି ।
୧ବ=ଏକବଚନ ।
୨ବ=ଦ୍ୱିବଚନ ।
+ (ଯୁକ୍ତ ଚିହ୍ନ)=ପରସ୍ପର ଯୁକ୍ତ ହେବା ଦୁଇ ଶବ୍ଦ ବା ଧାତୁ ଓ
ପ୍ରତ୍ୟୟ ମଧ୍ୟରେ ଥିବା ଯୁକ୍ତଚିହ୍ନ ।
= (ସମାନତାଜ୍ଞାପକ ଚିହ୍ନ)=ଧାତୁ ଓ ପ୍ରତ୍ୟୟ ମିଶି ବା ଦୁଇ ପଦ
ମିଶି ନିଷ୍ପନ୍ନ ହେବା ଶବ୍ଦ ବା ବାକ୍ୟର ଅର୍ଥ କିମ୍ବା ଧାତୁର ଅର୍ଥ ।
? (ପ୍ରଶ୍ନ ସୂଚକ ଚିହ୍ନ)=ସନ୍ଦେହ ସ୍ଥଳରେ ପ୍ରଦତ୍ତ ଚିହ୍ନ ।
— ( ଡାସ୍ )=ପରସ୍ପର ସଂବଦ୍ଧ ଦୁଇଟି ଶବ୍ଦ ବା ଶବ୍ଦ ଓ ଅର୍ଥ ବା
ଦୁଇଟି ଭାବ ମଧ୍ୟରେ ସମ୍ବନ୍ଧଜ୍ଞାପକ ଚିହ୍ନ ।
! (ବିସ୍ମୟସୂଚକ ଚିହ୍ନ)=ପୂର୍ବବର୍ତ୍ତୀ ବାକ୍ୟ, ଶବ୍ଦ ବା ବିଷୟ
ସମ୍ବନ୍ଧେ ବିସ୍ମୟ ଜ୍ଞାପନ ଓ ସଂବୋଧନ ସୂଚକ ଚିହ୍ନ ।

Etc; etc.=Please refer to the word preeceding and its connected words in their proper places in alphabetical order in this Dictionary.

See=Please refer to the preeceding word.

Law=Legal term.

Algebra
Arithmetic
Astrology
Astronomy
Botany
Geography
Geometry
Logic
Mathematics
Medicine
Philosophy
} =Technical words used in the said sciences.

## The Compiler and his colleagues



The Compiler

ଭାଷାକୋଷର ସଙ୍ଗ୍ରାହକ



Srimati Pitambari Debi,

ଶ୍ରୀମତୀ ପୀତାମ୍ବରୀ ଦେବୀ, ସହକର୍ମିଣୀ



Pandit Kulamani Das

ପଣ୍ଡିତ ଶ୍ରୀ କୁଳମଣି ଦାଶ



Padma Charan Das

ଶ୍ରୀ ପଦ୍ମଚରଣ ଦାଶ



Ramchandra Rath

ଶ୍ରୀ ରାମଚନ୍ଦ୍ର ରଥ

U. S. Press, Cuttack.

## The illustrious PATRON of this work

ଏହି ଗ୍ରନ୍ଥର ମହନୀୟ ପୃଷ୍ଠପୋଷକ



**E. C. Gibson Esq. C. I. E., I. C. S.**

Agent to the Governor General, Eastern States Agency, Ranchi.

ମାନ୍ୟବର ଗଭର୍ଣ୍ଣର ଜେନେରଲଙ୍କର ଇଷ୍ଟର୍ଣ୍ଣଷ୍ଟେଟ୍ସ୍ ଏଜେନ୍ସୀ
ଗଡ଼ଜାତ ସମୂହର ଏଜେଣ୍ଟ୍
ମହାମହିମ ଉତ୍କଳହିତୈଷୀ ଶ୍ରୀଯୁକ୍ତ ଇ. ସି. ଗିବ୍ସନ୍. ସି. ଅଇ. ଇ., ଅଇ. ସି. ଏସ୍.

U. S. Press, Cuttack.

# ପୂର୍ଣ୍ଣଚନ୍ଦ୍ର

# ଓଡ଼ିଆ ଭାଷାକୋଷ ।

ଚତୁର୍ଥ ଖଣ୍ଡ ( ବ୍ୟଞ୍ଜନ ବର୍ଣ୍ଣ ଦ—ପ )


ସଂଗ୍ରାହକ—ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ

ସହକର୍ମିଗଣ—୧—ଶ୍ରୀମତୀ ପୀତାମ୍ବରୀ ଦେବୀ

୨—ପଣ୍ଡିତ ଶ୍ରୀ [redacted]

୩—ପଣ୍ଡିତ ଶ୍ରୀ ରାମଚନ୍ଦ୍ର ରଥ

୪— ଶ୍ରୀ ପଦ୍ମଚରଣ ଦାଶ

୫—ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର

୬—ଶ୍ରୀ ଭୁବନେଶ୍ୱର ମିଶ୍ର

୭—ଶ୍ରୀ ଗୋଲୋକଚନ୍ଦ୍ର ପ୍ରଧାନ


# PŪRNṆACHANDRA

# ORḌIĀ BHĀSHĀKOSHA.

( A lexicon of the Oriya language )

**Volume—IV (Consonants Da—Pa)**


*Compiler*—**G. C. Praharaj**

**(Kaiser-I-Hind,)**

*Advocate, Patna High Court, Cuttack, B. N. R. Orissa (India)*

**With the help of a body of colleagues.**



**Printed and Published by V. Kar**

**THE UTKAL SAHITYA PRESS,**

**CUTTACK**

**1934.**

ସ୍ନେହାର୍ପଣ



**Raja Sri Sri Sri Vikram Deb Varma**

**Raja Saheb, Jeypore Estate, Dist. Vizag.**

ବିଶାଖାପଟଣାର ଜୟପୁର ରାଜ୍ୟର କର୍ମବୀର, ଧର୍ମବୀର, ଦାନବୀର

ଦେଶପ୍ରାଣ ରାଜା ସାହେବ

# ସାହିତ୍ୟସମ୍ରାଟ୍ ଶ୍ରୀ ବିକ୍ରମଦେବ ବର୍ମା

U. S. Press, Cuttack,

# AGENTS FOR THE PUBLICATION.

1. **Messrs Luzac & Co.**
   Oriental and foreign book-sellers
   46, Great, Russell Street
   London W. C. I.

2. **Mr. Otto Harrassowitz**
   Querstrasse 14,
   Leipzig C 1,
   Germany.

3. **Librairie C. Klincksieck**
   11 Rue-de-Lille
   Paris 7E
   France.

4. **The Bhashakosha Office**
   P. O. Chandnichauk,
   Cuttack,
   Orissa, India.

5. **The Students' Store**
   Berhampore, Dt. Ganjam.

6. **The Pathasala Press,**
   Bankipore, Patna.

**Price Rs. 18- per volume and Rs. 80/- for a Complete set of 6 Volumes.**



The Late Maharaja
Purnnachandra Bhanja Deo
Mayurbhanj State, Orissa.
ମୟୂରଭଞ୍ଜର ସ୍ୱର୍ଗୀୟ ମହାରାଜ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ ।



Maharaja Sri Pratapchandra Bhanja Deo
Ruler, Mayurbhanj State, Orissa.
ମୟୂରଭଞ୍ଜର ମହାରାଜ ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେଓ ।

U. S. Press, Cuttack.

The fourth volume of the

# PŪRNNACHANDRA ORDIĀ BHĀSHĀKOSHA

**Is dedicated with kind permission to**

## Sahitya Samrat Raja Sri Sri Sri Vikrama Deva Varma,

*Raja Saheb, Jeypore Estate, District Vizag.*

Who is rightly looked upon as the Vikramaditya of Utkal, whose burning patriotism has impelled him to devote himself to lifelong service in the cause of the Oria nation with a rare tenacity of purpose, who has, during the last 40 years, identified himself with the movement for the unification of the Oria—speaking tracts, whose catholic munificence in the cause of education and for the all round progress of the Oriya nation has made him the pride and glory of ten millions of Oriyas, who is himself a great poet and author of renown and who has been a staunch and active supporter of this lexieon,

CUTTACK
*June, 1934*

*In grateful regard*
*by*
*his humble admirer*
THE COMPILER.

ଯେଉଁ ଉଦାରଚେତା ମହାମନୀଷୀ ଉତ୍କଳ-ସାହିତ୍ୟାକାଶରେ ସମୁଦିତ ଶାରଦ ସୁଧାଂଶୁରୂପେ ବିରାଜିତ ରହି ଉତ୍କଳୀୟ କବିହୃଦ-କୈରବ-କୁଳକୁ ବିକଶିତ କରାଉଅଛନ୍ତି, ଖଣ୍ଡବିଖଣ୍ଡ ମାତୃ-ଭୂମିର ଏକୀକରଣ କଳ୍ପନାରେ ଯେ ଗତ ଚାଳିଶ ବର୍ଷ ହେଲା ଅସୁ-ପ୍ରାଣ ବିନିଯୋଗ କରିଅଛନ୍ତି, ଯାହାଙ୍କର ଉଦାର ଦୟା ଓ ପ୍ରଶସ୍ତ ଦାନର ପୁଣ୍ୟ ନିଦର୍ଶନ ସମସାମୟିକ ଉତ୍କଳର ଜାତୀୟ ଇତିହାସରେ ସ୍ୱର୍ଣ୍ଣବର୍ଣ୍ଣାବଳୀରେ ରଞ୍ଜିତ ହୋଇ ରହିବ, ରାଜଶ୍ରୀଲାଭ ପୂର୍ବେ ଯାହାଙ୍କଠାରୁ ଅକିଞ୍ଚନ ସମ୍ପାଦକ ଏହି ଭାଷାକୋଷର ସଙ୍କଳନ ପାଇଁ ଯଥେଷ୍ଟ ଉତ୍ସାହ ଲାଭ କରି ଧନ୍ୟମ୍ମନ୍ୟ ହୋଇଅଛି,

ଭାରତବିଶ୍ରୁତକୀର୍ତ୍ତି, ବିକ୍ରମାଦିତ୍ୟକଳ୍ପ, ଉତ୍କଳସାହିତ୍ୟସମ୍ରାଟ,

ବିଶାଖାପତ୍ତନଅନ୍ତର୍ଗତ ଜୟପୁରରାଜ୍ୟାଧୀଶ୍ୱର

**ମହାରାଜ ଶ୍ରୀ ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମା**

ମହୋଦୟଙ୍କ ମହନୀୟ କରକମଳରେ ତାଙ୍କର ସାନୁଗ୍ରହ ଅନୁମତି ସହ ଭାଷାକୋଷର ଚତୁର୍ଥ ଖଣ୍ଡ ଅର୍ପିତ ହେଲା ।

କଟକ, ଭାଷାକୋଷାଶ୍ରମ
୧୯୩୪ ଜୁନ୍ ମାସ ।

ସ୍ନେହକ୍ରୀତ
ଗୋପାଳ ।



**Raja Narayan Prasad Deb**
Raja Saheb & Ruling Chief, Baudh State, Orissa.

ରାଜା ଶ୍ରୀ ନାରାୟଣପ୍ରସାଦ ଦେବ
ରାଜାସାହେବ ଓ ରୁଲିଙ୍ଗଚିଫ୍ ବୌଦ ଷ୍ଟେଟ୍



**Raja Kishor Chandra Deb**
Raja Saheb & Ruling Chief, Athmallik State, Orissa.

ରାଜା ଶ୍ରୀ କିଶୋରଚନ୍ଦ୍ର ଦେବ
ରାଜାସାହେବ ଓ ରୁଲିଙ୍ଗଚିଫ୍ ଆଠମଲ୍ଲିକ୍ ଷ୍ଟେଟ୍

U. S. Press, Cuttack,

# Introduction
## to the 4th volume of the
# PŪRNNACHANDRA ORDIĀ BHĀSHĀKOSHA

### The reason of delay in bringing out this volume.

Through the Grace of God, I am now able to place the fourth volume of the Oria lexicon in the hands of the public. Though it had been contemplated, while bringing out the third volume, that the fourth volume would bring the word-collection to the end of the letter ଫ (Pha) and would be out by March 1934, this volume could not proceed further than the letter ପ (pa), and its publication was delayed by about 3 months. Each of the previous volumes had covered 1200 pages on the average, but the 4th volume has covered 1600 pages in finishing the letter ପ (pa). So the additional pages have taken a longer time to print. Moreover, I was beset with serious financial difficulties. The unhampered progress of the work depends on the liberality of patrons of learning. When generous personages of means were approached for help, some of them made generous promises and were prompt to redeem them. Some others promised definite sums as donations and some raised high hopes in my mind that they would contribute quite liberally, but when the time for fulfilment arrived they turned deaf ears to my repeated entreaties of distress, so much so, that after making part payments some of them refused to redeem their promise in full. So there was no other means, of pushing on the publication, left to me than to approach creditors, who, in this time of financial stringency, are very shy to advance loans. The ungracious and unbecoming failure of some eminent personages to redeem their promises and to fulfil the hopes raised by them has been one of the principal reasons for the delay in bringing out this volume.

### The contents of the 4th volume.

The first volume dealt with 13 vowels, the 2nd with 6 consonants, the 3rd with 12 and this volume with 4 consonants, thus bringing the word-collection to the end of the 35th letter. There still remain 12 more letters which are estimated to occupy 2 more volumes.

### The space-saving devices.

The space-saving devices followed in the 3rd volume have been rigorously followed in this volume. Moreover, the explanatory head-lines which had appeared at the top of every page in the previous volumes have been discontinued in the volume, except at intervals of 100 pages and in pages where new letters have begun. This has saved considerable space to be utilized for the dictionary matter. Suggestion has been made to save space by discontinuing the printing of the different meanings of words, one below the other, and by printing the successive meanings in continuous lines. Though I have disregarded the suggestion till now, I fear that in consideration of the financial deadlock by which the publication is confronted, I shall have to follow it in the subsequent volumes.

### The number of words in this volume.

The number words in the 1st three volumes are 62000. The 4th volume contains 34000 words. Thus, the 4 volumes contain 96000 words up to the end of the letter ପ (pa).

### Books of reference.

Besides the books of reference used in the previous volnmes, a few more books have been used in this volume and their names have been incorporated in the bibliography attached to this volume,



**Raja Narayan Prasad Deb**
Raja Saheb & Ruling Chief, Baudh State, Orissa.

ରାଜା ଶ୍ରୀ ନାରାୟଣପ୍ରସାଦ ଦେବ
ରାଜାସାହେବ ଓ ରୁଲିଙ୍ଗଚିଫ୍ ବୌଦ ଷ୍ଟେଟ୍



**Raja Kishor Chandra Deb**
Raja Saheb & Ruling Chief, Athmallik State, Orissa.

ରାଜା ଶ୍ରୀ କିଶୋରଚନ୍ଦ୍ର ଦେବ
ରାଜାସାହେବ ଓ ରୁଲିଙ୍ଗଚିଫ୍ ଆଠମଲ୍ଲିକ୍ ଷ୍ଟେଟ୍

U. S. Press, Cuttack.

### Incompleteness of the vocabulary in this compilation.

A living and spoken language which is daily coining and assimilating dozens of new words from Sanskrit and foreign and sister languages with the advance of civilisation, learning and culture, can not have a dictionary which can claim to be exhaustive. Moreover, I have already, in the previous volumes, stated that thousands of dialectical, technical, classical and colloquial words have not found place in the lexicon. Still, when any new word is coming to my notice I am having it incorporated in the manuscript, if the printing as not progressed so far, and in the case of words beginning with the letters already published I am noting them in a separate book with a view to bring out a supplement. I am neither a specialist in any branch of learning nor do I claim my work to be an exhaustive and authoritative book of reference on any particular subject. I have given the Oriya and English meanings of words and, whenever possible, I have added notes and allusions in the case of words which seemed interesting to me. I am not infallible, nor are my sources of reference. It is not to be wondered if mistakes have crept in at places, To gentlemen who have pointed out my mistakes and to those who will do so in future I shall ever remain grateful. I shall try my best to correct the mistakes. For instance, when my attention was drawn by the D. P. I., B & O to a mistake in the meaning of the word ଅକ୍ଷାଂଶ ( Akshāmsa=latitude ) in the 1st volume, I got it corrected with the kind help of Professor H. K Das, M. A., of the Ravenshaw College, Cuttack, while dealing with its correlated word ଦ୍ରାଘିମା (Drāghimā=longitude) at page 3931 of this volume.

### My valued colleagues and assistants.

Of the colleagues whose services have been acknowledged in the 3rd volume, I most keenly miss Hon'ble C. L. Philip. M. A., C. I. E., I. C. S. sometime Commissioner of the Orissa Division, whose valuable collaboration I have lost by his transfer. The gap made by his absence has not been and can not be filled up.

My other colleagues, vi Sreematee Peetambaree Debee, Sreejukta Viswanath Kar, Pandit Kulamani Das Kabyatirtha, Babu Krushna Chandra Misra M. A., B. L., Babu Satindranarayan Ray M. A., B. L , Pandit Ramchandra Rath Samant, Pandit Narsing Mahapatra Samant, Babu Bhubaneswar Misra, Babu Golokachandra Pradhan and Babu Padmacharan Das, have worked in their respective capacities in this volume, as before. I am fortunate in securing the services of two energetic gentlemen who have supplied me with almost all the Hindi synonyms appearing in this volume. They are Babu Rameswar Jha of Darbhanga, Headmaster and Babu Truptinarayan Thakur of Mozaffurpur, Head Pandit of the Fawcus Vaisya Vidyalaya M. E. School started by the Marwari brethren at Cuttack. Their labours have been labours of love, and to them my sincere thanks are due. Sj. H. C. Baral B. Sc., I. S. R. S. Assistant Traffic Superintendent, G. I. P. Rail-way, a talented Oriya writer of versatile parts, has found time, amidst his onerous duties in the far off Bombay Presidency, to supply me with hundreds of dialectical words peculiar to Balasore. Dr. Radhacharan Panda L. M. P. has been supplying words peculiar to Ganjam and Vizag districts. Sreematee Aparna Devee, poetess of Puri, has been supplying me with hundreds of dialectical words of Puri. Babu Bamdeb Misra B. A., the Dewan of Athmallik State, who is more than a brother to me, has been an indefatigable supporter of this undertaking. He has continued to supply words peculiar to the Orissa States and to secure subscribers. Babu A. B. Dey M. A., B. L., Asst. Superintendent Bamra State, has not only been supplying dialectical words but securing patrons and subscribers. Babu Batakrushna Mahanty B A., Dewan Baudh State has been a sincere supporter of the work. To all these colleagues and workers I tender my sincere thanks.

### My well-wishers.

Pandit Sree Ramchandra Misra Sastri, whose birth place is village Mahillo, P. S. Jagatsingpur in the district of Cuttack and who has taken to asceticism and has dedicated his life to the study of Hindu philosophy, theology, philology and astro-

# The indefatigable supporters of this undertaking from its start.

ଏ ଛତ୍ରର ଶ୍ରାନ୍ତିହୀନ ଉତ୍ସାହଦାତୃଗଣ



The Hon'ble J. A. Hubback Esq. C. S. I., I. C. S.
Sometime Commissioner of the Orissa Division.
ମାନ୍ୟବର ଶ୍ରୀଯୁକ୍ତ ଜେ. ଏ. ହବ୍ବାକ ସି. ଏସ୍. ଆଇ., ଆଇ. ସି. ଏସ୍.
ଓଡ଼ିଶାର ଭୂତପୂର୍ବ କମିସନର ।



C. L. Philip Esq. C. I. E., I. C. S.
Sometime Commissioner of the Orissa Division.
ଶ୍ରୀଯୁକ୍ତ ସି. ଏଲ୍. ଫିଲପ୍ ସି. ଆଇ. ଇ., ଆଇ.ସି.ଏସ୍.
ଓଡ଼ିଶାର ଭୂତପୂର୍ବ କମିସନର ।



G. E. Fawcus Esq. C. I. E., I. E. S.
Director of Public Instruction, Bihar and Orissa.
ଶ୍ରୀଯୁକ୍ତ ଜି. ଇ. ଫକସ୍ ସି. ଆଇ. ଇ., ଆଇ. ଇ. ଏସ୍.
ବିହାର ଓଡ଼ିଶାର ଶିକ୍ଷାବିଭାଗର ଡାଇରେକ୍ଟର ।

U. S. Press, Cuttack,

logy and who by his deep erudition and spirituality commands the devotion of thousands of disciples from one end of India to the other, has graciously expressed his high appreciation of my humble labours and pronounced his benediction on the undertaking. He has been bringing the work to the notice of distinguished personages of Bengal, Bihar and other provinces and has been praying to the Almighty for the completion of its publication.

Sree Biswanath Baba Abadhut Sannyasi of the Mahimadharma persuation who is a person of great learning and piety and has compiled a very valuable work on the tenets of the Mahimadharma religion peculiar to Orissa, and owning many lakhs of devotees in its fold, has been invoking the Grace of the Almighty Alekha Brahma ( God ) for the completion of the publication. He has also supplied me with many words peculiar to the Mahima sect.

Sj. Ramananda Chatterji M. A., Editor of Modern Review of Calcutta, very kindly paid a visit to the Bhashakosha Office during his visit to Cuttack on the Rammohan Centenary celebration. He has published very appreciative and flattering reviews of the first three volumes in the last April and May issues of his magazine.

Sj. Niranjan Neogi M. A., Professor Ravenshaw College, Cuttack, who had examined the 3 volumes, has, in the course of public lectures at Cuttack and Patna, expressed his keen and sincere appreciation of my humble labours.

Dr. R. P. Paranjape, Vice-Chancellor of the Lucknow University, paid a visit to the manuscripts and expressed his high appreciation of the work.

A. R. Toplis Esq. I. C. S., Commissioner of the Orissa Division, has very kindly gone through this introduction and made valuable suggestions for which I am thankful to him.

A. P. Mukharji Esq. I. C. S. District and Sessions Judge Cuttack paid a kind visit to the Bhashakosha Office with Mrs. Mukharji, and they both encouraged the compiler and his colleagues with their appreciation and admiration.

Sj. S. B. Rath, Editor of the Oriya daily Asha, Berhampore, District Ganjam, Sj. Radhanath Rath editor of the Oriya daily Samaj, Cuttack, Rai Saheb Bimala Charan Chowdhury and Babu N. C. Sathia. B.A., organisers of the Oriya magazine, Rasachakra, have laid me under a great obligation by alluding to my humble labours and invoking public sympathy on it.

Rai Bahadur Lakshmidhar Mahanti B. L. M. L. C., Advocate, Deputy President B. & O. Council, has been a sincere supporter of the undertaking since its inception, and his interest in its progress continues unabated.

My revered preceptor, the late Mr. M. S. Das C I. E., to whom I owe a great debt of gratitude, is no more in the land of the living to encourage and guide me. I cherish a living faith that he has been blessing the work from heaven and pleading for its completion before the Heavenly Father.

## My illustrious patrons.

E. C. Gibson Esq. C. I. E., I. C. S., Agent to the Governor General Eastern States Agency (now on leave), has expresesd his appreciation of the work and extended his patronage by officially subscribing for a complete set and by according me permission to constitute him the patron of the work and reproduce his photo in the frontispiece to this volume. I am grateful to him for his sincere appreciation and solicitude for the completion of the publication.

Sahitya Samrat Raja Vikram Dev Varma, Raja Saheb Jeypore Estate, Vizag, whose name has become a household word throughout Utkal and who is universally respected and loved for his matchless liberality, erudition, authorship and national service, has been a staunch and indefatigable prop of this undertaking for the last 15 years. His intimate connection with this work has been repeatedly and gratefully acknowledged in the previous volumes. When, after the completion of the draft manuscripts, a printed appeal for help was circulated to the Maharajas, Rajas and noblemen of Utkal, and before he had adorned the guddee of Jeypore, he very gladly joined in the appeal as

## The Compiler and prominent assistants of the work.



The Compiler
ଭାଷାକୋଷର ସମ୍ପାଦକ



Sreemati Pitambari Debi
ଶ୍ରୀମତୀ ପୀତାମ୍ବରୀ ଦେବୀ



Padmacharan Das
ଶ୍ରୀ ପଦ୍ମଚରଣ ଦାସ



Pandit Kulamani Das
ପଣ୍ଡିତ ଶ୍ରୀ କୁଳମଣି ଦାସ



Ramchandra Rath
ଶ୍ରୀ ରାମଚନ୍ଦ୍ର ରଥ

U. S. Press, Cuttack.

prominent signatory. His photo was appended to the first volume. By according me kind permission to dedicate this volume to him he has enabled me to discharge, in part, a debt of lasting friendship and deep affection spread over the last 30 years. It is no exaggeration to say that so long as he is there in the guddee of the premier Oriya Estate to patronise literature, art and culture, this national monument, dedicated to the Goddess of Learning, will not be left without the coping stone being set to complete t. May Mother Utkal be glorified with his Rajasree (royal effulgence).

Mr. G. E. Fawcus M. A., C. I. E., I. E. S. Director of Public Instruction Bihar and Orissa, has been the helmsman of the undertaking since its inception. With him at the wheel the Bhashakosha has weathered many a storm and fog. His great appreciation of the manuscripts strengthened the hands of the Honble Mr. J. A. Hubback to recommend to the Government of B & O to contribute substantially to the publication, revision and subscription of the work. It was he who succeeded in prevailing upon the Patna University to make a generous grant. His advice and help enabled the work to secure publicity in Europe. He has still kept a vigilant watch over the progress of the publication.

I deem it a pious duty to allude to the sincere support and patronage which this work and its humble compiler have secured from the Hon'ble Mr. J. A. Hubback M. A., C. S. I., I. C. S. sometime Commissioner of the Orissa Division, now member of the Board of Revenue B & O, on leave. To him the first volume was dedicated as an humble token of the author's gratitude for what he has done to give the publication a good start by strongly recommending for a princely Government grant. During his visit to Cuttack, some months ago, as Chairman of the New Orissa Province Enquiry Committee he evinced great anxiety to help me in completing the publication. The debt I owe him is beyond any hope of redemption.

The Hon'ble Mr. C. L. Philip M. A., C. I. E., I. C. S. sometime Commissioner of the Orissa Division and now member of the Board of Revenue B & O, had been of immense help to me in correcting the proof-sheets of the 2nd and 3rd volumes. Though he is no longer amongst us, he has testified in no uncertain terms to his solicitude for the completion of the publication. Love for the Oriya nation has become ingrained in his nature.

Raja Narayan Prasad Deb, Ruling Chief, Baudh State, Orissa, was constituted patron for the 3rd volume, and the same was dedicated to him in acknowledgement of his liberal donation, but for which it would have been impossible to bring it out. He has still a kind and watchful eye on the progress of the publication.

Raja Kishor Chandra Deb, Ruling Chief, Athmallik State, Orissa, has been prompt in relieving me whenever there has been financial strain in the course of the publication of the successive volumes. I have never approached him in times of dire necessity without getting a noble and spontaneous response. Whenever he meets any person from Cuttack, his first eager enquiry is about the progress of the publication of the Bhashakosha. The words of encouragement and assurance he gave me two years ago are still ringing in my ears. Even when he was confined to bed in the Cuttack General Hospital after a serious gun accident last month he used to enquire of the progress of the publication from persons who called on him there.

Raja Radhanath Bebarta Patnaik who now graces the guddee of the Athgarh State, Orissa, as its Ruling Chief, has been as solicitous as before about the progress of the publication of the labours of his gifted father's humble friend.

It is hoped that the enlightened Ruler of the Mayurbhanj State, Orissa, Maharaja Pratap Chandra Bhanj Deo, whose generous response to my appeal for help made me connect the name of his late lamented brother, Maharaja Purnna Chandra, to the title of this lexicon, will continue his patronage of the work, and that the Maharaja himself and the spirit of the late Maharaja, from above, will not let this national monument remain incomplete.

Maharaja Braja Mohan Deb, the Maharaja of Kalahandi State, Orissa, who was the 1st person

to help me with a substantial sum to meet the charges for the revision of the manuscripts before the world knew anything of my labours, and who is the biggest advance subscriber to this work, the Raja Saheb of Parlakhemidi, the Raja Bahadur of Dharakote, the Raja Saheb of Khallikota and Athagada, in the district of Ganjam, do still bestow upon the undertaking a kind thought and good wishes.

**Number of copies sold and presented.**

Up to date 350 sets of the work have been subscribed for and 50 sets have been presented to distinguished patrons, well-wishers, assistants and prospective supporters. I have been receiving advance orders from Europe as before.

**Bestowal of honour on the compiler.**

His Most Gracious Majesty's Kaiser-I-Hind silver medal, referred to in the 3rd volume, was presented to me at a Durbar convened by His Excellency, the Governor of Bihar and Orissa, at Ranchi on 16-9-1933.

On 15-5-1934 the 2nd sitting of the All Orissa Poets' Conference was held at Berhampore, District Ganjam, under the presidency of Raja Madan Mohan Singh Deb Bahadur of Dharakote and was attended by Raja Ramchandra Mardaraj Deb of Khallikota and Athagada, Raja Purnna Chandra Harichandan Deb of Surangi and Raja Radhamohan Rajendra Deb, the retired Raja of Chikiti, District Ganjam. It was attended also by several hundreds distinguished Zamindars, advocates, pleaders, merchants, authors, poets, artists, dramatists and lovers of literature and art and students from all parts of Orissa and specially Ganjam. The Conference presented to me an address couched in flattering terms and alluding to my humble labours in connection with the lexicon. The next day the Conference passed a resolution recording the sympathy of the people and of the Rajas and noblemen of Utkal with the undertaking and wishing its publication a speedy completion. This has convinced me beyond a shadow of a doubt that my countrymen have appreciated my labours and are anxious to see the work published without delay.

**Financial outlook, receipts and requirements.**

Each of the 6 volumes is costing Rs 12000/- for printing and Rs 3000/- for revision and fair copying. Thus, the whole work of 6 volumes is estimated to cost Rs. 90000/-. Towards the required cost of publication Rs 41800/- has been secured in cash and promises including the sums paid by the Government and by the Patna University and Rs. 7200/- has been contributed towards the cost of revision. A sum of Rs. 8000/- has been raised in the shape of advance subscriptions and a sum of Rs. 10000/- has been borrowed. Thus, up to date, provision has been made to the tune of Rs. 67000/-, and a sum of Rs. 23000/- is still to be provided for before the last volume is out. For this I depend upon the generosity of a few of the patrons of learning of whom mother Utkal is justly proud.

**The present and future price of the work.**

Before the printing of the manuscripts had been undertaken it had been estimated, in consultation with 3 specialists, that the whole work would occupy 3600 pages, bound in 2 volumes, and the advance subscription was fixed at Rs. 30/ per set. As the printing of the successive volumes has progressed, it has now been found that the complete work will occupy 8000 pages, bound in 6 volumes. So, in consideration of the rise in the publication charge, the price has been gradually enhanced. It is now fixed at Rs. 80/- per set of 6 volumes, and the cash price of each volume is fixed at Rs. 18/- for the present. When the cost price of the 6 volumes is taken into consideration, each set costs Rs. 90/-, and after keeping a small margin for the book-seller and the compiler, the cash price of the 6 volumes, when published, will never be below Rs. 100/-. It may be stated here that no further sum is charged on advance subscribers who enrolled themselves as such by paying in full the advertised advance price for the complete work at the time when the offer was open for the lesser amount.

**The expected time-limits for the publication of the succeeding volumes.**

Unless there is insuperable financial or any other difficulty, the 5th and 6th volumes will be

# The workers in the publication

ଏ ଗ୍ରନ୍ଥ ପ୍ରକାଶର ସହକର୍ମିଗଣ



Krishna Chandra Misra M A. B.L.

ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର ଏମ୍. ଏ , ବି ଏଲ୍.



Samant Narsingha Mahapatra

ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର



Satindranarayan Ray M A., B.L.

ଶ୍ରୀ ସତୀନ୍ଦ୍ରନାରାୟଣ ରୟ୍ ଏମ୍ ଏ., ବି. ଏଲ୍.



Bhubaneswar Misra

ଶ୍ରୀ ଭୁବନେଶ୍ୱର ମିଶ୍ର



Goloka Chandra Pradhan

ଗୋଲୋକଚନ୍ଦ୍ର ପ୍ରଧାନ

U. S. Press, Cuttack,

published at intervals of 10 months each; and it is hoped that the publication will have been completed by the end of the year 1935.

The compiler's fond dream of connecting this work with the sacred name of His Most Gracious Majesty, the King Emperor of India, has had to be given up, as some of the distinguished patrons are of opinion that the previous volumes having been connected as patrons and dedicatees, with the names of personages, occupying lesser position than His Majesty, it would not look well to dedicate the last volume to His Most August Majesty.

### Conclusion.

Many friends have expressed disappointment that the high price of this work makes the purchase of it beyond the reach of men of moderate means. To console them I beg to state that it is in contemplation to bring out cheaper editions extracted and compiled from this work ( e. g. Popular edition, Student's edition, Pocket edition, Mythological dictionary, Ayurvedic dictionary), after the publication of the last volume. These cheaper editions will be within the means of all. No attempt has yet been made to bring out the cheaper editions, as attention diverted thereby from the main work may result in delay in its early completion. If any publisher is desirous of publishing any cheaper edition by extracting from this work, I shall be ready to consider such proposal from a business point of view.

Lastly it is hoped that the Grace of the Almighty Father in Heaven, which has brought the publication of the Oriya Lexicon and the proposal of the formation of the Orissa Province to the present stages, will bring both to completion side by side, and that the Oria language and the Oria nation will occupy their legitimate places of honour in the eyes of the civilised world. May God's Will be done.

CUTTACK.<br>*June, 1934.*

GOPAL CHANDRA PRAHARAJ.

## Prominent wellwishers and volunteers of the undertaking

ମୋର ବିଶିଷ୍ଟ ସହାୟକ ଓ ସ୍ୱେଚ୍ଛାକର୍ମୀ



**Srijut Viswanath Kar,**
ଶ୍ରୀଯୁକ୍ତ ବିଶ୍ୱନାଥ କର
ଭାଷାବୋଧର ପ୍ରକାଶକ



**Rai Bahadur Lakshmidhar Mahanty,**
**B. L., M. L. C., Advocate.**
ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି, ବି. ଏଲ୍



**Babu Bamdeb Misra' B. A.**
Dewan, Athmallik State, Orissa.
ବାବୁ ବାମଦେବ ମିଶ୍ର, ବି. ଏ.
ଦେୱାନ, ଅଠମଲ୍ଲିକ ଷ୍ଟେଟ, ଓଡ଼ିଶା



**Babu Batakrushna Mahanty B. A.**
Dewan, Baudh State, Orissa.
ବାବୁ ବଟକୃଷ୍ଣ ମହାନ୍ତି, ବି. ଏ.
ଦେୱାନ, ବୌଦ ଷ୍ଟେଟ, ଓଡ଼ିଶା



**Babu Amarendra Ballabh Dey**
**M. A., B. L.**
Asst. Superintendent Bamra State, Orissa.
ବାବୁ ଅମରେନ୍ଦ୍ରବଲ୍ଲଭ ଦେ, ଏମ୍. ଏ., ବି. ଏଲ୍.
ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ, ବାମଡ଼ା ଷ୍ଟେଟ, ଓଡ଼ିଶା

U. S. Press, Cuttack.

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ

# ଚତୁର୍ଥ ଖଣ୍ଡର ଅବତରଣିକା ।

## ପ୍ରାରମ୍ଭିକ ମନ୍ତବ୍ୟ—

ଭଗବତ୍କୃପାରୁ ଭାଷାକୋଷର ଚତୁର୍ଥ ଖଣ୍ଡ ପ୍ରକାଶିତ ହେଲା । ଏ ଖଣ୍ଡରେ 'ଫ' ଅକ୍ଷର ଶେଷ ହେବ ଓ ଏହା ୧୯୩୪ ସାଲ ମାର୍ଚ୍ଚ ମାସରେ ପ୍ରକାଶିତ ହେବ ବୋଲି ତୃତୀୟ ଖଣ୍ଡର ପ୍ରକାଶ ସମୟରେ ଅନୁମାନ କରି ଯାଇଥିଲେହେଁ ଚତୁର୍ଥ ଖଣ୍ଡରେ 'ପ' ଅକ୍ଷର ମାତ୍ର ସମାପ୍ତ ହେଲା ଓ ଏହାର ପ୍ରକାଶ ପାଇଁ ଅଧିକା ୩ ମାସ ଗଡ଼ି ଗଲା । ଭାଷାକୋଷର ପୂର୍ବବର୍ତ୍ତୀ ଖଣ୍ଡମାନ ହାରାହାରି ୧୨୦୦ ପୃଷ୍ଠା ଲେଖାଏଁ ଅଧିକାର କରିଥିଲା; କିନ୍ତୁ ଚତୁର୍ଥ ଖଣ୍ଡରେ 'ଫ' ଅକ୍ଷର କଥା ଦୂରେ ଥାଉ, 'ପ' ଅକ୍ଷର ଶେଷ ହେବାକୁ ୧୬୦୦ ପୃଷ୍ଠା ଲାଗିଲା, ଅର୍ଥାତ୍ ଅନ୍ୟ ଖଣ୍ଡମାନଙ୍କ ଅପେକ୍ଷା ଏ ଖଣ୍ଡରେ ୪୦୦ ପୃଷ୍ଠା ଅଧିକା ଲାଗିଲା । ଅତଏବ ପୂର୍ବ ଅଟକଳ କରି ଯାଇଥିବା ୧୦ ମାସ ପରିବର୍ତ୍ତେ ପୂର୍ଣ୍ଣ ତେର ମାସ ବିତି ଗଲା । ଏହା ଛଡ଼ା ଏ ଖଣ୍ଡର ଅର୍ଥସଂସ୍ଥାନ ପାଇଁ ମଧ୍ୟ ବିଶେଷ ଲଣ୍ଡଭଣ୍ଡ ହେବାକୁ ହୋଇଅଛି । ପୂର୍ବ ଖଣ୍ଡମାନଙ୍କର ଅବତରଣିକାରେ ସମଗ୍ର ଗ୍ରନ୍ଥର ଅର୍ଥ ସମସ୍ୟା ବିଷୟ ସୂଚିତ ହୋଇଅଛି । ପାଣ୍ଡୁଲିପିମାନ ଯେତେବେଳେ ମୁଦ୍ରିତ ହୋଇ ନ ଥିଲା, ସେତେବେଳେ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କ ଇଙ୍ଗିତକ୍ରମେ ମୁଦ୍ରାଯନ୍ତ୍ର ସମ୍ବନ୍ଧରେ ବହୁଦର୍ଶୀ ତିନିଜଣ ବିଶେଷଜ୍ଞଙ୍କ ପରାମର୍ଶରେ ଅଟକଳ କରାଯାଇଥିଲା ଯେ ସମଗ୍ର ମୁଦ୍ରିତ ଗ୍ରନ୍ଥ ଦୁଇ ଖଣ୍ଡରେ ଓ ୩୬୦୦ ପୃଷ୍ଠାରେ ସମାପ୍ତ ହେବ ଏବଂ ତହିଁର ମୁଦ୍ରଣରେ ୨୮ ହଜାର ଚାରି ଶହ ଟଙ୍କା ଲାଗିବ । ଏହି ବିବେଚନାରେ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟ "ମୁଦ୍ରଣ ବ୍ୟୟର ଅର୍ଦ୍ଧେକ" ଅର୍ଥାତ୍ ୧୪ ହଜାର ଦୁଇ ଶହ ଟଙ୍କା ଦେବାକୁ ଆଜ୍ଞା କଲେ । ବାକି ଅଧେକ ମାତୃଭାଷାନୁରାଗୀ ଧନୀକମାନଙ୍କ ବଦାନ୍ୟତା ପୂରଣ କରିବ—ଏହି ଆଶାରେ ମୁଦ୍ରଣ କାର୍ଯ୍ୟରେ ହସ୍ତକ୍ଷେପ କରାଗଲା । କିନ୍ତୁ ପ୍ରଥମ ଖଣ୍ଡ ମୁଦ୍ରିତ ହେବା ପରେ କ୍ରମଶଃ ଦେଖା ଗଲା ଯେ—ସମଗ୍ର ମୁଦ୍ରିତ ଗ୍ରନ୍ଥ ଅନ୍ତତଃ ୭ ହଜାର ପୃଷ୍ଠାରେ ଓ ୭ ଖଣ୍ଡରେ ସମାପ୍ତ ହେବ ଏବଂ ଏଥିର ମୁଦ୍ରଣାଦି ବ୍ୟୟରେ ପ୍ରାୟ ନବେ ହଜାର ଟଙ୍କା ଲାଗିବ । ବର୍ତ୍ତମାନ ସମଗ୍ର ସଂସାରକୁ ଓ ବିଶେଷତଃ ଗଭର୍ଣ୍ଣମେଣ୍ଟଙ୍କୁ ଯେଉଁ ଦୁରୂହ ଅର୍ଥ-ସଙ୍କଟ ପଡ଼ି ଅଛି, ସେଥିଯୋଗୁଁ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କଠାରୁ ପ୍ରାପ୍ତ ସାହାଯ୍ୟ ଅପେକ୍ଷା ଅଧିକା ସାହାଯ୍ୟର ଆଶୁ ପ୍ରାପ୍ତ୍ୟାଶା ଆପାତତଃ ତ୍ୟାଗ କରିବାକୁ ପଡ଼ିଅଛି ଓ ଦେଶର ସାହିତ୍ୟାନୁରାଗୀ ବଦାନ୍ୟ ବ୍ୟକ୍ତିମାନଙ୍କଠାରୁ ସାହାଯ୍ୟ ପ୍ରାପ୍ତି ଛଡ଼ା ଏ ଗ୍ରନ୍ଥପ୍ରକାଶର ଉପାୟାନ୍ତର ନ ଥିବାରୁ ସେମାନଙ୍କ ମୁକ୍ତହସ୍ତତା ଉପରେ ଆଶା ଓ ଭଗବାନଙ୍କ ଅପରିମେୟ କରୁଣା ଉପରେ ଅଟଳ ବିଶ୍ୱାସ ସ୍ଥାପନ କରି ଏ ଗ୍ରନ୍ଥର ମୁଦ୍ରଣାଦି ଆଜି ପର୍ଯ୍ୟନ୍ତ ଚଳାଇବାକୁ ପଡ଼ି ଅଛି । ଅବଶ୍ୟ ମା ସରସ୍ୱତୀ ଉତ୍କଳର ସ୍ୱନାମଧନ୍ୟ କତିପୟ ଲକ୍ଷ୍ମୀପୁତ୍ର ଓ ଗୁଣୀମାନଙ୍କ ହୃଦୟରେ ବିଜେ କରି ଆଜି ପର୍ଯ୍ୟନ୍ତ (ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ସାହାଯ୍ୟ ଛଡ଼ା) ସେମାନଙ୍କ ଦୟାରୁ ପ୍ରାୟ ତିରିଶ ହଜାର ଟଙ୍କାର ସଂସ୍ଥାନ କରାଇ ଅଛନ୍ତି ଓ ପାଟଣା ବିଶ୍ୱବିଦ୍ୟାଳୟରୁ ପାଞ୍ଚ ହଜାର ଟଙ୍କା ସାହାଯ୍ୟ ମିଳି ଅଛି ।

ପ୍ରଭୁ ଯେଉଁମାନଙ୍କୁ ଧନଶକ୍ତି ଓ "ବିଭବେ ଦାନଶକ୍ତିଶ୍ଚ" ଦେଇ ଅଛନ୍ତି, ମୁଁ ସେମାନଙ୍କ ନିକଟରେ ଉପସ୍ଥିତ ହୋଇ ସାହାଯ୍ୟ ପ୍ରାର୍ଥନା କରିବାରେ କେତେକ ସହୃଦୟ ବ୍ୟକ୍ତି ମୁକ୍ତହସ୍ତ ହୋଇ ପ୍ରତିଶ୍ରୁତି ପୂରଣାର୍ଥ ଉଲ୍ଲିଖିତ ଆଶାଠାରୁ ଅଧିକ ଧନ ସାହାଯ୍ୟ ଦେଲେ । ଯେଉଁ କେତେକ ଦାତା ନିର୍ଦ୍ଦିଷ୍ଟ ସାହାଯ୍ୟ ଦେବାକୁ ପ୍ରତିଶ୍ରୁତ ହେଲେ ଓ ଯେଉଁ କେତେକ ବ୍ୟକ୍ତି ସାହାଯ୍ୟର ପରିମାଣ ପ୍ରକାଶ ନ କରି ସାହାଯ୍ୟ କରିବେ ବୋଲି ବଚନ ଓ ଆଶା ଦେଇଥିଲେ, ସେମାନଙ୍କ ମଧ୍ୟରୁ କେତେଜଣ ନିଜ ନିଜର ପ୍ରତିଶ୍ରୁତି ରକ୍ଷା କଲେ ନାହିଁ, କିମ୍ବା କରିବାକୁ କୁଣ୍ଠିତ ହେଲେ ବା ବିଳମ୍ବ କଲେ । ଏମନ୍ତ କି, କେହି କେହି ଦାତା ପ୍ରତିଶ୍ରୁତ ସାହାଯ୍ୟର କେତେକ ଅଂଶ ଦେବା ପରେ ବାକି ଅଂଶ ଦେବାକୁ ନାସ୍ତି କରିଦେଲେ । "ବଡ଼ଲୋକଙ୍କୁ ଉତ୍ତର ନାହିଁ, କି, ସ୍ୱର୍ଗକୁ ନିଶୁଣୀ ନାହିଁ" ଏହି ପ୍ରବଚନକୁ ଓ ଉତ୍କଳର ଜଳବାୟୁକୁ ଆଦରି, ଋଣ କରି ଏ ବ୍ୟୟ ତୁଲାଇବା ଛଡ଼ା ସଂଗ୍ରାହକର ଉପାୟାନ୍ତର ରହିଲା ନାହିଁ । ଅତଏବ କେତେକ ବିଶିଷ୍ଟ ବ୍ୟକ୍ତିଙ୍କର ପ୍ରତିଶ୍ରୁତିର ପ୍ରତ୍ୟାହାର ଓ ପ୍ରତିଶ୍ରୁତି ପାଳନ ବିଷୟରେ ଅଯଥା ବିଳମ୍ବ ଏବଂ କଳେବରବୃଦ୍ଧି ଏ ଗ୍ରନ୍ଥର ଚତୁର୍ଥଖଣ୍ଡ ପ୍ରକାଶରେ ବିଳମ୍ବ ହେବାର ମୁଖ୍ୟ କାରଣ ହୋଇ ପଡ଼ିଅଛି ।

ଦେଶହିତକର ଅନୁଷ୍ଠାନ ପାଇଁ ପ୍ରତିଶ୍ରୁତିଦାତାମାନଙ୍କୁ ବିଚାରାଳୟ ଦ୍ୱାରା ବାଧ୍ୟ କରି ଅଙ୍ଗୀକାର ପାଳନ କରାଇବାର ବ୍ୟବସ୍ଥା ବା ଆଇନ୍ ନ ଥିଲେହେଁ ଉତ୍କଳର ଭବିଷ୍ୟତ୍ ଇତିହାସରେ ଓ ସଭ୍ୟଜଗତର ବିଦ୍ୱଜ୍ଜନ-ମଣ୍ଡଳୀଙ୍କ ଦରବାରର ନୋଟିସ୍ ବୋର୍ଡ଼ (ବିଜ୍ଞାପନ ଫଳକ)ରେ ଏ ପ୍ରତିଶ୍ରୁତି ପ୍ରତ୍ୟାହାରକମାନଙ୍କର ତାଲିକା ଦିନେ ଯେ ପ୍ରକାଶ ପାଇବ, ଏଥିରେ ତିଳାର୍ଦ୍ଧ ସନ୍ଦେହ ନାହିଁ । ଏପରି ନାମବଡ଼ା ଦାତାମାନଙ୍କ ଅପେକ୍ଷା ମୂଳରୁ ଏକାପଦକେ ସାହାଯ୍ୟ ଦେବାକୁ ମନା କରିଦେବା ବା ସାହାଯ୍ୟ ଲାଭର ଆଶା ଭଙ୍ଗି ଦେବା ଅଦାତା ଶତଗୁଣେ ବରେଣ୍ୟ ଅଟନ୍ତି ।

## ୪ର୍ଥ ଖଣ୍ଡରେ ସନ୍ନିବେଶିତ ବିଷୟ—

ଓଡ଼ିଆ ଭାଷାରେ ସ୍ୱରବର୍ଣ୍ଣ ୧୩ଟି ଓ 'ୟ'କୁ ମିଶାଇ ବ୍ୟଞ୍ଜନବର୍ଣ୍ଣ ୩୪ଟି, ଏପରି ମୋଟରେ ୪୭ଟି ଅକ୍ଷର ମଧ୍ୟରୁ ପ୍ରଥମ ଖଣ୍ଡରେ ସମସ୍ତ ସ୍ୱରବର୍ଣ୍ଣ, ଦ୍ୱିତୀୟ ଖଣ୍ଡରେ 'ୟ'କୁ ମିଶାଇ ୭ଟି ବ୍ୟଞ୍ଜନ ବର୍ଣ୍ଣ, ତୃତୀୟ ଖଣ୍ଡରେ ୧୨ଟି

ଓ ଚତୁର୍ଥଖଣ୍ଡରେ ୪ଟି ବ୍ୟଞ୍ଜନବର୍ଣ୍ଣ, ଏରୂପେ ୪ ଖଣ୍ଡରେ ୩୫ଟି ଅକ୍ଷର ସନ୍ନିବେଶିତ ହେଲା । ବାକି ଥିବା ଆଉ ୧୨ଟି ବର୍ଣ୍ଣ ଆଉ ଦୁଇ ଖଣ୍ଡରେ ସମାପ୍ତ ହେବ ବୋଲି ଆଶା କରାଯାଉଅଛି ।

## ଗ୍ରନ୍ଥର କଳେବର କମାଇବା ପାଇଁ ଚେଷ୍ଟା—

"ଭବନ୍ତି ନିଙ୍କତମାଃ କ୍ରମଶୋ ଜନାଃ"

ଗ୍ରନ୍ଥର କଳେବର କମାଇବା ପାଇଁ ତୃତୀୟ ଖଣ୍ଡରେ ଯେଉଁ ଚେଷ୍ଟା ହୋଇଥିଲା ଚତୁର୍ଥ ଖଣ୍ଡରେ ତାହା (ଅର୍ଥାତ୍ ବନ୍ଧନୀ ସାହାଯ୍ୟରେ ଏକ ଶବ୍ଦର ଏକାଧିକ ଆକାର ପ୍ରକାଶ, ଗୋଟିଏ ଶବ୍ଦତଳେ ଉକ୍ତଶବ୍ଦର ଅନ୍ୟରୂପ ଓ ତତ୍ପ୍ରକୃତିଜାତ ଅନ୍ୟ ଶବ୍ଦମାନଙ୍କର ଉଲ୍ଲେଖ) ଅନୁସୃତ ହୋଇଅଛି । ପୂର୍ବବର୍ତ୍ତୀ ଖଣ୍ଡମାନଙ୍କରେ ପ୍ରତ୍ୟେକ ପୃଷ୍ଠାର ଶିରୋଦେଶରେ ଯେଉଁ ଟିପ୍ପଣୀ ସନ୍ନିବେଶିତ ହୋଇଥିଲା, ଏ ଖଣ୍ଡରେ ତାହା ପ୍ରତ୍ୟେକ ପୃଷ୍ଠାରେ ଦିଆ ନ ଯାଇ ମଝିରେ ମଝିରେ ଶହେ ପୃଷ୍ଠା ଅନ୍ତରରେ ଓ ଅକ୍ଷରମାନ ଆରମ୍ଭ ହେବା ପୃଷ୍ଠାମାନଙ୍କ ଶିରୋଭାଗରେ ମାତ୍ର ଦିଆଯାଇଅଛି । ଏତଦ୍ଦ୍ୱାରା ଅଭିଧାନର ଅଙ୍ଗୀଭୂତ ବିଷୟ ପାଇଁ ପ୍ରତି ପୃଷ୍ଠାରେ ଗୋଟିଏ ସ୍ଥାନ ମିଳିଅଛି । ଶବ୍ଦମାନଙ୍କର ବିଭିନ୍ନ ଅର୍ଥମାନଙ୍କୁ ଏକାଦିକ୍ରମେ ଧାଡ଼ିମୂଳଆ ଲଗାଲଗି କରି ଛାପିବାର ପ୍ରସ୍ତାବକୁ ମୁଁ ଆଜିପର୍ଯ୍ୟନ୍ତ ଗ୍ରହଣ କରିବାକୁ ପଶ୍ଚାତ୍ପଦ ହୋଇଅଛି, କିନ୍ତୁ ବର୍ତ୍ତମାନ ଅନୁଭୂତ ଅର୍ଥସଙ୍କଟ ପରବର୍ତ୍ତୀ ଖଣ୍ଡମାନଙ୍କରେ ଏ ପ୍ରସ୍ତାବିତ ପଦ୍ଧତିକୁ ଗ୍ରହଣ କରିବାକୁ ମୋତେ ବାଧ୍ୟ କରିବ ବୋଲି ଆଶଙ୍କା ହେଉଅଛି ।

## ଶବ୍ଦ ସଂଖ୍ୟା—

ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଖଣ୍ଡମାନଙ୍କରେ 'ଥ' ଅକ୍ଷର ପର୍ଯ୍ୟନ୍ତ ଶବ୍ଦ-ସଂଖ୍ୟା ୬୨ ହଜାର ହୋଇଥିଲା । ୪ର୍ଥ ଖଣ୍ଡରେ ଦ, ଧ, ନ ଓ ପ ଅକ୍ଷରମାନଙ୍କର ଶବ୍ଦ ସଂଖ୍ୟା ୩୪ ହଜାର ହେଲା । ଅତଏବ ଆଜି ପର୍ଯ୍ୟନ୍ତ ପ୍ରଥମ ୪ ଖଣ୍ଡରେ 'ପ' ଅକ୍ଷର ଶେଷ ପର୍ଯ୍ୟନ୍ତ ୯୬ ହଜାର ଶବ୍ଦ ସ୍ଥାନ ପାଇଲା । ତୃତୀୟ ଖଣ୍ଡର ଅବତରଣିକାରେ ସମଗ୍ର ଗ୍ରନ୍ଥରେ ସନ୍ନିବେଶିତ ଶବ୍ଦସଂଖ୍ୟାର ଯେଉଁ ଅଟକଳ (ଏକ ଲକ୍ଷ ପଚିଶି ହଜାର) କରା ଯାଇଥିଲା ତାହା ଫଳରେ କିଅଣ ହେବ, ଗ୍ରନ୍ଥ ସମାପ୍ତି ପରେ ଜଣା ପଡ଼ିବ । ତଥାପି ଏ ଗ୍ରନ୍ଥରେ ବହୁ ସହସ୍ର ପ୍ରାଦେଶିକ, ବୈଜ୍ଞାନିକ, ପାରିଭାଷିକ, ପ୍ରାଚୀନ ବ୍ୟବହାରସିଦ୍ଧ, ଗ୍ରାମ୍ୟ ଓ ଘରୋଇ ଶବ୍ଦ ସ୍ଥାନ ପାଇ ପାରି ନାହିଁ, ଏହା ମୁଁ ପୂର୍ବରୁ ସ୍ୱୀକାର କରି ଅଛି । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ରୂପ ମୂଳଭିତ୍ତି ଉପରେ ଦେଶର ଭବିଷ୍ୟତ୍ କର୍ମୀମାନେ ନୂତନ ଶବ୍ଦ ଯୋଜନା ରୂପ ଉଦ୍ଧନ କର୍ମ କରି ଭାଷାର ଶବ୍ଦସମ୍ପଦକୁ ପରିପୁଷ୍ଟ କରିବେ ବୋଲି ମୁଁ ଆଶା କରୁଅଛି ।

## ଅଭିଧାନ ଗ୍ରନ୍ଥମାନ—

ପୂର୍ବବର୍ତ୍ତୀ ଖଣ୍ଡମାନଙ୍କ ସଙ୍କଳନରେ ବ୍ୟବହୃତ ଅଭିଧାନ ଗ୍ରନ୍ଥମାନଙ୍କ ଛଡ଼ା ଏ ଖଣ୍ଡରେ ଆଉ ଯେଉଁ ଯେଉଁ ଗ୍ରନ୍ଥରୁ ବିଷୟମାନ ଉଦ୍ଧାର କରା ଯାଇ ଅଛି ତାହା ଅଭିଧାନଗ୍ରନ୍ଥସୂଚୀରେ ସନ୍ନିବେଶିତ ହେଲା । ହିନ୍ଦୀ ଭାଷାର ସୁପ୍ରସିଦ୍ଧ ଅଭିଧାନ "ହିନ୍ଦୀ ଶବ୍ଦସାଗର"ରେ ଥିବା ବହୁମୂଲ୍ୟ ଟୀକାମାନ ମୋର ପ୍ରଧାନ ଅବଲମ୍ବନ ହୋଇ ଅଛି ବୋଲି ମୁଁ କୃତଜ୍ଞତା ସହକାରେ ସ୍ୱୀକାର କରୁଅଛି ।

## ଏ ଗ୍ରନ୍ଥର ଅବଶ୍ୟମ୍ଭାବୀ ଅପୂର୍ଣ୍ଣତା—

ଶିକ୍ଷା, ସଭ୍ୟତା ଓ ଜ୍ଞାନଚର୍ଚ୍ଚାର ବୃଦ୍ଧି ସଙ୍ଗେ ଜୀବନ୍ତ କଥ୍ୟ ଭାଷାରେ ପ୍ରତିଦିନ ଶତଶତ ନୂତନ ଶବ୍ଦର ସୃଷ୍ଟି ହେଉଅଛି ଓ ଅନ୍ୟଭାଷାମାନଙ୍କରୁ ଶବ୍ଦମାନ ଆସି ଅବିକଳ ବା ଅପଭ୍ରଷ୍ଟ ଆକାରରେ ପ୍ରବେଶ କରୁଅଛି । ସେଗୁଡ଼ିକ ପୂର୍ଣ୍ଣରୂପେ ସଂଗ୍ରହ କରିବା ଜଣକ ପକ୍ଷରେ ଅସମ୍ଭବ । ତେବେ ଯେଉଁ ଅକ୍ଷରମାନ ଅଦ୍ୟାବଧି ପ୍ରକାଶିତ ହୋଇ ନାହିଁ ତତ୍ତତ୍ ଅକ୍ଷରାଦ୍ୟ ନୂତନ ଶବ୍ଦମାନ ମୋ ଦୃଷ୍ଟିରେ ପଡ଼ିଲେ ତାହା ପାଣ୍ଡୁଲିପିରେ ଯଥାସ୍ଥାନରେ ଯୋଗ କରୁଅଛି ଓ ଯେଉଁ ଅକ୍ଷରମାନଙ୍କର ମୁଦ୍ରଣ ସମାପ୍ତ ହେଲାଣି ତତ୍ତତ୍ ଶବ୍ଦମାନ ଗୋଟିଏ ସ୍ୱତନ୍ତ୍ର ପାଣ୍ଡୁଲିପିରେ ଟିପି ରଖୁଅଛି । ମୁଁ ବିଶେଷଜ୍ଞ ନୁହେଁ, କିମ୍ବା ଏ ଅଭିଧାନକୁ ଜ୍ଞାନର କୌଣସି ଶାଖାର ବିଶିଷ୍ଟ ଅଭିଧାନ ଗ୍ରନ୍ଥ ବୋଲିବାକୁ ଆସ୍ଫାଳନ କରୁ ନାହିଁ । ଏଥିରେ ଶବ୍ଦମାନଙ୍କ ଅର୍ଥ ଓ ଯେଉଁଠାରେ ପାରିଅଛି ସେଠାରେ ଶବ୍ଦମାନଙ୍କ ସମ୍ବନ୍ଧରେ ସଂକ୍ଷିପ୍ତ ସୂଚନା ଓ ଦିଗ୍‌ଦର୍ଶନ ମାତ୍ର କରିଅଛି । ଅଧିକାଂଶ ଅର୍ଥ ଓ ଟୀକା ପ୍ରାମାଣିକ ଗ୍ରନ୍ଥ ଓ ଅଭିଧାନମାନଙ୍କରୁ ସଂଗ୍ରହ କରିଅଛି । ସେହି ଅଭିଧାନ ଗ୍ରନ୍ଥମାନଙ୍କରେ ମଧ୍ୟ ଠାଏ ଠାଏ ଭ୍ରମ ପ୍ରମାଦ ଥାଇ ପାରେ । ଅତଏବ ଏ ବିରାଟ ଗ୍ରନ୍ଥରେ ଯେ ଭ୍ରମ ପ୍ରମାଦ ରହିଯିବ, ଏହା ବିଚିତ୍ର ନୁହେଁ । ଯେଉଁମାନେ ଦୟା କରି ଏ ଗ୍ରନ୍ଥରେ ଲକ୍ଷିତ ଭ୍ରମ ପ୍ରମାଦ ପ୍ରତି ମୋ ଦୃଷ୍ଟି ଆକର୍ଷଣ କରି ଅଛନ୍ତି ଓ କରିବେ, ସେମାନେ ମୋର ଗଭୀର କୃତଜ୍ଞତାଭାଜନ । ଇତି ମଧ୍ୟରେ ପ୍ରଥମ ଖଣ୍ଡରେ ପ୍ରଦତ୍ତ 'ଅକ୍ଷାଂଶ' ଶବ୍ଦର ଅର୍ଥରେ ଭ୍ରମ ଥିବା ବିଷୟ ବିହାର ଓଡ଼ିଶା ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ଦୟାରୁ ମୋ ଦୃଷ୍ଟିରେ ପଡ଼ିଲା; ତେଣୁ କଟକ ରେଭେନ୍ସା କଲେଜର ପ୍ରୋଫେସର ଶ୍ରୀଯୁକ୍ତ ହରେକୃଷ୍ଣ ଦାସ ଏମ୍. ଏଙ୍କ ସାହାଯ୍ୟରେ ତାହା ସଂଶୋଧିତ ହୋଇଅଛି । ଚତୁର୍ଥ ଖଣ୍ଡର ୩୬୩୧ ପୃଷ୍ଠାରେ 'ଦ୍ରାଘିମା' ଶବ୍ଦ ତଳେ "ବିଶେଷ ଦ୍ରଷ୍ଟବ୍ୟ" ରୂପେ ପ୍ରଥମ ଖଣ୍ଡରେ ସନ୍ନିବେଶିତ 'ଅକ୍ଷାଂଶ' ଶବ୍ଦର ଅର୍ଥର ସଂଶୋଧନ କରା ଯାଇଅଛି । ମୋର ସର୍ବବିଧ ସାବଧାନତା ସତ୍ତ୍ୱେ ଏ ଗ୍ରନ୍ଥରେ ରହି ଯାଇଥିବା ଭ୍ରମ ପ୍ରମାଦର ନିରାକରଣ କଲେ ଶତ୍ରୁ ମିତ୍ର ସମସ୍ତଙ୍କର ସମାଲୋଚନା ଯେ ମୋର କାମ୍ୟ ଏହା କହିବା ବାହୁଲ୍ୟ ମାତ୍ର । ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ଓଡ଼ିଆ ଜାତିର କୋଠ ସମ୍ପତ୍ତି । ତେଣୁ ଏ ଗ୍ରନ୍ଥର ଭ୍ରମପ୍ରଦର୍ଶନ ଓ ସଂଶୋଧନସୂଚନ ନିମନ୍ତେ ପ୍ରତ୍ୟେକ ଓଡ଼ିଆଙ୍କର ଯେ ପୂର୍ଣ୍ଣ ଅଧିକାର ଅଛି ଏହା ମୁଁ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛି । ନିନ୍ଦୁକର ନିନ୍ଦା ଦ୍ୱାରା ବହୁ ଆୟାସ ସଙ୍କଳିତ ମୋର ପ୍ରାଣୋପମ ଗ୍ରନ୍ଥର ଯେବେ ଠାବେ ଠାବେ ସଂଶୋଧନ କାର୍ଯ୍ୟ ସମାହିତ ହୁଏ, ତେବେ ନିନ୍ଦୁକକୁ ମଧ୍ୟ କୃତଜ୍ଞତା ସହକାରେ ଆଲିଙ୍ଗନ କରିବାକୁ ମୁଁ ବାହୁ ପ୍ରସାରିତ କରି ରଖିଅଛି ।

## ମୋର ସହକର୍ମିଗଣ—

ତୃତୀୟ ଖଣ୍ଡର ଅବତରଣିକାରେ ଯେଉଁ ସହକର୍ମିଗଣଙ୍କ ନାମ ଉଲ୍ଲେଖ କରିଅଛି ସେମାନଙ୍କ ମଧ୍ୟରୁ ଓଡ଼ିଶା ବିଭାଗର ପୂର୍ବତନ କମିସନର ମାନ୍ୟବର ସି. ଏଲ୍. ଫିଲିପ୍ ସାହେବ ଓଡ଼ିଶାରୁ ସ୍ଥାନାନ୍ତରିତ ହୋଇଥିବାରୁ ତାଙ୍କୁ ୪ର୍ଥ ଖଣ୍ଡରେ ସହକର୍ମିରୂପେ ପାଇବାର ସୌଭାଗ୍ୟ ମୁଁ ହରାଇ ଅଛି ।

ମୋ ସହକର୍ମିଣୀ ଶ୍ରୀମତୀ ପୀତାମ୍ବରୀ ଦେବୀ ଓ ସହକର୍ମୀ ଶ୍ରୀଯୁକ୍ତ ବୈଦ୍ୟନାଥ କର, ପଣ୍ଡିତ ଶ୍ରୀ କୁଳମଣି ଦାଶ କାବ୍ୟତୀର୍ଥ, ଶ୍ରୀ କୃଷ୍ଣଚନ୍ଦ୍ର

ମିଶ୍ର ଏମ୍. ଏ, ବି ଏଲ୍, ଶ୍ରୀ ସତୀନ୍ଦ୍ର ନାରାୟଣ ରାୟ ମହାଶୟ ଏମ୍. ଏ, ବି. ଏଲ, ପଣ୍ଡିତ ଶ୍ରୀ ରାମଚନ୍ଦ୍ର ରଥ ସାମନ୍ତ, ଶ୍ରୀମାନ୍ ପଦ୍ମଚରଣ ଦାଶ, ଶ୍ରୀ ଭୁବନେଶ୍ୱର ମିଶ୍ର, ଶ୍ରୀ ଗୋଲୋକଚନ୍ଦ୍ର ପ୍ରଧାନ, ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର ସାମନ୍ତ, ଏମାନେ ପାଣ୍ଡୁଲିପିମାନଙ୍କ ସମ୍ମାର୍ଜନ, ପୁନର୍ଲେଖନ, ସଂଶୋଧନ, ପ୍ରୁଫ୍ ସଂଶୋଧନ ଆଦି କର୍ମରେ ପୂର୍ବାପର ମୋର ସହାୟତା କରିଅଛନ୍ତି । କଟକର ମାରବାଡ଼ୀ ଭାଇମାନଙ୍କ ପ୍ରତିଷ୍ଠିତ 'ଫକିର୍ ବୈଶ୍ୟ ବିଦ୍ୟାଳୟ' ( ମାଇନର ସ୍କୁଲ )ର ହେଡ୍‌ମାଷ୍ଟର୍, ଦ୍ୱାରଭଙ୍ଗା ଜିଲ୍ଲାର ବେହେଟା ଗ୍ରାମବାସୀ ଶ୍ରୀଯୁକ୍ତ ରାମେଶ୍ୱର ଝା ଓ ହେଡ୍‌ପଣ୍ଡିତ ମୁଜଫରପୁର ଜିଲ୍ଲାର ଜନାର୍ଦ୍ଦନପୁର ଗ୍ରାମବାସୀ ଶ୍ରୀଯୁକ୍ତ ତୃପ୍ତିନାରାୟଣ ଠାକୁର ନିୟମିତରୂପେ ଏହି ଖଣ୍ଡରେ ପ୍ରଦତ୍ତ ସହସ୍ରାଧିକ ହିନ୍ଦୀ ପ୍ରତିଶବ୍ଦ ଯୋଗାଇବା ଦ୍ୱାରା ମୋର ଗୋଟିଏ ପ୍ରଧାନ ଅସୁବିଧା ଦୂର କରିଥିବାରୁ ମୁଁ ସେମାନଙ୍କଠାରେ କୃତଜ୍ଞ । ଉତ୍କଳମାତାଙ୍କ କୃତୀ ସନ୍ତାନ, ସୁଲେଖକ ଓ ସୁକବି ଶ୍ରୀମାନ୍ ହରିଶ୍ଚନ୍ଦ୍ର ବଡ଼ାଳ ରେଲ ବିଭାଗର ଉଚ୍ଚ କର୍ମରେ ସୁଦୂର ବୋମ୍ବେ ପ୍ରାନ୍ତରେ ଆବଦ୍ଧ ଥାଇ ମଧ୍ୟ ଏ ଭାଷାକୋଷପାଇଁ ସହସ୍ରାଧିକ ପ୍ରାଦେଶିକ ବାଲେଶ୍ୱରୀ ଶବ୍ଦ ଅର୍ଥ ସହିତ ପ୍ରେରଣ କରି ମୋର ମହୋପକାର ସାଧନ କରି ଅଛନ୍ତି । ପୁରୀର ନାସ୍ତିକବି ଶ୍ରୀମତୀ ଅପର୍ଣ୍ଣା ଦେବୀ ପୁରୀ ଜିଲ୍ଲାର ପ୍ରଚଳିତ କେତେଏ ପ୍ରାଦେଶିକ, ଗ୍ରାମ୍ୟ ଓ ଘରୋଇ ଶବ୍ଦ ସଂଗ୍ରହ କରି ମୋର ଜଣେ ସହକର୍ମିଣୀ ହୋଇ ଅଛନ୍ତି । ଆଠମଲ୍ଲିକ ଷ୍ଟେଟର ଦେୱାନ, ମୋର ସୋଦର ପ୍ରତିମ ଶ୍ରୀମାନ୍ ବାମଦେବ ମିଶ୍ର ବି. ଏ, ବୌଦ୍ ଷ୍ଟେଟର ଦେୱାନ୍ ଶ୍ରୀମାନ୍ ବଟକୃଷ୍ଣ ମହାନ୍ତି ବି.ଏ, ବାମଣ୍ଡା ଷ୍ଟେଟର ଆସିଷ୍ଟାଣ୍ଟ୍ ସୁପରିଣ୍ଟେଣ୍ଡେଣ୍ଟ୍ ଶ୍ରୀମାନ୍ ଅମରେନ୍ଦ୍ର ବଲ୍ଲଭ ଦେ, ଏମ୍. ଏ., ବି. ଏଲ୍ ମୋତେ କେତେଏ ଲେଖାଏଁ ଗଡ଼ଜାତ ପ୍ରାଦେଶିକ ଶବ୍ଦ ଯୋଗାଇବା ଦ୍ୱାରା ଏ ଭାଷାକୋଷର କର୍ମୀ ହୋଇ ଅଛନ୍ତି । ଡାକ୍ତର ରାଧାଚରଣ ପଣ୍ଡା ମଧ୍ୟ ପ୍ରାଦେଶିକ ଶବ୍ଦମାନ ପୂର୍ବ ପରି ଯୋଗାଇ ଅଛନ୍ତି ।

## ଏ ଗ୍ରନ୍ଥର ସହାୟକ ଓ ହିତକାମିଗଣ—

କଟକଜିଲ୍ଲାର ମହିଲୋଗ୍ରାମବାସୀ, ସନ୍ନ୍ୟାସବ୍ରତାଶ୍ରୟୀ, ସୁବିଦ୍ୱାନ୍, ନାନାଭାଷାଭିଜ୍ଞ, ଜାତିପ୍ରେମିକ, ଉତ୍କଳୀୟ ମିଶ୍ରୋପାଧିକ ଶ୍ରୀଯୁକ୍ତ ପଣ୍ଡିତ ରାମଚନ୍ଦ୍ର ଶାସ୍ତ୍ରୀ ମହାଶୟ ନିଜର ବିଦ୍ୱତ୍ତା, ସାଧକତା, ଆଦର୍ଶ ଚରିତ୍ର ଓ ଧର୍ମପ୍ରାଣତା ହେତୁରୁ ଉତ୍କଳର ବାହାରେ ଉତ୍ତରରେ ଗଙ୍ଗା, ଯମୁନା ଓ ବ୍ରହ୍ମପୁତ୍ରର ଅବବାହିକାଠାରୁ ଦକ୍ଷିଣରେ ଗୋଦାବରୀ, କୃଷ୍ଣା ଓ ନର୍ମଦାର ଅବବାହିକା ପର୍ଯ୍ୟନ୍ତ ଭାରତର ବିପୁଳ ଅଞ୍ଚଳରେ ସୁଖ୍ୟାତି, ସମ୍ମାନ ଓ ସହସ୍ର ସହସ୍ର ବ୍ୟକ୍ତିଙ୍କର ଭକ୍ତି ଅର୍ଜନ କରିଅଛନ୍ତି । ଇତିମଧ୍ୟରେ ଏ ଗ୍ରନ୍ଥପ୍ରତି ତାଙ୍କର ଅହେତୁକୀ କୃପାଦୃଷ୍ଟି ପଡ଼ିଅଛି । ତାଙ୍କର ଆଶୀର୍ବଚନ ଓ ଏ ଗ୍ରନ୍ଥ-ପ୍ରକାଶର ପରିସମାପ୍ତି ସମ୍ବନ୍ଧରେ ଅଭୟବର ମୋ ହୃଦୟରେ ଅପ୍ରକାଶିତ ଅଂଶର ପ୍ରକାଶ ବିଷୟରେ ନବୀନ ଆଶା ଓ ଉତ୍ସାହର ବୀଜ ବପନ କରି-ଅଛି । ଏ ଗ୍ରନ୍ଥ ପ୍ରତି ବଙ୍ଗ, ବିହାର, ଯୁକ୍ତପ୍ରଦେଶ, ମାନ୍ଦ୍ରାଜ ଆଦି ଅଞ୍ଚଳର ସୁଧୀବର୍ଗଙ୍କର ଦୃଷ୍ଟି ଆକର୍ଷଣ ଓ ପରବର୍ତ୍ତୀ ଖଣ୍ଡମାନଙ୍କ ପ୍ରକାଶ କାମନାରେ ଭଗବତ୍ ପ୍ରାର୍ଥନା ଶାସ୍ତ୍ରୀ ମହାଶୟଙ୍କ ଦୈନନ୍ଦିନ କର୍ମ ହୋଇଅଛି ।

ନାନା ଶାସ୍ତ୍ରବେତ୍ତା, ମହିମାଧର୍ମାବଲମ୍ବୀ, 'ମହିମା ଧର୍ମ ପ୍ରତିପାଦକ' ଗ୍ରନ୍ଥ, ମହିମା ଧର୍ମର ଇତିହାସ, ଭାଗବତସାର ଆଦି ଗବେଷଣା ପୂର୍ଣ୍ଣ ଗ୍ରନ୍ଥମାନଙ୍କର ସଙ୍କଳୟିତା ବ୍ରହ୍ମ ଅବଧୂତାଶ୍ରମୀ ସନ୍ନ୍ୟାସୀ ଶ୍ରୀ ବିଶ୍ୱନାଥ ବାବା ଏ ଗ୍ରନ୍ଥର ଅବଶିଷ୍ଟାଂଶ ପ୍ରକାଶ ପାଇଁ ଅଲେଖ ବ୍ରହ୍ମଙ୍କ ଆଶୀର୍ବାଦ ଭିକ୍ଷା କରି ମୋତେ କୃତଜ୍ଞତାବଦ୍ଧ କରିଅଛନ୍ତି । ମହିମା ଧର୍ମ ସମ୍ପର୍କରେ ଭାଷାରେ ଚଳିଥିବା କେତେଏ ଶବ୍ଦ ଓ ମହିମା ଗୋସାଇଁଙ୍କ ସମ୍ବନ୍ଧେ କେତେଏ ଜ୍ଞାତବ୍ୟ ବିଷୟ ସେ ଏ ଭାଷାକୋଷ ପାଇଁ ମୋତେ ଅର୍ପଣ କରିଅଛନ୍ତି ।

କଲିକତାର ସୁବିଖ୍ୟାତ ଇଂରାଜୀ ମାସିକ ପତ୍ରିକା ମଡର୍ଣ୍ଣ ରିଭିଉ (Modern Review)ର ସମ୍ପାଦକ ବିଦ୍ୱତ୍ପ୍ରବର ଶ୍ରୀଯୁକ୍ତ ରାମାନନ୍ଦ ଚଟ୍ଟୋପାଧ୍ୟାୟ ଏମ୍. ଏ. ମହାଶୟ ରାମମୋହନ ଶତବାର୍ଷିକ ଉତ୍ସବ ଉପଲକ୍ଷରେ କଟକକୁ ଆସିଥିବା ସମୟରେ ଭାଷାକୋଷ ଆଶ୍ରମରେ ପଦାର୍ପଣ କରି ପ୍ରକାଶିତ ଗ୍ରନ୍ଥ ଓ ଅପ୍ରକାଶିତ ପାଣ୍ଡୁଲିପିମାନ ପରିଦର୍ଶନ ପୂର୍ବକ ତାଙ୍କ ପତ୍ରିକାର ୧୯୩୪ ଅପ୍ରେଲ ଓ ମେ ମାସର ସଂଖ୍ୟାମାନଙ୍କରେ ଭାଷାକୋଷ ସମ୍ବନ୍ଧେ ପ୍ରଶଂସାଗର୍ଭକ ମନ୍ତବ୍ୟ ପ୍ରକାଶ କରି ସଙ୍କଳକଙ୍କୁ ଓ ତଦୀୟ ସହକର୍ମୀମାନଙ୍କୁ ପରମୋତ୍ସାହିତ କରିଅଛନ୍ତି ।

କଟକ ରାଭେନ୍ସା କଲେଜର ସିନିଅର ଇଂରାଜୀ ପ୍ରୋଫେସର ଶ୍ରୀଯୁକ୍ତ ନିରଞ୍ଜନ ନିୟୋଗୀ, ଏମ୍. ଏ. ମହାଶୟ କଟକରେ ଓ ପାଟଣାରେ ସାଧାରଣ-ସଭାରେ ତାଙ୍କ ବକ୍ତୃତାରେ ଏ ଗ୍ରନ୍ଥ ବିଷୟରେ ପ୍ରଶଂସାଗର୍ଭକ ମତ ପ୍ରକାଶ କରି ମୋତେ କୃତଜ୍ଞତାପାଶରେ ଆବଦ୍ଧ କରିଅଛନ୍ତି ।

ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଭାଇସ୍‌ଚାନ୍‌ସେଲର୍ ଶ୍ରୀଯୁକ୍ତ ଡାକ୍ତର ଆର୍. ପି. ପରାଞ୍ଜପେ ଭାଷାକୋଷ ଆଶ୍ରମରେ ପଦାର୍ପଣ କରି ଭାଷାକୋଷର ସମ୍ମାର୍ଜନ କାର୍ଯ୍ୟ ପରିଦର୍ଶନ ପୂର୍ବକ ପରମପରିତୋଷ ଜ୍ଞାପନ କରିଅଛନ୍ତି ।

ଓଡ଼ିଶା ବିଭାଗର କମିସନର ଶ୍ରୀଯୁକ୍ତ ଏ. ଆର୍. ଟେମ୍ପ୍ଲିନ୍, ଆଇ. ସି. ଏସ୍ ଏ ଖଣ୍ଡର ଇଂରାଜୀ ଅବତରଣିକାକୁ ସଂଶୋଧନ କରିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

କଟକର ଡିଷ୍ଟ୍ରିକ୍ଟ ଓ ସେସନ୍ସ ଜଜ୍ ମାନନୀୟ ଶ୍ରୀଯୁକ୍ତ ଅଭୟପଦ ମୁଖର୍ଜୀ, ଆଇ. ସି. ଏସ୍. ଓ ତାଙ୍କ ସହଧର୍ମିଣୀ ଭାଷାକୋଷ ଆଶ୍ରମ ଓ ପାଣ୍ଡୁଲିପିମାନ ପରିଦର୍ଶନ କରି ମୋତେ ଓ ଶ୍ରୀମତୀ ପୀତାମ୍ବରୀ ଦେବୀଙ୍କୁ ସମ୍ୟକ୍ ଉତ୍ସାହିତ କରିଅଛନ୍ତି ।

ବ୍ରହ୍ମପୁର 'ଆଶା' ପତ୍ରିକାର ସମ୍ପାଦକ, ଉତ୍କଳମାତାଙ୍କର ନିରଳସ, ଉଦ୍ୟମଶୀଳ, କୃତୀ ସନ୍ତାନ ଶ୍ରୀମାନ୍ ଶଶିଭୂଷଣ ରଥ ଏ ଗ୍ରନ୍ଥପ୍ରତି ଉତ୍କଳୀୟ ସୁଧୀବର୍ଗଙ୍କର ଓ ବଦାନ୍ୟ ବ୍ୟକ୍ତିମାନଙ୍କର ବଦାନ୍ୟତା ଓ ସ୍ନେହଦୃଷ୍ଟି ଆକର୍ଷଣ ପୂର୍ବକ ସମ୍ପାଦକୀୟ ଅଗ୍ରଲେଖ ଓ ଟିପ୍ପଣୀମାନ ଏକାଧିକଥର ପ୍ରକାଶ କରିଅଛନ୍ତି । ଏ ଭାଷାକୋଷର ପ୍ରକାଶ ଆରମ୍ଭ ହେବା ସମୟରୁ ଶ୍ରୀମାନ୍ ଶଶିଭୂଷଣଙ୍କର ଏଥିପ୍ରତି ଆଗ୍ରହ ଓ ସ୍ନେହ ବରାବର ଅକ୍ଷୁଣ୍ଣ ରହିଅଛି ।

କଟକର ଦୈନିକ 'ସମାଜ' ପତ୍ରିକାର ପରିଚାଳକ ଓ ସାମୟିକ ସମ୍ପାଦକ ଶ୍ରୀମାନ୍ ରାଧାନାଥ ରଥ ଓ ମାସିକ ପତ୍ର 'ରସଚକ୍ର'ର ପରିଚାଳକ-ଗଣ ଏ ସଙ୍କଳନ ସମ୍ବନ୍ଧେ ଉତ୍ସାହଜନକ ମନ୍ତବ୍ୟମାନ ପ୍ରକାଶ କରି ମୋତେ କୃତଜ୍ଞତାପାଶରେ ଆବଦ୍ଧ କରିଅଛନ୍ତି ।

ବିହାର ଓଡ଼ିଶା କାଉନ୍‌ସିଲ୍‌ର ଡେପୁଟି ପ୍ରେସିଡେଣ୍ଟ, ଏ ଭାଷା-କୋଷର ଅକୃତ୍ରିମ ବନ୍ଧୁ ଓ ସହାୟକ ରାୟ ବାହାଦୁର ଶ୍ରୀମାନ୍ ଲକ୍ଷ୍ମୀଧର ମହାନ୍ତି ବି. ଏଲ୍., ଏମ୍. ଏଲ୍. ସି ଙ୍କର ଏଥିପ୍ରତି ପୂର୍ବ ଅନୁରାଗ ପୂର୍ଣ୍ଣ ମାତ୍ରାରେ ରହିଅଛି ।

ମୋର କର୍ମକ୍ଷେତ୍ରରେ ସାକ୍ଷାଗୁରୁ, ଏ ସଂଗ୍ରହରେ ଉତ୍ସାହଶକ୍ତିପ୍ରଦାନକାରୀ, ଉତ୍କଳାକାଶର ଭାସ୍ୱର ମାର୍ତ୍ତଣ୍ଡ ମଧୁସୂଦନ ଦାସ ଆଜି ଇହ ଜଗତରେ ନାହାନ୍ତି । ସେ ଦେବଲୋକରେ ଥାଇ ମଧ୍ୟ ତାଙ୍କ ଅଧମ ଶିଷ୍ୟର ଏ କର୍ମ ଉପରେ ଦେବଗଣଙ୍କ ସହ ଆଶୀର୍ବର୍ଷଣ କରୁଅଛନ୍ତି ବୋଲି ମୁଁ ବିଶ୍ୱାସ ଚକ୍ଷୁରେ ଅବଲୋକନ କରୁଅଛି ।

## ଏ ଗ୍ରନ୍ଥର ପୃଷ୍ଠପୋଷକଗଣ—

ଗଡ଼ଜାତ ଇଷ୍ଟର୍ଣ୍ଣ ଷ୍ଟେଟ୍ସ୍ ଏଜେନ୍ସୀର ଗଭର୍ଣ୍ଣର୍ ଜେନେରଲଙ୍କ ଏଜେଣ୍ଟ ମହାମାନ୍ୟ ଶ୍ରୀଯୁକ୍ତ ଇ. ସି. ଗିବ୍ସନ୍, ସି. ଆଇ. ଇ., ଆଇ. ସି. ଏସ୍. ଓଡ଼ିଶା ଗଡ଼ଜାତସମୂହର ଭାଗ୍ୟନିୟାମକ ଓ ଉତ୍କଳୀୟ ରାଜନ୍ୟବର୍ଗଙ୍କ ବନ୍ଧୁ ଓ ପରାମର୍ଶଦାତା ଆସନରେ ପ୍ରତିଷ୍ଠିତ ହୋଇ ଅଛନ୍ତି । ଓଡ଼ିଆ ଭାଷା ଓ ଓଡ଼ିଆ ଜାତି ପ୍ରତି ଗଭୀର ଅନୁରାଗ ଓ ହିତକାମନା ସର୍ବଦା ତାଙ୍କ ମନରେ ଜାଗ୍ରତ ରହି ଅଛି । ସାହେବ ମହୋଦୟ ତାଙ୍କ ଅନୁରାଗର ନିଦର୍ଶନ ରୂପେ ସରକାରୀ ଭାବରେ ଏ ଗ୍ରନ୍ଥର ଗ୍ରାହକ ଶ୍ରେଣୀଭୁକ୍ତ ହୋଇ ଅଛନ୍ତି ଏବଂ ଏହି ଗ୍ରନ୍ଥର ବିଶିଷ୍ଟ ପୃଷ୍ଠପୋଷକତା ଗ୍ରହଣ କରିବାକୁ ଅଙ୍ଗୀକୃତ ହୋଇ ଏ ଖଣ୍ଡର ଅଗ୍ର ପୃଷ୍ଠାରେ ତାଙ୍କର ପ୍ରତିକୃତି ପ୍ରକାଶ କରିବା ପାଇଁ ମୋତେ ପ୍ରସନ୍ନ-ହୃଦୟରେ ଅନୁମତି ପ୍ରଦାନ କରି ଅଛନ୍ତି ।

ଉତ୍କଳଖଣ୍ଡର ବିକ୍ରମାଦିତ୍ୟପ୍ରତିମ, ସ୍ୱନାମଧନ୍ୟ, ରାଜର୍ଷିକଳ୍ପ, ଦାନବୀର, ପଣ୍ଡିତବର, ରାଜକବି, ସାହିତ୍ୟ ସମ୍ରାଟ ଜୟପୁର ରାଜ୍ୟାଧୀଶ୍ୱର ରାଜା ଶ୍ରୀ ବିକ୍ରମଦେବ ବର୍ମା ଅରମ୍ଭାଗାରରୁ ଏ ଗ୍ରନ୍ଥର ପରିପାଳକ, ପୋଷକ ଓ ଧାତୃସ୍ଥାନୀୟ ଥିବା ବିଷୟ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କରେ କୃତଜ୍ଞତା ସହକାରେ ବାରମ୍ବାର ଉଦ୍‌ଘୋଷିତ ହୋଇ ଅଛି । ଏ ଗ୍ରନ୍ଥର ପାଣ୍ଡୁଲିପିମାନ ପ୍ରସ୍ତୁତ ହୋଇ ସାରିଲା ପରେ ମୁଦ୍ରଣାର୍ଥେ ଯେତେବେଳେ ଉତ୍କଳର ରାଜା, ମହାରାଜ ଓ ଅପରାପର [illegible] ନିକଟକୁ ମୁଦ୍ରିତ ପ୍ରାର୍ଥନାପତ୍ର ପଠା ହେଲା, ସେତେବେଳେ, ଉତ୍କଳର ଏହି ମହାନୁଭବ ବରପୁତ୍ର ଉକ୍ତ ପ୍ରାର୍ଥନା ପତ୍ରରେ ସ୍ୱାକ୍ଷର କରିବାକ୍ଷଣି ମୋ ନିମନ୍ତେ ଉଷାପାଣିହସ୍ତ ହୋଇ ଯେଉଁ ମହୋଦାର ଭାବର ପରିଚୟ ଦେଇ ଅଛନ୍ତି ତାର ପଟାନ୍ତର ଉତ୍କଳରେ ବିରଳ । ତାଙ୍କ ପ୍ରତିକୃତିକୁ ଭାଷାକୋଷର ପ୍ରଥମ ଖଣ୍ଡ ନିଜ ବକ୍ଷରେ ଧାରଣ କରିଅଛି । ଏହି ଚତୁର୍ଥ ଖଣ୍ଡ ତାଙ୍କୁ ଉତ୍ସର୍ଗ କରିବା ପାଇଁ ସେ ଅନୁମତି ପ୍ରଦାନ କରି ଗତ ୩୦ ବର୍ଷର ଘନିଷ୍ଠ ବନ୍ଧୁତାର ଓ ସ୍ନେହର ପ୍ରତିଦାନ ରୂପ ଋଣଦାୟରୁ ମୋତେ ଆଂଶିକ ମୁକ୍ତ କରିଥିବା ହେତୁ ମୁଁ ତାଙ୍କଠାରେ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି । ତାଙ୍କ ପରି ଭାଷାର ତଥା ସାହିତ୍ୟର ପୃଷ୍ଠପୋଷକ ଓ ନିଷ୍ଠାପର ଦାନବୀରଙ୍କୁ ଉତ୍କଳର ରାଜର୍ଷି ଆସନ ଅଙ୍କରେ ଧାରଣ କରିଥିବା ଯାକେ ଏ ଶାଶ୍ୱତ କୀର୍ତ୍ତିମନ୍ଦିର କଦାପି ଅମୁଦା ରହିବ ନାହିଁ । ଆଜି ବାଣୀ ଓ କମଳା ଚିରସାପତ୍ନ୍ୟ ପରିହାର ପୂର୍ବକ ଉତ୍କଳ ମାତାଙ୍କର ଦୁଇ ଭଗିନୀରୂପେ ବିକ୍ରମଦେବଙ୍କ ଦୁଇ ପାଖରେ ଦଣ୍ଡାୟମାନା । ତାଙ୍କ ରାଜଶ୍ରୀ ସମ୍ପଦରେ ଉତ୍କଳମାତା ଗୌରବାନ୍ୱିତା ହୁଅନ୍ତୁ ।

ବିହାର ଓଡ଼ିଶା ପ୍ରଦେଶର ଶିକ୍ଷାବିଭାଗର କର୍ଣ୍ଣଧାର ମହାମାନ୍ୟ ଶ୍ରୀଯୁକ୍ତ ଜି. ଇ. ଫକସ୍, ଏମ୍ ଏ., ସି. ଆଇ. ଇ., ଆଇ. ଇ. ଏସ୍. ଏ ଭାଷାକୋଷ ପ୍ରକାଶିତ ହେବା ବିଷୟରେ ସୂତ୍ରଧାର ଥିବା ବିଷୟ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କରେ ଜ୍ଞାପିତ ହୋଇ ଅଛି । ଭାଷାକୋଷ ପ୍ରତି ଗଭର୍ଣ୍ଣମେଣ୍ଟଙ୍କ କୃପାଦୃଷ୍ଟି ଆକର୍ଷଣ କରିବା ବିଷୟରେ ସେ ସର୍ବପ୍ରଥମେ ନିମିତ୍ତକାରଣ ହୋଇଥିଲେ । ପାଟଣା ବିଶ୍ୱବିଦ୍ୟାଳୟର ବଦାନ୍ୟତା ମୂଳରେ ତାଙ୍କର ପ୍ରେରଣା ହିଁ ବିଦ୍ୟମାନ । ଆଜି ମଧ୍ୟ ଭାଷାକୋଷ ପ୍ରତି ତାଙ୍କର ସେହି କୃପାଦୃଷ୍ଟି ଅକ୍ଷୁଣ୍ଣ ରହି ଅଛି । ତାଙ୍କର ସୂଚନା ଓ ସାହାଯ୍ୟ ଫଳରେ ଭାଷାକୋଷ ପାଶ୍ଚାତ୍ୟ ଭୂଖଣ୍ଡରେ ପ୍ରବେଶାଧିକାର ଲାଭ କରିବାକୁ ସମର୍ଥ ହୋଇଅଛି । ତାଙ୍କର ଋଣ ଅପରିଶୋଧ୍ୟ ଓ ତାଙ୍କର ସ୍ନେହ ଅଭୁଲଣୀୟ ।

ଯେଉଁ ମହଣୀୟଚରିତ ଓଡ଼ିଶାର ଭୂତପୂର୍ବ କମିସନର୍ ମାନ୍ୟବର ଶ୍ରୀଯୁକ୍ତ ଜେ. ଏ. ହବାକ୍, ଏମ୍. ଏ., ସି. ଏସ୍. ଆଇ., ଆଇ. ସି. ଏସ୍‌ଙ୍କ ମୌଳିକ ପ୍ରସ୍ତାବ ଅନୁସାରେ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟ ଏ ଗ୍ରନ୍ଥର ଛଦାକଲ୍ପିତ ମୁଦ୍ରଣବ୍ୟୟର ଅର୍ଦ୍ଧେକ ଓ ପାଣ୍ଡୁଲିପିମାନଙ୍କ ସମ୍ମାର୍ଜ୍ଜନ ବ୍ୟୟ ନିର୍ବାହାର୍ଥ ପାଞ୍ଚ ହଜାର ଟଙ୍କା ଓ ଅଗ୍ରିମ ଗ୍ରାହକରୂପେ ଅଢ଼େଇ ହଜାର ଟଙ୍କା ମୁକ୍ତହସ୍ତରେ ସାହାଯ୍ୟ କରିବାରୁ ଏ ବିରାଟ ଗ୍ରନ୍ଥର ପ୍ରକାଶ ସମ୍ଭବପର ହେଲା, ସେହି ମହାପୁରୁଷଙ୍କର ଅପରିମେୟ କରୁଣାଦୃଷ୍ଟି ଏ ଗ୍ରନ୍ଥ ପ୍ରତି ଅକ୍ଷୁଣ୍ଣ ରହି ଅଛି । ନବକଳ୍ପିତ ଓଡ଼ିଶା ପ୍ରଦେଶ ଶାସନ କମିଟିର ସଭାପତିରୂପେ ସାହେବ ମହୋଦୟ ୧୯୩୩ ମସିହା ଅକ୍ଟୋବର ମାସରେ କଟକକୁ ଆସି ମୋ ପ୍ରତି ଯେଉଁ ଅକୃତ୍ରିମ ସ୍ନେହ ଓ ଅପ୍ରକାଶିତ ଅଂଶମାନ ପ୍ରକାଶିତ ହେବା ବିଷୟରେ ଯେଉଁ ଉତ୍କଣ୍ଠା ପ୍ରଦର୍ଶନ କରି ଅଛନ୍ତି ତାହା ବସ୍ତୁତଃ ମୋ ପକ୍ଷରେ ଗର୍ବ ଓ ଆହ୍ଲାଦର ବିଷୟ ଅଟେ । ଏ ଗ୍ରନ୍ଥର ପ୍ରଥମ ଖଣ୍ଡ ତାଙ୍କ ନାମରେ ଉତ୍ସୃଷ୍ଟ ହୋଇ ଥିଲେହେଁ ତାଙ୍କ କୃତ ଉପକାର ଋଣ ମୋ ପକ୍ଷରେ ଅଶୋଧନୀୟ ।

ଏ ଭାଷାକୋଷର ପୂର୍ବତନ କର୍ମୀ ଓଡ଼ିଶାର ଭୂତପୂର୍ବ କମିସନର୍ ମାନ୍ୟବର ଶ୍ରୀଯୁକ୍ତ ସି. ଏଲ୍., ଫିଲିପ୍ ଏମ୍. ଏ., ସି., ଆଇ. ଇ., ଆଇ. ସି. ଏସ୍. ଆଜି ଉଚ୍ଚ ରାଜକୀୟ ପଦବୀରେ ଆରୂଢ଼ ହୋଇ ଓଡ଼ିଶାରୁ ଦୂରରେ ଅବସ୍ଥାନ କରୁଥିଲେହେଁ ଭାଷାକୋଷ ଆଜି ମଧ୍ୟ ତାଙ୍କୁ ଆପଣାର ପୃଷ୍ଠପୋଷକ ରୂପେ ଗଣନା କରି ଧନ୍ୟ ହୋଇଅଛି । ଓଡ଼ିଆ ଜାତି ପ୍ରତି ତଥା ଭାଷାକୋଷ ପ୍ରତି ଅକୃତ୍ରିମ ଅନୁରାଗ ତାଙ୍କର ଅସ୍ଥିମଜ୍ଜାଗତ ।

ବୌଦର ନରପତି ଗୁଣଗ୍ରାହୀ ବଦାନ୍ୟବର ରାଜା ଶ୍ରୀ ନାରାୟଣ ପ୍ରସାଦ ଦେବ ୩ୟ ଖଣ୍ଡର ବିଶିଷ୍ଟ ପୃଷ୍ଠପୋଷକ ହୋଇ ଥିଲେ । ଏ ଗ୍ରନ୍ଥର ଅବଶିଷ୍ଟାଂଶର ପ୍ରକାଶ ପାଇଁ ତାଙ୍କ କୃପାଦୃଷ୍ଟି ରହିଥିବା ଅତି ଆନନ୍ଦର ବିଷୟ ।

ଆଠମଲ୍ଲିକର ନରପତି ସାହିତ୍ୟରସିକ ରାଜା ଶ୍ରୀ କିଶୋରଚନ୍ଦ୍ର ଦେବ ଏ ଗ୍ରନ୍ଥ ପ୍ରତି ମଙ୍ଗଳକାମନା ଓ ସାହାଯ୍ୟ ଦାନ କରି ଆସୁ ଅଛନ୍ତି ଓ ଏ ଗ୍ରନ୍ଥ ପ୍ରକାଶ କେତେଦୂର ଅଗ୍ରସର ହେଲା ସର୍ବଦା ତହିଁର ତତ୍ତ୍ୱ ନେଇ ଆସୁ ଅଛନ୍ତି । ତାଙ୍କର ଆଶ୍ୱାସବାଣୀରେ ଆଜି ମଧ୍ୟ ମୋ କର୍ଣ୍ଣକୁହର ନିନାଦିତ ହେଉଅଛି ।

ମୋର ପରମ ସ୍ନେହଭାଜନ ଆଠଗଡ଼ର ରୁଲିଙ୍ଗ୍ ଚିଫ୍ ଶ୍ରୀମାନ୍ ରାଜା ରାଧାନାଥ ଦେବବର୍ମା ରାଜ୍ୟଭାର ଗ୍ରହଣ କରି ରାଜ୍ୟର ନାନା ଜଞ୍ଜାଳ ଓ ଅଭାବ ମଧ୍ୟରେ ଥାଇ ମଧ୍ୟ ଏ ଗ୍ରନ୍ଥ ପ୍ରତି ପୂର୍ବର ଅନୁରାଗ ଅକ୍ଷୁଣ୍ଣ ରଖି-ଅଛନ୍ତି— ଏହା ମୋ ପକ୍ଷରେ ସୁଖର ବିଷୟ ।

ଏ ଗ୍ରନ୍ଥ ବିଷୟ ସର୍ବସାଧାରଣରେ ପ୍ରକଟିତ ହେବା ପୂର୍ବରୁ ପାଣ୍ଡୁଲିପିମାନଙ୍କ ସମ୍ମାର୍ଜ୍ଜନ ପାଇଁ କଳାହାଣ୍ଡିର ମହାରାଜ ଶ୍ରୀ ଶ୍ରୀ ବ୍ରଜମୋହନ ଦେବ ବିଶିଷ୍ଟ ସାହାଯ୍ୟ କରିଥିଲେ ଓ ସେ ୨୫ ସାର ଗ୍ରନ୍ଥ ପାଇଁ ଅଗ୍ରିମ ଗ୍ରାହକ ହୋଇଅଛନ୍ତି । ତାଙ୍କର ଓ ଧର୍ମକୋଟର ରାଜା ବାହାଦୁର ମଦନମୋହନ ସିଂହ, ପାରଳାଖେମୁଣ୍ଡିର ରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି

ନାରାୟଣ ଦେବ, ଖଲ୍ଲିକୋଟ ଅଠଗଡ଼ର ରାଜା ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କର ଏ ଗ୍ରନ୍ଥର ଅବଶିଷ୍ଟାଂଶ ପ୍ରକାଶ ପ୍ରତି କରୁଣାଦୃଷ୍ଟି ରହିଅଛି ।

ଯେଉଁ ଗୁଣିପ୍ରବର, ଉଦାରଚେତା, ବିଦ୍ୟୋତ୍ସାହୀ, ମୟୂରଭଞ୍ଜର ମହାରାଜ ଶ୍ରୀ ପ୍ରତାପଚନ୍ଦ୍ରଙ୍କ ସୂଚନାକ୍ରମେ ପୁଣ୍ୟଶ୍ଳୋକ ସ୍ୱର୍ଗତ ମହାରାଜ ପୂର୍ଣ୍ଣଚନ୍ଦ୍ରଙ୍କ ନାମ ଏ ଗ୍ରନ୍ଥର ନାମରେ ସଂଯୋଜିତ ହୋଇଅଛି, ମୋର ଆଶା ଅଛି ଯେ ସେହି ମହାରାଜ ପ୍ରତାପଚନ୍ଦ୍ର ସ୍ୱୟଂ ଓ ସ୍ୱର୍ଗୀୟ ପୂର୍ଣ୍ଣଚନ୍ଦ୍ରଙ୍କ ଦେବାନୁଗ ଆତ୍ମା 'ଏ ଗ୍ରନ୍ଥର ଅବଶିଷ୍ଟାଂଶ ପ୍ରକାଶ ବିଷୟରେ ସହାୟ ହେବେ ।

## ସଂଗ୍ରାହକର ସମ୍ମାନଲାଭ—

ତୃତୀୟ ଖଣ୍ଡରେ ସୂଚିତ, ସରକାରଙ୍କଠାରୁ ପ୍ରାପ୍ତ ଭାରତସମ୍ରାଟଙ୍କ କୈସର୍-ଇ-ହିନ୍ଦ୍ ପଦକ ସନ ୧୯୩୩ ସାଲ ସେପ୍ଟେମ୍ବର ମାସ ୧୬ ତାରିଖରେ ରାଞ୍ଚିରେ ଲାଟ ଦରବାରରେ ସଂଗ୍ରାହକଙ୍କୁ ମିଳିଅଛି ।

୧୯୩୪ ସାଲ ଅପ୍ରେଲ ମାସ ୧୫ ଓ ୧୬ ତାରିଖରେ ଗଞ୍ଜାମ ବ୍ରହ୍ମପୁର-ଠାରେ ନିଖିଳ ଉତ୍କଳ କବିସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଧରାକୋଟର ରାଜା ଶ୍ରୀ ମଦନମୋହନ ସିଂହ ବାହାଦୁରଙ୍କ ସଭାପତିତ୍ୱରେ ହୋଇଥିଲା । ତହିଁରେ ଖଲ୍ଲିକୋଟ ଅଠଗଡ଼ର ରାଜା ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ, ସୁରଙ୍ଗୀର ରାଜା ଶ୍ରୀ ପୂର୍ଣ୍ଣଚନ୍ଦ୍ର ହରିଚନ୍ଦନ ଦେବ, ଚିକିଟିର ଜ୍ଞାନବୃଦ୍ଧ ରାଜା ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ ଓ ଉତ୍କଳର ଏବଂ ବିଶେଷତଃ ଗଞ୍ଜାମର ବିଭିନ୍ନ ଅଞ୍ଚଳରୁ ବହୁଶତ ମାନ୍ୟଗଣ୍ୟ ବ୍ୟକ୍ତି, ଲେଖକ, କବି, ସାହିତ୍ୟାନୁରାଗୀ, ଚିତ୍ରଶିଳ୍ପୀ, ନାଟ୍ୟକାର, ସଙ୍ଗୀତଜ୍ଞ, ଓକିଲ, ଜମିଦାର, ମହାଜନ, ସରକାରୀ ଓ ବେସରକାରୀ ବ୍ୟକ୍ତି ଓ ଛାତ୍ର ସମବେତ ହୋଇଥିଲେ । ଉକ୍ତ ସମ୍ମିଳନୀରେ ସଂଗ୍ରାହକଙ୍କୁ ସାଦର ସମ୍ଭାଷଣ ଜ୍ଞାପକ ପୂର୍ବକ ଅଭିନନ୍ଦନ ପତ୍ର ଦିଆଯିବାଦ୍ୱାରା ଓ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରତି ଉତ୍କଳୀୟ ରାଜା ଓ ପ୍ରଜାବର୍ଗଙ୍କର ସହାନୁଭୂତି ସୂଚକ ଗୋଟିଏ ସ୍ୱତନ୍ତ୍ର ପ୍ରସ୍ତାବ ଗୃହୀତ ହେବାଦ୍ୱାରା ଏ ଗ୍ରନ୍ଥର ଅପ୍ରକାଶିତ ଅଂଶମାନ ପ୍ରକାଶିତ ହେବା ବିଷୟରେ ଜାତୀୟ ଉତ୍କଣ୍ଠାର ଜ୍ୱଳନ୍ତ ନିଦର୍ଶନ ମିଳିଅଛି । ସମ୍ମିଳନୀରୁ ପ୍ରାପ୍ତ ସମ୍ବର୍ଦ୍ଧନାରେ ମୋ ସହକର୍ମୀ, ସହାୟକ ଓ ପୃଷ୍ଠପୋଷକ ଗଣଙ୍କର ଯେ ନ୍ୟାଯ୍ୟ ଭାଗ ଅଛି, ଏହା କହିବା ବାହୁଲ୍ୟ ମାତ୍ର ।

## ଏ ଗ୍ରନ୍ଥ ସଂକଳନ, ସମ୍ମାର୍ଜନ ଓ ମୁଦ୍ରଣାଦିର ବ୍ୟୟ ଓ ଆର୍ଥିକ ପରିସ୍ଥିତି—

ଭାଷାକୋଷର ପ୍ରଥମ ଚାରିଖଣ୍ଡ ପ୍ରକାଶିତ ହେଲା । ଆଉ ଦୁଇ ଖଣ୍ଡରେ ଏ ଗ୍ରନ୍ଥ ପରିସମାପ୍ତ ହେବ ବୋଲି ଆଶା କରାଯାଉଅଛି । ମୁଦ୍ରଣ ସମାପ୍ତି ପର୍ଯ୍ୟନ୍ତ ପାଣ୍ଡୁଲିପିର ପୁନର୍ଲେଖନ, ସମ୍ମାର୍ଜନ, ସଂଶୋଧନ ଆଦିରେ ନିଯୁକ୍ତ କର୍ମିଗଣଙ୍କ ବେତନ, ମୁଦ୍ରଣବ୍ୟୟ, କାଗଜ ଓ ବନ୍ଧାଇ ବ୍ୟୟରେ ସମଗ୍ର ୬ଖଣ୍ଡ ପାଇଁ ପ୍ରାୟ ନବେ ହଜାର ଟଙ୍କା ଖରଚ ହେବ । ଏ ଲୋଡ଼ା ଧନରୁ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟ, ମୟୂରଭଞ୍ଜ ମହାରାଜ, ବୌଦର ରାଜା ସାହେବ, ପାଟଣା ବିଶ୍ୱବିଦ୍ୟାଳୟ, ଆଠମଲ୍ଲିକର ରାଜା ସାହେବ, କଳାହାଣ୍ଡି ମହାରାଜ, ଖଲ୍ଲିକୋଟ ରାଜା ସାହେବ, ଚିକିଟି ରାଜା ସାହେବ, କେନ୍ଦୁଝର ରାଜା ସାହେବ, ପୁରୀ ଇମାରମଠର ମହନ୍ତ ମହାରାଜ, ରାୟବାହାଦୁର ଲୋକନାଥ ମିଶ୍ର ଓ ଅନ୍ୟ ସହାୟକମାନଙ୍କଠାରୁ ୪୯ ହଜାର ଟଙ୍କା, ଗ୍ରନ୍ଥର ଅଗ୍ରିମ ଗ୍ରାହକମାନଙ୍କଠାରୁ ୮ହଜାର ଟଙ୍କା ଓ ଋଣଦ୍ୱାରା ୧୦ହଜାର ଟଙ୍କା, ଏପରି ସର୍ବସମେତ ୬୭ ହଜାର ଟଙ୍କା ସଂଗୃହୀତ ହୋଇ ଚତୁର୍ଥଖଣ୍ଡ ପର୍ଯ୍ୟନ୍ତ ପ୍ରକାଶକର୍ମ ଅଗ୍ରସର ହେଲା । ଉତ୍କଳର ସାହିତ୍ୟାନୁରାଗୀ କତିପୟ ଦାନବୀରଙ୍କ ଦୟାରୁ ଅବଶ୍ୟ ଅଚିରେ ଅବଶିଷ୍ଟ ଲୋଡ଼ା ଧନର ସଂସ୍ଥାନ ହେବ ଓ ଅନ୍ୟୂନ ୨୦ ବର୍ଷ ବ୍ୟାପୀ ପ୍ରାଣପାତ ଶ୍ରମଗଠିତ ଏହି ସାରସ୍ୱତ କୀର୍ତ୍ତିମନ୍ଦିରର ମୁଣ୍ଡି ମରିବ; ଗ୍ରନ୍ଥକାରର ଦୃଢ଼ବିଶ୍ୱାସ ଅଛି ଯେ ଏହା ନ ଦେଖି ଅନ୍ତିମ ଶଯ୍ୟାରେ ତାର ଚକ୍ଷୁ ନିମୀଳିତ ହେବ ନାହିଁ ।

## ବର୍ତ୍ତମାନ ଗ୍ରନ୍ଥର ନିର୍ଦ୍ଧାରିତ ମୂଲ୍ୟ—

ଯେତେବେଳେ ସମଗ୍ର ଗ୍ରନ୍ଥ ଦୁଇ ଖଣ୍ଡରେ ପୂର୍ଣ୍ଣ ହେବାର କଳ୍ପନା କରା ଯାଇଥିଲା ସେତେବେଳେ ସମଗ୍ର ଦୁଇ ଖଣ୍ଡର ଅଗ୍ରିମ ମୂଲ୍ୟ ଟ ୩୦୲ ସ୍ଥିର କରା ଯାଇଥିଲା । ପରେ ଗ୍ରନ୍ଥର କଳେବର ବୃଦ୍ଧି ହେବା ଓ ତଜ୍ଜନିତ ବ୍ୟୟ ବୃଦ୍ଧି ଅବଶ୍ୟମ୍ଭାବୀ ହେବାର ଦେଖାଯିବାରୁ ଗ୍ରନ୍ଥର ମୂଲ୍ୟ ମଧ୍ୟ କ୍ରମଶଃ ବୃଦ୍ଧି କରିବାକୁ ପଡ଼ିଲା । ତୃତୀୟ ଖଣ୍ଡ ପ୍ରକାଶିତ ହେଲା ବେଳକୁ ସମଗ୍ର ୫ ଖଣ୍ଡର ଅଗ୍ରୀମ ମୂଲ୍ୟ ଟ ୬୦୲ ଓ ପ୍ରତି ଖଣ୍ଡର ନଗଦ ମୂଲ୍ୟ ଟ୧୬୲ ସ୍ଥିର କରା ଯାଇଥିଲା । ବର୍ତ୍ତମାନ ଦେଖା ଯାଉଅଛି ଯେ ୬ ଖଣ୍ଡରେ ଗ୍ରନ୍ଥ ସମାପ୍ତ ହେବ । ସମଗ୍ର ୬ ଖଣ୍ଡ ଗ୍ରନ୍ଥର ଅଗ୍ରିମ ମୂଲ୍ୟ ଟ ୮୦୲ ଓ ପ୍ରତି ଖଣ୍ଡର ନଗଦ ମୂଲ୍ୟ ଟ ୧୮୲ ବର୍ତ୍ତମାନ ନିର୍ଦ୍ଧାରିତ ହେଲା । ଯେଉଁ ଗ୍ରାହକ ବର୍ତ୍ତମାନ ଏକକାଳୀନ ଟ ୮୦୲ ଦେଇ ଗ୍ରାହକ ହେବେ ସେ ସଙ୍ଗେ ସଙ୍ଗେ ପ୍ରକାଶିତ ୪ ଖଣ୍ଡ ଗ୍ରନ୍ଥ ପାଇବେ ଓ ପରବର୍ତ୍ତୀ ୨ ଖଣ୍ଡ ପ୍ରକାଶିତ ହେବା ମାତ୍ରେ ପାଇବେ । ଯେଉଁ ଗ୍ରାହକ ଅବନ୍ଧା ଗ୍ରନ୍ଥ ନେବେ ସେ ସମଗ୍ର ୬ ଖଣ୍ଡ ପାଇ ଅଗ୍ରିମ ଟ ୬୦୲ ଓ ପ୍ରତି ଖଣ୍ଡ ପାଇଁ ନଗଦ ଟ ୧୫୲ ଦେବେ । ଏ ଗ୍ରନ୍ଥର ମୁଦ୍ରଣାଦି ବ୍ୟୟକୁ ବିବେଚନା କଲେ ପ୍ରତିସାରି ଗ୍ରନ୍ଥ ପାଇଁ ପ୍ରକୃତରେ ଟ ୯୦୲ ବ୍ୟୟିତ ହେବ; ଫଳତଃ ସମଗ୍ର ୬ ଖଣ୍ଡ ପ୍ରକାଶ ହେବା ପରେ ପୂର୍ଣ୍ଣ ଏକସାରି ଗ୍ରନ୍ଥର ନଗଦ ମୂଲ୍ୟ ଟ ୧୦୦୲ରୁ କମି ହେବ ନାହିଁ । ଯେଉଁ ଗ୍ରାହକମାନେ ପୂର୍ବ ବିଜ୍ଞାପିତ ଅଗ୍ରିମ ମୂଲ୍ୟ ଦେଇ ଗ୍ରାହକ ହୋଇ ଅଛନ୍ତି, ସେମାନଙ୍କଠାରୁ ଆଉ ଅଧିକା ଦାମ ନିଆଯାଉ ନାହିଁ ।

## ପରବର୍ତ୍ତୀ ଖଣ୍ଡମାନ ପ୍ରକାଶିତ ହେବାର କଳ୍ପିତ କାଳ

ଦୁରୂହ ଆର୍ଥିକ ସଙ୍କଟ ନ ଘଟିଲେ ପରବର୍ତ୍ତୀ ୫ମ ଓ ୬ଷ୍ଠ ଖଣ୍ଡ ଦଶ ମାସ ଲେଖାଏଁ ବ୍ୟବଧାନରେ ପ୍ରକାଶିତ ହେବ ଓ ଆଗାମୀ ୧୯୩୫ ମସିହାର ଶେଷ ସୁଦ୍ଧା ପ୍ରଭୁଙ୍କ କୃପାରୁ ସମଗ୍ର ଗ୍ରନ୍ଥର ପ୍ରକାଶ ସମାପ୍ତି ହୋଇଥିବ । ଆଜିପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ୩୫୦ ସାରି ଗ୍ରନ୍ଥ ବିକ୍ରି କରାଯାଇ ଅଛି ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ୫୦ ସାରି ଗ୍ରନ୍ଥ ଉପହାର ଦିଆଯାଇ ଅଛି । ମଧ୍ୟେ ମଧ୍ୟେ ଇଉରୋପ ଆଦି ଦେଶରୁ ଏ ଗ୍ରନ୍ଥ ପାଇଁ ଅର୍ଡର ଓ ଅଗ୍ରିମ ମୂଲ୍ୟ ମିଳୁଅଛି ।

## ଏ ଗ୍ରନ୍ଥ ସଙ୍ଗେ ମହାମହିମ ଭାରତ ସମ୍ରାଟଙ୍କ ମହନୀୟ ନାମ ସଂଯୋଜନର କଳ୍ପନା—

ବହୁ ବିଶିଷ୍ଟ ପୃଷ୍ଠପୋଷକ ପରାମର୍ଶ ଦେଲେ ଯେ ଏ ଗ୍ରନ୍ଥର ପୂର୍ବବର୍ତ୍ତୀ ଖଣ୍ଡମାନ ମହାମହିମ ଭାରତ ସମ୍ରାଟଙ୍କ ଅପେକ୍ଷା ନ୍ୟୂନ ପଦା-

ଝିଷ୍ଟିତ ବ୍ୟକ୍ତିଙ୍କ ନାମ ସଙ୍ଗେ ସଶ୍ଲିଷ୍ଟ ହୋଇଥିବା ଦୃଷ୍ଟିରେ ଅନ୍ତିମ ଖଣ୍ଡ ସମ୍ରାଟଙ୍କ ନାମରେ ଉତ୍ସୃଷ୍ଟ ହେଲେ ସୁନ୍ଦର ଦେଖାଯିବ ନାହିଁ । ଆକାଶର ପୂର୍ଣ୍ଣଚନ୍ଦ୍ରକୁ ବାମନର ହାତ ବଢ଼ାଇ ଧରିବା ଆଶା ପରି ଏ ଆଶାକୁ ମନଃକ୍ଷୋଭରେ ଅଗତ୍ୟା ପରିତ୍ୟାଗ କରିବାକୁ ପଡ଼ିଲା ।

## ଉପସଂହାର—

ଏ ବିରାଟ ଗ୍ରନ୍ଥର ମୂଲ୍ୟ ଦୃଷ୍ଟିରେ ଏହା କିଣିବା ସର୍ବସାଧାରଣଙ୍କ ଆର୍ଥିକ ଶକ୍ତିର ବହିର୍ଭୂତ ଥିବା ବିଷୟରେ ଅନେକ ବନ୍ଧୁ ଆକ୍ଷେପ କରି ଅଛନ୍ତି । ସେମାନଙ୍କୁ ସାନ୍ତ୍ୱନା ଦେବା ସକାଶେ ଜଣାଉଅଛି ଯେ ଭାଷାକୋଷର ଅନ୍ତିମ ଖଣ୍ଡ ପ୍ରକାଶିତ ହେବା ପରେ ଏ ଗ୍ରନ୍ଥରୁ ସାରୋଦ୍ଧାର କରି କେତେ ଗୋଟି ସୁଲଭ ଓ ସଂକ୍ଷିପ୍ତ ସଂସ୍କରଣ ( ଯଥା—ଛାତ୍ର-ବ୍ୟବହାର୍ଯ୍ୟ ସଂସ୍କରଣ, ପକେଟ୍ ସଂସ୍କରଣ, ପୌରାଣିକ ଶବ୍ଦସଂଗ୍ରହ ସଂସ୍କରଣ, ଆୟୁର୍ବେଦିକ ଶବ୍ଦ ସଂଗ୍ରହ ସଂସ୍କରଣ ) ପ୍ରକାଶ କରିବାର ବାସନା ଅଛି । ସେ ସଂସ୍କରଣମାନ ସୁଲଭ ହେବ ଓ ତାହା ସ୍ୱଳ୍ପବିତ୍ତ ଲୋକେ କିଣି ପାରିବେ । ସେ ସବୁ ସଂସ୍କରଣର ସଂକଳନରେ ବର୍ତ୍ତମାନ ମନ ଦେଲେ ମୂଳଗ୍ରନ୍ଥର ସଂକଳନ କର୍ମରେ ବାଧା ଘଟିବ ଏହି ଆଶଙ୍କାରେ ତହିଁରେ ଆଜି ପର୍ଯ୍ୟନ୍ତ ମୁଁ ହସ୍ତକ୍ଷେପ କରି ନାହିଁ । ଯେବେ କେହି ଉତ୍ସାହୀ ପ୍ରକାଶକ (ପବ୍ଲିସର୍) ଏ ଗ୍ରନ୍ଥରୁ ସଂକ୍ଷିପ୍ତ ସଂସ୍କରଣ ପାଇଁ ସାର ସଂଗ୍ରହ କରିବାକୁ ଆବେଦନ କରନ୍ତି, ବ୍ୟବସାୟ ଦୃଷ୍ଟିରେ ମୁଁ ସେ ପ୍ରସ୍ତାବକୁ ବିବେଚନା କରିବାକୁ ପ୍ରସ୍ତୁତ ଅଛି ।

ପରିଶେଷରେ ଯେଉଁ ପରାତ୍ପର ପରମେଶ୍ୱରଙ୍କ କରୁଣାରୁ ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ସଂକଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସଂଗଠନ କର୍ମ କ୍ରମଶଃ ଅଗ୍ରସର ହୋଇ ଏ ପର୍ଯ୍ୟନ୍ତ ପ୍ରଗତି କରିଅଛି, ସେହି ବିଶ୍ୱନିୟନ୍ତାଙ୍କ କରୁଣାରୁ ସମସ୍ତ ବାଧାବିଘ୍ନ ଖଣ୍ଡିତ ହୋଇ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ସଂକଳନର ଓ ସ୍ୱତନ୍ତ୍ର ପ୍ରଦେଶ ଗଠନର ପୂର୍ତ୍ତି ସମସାମୟିକ ହେଉ । ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ସ୍ୱତନ୍ତ୍ର ଜାତି ଓ ସ୍ୱତନ୍ତ୍ର ଭାଷା ରୂପେ ଜଗତରେ ପ୍ରତିଷ୍ଠା ଲାଭ କରୁ । ପ୍ରଭୁଙ୍କ ଉଦ୍ଦେଶ୍ୟ ସିଦ୍ଧ ହେଉ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଭାଷାକୋଷ ଆଶ୍ରମ
କଟକ
୧୯୩୪ ଜୁନ୍ ମାସ

**ଗୋପାଲଚନ୍ଦ୍ର ପ୍ରହରାଜ**

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସଙ୍କଳନରେ ବ୍ୟବହୃତ ଅଭିଧାନଗ୍ରନ୍ଥ, ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ ଚିହ୍ନ ।

M. W.—ମନିଅର୍ ୱିଲିଅମ୍‌ସ୍‌ଙ୍କ କୃତ ସଂସ୍କୃତ-ଇଂରାଜୀ ଅଭିଧାନ ।

Kirtikar—ଡକ୍ଟର୍ କୀର୍ତ୍ତିକାରଙ୍କର 'Indian Plants' (ଭାରତୀୟ ଉଦ୍ଭିଦ) ।

Apte—ପ୍ରୋଫେସର୍ ଆପ୍ଟେଙ୍କର Practical Sanskrit—English Dictionary (ସଂସ୍କୃତ-ଇଂରାଜୀ ଅଭିଧାନ) ।

Beams—Comparative Grammar of four Indo-Aryan languages (ବାମ୍‌ସ ସାହେବଙ୍କ ଚତୁର୍ଭାଷାର ବ୍ୟାକରଣ) ।

Chambers' Twentieth Century Dictionary—ଚେମ୍ବର୍ସଙ୍କର ବିଂଶ ଶତାବ୍ଦୀର ଇଂରାଜୀ ଅଭିଧାନ ।

Haines—ହାଏନ୍‌ସ୍ ସାହେବଙ୍କ Botany of Bihar and Orissa (ବିହାର-ଓଡ଼ିଶାର ଉଦ୍ଭିଦତତ୍ତ୍ୱ) ।

Howells—ପାଦ୍ରୀ ହାଉଏଲ୍‌ସ୍ ସାହେବଙ୍କ ଅପ୍ରକାଶିତ ଓଡ଼ିଆ-ଇଂରାଜୀ ଅଭିଧାନର ପାଣ୍ଡୁଲିପି ।

Fallon—ଡକ୍ଟର୍ ଫାଲନ୍ ସାହେବଙ୍କ ହିନ୍ଦୁସ୍ତାନୀ-ଡିକ୍‌ସନାରୀ ।

Sir George Greierson—Linguistic Survey of India (ଗ୍ରୀୟର୍‌ସନ୍ ସାହେବଙ୍କ ଭାରତୀୟ ଭାଷାବିବରଣ) ।

Grundy—ପାଦ୍ରୀ ଗ୍ରଣ୍ଡି ସାହେବଙ୍କ ଓଡ଼ିଆ-ଇଂରାଜୀ ଅଭିଧାନ ।

Parker—Elements of Astronomy—ପାର୍କର ସାହେବଙ୍କ ଇଂରାଜୀଭାଷାର ଜ୍ୟୋତିଷ ଗ୍ରନ୍ଥ ।

Prothero—Short Primer of Indian History—ପ୍ରୋଥେରୋ ସାହେବଙ୍କ ଇଂରାଜୀ ସଂକ୍ଷିପ୍ତ ଭାରତ ଇତିହାସ ।

ଗୋପୀନାଥ ନନ୍ଦ; ନନ୍ଦେ—ଗୋପୀନାଥ ନନ୍ଦଙ୍କ ଓଡ଼ିଆ 'ଶବ୍ଦତତ୍ତ୍ୱବୋଧ' ଅଭିଧାନ ।

ଜ୍ୟୋତିଃସାର ରତ୍ନାବଳୀ—ବାଇକୋଳ ମହାପାତ୍ରଙ୍କ ଜ୍ୟୋତିଷଗ୍ରନ୍ଥ ।

ଜ୍ଞାନେନ୍ଦ୍ର—ଜ୍ଞାନେନ୍ଦ୍ରମୋହନ ଦାସଙ୍କ ବଙ୍ଗଳାଭାଷାର ଅଭିଧାନ ।

ବିଶ୍ୱନାଥ ବାବା—ବିଶ୍ୱନାଥ ବାବାଙ୍କ ରଚିତ ମହିମାଧର୍ମ ପ୍ରତିପାଦକ ଗ୍ରନ୍ଥ ।

ବିଶ୍ୱକୋଷ—ନଗେନ୍ଦ୍ରନାଥ ବସୁଙ୍କ ପ୍ରଣୀତ ବଙ୍ଗଳା 'ବିଶ୍ୱକୋଷ' ।

ଯୋଗେଶଚନ୍ଦ୍ର—ରାୟ ବାହାଦୁର ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି ସଙ୍କଳିତ 'ବଙ୍ଗଳା ଶବ୍ଦକୋଷ' ।

ପ୍ରକୃତିବାଦ—ଶ୍ରୀଯୁକ୍ତ ରାମକମଲ ବିଦ୍ୟାଲଙ୍କାରଙ୍କ ପ୍ରଣୀତ ସଚିତ୍ର ବଙ୍ଗଳା 'ପ୍ରକୃତିବାଦ ଅଭିଧାନ' ।

ହିନ୍ଦୀ ଶବ୍ଦସାଗର—କାଶୀ ନାଗରୀପ୍ରଚାରିଣୀ ସଭାଙ୍କ ପ୍ରକାଶିତ ହିନ୍ଦୀ ଭାଷାର ବୃହତ୍ ଅଭିଧାନ ।

ସୁବଲଚନ୍ଦ୍ର—ସୁବଲଚନ୍ଦ୍ର ମିତ୍ରଙ୍କ ସରଳ ବଙ୍ଗଳା ଅଭିଧାନ ।

ଗାଙ୍ଗୁଲି—The Student's Bengali and English Dictionary (ହି. ଗାଙ୍ଗୁଲିଙ୍କ ବଙ୍ଗଳା-ଇଂରାଜୀ ଅଭିଧାନ) ।

ଦ୍ରବ୍ୟଗୁଣ—ଶ୍ରୀ ନଗେନ୍ଦ୍ରନାଥ ସେନ୍ ଗୁପ୍ତଙ୍କ ବଙ୍ଗଳା 'ଦ୍ରବ୍ୟଗୁଣ ଶିକ୍ଷା' ।

ସମର୍ଥକୋଷ—ରାଜା ରାଧାକାନ୍ତ ଦେବଙ୍କଦ୍ୱାରା ପ୍ରକାଶିତ ବଙ୍ଗଳା 'ସମର୍ଥ କୋଷ' ଅଭିଧାନ ।

ଶବ୍ଦକଳ୍ପଦ୍ରୁମ—ବଙ୍ଗାକ୍ଷରରେ ମୁଦ୍ରିତ ସଂସ୍କୃତ ଅଭିଧାନ ।

A. T. Dev—ଆଶୁତୋଷ ଦେବଙ୍କ ଇଂରାଜି-ବଙ୍ଗଳା ଅଭିଧାନ ।

ରାମନାରାୟଣ ଲାଲ—ଇଂରାଜୀ-ହିନ୍ଦୀ ଅଭିଧାନ ।

ଓଡ଼ିଆ ଦ୍ରବ୍ୟଗୁଣ, ହରେକୃଷ୍ଣ—କବିରାଜ ହରେକୃଷ୍ଣ ମିଶ୍ରଙ୍କ ଦ୍ରବ୍ୟଗୁଣ ।

ଓଡ଼ିଆ ଦ୍ରବ୍ୟଗୁଣକଳ୍ପଦ୍ରୁମ—ବ୍ରଜବନ୍ଧୁ ତ୍ରିପାଠୀଙ୍କ ସଙ୍କଳିତ ଗ୍ରନ୍ଥ ।

Wilson—ୱିଲ୍‌ସନ୍ ସାହେବଙ୍କ କୃତ ସଂସ୍କୃତ ଅଭିଧାନ ।

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ଉଦ୍ଧୃତ ଶିଷ୍ଟପ୍ରୟୋଗର ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ ଚିହ୍ନ ।

(ଦ୍ରଷ୍ଟବ୍ୟ—ଗ୍ରନ୍ଥମାନଙ୍କ ନାମ ଯଥାସ୍ଥାନରେ ଦିଆ ଯାଇଅଛି)

ଅଚ୍ୟୁତ, ଅଚ୍ୟୁତାନନ୍ଦ—କଟକ ଜିଲ୍ଲାର ନେମାଳଗାଦିର ମହାନ୍ତ ସ୍ୱର୍ଗୀୟ ଅଚ୍ୟୁତାନନ୍ଦ ଦାସ ।

ଅଜୟଚନ୍ଦ୍ର—ସ୍ୱର୍ଗୀୟ ରାୟ ବାହାଦୁର ଅଜୟଚନ୍ଦ୍ର ଦାସ ।

ଅଭିମନ୍ୟୁ—ପ୍ରାଚୀନ କବି ଅଭିମନ୍ୟୁ ସାମନ୍ତସିଂହାର ।

ଉତ୍କଳ-ସାହିତ୍ୟ—ଶ୍ରୀ ବିଶ୍ୱନାଥ କରଙ୍କ ପ୍ରକାଶିତ ମାସିକ ପତ୍ର ।

ଉତ୍କଳ ସେବକ—ସମ୍ବଲପୁରରୁ ପ୍ରକାଶିତ ଓଡ଼ିଆ ସମ୍ବାଦପତ୍ର ।

କବିସୂର୍ଯ୍ୟ—ପ୍ରାଚୀନ କବି କବିସୂର୍ଯ୍ୟ ବଳଦେବ ରଥ ।

କୁନ୍ତଳା; କୁନ୍ତଳାକୁମାରୀ—ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ ।

କୁଳମଣି—ପଣ୍ଡିତ ଶ୍ରୀ କୁଳମଣି ଦାଶ ।

କୃପାସିନ୍ଧୁ—ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର ।

ଗଙ୍ଗାଧର—ସ୍ୱର୍ଗୀୟ କବି ଗଙ୍ଗାଧର ମେହେର ।

ଗଡ଼ଜାତବାସିନୀ—ତାଳଚେରରୁ ପ୍ରକାଶିତ ସାପ୍ତାହିକ ପତ୍ର ।

ଗୋପାଳକୃଷ୍ଣ—ଗଞ୍ଜାମର ପ୍ରାଚୀନ କବି ।

ଗୋଲୋକ—ଅପ୍ରକାଶିତ କାବ୍ୟ ଇନ୍ଦୁରେଖାର ଆଧୁନିକ କବି ।

ଚିକିଟି—ଗଞ୍ଜାମ ଜିଲ୍ଲାର ଚିକିଟି ରାଜ୍ୟର ରାଜାସାହେବ ।

ଚିନ୍ତାମଣି—ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ ।

ଚିନ୍ତାମଣି—କବିବର ଚିନ୍ତାମଣି ମହାନ୍ତି ।

ଜଗନ୍ନାଥ—ଭକ୍ତକବି ଜଗନ୍ନାଥ ଦାସ ।

ଜଗବନ୍ଧୁ—ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ।

ତାରିଣୀ—ସ୍ୱର୍ଗୀୟ ତାରିଣୀଚରଣ ରଥ ।

ତୁଳସୀ-ବିକ୍ରମ—ଜୟପୁରର ରାଜା ବିକ୍ରମଦେବଙ୍କ କୃତ ତୁଳସୀଦାସଙ୍କ ହିନ୍ଦୀ ରାମାୟଣ ଆଦିକାଣ୍ଡର ପଦ୍ୟାନୁବାଦ ।

ଦନା (ନେ)ଇ ଦାସ—ଦନେଇ ଦାସଙ୍କ ରଚିତ ପହଳ ।

ଦାଶରଥି—ପ୍ରାଚୀନ କବି ଦାଶରଥି ଦାସ ।

ଦୀନକୃଷ୍ଣ—ଭକ୍ତକବି ଦୀନକୃଷ୍ଣ ଦାସ ।

ଦୈନିକ ଆଶା— ବ୍ରହ୍ମପୁରରୁ ପ୍ରକାଶିତ ଦୈନିକ ପତ୍ରିକା ।
ନନ୍ଦକିଶୋର—ସ୍ୱର୍ଗୀୟ କବି ନନ୍ଦକିଶୋର ବଳ ।
I had been cherishing the fond hope of laying the lexicon after completion, in the hands of His Most Gracious Majesty, the late King Emperor, George V. Now that His Majesty is in heaven, I offer from the core of my heart my homage and tribute of loyalty and devotion as an humble subject of His late Majesty.

I tender my homage to my father, the late Narasingha Praharaj, who left us in 1914 and whose literary taste, I imbibed from my child-hood. He had been feeling bitterly the want of a comprehensive Oriya Dictionary. He heartly approved of my idea of undertaking word-collection for a lexicon, in 1913-14. The fruit of the labour of his unworthy son was not fated to be laid in his hands. I trust that from heaven he is showering his blessings on the work.

My debt to my Guru, late Mr. M. S. Das, C. I. E., has been repeatedly acknowledged in the previous volumes. I trust that he is fondly watching the progress of the work from heaven.

The late Srijukta V. Kar is, I believe, looking upon the progress of the work of his unworthy associte with the same solicitude as when he was with us.

The late Pandit Nilmoni Misra, the sage of Jajpur, who breathed his last on 1-12-35 at the age of 73, had been a constant visitor and well-wisher of the work. He contributed an article for the word 'Jajpur' for the dictionary. He did not live to see his contribution published. I trust he is watching the progress and blessing the work from heaven.

My thoughts turn to my departed daughter, Srimati Labanyabati Debi, the wife of Rai Bahadoor Loknath Misra M. L. C. Advocate, Government Pleader, Puri. She had collected for me some Oriya and Bengalee books of reference before her death. Reference has been made to her help in the introduction to the first volume.

Rai Bahadur Ajay Chandra Das and Rai Bahadoor Ramsankar Roy are no more in the land of the living to encourage me by constant suggestions and supply of words. They are still watching the progress of the work in heaven.

**Number of copies sold and presented.**

Upto date 366 sets have been subsctibed in advance and 64 sets presented to patrons, well-wishers and assistants. Since the publication of the 4th volume in June 1934, 16 sets have been subscribed for and 14 sets presented.

It may be stated here that out of 360 sets sold, about 300 sets have been sold at the prepublication prices of Rs. 20/- to Rs. 30/- per set.

**Bestowal of honour and appreciation.**

The 'Revista Degli Studi Orientali', the magazine of the Rome University, published a very appreciative article on this work, in the Italian language, in its volume XIV, Fasc 2, of August 1933, from the pen of Professor Giueseppe Tucci. I give the following extracts therefrom :—

"X X The dictionary is, on account of its size and wealth of documentation, the most complete that could be desired. X X X Gopal Praharaj has highly deserved well of his country and the rebirth of vernacular studies in India. X X X X This work will greatly facilitate the study of a literature, which has also many points of contact with the literature of Bengal, and is not, by any means, one of the least interesting in India."

The Italian was very kindly translated for me into English by Professor Binoy Kumar Sircar, M. A., of the Calcutta University, to whom my thanks are due.

The Cuttack Baisya Tili Jatiya Samiti, Association, presented the compiler with an address of welcome and appreciation at a special gathering on 10-3-35.

The members of the club at Jeypore (Vizag) met the compiler in an evening party and presented him with an address of welcome and appreciation on 21st October 1934.

The compiler was awarded a Silver Jubilee Medal on the occasion of the late King Emperor's Silver Jubilee on 6-5-35.

At the 6th annual sitting of the Gangadhar Sahitya Parishad of Sambalpur on 29-1-36, over which the compiler was invited to preside, appreciating allusions were made to his humble labours.

**Financial out-look, receipts and requirements.**

The size, and consequently the cost, of the work have far outgrown the orginal and subsequent estimates

The cost for every volume has been Rs. 16,000/- on the average. Now the cost of publishing the entire 7 volumes, in more than 9000 pages, is estimated to come to Rs. 110,000/- in round numbers. Towards this requirement, a sum of Rs. 24,000/- was received from the Government of Bihar & Orissa and from the Patna University, Rs. 39,000/- from the generous doners, Rs. 10,000/ from advance subscribers in and outside India and Rs. 10,000 as loan on the security of my residential house. So, provision has been made to the extent of Rs. 83,000/-, and a further sum of Rs. 27,000/- will enable me to bring out the remaining two volumes, the 6th and the 7th. I depend upon the generosity of the patrons whom I have been approaching.

**The price of the work**

Before the printing was undertaken, the entire work had been calculated to occupy 2 volumes, of 3600 pages, requiring an outlay of Rs. 40,000/-. As the printing advanced and the size and cost of the work were found to gradually increase, the price was gradually raised to Rs. 40/-, Rs. 50/-, Rs. 60/- and Rs. 80/- respectively, per set.

Now, on the publication of the 5th volume, it is found that the work will be completed in 2 more volumes, requiring a larger outlay. So, the advance price of a complete set of 7 volumes is now fixed at Rs.115/- (one hundred and fifteen rupees) and the cash price for each volume, purchased separately, Rs. 20/8 (Rupees twenty and annas eight).

**The expected time-limit for the publication.**

Unless there is insurmountable financial or other difficulty, as befell the publication of this volume, the 6th and 7th volumes will be out at intervals of 10 months each; and it is hoped that the publication of the entire work will be completed by the end of 1937.

**A word to intendng subscribers of slender Income.**

Many friends have complained that the high price of the work makes its purchase beyond the reach of persons of moderate income. To meet this difficulty it is contemplated to introduce the system of payment by easy monthly instalments of Rs. 3/- (three) spread over 40 (forty) months or of Rs.2-8 ( two eight ) spread over 50 ( fifty ) months, on the subscribers furnishing security, to the satisfaction of the compiler or his book-sellers, about the regularity of the stipulated monthly payments. For those who cannot afford even this, it is contemplated to bring out much cheaper editions of the work (e, g. popular edition, students' edition, pocket edition ), the price of which will suit the pockets of persons of slender means.

**Thanksgiving.**

To all my colleagues, supporters, well-wishers, sympathisers, helpers, patrons, volunteers and critics I again tender my thanks.

I tender my loyalty and homage to His Most Gracious Majesty, the King Emperor Edward VIII, and invoke God's choicest blessings on His Majesty. I tender my homage to the Great Benevolent Being who has brought me and my dictionary safely up to this stage and pray that He may give me strength to see it through.

**Conclusion**

It is hoped that the Grace of the Almighty Father which has brought the publication of the Oriya lexicon and the formation of the Orissa Province, pari passu, to their present stages, will bring out the completion of the former and the harmonious working of the latter, and that the Oriya language and the Oriya nation will occupy their legitimate places of honour in the eyes of the civilised world in the near future.

God's will be done. Amen !

Bhashakosha office.
Cuttack.
ORISSA.
March, 1936.

GOPALCHANDRA PRAHARAJ,
*Compiler.*

ଏ ଗ୍ରନ୍ଥର ଆଶୀର୍ବାଦକ !

**Bestowers of blessing on the work.**



His Holiness
Mahant Gadadhar Ramanuj Das (Kaiser. I. Hind)
of Emar Math Puri.

ପୂଜ୍ୟପାଦ ମହନ୍ତ ଗଦାଧର ରାମାନୁଜ ଦାସ (କୈସର୍-ଇ-ହିନ୍ଦ୍),
ଇମାର ମଠର ମହନ୍ତ ମହାରାଜ ।



His Holiness
Jagadguru Sankara Satchidananda Saraswati Swami,
of Sankarananda Math, Puri.

ପୂଜ୍ୟପାଦ ଜଗଦ୍‌ଗୁରୁ ଶଙ୍କର ସଚ୍ଚିଦାନନ୍ଦ ସରସ୍ୱତୀ ସ୍ୱାମୀ,
ଶଙ୍କରାନନ୍ଦ ମଠ, ପୁରୀ ।

# ଅବତରଣିକା

## ଏ ଖଣ୍ଡର ପ୍ରକାଶରେ ବିଳମ୍ବ ଘଟିବାର କାରଣ

ସର୍ବଶକ୍ତିମାନ୍ ପ୍ରଭୁଙ୍କ ଅପାର କରୁଣା ଓ ମୋ ମଙ୍ଗଳାକାଂକ୍ଷି-ଗଣଙ୍କ ଶୁଭାଶୀର୍ବାଦରୁ ଭାଷାକୋଷର ପଞ୍ଚମ ଖଣ୍ଡ ପ୍ରକାଶିତ ହେଲା ।

୧୯୩୪ ମସିହା ଜୁନ୍‌ମାସରେ ଭାଷାକୋଷର ଚତୁର୍ଥ ଖଣ୍ଡ ପ୍ରକାଶିତ ହେଲାବେଳେ ସମଗ୍ର ଗ୍ରନ୍ଥ ଆଉ ଦୁଇଖଣ୍ଡରେ ଶେଷ ହେବା ଓ ପଞ୍ଚମ ଓ ଷଷ୍ଠ ଖଣ୍ଡ ଦଶ ଦଶ ମାସ ବ୍ୟବଧାନରେ ପ୍ରକାଶିତ ହେବା ଅନୁମାନ କରାଯାଇ ଥିଲା; କିନ୍ତୁ ପଞ୍ଚମ ଖଣ୍ଡ ପ୍ରକାଶିତ ହେଉ ହେଉ ଅଟକଳ ସମୟରୁ ୧୧ ମାସ ଅଧିକ ବିତିଗଲା ଏବଂ ଏ ଖଣ୍ଡକୁ ବଢାଇ ବଢାଇ ୧୬୦୦ ପୃଷ୍ଠା ବିଶିଷ୍ଟ କଲେ ସୁଦ୍ଧା ବାକି ଥିବା ଅକ୍ଷରରୁ 'ଫ' 'ବ', 'ଭ' ଓ 'ମ', ଏହି ଚାରିଗୋଟି ମାତ୍ର ଅକ୍ଷର ଏ ଖଣ୍ଡରେ ସନ୍ନିବେଶିତ ହୋଇ ପାରିଲା । ବର୍ଣ୍ଣମାଳାର ଆଉ ଆଠଗୋଟି ଅକ୍ଷର ଅବଶିଷ୍ଟ ରହିଅଛି । ଏ ଖଣ୍ଡରେ କୌଣସିମତେ 'ଲ' ଅକ୍ଷର ଯଦି ସରି ପାରିଥାଆନ୍ତା, ତେବେ ବର୍ଣ୍ଣମାଳାର ଅବଶିଷ୍ଟ ୫ ଗୋଟି ଅକ୍ଷର ଷଷ୍ଠ ଖଣ୍ଡରେ ପ୍ରକାଶିତ ହେବା ସମ୍ଭବ ହୁଅନ୍ତା । କିନ୍ତୁ ପଞ୍ଚମ ଖଣ୍ଡ 'ମ' ଅକ୍ଷରକୁ ଟପି ପାରିଲା ନାହିଁ; ଫଳତଃ ଅବଶିଷ୍ଟ ଆଠଟି ଅକ୍ଷର ନିମିତ୍ତ ଷଷ୍ଠ ଓ ସପ୍ତମ, ଏପରି ଆଉ ଦୁଇଟି ଖଣ୍ଡ ଆବଶ୍ୟକ ହେବ ।

ଚତୁର୍ଥ ଖଣ୍ଡର ପ୍ରକାଶ ପରେ ଭଗବାନ୍ ଏ ଗ୍ରନ୍ଥର ପ୍ରକାଶକ ପୁଣ୍ୟାତ୍ମା ଶ୍ରୀ ବିଶ୍ୱନାଥ କରଙ୍କୁ ୧୯୩୪ ମସିହା ଅକ୍ଟୋବର୍ ମାସରେ ଅପ୍ରତ୍ୟାଶିତଭାବରେ ଆମ୍ଭମାନଙ୍କ ମଧ୍ୟରୁ ନେଇଯାଇ ଆମ୍ଭମାନଙ୍କୁ ଦାରୁଣ ଦୁଃଖରେ ପକାଇଲେ । ତାଙ୍କ ମୃତ୍ୟୁପରେ ମୁଦ୍ରଣାଳୟର ପରିଚାଳନାରେ ଘୋର ବିଶୃଙ୍ଖଳା ଉପସ୍ଥିତ ହେଲା; ତେଣୁ ଏ ଖଣ୍ଡର ମୁଦ୍ରଣ ଆରମ୍ଭ ହେବାରେ ଅଯଥା ବିଳମ୍ବ ଘଟିଲା ।

ମୁଦ୍ରଣୋପଯୋଗୀ କରିବା ନିମନ୍ତେ ପାଣ୍ଡୁଲିପିମାନ ସଂଶୋଧନ ଓ ସମ୍ମାର୍ଜନ କରିବା, ଫଟୋମାନଙ୍କରୁ ହାଫ୍‌ଟୋନ୍ ବ୍ଲକ୍ ପ୍ରସ୍ତୁତ କରାଇବା, କାଗଜ ଓ ଛପାଖର୍ଚ୍ଚ ତୁଲାଇବା, ପ୍ରୁଫ୍ ଦେଖିବା, ଛପା ହେବା ପରେ ଛପା ଫର୍ମାମାନଙ୍କୁ ସଜାଇବା ଓ ବହି ବନ୍ଧାଇବା ଆଦି କାର୍ଯ୍ୟରେ ଭାଷାକୋଷର ପ୍ରତ୍ୟେକ ଖଣ୍ଡପାଇଁ ହାରାହାରି ଟ ୧୬୦୦୦୲ (ଷୋଳ ହଜାର) ଟଙ୍କା ଖର୍ଚ୍ଚ ହେଉଥିବା ଦେଖା ଯାଉଅଛି ।

ଏ ଖଣ୍ଡର ପୃଷ୍ଠପୋଷକ ଜୟପୁରାଧୀଶ୍ୱର ସାହିତ୍ୟସମ୍ରାଟ୍, ଉତ୍କଳ ବିକ୍ରମାଦିତ୍ୟ, ମହାରାଜ ଶ୍ରୀ ଶ୍ରୀ ଶ୍ରୀ ବିକ୍ରମଦେବ ବର୍ମା, ଡ. ଲିଟ୍. ମହୋଦୟଙ୍କଠାରୁ ପ୍ରାପ୍ତ ଟ ୧୦,୦୦୦୲ ଦଶହଜାର ଟଙ୍କାରେ ଏ ଖଣ୍ଡର ମୁଦ୍ରଣ ଆରମ୍ଭ କରାଯାଇଥିଲା । ଗ୍ରନ୍ଥର ବାରପଣ ଛପା ଫର୍ମ ଶେଷ ହେଲା ବେଳକୁ ଦେଖାଗଲା ଯେ 'ମ' ଅକ୍ଷରକୁ ଶେଷ କରିବାକୁ ହେଲେ ଏ ଖଣ୍ଡକୁ ୧୬୦୦ ପୃଷ୍ଠା ବିଶିଷ୍ଟ କରିବା ନିତାନ୍ତ ଆବଶ୍ୟକ । ଭାଷାକୋଷର ପୂର୍ବ ପ୍ରକାଶିତ ପ୍ରଥମ ତିନି ଖଣ୍ଡଠାରୁ ଏ ଖଣ୍ଡର ଆକୃତି ୪୦୦ ପୃଷ୍ଠା ଅଧିକ ହୋଇଗଲା । ଆକାରବୃଦ୍ଧି ସଙ୍ଗେ ବ୍ୟୟବୃଦ୍ଧି ଅବଶ୍ୟମ୍ଭାବୀ ହେଲା । କିନ୍ତୁ ଅନ୍ୟ ଅର୍ଥପ୍ରାପ୍ତିର କୌଣସି ସମ୍ଭାବନା ନ ଦେଖି ମୁଦ୍ରଣ ବନ୍ଦ କରି କିଛି ସମୟ ହାତ ବାନ୍ଧି ବସି ରହିବାକୁ ହେଲା । ଭଗବାନଙ୍କ କରୁଣାରୁ ପାରଳା ରାଜ୍ୟର ଦେୱାନ୍, ଏ ଗ୍ରନ୍ଥର ଆରମ୍ଭରୁ ଅକୃତ୍ରିମ ବନ୍ଧୁ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ବି. ଏଲ୍., ଏମ୍. ବି. ଇ., ଭାଷାକୋଷର ଏହି ଆର୍ଥିକ ଦୁଃସ୍ଥିତି ବିଷୟ ପ୍ରତି ପାରଳାଧୀଶ୍ୱର କାପ୍ଟେନ୍ ମହାରାଜ ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଦୃଷ୍ଟି ଆକର୍ଷଣ କଲେ ଓ ମହାରାଜ ଗତ ନଭେମ୍ବର୍ ୧୬ ତାରିଖରେ ଭାଷାକୋଷ ଆଶ୍ରମରେ ପଦାର୍ପଣ କଲେ ଓ ଭାଷାକୋଷର ଅର୍ଥସଙ୍କଟ ଦୂର କରିବା ପାଇଁ ଟ ୫୦୦୦୲ (ପାଞ୍ଚହଜାର) ଟଙ୍କା ଦାନ କଲେ । ଉପଯୁକ୍ତ ସମୟରେ ଏ ଦାନ କରଗତ ହୋଇ ନ ଥିଲେ ଏହି ପଞ୍ଚମ ଖଣ୍ଡର ମୁଦ୍ରଣ ବ୍ୟୟ ତୁଲାଇ ଏହା ବର୍ତ୍ତମାନ ପ୍ରକାଶ କରିବା ମଧ୍ୟ ମୋ ପକ୍ଷରେ ଅସମ୍ଭବ ହୋଇ ଥାଆନ୍ତା । ଏହି ସବୁ କାରଣରୁ ଏ ଖଣ୍ଡ ପ୍ରକାଶରେ ବିଳମ୍ବ ଘଟିଅଛି ।

ଏହି ଖଣ୍ଡର ପ୍ରକାଶରେ ନିମ୍ନଲିଖିତ ସଦାଶୟ ବ୍ୟକ୍ତିମାନଙ୍କର ଦାନ ଯଥେଷ୍ଟ ସହାୟତା କରିଅଛି ।

| | |
|---|---|
| ୧ । ଆଠମଲ୍ଲିକ ରାଜ୍ୟାଧୀଶ ଶ୍ରୀ ଶ୍ରୀ ଶ୍ରୀ କିଶୋରଚନ୍ଦ୍ର ଦେଓ | ଟ ୫୦୦୲ |
| ୨ । ଗଞ୍ଜାମର ଧରାକୋଟ ରାଜ୍ୟାଧିପ | ଟ ୧୦୦୲ |
| ୩ । ଏମ୍, ରହିମ୍ ଖାଁ, କଟକ | ଟ ୨୦୦୲ |
| ୪ । ଖଣ୍ଡପଡ଼ା ରାଜେଶ୍ୱର | ଟ ୪୦୲ |
| ୫ । ଖଡ଼ିଆଳ ଲାଲ୍ ଶିବନାରାୟଣ ଦେବ | ଟ ୧୦୦୲ |
| ୬ । ରାୟ ସାହେବ ନୃସିଂହ ଚରଣ ଚୌଧୁରୀ, ଯାଜପୁର | ଟ ୧୦୦୲ |
| ୭ । ଦର୍ପଣ ଜମିଦାର ଶ୍ରୀଯୁକ୍ତ ଏସ. ଏନ. ଗୁଠୁ, କଟକ | ଟ ୨୫୲ |
| ୮ । କୁମାର ଗୋକୁଳଚନ୍ଦ୍ର ରାହା, ଜମିଦାର, ହରିଶପୁର, କଟକ | ଟ ୨୫୲ |

ଶେଷୋକ୍ତ ଦାନ ତିନୋଟି କଟକ ଜିଲ୍ଲାର ଭୂତପୂର୍ବ କଲେକ୍ଟର୍ ଶ୍ରୀଯୁକ୍ତ ବି. ସି. ମୁଖର୍ଜୀ, ଆଇ. ସି. ଏସ୍, ମହୋଦୟଙ୍କ ବ୍ୟକ୍ତିଗତ ଚେଷ୍ଟାର ଫଳ । ସେ ମହୋଦୟ ଭାଷାକୋଷ କାର୍ଯ୍ୟର ଅଗ୍ରଗତି କଲେ ଯଥେଷ୍ଟ ଆଗ୍ରହ ଦେଖାଉ ଥିଲେ ଏବଂ କଟକ ଓ ବାଲେଶ୍ୱରର କେତେକ ବଦାନ୍ୟ ଧନିକମାନଙ୍କୁ ଭାଷାକୋଷପାଇଁ ସାହାଯ୍ୟ ଦାନ କରିବାକୁ ଅନୁରୋଧ କରି ପତ୍ର ଲେଖିଥିଲେ । ଓଡ଼ିଶାର ଏହି ଜାତୀୟ କାର୍ଯ୍ୟରେ ଜଣେ ବଙ୍ଗୀୟ ଜିଲ୍ଲାଧୀଶ୍ୱରଙ୍କର ଏତାଦୃଶ ମମତା ଓ ଆଗ୍ରହ ଦେଖି ମୋ ମନରେ ଯଥେଷ୍ଟ ପ୍ରୀତି ଓ ଆନନ୍ଦ ଜାତ ହୋଇଅଛି ।

## ଏ ଖଣ୍ଡର ଅନ୍ତର୍ଗତ ବିଷୟ

ପ୍ରଥମ ଖଣ୍ଡରେ ବର୍ଣ୍ଣମାଳାରୁ ସ୍ୱରବର୍ଣ୍ଣ ୧୩ ଟି ଏବଂ ଦ୍ୱିତୀୟ ଓ ତୃତୀୟ ଖଣ୍ଡରେ ଯଥାକ୍ରମେ ୭ଟି ଓ ୧୨ଟି ବ୍ୟଞ୍ଜନ ବର୍ଣ୍ଣ ଶେଷ ହୋଇଥିଲା । ଚତୁର୍ଥ ଖଣ୍ଡରେ ୪ ଗୋଟି ମାତ୍ର ବ୍ୟଞ୍ଜନ ବର୍ଣ୍ଣ ସରିଲା ଓ ଏ ଖଣ୍ଡରେ ଆଉ ଚାରିଟି ବ୍ୟଞ୍ଜନ ବର୍ଣ୍ଣ ଶେଷ

ହେଲା । ଏହାପରି ପାଞ୍ଚ ଖଣ୍ଡରେ ୩୯ ଟି ଅକ୍ଷର ଶେଷ ହୋଇ ଆଉ ୮ ଗୋଟି ଅକ୍ଷର ବାକି ରହୁଅଛି । ଏଥିରୁ ଏକା "ସ" ଅକ୍ଷରଟି ପାଇଁ ପ୍ରାୟ ୧୦୦୦ ପୃଷ୍ଠା ଲୋଡ଼ା ହେବ ବୋଲି ଅନୁମାନ କରାଯାଉ ଅଛି । ତେଣୁ ଏହି ଗ୍ରନ୍ଥ ଓ ଏହି ଗ୍ରନ୍ଥର ସଙ୍କଳନ-କର୍ତ୍ତା ମୋର ଚବିଶି ବର୍ଷବ୍ୟାପୀ ଶ୍ରମ ପରବର୍ତ୍ତୀ ୬ଷ୍ଠ ଓ ୭ମ, ଦୁଇ ଖଣ୍ଡର ପ୍ରକାଶରେ ଯାଇଁ ପୂର୍ତ୍ତିଲାଭ କରିବ । ୧୯୨୯ ମସିହାରେ ମୁଦ୍ରଣବିଶାରଦ ବିଶେଷଜ୍ଞମାନେ ଅଟକଳ କରି ଥିଲେ ଯେ ଦୁଇ ଖଣ୍ଡରେ ଗ୍ରନ୍ଥ ସମାପ୍ତିଲାଭ କରିବ । କିନ୍ତୁ ବର୍ତ୍ତମାନ ଗ୍ରନ୍ଥ ୨ ଖଣ୍ଡରୁ ବଢି ବଢି ୭ ଖଣ୍ଡରେ ପହଞ୍ଚିଲାଣି !!

## ଗ୍ରନ୍ଥର ଆକାର କମାଇବାର ଉପାୟ

ଗ୍ରନ୍ଥର ଆକାର କମାଇବା ପାଇଁ ତୃତୀୟ ଓ ଚତୁର୍ଥ ଖଣ୍ଡରେ ଯେଉଁ ସବୁ ଉପାୟ ଅବଲମ୍ବିତ ହୋଇଥିଲା, ଏ ଖଣ୍ଡରେ ସେ ସବୁ ଅନୁସୃତ ହୋଇଅଛି । ପ୍ରଥମ ୩ ଖଣ୍ଡର ପ୍ରତ୍ୟେକ ପୃଷ୍ଠାର ଶିରୋଦେଶରେ ଓ ୪ର୍ଥ ଖଣ୍ଡରେ ୧୦୦ ପୃଷ୍ଠା ବ୍ୟବଧାନରେ ଦିଆଯାଇ ଥିବା ସଙ୍କେତ ଏ ଖଣ୍ଡର ଆଦ୍ୟରେ, ପ୍ରାନ୍ତରେ ଓ ଓ ମଧ୍ୟରେ ସ୍ଥାନେ ସ୍ଥାନେ ମାତ୍ର ପ୍ରଦତ୍ତ ହୋଇଅଛି । ଶବ୍ଦମାନଙ୍କର ବିଭିନ୍ନ ଅର୍ଥ ଓ ଶିଷ୍ଟପ୍ରୟୋଗମାନଙ୍କୁ ଏକାଦିକ୍ରମେ ଧାଡ଼ିମୂଳରୁ ଲଗାଲଗି କରି ଛାପିବାର ପ୍ରସ୍ତାବ ମୁଁ ଚତୁର୍ଥ ଖଣ୍ଡର ପ୍ରକାଶ ଯାଏ ଗ୍ରହଣ କରି ନ ଥିଲି । କିନ୍ତୁ ଅର୍ଥର ପରିସ୍ଥିତି ଓ କଳେବର ବୃଦ୍ଧି ବିଷୟ ଆଲୋଚନା କରି ଏ ଖଣ୍ଡରେ ତାହା ବାଧ୍ୟ ହୋଇ ଗ୍ରହଣ କଲି ।

## ଏ ଖଣ୍ଡର ମୋଟ ଶବ୍ଦ ସଂଖ୍ୟା

ପ୍ରଥମ ଚାରିଖଣ୍ଡରେ ସନ୍ନିବେଶିତ ଶବ୍ଦ ଓ ବାକ୍ୟାଂଶମାନଙ୍କର ସଂଖ୍ୟା ୯୬ହଜାର । ଏହି ପଞ୍ଚମ ଖଣ୍ଡରେ ଶବ୍ଦସଂଖ୍ୟା ୩୯ହଜାର; ତେଣୁ ଏ ଖଣ୍ଡକୁ ମିଶାଇ ମୋଟ ଶବ୍ଦ ସଂଖ୍ୟା ୧ଲକ୍ଷ ୩୫ହଜାର ହେଉଅଛି । ଆଉ ଯେଉଁ ୮ଟି ଅକ୍ଷର ଅବଶିଷ୍ଟ ରହୁଅଛି, ତହିଁର ଅନୁମାନିକ ଶବ୍ଦ ସଂଖ୍ୟା ୬୫୦୦୦ ହେଉଥିବା ସ୍ଥଳେ ଓଡ଼ିଆ ଭାଷାରେ ବ୍ୟବହୃତ ମୋଟ ଶବ୍ଦ ସଂଖ୍ୟା ଦୁଇଲକ୍ଷ ଭାଷାକୋଷରେ ସଂଗୃହୀତ ହେବ । କାଶୀର ନାଗରୀପ୍ରଚାରିଣୀ ସଭାକର୍ତ୍ତୃକ ପ୍ରକାଶିତ ଆଠ-ଭାଗବିଶିଷ୍ଟ 'ହିନ୍ଦୀ ଶବ୍ଦସାଗର' ନାମକ ହିନ୍ଦୀ ଶବ୍ଦକୋଷ ଗ୍ରନ୍ଥର ମୋଟ ଶବ୍ଦ ସଂଖ୍ୟା ୯୩ ହଜାର ଅଟେ ଓ ଜ୍ଞାନେନ୍ଦ୍ର ମୋହନଙ୍କ ବଙ୍ଗଳା ଅଭିଧାନରେ ସଂଗୃହୀତ ଶବ୍ଦ ସଂଖ୍ୟା ୭୫୦୦୦ ଅଟେ । ଏଥିରୁ ଓଡ଼ିଆ ଭାଷାର ଶବ୍ଦବିଭବ ସମ୍ବନ୍ଧରେ ଅନୁମେୟ ।

## ଅଭିଧାନ ଗ୍ରନ୍ଥାବଳୀ

ପ୍ରକାଶିତ ଖଣ୍ଡମାନଙ୍କ ସଙ୍କଳନରେ ବ୍ୟବହୃତ ଅଭିଧାନ ଗ୍ରନ୍ଥମାନଙ୍କ ଛଡ଼ା ଏ ଖଣ୍ଡର ସଙ୍କଳନରେ ନିମ୍ନଲିଖିତ ଗ୍ରନ୍ଥଦ୍ୱୟ ବ୍ୟବହୃତ ହୋଇଅଛି ।

୧ । ବଙ୍ଗୀୟ ବିଜ୍ଞାନ ପରିଷଦ ସଙ୍କଳିତ ଓ କଲିକତା ଲଞ୍ଜିମାୟୁରଙ୍ଗ୍ କଲେଜ୍ କର୍ତ୍ତୃକ ପ୍ରକାଶିତ "ବୈଜ୍ଞାନିକ ପରିଭାଷା" ।

୨ । ଶ୍ରୀଯୁକ୍ତ ରାଜଶେଖର ବସୁଙ୍କ କୃତ ବଙ୍ଗଭାଷାର ସଂକ୍ଷିପ୍ତ ଅଭିଧାନ "ଚଳନ୍ତିକା" ।

ଏ ଖଣ୍ଡର ଆଦ୍ୟରେ ପ୍ରଦତ୍ତ ହୋଇଥିବା ଅଭିଧାନ ଗ୍ରନ୍ଥ-ତାଲିକାରେ ଏହି ଦୁଇ ପୁସ୍ତକର ନାମ ସନ୍ନିବେଶିତ ହୋଇ-ଅଛି ।

ଏ ଖଣ୍ଡରେ ସନ୍ନିବେଶିତ 'ମହିମା ଗୋସାଇଁ' ଓ 'ମହିମା ଧର୍ମ' ଶୀର୍ଷକ ସନ୍ଦର୍ଭଦ୍ୱୟ ବୃଦ୍ଧ ଅବଧୂତ ସନ୍ନ୍ୟାସୀ ବିଶ୍ୱନାଥ ବାବାଙ୍କ ଦ୍ୱାରା ଲିଖିତ ହୋଇଅଛି । ମହାରାଜ ବିକ୍ରମଦେବ ବର୍ମା, ବାବୁ ଜଗବନ୍ଧୁ ସିଂହ, ଡାକ୍ତର ରାଧାଚରଣ ପଣ୍ଡା, ପଣ୍ଡିତ ବାଇକୋଳି ମହାପାତ୍ର ଜ୍ୟୋତିଷତତ୍ତ୍ୱବିନୋଦ, ପଟ୍ଟାଏତ ବଳଭଦ୍ର ଧୀର, ବାବୁ ମନମୋହନ ଘୋଷ, ବି. ଏଲ୍, ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ, ପ୍ରୋଫେସର କପିଳବିହାରୀ ରାୟ ଆଦି ବନ୍ଧୁ ପରବର୍ତ୍ତୀ ଖଣ୍ଡମାନଙ୍କ ପାଇଁ କେତେକ ସନ୍ଦର୍ଭ ଲେଖିବାକୁ ସ୍ୱୀକାର କରିଅଛନ୍ତି ।

## ଶବ୍ଦ ସଂଗ୍ରହର ଅପୂର୍ଣ୍ଣତା ଓ ସଂକଳନରେ ଅନ୍ୟାନ୍ୟ ତ୍ରୁଟି

ଓଡ଼ିଆ ଭାଷାରେ ବ୍ୟବହୃତ ଶବ୍ଦ ସମ୍ଭାର ଯେ ପୂର୍ଣ୍ଣଭାବରେ ଏ ଗ୍ରନ୍ଥରେ ସଂଗୃହୀତ ହୋଇ ପାରି ନାହିଁ, ଏହା ମୁଁ ନିଜେ ସବୁଠାରୁ ବେଶୀ ହୃଦୟଙ୍ଗମ କରୁଅଛି; କାରଣ, ବହୁ ସହସ୍ର ପ୍ରାଦେଶିକ ବୈଜ୍ଞାନିକ, ପାରିଭାଷିକ, ପ୍ରାଚୀନ ବ୍ୟବହାର ସିଦ୍ଧ ଓ ପୌରାଣିକ ଶବ୍ଦ ମୋ ସଂଗ୍ରହର ଅନ୍ତର୍ଭୁକ୍ତ ହୋଇ ପାରିନାହିଁ ବୋଲି ମୁଁ ବରାବର ସ୍ୱୀକାର କରି ଆସିଅଛି । ତଥାପି ଯେଉଁ ଅକ୍ଷରମାନ ଅଦ୍ୟାବଧି ପ୍ରକାଶିତ ହୋଇନାହିଁ, ତତ୍ତତ୍ ଅକ୍ଷରାଦ୍ୟ ନୂତନ ଶବ୍ଦମାନ ମୋ ଦୃଷ୍ଟିରେ ପଡ଼ିଲେ ତାହା ପାଣ୍ଡୁଲିପିରେ ଯଥାସ୍ଥାନରେ ଯୋଗ କରୁ-ଅଛି । ଯେଉଁ ଅକ୍ଷରମାନଙ୍କର ମୁଦ୍ରଣ ସମାପ୍ତ ହେଲାଣି ତତ୍ତତ୍ ଅକ୍ଷରାଦ୍ୟ ଶବ୍ଦମାନ ଭାଷାକୋଷର ପରିକଳ୍ପିତ ପରିଶିଷ୍ଟ ଖଣ୍ଡ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ପାଣ୍ଡୁଲିପିରେ ଟିପି ରଖୁଅଛି ।

ଅନ୍ୟାନ୍ୟ ତ୍ରୁଟିମାନଙ୍କ ବିଷୟରେ ମୋର ଏତିକି ମାତ୍ର ବକ୍ତବ୍ୟ ଯେ ମାନବୀୟ ଯେ କୌଣସି ଚେଷ୍ଟା ଭ୍ରମ ପ୍ରମାଦରୁ ଏକାବେଳକେ ମୁକ୍ତ ନୁହେ । ଯେଉଁମାନେ ଦୟା କରି ଏ ଗ୍ରନ୍ଥରେ ଲକ୍ଷିତ ଭ୍ରମ-ପ୍ରମାଦ ପ୍ରତି ମୋ ଦୃଷ୍ଟି ଆକର୍ଷଣ କରି ଅଛନ୍ତି ଓ କରିବେ ସେମାନେ ସମସ୍ତେ ମୋର କୃତଜ୍ଞତାଭାଜନ । ପ୍ରଦର୍ଶିତ ଭ୍ରମ ଯଦି ପ୍ରକୃତ ଭ୍ରମ ହୋଇଥାଏ ଓ ପ୍ରସ୍ତାବିତ ସଂଶୋଧନ ଯଦି ଯୁକ୍ତିସଙ୍ଗତ ମନେ ହୁଏ, ତେବେ ତାକୁ ସଂଶୋଧନ ଗ୍ରହଣ କରି ତଦନୁଯାୟୀ ମୋର ଭ୍ରମ ନିରାକରଣ କରିବାକୁ ମୁଁ ଆଦୌ କୁଣ୍ଠିତ ହେବ ନାହିଁ ।

## ମୋ ସହକର୍ମିଗଣ

ଉତ୍କଳ ସାହିତ୍ୟ ପ୍ରେସର ଅଧ୍ୟକ୍ଷ ଓ ମୋ ଗ୍ରନ୍ଥର ପୂଚଳୀୟ ପ୍ରକାଶକ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ମୃତ୍ୟୁରେ ବ୍ୟକ୍ତିଗତ ଭାବରେ ମୋର ଯେଉଁ କ୍ଷତି ହୋଇଅଛି ତାହା ପୂରଣ ହୋଇ ପାରିବ ନାହିଁ ।

ଏ ଗ୍ରନ୍ଥର ସଂଶୋଧନ ଓ ସମ୍ମାର୍ଜନରେ ଏକାଦିକ୍ରମେ ପାଞ୍ଚ ବର୍ଷକାଳ ମୋହର ବିଶିଷ୍ଟ ସହକର୍ମୀ ପୁଣ୍ୟାତ୍ମା ପଣ୍ଡିତ ରାମଚନ୍ଦ୍ର ରଥ ସାମନ୍ତ

## Well-wishers of the work.

## ଏ ଗ୍ରନ୍ଥର ମଙ୍ଗଳକାମିଗଣ ।



M. Rahim Khan, Merchant, Cuttack

ଶ୍ରୀଯୁକ୍ତ ମୂନସୀ ରହିମ୍ ଖାଁ, ମହାଜନ, କଟକ



Khan Bahadur Sayed Abdul Majid B. A.
Cuttack.

ଖାଁ ବାହାଦୁର ସୟଦ ଅବ୍‌ଦୁଲ୍ ମଜିଦ୍ ବି. ଏ.
କଟକ ।



Rai Saheb Nalinikanta Ghosh, B.Sc. B. L
Deputy Magistrate, Puri.

ରାୟ ସାହେବ ନଳିନୀକାନ୍ତ ଘୋଷ
ବି. ଏସ୍. ସି, ବି. ଏଲ୍
ଡେପୁଟୀ ମାଜିଷ୍ଟ୍ରେଟ୍ ପୁରୀ ।



Babu Bamdeb Misra, B. A.
Dewan, Athmallik State.

ବାବୁ ବାମଦେବ ମିଶ୍ର ବି. ଏ.
ଦେବାନ୍, ଅଠମଲ୍ଲିକ ଷ୍ଟେଟ୍



Sj. Amarballabh Dey M. A. B. L.
State Judge, Bamra State.

ଶ୍ରୀଯୁକ୍ତ ଅମରବଲ୍ଲଭ ଦେ ଏମ୍. ଏ., ବି. ଏଲ୍.
ଷ୍ଟେଟ୍ ଜଜ୍, ବାମଣ୍ଡା ଷ୍ଟେଟ୍

ନିଜର ଅତୁଳନୀୟ ନିଷ୍ଠାପର ଜୀବନ ସାଙ୍ଗ କରି ଗତ ୧୯୩୬ ମସିହା ଜାନୁଆରୀ ମାସରେ ସ୍ୱର୍ଗାରୋହଣ କଲେ । ତାଙ୍କ ଅକାଳ ବିୟୋଗରେ ଭାଷାକୋଷ ଦାରୁଣ କ୍ଷତିଗ୍ରସ୍ତ ହୋଇଅଛି ।

ବିହାର ଓଡ଼ିଶା ସରକାରଙ୍କ ବୋର୍ଡ୍ ଅଫ୍ ରେଭିନ୍ୟୁର ସଦସ୍ୟ ମାନ୍ୟବର ସି. ଏଲ. ଫିଲପ୍, ସି. ଆ. ଇ., ଆଇ. ସି. ଏସ୍. ଓଡ଼ିଶା ବିଭାଗର କମିସନର ଥିଲା ବେଳେ ଏ ଗ୍ରନ୍ଥର ପୂର୍ବବର୍ତ୍ତୀ ଖଣ୍ଡମାନଙ୍କ ପ୍ରକାଶ ସମୟରେ ମୋହର ଜଣେ ସମ୍ମାନନୀୟ ସହକର୍ମୀ ଥିଲେ । ସେ ବର୍ତ୍ତମାନ ଓଡ଼ିଶାରୁ ଦୂରରେ ଅବସ୍ଥାନ କରୁଥିଲେ ସୁଦ୍ଧା ଭାଷାକୋଷ ପ୍ରତି ତାଙ୍କର ପୂର୍ବ ମମତା ଅକ୍ଷୁଣ୍ଣ ରହିଅଛି ।

ମୋହର ସହକର୍ମିଣୀ ଶ୍ରୀମତୀ ପୀତାମ୍ବରୀ ଦେବୀ ଓ ସହକର୍ମୀ ଶ୍ରୀଯୁକ୍ତ ପଣ୍ଡିତ କୁଳମଣି ଦାସ କାବ୍ୟତୀର୍ଥ, ବାବୁ ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର ଏମ. ଏ., ବି. ଏଲ, ପଣ୍ଡିତ ନରସିଂହ ମହାପାତ୍ର ସାମନ୍ତ, ବାବୁ ଭୁବନେଶ୍ୱର ମିଶ୍ର, ବାବୁ ଗୋଲୋକ ଚନ୍ଦ୍ର ପ୍ରଧାନ ପୂର୍ବପରି ନିଜ ନିଜର ନିର୍ଦ୍ଦିଷ୍ଟ କର୍ମରେ ଲାଗି ଅଛନ୍ତି । ଶ୍ରୀଯୁକ୍ତ ସତ୍ୟାନନ୍ଦ ନାରାୟଣ ରାୟ ଏମ. ଏ., ବି. ଏଲ. ପୂର୍ବପରି ମୋତେ ବଙ୍ଗଳା ପ୍ରତିଶବ୍ଦମାନ ଯୋଗାଉ ଅଛନ୍ତି, ଫଳସ୍ ବୈଶ୍ୟ ବିଦ୍ୟାଳୟ (କଟକର ହିନ୍ଦୀ ମଧ୍ୟ ଇଂରାଜୀ ବିଦ୍ୟାଳୟ)ର ହେଡ୍ ମାଷ୍ଟର ଦ୍ୱାରଭଙ୍ଗା ଜିଲ୍ଲାର ବେହେଟା ଗ୍ରାମନିବାସୀ ଶ୍ରୀଯୁକ୍ତ ରମେଶ୍ୱର ଝା ଓ ହେଡ୍ ପଣ୍ଡିତ ମୁଜଫରପୁର ଜିଲ୍ଲାର ଜନାର୍ଦ୍ଦନପୁର ଗ୍ରାମ ନିବାସୀ ଶ୍ରୀଯୁକ୍ତ ଚନ୍ଦ୍ରନାରାୟଣ ଠାକୁର ପୂର୍ବରୁ ମୋତେ ହିନ୍ଦୀ ପ୍ରତିଶବ୍ଦମାନ ଯୋଗାଉଥିଲେ । ଏବେ ପଣ୍ଡିତ ସୁରେଶ ଚନ୍ଦ୍ର ଝା ସେ ଦୁହିଙ୍କ ସଙ୍ଗେ ମୋତେ ଉକ୍ତ କର୍ମରେ ସାହାଯ୍ୟ କରୁଅଛନ୍ତି ।

ପ୍ରାଚୀ ସମିତିର ଓ ଇଂରାଜୀ 'ପ୍ରାଚୀ' ପତ୍ରିକା ଓ 'ବୈତରଣୀ' ପତ୍ରିକାର ଭୂତପୂର୍ବ ସମ୍ପାଦକ ନିଷ୍ଠାପର ତରୁଣ ବାଣୀସେବକ ଶ୍ରୀମାନ୍ ବିନ୍ଦନଚରଣ ପଟ୍ଟନାୟକ ବି. ଏ. (ଅନର୍ସ୍) ବିଗତ ୨ବର୍ଷ ହେଲା ଭାଷାକୋଷ କାର୍ଯ୍ୟରେ ଯୋଗଦାନ କରିଅଛନ୍ତି । ତାଙ୍କୁ ପାଇବା ଯୋଗୁଁ ପଣ୍ଡିତ ରାମଚନ୍ଦ୍ରଙ୍କ ମୃତ୍ୟୁପରେ ଭାଷାକୋଷ କାର୍ଯ୍ୟାଳୟର ଶକ୍ତିବୃଦ୍ଧି ଘଟିଅଛି ।

ଓଡ଼ିଶାର ସୁପରିଚିତ ସୁଲେଖକଦ୍ୱୟ ଶ୍ରୀମାନ୍ ପଣ୍ଡିତ କୃଷ୍ଣଚନ୍ଦ୍ର କର ଓ ପଣ୍ଡିତ ଭଗବାନ ପତି ଭାଷାକୋଷ ଅଶ୍ରମରେ କର୍ମୀରୂପେ ଯୋଗ ଦେଇଅଛନ୍ତି ।

ବାବୁ ପଦ୍ମଚରଣ ଦାସ କଟକ ଗ୍ରହଣ ପରେ ଉତ୍କଳ ସାହିତ୍ୟ ପ୍ରେସର ମେନେଜର୍ ବାବୁ କୁଳମଣି କର ଭାଷାକୋଷର ପ୍ରୁଫ୍ ସଂଶୋଧନ କର୍ମରେ ନିଯୁକ୍ତ ହୋଇଅଛନ୍ତି ।

କଟକ ଟ୍ରେନିଙ୍ଗ୍ ସ୍କୁଲର ହେଡ୍ ମାଷ୍ଟର୍ ବାବୁ କୃଷ୍ଣଚନ୍ଦ୍ର ସେନ ଗୁପ୍ତ ଏମ. ଏ., ବି. ଇଡ଼ ଭାଷାକୋଷର ପାଣ୍ଡୁଲିପି ସଂଶୋଧନ କାର୍ଯ୍ୟରେ ମୋତେ ବେଳେ ବେଳେ ସାହାଯ୍ୟ କରୁଅଛନ୍ତି ।

ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ତିରୋଧାନ ପରେ ଭାଷାକୋଷର ମୁଦ୍ରଣ କାର୍ଯ୍ୟ ଉତ୍କଳ ସାହିତ୍ୟ ପ୍ରେସରେ ଆଉ ସୁରୁଖୁରୁରେ ଚାଲିବ ନାହିଁ ବୋଲି ମୋ ମନରେ ଗୁରୁତର ଆଶଙ୍କା ଜାତ ହୋଇଥିଲା, କିନ୍ତୁ ସ୍ୱର୍ଗତ ଅଧ୍ୟକ୍ଷଙ୍କ ଅନୁଜ 'ଉତ୍କଳ ସାହିତ୍ୟ' ପତ୍ରିକାର ବର୍ତ୍ତମାନ ସମ୍ପାଦକ ଶ୍ରୀମାନ୍ ସଦାନନ୍ଦ କର ମୋ ମନରୁ ସେ ଆଶଙ୍କା ସମୂଳେ ଦୂରୀଭୂତ କରିଅଛନ୍ତି । ମନପ୍ରାଣ ନିୟୋଗ କରି ଯେଉଁ ନିଷ୍ଠା ସହିତ ସେ ଭାଷାକୋଷ ମୁଦ୍ରଣ କାର୍ଯ୍ୟ କରାଉଅଛନ୍ତି, ତାହା ଅନନ୍ୟସାଧାରଣ ଓ ତଦ୍ୱାରା ଉତ୍କଳ ସାହିତ୍ୟ ପ୍ରେସର ପୂର୍ବ ସୁନାମ ଓ ପୂର୍ବ ଠେକ ଅକ୍ଷୁଣ୍ଣ ରହିଅଛି ।

ବମ୍ବାଇ ଜି. ଆଇ. ପି. ରେଲୱେର ଅସିଷ୍ଟାଣ୍ଟ୍ ଟ୍ରାଫିକ୍ ସୁପରିଣ୍ଟେଣ୍ଡେଣ୍ଟ୍ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଲ ବି. ଏସସି., ଆଇ. ଏସ. ଆର. ଏସ., ଡାକ୍ତର ସୁଧାଚରଣ ପଣ୍ଡା ଏଲ. ଏମ୍. ପି, ଶ୍ରୀକ୍ଷେତ୍ରବାସିନୀ ଓଡ଼ିଆ ନାରୀକବି ଶ୍ରୀମତୀ ଅପର୍ଣ୍ଣା ଦେବୀ, ଅଠମଲ୍ଲିକ ରାଜ୍ୟର ଦେୱାନ୍ ବାବୁ ବାମଦେବ ମିଶ୍ର ବି. ଏ., ବାମଣ୍ଡା ରାଜ୍ୟର ଷ୍ଟେଟ୍ ଜଜ୍ ଶ୍ରୀଯୁକ୍ତ ଅମରେନ୍ଦ୍ର ବଲ୍ଲଭ ଦେ ଏମ. ଏ., ବି. ଏଲ. ସମ୍ବଲପୁରର ସରକାରୀ ଓକିଲ ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ପୁରୋହିତ, ଭାଷାକୋଷର ପ୍ରଥମ ଖଣ୍ଡର ପ୍ରକାଶଠାରୁ ପ୍ରାଦେଶିକ ଶବ୍ଦଚୟର ନିଷ୍ଠାପର ସଂଗ୍ରାହକ, ଖାରଲାକେମୁଣ୍ଡି ନିବାସୀ, ବଣାଇଗଡ଼ର ଶିକ୍ଷକ 'ହିତସୂଚୀଶାପ୍ରବାଣ' ଲେଖକ ବାବୁ ବିନାୟକ ଦାସ, ବାଙ୍କୀ ନିବାସୀ ଉତ୍କଳର ପ୍ରସିଦ୍ଧ ନାଟ୍ୟକାର ଓ ସଙ୍ଗୀତାଚାର୍ଯ୍ୟ ବାବୁ କାଳୀଚରଣ ପଟ୍ଟନାୟକ କବିଚନ୍ଦ୍ର, ଖଲ୍ଲିକୋଟ ନିବାସୀ ଜ୍ୟୋତିଷତତ୍ତ୍ୱବିନୋଦ ପଣ୍ଡିତ ଶ୍ରୀଯୁକ୍ତ ବାଇକୋଳି ମହାପାତ୍ର, ଖଡ଼ିଆଳ ରାଜ୍ୟର ନରପତିଙ୍କର ପିତୃବ୍ୟ ଶ୍ରୀ ଲାଲ୍ ଶିବନାରାୟଣ ସିଂହ ଦେଓ, କଳାହାଣ୍ଡି ଅନ୍ତର୍ଗତ ମଦନପୁର ରାମପୁରର ରାଜା ଶ୍ରୀ ଦୁର୍ଗାମାଧବ ପ୍ରସାଦ ସିଂହ ଦେବ, ପୁରୀର ବାବୁ ଜଗବନ୍ଧୁ ସିଂହ ଓ ଅଠଗଡ଼ବାସୀ ପଣ୍ଡିତ ଶ୍ରୀଯୁକ୍ତ ଘାନବନ୍ଧୁ ରଥ ମୋତେ ଶତ ଶତ ପ୍ରାଦେଶିକ, ପାରିଭାଷିକ ଓ ସରୋଇ ଶବ୍ଦ ଯୋଗାଇ ଆସୁଅଛନ୍ତି । କେବଳ ଏତିକି ନୁହେଁ, ଏମାନଙ୍କ ମଧ୍ୟରୁ କେତେଜଣ ଭାଷାକୋଷ ନିମନ୍ତେ ଗ୍ରାହକ ସଂଗ୍ରହ ଓ ଭାଷାକୋଷର ମୁଦ୍ରଣ ଓ ପ୍ରକାଶ କଳ୍ପେ ଦେଶର ବଦାନ୍ୟମଣ୍ଡଳିଙ୍କ-ଠାରେ ଅନୁ କରିବାରେ ଲାଗିଅଛନ୍ତି ।

## ଭାଷାକୋଷର ସମ୍ମାନନୀୟ ପୃଷ୍ଠପୋଷକ ମଣ୍ଡଳୀ

ଓଡ଼ିଶା ପ୍ରଦେଶର ପ୍ରଥମ ଗଭର୍ଣ୍ଣର୍ ଉତ୍କଳବନ୍ଧୁ ମାନ୍ୟବର ମିଷ୍ଟର ଜେ. ଏ. ହବାକ୍, ଏମ. ଏ., ସି. ଏସ. ଆଇ., ଆଇ. ସି. ଏସଙ୍କ କରୁଣାରୁ ଭାଷାକୋଷ ସଦାଶୟ ସରକାରଙ୍କ ବଦାନ୍ୟତା ଲାଭ କରିଥିଲା । ସେ ମହାନୁଭବ ଓଡ଼ିଶା ବିଭାଗର କମିସନର୍ ଥିଲା ସମୟରେ ଭାଷାକୋଷର ପାଣ୍ଡୁଲିପି ପରିଦର୍ଶନ କରି ଭାଷାକୋଷ ପ୍ରକାଶ ନିମନ୍ତେ ମୁକ୍ତହସ୍ତରେ ଟଙ୍କା ମଞ୍ଜୁର କରିବା ନିମନ୍ତେ ସରକାରଙ୍କଠାରେ ଦୃଢ଼ଭାବେ ସୁପାରସ୍ କରିଥିଲେ । ତାଙ୍କ ଅନୁମତି ସହକାରେ ଭାଷାକୋଷର ପ୍ରଥମ ଖଣ୍ଡ ତାଙ୍କ ନାମରେ ଉତ୍ସୃଷ୍ଟ ହୋଇଅଛି । ତାଙ୍କର ସୁପାରସ୍‌ରେ ଓଡ଼ିଶା ଗଡ଼ଜାତମାନଙ୍କର ପଲିଟିକାଲ୍ ଏଜେଣ୍ଟ୍ ଓ କମିଶନର୍ ଏବଂ ଇଷ୍ଟର୍ଣ୍ଣ ଷ୍ଟେଟ୍‌ସ୍ ଏଜେନ୍‌ସିର ମହାମାନ୍ୟ ଗଭର୍ଣ୍ଣର ଜେନେରଲ୍‌ଙ୍କ ଏଜେଣ୍ଟ୍ ମହୋଦୟମାନଙ୍କ କୃପାଦୃଷ୍ଟି ଭାଷାକୋଷ ପ୍ରତି ଆକର୍ଷିତ ହୋଇଥିଲା । ଭାଷାକୋଷ ପ୍ରତି ସେ ସର୍ବଦା ଜନକୋଚିତ ବାତ୍ସଲ୍ୟ ପୋଷଣ କରି ଆସିଅଛନ୍ତି ।

ସାହିତ୍ୟ କଳାର ପୋଷକତା ଓ ସମୃଦ୍ଧି ଦାତୃତ୍ୱ ହେତୁରୁ ଯାହାଙ୍କ ନାମ ଆଜି ଉତ୍କଳ ଓ ଅନ୍ଧ୍ରଦେଶର ଘରେ ଘରେ ସୁପରିଚିତ, ସେହି ଜୟପୁରାଧୀଶ୍ୱର ସାହିତ୍ୟସମ୍ରାଟ୍, ଉତ୍କଳ ଚକ୍ରମାର୍ତ୍ତଣ୍ଡ, ମହାରାଜ ଶ୍ରୀ ଶ୍ରୀ ଶ୍ରୀ ବିକ୍ରମଦେବ ବର୍ମା ଡି. ଲିଟ୍, ପାଣ୍ଡୁଲିପି ଲେଖା ଆରମ୍ଭ ହେଲା ଦିନୁ ଏ ଗ୍ରନ୍ଥ ସହିତ ଘନିଷ୍ଠଭାବରେ ସମ୍ପୃକ୍ତ। ବିହାର ଓଡ଼ିଶା ସରକାରଙ୍କଦ୍ୱାରା ନିଯୁକ୍ତ ଭର୍ଣ୍ଣାକ୍ୟୁଲର ଡେଭଲପ୍‌ମେଣ୍ଟ କମିଟି ଆଗରେ ଓଡ଼ିଆ ଭାଷାର ଖଣ୍ଡେ ସର୍ବାଙ୍ଗସୁନ୍ଦର ଅଭିଧାନ ପ୍ରଣୟନ ପାଇଁ ବ୍ୟବସ୍ଥା ହେବାର ପ୍ରସ୍ତାବ ଅଧ୍ୟାପକ ବିଜୟଚନ୍ଦ୍ର ମଜୁମଦାରଙ୍କ ସଙ୍ଗେ ମହାରାଜ ପ୍ରଥମେ ଉପସ୍ଥାପିତ କରିଥିଲେ। ସେହିଦିନୁ ସେ ମୋତେ ଶତ ଶତ ପ୍ରାଦେଶିକ ଶବ୍ଦ ଯୋଗାଇ ଆସିଅଛନ୍ତି। ଭାଷାକୋଷର ଏହି ଖଣ୍ଡର ମୁଦ୍ରଣ ନିମନ୍ତେ ସେ ଗତ ବର୍ଷ ମୋ ହସ୍ତରେ ୧୦ ହଜାର ସମର୍ପଣ କରିବାରୁ ଏ ଖଣ୍ଡର ମୁଦ୍ରଣ ଆରମ୍ଭ କରିବା ମୋ ପକ୍ଷରେ ସମ୍ଭବପର ହେଲା। ଭାଷାକୋଷ ପାଇଁ ତାଙ୍କ ନିକଟରୁ ଯେତେ ଯେତେ ସହାୟତା ମିଳିଅଛି ତାହା ପୂର୍ବଖଣ୍ଡମାନଙ୍କର ଅବତରଣିକାରେ ଯଥାସ୍ଥାନରେ କୃତଜ୍ଞତା ସହକାରେ ସ୍ୱୀକୃତ ହୋଇଅଛି। ଚତୁର୍ଥ ଖଣ୍ଡ ତାଙ୍କର ନାମରେ ଉତ୍ସୃଷ୍ଟ ହୋଇଅଛି ଓ ତାଙ୍କୁ ଏହି ଖଣ୍ଡର ପୃଷ୍ଠପୋଷକ ବୋଲି ଘୋଷଣା କରିବାକୁ ସେ ମୋତେ ଦୟା କରି ଅନୁମତି ପ୍ରଦାନ କରିଅଛନ୍ତି। ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ମହାରାଜାଙ୍କ ସଙ୍ଗେ ଗତ [illegible] ବର୍ଷ ହେଲା ଅନ୍ତରଙ୍ଗ ବନ୍ଧୁତା ସୂତ୍ରରେ ଆବଦ୍ଧ ହେବାର ସୌଭାଗ୍ୟ ପାଇ ମୋ ଜୀବନ ଧନ୍ୟ ହୋଇଅଛି।

ଗତ [illegible]।୭।[illegible] ତାରିଖ ଦିନ ମହାରାଜ ନିଜର ଦୌହିତ୍ର ମହାରାଜକୁମାର ଶ୍ରୀ ରାମକୃଷ୍ଣ ଦେବଙ୍କୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କଲେ ଓ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କ ଏଜେଣ୍ଟ୍ ମହୋଦୟଙ୍କ ଉପସ୍ଥିତିରେ ସମ୍ପ୍ରଦାନ ଓ ଗ୍ରହଣ ବିଧି ଓ ଦତ୍ତହୋମ ଉତ୍ସବ ସମାହିତ ହୋଇ ମହାରାଜକୁମାରଙ୍କ ନାମରେ ପୋଷ୍ୟପୁତ୍ର ଗ୍ରହଣ-ପତ୍ର ଯଥାବିଧି ରେଜେଷ୍ଟ୍ରି ହେଲା। ଏହି ଶୁଭୋତ୍ସବର ସ୍ମାରକ ରୂପେ [illegible] ମହାରାଜକୁମାରଙ୍କ ନିଜ ଭଣ୍ଡାରରୁ ଏ ଗ୍ରନ୍ଥର ଭଣ୍ଡାରକୁ ପୁଣି ଟ ୨୦୦୦୯ ମିଳିଅଛି। ମହାରାଜଙ୍କ ଅନୁମତି ସହକାରେ ଏ ଖଣ୍ଡରେ ମହାରାଜକୁମାରଙ୍କ ପ୍ରତିକୃତି ସନ୍ନିବେଶିତ ହୋଇଅଛି।

ଉତ୍କଳର ଭବିଷ୍ୟତ୍ ବଂଶଧରଗଣ ନବୀନ ଓଡ଼ିଶା ପ୍ରଦେଶର ସୂତ୍ରଧାର ବୋଲି ଯାହାଙ୍କର ପୁଣ୍ୟ ନାମ ସ୍ମରଣ କରୁଥିବେ ଏବଂ ଯାହାଙ୍କ ଅକ୍ଲାନ୍ତ ଶ୍ରମ ଓ ମହାପ୍ରାଣ ତ୍ୟାଗ ଫଳରେ ଜୟପୁର ଓ ପାରଳା ଭୂଖଣ୍ଡ ନୂତନ ପ୍ରଦେଶର ଅନ୍ତର୍ଭୁକ୍ତ ହେଲା, ସେହି ପୁଣ୍ୟଶ୍ଳୋକ ପାରଳାଧୀଶ୍ୱର କାପ୍ଟେନ୍ ମହାରାଜ ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଏମ. ଏଲ. ସି, ଗତ ୧୭।୧୧।୩୫ ତାରିଖରେ ଭାଷାକୋଷ ଆଶ୍ରମରେ ପଦାର୍ପଣ କରି-ଥିଲେ। ମହାରାଜ ପଞ୍ଚମ ଖଣ୍ଡର ମୁଦ୍ରଣ ସମାପ୍ତି ନିମନ୍ତେ ୫ ହଜାର ଟଙ୍କା ଦାନ କରିଅଛନ୍ତି। ଜୟପୁର ମହାରାଜଙ୍କ ବଦାନ୍ୟତା ବଳରେ ଆରମ୍ଭ ଏ ଖଣ୍ଡର ମୁଦ୍ରଣ ଆଜି ପାରଳାର ମହାରାଜାଙ୍କ ବଦାନ୍ୟତାରେ ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେଲା; ତେଣୁ କୃତଜ୍ଞତାର କ୍ଷୀଣ ନିଦର୍ଶନରୂପେ ଭାଷାକୋଷର ଏହି ପଞ୍ଚମଖଣ୍ଡ ତାଙ୍କ ଅନୁମତି ସହକାରେ ମହାରାଜଙ୍କ ମହନୀୟ ନାମରେ ଉତ୍ସୃଷ୍ଟ ହେଲା।

ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ସର୍ କୋର୍ଟନି ଟେରେଲ୍, ଏ ଗ୍ରନ୍ଥର ପ୍ରଥମ ଦୁଇ ଖଣ୍ଡ ପ୍ରକାଶ ହେଲା ଦିନୁ ଏ ଗ୍ରନ୍ଥ ପ୍ରତି ଅସାଧାରଣ ମମତା ପ୍ରଦର୍ଶନ କରି ଆସି ଅଛନ୍ତି। ସେ ମହାନୁଭବ ଗତ ୯।୧।୩୫ ତାରିଖ ଦିନ ଭାଷାକୋଷ ଆଶ୍ରମରେ ଦ୍ୱିତୀୟବାର ଓ ଗତ ୧୭।୧।୩୬ ତାରିଖ ଦିନ ତୃତୀୟ ବାର ପଦାର୍ପଣ କରି ଗ୍ରନ୍ଥକାରଙ୍କୁ ସମୁତ୍ସାହିତ କରିଅଛନ୍ତି। ସେ ମହାନୁଭବଙ୍କୁ ଏ ଗ୍ରନ୍ଥର ଜଣେ ସମ୍ମାନନୀୟ ପୋଷକରୂପେ ବରଣ କରି ତାଙ୍କର ପ୍ରତିକୃତି ୫ମ ଖଣ୍ଡରେ ସନ୍ନିବେଶିତ କରିବାକୁ ସେ ମୋତେ ଅନୁମତି ପ୍ରଦାନ କରିଥିବାରୁ ମୁଁ ତାଙ୍କ ପାଖରେ କୃତଜ୍ଞତା ପାଶରେ ଆବଦ୍ଧ।

ଇଷ୍ଟର୍ଣ୍ଣ ଷ୍ଟେଟ୍‌ସ୍ ଏଜେନ୍ସିର ମହାମାନ୍ୟ ଗଭର୍ଣ୍ଣର୍ ଜେନେରଲଙ୍କ ଭୂତପୂର୍ବ ଏଜେଣ୍ଟ ମିଷ୍ଟର ଇ. ସି. ଗିବସନ୍, ସି. ଆଇ. ଇ, ଆଇ. ସି. ଏସ୍., ବର୍ତ୍ତମାନ ସୁଦୂର ଗୋଆଲିୟରରେ ରେସିଡେଣ୍ଟ୍‌ରୂପେ ଅବସ୍ଥିତ ରହି ସୁଦ୍ଧା ଏ ଗ୍ରନ୍ଥ ପ୍ରତି ପୂର୍ବ ମମତା ଅକ୍ଷୁଣ୍ଣ ରଖିଅଛନ୍ତି।

ଇଷ୍ଟର୍ଣ୍ଣ ଷ୍ଟେଟ୍‌ସ୍ ଏଜେନ୍ସି ନିମନ୍ତେ ମହାମାନ୍ୟ ଗଭର୍ଣ୍ଣର୍ ଜେନେରଲଙ୍କ ବର୍ତ୍ତମାନ ଏଜେଣ୍ଟ୍ ଲେଫ୍‌ଟେନେଣ୍ଟ୍ କର୍ଣ୍ଣେଲ୍ ଏ. ଏସ. ମୀକ୍, ସି. ଏମ. ଜି, ଭାଷାକୋଷକୁ ଓ ଭାଷାକୋଷକାରଙ୍କୁ ସର୍ବଦା କୃପାଦୃଷ୍ଟିରେ ନିରୀକ୍ଷଣ କରୁଅଛନ୍ତି ଓ ଭାଷାକୋଷ ପ୍ରତି ଇଷ୍ଟର୍ଣ୍ଣ ଷ୍ଟେଟ୍‌ସ୍ ଅଧୀଶ୍ୱରମାନଙ୍କର କୃପାଦୃଷ୍ଟି ଆକର୍ଷଣ କରି ସେ ମହୋଦୟ ମୋର ଅଶେଷ କୃତଜ୍ଞତାର ଆଧାର ହୋଇଅଛନ୍ତି।

ବିହାର ଓଡ଼ିଶା ପ୍ରଦେଶର ଭୂତପୂର୍ବ ଗଭର୍ଣ୍ଣର୍ ମାନ୍ୟବର ସର୍ ଏଚ୍. ଏଲ୍. ଷ୍ଟିଫେନ୍‌ସନ୍ ଜି. ସି. ଆଇ. ଇ., କେ. ସି. ଏସ. ଆଇ., କେ. ସି. ଆଇ. ଇ., ଆଇ. ସି. ଏସ. ମହୋଦୟ ଭାଷାକୋଷ ପ୍ରଥମ ଖଣ୍ଡର ପୃଷ୍ଠପୋଷକ ଥିଲେ ଓ ତାଙ୍କ ଅମଳରେ ଗଭର୍ଣ୍ଣମେଣ୍ଟଙ୍କ ଭଣ୍ଡାରରୁ ଭାଷାକୋଷ ପାଇଁ ୧୯୬୦୦ ଟଙ୍କା ସାହାଯ୍ୟ ମଞ୍ଜୁର ହୋଇ-ଥିଲା। ସେ ମହୋଦୟ ଆଜି ଆମ୍ଭମାନଙ୍କଠାରୁ ଦୂରରେ ଥିଲେ ସୁଦ୍ଧା ଏ ଗ୍ରନ୍ଥର ନିର୍ବିଘ୍ନ ପରିସମାପ୍ତି ପାଇଁ ତାଙ୍କର ସଦିଚ୍ଛା ସର୍ବଦା ପୋଷଣ କରୁ ଅଛନ୍ତି।

ମାନ୍ୟବର ସର୍ ଜେ. ଡି. ସିଫ୍ଟନ୍, କେ. ସି. ଏସ. ଆଇ., କେ. ସି. ଆଇ. ଇ., ଆଇ. ସି. ଏସ୍ ବିହାର ଓଡ଼ିଶା ସରକାରଙ୍କ ଏକ୍‌ଜିକ୍ୟୁଟିଭ୍ କାଉନସିଲ୍‌ର ସଦସ୍ୟ ରୂପେ ଓ ବିହାର ଓଡ଼ିଶା ପ୍ରଦେଶର ଗଭର୍ଣ୍ଣର୍ ରୂପେ ଏ ଗ୍ରନ୍ଥ ପାଇଁ ସରକାରଙ୍କ କୃପାଦୃଷ୍ଟି ଆକର୍ଷଣ କରାଇଥିଲେ ଓ ସେ ମହୋଦୟଙ୍କୁ ଗ୍ରନ୍ଥର ଦ୍ୱିତୀୟ ଖଣ୍ଡର ପୃଷ୍ଠପୋଷକ କରା ଯାଇଥିଲା। ସେ ମହୋଦୟ ଗ୍ରନ୍ଥକାର ପ୍ରତି ତାଙ୍କର ଚିରନ୍ତନ କରୁଣା କେବେ ହେଲେ ଭୁଲି ନାହାନ୍ତି ଓ ସଂଗ୍ରାହକ ଯେତେବେଳେ ଯେଉଁ ଅଳି ନେଇ ତାଙ୍କ ପାଖରେ ଉପସ୍ଥିତ ହୋଇଅଛି ସେତେବେଳେ ସେ ତା ଅଳିକୁ ଧୈର୍ଯ୍ୟ ସହକାରେ ଶୁଣି ଅଛନ୍ତି। ସେ ମହୋଦୟ ଗଭର୍ଣ୍ଣର୍ ଥିବା କାଳରେ ଗ୍ରନ୍ଥକାର କାଇସର୍-ଇ-ହିନ୍ଦ୍ ରୌପ୍ୟପଦକ ପ୍ରାପ୍ତ ହୋଇଅଛି। ଏଣିକି ସେ ମହୋଦୟ ପ୍ରଦେଶାନ୍ତରର ଗଭର୍ଣ୍ଣର ହେଲେ ସୁଦ୍ଧା ଏ

# The compiler and his assistants
# ସଂଗ୍ରାହକ ଓ ସହକର୍ମୀଗଣ



The Compiler, G. C. Praharaj
ସଂଗ୍ରାହକ, ଗୋପାଳଚନ୍ଦ୍ର ପ୍ରହରାଜ



Srimati Pitambari Debi
ଶ୍ରୀମତୀ ପୀତାମ୍ବରୀ ଦେବୀ ।



Pundit Kulamani Das Kabyatirtha.
ପଣ୍ଡିତ କୁଳମଣି ଦାଶ କାବ୍ୟତୀର୍ଥ ।



Babu Mahananda Kar
Publisher of this volume,
Editor, the Utkal Sahitya.
ଏ ଖଣ୍ଡର ପ୍ରକାଶକ ଶ୍ରୀ ମହାନନ୍ଦ କର,
ଉତ୍କଳ ସାହିତ୍ୟ ପତ୍ରିକାର ସମ୍ପାଦକ



Sreejukta S. N. Ray, M. A., B. L.
Advocate, Cuttack.
ଶ୍ରୀଯୁକ୍ତ ସଜ୍ଜନ ନାରାୟଣ ରାୟ ଏମ୍. ଏ., ବି. ଏଲ୍.
ଆଡଭୋକେଟ୍, କଟକ ।

ଗ୍ରନ୍ଥ ପ୍ରତି ତାଙ୍କର ପୂର୍ବ ମମତା ଯେ ଅକ୍ଷୁଣ୍ଣ ରଖିଥିବେ, ଏ ଆଶା ଗ୍ରନ୍ଥକାର ପକ୍ଷେ ନିତାନ୍ତ ସ୍ୱାଭାବିକ ।

ବଦାନ୍ୟବଂଶକୀର୍ତ୍ତି ମହାରାଜ ମୟୂରଭଞ୍ଜାଧୀଶ୍ୱର ସର୍ ପ୍ରତାପଚନ୍ଦ୍ର ଭଞ୍ଜ ଦେବ, କେ. ସି. ଆଇ. ଇ. ଙ୍କ ପ୍ରାଥମିକ ଦାନ ଅଠରହଜାର ଟଙ୍କା ଓ ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ଦାନକୁ ସମ୍ବଳ କରି ଅକିଞ୍ଚନ ଗ୍ରନ୍ଥକାର ଏ ଗ୍ରନ୍ଥର ପ୍ରଥମ ଓ ଦ୍ୱିତୀୟ ଖଣ୍ଡର ମୁଦ୍ରଣରେ ଅଗ୍ରସର ହୋଇଥିଲା । ତାଙ୍କର ପୁଣ୍ୟଶ୍ଲୋକ ଅଗ୍ରଜ 'ପୂର୍ଣ୍ଣଚନ୍ଦ୍ର'ଙ୍କ ନାମକୁ ଶିରୋଦେଶରେ ଧାରଣ କରି ଭାଷାକୋଷ ଦୁସ୍ତର ପାଞ୍ଚସମୁଦ୍ର ପାର ହୋଇଅଛି । ଆଉ ଦୁଇ ସମୁଦ୍ର ଲଙ୍ଘି ସାତ ସମୁଦ୍ର ପାର ହେବା ନିମନ୍ତେ—ଏ ଗ୍ରନ୍ଥର ପରିପୂର୍ତ୍ତି ନିମନ୍ତେ—ସେ ମହାମନା ତାଙ୍କର ଅକ୍ଷୟ ରାଜଭଣ୍ଡାରକୁ ଉନ୍ମୁକ୍ତ ରଖିବେ, ଏହା ଆଶା କରିବା ମୋ ପକ୍ଷରେ ସ୍ୱାଭାବିକ ।

ବୌଦ୍ଧ ରାଜ୍ୟାଧୀଶ ରାଜା ନାରାୟଣ ପ୍ରସାଦ ଦେବ ମହୋଦୟ ଏ ଗ୍ରନ୍ଥର ତୃତୀୟ ଖଣ୍ଡର ପୃଷ୍ଠପୋଷକ ଥିଲେ ଓ ତୃତୀୟ ଖଣ୍ଡ ତାଙ୍କର ନାମରେ ଉତ୍ସୃଷ୍ଟ । ସେ ମଧ୍ୟ ଏ ଗ୍ରନ୍ଥର ନିର୍ବିଘ୍ନ ପରିସମାପ୍ତି କଳ୍ପେ ନିଜର ମମତାମୟ ଉଦ୍‌ବେଗ ଅକ୍ଷୁଣ୍ଣ ରଖିଅଛନ୍ତି ।

ଅଷ୍ଟମଲ୍ଲିକେଶ ରାଜା କିଶୋରଚନ୍ଦ୍ର ଦେଓ ଏ ଗ୍ରନ୍ଥ ପ୍ରତି ତାଙ୍କର ଚିରନ୍ତନ କରୁଣା ପୂର୍ବବତ୍ ବଜାୟ ରଖିଅଛନ୍ତି । ଏହି ପଞ୍ଚମ ଖଣ୍ଡର ମୁଦ୍ରଣ ସମୟରେ ସେ ମହୋଦୟ ପାଞ୍ଚଶତ ଟଙ୍କା ଦାନ କରିଅଛନ୍ତି । ଗତ ୨୬।୧୦।୩୫ ତାରିଖ ଦିନ ସେ ଦୟା କରି ଭାଷାକୋଷ ଆଶ୍ରମରେ ପାଦ ପକାଇ ଯାଇ ଅଛନ୍ତି ।

ବିହାର ଓଡ଼ିଶା ପ୍ରଦେଶର ଶିକ୍ଷାବିଭାଗର ଡାଇରେକ୍ଟର୍ ମହାମତି ଶ୍ରୀଯୁକ୍ତ ଜି. ଇ. ଫକସ୍, ଏମ୍. ଏ, ସି. ଆଇ. ଇ, ଓ. ବି. ଇ, ଭି. ଡି, ଆଇ. ଇ. ଏସ୍ ୧୯୨୯ ମସିହାରେ ଭାଷାକୋଷର ପାଣ୍ଡୁଲିପି ସନ୍ଦର୍ଶନ କରି ଗ୍ରନ୍ଥକାର ପ୍ରତି ଅନନ୍ୟସାଧାରଣ ସହାନୁଭୂତି ଜ୍ଞାପନ କରିଥିଲେ । ସେହିଦିନୁ ଅର୍ଥାତ୍ ବିଗତ ସାତ ବର୍ଷ ହେଲା, ଭାଷାକୋଷର ମୁଦ୍ରଣ ଓ ପ୍ରକାଶ ପାଇଁ ସେ ଜନକୋଚିତ ବାତ୍ସଲ୍ୟ ଓ ମମତା ପ୍ରଦର୍ଶନ କରି ଆସିଅଛନ୍ତି । ତାଙ୍କର ସୁପ୍ରଶସ୍ତ ହୃଦୟରେ ଭାଷାକୋଷ ନିମନ୍ତେ ସେ ଯେ ଗୋଟିଏ ବଶିଷ୍ଟ ସ୍ନେହାର୍ଦ୍ର ସ୍ଥାନ ମାର୍କା ମାରି ରଖିଅଛନ୍ତି, ଏଥିରେ ମୋର ତିଳାର୍ଦ୍ଧ ମାତ୍ର ସନ୍ଦେହ ନାହିଁ । ତାଙ୍କଠାରୁ ଏଗ୍ରନ୍ଥର ସମୁଚିତ ପ୍ରଶଂସାବାଦ ଶୁଣି ଓଡ଼ିଶାର ବିଭାଗୀୟ କମିଶନର୍ ଭାଷାକୋଷ ନିମନ୍ତେ ସରକାରଙ୍କ ଅନୁଗ୍ରହ ଆକର୍ଷଣ କରିବାରେ କ୍ଷମ ହୋଇଥିଲେ ଓ ତାଙ୍କ ଆନ୍ତରିକ ସହଯୋଗ ଫଳରେ ଭାଷାକୋଷ ପାଇଁ ପାଟଣା ବିଶ୍ୱବିଦ୍ୟାଳୟରୁ ପାଞ୍ଚହଜାର ଟଙ୍କା ମିଳିଲା ଓ ଆଉ ସାହାଯ୍ୟ ମିଳିବ । ଏଣିକି ଆମ୍ଭମାନଙ୍କଠାରୁ ସେ ଦୂରରେ ରହିଲେ ସୁଦ୍ଧା ତାଙ୍କର ସଦିଚ୍ଛା ଓ ଆଶୀର୍ବାଦବଳରୁ ଭାଷାକୋଷ କସ୍ମିନ୍ କାଳେ ବଞ୍ଚିତ ହେବ ନାହିଁ, ଏହା ମୋର ଧ୍ରୁବ ବିଶ୍ୱାସ ।

ଓଡ଼ିଶା ବିଭାଗର ସୁଯୋଗ୍ୟ କମିସନର୍ ମନୀଷୀ ଶ୍ରୀଯୁକ୍ତ ଇ. ଏସ୍. ହର୍ଣ୍ଣେଲ୍, ଆଇ. ସି. ଏସ୍, ଭାଷାକୋଷ ପ୍ରତି ଯଥେଷ୍ଟ ସ୍ନେହ ଓ ମମତା ରଖି ଅଛନ୍ତି । ଏ ଖଣ୍ଡର ଇଂରାଜୀ ଅବତରଣିକାରେ ତାଙ୍କର ଥରେ ଆଖି ପଡ଼ିଅଛି ।

ନୂତନ ଓଡ଼ିଶା ପ୍ରଦେଶର ଶିକ୍ଷାବିଭାଗର ଡାଇରେକ୍ଟର୍ ଶ୍ରୀଯୁକ୍ତ ଏଚ୍. ଡିପି, ଏମ୍. ଏ, ଡି. ଏସ୍. ଓ, ଆଇ. ଇ. ଏସ୍; ବହୁଦିନ ହେଲା ଭାଷାକୋଷ ସହିତ ସୁପରିଚିତ । ସେ ୧୭।୧୨।୩୫ ତାରିଖରେ କଟକରେ ପଦାର୍ପଣ କରିବା ସମୟରେ ଭାଷାକୋଷ ଆଶ୍ରମ ପରିଦର୍ଶନ କରି ଭାଷାକୋଷର ମୁଦ୍ରଣ ଏତେଦୂର ଅଗ୍ରସର ହୋଇଥିବା ଦେଖି ଅତିଶୟ ଆନନ୍ଦିତ ହୋଇଥିଲେ ।

## ଏ ଗ୍ରନ୍ଥର ଭାବୀ ପୃଷ୍ଠପୋଷକବର୍ଗ

ଗତ ୨୭।୧।୩୬ ତାରିଖରେ ବଲାଙ୍ଗିରଠାରେ ନାନା ସଦ୍‌ଗୁଣ-ବିଭୂଷିତ ପାଟଣାରାଜ୍ୟାଧୀଶ ଯୁବକ ମହାରାଜ ଶ୍ରୀ ଶ୍ରୀ ଶ୍ରୀ ରାଜେନ୍ଦ୍ର-ନାରାୟଣ ସିଂହ ଦେଓ ମହୋଦୟଙ୍କର ସାକ୍ଷାତ୍ ପରିଚୟ ଲାଭ କରିବାର ସୌଭାଗ୍ୟ ପାଇ ମୁଁ କୃତାର୍ଥ ହୋଇଅଛି । ତାଙ୍କର ରାଜ୍ୟ ଶାସନ ପ୍ରଣାଳୀ, ଦକ୍ଷତା, ସୌଜନ୍ୟ, ଧୈର୍ଯ୍ୟ, ଦେଶପ୍ରୀତି ଓ ବହୁତୋମୁଖ ଜ୍ଞାନସମ୍ଭାର ଦେଖି ପୌରାଣିକ ଯୁଗର ରାଜର୍ଷିମାନଙ୍କ କଥା ମୋ ମନରେ ଉଦୟ ହେଲା ଓ ଆମ ଦେଶ ଏପରି ଜଣେ ଆଦର୍ଶ ନରପତିଙ୍କୁ ବକ୍ଷରେ ଧାରଣ କରିଥିବାରୁ ମୁଁ ଅତ୍ୟନ୍ତ ଗର୍ବ ଓ ଗୌରବ ଅନୁଭବ କରୁଅଛି । ଉତ୍କଳର ରାଜନ୍ୟମଣ୍ଡଳରେ ଏହି ଉଦୀୟମାନ ତରୁଣ ମହାରାଜ ହିଁ ଯେ ଗୌରବାବହ ସମୁଚ୍ଚ ଆସନର ଅଧିକାରୀ ହେବେ, ଏଥିରେ ସନ୍ଦେହ ନାହିଁ ।

୧୯୨୯ ମସିହାରେ ଯାହାଙ୍କର ପ୍ରଥମ ଦାନବଳରେ ଭାଷାକୋଷ ପାଣ୍ଡୁଲିପିର ସଙ୍କଳନ କାର୍ଯ୍ୟ ଆରମ୍ଭ ହୋଇଥିଲା, ସେହି ଗୁଣଗ୍ରାହୀ କଳାହାଣ୍ଡି ନରେଶ ମହାରାଜ ବ୍ରଜମୋହନ ଦେବ, ଓଡ଼ିଆ ଭାଷାର ଓ ସାହିତ୍ୟର ପରିପାଳକ, ସାହିତ୍ୟସେବକ, ଦାନ-ବୀର ସୁବର୍ଣ୍ଣପୁରାଧୀଶ ମହାରାଜ ବୀରମିତ୍ରୋଦୟ ସିଂହଦେବ ଧର୍ମନିଧି, ଜ୍ଞାନଗୁଣାକର, କେ. ସି. ଆଇ, ଇ. ଏମ୍. ଆର୍. ଏ. ଏସ୍, ପୁରୁଷାନୁକ୍ରମେ ସାହିତ୍ୟସେବକ ନରପତିଗଣଙ୍କ ସୁଯୋଗ୍ୟ ବଂଶଧର ବାମଣ୍ଡାର ତରୁଣ ନୃପତି ରାଜା ଭାନୁଗଙ୍ଗ ତ୍ରିଭୁବନ ଦେବ, ବାମଣ୍ଡାର ପୂଜନୀୟା ରାଜମାତା ମହୋଦୟା, ଉତ୍କଳର ଗର୍ବ ଓ ଗୌରବାସ୍ପଦ ପ୍ରାଚୀନ ମହାରାଜବଂଶଧର ବୀର ଶ୍ରୀ ଗଜପତି ରାଜା ଶ୍ରୀ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ, ଏ ଗ୍ରନ୍ଥର ସହାୟକ କେନ୍ଦୁଝର ରାଜେଶ୍ୱର ରାଜା ଶ୍ରୀ ବଳଭଦ୍ର ନାରାୟଣ ଭଞ୍ଜଦେବ, ଧୀରପ୍ରଶାନ୍ତ-ଚେତା, ସୌଜନ୍ୟ ଓ ସଦାଳାପମଧୁର, ସାହିତ୍ୟରସିକ ବଣାଇ ରାଜ୍ୟାଧିପ ଶ୍ରୀ ରାଜା ଇନ୍ଦ୍ର ଦେଓ, ଦଶପଲ୍ଲାଧୀଶ ଯୁବକ ରାଜା କିଶୋରଚନ୍ଦ୍ର ଦେଓ ଭଞ୍ଜ, ତାଳଚେରର ସାହିତ୍ୟସେବକ ନରପତି ରାଜା ଶ୍ରୀ କିଶୋରଚନ୍ଦ୍ର ବୀରବର ହରିଚନ୍ଦନ, ଏ ଗ୍ରନ୍ଥ ସଙ୍ଗେ ପନ୍ଦର ବର୍ଷ ହେଲା ସୁପରିଚିତ । କନିକା ନରେଶ ରାଜା ସର୍ ରାଜେନ୍ଦ୍ର-ନାରାୟଣ ଭଞ୍ଜଦେଓ, ନାଇଟ୍, ଓ. ବି. ଇ, ବଡ଼ାମ୍ବା ରାଜ୍ୟର ଯୁବକ ରୁଲିଙ୍ଗ୍ ଚୀଫ୍ ରାଜା ନାରାୟଣ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର, ପାଟଣା ବିଶ୍ୱବିଦ୍ୟାଳୟ ଓ କଲିକତା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷବର୍ଗ, ଗ୍ରନ୍ଥକାରର ଓ ସହଧର୍ମିଣୀ ଶ୍ରୀମତୀ ପୀତାମ୍ବରୀଙ୍କ ସହୋଦର-ପ୍ରତିମ, ରାୟ ବାହାଦୁର ଲୂପ୍ପାଁ ଭୂଷଣଚନ୍ଦ୍ର ମହାପାତ୍ର ପ୍ରମୁଖ ବଦାନ୍ୟ ମହୋଦୟଗଣଙ୍କ ନିକଟରେ ଭାଷାକୋଷର ଆର୍ଥିକ

ପରିଶିଷ୍ଟର ବିଷୟ ଉପସ୍ଥାପିତ କରି ଯାଇଅଛି ଏବଂ ଗ୍ରନ୍ଥକାରର ଦୃଢ଼ ଆଶା ଯେ, ଏମାନଙ୍କ ବଦାନ୍ୟତାଦ୍ୱାରା ଭାଷାକୋଷର ଅବଶିଷ୍ଟ ଦୁଇଖଣ୍ଡର ମୁଦ୍ରଣ ଓ ପ୍ରକାଶପଥ ସୁଗମ ହେବ ।

ମୁଁ ଆଶା କରେଁ ଯେ, ଖଡ଼ିଆଳ ରାଜ୍ୟାଧୀପ ରାଜା ଆର୍ତ୍ତତ୍ରାଣ ସିଂହ ଦେଓ, ପାଲଲହଡ଼ା ନରେଶ ରାଜା ମୁନିପାଲ, ଏମାର ମଠାଧୀଶ ମହନ୍ତ ମହାରାଜ ଗଦାଧର ରାମାନୁଜ ଦାସ ଆଦି ଦାତୃମଣ୍ଡଳ ଅଚିରେ ନିଜ ନିଜ ପ୍ରତିଶ୍ରୁତି ରକ୍ଷା କରି ଭାଷାକୋଷର ସହାୟତା କରିବେ । ଏଠାରେ କୃତଜ୍ଞତା ସହକାରେ ଉଲ୍ଲେଖ କରୁଅଛି କି କଳାହାଣ୍ଡି ମଦନପୁର ପାଟଣାର ଜମିଦାର ସାହେବ ରାଜା ଶ୍ରୀ ଉମାଶଙ୍କର ପ୍ରସାଦ ସିଂହ ଏ ଖଣ୍ଡର ମୁଦ୍ରଣକର୍ମର ପରିସମାପ୍ତ ପରେ ତାଙ୍କ ପ୍ରତିଶ୍ରୁତ ସାହାଯ୍ୟ ପାଞ୍ଚଶତ ଟଙ୍କା ମଧ୍ୟରୁ ଦୁଇଶତ ଟଙ୍କା ପ୍ରେରଣ କରିଅଛନ୍ତି । ତାଙ୍କ ଫଟୋ ବିଳମ୍ବରେ ହସ୍ତଗତ ହେବାରୁ ଏ ଖଣ୍ଡରେ ଦିଆଯାଇ ପାରିଲା ନାହିଁ ।

## ଭାଷାକୋଷର ହିତାକାଙ୍କ୍ଷୀବର୍ଗ

ଅତ୍ୟନ୍ତ ଆନନ୍ଦ ସହିତ ପ୍ରକାଶ କରୁଅଛି ଯେ, ଏ ଗ୍ରନ୍ଥର ହିତାକାଙ୍କ୍ଷୀ ସ୍ୱର୍ଗତ ସର୍ ସୟଦ୍ ମହମ୍ମଦ୍ ଫକରୁଦ୍ଦୀନ୍‌ଙ୍କ ପରେ ମୁଁ ଉତ୍କଳୀୟ ମୁସଲମାନ୍ କୁଳପ୍ରଦୀପ ଖାଁ ବାହାଦୁର୍ ସେଖ୍ ଅବ୍ଦୁଲ ମଜୀଦ୍ ବି. ଏ ମହୋଦୟଙ୍କ ସହାନୁଭୂତି ଓ ସହାୟତା ଲାଭ କରିବାକୁ ସକ୍ଷମ ହୋଇଅଛି । ଏ ଗ୍ରନ୍ଥର ସହାୟତା କରିବାକୁ ଗତ ୧୯୨୯ ମସିହାରେ ଯେତେବେଳେ ଉତ୍କଳର ବଦାନ୍ୟ ବ୍ୟକ୍ତିମାନଙ୍କ ପାଖକୁ ମୁଦ୍ରିତ ପ୍ରାର୍ଥନାପତ୍ର ପ୍ରେରିତ ହୋଇଥିଲା, ଖାଁ ବାହାଦୁର୍ ସେତେବେଳେ ସେହି ପ୍ରାର୍ଥନାପତ୍ରରେ ସ୍ୱାକ୍ଷର କରିଥିଲେ । ସେ ବର୍ତ୍ତମାନ ତାଙ୍କ ସମ୍ପ୍ରଦାୟର ବଦାନ୍ୟ ବ୍ୟକ୍ତିମାନଙ୍କ ସଦୟ ଦୃଷ୍ଟି ଏ ଗ୍ରନ୍ଥ ପ୍ରତି ଆକର୍ଷଣ କରିବାରେ ବ୍ରତୀ ହୋଇଅଛନ୍ତି, ଏବଂ ତାଙ୍କର ସୂଚନାକ୍ରମେ କଟକର ବ୍ୟବସାୟୀ ଶ୍ରୀଯୁକ୍ତ ଏମ୍. ରହିମ୍ ଖାଁ ଭାଷାକୋଷର ଜଣେ ସହାୟକ ହୋଇଅଛନ୍ତି ଓ ଭାଷାକୋଷର ପ୍ରକାଶକଳ୍ପେ ଏକ ହଜାର ଟଙ୍କା ଦାନ କରିବାକୁ ପ୍ରତିଶ୍ରୁତ ହୋଇ ଇତିମଧ୍ୟରେ ତହିଁରୁ କିୟଦଂଶ ମଧ୍ୟ ଦାନ କରି ସାରିଅଛନ୍ତି ।

ଗତ ୧୯୩୫ ମସିହା ଅପ୍ରେଲ ମାସରେ କଳାହାଣ୍ଡି ଭବାନୀପାଟଣାଠାରେ ଖଡ଼ିଆଳ ରାଜ୍ୟର ନରପତିଙ୍କ ପିତୃବ୍ୟ ଲାଲ୍ ଶ୍ରୀ ଶିବନାରାୟଣ ସିଂହ ଦେଓଙ୍କ ସହିତ ମୋର ପରିଚୟ ଲାଭର ସୌଭାଗ୍ୟ ଘଟିଥିଲା । ସେ ଆଜନ୍ମ ବାଣୀଭକ୍ତ; ସେ ଇତିମଧ୍ୟରେ ଭାଷାକୋଷ ନିମନ୍ତେ ଶତ ଶତ ପ୍ରାଦେଶିକ ଶବ୍ଦ ଯୋଗାଇ ଅଛନ୍ତି ଓ ଖଡ଼ିଆଳର ରାଜା ସାହେବ, ପାଲଲହଡ଼ାର ରାଜାସାହେବ ଓ ଜୟପାଟଣାର ରାଜାସାହେବଙ୍କଠାରୁ ଭାଷାକୋଷ ପ୍ରକାଶ ନିମନ୍ତେ ଟ ୨୫୦୦୯ ଦାନର ପ୍ରତିଶ୍ରୁତିପତ୍ର ସଂଗ୍ରହ କରିଅଛନ୍ତି । ଉତ୍କଳର ରାଜନ୍ୟବର୍ଗଙ୍କ ଦୃଷ୍ଟିକୁ ଭାଷାକୋଷର ଆର୍ଥିକ ପରିସ୍ଥିତି ଆକର୍ଷଣ କରିବା ପାଇଁ ଲାଲ୍ ସାହେବ୍ ନାନା ଉଦ୍ୟମ କରୁଅଛନ୍ତି ।

ବହୁ ଭାଗ୍ୟରୁ ମୁଁ ଇତିମଧ୍ୟରେ ବଙ୍ଗଳା ଓ ହିନ୍ଦୀ ବିଶ୍ୱକୋଷ ସଙ୍କଳୟିତା ପ୍ରାଚ୍ୟବିଦ୍ୟାମହାର୍ଣ୍ଣବ ରାୟ ସାହେବ୍ ନଗେନ୍ଦ୍ରନାଥ ବସୁଙ୍କ ସାକ୍ଷାତ୍ ପରିଚୟ ଲାଭର ସୁଯୋଗ ପାଇଅଛି । ସେ ମହାଶୟ ଏ ଖଣ୍ଡରେ ସନ୍ନିବେଶିତ ଅଧିକାଂଶ ଫଟୋର ବ୍ଲକ୍‌ମାନ ତାଙ୍କ ନିଜ ଆର୍ଟିଷ୍ଟ (କାରିଗର)ଙ୍କଦ୍ୱାରା ପ୍ରସ୍ତୁତ କରାଇ ଦେଇଅଛନ୍ତି ଓ ଏ ଗ୍ରନ୍ଥ ପ୍ରତି କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲରଙ୍କ ସଦୟ ଦୃଷ୍ଟି ଆକର୍ଷଣ କରିଅଛନ୍ତି ।

ଶ୍ରୀଯୁକ୍ତ ଶ୍ୟାମଚରଣ ତ୍ରିପାଠୀ ଆଇ. ଇ. ଏସ୍ ଏ ଗ୍ରନ୍ଥ ପ୍ରତି ପ୍ରଥମେ ମୟୂରଭଞ୍ଜାଧୀଶ ମହାରାଜ ସର୍ ପ୍ରତାପଚନ୍ଦ୍ରଙ୍କ ସଦୟ ଦୃଷ୍ଟି ଆକର୍ଷଣ କରିଥିଲେ ।

ମୟୂରଭଞ୍ଜ ରାଜ୍ୟର ଦେବାନ୍ ସଦାଶୟ ଶ୍ରୀଯୁକ୍ତ କେ. ସି. ନିୟୋଗୀ ଏ ଗ୍ରନ୍ଥ ପ୍ରତି ସହାନୁଭୂତି ଜ୍ଞାପନ କରିଅଛନ୍ତି ।

ରେଭେନ୍ସା କଲେଜର ଅଧ୍ୟାପକ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜା ଏମ୍. ଏ., ଆଇ. ଇ. ଏସ୍. ଏ ଗ୍ରନ୍ଥର ଜଣେ ଅକୃତ୍ରିମ ବନ୍ଧୁ ଅଟନ୍ତି ।

ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାର ଡେପୁଟୀ ପ୍ରେସିଡେଣ୍ଟ୍ ରାୟ ବାହାଦୁର୍ ଲକ୍ଷ୍ମୀଧର ମହାନ୍ତି, ଅଡ୍‌ଭୋକେଟ୍, ଏମ୍. ଏଲ୍. ସି. ଗତ ୮ବର୍ଷ ହେଲା ଏ ଗ୍ରନ୍ଥର ନିର୍ବିଘ୍ନ ପ୍ରକାଶ ନିମନ୍ତେ ସର୍ବଦା ଅବହିତ ସୁଦୃଷ୍ଟି ରଖିଅଛନ୍ତି ।

ପାରଳାଖେମଣ୍ଡି ରାଜ୍ୟର ଦେବାନ୍ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ବି. ଏ., ଏମ୍. ବି. ଇ. ମହୋଦୟ କଟକର ଓଡ଼ିଆ ସାହିତ୍ୟପ୍ରଚାର ସଭାର ସମ୍ପାଦକରୂପେ ଏ ଗ୍ରନ୍ଥର ପାଣ୍ଡୁଲିପିର ସମ୍ମାର୍ଜନକଳ୍ପେ ମୋତେ ପ୍ରଥମେ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ଏବଂ ଏବେ ପାରଳାଖେମଣ୍ଡି ରାଜ୍ୟର ଦେବାନ୍‌ରୂପେ ଏ ଖଣ୍ଡର ଆର୍ଥିକ ପରିସ୍ଥିତି ପ୍ରତି ମହାରାଜଙ୍କ ସଦୟ ଦୃଷ୍ଟି ଆକର୍ଷଣ କରିଅଛନ୍ତି ।

ବ୍ରହ୍ମପୁରର ଇଂରାଜୀ ଦୈନିକ ପତ୍ରିକା 'ଦି ନ୍ୟୁ ଓଡ଼ିଶା'ର ଓ ଓଡ଼ିଆ ଦୈନିକ ଓ ସାପ୍ତାହିକ ପତ୍ରିକା 'ଆଶା'ର ସୁଯୋଗ୍ୟ ସମ୍ପାଦକ ନିରଳସ କର୍ମୀ ମୋର ସୋଦରପ୍ରତିମ ଶ୍ରୀମାନ୍ ଶଶିଭୂଷଣ ରଥ,

ହିଂହଭୂମିର ପଣ୍ଡିତ ଶ୍ରୀ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ,

ସମଗ୍ର ଉତ୍କଳଭାଷୀ ଭୂଖଣ୍ଡରେ ସୁବିଦିତନାମା ଲେଖକ ଓ ଗ୍ରନ୍ଥକାର ମୋ ବାଲ୍ୟସହଚର ଓ ସତୀର୍ଥ ଶ୍ରୀଯୁକ୍ତ ଶଶିଭୂଷଣ ରାୟ,

ଓଡ଼ିଆ ଭାଷା ଓ ସାହିତ୍ୟସେବାରେ ଯେଉଁ ମହୋଦୟ ଅନନ୍ୟସୁଲଭ ନିଷ୍ଠା ପ୍ରଦର୍ଶନ କରିଅଛନ୍ତି, କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସେହି ବିଜୟଚନ୍ଦ୍ର ମଜୁମଦାର ଏମ୍. ଏ., ବି. ଏଲ୍,

ହିଂହଭୂମି ରାଜ୍ୟ ଭୂଖଣ୍ଡର ଅଧିପତିଙ୍କ ଅନୁଜ ଓ ସାହିତ୍ୟସମ୍ରାଟ ମହାରାଜ ବିକ୍ରମଦେବଙ୍କ ଜାମାତା କୁମାର ବିଦ୍ୟାଧର ସିଂହ ଦେଓ ବି. ଏ., ବି. ଏଲ., ଏମ୍. ଆର୍.. ଏ. ଏସ୍,

ଜୟପୁର ରାଜ୍ୟର ଭୂତପୂର୍ବ ଦେୱାନ୍ ମିଷ୍ଟର୍ ଓ. ପୁଲ୍ଲା ରେଡ୍ଡି, ଆଇ. ସି. ଏସ୍.,

ଅବସରପ୍ରାପ୍ତ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ୍ ଦେୱାନ୍ ବାହାଦୁର୍ ଶ୍ରୀଯୁକ୍ତ ଶ୍ରୀକୃଷ୍ଣ ମହାପାତ୍ର,

ମିଷ୍ଟର୍ ବି. ଦାସ, ଏ. ଆଇ. ସି. ଆଇ, ଏମ୍. ଏଲ୍. ଏ,

କଟକର ଅଡ୍‌ଭୋକେଟ୍ "ସ୍ୱାମୀ" ବି. ଏନ୍. ଦାସ,

ଓଡ଼ିଶା ବିଭାଗ କମିଶନରଙ୍କ ପର୍ସନାଲ୍ ଅସିଷ୍ଟାଣ୍ଟ୍ ରାୟ ବାହାଦୁର୍ ଶ୍ରୀ ଉମାଚରଣ ଦାସ,

# Assistants.
## ସହକର୍ମୀଗଣ



Babu Krushna Chandra Misra, M. A., B. L.
ବାବୁ କୃଷ୍ଣଚନ୍ଦ୍ର ମିଶ୍ର, ଏମ୍. ଏ., ବି. ଏଲ୍.



Babu Bhubaneswar Misra.
ଶ୍ରୀମାନ୍ ଭୁବନେଶ୍ୱର ମିଶ୍ର ।



Sriman Bichhanda Charan Patnaik, B. A. (Hons).
ଶ୍ରୀମାନ୍ ବିଚ୍ଛନ୍ଦଚରଣ ପଟ୍ଟନାୟକ, ବି. ଏ.



Babu Golok Chandra Pradhan.
ଶ୍ରୀମାନ୍ ଗୋଲୋକଚନ୍ଦ୍ର ପ୍ରଧାନ ।



Pandit Narasingh Mahapatra Samant.
ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର ସାମନ୍ତ ।

କଟକର ସୁପ୍ରସିଦ୍ଧ ପ୍ରବୀଣ ଆଡ୍‌ଭୋକେଟ୍ ଶ୍ରୀଯୁକ୍ତ ବୈକୁଣ୍ଠନାଥ ଦତ୍ତ,

କେନ୍ଦୁଝର ରାଜ୍ୟର ଦେୱାନ୍ ରାୟବାହାଦୁର୍ ଶ୍ରୀଯୁକ୍ତ ଯୁଗଳକିଶୋର ତ୍ରିପାଠୀ, ଏମ୍. ଏ,

ମୋ ନାତି, କଟକର ଆଡ୍‌ଭୋକେଟ୍ ଓ ସରକାରୀ ଉକିଲ ଶ୍ରୀମାନ୍ ଚିନ୍ତାମଣି ଆଚାର୍ଯ୍ୟ,

ମୋ ଜାମାତା, ପୁରୀର ଆଡ୍‌ଭୋକେଟ୍ ଓ ସରକାରୀ ଉକିଲ ଶ୍ରୀମାନ୍ ରାୟବାହାଦୁର୍ ଲୋକନାଥ ମିଶ୍ର,

ସମ୍ବଲପୁରର ଆଡ୍‌ଭୋକେଟ୍ ଓ ସରକାରୀ ଉକିଲ ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ପୁରୋହିତ,

ପୁରୀର ଉକିଲ ବାବୁ ଜଗବନ୍ଧୁ ସିଂହ,

ପୁରୀ ସଦର ସବ୍‌ଡିଭିଜନାଲ୍ ଅଫିସର୍ ରାୟସାହେବ୍ ନଳିନୀକାନ୍ତ ଘୋଷ ବି. ଏ,

ପୁରୀର ଡେପୁଟି କଲେକ୍ଟର୍ ବାବୁ ସତୀଶଚନ୍ଦ୍ର ମିତ୍ର ଏମ୍. ଏ. ବି. ଏଲ୍,

ବାଙ୍କୀର ଡେପୁଟିକଲେକ୍ଟର ବାବୁ ନଗେନ୍ଦ୍ରନାଥ ଦତ୍ତ ଏମ୍. ଏ, ବି. ଏଲ୍,

ବାଙ୍କୀନିବାସୀ ସଙ୍ଗୀତପ୍ରାଣ କବିଚନ୍ଦ୍ର ଶ୍ରୀମାନ୍ କାଳୀଚରଣ ପଟ୍ଟନାୟକ,

ପାଟଣା ରାଜ୍ୟର ସଦର ସବ୍‌ଡିଭିଜନ୍ ଅଫିସର୍ ଶ୍ରୀମାନ୍ ବାବୁ ଦୁର୍ଗାଚରଣ ରାୟ,

ନିଲଗିରି କର୍ମଚାରୀ ରାୟସାହେବ ଉମାଶଙ୍କର ପଟ୍ଟନାୟକ,

ଅରୁଣୋଦୟ ପ୍ରେସର ମାନେଜର୍ ବାବୁ ଜଗଦାନନ୍ଦ ସାହୁ,

ମୋର କର୍ମଠ ନୂତନ ଯୁବକ ସହକର୍ମୀ ଶ୍ରୀମାନ୍ ପ୍ରଭାତକୁମାର ମୁଖର୍ଜୀ ଏମ୍. ଏ,

ଏହି ବନ୍ଧୁମାନେ ଭାଷାକୋଷପାଇଁ ଶବ୍ଦଚୟ, ଗ୍ରାହକ ଓ ପୃଷ୍ଠପୋଷକ ସଂଗ୍ରହରେ ଓ ନାନା ଉପାୟରେ ନିଜ ନିଜର ଶକ୍ତି ଅନୁରୂପ ସାହାଯ୍ୟ କରୁଅଛନ୍ତି । ଏମାନେ ସମସ୍ତେ ମୋର କୃତଜ୍ଞତାଭାଜନ । ଏମାନେ କେବଳ ଯେ ଭାଷାକୋଷ କାର୍ଯ୍ୟ ଦେଖି ଆନନ୍ଦିତ, ତାହା ନୁହେଁ; ପରନ୍ତୁ ସ୍ଥଳବିଶେଷରେ ଏମାନେ ଭାଷାକୋଷ ନିମନ୍ତେ ଭୂମି ଦାତାମାନଙ୍କ ଦ୍ୱାରସ୍ଥ ହୋଇ ଅର୍ଥିକ ସାହାଯ୍ୟ ଏବଂ ତନ୍ନିମନ୍ତେ ପ୍ରତିଶ୍ରୁତି ସଂଗ୍ରହ କରିବାରେ ଲାଗିଅଛନ୍ତି । ଏମାନଙ୍କ ସାହାଯ୍ୟରେ ଭାଷାକୋଷ ଯେପରି ସାଧାରଣରେ ବିଜ୍ଞାପିତ ହୋଇଅଛି, ଅନ୍ୟ ଉପାୟରେ ସେପରି ହୋଇ ପାରି ନ ଥାନ୍ତା ବୋଲି ମୋର ବିଶ୍ୱାସ । ବସ୍ତୁତଃ ଏପରି ବଳିଷ୍ଠ ଓ କର୍ମଠ ସମର୍ଥକ, ସହାୟକସଂଘ ଓ ସହକାରିଚୟ ମୋ ପଛରୁ ନ ଥିଲେ ମୁଁ ଏ ଦୁରୂହ କାର୍ଯ୍ୟରେ ଏତେଦୂର ଅଗ୍ରସର ହୋଇ ପାରି ନ ଥାନ୍ତି । ଏହି ସହାୟକମାନଙ୍କ ମଧ୍ୟରୁ ଅନେକଙ୍କ ପ୍ରତିକୃତି ଏ ଖଣ୍ଡରେ ଓ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କରେ ସନ୍ନିବେଶିତ ହୋଇଅଛି ଓ ପରବର୍ତ୍ତୀ ଖଣ୍ଡମାନଙ୍କରେ ହେବ । ଏମାନଙ୍କ ପ୍ରତି ମୋର ଗଭୀର ଆନ୍ତରିକ କୃତଜ୍ଞତା ମୁଁ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କ ଅବତରଣିକାରେ ଜ୍ଞାପନ କରିଅଛି ଓ ଏ ଖଣ୍ଡରେ ମଧ୍ୟ ଜ୍ଞାପନ କରୁଅଛି ।

## ଏ ଗ୍ରନ୍ଥର ଆଶୀର୍ବାଦକମଣ୍ଡଳୀ

ପୁରୀ ଏମାରମଠର ମହନ୍ତ ମହାରାଜ ଭକ୍ତିଭାଜନ ଶ୍ରୀ ଗଦାଧର ରାମାନୁଜ ଦାସ, କାଇସର-ଇ-ହିନ୍ଦ୍ ଏ ଗ୍ରନ୍ଥର ପ୍ରକାଶ ନିମିତ୍ତ ଅର୍ଥିକ ସାହାଯ୍ୟ ପ୍ରଦାନ କରିବା ଛଡ଼ା ଏ ଗ୍ରନ୍ଥର ନିର୍ବିଘ୍ନ ଆଶୁ ପରିସମାପ୍ତି ନିମିତ୍ତ ଆଶୀର୍ବାଦ ଦାନ କରିଅଛନ୍ତି ।

ପୁରୀ ଶଙ୍କରାନନ୍ଦ ଗୋବର୍ଦ୍ଧନ ପୀଠାଧୀଶ ଶ୍ରୀ ଶ୍ରୀ ଶ୍ରୀ ଜଗଦ୍‌ଗୁରୁ ସଚ୍ଚିଦାନନ୍ଦ ସରସ୍ୱତୀ ସ୍ୱାମୀ ଭାଷାକୋଷ ଆଶ୍ରମରେ ଦୟା କରି ବହୁବାର ପଦାର୍ପଣ କରିଅଛନ୍ତି ଓ ଆଶୀର୍ବାଦ ଦାନ କରିଯାଇଅଛନ୍ତି । ଭୁବନେଶ୍ୱରରେ ବ୍ରହ୍ମଚର୍ଯ୍ୟ ବିଦ୍ୟାଳୟ ସ୍ଥାପନ ଉଦ୍ଦେଶ୍ୟରେ ସେ ସମଗ୍ର ଉତ୍କଳଖଣ୍ଡ ପର୍ଯ୍ୟଟନ କରୁଅଛନ୍ତି ଓ ସର୍ବତ୍ର ଭାଷାକୋଷ ନିମିତ୍ତ ବଦାନ୍ୟ ବ୍ୟକ୍ତିମାନଙ୍କର ସହାନୁଭୂତି ଓ ସହାୟତା ଭିକ୍ଷା କରୁଅଛନ୍ତି ।

ମହାମାଧ୍ୱାଚାର୍ଯ୍ୟ ଅବଧୂତ ଶ୍ରୀ ବୈଦ୍ୟନାଥ ବାବା ଏ ଗ୍ରନ୍ଥ ପ୍ରତି ନିଜର ପୂର୍ଣ୍ଣ ମମତା ଅକ୍ଷୁଣ୍ଣ ରଖିଅଛନ୍ତି ଓ ଏ ଗ୍ରନ୍ଥର ନିର୍ବିଘ୍ନ ସମାପ୍ତି ନିମନ୍ତେ ସର୍ବନିୟନ୍ତା ଅଲେଖ ବ୍ରହ୍ମଙ୍କୁ ପ୍ରାର୍ଥନା କରୁଅଛନ୍ତି ।

କଲିକତା ବାଗବଜାର ଗୌଡ଼ୀୟ ମଠର ଭକ୍ତିସିଦ୍ଧାନ୍ତ ସରସ୍ୱତୀ ସ୍ୱାମୀ ମହାରାଜ ଗତ ୧୫।୩।୩୫ ତାରିଖରେ ଭାଷାକୋଷ ଆଶ୍ରମରେ ପଦାର୍ପଣ କରି ଏ ଗ୍ରନ୍ଥର ନିର୍ବିଘ୍ନ ସମାପ୍ତି ନିମନ୍ତେ ପ୍ରଭୁଙ୍କ କୃପାଭିକ୍ଷା କରିଥିଲେ ।

## ଭାଷାକୋଷାଶ୍ରମର ବିଶିଷ୍ଟ ପରିଦର୍ଶକବର୍ଗ

ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ସର୍ କୋର୍ଟ୍‌ନି ଟେରେଲ୍, ଶ୍ରୀଲ ସଚ୍ଚିଦାନନ୍ଦ ସ୍ୱାମୀ, ଶ୍ରୀଲ ବୈଦ୍ୟନାଥ ବାବା, ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ସ୍ୱାମୀଙ୍କ ଛଡ଼ା ବଙ୍ଗପ୍ରଦେଶର ମନ୍ତ୍ରୀ ମାନ୍ୟବର ସର୍ ବିଜୟପ୍ରସାଦ ସିଂହ ରାୟ ଗତ ୨୭।୧୨।୩୫ ତାରିଖରେ ଓ ନୂତନ ଓଡ଼ିଆ ପ୍ରଦେଶର ଶିକ୍ଷାବିଭାଗୀୟ ଡାଇରେକ୍ଟର ଶ୍ରୀଯୁକ୍ତ ଏଚ୍. ଡମ୍ପି ଗତ ୧୭।୧୨।୩୫ ରେ ଭାଷାକୋଷ ଆଶ୍ରମ ପରିଦର୍ଶନ କରିଥିଲେ ।

## ଏ ଗ୍ରନ୍ଥର ବିଶିଷ୍ଟ ଗ୍ରାହକଗଣ

| | | |
|---|---|---|
| ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟ୍ | ୧୩୦ | ସାରି ଗ୍ରନ୍ଥ |
| କଳାହାଣ୍ଡି ମହାରାଜ | ୨୫ | ,, |
| ଇଂଲଣ୍ଡ ଓ ଇଉରୋପର ବିଦ୍ୱତ୍‌ସମାଜ ଓ ପୁସ୍ତକାଗାରମାନେ | ୨୦ | ,, |
| କେନ୍ଦୁଝର ଅଧୀଶ୍ୱର | ୧୦ | ,, |
| ବୌଦ୍ଧରାଜ୍ୟର ଅଧୀଶ୍ୱର | ୮ | ,, |
| ସୋନପୁର ମହାରାଜ | ୭ | ,, |
| ଧର୍ମକୋଟ ରାଜାସାହେବ | ୭ | ,, |
| ମଧୁପୁର ରାଜାସାହେବ | ୭ | ,, |
| ଅଠମଲ୍ଲିକ ଅଧୀଶ୍ୱର | ୫ | ,, |

ଯାଇଁ ଅଗ୍ରଭୂମ ଗ୍ରାହକ ହୋଇଅଛନ୍ତି ।

## ଭାଷାକୋଷ ପ୍ରତି ଅପୂର୍ବ ଅନୁରାଗ

ଭାଷାକୋଷର ୩୩୪ ନମ୍ବର ଗ୍ରାହକ ମୌଲବୀ ଶେଖ୍ ଅବଦୁଲ୍ ରସିଦ୍ (କଟକ ବକ୍ସି ବଜାର ସୁଲ୍ତାନିଆ ମାଦ୍ରାସାର ସହକାରୀ ଶିକ୍ଷକ)ଙ୍କର ଭାଷାକୋଷ ପ୍ରତି ଅପୂର୍ବ ଅନୁରାଗର କଥା ଏଠାରେ ଉଲ୍ଲେଖଯୋଗ୍ୟ । ସେ ମହାଶୟ ୧୨ଟି ମାତ୍ର ଟଙ୍କା ବେତନ ପାଆନ୍ତି ଓ ଟିକିଏ ଗୋଟିଏ ବଡ଼ ପରିବାର ପୋଷନ୍ତି । ଏପରି ଆର୍ଥିକ ଅବସ୍ଥାରେ ସୁଦ୍ଧା ସେ ଭାଷାକୋଷର ଗ୍ରାହକ ହେବା ନିମନ୍ତେ ମୋ ନିକଟରେ ପ୍ରାର୍ଥୀ ହେଲେ । ଏକ ସେଟ ବହି ତାଙ୍କୁ ମୁଁ ଟ ୪୫୲ଙ୍କାରେ ଦେବା ପାଇଁ ରାଜି ହେଲି ଓ ମାସିକ ତାଙ୍କୁ ଟ ୨୲ କରି ଦେବାକୁ ହେବ ବୋଲି ତାଙ୍କ ସଙ୍ଗେ କଥା କଲି । ସେ ମହାଶୟ କୌଣସିମତେ ତାଙ୍କ ବେତନରୁ ପ୍ରତି ମାସରେ ଟ ୨୲ ଲେଖାଏଁ କାଟି ମୋ ସହିତ ହୋଇଥିବା ତାଙ୍କ ବଚନକୁ ରକ୍ଷା କରୁଅଛନ୍ତି । ଭାଷାକୋଷର ଗ୍ରାହକ ହେବାରେ ସେ ଯେଉଁ ତ୍ୟାଗ ସ୍ୱୀକାର କରୁଅଛନ୍ତି, ତହିଁରେ ମୁଁ ଯେ କେଡ଼େ ମୁଗ୍ଧ, ତାହା ବର୍ଣ୍ଣନାତୀତ ।

## ଭାଷାକୋଷର ସ୍ୱର୍ଗତ ଆଶୀର୍ବାଦକମଣ୍ଡଳୀ

ସମଗ୍ର ଭାଷାକୋଷ ଗ୍ରନ୍ଥର ପ୍ରକାଶ ପରେ ତାହା ନେଇ ମହାମହିମ ଭାରତ ସମ୍ରାଟ ପଞ୍ଚମ ଜର୍ଜଙ୍କୁ ଭେଟିବାର ବାସନା ମୁଁ ଭାଷାକୋଷ ମୁଦ୍ରଣ ହେଲା ଦିନୁଁ ମନରେ ପୋଷଣ କରୁଥିଲି; କିନ୍ତୁ ଦୁର୍ଦ୍ଦୈବ ମୋତେ ସେ ସୌଭାଗ୍ୟରୁ ବଞ୍ଚିତ କଲେ । ତେଣୁ ଆଜି ସ୍ୱର୍ଗତ ସମ୍ରାଟଙ୍କ ପବିତ୍ର ଆତ୍ମାଙ୍କ ଉଦ୍ଦେଶ୍ୟରେ ମୁଁ ମୋର ଗଭୀର ରାଜଭକ୍ତିର କୁସୁମାଞ୍ଜଳି ଅର୍ପଣ କରୁଅଛି ।

ଭାଷାକୋଷର ଏହି ଖଣ୍ଡର ସମାପ୍ତି କାଳରେ ମୁଁ ମୋର ସ୍ୱର୍ଗତ ପିତୃଦେବ (ନରସିଂହ ପ୍ରହରାଜ)ଙ୍କୁ ମୋର ଅଖଣ୍ଡ ଭକ୍ତି ଜ୍ଞାପନ କରୁଅଛି । ୧୯୧୪ ଖ୍ରୀଷ୍ଟାବ୍ଦରେ ସେ ନରଦେହ ତ୍ୟାଗ କରିଅଛନ୍ତି । ତାଙ୍କର ସାହିତ୍ୟିକ ପ୍ରବୃତ୍ତି ମୁଁ ଉତ୍ତରାଧିକାରୀ ସୂତ୍ରରେ ତାଙ୍କଠାରୁ ପ୍ରାପ୍ତ ହୋଇଅଛି । ଓଡ଼ିଆ ଭାଷାର ଖଣ୍ଡିଏ ସର୍ବାଙ୍ଗସୁନ୍ଦର ଅଭିଧାନର ଦାରୁଣ ଅଭାବ ସେ ସର୍ବଦା ଅନୁଭବ କରୁଥିଲେ ଓ ସେ ଅଭାବ ପୂରଣ କରିବା ନିମନ୍ତେ ମୋତେ ସବୁବେଳେ ପ୍ରରୋଚନା ଦେଉଥିଲେ; କିନ୍ତୁ ତାଙ୍କର ପ୍ରେରଣାରୁ ଉଦ୍ଭୂତ ଏହି ଭାଷାକୋଷ ଗ୍ରନ୍ଥ ତାଙ୍କ ସ୍ନେହମୟ କରକମଳରେ ସମର୍ପଣ କରିବାର ସୁଯୋଗ ମୋ ଭାଗ୍ୟରେ ଘଟିଲା ନାହିଁ । ମୋର ଦୃଢ଼ ବିଶ୍ୱାସ, ଯେ ଆଜି ସ୍ୱର୍ଗରେ ଥାଇ ସେ ତାଙ୍କର ଏହି ଅଧମ ପୁତ୍ରର ଗ୍ରନ୍ଥ ଉପରେ ଶୁଭାଶୀର୍ବାଦ ବର୍ଷଣ କରୁଛନ୍ତି ।

ଉତ୍କଳ ଜନନୀଙ୍କ ଯୋଗ୍ୟତମ ବରେଣ୍ୟ ପୁତ୍ର ପୂଜ୍ୟପାଦ ସ୍ୱର୍ଗତ ଗୁରୁଦେବ ମଧୁସୂଦନ ଦାସ, ସି. ଆଇ. ଇ.ଙ୍କ ନିକଟରେ ମୁଁ ଯେ କି ପରିମାଣରେ ଋଣୀ, ତାହା ଭାଷାକୋଷର ପୂର୍ବବର୍ତ୍ତୀ ଖଣ୍ଡମାନଙ୍କର ଅବତରଣିକାରେ ବର୍ଣ୍ଣନ କରିଅଛି । ଆଜି ସେହି ଅନାମୟ ଧାମରେ ଥାଇ ସେ ତାଙ୍କ ଅଧମ ଶିଷ୍ୟର କୃତି ଉପରେ ସଦୟ ଦୃକ୍ପାତ କରୁଅଛନ୍ତି ।

ସ୍ୱର୍ଗତ ବିଶ୍ୱନାଥ କର ମଧ୍ୟ ତାଙ୍କର ଅଧମ ସହକର୍ମୀର ଏହି କୃତିକୁ ସ୍ୱର୍ଗ ଉପରୁ ଅମର୍ତ୍ତ୍ୟ ମମତା ସହିତ ଅନାଇ ରହିଅଛନ୍ତି ।

ଯାଜପୁରର ପଣ୍ଡିତ ନୀଳମଣି ମିଶ୍ର ୭୭ ବର୍ଷ ବୟସରେ ଗତ ଡିସେମ୍ବର ୧ ତାରିଖ ଦିନ ସ୍ୱର୍ଗାରୋହଣ କଲେ । ଜୀବଦ୍ଦଶାରେ ସେ ମହୋଦୟ ବହୁବାର ଭାଷାକୋଷ ଆଶ୍ରମରେ ପଦାର୍ପଣ କରୁଥିଲେ । ଭାଷାକୋଷ ପାଇଁ ସେ 'ଯାଜପୁର' ଶୀର୍ଷକ ଗୋଟିଏ ସନ୍ଦର୍ଭ ଲେଖି ଯାଇଅଛନ୍ତି । ତାଙ୍କ ସନ୍ଦର୍ଭ ଏ ଗ୍ରନ୍ଥରେ ପ୍ରକାଶିତ ହେବା ଯାଏ ବିଧାତା ତାଙ୍କୁ ଇହ ଧାମରେ ରଖିଲେ ନାହିଁ । ସ୍ୱର୍ଗରେ ଥାଇ ସେ ଜନକସୁଲଭ ମମତା ସହିତ ଭାଷାକୋଷର ଅଗ୍ରଗତି ଅବଶ୍ୟ ଲକ୍ଷ୍ୟ କରୁଅଛନ୍ତି ।

ଭାଷାକୋଷର ଏହି ପଞ୍ଚମଖଣ୍ଡର ଉପସଂହାର କାଳରେ ମୋର ପ୍ରାଣୋପମା କନ୍ୟା, ପୁରୀର ଅଡ଼୍ଭୋକେଟ୍ ଓ ସରକାରୀ ଉକିଲ ରାୟ ବାହାଦୁର୍ ଲୋକନାଥ ମିଶ୍ରଙ୍କ ସହଧର୍ମିଣୀ ଶ୍ରୀମତୀ ଲାବଣ୍ୟବତୀ ଦେବୀର ମୃତ୍ୟୁ ମୋତେ ଶୋକରେ ଅଭିଭୂତ କରୁଅଛି । ମୃତ୍ୟୁ ପୂର୍ବରୁ ଲାବଣୀ ମୋ ନିମନ୍ତେ କେତେକ ଖଣ୍ଡି ଓଡ଼ିଆ ଓ ବଙ୍ଗଳା ଅଭିଧାନ ଗ୍ରନ୍ଥ ସଂଗ୍ରହ କରିଥିଲା; କିନ୍ତୁ ମୋ ଦୁର୍ଭାଗ୍ୟରୁ ସେ ଭାଷାକୋଷର ପ୍ରଥମ ଖଣ୍ଡ ସୁଦ୍ଧା ଦେଖି ଯାଇ ପାରିଲା ନାହିଁ । ପ୍ରଥମ ଖଣ୍ଡର ଅବତରଣିକାରେ ଯଥାସ୍ଥାନରେ ତାର ନାମୋଲ୍ଲେଖ କରିଅଛି ।

ସାଧାରଣ ଅବ୍ୟବହୃତ ନାନା ଶବ୍ଦ ଓ ଦୁଷ୍ପ୍ରାପ୍ୟ ଅଭିଧାନ ଗ୍ରନ୍ଥମାନ ଯୋଗାଇ ଭାଷାକୋଷ କାର୍ଯ୍ୟରେ ଅଗ୍ରସର ହେବାପାଇଁ ମୋତେ ସାହସ ଦେବାକୁ ରାୟ ବାହାଦୁର ଅକ୍ଷୟଚନ୍ଦ୍ର ଦାସ ଓ ରାୟ ବାହାଦୁର ରାମଶଙ୍କର ରାୟ ଆଉ ଇହଧାମରେ ନାହାନ୍ତି । କିନ୍ତୁ ମୋର ଦୃଢ଼ ବିଶ୍ୱାସ, ଏ ଦୁହେଁ ଦିବ୍ୟଧାମରୁ ଭାଷାକୋଷ ଉପରେ ପୂର୍ବ ମମତାସହ ସଦୟ ଦୃକ୍ପାତ କରୁଅଛନ୍ତି ।

## କ୍ରୀତ ଓ ଉପହୃତ ପୁସ୍ତକର ସଂଖ୍ୟା

ଏ ପର୍ଯ୍ୟନ୍ତ ୩୭୭ ସେଟ ଗ୍ରନ୍ଥ ନିମନ୍ତେ, ଅଗ୍ରିମ ଗ୍ରାହକ ସଂଗୃହୀତ ହୋଇଅଛନ୍ତି । ପୃଷ୍ଠପୋଷକ, ଶୁଭାକାଙ୍କ୍ଷୀ ଓ ସହକର୍ମୀଙ୍କୁ ୭୪ ସେଟ ଗ୍ରନ୍ଥ ଉପହାର ଦିଆ ହୋଇଅଛି ।

୧୯୩୪ ମସିହା ଜୁନ୍ ମାସରେ ଚତୁର୍ଥ ଖଣ୍ଡ ପ୍ରକାଶିତ ହେଲା ଦିନଠାରୁ ୧୭ ସେଟ ଗ୍ରନ୍ଥ ନିମନ୍ତେ ଗ୍ରାହକ ମିଳିଅଛନ୍ତି ଓ ୧୪ ସେଟ ଗ୍ରନ୍ଥ ଉପହାର ଦିଆ ହୋଇଅଛି ।

ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ, ଯେଉଁ ୩୭୭ ସେଟ ଗ୍ରନ୍ଥ ନିମନ୍ତେ ଅଗ୍ରିମ ମୂଲ୍ୟ ମିଳିଅଛି, ତନ୍ମଧ୍ୟରୁ ପ୍ରାୟ ୩୦୦ ସେଟ ଗ୍ରନ୍ଥ ପୂର୍ବ ଘୋଷଣା ଅନୁସାରେ ପ୍ରତି ସେଟ୍ ଟ ୬୦୲ ରୁ ଟ ୩୦୲ ମୂଲ୍ୟରେ ଗ୍ରାହକମାନଙ୍କୁ ଦିଆ ଯାଉଅଛି; କାରଣ, ସେତେବେଳେ ଗ୍ରନ୍ଥ ଦୁଇ ଖଣ୍ଡରେ ସମାପ୍ତ ହେବ ବୋଲି ଅନୁମିତ ହୋଇଥିଲା ।

## ସମ୍ମାନ ଓ ପ୍ରଶଂସାଲାଭ

ଇଟାଲୀର ବିଶ୍ୱବିଦ୍ୟାଳୟର ମୁଖପତ୍ରରେ ମନୀଷିପ୍ରବର ଗ୍ୟୁସେପ୍ ଟୁଚ୍ଚୀ ନିମ୍ନଲିଖିତ ମର୍ମରେ ଭାଷାକୋଷର ସମାଲୋଚନା କରିଅଛନ୍ତି । ତାଙ୍କ ସମାଲୋଚନାରୁ କେତେକ ଧାଡ଼ି ଏଠାରେ ଉଦ୍ଧାର କରାଗଲା । କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ

## Helpers of the work.
## ଏ ଗ୍ରନ୍ଥର ସହାୟକଗଣ



Sj. Jagabandhu Sinha
Pleader, Puri.
ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ
ଓକିଲ, ପୁରୀ ।



Sj. Sashibhusan Rai
Author and writer, Cuttack.
ବାବୁ ଶଶିଭୂଷଣ ରାୟ
ଲେଖକ ଓ ଗ୍ରନ୍ଥକାର, କଟକ



Sreemati Aparnna Debi
Poetess, Puri
ଶ୍ରୀଯୁକ୍ତ ଅପର୍ଣ୍ଣା ଦେବୀ
ନାରୀକବି, ପୁରୀ



Sreeman Chintamoni Acharya, M. A., B. L.
Advocate, Govt. Pleader, Cuttack.
ଶ୍ରୀମାନ୍ ଚିନ୍ତାମଣି ଆଚାର୍ଯ୍ୟ ଏମ୍. ଏ., ବି. ଏଲ୍.
ଗଭର୍ଣ୍ଣମେଣ୍ଟ ପ୍ଲିଡର୍, କଟକ ।



Sreeman Krushna Chandra Sengupta
M. A., B. Ed.
Headmaster, Training School, Cuttack.
ଶ୍ରୀମାନ୍ କୃଷ୍ଣଚନ୍ଦ୍ର ସେନଗୁପ୍ତ, ଏମ୍. ଏ., ବି. ଇଡ.
ହେଡ୍‌ମାଷ୍ଟର୍, ଟ୍ରେନିଂ ସ୍କୁଲ୍, କଟକ ।

ବିନୟକୁମାର ସରକାର ଅନୁଗ୍ରହ କରି ଇଟାଲୀୟ ଭାଷାର ଇଂରାଜୀ ଅନୁବାଦ ଏହିପରି କରି ଦେଇ ଅଛନ୍ତି ।

× × × "କୋଶ ଗ୍ରନ୍ଥ ଯେଉଁପରି ହେବା ବାଞ୍ଛନୀୟ, ଆକାର ଓ ପ୍ରାମାଣିକତାର ପ୍ରାଚୁର୍ଯ୍ୟ ଯୋଗୁଁ ଏହି ଭାଷାକୋଷ ସର୍ବତୋଭାବେ ପୂର୍ଣ୍ଣାଙ୍ଗତା ଲାଭ କରି ଯଥାର୍ଥରେ ସେହିପରି ହୋଇଅଛି ।

× × × "ଗୋପାଳ ପ୍ରହରାଜ ତାଙ୍କର ଶ୍ରମଦ୍ୱାରା ତାଙ୍କ ଦେଶରେ ପ୍ରାଦେଶିକ ଭାଷାମାନଙ୍କ ଚର୍ଚ୍ଚାକୁ ପୁନରୁଜ୍ଜୀବିତ କରି ଯଥାର୍ଥରେ ଦେଶବାସୀଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି ।

× × × "ଯେଉଁ (ଓଡ଼ିଆ) ଭାଷାର ବଙ୍ଗଭାଷା ସହିତ ଅନେକ ସୌସାଦୃଶ୍ୟ ରହିଅଛି ଓ ଭାରତୀୟ ପ୍ରାଦେଶିକ ଭାଷାମାନଙ୍କ ମଧ୍ୟରେ ଯେଉଁ ଭାଷାର ମାଧୁର୍ଯ୍ୟ ଯଥେଷ୍ଟ ଅଧିକ, ତାହାର ଅନୁଶୀଳନରେ ଏ ଗ୍ରନ୍ଥ ଯଥେଷ୍ଟ ସହାୟତା କରିବ ।"

କଟକର ବୈଶ୍ୟ କଲିଙ୍ଗଜାତୀୟ ସମିତି ଗତ ୧୦।୩।୩୫ ତାରିଖ ଦିନ ଗୋଟିଏ ବିଶେଷ ଅଧିବେଶନରେ ଗ୍ରନ୍ଥକାରଙ୍କୁ ଅଭିନନ୍ଦନ ବା ମାନପତ୍ର ପ୍ରଦାନ କରି ସମ୍ମାନିତ କରିଅଛନ୍ତି ।

ସ୍ୱର୍ଗତ ମହାମହିମ ସମ୍ରାଟଙ୍କ ରଜତ ଜୁବିଲି ଉତ୍ସବରେ ଗ୍ରନ୍ଥକାର ସରକାରଙ୍କ ଠାରୁ ରଜତ ଜୁବିଲି ପଦକ ପ୍ରାପ୍ତ ହୋଇଅଛି ।

ଗତ ୨୧।୧।୩୬ ତାରିଖ ଦିନ ଗ୍ରନ୍ଥକାର ସମ୍ବଲପୁର ଗଙ୍ଗାଧର ସାହିତ୍ୟ ପରିଷଦର ୬ଷ୍ଠ ଅଧିବେଶନରେ ସଭାପତିକର୍ମ ନିର୍ବାହ କରିବାକୁ ବରିତ ହୋଇଥିଲେ ଓ ତହିଁରେ ସ୍ଥାନୀୟ ବକ୍ତାଗଣ ଏକମୁଖରେ ଭାଷାକୋଷର ସାଧୁବାଦ କରିଥିଲେ ।

## ଆର୍ଥିକ ପରିସ୍ଥିତି

### ପ୍ରାପ୍ତ ଧନ ଓ ବର୍ତ୍ତମାନ ପ୍ରୟୋଜନ

ଗ୍ରନ୍ଥର ଅନୁମ ଆକାର ଓ ବ୍ୟୟ ପୂର୍ବର ସବୁ ଅଟକଳରୁ ବଳିଗଲା । ପୂର୍ବରେ କୁହାଯାଇଅଛି ଯେ, ପ୍ରତ୍ୟେକ ଖଣ୍ଡର ପ୍ରକାଶରେ ହାରାହାରି ଟ୧୬,୦୦୦୲ (ଷୋଳ ହଜାର ଟଙ୍କା) ଖର୍ଚ୍ଚ ହେଉଅଛି । ବର୍ତ୍ତମାନର ଅଟକଳ ଅନୁସାରେ ଏ ଗ୍ରନ୍ଥ ସର୍ବସୁଦ୍ଧା ୯,୦୦୦ ପୃଷ୍ଠାବିଶିଷ୍ଟ ୭ ଖଣ୍ଡରେ ସମାପ୍ତ ହେବ ଓ ସମଗ୍ର ଗ୍ରନ୍ଥର ପ୍ରକାଶରେ ମୋଟ ଟ ୧୧୦,୦୦୦(ଏକ ଲକ୍ଷ ଦଶ ହଜାର ଟଙ୍କା)ବ୍ୟୟ ହେବ । ଏଥିରୁ ଟ ୨୪,୦୦୦୲ (ଚବିଶ ହଜାର ଟଙ୍କା) ବିହାର ଓଡ଼ିଶାର ସହାଶୟ ସରକାର ବାହାଦୁର ଓ ପାଟଣା ବିଶ୍ୱବିଦ୍ୟାଳୟଙ୍କ ଠାରୁ ମିଳିଅଛି; ଟ ୩୯,୦୦୦ (ଅଣଚାଳିଶ ହଜାର ଟଙ୍କା) ରାଜା,ମହାରାଜ ଓ ସାହିତ୍ୟର ପୃଷ୍ଠପୋଷକମାନଙ୍କ ଠାରୁ ମିଳିଅଛି; ଟ ୧୦,୦୦୦ (ଦଶ ହଜାର ଟଙ୍କା) ଗ୍ରନ୍ଥର ଅଗ୍ରିମ ମୂଲ୍ୟ ରୂପେ ଭାରତରୁ ଓ ଭାରତ ବାହାରୁ ମିଳିଅଛି ଓ ଟ ୧୦,୦୦୦୲ (ଦଶ ହଜାର ଟଙ୍କା) ଗ୍ରନ୍ଥକାର ନିଜର ବାସଗୃହ ବନ୍ଧକ ଦେଇ ଋଣକରିଅଛି । ଏହିରୂପେ ଆଜିଯାଏ ସର୍ବମୋଟ ଟ ୮୩,୦୦୦୲ (ତେୟାଅଶି ହଜାର ଟଙ୍କା)ର ବ୍ୟବସ୍ଥା କରିଯାଇ ପାରିଅଛି । ଅଧିକ ଟ ୨୭,୦୦୦୲ (ସତେଇଶି ହଜାର ଟଙ୍କା) ର ବ୍ୟବସ୍ଥା ହେଲେ ୬ଷ୍ଠ ଓ ୭ମ ଖଣ୍ଡ ପ୍ରକାଶିତ ହେବ । ଆଗରୁ ଯେଉଁ ବଦାନ୍ୟ ଲକ୍ଷ୍ମୀପୁତ୍ରମାନଙ୍କ ନାମ ଉଲ୍ଲେଖ କରିଅଛି, ଏଥିନିମନ୍ତେ ସେହିମାନଙ୍କ ମୁକ୍ତହସ୍ତତା ଉପରେ ଯେ ମୋର ଏକାନ୍ତ ଭରସା, ଏହା କହିବା ବାହୁଲ୍ୟ ମାତ୍ର ।

## ଗ୍ରନ୍ଥର ମୂଲ୍ୟ

ମୁଦ୍ରଣ ପୂର୍ବରୁ ଗ୍ରନ୍ଥ ସର୍ବମୋଟ ୩୨୦୦ ପୃଷ୍ଠାବିଶିଷ୍ଟ ୨ଟି ମାତ୍ର ଖଣ୍ଡରେ ସମାପ୍ତ ହୋଇପାରିବ ବୋଲି ଅଟକଳ କରାଯାଇଥିଲା ଓ ପ୍ରକାଶବ୍ୟୟ ସର୍ବମୋଟ ଟ୪୦,୦୦୦ ( ଚାଳିଶିହଜାର ଟଙ୍କା ) ଧରାଯାଇଥିଲା । ତେଣୁ ପ୍ରକାଶ ପୂର୍ବରୁ ଦ୍ୱିଖଣ୍ଡବିଶିଷ୍ଟ ଏକ ସାର ଗ୍ରନ୍ଥର ଅଗ୍ରିମ ମୂଲ୍ୟ ଟ ୩୦୲ ( ତିରିଶି ଟଙ୍କା ) ବୋଲି ଘୋଷଣା କରାଯାଇଥିଲା । ସେହି ବିଜ୍ଞାପନ ଫଳରେ ପ୍ରାୟ ଶତାଧିକ ସାର ଗ୍ରନ୍ଥପାଇଁ ଅର୍ଡର ଓ ଅଗ୍ରିମ ମୂଲ୍ୟ ମିଳିଥିଲା । ବର୍ତ୍ତମାନ ଏହି ଅଗ୍ରିମ ଗ୍ରାହକମାନଙ୍କଠାରୁ ଅଧିକା ଦାମ୍ ନ ନେଇ ସପ୍ତଖଣ୍ଡବିଶିଷ୍ଟ ଏକସାର ଲେଖାଏଁ ଭାଷାକୋଷ ପୂର୍ବପ୍ରତିଶ୍ରୁତ ସେହି ମୂଲ୍ୟରେହିଁ ସେମାନଙ୍କୁ ଦିଆଯାଉଅଛି । ଗ୍ରନ୍ଥ ମୁଦ୍ରଣ ଆରମ୍ଭ ପରେ ଯେତେବେଳେ ଗ୍ରନ୍ଥର ଆକାର ଅଟକଳ ଅପେକ୍ଷା ବୃହତ୍ତର ହେବାର ଦେଖାଗଲା ଓ ଗ୍ରନ୍ଥର ମୂଲ୍ୟ ଟ ୪୦୲ ଧାର୍ଯ୍ୟ କରାଗଲା, ବିହାର ଓ ଓଡ଼ିଶା ସରକାର ଅଧା ଦାମ୍‌ରେ ୧୩୦ ସାର ଗ୍ରନ୍ଥପାଇଁ ଗ୍ରାହକ ହୋଇଥିଲେ; ତେଣୁ ଏକ ସାର ଗ୍ରନ୍ଥ କୋଡ଼ିଏ ଟଙ୍କା ହାରରେ ୧୩୦ ସାର ଗ୍ରନ୍ଥ ବିହାର-ଓଡ଼ିଶା ସରକାରଙ୍କୁ ଦିଆଯାଉଅଛି । ଏହା ପରେ ଯେଉଁମାନେ ଯେତେ ଯେତେବେଳେ ଗ୍ରାହକ ହୋଇଅଛନ୍ତି, ସେମାନେ ସେହି ସେହି ବେଳର ନିର୍ଦ୍ଧାରିତ ଅଗ୍ରିମ ମୂଲ୍ୟ ଦେଇ ସମଗ୍ର ଗ୍ରନ୍ଥ ପାଉଅଛନ୍ତି ଓ ପାଇବେ । ସେମାନଙ୍କୁ ଆଉ ଅଧିକା ଦାମ୍ ଦେବାକୁ ପଡ଼ୁନାହିଁ ।

ପଞ୍ଚମ ଖଣ୍ଡର ପ୍ରକାଶ ପରେ ବର୍ତ୍ତମାନ ଦେଖାଯାଉଅଛି ଯେ ସମଗ୍ର ଗ୍ରନ୍ଥ ଆଉ ଦୁଇ ଖଣ୍ଡରେ ସମାପ୍ତ ହେବ । ଏତଦ୍ଦୃଷ୍ଟିରେ ୭ଖଣ୍ଡବିଶିଷ୍ଟ ଏକ ସାର ଗ୍ରନ୍ଥର ଅଗ୍ରିମ ମୂଲ୍ୟ ଟ ୧୧୫୲ ( ଏକଶତ ପନ୍ଦର ଟଙ୍କା ) ଓ ପ୍ରତ୍ୟେକ ଖଣ୍ଡର ନଗଦ ମୂଲ୍ୟ ଟ ୨୦।୮ ( କୋଡ଼ିଏ ଟଙ୍କା ଆଠଅଣା ) ଧାର୍ଯ୍ୟ କରାଗଲା । ଭାରତରେ ଓ ଭାରତ ବାହାରେ ଗ୍ରନ୍ଥବିକ୍ରେତାମାନଙ୍କ ପ୍ରାପ୍ୟ କମିସନ୍ ଏହି ଦାମ ଉପରେ ରହିଅଛି ।

## ଗ୍ରନ୍ଥର ପୂର୍ଣ୍ଣ ପ୍ରକାଶର ଆନୁମାନିକ ସମୟ

ଏହି ପଞ୍ଚମ ଖଣ୍ଡ ପ୍ରକାଶ ବେଳେ ଯେପରି ଦୁର୍ଲଙ୍ଘ୍ୟ ଅର୍ଥସଙ୍କଟ ଓ ଅପସ୍ମାରର ବାଧା ଆସି ପଡ଼ିଲା, ଯଦି ସେପରି କିଛି ନ ଘଟେ, ତେବେ ଦଶ ଦଶ ମାସ ବ୍ୟବଧାନରେ ୬ଷ୍ଠ ଓ ୭ମ ଖଣ୍ଡମାନ ପ୍ରକାଶିତ ହେବ ଓ ସମଗ୍ର ଗ୍ରନ୍ଥର ପ୍ରକାଶ ୧୯୩୭ ସାଲର ଶେଷ ସୁଦ୍ଧା ପୂର୍ଣ୍ଣ ହେବ ।

## ସ୍ୱଳ୍ପ ଆୟ ବିଶିଷ୍ଟ ଗ୍ରନ୍ଥକ୍ରେତାମାନଙ୍କ ପ୍ରତି ସୁବିଧା

ଅନେକ ବନ୍ଧୁ ଆପତ୍ତି କରୁ ଅଛନ୍ତି ଯେ ଭାଷାକୋଷର ମୂଲ୍ୟ ଅତ୍ୟନ୍ତ ଅଧିକ ହୋଇଥିବାରୁ ସ୍ୱଳ୍ପ ଆୟ ବିଶିଷ୍ଟ ଲୋକଙ୍କ ପକ୍ଷରେ ଏହାର କ୍ରୟ ଅସମ୍ଭବ ହୋଇ ପଡ଼ିଅଛି । ସ୍ୱଳ୍ପାୟ ଲୋକମାନଙ୍କ ସୁବିଧା ନିମନ୍ତେ ମାସିଆସି ଅଂଶିକ ମୂଲ୍ୟ ଦେଇ ଗ୍ରନ୍ଥ କ୍ରୟ କରିବାର ବ୍ୟବସ୍ଥା କରା ଯାଉଅଛି । ମାସିକ ଦେୟ ଟଙ୍କା

ନିଯ୍ମିତ ଭାବେ ଦେବା ନିମନ୍ତେ ଗ୍ରନ୍ଥକାରର ବା ପୁସ୍ତକବିକ୍ରେତାଙ୍କ ମନରେ ପ୍ରତ୍ୟୟ ଜନ୍ମିବାର ବ୍ୟବସ୍ଥା କରି ପାରିଲେ କ୍ରେତୃ-ମାନଙ୍କର ଏକ କିସ୍ତିରେ ସମୁଦାୟ ଟଙ୍କା ଦେବାର ଅସୁବିଧା ଆଦୌ ରହିବ ନାହିଁ । ଉଦାହରଣ ସ୍ୱରୂପ, ମାସିକ ଛଅଟଙ୍କା ହାରରେ ୪୦ କିସ୍ତିରେ ବା ମାସିକ ଅଢ଼େଇଟଙ୍କା ହାରରେ ୫୦ ମାସରେ ସମଗ୍ର ଗ୍ରନ୍ଥର ଦାମ୍ ଭୁଠାଇ ଦେବା ନିମନ୍ତେ ବ୍ୟବସ୍ଥା ଓ ଚୁକ୍ତି କରାଯାଇ ପାରେ ।

ଯେଉଁମାନେ ଏ ମାସିକ କିସ୍ତି ବ୍ୟବସ୍ଥାରେ ଗ୍ରନ୍ଥ କ୍ରୟ କରିବାକୁ ମଧ୍ୟ ଅକ୍ଷମ, ସେମାନଙ୍କ ନିମନ୍ତେ ଏ ଗ୍ରନ୍ଥର ଜନପ୍ରିୟ, ଛାତ୍ରୋପଯୋଗୀ ଓ ପକେଟ୍ ସଂସ୍କରଣାଦି ସୁଲଭ ସଂସ୍କରଣମାନ ପ୍ରକାଶ କରିବାର ବାସନା ଅଛି । ସେହି ସୁଲଭ କ୍ଷୁଦ୍ରତର ସଂସ୍କରଣ କିଣିବା କାହାର ପକ୍ଷରେ କଷ୍ଟସାଧ୍ୟ ହେବ ନାହିଁ ।

## ଧନ୍ୟବାଦ

ମୋର ସହକାରିବର୍ଗ, ସହାୟକବର୍ଗ, ହିତାକାଙ୍କ୍ଷିଗଣ, ସମାନୁଭାବକଗଣ, ସାହାଯ୍ୟଦାତୃବର୍ଗ, ପୃଷ୍ଠପୋଷକବର୍ଗ ଓ ବର୍ତ୍ତମାନ ଏବଂ ଭବିଷ୍ୟତ୍ ସମାଲୋଚକବର୍ଗଙ୍କୁ ମୁଁ ପୁନଶ୍ଚ ଧନ୍ୟବାଦ ଅର୍ପଣ କରୁଅଛି ଓ ଏହି ଜାତୀୟ ଜ୍ଞାନମନ୍ଦିରର ଚୂଡ଼ାମୁଦ୍ରଣ କଲେ ସେମାନଙ୍କ ସହାନୁଭୂତି, ସାହଚର୍ଯ୍ୟ, ସଦିଚ୍ଛା, ଆଶୀର୍ବାଦ ଓ ପୋଷକତା ଭିକ୍ଷା କରୁଅଛି ।

## ରାଜଭକ୍ତି ଅର୍ପଣ

ମହାମହିମ ନସାନ ସମ୍ରାଟ୍ ଭାରତାଧୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ ଅଷ୍ଟମ ଏଡ୍‌ୱାର୍ଡ଼ଙ୍କ ପଦଦେଶରେ ମୁଁ କାୟମନୋବାକ୍ୟଗତ ବଶ୍ୟତା ଓ ଅଖଣ୍ଡ ରାଜଭକ୍ତିର ପୁଷ୍ପାଞ୍ଜଳି ଅର୍ପଣ କରୁଅଛି । ଜଗଦୀଶ୍ୱର ତାଙ୍କ ଉପରେ ଓ ତାଙ୍କର ସର୍ବଜଗଦ୍‌ବ୍ୟାପୀ ସାମ୍ରାଜ୍ୟ ଉପରେ କଲ୍ୟାଣ ବର୍ଷଣ କରନ୍ତୁ, ନିରନ୍ତର ଏହି ପ୍ରାର୍ଥନା କରୁଅଛି ।

## ଉପସଂହାର

ଯେଉଁ ପରମ କାରୁଣିକ ପରମେଶ୍ୱରଙ୍କ ଅପାର କୃପାରୁ ଓଡ଼ିଆ ଭାଷାକୋଷର ପ୍ରକାଶ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସଂଗଠନ ଏକ ସଙ୍ଗରେ ପାଖାପାଖି ହୋଇ ଏ ପର୍ଯ୍ୟନ୍ତ ଅଗ୍ରସର ହୋଇଅଛି, ସେ ନିଶ୍ଚୟ ଏକର ପୂର୍ତ୍ତି ଓ ଅପରର ଚଳନ-ସୌକର୍ଯ୍ୟର ବ୍ୟବସ୍ଥା କରିବେ ଏବଂ ତାଙ୍କର ସଦୟ ବ୍ୟବସ୍ଥା ଫଳରେ ସଭ୍ୟ-ଜଗତ୍ ସମକ୍ଷରେ ଓଡ଼ିଆ ଭାଷା ଓ ଓଡ଼ିଆ ଜାତି ଅଚିରେ ନିଜ ନିଜର ପ୍ରାପ୍ୟ ଗୌରବାବହ ସ୍ଥାନ ପ୍ରାପ୍ତ ହେବେ ।

## ଜଗତ୍କର୍ତ୍ତାଙ୍କ ପଦଦେଶରେ କୃତଜ୍ଞତା ଅଞ୍ଜଳି

ଶେଷରେ, ଯେଉଁ ମହତୋମହୀୟାନ୍ ମଙ୍ଗଳମୟ ବିଶ୍ୱନିୟନ୍ତା ମୋତେ ଓ ମୋର ଏହି ଭାଷାକୋଷକୁ ଏ ପର୍ଯ୍ୟନ୍ତ ଅଗ୍ରସର କରାଇ ଆଣିଅଛନ୍ତି, ଆଜ ତାଙ୍କର ପଦଦେଶରେ ମସ୍ତକ ଅବନତ କରି ମୁଁ କୃତଜ୍ଞତା ଲୋତକଧୌତ ଅର୍ଘ୍ୟ ଅର୍ପଣ କରି କୃତକୃତ୍ୟ ହେଉଅଛି । ମୋର ଦୁର୍ବଳତାରେ ସେ ମୋର ସହାୟ ହୁଅନ୍ତୁ ଓ ମୋର କ୍ଷୀଣ ବାହୁରେ ଶକ୍ତି ସଞ୍ଚାର କରି ଏହି ଭାଷାକୋଷର ପୂର୍ତ୍ତି ସାଧନ କରନ୍ତୁ । ତାଙ୍କର ଇଚ୍ଛା ପୂର୍ଣ୍ଣ ହେଉ ।

ଓଁ

ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ଭାଷାକୋଷ ଆଶ୍ରମ
କଟକ, ଓଡ଼ିଶା,
୧୯୩୬ ଖ୍ରୀଷ୍ଟାବ୍ଦ, ମାର୍ଚ୍ଚ ମାସ

ଗୋପାଳଚନ୍ଦ୍ର ପ୍ରହରାଜ
ସମ୍ପାଦକ ଓ ଗ୍ରନ୍ଥକାର ।

# Co-workers.

ସହକର୍ମିଗଣ



Sj. Haris Chandra Baral, B. Sc., I. S. R. S.
Asst. Traffic Supdt. G. I. P. Ry. Bombay.
ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବରାଳ, ବି. ଏସ୍‌ସି.
ଜି. ଆଇ. ପି. ରେଲୱେ, ଆ: ଟ୍ରାଫିକ୍
ସୁପରିଣ୍ଟେଣ୍ଡେଣ୍ଟ୍



Pandit Truptanarayan Thakur,
Head Pandit, Fawcus Vaisya Vidyalaya,
ପଣ୍ଡିତ ତୃପ୍ତନାରାୟଣ ଠାକୁର,
ହେଡ୍‌ପଣ୍ଡିତ, ଫକସ୍ ବୈଶ୍ୟ ବିଦ୍ୟାଳୟ, କଟକ ।



Babu Rameswar Jha,
Headmaster, Fawcus Vaisya Vidyalaya,
Cuttack.
ବାବୁ ରମେଶ୍ବର ଝା,
ହେଡ୍‌ମାଷ୍ଟର, ଫକସ୍ ବୈଶ୍ୟ ବିଦ୍ୟାଳୟ, କଟକ ।



Babu Dinabandhu Rath, Athgarh.
ବାବୁ ଦୀନବନ୍ଧୁ ରଥ, ଅଠଗଡ଼ ।



Pandit Sures Chandra Jha
Teacher, Fawcus Vaisya Vidyalaya, Cuttack.
ପଣ୍ଡିତ ସୁରେଶ ଚନ୍ଦ୍ର ଝା
ଶିକ୍ଷକ, ଫକସ୍ ବୈଶ୍ୟ ବିଦ୍ୟାଳୟ, କଟକ ।

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସଙ୍କଳନରେ ବ୍ୟବହୃତ ଅଭିଧାନ ଗ୍ରନ୍ଥ, ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ :—

M. W.—ମନିଅର୍ ୱିଲିଅମ୍ସ୍‌ଙ୍କ କୃତ ସଂସ୍କୃତ-ଇଂରାଜ ଶବ୍ଦକୋଷ ।

କୀର୍ତ୍ତିକାର (Kirtikar)—ଡକ୍ଟର୍ କୀର୍ତ୍ତିକରଙ୍କର 'Indian Plants' ( ଭାରତୀୟ ଉଦ୍ଭିଦ ) ନାମକ ଗ୍ରନ୍ଥ ।

Kabibara Chintamoni Mahanty (poet) of Bhadrak has published an appreciatory poem of the lexicon in his works which are now in the press.

Pandit Ekadasi Bedi of Jajpur and Pandit Lakhmi Narayan Misra of Sambalpur have also each published an appreciative poem on the Bhashakosha.

Dr. Suniti Kumar Chatterji, M. A., D. Litt., Professor of the Calcutta University and a scholar of international repute, in his presidential address before the Indo Aryan languages section of the last All India Oriental Conference held at Mysore, made a reference to the lexicon. He writes to me in the following terms —

"I had the pleasure of handling your great lexicographical work in the Calcutta University library and of admiring your great erudition and your stupendous labour. The work is of unique importance in the study of the modern Indo-aryan languages. The great work will remain a monumental testimony to the scholarship of Utkal, the publication of which so happily synchronises with the establishment of Utkala Mata as the Presiding Deity in her home land."

Prachyabidya Maharnnaba Rai Sahib N. N. Vasu, the compiler of the Bengalee and the Hindi Encyclopedias has included me amongst the contributors of articles on Orissa in the Second Edition of the Bengalee Encyclopedia which is now in the press, and of which the 1st and the 2nd volumes have already come out.

Chhotrai Laksmi Narayan Bhanja Deo, the younger brother of the Ruler of the Keonjhar State, who is now in England for study, and the enlightened Ranee Saheb of Keonjhar, contemplate presenting a set of the dictionary and some standard Oriya books to each of the libraries of the London, Oxford and Cambridge Universities and other public libraries in Great Britain and in the Continent.

It is a matter of supreme pleasure to learn from the Chhotrai Saheb that through the exertions of Kumar Saheb Deo of Chikati, Ganjam, who is now in England, the Oriya language has been recognised and is included in the curriculum of the Matriculation Examination of the London University.

Pandit Godabaris Misra M. A., B. T., M. L. A. of Banpur, who has been touring some of the Oriya States in connection with the Banpur High English School, was kind enough to refer to the Maharaja of Mayurbhanja's generous help to this lexicon, in his presidential address at the last anniversery of the Baripada Sahitya Samaja.

The Editor of the Oriya, a weekly of Berhampur, in its issue of 14. 5. 37 has published an article on the lexicon and has reproduced the compiler's photo in the same.

## Copies sold and presented.

Up-to-date 380 sets of the work have been subscribed for in advance. Since the publication of the 5th volume, 15 sets have been subscribed for. Amogst the recent subscribers, mention may be made of the Rangoon University Library, Royal Asiatic Society of Bengal, Benares Hindu University, Nagpur University, The Ramkrishna Math, Bhubaneswar, Sreemati Prabhas Kumari Debi, minor Proprietress of Barapalli wards estate, Sambalpur (for whom the Deputy Commissioner of Sambalpur sent a remittance of Rupees one hundred and fifty, instead of Rs 115/- the then advance price for a whole set), Superintendent, Mission Press, Cuttack, Professor B. V. Roy M. A., Babu D. C. Ray, Sadar S. D. O, Patna State, Secretary, George Club, Patna State, Education Officer, Patna State, Dewan, Keonjhar State, (besides the 10 sets already subscribed for by the Ruler), Headmasters of the Titlagarh and Patnagarh M. E. Schools, Patna State.

Up-to-date 70 sets have been presented to patrons, actual and prospective, eminent persons and workers, of which 6 have been presented since the publication of the last volume.

## Financial outlook

Only 2 letters of the Oriya alphabet remain for the seventh and last volume.

The cost of bringing out one volume including binding has worked at Rupees sixteen thousand on the average. Thus, the charges for bringing out the complete work of 7 volumes will be about Rs. 115000|- (one lakh and fifteen thousand rupees). Till now provision has been made for about a lakh of rupees from advance subscribers, loan and donations from the Government of Bihar and Orissa, the Patna University, the Maharajas of Mayurbhanja, Jeypore, Patna, Parlakimedi, Kalahandi, the Rajas of Boud, Athmallik, Khallikote, Keonjhar, Chikati, the Mahant of Emar

Math, and other generous donors. Now that the end is in sight, I hope that the balance required to bring out the last volume and settle and clear off the outstanding liabilities and loans incurred for this work, will be forthcoming from donors who have not yet paid their promised quotas, from donors who have not contributed handsomely on account of the apprehension that the undertaking may not be brought to its last volume, and from patrons of learning and literature who have not yet been pleased to extend their patronage to this work, as all of them may now be satisfied that the completion of the work will be an accomplished fact by this time next year, if they or any of them come forward to give the last push. I look with confidence to the following patrons of learning to put the coping stone on this national temple of learning:—

The Government of Orissa (whose Governor laid the foundation stone of this work and is now in our midst to see the coping stone laid on the dome).

Raj Jejemata Srimati Dambarudhar Priya Debi of Bamra, the grandmother of the Rajasaheb of Bamra State and the widow of the late Raja Sachidananda Tribhuban Deb (whose love for the Oriya literature & whose charity are well known throughout Orissa, and who has been approached with an appeal for help through her son, the Gajapati Rajasaheb of Puri, her lgrandson the Rajasaheb of Bamra, her brothers-in-law, the Raja sahebs of Bonai and Talcher.

Raja Bhanuganga Tribhubana Deb, Ruler, Bamra State (with whose family the compiler has been connected by ties of literary pursuit for five generations, now that the compiler has seen the birth of his son and heir, and who at this young age has given sure indications that he will maintain the high literary tradition of the family).

Maharaja Sudhansu Sekhar Singha Deo, Ruler, Sonepur State (to whom the compiler and his labours have been well known since his boyhood and who is sure to shed lustre on the illustrious house of Sonepur),

Raja Aditya Pratap Singh Deo, Ruler, Seraikella State (whose grandfather, the late Maharaja Udit Narayan Singh Deo promised in 1930 to help the work, but was not spared to redeem his promise and whose Jubaraj is one of the most promising graduates).

Maharaja Brajamohan Deb of Kalahandi (whose initial help of Rupees one thousand in 1928 enabled me to begin the revision of the original manuscripts and who has subscribed for 25 sets of the work in advance),

Raja Balabhadra Narayan Bhanja Deo, Ruler, Keonjhar State (who has subscribed for 10 sets of the work besides having donated Rs 500/-)

Raja Dharanidhar Indra Deo Deb, Raja Saheb and Ruling Chief of Bonai State (who has promised to render help and who has been from time to time making enquiries about the progress of the work, and whose sincere appreciation of the work the compiler came to know during his recent visit to the State, and who has voluntarily promised to bring the requirements of the work to the notice of the Raj. Grand mother of Bamra.)

Raja Kishore Chandra Bhanja Deo, Ruling Chief Dasapalla, (who has promised help.)

Gajapati Raja Ramachandra Deb of Puri,

Raja Bahadur Ramchandra Mardaraj Deb, Raja Saheb of Khallikote (who has already donated Rs. 1000/-)

Raja Kishore Chandra Birabara Harichandan, Ruling Chief of Talcher State (the literary pursuits of whose family seem to run in the blood of every scion thereof including, even the young Tikayatta Sahib Soubhagya Chandra Deb, and who has promised to render help).

Rai Bahadur Bhuyan Bhaskar Chandra Mohapatra of Balasore (with whom the compiler and his principal collaborator have been connected by ties of god—relationship and who has made handsome contributions for the revival of ancient Oriya literature and for many a noble cause).

Mahant Gadahar Ramanuja Das, the Mahant of Emar Math (who has made a payment of rupees one thousand and promised to pay rupees one thousand more, the balance of his donation, and whose liberality has been extended to almost all movements of public utility and spread of knowledge in Orissa.)

Any one of these favoured sons of Goddess Lakshmi is strong enough to shoulder the burden of bringing out the 7th Volume and thus to put the coping stone on the national edifice, which will one day be deemed as a landmark in the history of the Oriya language and literature.



**Captain Maharaja Sri Krushna Ch. Gajapati Narayan Deb,**
**Maharaja of Parlakimedi, District Ganjam.**

ପ୍ରାଚୀନ ଉତ୍କଳ ଗଜପତି ରାଜବଂଶାବତଂସ ପାରଳାଧୀଶ୍ୱର ଉତ୍କଳପ୍ରାଣ
ମହାରାଜ ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ।

## The Price of the work

The advance price for a whole set has from time to time changed from Rs 30/- to Rs 115/-, as the complete set was found out to swell from 2 volumes to 7 volumes. The subscribers who paid the then fixed advance price are being supplied with the whole set of 7 volumes without any further charge. It is for them and not for the compiler to decide if they can justly pay more than what they have already paid.

The advance price fixed on the publication of the 5th volume was Rs 115/—for a whole set. The subscribers who subscribed in advance and made payment had to take my word on trust. Now that the 6th volume is published and the publication of the last and seventh volume is within sight, the price of a whole set of 7 volumes is finally fixed at Rs 150/- (one hundred and fifty rupees), provided that subscribers registering their names and making payment before the 7th volume is out will get a discount of 12 per cent, i. e. they will have to pay Rs 132/- ( one hundred and thirty two rupees only ).

Subscribers purchasing any volume separately will have to pay Rs 25/- per volume, With subscribers of slender income easy monthly instalments may be arranged, as has been done in some cases already.

## Expected completion of the work.

The materials and the copies for the press for the 7th volume are now lying ready after faircopying. The last volume will contain words beginning with ସ (Dental sa) & ହ (Ha), the letter କ୍ଷ (ksha) having found place alphabetically after the letter କ (ka). A Supplement, containing words, notes and new informations available to me since the earlier volumes were published, to-gether with errors which have been brought to my notice, has been prepared. It is hoped to find place for the above at the end of the last volume.

The last volume is expected to be be out by this time next year.

## Thanksgiving.

To all my colleagues, supporters, correspondents, wellwishers, sympathisers, helpers and patrons and generous critics I tender my thanks. I tender my homage and loyalty to Their Most Gracious Majesties, King George VI and Queen Elizabeth and to the Viceroy & to His Majesty's representative in our New Province, Sir John Austen Hubback, who is the foster father of this undertaking and whose presence in our midst and whose paternal interest in the progress of the work have brightened the hope of its completion.

Lastly, my grateful homage is due to the Great Benevolent Father who has brought me so far and who, I hope, will grant me strength, patience and means to bring the labours of 22 years of my life to a successful close.

The Almighty Being has brought the publication of the successive volumes of the Oriya lexicon and the formation of the Orissa province, pari passu, to their present stages; and He in His Grace will bring about the unobstructed completion of the former and the harmonious working of the latter; and then the Oriya language and the Oriya nation will come to occupy their legitimate places of honour in the eyes of the civilized world at no distant date. Amen.

Bhashakosha Asrama,
Bhashakosha Lane
Cuttack, Orissa.
31st June, 1937.

GOPAL CHANDRA PRAHARAJ
*Compiler.*



Lal Artatran Dev, Raja Saheb, Khariar Estate
ଖଡ଼ିଆଳ ଇଷ୍ଟେଟର ରଜା ଶ୍ରୀ ଲାଲ ଆର୍ତ୍ତତ୍ରାଣ ଦେବ
(ସାହାଯ୍ୟଦାତା)



The Jubraj Saheb, Khariar Estate, Dt. Sambalpur
ଖଡ଼ିଆଳ ଇଷ୍ଟେଟର ଯୁବରାଜ ସାହେବ (ଭୂତକାମୀ)

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ

## ଷଷ୍ଠ ଖଣ୍ଡ

# ଅବତରଣିକା

### ଏହି ଖଣ୍ଡରେ ନିହିତବିଷୟ

ପରମପୁରୁଷଙ୍କ ଅପାର କରୁଣାରୁ ମୁଁ ଅଜି ଭାଷାକୋଷର ଷଷ୍ଠଖଣ୍ଡ ମୋର ପୃଷ୍ଠପୋଷକ, ସହାୟକ ଓ ସର୍ବସାଧାରଣଙ୍କ ହାତରେ ଅର୍ପଣ କରିବାରେ କ୍ଷମ ହେଲି ।

ଆଦ୍ୟ ପାଞ୍ଚଖଣ୍ଡରେ ଓଡ଼ିଆ ବର୍ଣ୍ଣମାଳାର ପ୍ରଥମ ୩୯ ଟି ଅକ୍ଷର ଓ 'କ୍ଷ' ଶେଷ ହୋଇଥିଲା । ଏ ଖଣ୍ଡରେ ପରବର୍ତ୍ତୀ ୬ ଗୋଟି ଅକ୍ଷର ଶେଷ ହେଲା । ଅନ୍ତିମ ବା ୭ମ ଖଣ୍ଡପାଇଁ 'ସ' ଓ 'ହ' ଏହି ଦୁଇଟି ଅକ୍ଷର ମାତ୍ର ଅବଶିଷ୍ଟ ରହିଲା ।

ପ୍ରଥମ ପାଞ୍ଚଖଣ୍ଡରେ ଏକଲକ୍ଷ ପଞ୍ଚବିଂଶ ହଜାର ଓଡ଼ିଆ ଭାଷାର ଶବ୍ଦ ଓ ବିଶିଷ୍ଟ ପ୍ରୟୋଗ ପ୍ରଦତ୍ତ ହୋଇଅଛି । ଏହି ଷଷ୍ଠଖଣ୍ଡରେ ପ୍ରଦତ୍ତ ଶବ୍ଦାଦିର ସଂଖ୍ୟା ୨୪ ହଜାର । ଅତଏବ ଷଷ୍ଠଖଣ୍ଡକୁ ମିଶାଇ ସମସ୍ତ ଶବ୍ଦସଂଖ୍ୟା ୧ଲକ୍ଷ ୫୯ ହଜାର ହେଲା । ଆଶାକରାଯାଏ ସପ୍ତମ ଖଣ୍ଡରେ ୨୫ ହଜାର ଶବ୍ଦ ପ୍ରଦତ୍ତ ହେବ । ଏହିରୂପେ ପୂର୍ଣ୍ଣାଙ୍ଗ ଭାଷାକୋଷରେ ସର୍ବମୋଟ ଏକଲକ୍ଷ ୮୪ ହଜାର ଶବ୍ଦ ସ୍ଥାନ ପାଇ ପାରିବ ।

ନୂତନ ଓଡ଼ିଶା ପ୍ରଦେଶର ଶୁଭାନୁଷ୍ଠାନର ଠିକ୍ ପୂର୍ବେ, ଅର୍ଥାତ୍ ୧୯୩୬ ମସିହା ମାର୍ଚ୍ଚମାସ ଶେଷରେ ଏହାର ୫ମ ଖଣ୍ଡ ପ୍ରକାଶିତ ହୋଇଥିଲା ଏବଂ ଏହାର ଷଷ୍ଠଖଣ୍ଡ ପରବର୍ତ୍ତୀ ଦଶ ମାସ ମଧ୍ୟରେ ପ୍ରକାଶିତ ହେବ ବୋଲି ସେତେବେଳେ କଳ୍ପନା କରାଯାଇଥିଲା, ମାତ୍ର ବଜାରରେ କାଗଜର ଅଭାବ ଓ ମୋର ସାମୟିକ ସ୍ୱାସ୍ଥ୍ୟଭଙ୍ଗ ହେତୁରୁ ଯଥାକାଳରେ ପ୍ରେସ୍‌କୁ ପାଣ୍ଡୁଲିପି ପଠାଇବାରେ ଅସୁବିଧା ହେଲା; ତେଣୁ ଏଖଣ୍ଡର ପ୍ରକାଶରେ ଅତିରିକ୍ତ ପାଞ୍ଚ ମାସ ଅଧିକ ସମୟ ଆବଶ୍ୟକ ହୋଇଅଛି । ବର୍ତ୍ତମାନ ଆଶାକରେ, ପରମାତ୍ମାଙ୍କର ଦୟା ଏବଂ ବିଦ୍ୟୋତ୍ସାହୀ ପୃଷ୍ଠପୋଷକମାନଙ୍କ କରୁଣା ହେଲେ ଆଗାମୀ ୧୯୩୮ ମାର୍ଚ୍ଚମାସ ମଧ୍ୟରେ ଏହାର ସପ୍ତମ ବା ଶେଷ ଖଣ୍ଡ ପ୍ରକାଶିତ ହେବ ।

### ଏ ଖଣ୍ଡର ଆର୍ଥିକ ପୃଷ୍ଠପୋଷକ

ପାଟନା ଷ୍ଟେଟର ଉଦୟମାନ ରାଜର୍ଷିକଳ୍ପ ମହାରାଜ ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେବ ଏହି ଖଣ୍ଡ ପ୍ରକାଶର ବ୍ୟୟଭାର ବହନ କରିବେ ବୋଲି ପୂର୍ବରୁ ପ୍ରତିଶ୍ରୁତ ହୋଇଥିଲେ ଓ ସେହି ପ୍ରତିଶ୍ରୁତି ପାଳନ ବାବଦରେ ମହାରାଜ ଦଶହଜାର ଟଙ୍କା ଦେଇସାରି ଅଛନ୍ତି ।

### ଏ ଖଣ୍ଡପାଇଁ ସନ୍ଦର୍ଭ ଲେଖକଗଣ

ନିମ୍ନୋକ୍ତ ବିଦ୍ୱନ୍ମହୋଦୟବୃନ୍ଦ ଏହି ଖଣ୍ଡର ବିଶେଷ ବିଶେଷ ବିଷୟରେ ପ୍ରବନ୍ଧମାନ ଲେଖିଅଛନ୍ତି । ପ୍ରତ୍ୟେକ ପ୍ରବନ୍ଧତଳେ ସେମାନଙ୍କର ନାମ ପ୍ରକାଶିତ ହୋଇଅଛି ।

ସାହିତ୍ୟସମ୍ରାଟ୍ ମହାରାଜ ଶ୍ରୀ ବିକ୍ରମଦେବ ବର୍ମା ଡ଼ି. ଲିଟ୍,
ବାବୁ ଜଗବନ୍ଧୁ ସିଂହ—ପୁରୀ,
ବାବୁ କେଦାରନାଥ ମହାପାତ୍ର ବି. ଏ., ଡି. ଇଡ —ଭୁବନେଶ୍ୱର,
ପଣ୍ଡିତ ବାଇକୋଳି ମହାପାତ୍ର, ଜ୍ୟୋତିଷବିଶାରଦ—ଖଲ୍ଲିକୋଟ,
ବାବୁ ଚନ୍ଦ୍ରଶେଖର ଦାସ—ଯାଜପୁର,
ସ୍ୱର୍ଗୀୟ ପଣ୍ଡିତ ନୀଳମଣି ମିଶ୍ର—ଯାଜପୁର,
ଡାକ୍ତର ରାଧାଚରଣ ପଣ୍ଡା—ଏଲ୍. ଏମ୍. ପି.,
ଡାକ୍ତର କୈଳାସଚନ୍ଦ୍ର ରାଓ, ଏଲ୍. ଏମ୍. ପି.—କଟକ,
ବାବୁ ନାରାୟଣପ୍ରସାଦ ସାଠିଆ ବି. ଏ—କଟକ,
ବାବୁ ମନୋମୋହନ ଘୋଷ ବି. ଏଲ୍—କଟକ,
ମହାମହୋପଦେଶକ ସୁନ୍ଦରାନନ୍ଦ ବିଦ୍ୟାବିନୋଦ—ସଚ୍ଚିଦାନନ୍ଦ ମଠ, କଟକ,
କୁମାର ଶ୍ରୀ ବିଦ୍ୟାଧର ସିଂହଦେବ ବି. ଏ., ବି. ଏଲ୍—ଜୟପୁର,
ବାବୁ ନରସିଂହ ଶତପଥି—ଅପ୍ରେଣ୍ଟିସ୍ ଇଞ୍ଜିନିଅର୍
ବାବୁ ଅପୂର୍ବକୃଷ୍ଣ ସରକାର ବି. ଏ—କଟକ,
ବିଷର୍ଜ୍ ପଣ୍ଡିତ ଶ୍ରୀ ବିଶ୍ୱନାଥ ରଥ କାବ୍ୟତୀର୍ଥ—ପୁରୀ,
ପ୍ରୋଫେସର୍ ବିପିନବିହାରୀ ରାୟ ଏମ୍. ଏ. ରେଭେନ୍‌ସା କଲେଜ,କଟକ,

### ଅଭିଜ୍ଞାନ ଗ୍ରନ୍ଥମାନ

ପୂର୍ବଖଣ୍ଡମାନଙ୍କରେ ଉଲ୍ଲିଖିତ ଥିବା ପୁସ୍ତକମାନଙ୍କ ବ୍ୟତୀତ ଏ ଖଣ୍ଡରେ ନିମ୍ନୋକ୍ତ ଲେଖକମାନଙ୍କର ପୁସ୍ତକ ଓ ପତ୍ରମାନଙ୍କରୁ ସାହାଯ୍ୟ ଗ୍ରହଣ କରାଯାଇଅଛି ।

୧ । ବଙ୍ଗଳା ବିଶ୍ୱକୋଷ (ପ୍ରଥମ ସଂସ୍କରଣ)—ପ୍ରାଚ୍ୟବିଦ୍ୟାମହାର୍ଣ୍ଣବ ରାୟସାହେବ ନଗେନ୍ଦ୍ରନାଥ ବସୁ
୨ । ଉତ୍କଳ ଇତିହାସ—ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର ଏମ୍. ଏ
୩ । ଅରୁଣୋଦୟ ପ୍ରେସ୍‌ର ପଞ୍ଜିକା
୪ । ଶଙ୍କର ଦିଗ୍‌ବିଜୟ (ଓଡ଼ିଆ ଅନୁବାଦ)—ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ, ଶଙ୍କରାନନ୍ଦ ମଠ, ପୁରୀ
୫ । କୋଣାର୍କେ—ପଣ୍ଡିତ ନୀଳକଣ୍ଠ ଦାସ ଏମ୍. ଏ.
୬ । ଧର୍ମପଦ—ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁ ଦାଶ
୭ । ଦୈନିକ ଆଶା (ଦୈନିକ ପତ୍ରିକା)—ବ୍ରହ୍ମପୁର
୮ । ଷ୍ଟେଟ୍‌ସ୍‌ମାନ୍ (ଇଂରାଜୀ ଦୈନିକପତ୍ରିକା)—କଲିକତା
୯ । ନବୀନ (ସାପ୍ତାହିକ ପତ୍ରିକା)—ବ୍ରହ୍ମପୁର
୧୦ । ଷ୍ଟୁଡେଣ୍ଟ୍‌ସ୍ ହିଷ୍ଟ୍ରି ଅଫ୍ ଇଣ୍ଡିଆ (ପ୍ରଥେରୋ ସାହେବ)

୧୧ । ଶ୍ରୀ ଭାଗବତଚନ୍ଦ୍ର ଦାଶ, ବିଦ୍ୟାଭୂଷଣ, ବି. ଏ., ବି. ଏଲ୍—
ମେଦିନୀପୁର

୧୨ । ସ୍ୱର୍ଗୀୟ ପଣ୍ଡିତ ରୁଦ୍ରନାରାୟଣ ଷଡ଼ଙ୍ଗୀ—ବାଲେଶ୍ୱର

୧୩ । ଶ୍ରୀ ପ୍ରାଣକୃଷ୍ଣ ଦାସ ବି. ଏଲ୍—ବାଲେଶ୍ୱର

ମୁଦ୍ରାକର ପ୍ରମାଦବଶତଃ ଏହି ଖଣ୍ଡର ୭୬୨୪ ଓ ୭୬୨୫ ପୃଷ୍ଠା ମଧ୍ୟରେ ଥିବା କେତେଗୁଡ଼ିଏ ଶବ୍ଦ ପ୍ରଥମେ ମୁଦ୍ରିତ ହୋଇ ପାରି ନ ଥିଲା । ପରେ ତାହା ଜଣା ପଡ଼ିବାରୁ ୭୬୨୫କ ଠାରୁ ୭୬୨୫ଡ ପର୍ଯ୍ୟନ୍ତ ୧୩ ପୃଷ୍ଠା ୭୬୨୪ ପୃଷ୍ଠାପରେ ମିଶାଗଲା । ଏହି ଖଣ୍ଡର ପୃଷ୍ଠା ସଂଖ୍ୟା ୧୧୭୪ ।

## ଏ ଖଣ୍ଡର ସହକର୍ମିଗଣ

ପଞ୍ଚମଖଣ୍ଡରେ ଉଲ୍ଲିଖିତ ହୋଇଥିବା ମୋର ସହକର୍ମୀ ଓ ସାହାଯ୍ୟକାରୀଙ୍କ ମଧ୍ୟରୁ ଶ୍ରୀମତୀ ପୀତାମ୍ବରୀ ଦେବୀ, ପଣ୍ଡିତ କୁଳମଣି ଦାଶ, ବାବୁ କୃଷ୍ଣଚନ୍ଦ୍ର ମିଶ୍ର ଏମ୍. ଏ., ବି. ଏଲ୍, ପଣ୍ଡିତ ନରସିଂହ ମହାପାତ୍ର, ବାବୁ ଭୁବନେଶ୍ୱର ମିଶ୍ର, ଶ୍ରୀଯୁକ୍ତ ସତୀନ୍ଦ୍ରନାରାୟଣ ରାୟ ମହାଶୟ ଏମ୍. ଏ., ବି. ଏଲ୍, ପଣ୍ଡିତ ସୁରେଶଚନ୍ଦ୍ର ଝା କାବ୍ୟସ୍ମୃତି-ତୀର୍ଥ, ବ୍ୟାକରଣଶାସ୍ତ୍ରୀ ହିନ୍ଦୀ ବିଶାରଦ, ବାବୁ ବଙ୍କିମଚରଣ ପଟ୍ଟନାୟକ ବି. ଏ., ବାବୁ କୃଷ୍ଣଚନ୍ଦ୍ର କର ଓ ପଣ୍ଡିତ ଭଗବାନ ପତି, ଏ ଖଣ୍ଡର ସଙ୍କଳନରେ ସେମାନଙ୍କ ନିରୂପିତ କାର୍ଯ୍ୟକ୍ରମ ଅନୁସାରେ ମୋତେ ସାହାଯ୍ୟ କରିଅଛନ୍ତି । ଶ୍ରୀମାନ୍ ନରସିଂହ ସାମନ୍ତସିଂହାର ଓ ଶ୍ରୀମାନ୍ ସୂର୍ଯ୍ୟମଣି କର ଏହି ଷଷ୍ଠ ଖଣ୍ଡର ପାଣ୍ଡୁଲିପି ଲେଖନାଦିରେ ବହୁତ ସାହାଯ୍ୟ କରିଥିଲେ ।

ଭାଷାକୋଷ ଆରମ୍ଭରୁ ଶ୍ରୀଯୁକ୍ତ ସତୀନ୍ଦ୍ରନାରାୟଣ ରାୟ ମହାଶୟ ଓଡ଼ିଆ ଶବ୍ଦମାନଙ୍କର ବଙ୍ଗଳା ପ୍ରତିଶବ୍ଦ ଯୋଗାଉଥିଲେ । ଏଥି ମଧ୍ୟରେ ତାଙ୍କର ପିତା ରାୟ ବାହାଦୁର ହରେନ୍ଦ୍ରନାରାୟଣ ରାୟ ମହାଶୟ ଏମ୍. ଏ. ଙ୍କର ପରଲୋକପ୍ରାପ୍ତି ହେବାରୁ ସେ ଅଗତ୍ୟା କଟକ ଛାଡ଼ି ଲକ୍ଷ୍ମଣନାଥରେ ରହୁଅଛନ୍ତି । ଦୂରରେ ରହିଲେ ସୁଦ୍ଧା ଶେଷ ଦୁଇ ଅକ୍ଷରର ବଙ୍ଗଳା ପ୍ରତିଶବ୍ଦମାନ ସେ ଯେପରି ମୋତେ ଯୋଗାଇ ପାରିବେ, ସେ ତାହାର ବନ୍ଦୋବସ୍ତ କରୁଅଛନ୍ତି । ଏହି ଦୁଇ ଅକ୍ଷରର କେତେକ ବଙ୍ଗଳା ପ୍ରତିଶବ୍ଦ ମଧ୍ୟ ସେ ଏଥି ମଧ୍ୟରେ ଯୋଗାଇ ଅଛନ୍ତି ।

ଏହି ଗ୍ରନ୍ଥର ପ୍ରକାଶକ ବାବୁ ମହାନନ୍ଦ କର ପୂର୍ବପରି ଏହି ଖଣ୍ଡର ମୁଦ୍ରଣରେ ସ୍ୱକୀୟ ନିଷ୍ଠାପରତାର ସୂଚନା ଦେଇଅଛନ୍ତି ଏବଂ ତାଙ୍କର ମାନେଜର ବାବୁ କୁଳମଣି କର ପ୍ରୁଫ୍ ସଂଶୋଧନରେ ଏବଂ ହେଡ଼୍‌କମ୍ପୋଜିଟର ମୁନସି ମନିର୍ ଖାଁ ମୁଦ୍ରଣର ବିଶୁଦ୍ଧି ରକ୍ଷାରେ ମୋତେ ଯଥେଷ୍ଟ ସାହାଯ୍ୟ କରିଅଛନ୍ତି ।

ଏ ଖଣ୍ଡ ଓ ଏଥିର ପୂର୍ବ ଖଣ୍ଡ କଟକର ଦପ୍ତରୀ ଅଲମଅଲି ଖାଁଙ୍କ ଦ୍ୱାରା ବନ୍ଧା ହୋଇଅଛି । କଟକର ବାବୁ ରଙ୍ଗଲାଲ ମୋଦି ଏମ୍. ଏଲ୍. ଏ. ଏ ଖଣ୍ଡପାଇଁ କାଗଜ ଯୋଗାଇଅଛନ୍ତି, କିନ୍ତୁ କାଗଜ ବଜାରରେ କାଗଜ ଅଭାବ ହେବାରୁ କେତେକ କାଗଜ କଲିକତାରୁ ମୋତେ ଆଣିବାକୁ ପଡ଼ିଅଛି ।

## ଗ୍ରନ୍ଥପାଇଁ ପ୍ରାଦେଶିକ ଶବ୍ଦ ସଂଗ୍ରାହକବର୍ଗ

ନିମ୍ନଲିଖିତ ଭଦ୍ରମହୋଦୟମାନେ ଏହି ଭାଷାକୋଷପାଇଁ ବହୁସଂଖ୍ୟକ ପ୍ରାଦେଶିକ ଶବ୍ଦ ଯୋଗାଇ ମୋତେ ସର୍ବଥା ଅନୁଗୃହୀତ କରିଅଛନ୍ତି :—

ବାବୁ ଦୁର୍ଗାଚରଣ ରାୟ ବି. ଏ. ପାଟନା ଷ୍ଟେଟର ସଦର ସବ୍-ଡିଭିଜନ୍ ଅଫିସର ଓ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଓ ତାଙ୍କ ସ୍ତ୍ରୀ ଶ୍ରୀମତୀ ସୁମତି ଦେବୀ [ ଶ୍ରୀଯୁକ୍ତ ଶଶିଭୂଷଣ ରାୟଙ୍କ କନ୍ୟା ], ବାବୁ ଅଦ୍ୱୈତପ୍ରସାଦ ଦାସ ଏମ୍. ଏ. ପାଟନା ଷ୍ଟେଟର ଏଡୁକେଶନ ଅଫିସର, ପଣ୍ଡିତ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ପାଟନା ଷ୍ଟେଟ ଟ୍ରେନିଂ ସ୍କୁଲର ଶିକ୍ଷକ, ବାବୁ ଦିବ୍ୟସିଂହ ନାୟକ ବଲାଙ୍ଗିର, ପାଟନାଷ୍ଟେଟ, ବାବୁ ନଟବର ଗଡ଼ତିଆ ବି. ଏଲ୍., ଟିଟିଲାଗଡ଼ର ସେକେଣ୍ଡ୍ ଅଫିସର୍, ବାବୁ ତ୍ରିଲୋଚନ ପଟ୍ଟନାୟକ—ସାମ୍ପାଦକ, ପାଟନା ଷ୍ଟେଟ, ରାଜ ଶିବନାରାୟଣ ଦେବ—ଖଡ଼ିଆଳ, ପଣ୍ଡିତ ଚକ୍ରଧର ଦାଶ—ଉଭୟ ଭାଷାପ୍ରବୀଣ, କଣାଇ ଷ୍ଟେଟ, ବାବୁ ଅଚ୍ୟୁତାନନ୍ଦ ପୁରୋହିତ ବି. ଏଲ୍—ସରକାରୀ ଓକିଲ, ସମ୍ବଲପୁର, ଶ୍ରୀଯୁକ୍ତ ବିଷ୍ଣୁପ୍ରସାଦ ଦାସ—ଅତାବିରା, ସମ୍ବଲପୁର, ବାବୁ ବିଶ୍ୱକେଶନ ବହିଦାର—ସମ୍ବଲପୁର, ନାରୀକବି ଶ୍ରୀମତୀ ଅପର୍ଣ୍ଣା ଦେବୀ—ପୁରୀ, ପୂଜ୍ୟପାଦ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ—ଶଙ୍କରାନନ୍ଦ ମଠ, ପୁରୀ, ବାବୁ ବଂଶୀଧର ମହାନ୍ତି—ଅଫିସ ସୁପରିଣ୍ଟେଣ୍ଡେଣ୍ଟ, କେନ୍ଦୁଝର ଷ୍ଟେଟ, ଡାକ୍ତର କୈଳାସଚନ୍ଦ୍ର ରାଓ ଏଲ୍. ଏମ୍. ପି.—କଟକ, ରାଜା ଦୁର୍ଗାମାଧବ ପ୍ରସାଦସିଂହଦେଓ—ମଦନପୁର—ରାମପୁର, କଳାହାଣ୍ଡି ଷ୍ଟେଟ ।

ଅଠମଲ୍ଲିକର ଉପରୀ ଦେବାନ ବାବୁ ବାମଦେବ ମିଶ୍ର ଓଡ଼ିଆ ଗଡ଼ଜାତ ଓ ଯାଜପୁର ପ୍ରଚଳିତ ଶତ ଶତ ପ୍ରାଦେଶିକ ଶବ୍ଦ ଏ ଗ୍ରନ୍ଥ ଆରମ୍ଭରୁ ଯୋଗାଇ ଆସି ଅଛନ୍ତି । ସେ ଯେତେବେଳେ କଟକ ଆଡ଼େ ଆସନ୍ତି, ଥରେ ଭାଷାକୋଷ ଆଶ୍ରମରେ ମୁହଁ ମାରି ନ ଗଲେ ତାଙ୍କ ମନ ବୋଧ ହୁଏ ନାହିଁ । ତାଙ୍କର ସାହାଯ୍ୟ ଓ ସହାନୁଭୂତି ମୋର ପରମ ମୂଲ୍ୟବାନ୍ ସମ୍ବଳ ଅଟେ ।

ପାଟନା ଷ୍ଟେଟ୍‌ର ଶିକ୍ଷାବିଭାଗ ଓ କର୍ମଚାରୀବୃନ୍ଦ ଏହି ପ୍ରାଦେଶିକ ଶବ୍ଦ ସଙ୍କଳନରେ ମୋର ଯେଉଁ ସହାୟତା କରିଅଛନ୍ତି, ତାହା ଏଠାରେ ମୁଁ ହୃଦୟର ଆବେଗପୂର୍ଣ୍ଣ କୃତଜ୍ଞତା ସହକାରେ ପ୍ରକାଶ କରୁଅଛି । ଶ୍ରୀମାନ୍ ମହାରାଜାଙ୍କ ସଙ୍କେତରେ ତାଙ୍କ ଏଡୁକେଶନ୍ ଅଫିସର୍ ବାବୁ ଶ୍ରୀ ଅଦ୍ୱୈତପ୍ରସାଦ ଦାସ ଏମ୍. ଏ. ପାଟନା ଷ୍ଟେଟ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସେମାନଙ୍କ ନିଜ ନିଜ ଅଞ୍ଚଳର ପ୍ରଚଳିତ ପ୍ରାଦେଶିକ ଶବ୍ଦ ସଂଗ୍ରହକରି ପଠାଇବାକୁ ଆଦେଶ ଦେଲେ । ଏହି ଉପାୟରେ ମୁଁ ସେ ଅଞ୍ଚଳର ସହସ୍ର ସହସ୍ର ପ୍ରାଦେଶିକ ଶବ୍ଦ ପାଇଅଛି । ଏଥିପାଇଁ ପୂର୍ବୋକ୍ତ ଏଡୁକେଶନ୍ ଅଫିସରଙ୍କ ସହିତ ଶବ୍ଦ ସଂଗ୍ରାହକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମୁଁ ଅନ୍ତରର ଧନ୍ୟବାଦ ଅର୍ପଣ କରିଅଛି ।

ପ୍ରଧାନ ମନ୍ତ୍ରୀ ଲାଲ ରାଜକୁମାର, ଏମ୍. ଏ., ପି. ସି. ଏସ୍, ରାଜନଅରର ପରଲୋକ କୁମାର ରଣେନ୍ଦ୍ରପ୍ରତାପ ସିଂହଦେଓ, ଶ୍ରୀଗୋପାଳଚନ୍ଦ୍ର ବି. ଏ., ଏଲ୍. ଏଲ୍. ବି. ଏମ୍. ଆର୍. ଏ. ଏସ୍, ଜୁଡ଼ିସିଆଲ ମନ୍ତ୍ରୀ ସେସନ୍‌ସ ଜଜ୍, ରାଓ ସାହେବ ଡାକ୍ତର୍ ସି. ସି. ଜନ୍, ଏମ୍. ବି. ବି. ଏସ୍, ମେଡିକାଲ୍ ଅଫିସର, ବାବୁ ସତୀଶଚନ୍ଦ୍ର



Raja Lal Rajendra Singh Bariha, Raja Saheb,
Borasambar, Sambalpur
ବୋଡ଼ାସମ୍ବରର ରାଜା ଶ୍ରୀ ଲାଲ ରାଜେନ୍ଦ୍ର ସିଂହ ବାରିହା
(ସାହାଯ୍ୟଦାତା)



Raja Narayan Chandra Birabar Mangaraj Mahapatra,
Ruling Chief, Baramba State.
ବଡ଼ାମ୍ବା ଷ୍ଟେଟର ରୁଲିଙ୍ଗ ଚିଫ
ରାଜା ଶ୍ରୀ ନାରାୟଣଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର (ସାହାଯ୍ୟଦାତା)

ବାନାର୍ଜି ବି. ଏ., ସେଟଲମେଣ୍ଟ ଅଫିସର, ସର୍ଦ୍ଦାର ବସନ ସିଂହ ସୁଲକ୍ଷ ସାହେବ, ବାବୁ ବଳଭଦ୍ର ବହିଦାର, ଟିଟିଲାଗଡ଼ର ଏସ୍. ଡି. ଓ, ବାବୁ ଚିନ୍ତାମଣି ମିଶ୍ର ପାଟନାଗଡ଼ର ଏସ୍. ଡି. ଓ, ଶ୍ରୀ ଦିବ୍ୟସିଂହ ନାୟକ ଷ୍ଟେନୋଗ୍ରାଫର, ଶ୍ରୀ ବାବୁ ବଂଶୀଧର ଗୈପଦାର, ମହାରାଜାଙ୍କ ପେଷ୍କାର ପ୍ରମୁଖ ପାଟନା ଷ୍ଟେଟ୍‌ର ଉଚ୍ଚ ନିମ୍ନ ସମସ୍ତ ରାଜକର୍ମଚାରୀ, ଜମିଦାର ଓ ବିଶିଷ୍ଟ ବ୍ୟକ୍ତିମାନଙ୍କଠାରୁ ମୁଁ ସର୍ବଦା ଦୟାପୂର୍ଣ୍ଣ ବ୍ୟବହାର ଲାଭ କରି କୃତାର୍ଥ ହୋଇଅଛି ।

ପାଟନା ରାଜ୍ୟରେ ଭ୍ରମଣ କଲାବେଳେ ତତ୍ରତ୍ୟ ଲାଣ୍ଡ୍ ରେକର୍ଡ୍ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ସରଦାର ଅମର ସିଂହ ସ୍ୱତଃପ୍ରବୃତ୍ତ ହୋଇ ଭାଷାକୋଷପାଇଁ ଗ୍ରାହକ, ସାହାଯ୍ୟକାରୀ ଓ ପୃଷ୍ଠପୋଷକ ସଂଗ୍ରହ କରିବାରେ ମୋର ଯେଉଁଳି ସହାୟତା କରିଅଛନ୍ତି ତଦ୍ଦ୍ୱାରା ମୁଁ ହୃଦୟରେ ପରମପ୍ରୀତି ଅନୁଭବ କରିଅଛି । ତାଙ୍କର ଉତ୍ସାହ ଓ ସମ୍ବେଦନା ମୁଁ ସର୍ବଦା ସ୍ମରଣ ରଖିବି ।

ଶ୍ରୀମାନ୍ ଅଚ୍ୟୁତାନନ୍ଦ ରଥ,<br>
,, ଦାଶରଥି ମାଝି,<br>
,, ନବକିଶୋର ମହାପାତ୍ର,<br>
,, ଭିକାରି ମିଶ୍ର ପଣ୍ଡା ଓ<br>
,, ଯୋଗେନ୍ଦ୍ର ପ୍ରସାଦ ପଣ୍ଡା,

ସମ୍ବଲପୁର ଜିଲ୍ଲାର ବରଗଡ଼ ହାଇସ୍କୁଲର ଏହି ଛାତ୍ରମାନଙ୍କଠାରୁ ସେ ଅଞ୍ଚଳର ବ୍ୟବହୃତ ଅନେକଗୁଡ଼ିଏ ବିଶିଷ୍ଟ ଶବ୍ଦ ପାଇ ମୁଁ ଅତ୍ୟନ୍ତ ପ୍ରୀତ ହୋଇଅଛି ।

ସେମାନେ ସ୍ୱକୀୟ ମାତୃଭାଷା ପାଇଁ ଯେଉଁ ଉନ୍ମାଦନାରେ ପ୍ରଣୋଦିତ ହୋଇ ଅଯାଚିତଭାବରେ ଏହି କାର୍ଯ୍ୟ କଲେ, ତାହା ମୁଁ ଯଥାର୍ଥରେ ହୃଦୟରେ ଅନୁଭବ କରି ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛି ଏବଂ ଆଶୀର୍ବାଦ କରୁଅଛି ଯେ, ସେମାନେ ସରସ୍ୱତୀଙ୍କ ସେବାକରି ମାତୃଭୂମିର ଓ ମାତୃଭାଷାର ମୁଖ ଉଜ୍ଜ୍ୱଳ କରନ୍ତୁ ।

## ଏ ଗ୍ରନ୍ଥର ପୃଷ୍ଠପୋଷକ ଓ ଶୁଭାକାଙ୍କ୍ଷୀଗଣ

ବର୍ତ୍ତମାନ ଓଡ଼ିଶାର ଗଭର୍ଣ୍ଣର ସର୍ ଜନ୍ ଅଷ୍ଟେନ୍ ହବାକ କେ. ସି. ଏସ୍. ଆଇ, ଆଇ. ସି. ଏସ୍. ମହୋଦୟ ୧୯୨୧ ସାଲରୁ ମୋତେ ଯେଉଁ ଭାବରେ ସାହାଯ୍ୟ କରି ଆସିଅଛନ୍ତି, ଭାଷାକୋଷର ପୂର୍ବଖଣ୍ଡମାନଙ୍କରେ ବିଶେଷ ଭାବରେ ମୁଁ ସେସବୁ ଉଲ୍ଲେଖ କରିଅଛି । ତାଙ୍କର ଦୟାପୂର୍ଣ୍ଣ ଅନୁମତି ନେଇ ମୁଁ ଭାଷାକୋଷର ପ୍ରଥମଖଣ୍ଡ ତାଙ୍କ ନାମରେ ଉତ୍ସର୍ଗ କରିଥିଲି ।

ମାନ୍ୟବର ଲାଟ ମହୋଦୟ ଯେଉଁଦିନ ଓଡ଼ିଶା ପ୍ରଦେଶର ଦାୟିତ୍ୱ ଗ୍ରହଣ କଲେ, ତାର ଚିକ୍ ପରଦିନ ପ୍ରୀତିପୂର୍ଣ୍ଣ ହୃଦୟରେ ଭାଷାକୋଷ ପାଇଁ ମୋତେ ଦେଢ଼ଶତ ଟଙ୍କାର ଖଣ୍ଡିଏ ଚେକ୍ ସହ ପତ୍ରଖଣ୍ଡିଏ ଲେଖିଥିଲେ ।

ପାଟଣା ବିଶ୍ୱବିଦ୍ୟାଳୟ ଭାଷାକୋଷର ପରିସମାପ୍ତି ପାଇଁ ଦ୍ୱିତୀୟଥର ଏକକାଳୀନ ବିଶିଷ୍ଟ ସାହାଯ୍ୟ ପ୍ରଦାନ କରିଥିବା ଶୁଣି ସେ ଅତ୍ୟନ୍ତ ପ୍ରୀତ ହୋଇଥିବା କଥା ସେ ପତ୍ରରେ ପ୍ରକାଶ କରିଥିଲେ ।

ଲଣ୍ଡନରେ ପ୍ରାଚ୍ୟ ବିଦ୍ୟାନୁଶୀଳନ ନିମିତ୍ତ ଯେଉଁ କଲେଜ୍ ଅଛି, ସେଠାରେ କି କି ଓଡ଼ିଆ ବହି ଅଛି ତାହା ଦେଖିବା ପାଇଁ ଲାଟସାହେବ ସେଠାକୁ ଯାଇଥିଲେ; ଭାଷାକୋଷ ଛଡ଼ା ସେଠାରେ ସଂଗୃହୀତ ଅନ୍ୟ ଯେଉଁ ସବୁ ଓଡ଼ିଆ ପୁସ୍ତକ ଦେଖିଲେ ତାହା ଅତି ସାମାନ୍ୟ । ଓଡ଼ିଶାରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ସେଠାର ଏହି ଅଭାବ ନିରାକରଣ କରିବା ପାଇଁ ଆଶା ପୋଷଣ କରିଅଛନ୍ତି ବୋଲି ସେ ଲେଖିଥିଲେ ।

ଭାଷାକୋଷ ତଥା ଓଡ଼ିଆ ଭାଷା ମାନ୍ୟବର ଲାଟ ମହୋଦୟଙ୍କ ହୃଦୟରେ କିପରି ସମୁଚ୍ଚସ୍ଥାନ ଅଧିକାର କରିଅଛି, ଏଥିରୁ ତାହା ସ୍ପଷ୍ଟରୂପେ ସମସ୍ତେ ବୁଝି ପାରିବେ । ଓଡ଼ିଶାର ରାଜପ୍ରତିନିଧିରୂପେ ଶାସନଭାର ଗ୍ରହଣ କରିବା ଠାରୁ ଲାଟ ଓ ତତ୍‌ପତ୍ନୀ ସସ୍ନେହ ଓ ସାଗ୍ରହ ଚିତ୍ତରେ ଭାଷାକୋଷର ପରିପୂର୍ତ୍ତି ବିଷୟରେ ସର୍ବଦା ଅନୁସନ୍ଧାନ କରିଅଛନ୍ତି । ନୂତନ ଓଡ଼ିଶା ପ୍ରଦେଶର ନବବର୍ଷର ସମ୍ମାନ-ପଦବୀ ତାଲିକାରେ ଭାରତ ସରକାର ଏହି ଭାଷାକୋଷର ସଂଗ୍ରାହକଙ୍କୁ 'ରାୟ ବାହାଦୁର' ଉପାଧିରେ ଭୂଷିତ କରିଅଛନ୍ତି । ପରମ ସମ୍ମାନାସ୍ପଦ ଲାଟ ମହୋଦୟଙ୍କର ଅନୁକୂଳତାହିଁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏହି ଦୀନ ସଂଗ୍ରାହକର ଏଭଳି ରାଜଦତ୍ତ ସମ୍ମାନଲାଭର ମୂଳ, ଏଥିରେ ସନ୍ଦେହ ନାହିଁ । ବଡ଼ ଆନନ୍ଦର ବିଷୟ ଯେ, ଯେ ଏହି ସାରସ୍ୱତ ମହା ମନ୍ଦିରର ଭିତ୍ତି ଦେଇଥିଲେ, ତାଙ୍କରି ଉପସ୍ଥିତିରେହିଁ ଏହି ମନ୍ଦିରର ମୁଣ୍ଡି ମରିବ । ମାନନୀୟ ଲାଟଦମ୍ପତିଙ୍କ ଦୟାପୂର୍ଣ୍ଣ ଅନୁମତି ଗ୍ରହଣକରି ସଂଗ୍ରାହକ ଏ ଭାଗରେ ସେମାନଙ୍କର ପ୍ରତିକୃତି ସଂଯୋଜିତ କରୁଅଛି ।

ପାଟନା ଷ୍ଟେଟର ନରପତି ମହାରାଜ ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେବ ଭାଷାକୋଷର ଏହି ଖଣ୍ଡର ପୃଷ୍ଠପୋଷକ ଓ ଆର୍ଥିକ ପରିସ୍ଥିତିର ପ୍ରଧାନ ଅବଲମ୍ବନ । ମୁଁ ଯେତେବେଳେ ତାଙ୍କ ସଙ୍ଗେ ଦେଖା କରି ଭାଷାକୋଷର ପ୍ରଥମ ପାଞ୍ଚଖଣ୍ଡ ତାଙ୍କ ହସ୍ତରେ ସମର୍ପଣ କଲି, ସେତେବେଳେ ସେ ୬ଷ୍ଠ ଖଣ୍ଡ ପ୍ରକାଶର ଆର୍ଥିକ ପରିସ୍ଥିତି ବିଷୟ ଅନୁସନ୍ଧାନ କରିଥିଲେ ଏବଂ ତହିଁର ପ୍ରକାଶର ବ୍ୟୟଭାର ବହନ କରିବାକୁ ସୂଚନା କରିଥିଲେ ।

ମହାରାଜଙ୍କ ଦେବୋପମ ଗୁଣାବଳି ପ୍ରତି ମୋର ଆନ୍ତରିକ ସମ୍ମାନର ନିଦର୍ଶନରୂପେ ମୁଁ ତାଙ୍କର ଅନୁମତି ଗ୍ରହଣ କରି ଭାଷାକୋଷର ଏହି ଖଣ୍ଡ ତାଙ୍କ ପବିତ୍ର ନାମରେ ଉତ୍ସର୍ଗ କଲି ।

ପାଟନାରେ ଥିବାବେଳେ ପଟେଶ୍ୱରୀକନାର ଯୁବରାଜ ଟିକାଏତ ଶ୍ରୀମାନ୍ ନୃପେନ୍ଦ୍ରନାରାୟଣ ସିଂହଦେବ ବି, ଏ., ବି. ଏଲ୍‌ଙ୍କ ସଙ୍ଗେ ପରିଚିତ ହେବାର ସମ୍ମାନ ଲାଭ କରି ମୁଁ କୃତାର୍ଥ ହୋଇଅଛି । ଯୁବରାଜ ସାହେବ ଜଣେ ଉଦୟମାନ ଯୁବକ ଓ ସାହିତ୍ୟପ୍ରେମିକ ଥିବା ଦେଖିଲି । ତାଙ୍କୁ ଦେଖି "ଅଚିରେ ପଦ୍ମରାଗାଣାଂ ଜନ୍ମ କାଚମଣେଃ କୃତଃ" ସଂସ୍କୃତ ଶ୍ଳୋକର ଏହି ଚରଣଟି ମୋର ମାନସପଟରେ ଉଦିତ ହେଲା ।

ଜୟପୁର (କୋରାପୁଟ) ଅଧିପତି ସାହିତ୍ୟ ସମ୍ରାଟ୍ ମହାରାଜ ଶ୍ରୀ ବିକ୍ରମଦେବ ବର୍ମା ଡି. ଲିଟ୍ ମହୋଦୟଙ୍କ ନାମରେ ଭାଷାକୋଷର ଚତୁର୍ଥ ଖଣ୍ଡ ଉତ୍ସୃଷ୍ଟ ହୋଇଥିଲା । ଏ ପର୍ଯ୍ୟନ୍ତ ଭାଷାକୋଷ କାର୍ଯ୍ୟର ଅଗ୍ରଗତି ପ୍ରତି ତାଙ୍କର ସେହି ପୂର୍ବାନୁରାଗ ଅକ୍ଷୁଣ୍ଣ ରହିଅଛି । ମୋର ଆର୍ଥିକ ଦୁଃସ୍ଥିତି ବିଷୟ ଶୁଣି ସେ ୫ମ ଖଣ୍ଡର ବ୍ୟୟ ନିର୍ବାହ ପାଇଁ ଯେଉଁ ୧୦ ସହସ୍ର ମୁଦ୍ରା ଦାନ କରିଥିଲେ ତା ଛଡ଼ା ସ୍ୱତଃପ୍ରବୃତ୍ତ ହୋଇ ଆଉ ଦୁଇ ହଜାର ଟଙ୍କା ଦାନ କରିଅଛନ୍ତି । ଅନ୍ଧ୍ର ଭାରତୀତୀର୍ଥ ବିଶ୍ୱବିଦ୍ୟାଳୟର ଚାନ୍ସେଲର୍‌ରୂପେ

ମହାରାଜା ମହୋଦୟ ମୋତେ "ସାହିତ୍ୟ ବିଶାରଦ" ଉପାଧି ବିରୁଦପତ୍ର (diploma) ପ୍ରଦାନ କରିଅଛନ୍ତି ।

ମୟୂରଭଞ୍ଜାଧୀଶ୍ୱର ମହାରାଜ ସର୍ ପ୍ରତାପଚନ୍ଦ୍ର ଭଞ୍ଜଦେବ, କେ. ଟି. କେ. ସି. ଆଇ. ଇଙ୍କ ନିର୍ଦ୍ଦେଶମତେ ଏହି ଭାଷାକୋଷ ତାଙ୍କ ଅଗ୍ରଜ ପୂର୍ଣ୍ଣଚନ୍ଦ୍ରଙ୍କ ନାମାନୁସାରେ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ନାମରେ ଅଭିହିତ ହୋଇ ଅଛି । ଅଧ୍ୟାପକ ପରିଜା ଓ ପ୍ରିନ୍‌ସିପାଲ୍ ତ୍ରିପାଠୀଙ୍କଠାରୁ ମୋହର ଆର୍ଥିକ ଶୋଚନୀୟତାର ସମ୍ବାଦ ପାଇ ମହାରାଜ ଏଥି ମଧ୍ୟରେ ଅଧିକ ୫ ହଜାର ଟଙ୍କା ଏକକାଳୀନ ଦାନ କରିଅଛନ୍ତି । କହିବା ବାହୁଲ୍ୟ ଯେ ମୟୂରଭଞ୍ଜାଧୀଶ୍ୱରଙ୍କଠାରୁ ପ୍ରଥମେ ୮ ହଜାର ଟଙ୍କାର ଅଙ୍ଗୀକାର ପାଇବା ପରେ ଏହି ଭାଷାକୋଷର ମୁଦ୍ରଣ କାର୍ଯ୍ୟ ଆରବ୍ଧ ହୋଇଥିଲା ।

ନୂତନ ଓଡ଼ିଶା ପ୍ରଦେଶର ଜନ୍ମଦାତା ଓ ଓଡ଼ିଶା ସରକାରଙ୍କ ମାନ୍ୟବର ପ୍ରଧାନ ସଚିବ ପାରଳାଖେମୁଣ୍ଡିର ସ୍ୱନାମଧନ୍ୟ ନରପତି କାପ୍ତେନ୍ ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ନାମରେ ଏହି ଭାଷାକୋଷର ୫ମ ଖଣ୍ଡ ଉତ୍ସୃଷ୍ଟ ହୋଇଥିଲା; ସେ ମହୋଦୟ ମଧ୍ୟ ଜନକୋଚିତ ସସ୍ନେହ ଦୃଷ୍ଟିରେ ଏହି କାର୍ଯ୍ୟର ଅଗ୍ରଗତି ବିଷୟ ଲକ୍ଷ୍ୟ କରୁଅଛନ୍ତି ।

ଅଠମଲ୍ଲିକର ସ୍ୱନାମଧନ୍ୟ ଶାସକ ନରପତି ରାଜା ଶ୍ରୀ କିଶୋରଚନ୍ଦ୍ର ଦେବଙ୍କର ପରିପୂର୍ଣ୍ଣ ସହାନୁଭୂତି ଓ ବଦାନ୍ୟତା ଲାଭରୁ ମୁଁ ଏପର୍ଯ୍ୟନ୍ତ ବଞ୍ଚିତ ହୋଇନାହିଁ । ସେ ଏଥିପୂର୍ବେ ଭାଷାକୋଷ ପାଇଁ ୨୩୦୦ ଟଙ୍କା ଦାନ କରିଥିଲେ । ଏହି ଷଷ୍ଠ ଖଣ୍ଡର ମୁଦ୍ରଣ ମଧ୍ୟରେ ଅଧିକ ୫୦୦ ଟଙ୍କା ମଧ୍ୟ ଦାନ କରିଅଛନ୍ତି । ପ୍ରଥମ ଖଣ୍ଡର ପ୍ରକାଶ ପରେ ଗୁଣଗ୍ରାହୀ ରାଜାସାହେବଙ୍କ ଶ୍ରୀମୁଖରୁ ଯେଉଁ ଉତ୍ସାହପୂର୍ଣ୍ଣ ବାଣୀପରମ୍ପରା ନିଃସୃତ ହୋଇଥିଲା, ଆଜଯାଏ ତାହା ମୋ କର୍ଣ୍ଣ-କୁହରରେ ପ୍ରତିଧ୍ୱନିତ ହେଉଅଛି । କହିବା ବାହୁଲ୍ୟ, ଗ୍ରନ୍ଥକାର ରାଜା-ସାହେବଙ୍କୁ ନିଜର "ଲେଉଟିଆ ବଥର" ବୋଲି ଜ୍ଞାନ କରି ଆସିଅଛି ।

ଖଡ଼ିଆଳ (ନୂଆପଡ଼ା)ର ରାଜାସାହେବ ଲାଲ ଆର୍ତ୍ତତ୍ରାଣ ଦେବ ଏଥି ମଧ୍ୟରେ ପ୍ରତିଶ୍ରୁତି ଅନୁରୂପ ଏକ ସହସ୍ର ଟଙ୍କା ମୋତେ ପଠାଇ ଅଛନ୍ତି ଏବଂ ତାଙ୍କ ଯୁବରାଜ ସାହେବ ମଧ୍ୟ ଏହି କାର୍ଯ୍ୟର ଅଗ୍ରଗତି ପ୍ରତି ସସ୍ନେହ ଦୃଷ୍ଟି ରଖିଅଛନ୍ତି ।

ତିନି ବର୍ଷ ପୂର୍ବେ ପାଟନା ବିଶ୍ୱବିଦ୍ୟାଳୟ ଏହି କାର୍ଯ୍ୟ ପାଇଁ ପାଞ୍ଚହଜାର ଟଙ୍କା ଦାନ କରିଥିଲେ; ଆମ୍ଭମାନଙ୍କ ନୂତନ ପ୍ରଦେଶ ଗଠିତ ହେବାର ପ୍ରାକ୍‌କାଳରେ ସେ ଅଧିକ ୧୫୦୦ ଟଙ୍କା ଦାନ କରି ସ୍ୱକୀୟ ବଦାନ୍ୟତା ପ୍ରସାରିତ କରିଅଛନ୍ତି ।

ବଡ଼ାମ୍ବା ଷ୍ଟେଟର ଶାସକ ନରପତି ରାଜା ଶ୍ରୀ ନାରାୟଣଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର ଏଥିମଧ୍ୟରେ ଏକକାଳୀନ ୫୦୦ ଟଙ୍କା ଦାନ କରିଅଛନ୍ତି ।

ପୁରୀର ସରକାରୀ ଉକିଲ ଆଡ୍‌ଭୋକେଟ୍ ରାୟ ବାହାଦୁର ଲୋକନାଥ ମିଶ୍ର ତାଙ୍କ ଅଙ୍ଗୀକୃତ ଏକ ସହସ୍ର ଟଙ୍କାରୁ ଅବଶିଷ୍ଟ ଥିବା ୫୦୦ ଟଙ୍କା ଏଥିମଧ୍ୟରେ ପଠାଇ ଦେଇଅଛନ୍ତି ।

ବୌଦ୍ଧରାଜ୍ୟର ଶାସକ ନରପତି ରାଜା ଶ୍ରୀ ନାରାୟଣପ୍ରସାଦ ଦେବଙ୍କ ମହନୀୟ ନାମରେ ଏହି ଭାଷାକୋଷର ୩ୟ ଖଣ୍ଡ ଉତ୍ସୃଷ୍ଟ ହୋଇଥିଲା । ଏହାର ଅଗ୍ରଗତି ବିଷୟରେ ସେ ମଧ୍ୟ ଯଥୋଚିତ ତତ୍ତ୍ୱ ନେଉଅଛନ୍ତି ।

କଳାହାଣ୍ଡି ଅନ୍ତର୍ଗତ ମହୁଲପାଟଣା ଜୟପାଟଣାର ରାଜା ଶ୍ରୀ ଉମାପ୍ରସାଦ ସିଂହ ପ୍ରତିଶ୍ରୁତ ସାହାଯ୍ୟ ୫୦୦ ଟଙ୍କାରୁ ଅବଶିଷ୍ଟ ଥିବା ଏକ ଶତ ଟଙ୍କା ଏଥିମଧ୍ୟରେ ପଠାଇ ଦେଇଅଛନ୍ତି ।

ପାଟନା ଅନ୍ତର୍ଗତ ଅଟଗାଁର ଜମିଦାର ଶ୍ରୀଯୁକ୍ତ ଧୀରେନ୍ଦ୍ରଚନ୍ଦ୍ର ମାଝି ମାନ୍ଧାତା ମହୋଦୟ ତାଙ୍କ ପ୍ରତିଶ୍ରୁତ ପାଞ୍ଚ ଶତ ଟଙ୍କା ସାହାଯ୍ୟ ମଧ୍ୟରୁ ଏକ ଶତ ଟଙ୍କା ଦେଇଅଛନ୍ତି ।

କଲିକତାର ସୁପରିଚିତ ବଣିକ୍ ଓ ଅର୍ଥ ବ୍ୟବସାୟୀ (Banker) ସର୍ ବଦ୍ରିଦାସ ଗୋଏଙ୍କା, କେ. ଟି. ବି. ଏ. ମହୋଦୟ ୫୦ ଟଙ୍କା ସାହାଯ୍ୟ ପଠାଇଅଛନ୍ତି ।

ସୁଦକ୍ଷ ଉଦ୍ୟାନପାଳ ଯେଉଁପରି ଜଳଦାନାଦିଦ୍ୱାରା ସ୍ୱରୋପିତ ସୁକୋମଳ ଶିଶୁବୃକ୍ଷମାନଙ୍କର ଅଭିବୃଦ୍ଧିକୁ ଅପେକ୍ଷା କରି ରହିଥାଏ, ଆମ୍ଭମାନଙ୍କ ଶିକ୍ଷାବିଭାଗର ଭୂତପୂର୍ବ ଡିରେକ୍ଟର ଶ୍ରୀଯୁକ୍ତ ଜି. ଇ. ଫକସ୍, ଏମ୍. ଏ., ସି. ଆଇ. ଇ., ଆଇ. ଇ. ଏସ. ମହୋଦୟ ଏହି ଗ୍ରନ୍ଥର ଅଭିବୃଦ୍ଧିକୁ ସେହିପରି ଦୃଷ୍ଟିରେ ଦେଖୁଅଛନ୍ତି । ଏହି ଭାଷାକୋଷର ପ୍ରକାଶ କାର୍ଯ୍ୟରେ ତାଙ୍କର ଉପକାର କଥା ପୂର୍ବଖଣ୍ଡମାନଙ୍କରେ ସ୍ପଷ୍ଟରୂପେ ବ୍ୟକ୍ତ କରାଯାଇଅଛି । ବର୍ତ୍ତମାନ ସେ ଡିରେକ୍ଟର ରୂପେ ଆମ୍ଭମାନଙ୍କ ମଧ୍ୟରେ ରହି ନ ଥିଲେହେଁ ପବ୍ଲିକ୍ ସର୍ଭିସ୍ କମିଶନ୍‌ର ସଭାପତିରୂପେ ସେ ଆମ ସମ୍ପର୍କ ତ୍ୟାଗ କରି ନାହାନ୍ତି । ସେ ଏ କାର୍ଯ୍ୟର ଅଗ୍ରଗତିକୁ ଯେ ଅତୀବ ସାଗ୍ରହ ଦୃଷ୍ଟିରେ ଲକ୍ଷ୍ୟ କରି ଅଛନ୍ତି, ନାନା ଭାବରେ ମୁଁ ଏହାର ବହୁ ସୂଚନା ପାଇଅଛି ।

ପାଟନା ହାଇକୋର୍ଟର ପ୍ରଧାନ ବିଚାରପତି ସର୍ କର୍ଟ୍‌ନି ଟେରେଲ୍‌ଙ୍କର ଜନକୋଚିତ ଅନୁରାଗ ଭାଷାକୋଷ ଏପର୍ଯ୍ୟନ୍ତ ଲାଭ କରି ଆସୁଅଛି ।

ମାନନୀୟ ସି. ଏଲ୍. ଫିଲିପ୍ ସି. ଆଇ. ଇ., ଆଇ. ସି. ଏସ୍, ଓଡ଼ିଶା ବିଭାଗର କମିସନର ଥିବା ବେଳେ ଭାଷାକୋଷର ପ୍ରଥମ ୩ ଖଣ୍ଡର ପ୍ରକାଶରେ ଆମ୍ଭମାନଙ୍କ ସହକର୍ମୀରୂପେ ଏହାର କାର୍ଯ୍ୟ କରୁଥିଲେ । ସେ ବର୍ତ୍ତମାନ ଇଂଲଣ୍ଡରେ ଥାଇ ସୁଦ୍ଧା ଏହାର ଅଗ୍ରଗତି ବିଷୟରେ ତୀକ୍ଷ୍ଣଦୃଷ୍ଟି ରଖିଅଛନ୍ତି, ମୁଁ ଏହାର ଯଥେଷ୍ଟ ପ୍ରମାଣ ପାଉଅଛି ।

ପୂର୍ବ ଗଡ଼ଜାତ ବିଭାଗର ଗବର୍ଣ୍ଣର ଜେନେରାଲଙ୍କ ପୂର୍ବତନ ଏଜେଣ୍ଟ ଶ୍ରୀଯୁକ୍ତ ଇ.ସି.ଗିବ୍‌ସନ୍ ସି.ଆଇ.ଇ., ଆଇ.ସି.ଏସ. ମଧ୍ୟ ଏହି କାର୍ଯ୍ୟର ଅଗ୍ରଗତି ବିଷୟ ଜନକୋଚିତ ଅନୁରାଗସହ ଲକ୍ଷ୍ୟ କରୁଅଛନ୍ତି ।

ବିଶେଷଭାବରେ ଏହି ସମସ୍ତଙ୍କଠାରେ ଓ ଅନ୍ୟ ଯେଉଁ ମହାତ୍ମାମାନେ ଏ କାର୍ଯ୍ୟରେ ମୋର ପୃଷ୍ଠପୋଷକତା କରିଥିବାରୁ ଓ ଆର୍ଥିକ ସାହାଯ୍ୟ କରିଥିବାରୁ ମୁଁ ଏତେଦୂର ଅଗ୍ରସର ହୋଇ ପାରିଅଛି—ସେମାନଙ୍କ ନିକଟରେ ମୋର କୃତଜ୍ଞତା ଜ୍ଞାପନ କରୁଅଛି । ସେମାନଙ୍କ ଉଦାରତା ତଥା ମହତ୍ତ୍ୱଲାଭ କରି ନ ଥିଲେ ମୋ ଭଳି ସ୍ୱଳ୍ପଶକ୍ତି ଓ ସ୍ୱଳ୍ପଧନ ଲୋକ ପକ୍ଷରେ ଏ ବିରାଟବ୍ୟାପାରରେ ଏତେଦୂର ଅଗ୍ରସର ହେବା କେବେହେଁ ସମ୍ଭବପର ହୋଇ ନ ଥାନ୍ତା ।

## ଆଶ୍ରମର ପ୍ରସିଦ୍ଧ ପରିଦର୍ଶକଗଣ

ଗୁଜରାଟ ବିଦ୍ୟାପୀଠର ଆଚାର୍ଯ୍ୟ କାକା କାଲେଲ୍‌କାର ଗତ ୧୯୩୫ ଖ୍ରୀଷ୍ଟାବ୍ଦରେ କଟକକୁ ଆସିଥିଲେ । ସେତେବେଳେ ଅତର୍କିତଭାବରେ ତାଙ୍କର ଏହି ଭାଷାକୋଷ ଆଶ୍ରମ ପରିଦର୍ଶନ ବିଷୟ ପୂର୍ବ ଖଣ୍ଡରେ



Raja Bahadur Sir Rajendra Narayan Bhanj Deo, O. B. E., M. L. A.

କନିକାର ରାଜାବାହାଦୁର
ସର୍ ରାଜେନ୍ଦ୍ରନାରାୟଣ ଭଞ୍ଜ ଦେଓ, ଓ. ବି. ଇ., ଏମ୍. ଏଲ୍. ଏ.

ଉଲ୍ଲେଖ କରିବାକୁ ମୁଁ ବିସ୍ମୃତ ହୋଇ ଯାଇଥିଲି । ୧୯୨୮ରେ ସେ ଯେତେବେଳେ ମହାତ୍ମା ଗାନ୍ଧିଙ୍କ ସଙ୍ଗେ କଟକ ଆସି ଏଠାରେ ମୋ ସଙ୍ଗରେ ରହିଥିଲେ ସେତେବେଳେ ସେ ଏହାର ପାଣ୍ଡୁଲିପି ଦେଖିଥିଲେ । ଏହା ମୁଦ୍ରିତ ହୋଇ ପ୍ରକାଶିତ ହୋଇଥିବା ଦେଖି ସେ ପରମପ୍ରୀତିପ୍ରକାଶପୂର୍ବକ ସ୍ପଷ୍ଟଭାବରେ କହିଥିଲେ ଯେ, ଓଡ଼ିଶାରେ ହିନ୍ଦୀ ଭାଷାକୁ ଲୋକପ୍ରିୟ କରିବାରେ ଭାଷାକୋଷ ସର୍ବାପେକ୍ଷା ଅଧିକ କାର୍ଯ୍ୟ କରିଅଛି ।

ଆମ୍ଭମାନଙ୍କ ଓଡ଼ିଶା ଶିକ୍ଷାବିଭାଗର ଡାଇରେକ୍ଟର ମି. ଡ଼ିପି, ଏମ୍. ଏ, ସି. ଆଇ. ଇ. ଆଇ. ଇ. ଏସ. ଏକାଧିକ ଥର ଏହି ଭାଷାକୋଷ ଆଶ୍ରମ ପରିଦର୍ଶନ କରି ମୋ ପରିଶ୍ରମକୁ ସର୍ବାନ୍ତଃକରଣରେ ଅନୁମୋଦନ କରି ଯାଇଅଛନ୍ତି ।

ଓଡ଼ିଶାର ଗଭର୍ଣ୍ଣମେଣ୍ଟଙ୍କ ପ୍ରଧାନ ସେକ୍ରେଟାରି ମି. ସି. ଟି. ମାନ୍‌ସଫିଲ୍ଡ ସି. ଆଇ. ଇ, ଆଇ. ସି. ଏସ୍ ଏହି ଆଶ୍ରମ ପରିଦର୍ଶନ କରିଥିଲେ ଏବଂ ସ୍ୱତଃପ୍ରବୃତ୍ତ ହୋଇ ପ୍ରୁଫ୍‌ସିଟ୍‌ମାନଙ୍କର ଇଂରେଜି ଅଂଶ ସଂଶୋଧନରେ ମୋତେ ସାହାଯ୍ୟ କରିବାକୁ ଅଙ୍ଗୀକାର କରିଥିଲେ। କିନ୍ତୁ ତାଙ୍କ ଉପରେ ସରକାରୀ କାର୍ଯ୍ୟର ଗୁରୁଭାର ଦେଖି ମୁଁ ଭାଷାକୋଷ ପାଇଁ ତାଙ୍କର ବହୁମୂଲ୍ୟ ସମୟ ଗ୍ରହଣ କରିବାକୁ ସାହସୀ ହୋଇ ନାହିଁ ।

ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କ ଡେଭଲପ୍‌ମେଣ୍ଟ ବିଭାଗର ଭୂତପୂର୍ବ ସେକ୍ରେଟାରୀ ମି. ଏ. ଏଫ୍. ଡବ୍ଲ୍ୟୁ. ଡିକ୍ସନ୍ ମହୋଦୟ ଏହି ଆଶ୍ରମ ଥରେ ପରିଦର୍ଶନ କରିଥିଲେ ।

ଓଡ଼ିଶା ସାଧାରଣ ସ୍ୱାସ୍ଥ୍ୟବିଭାଗର ଡାଇରେକ୍ଟର କର୍ଣ୍ଣେଲ ଜି. ଭର୍ଗିଜ୍ ଏମ. ଡି, ସି. ଏଇଚ ବି, ଡି. ପି. ଏଇଚ., ଡି. ଟି.ଏମ୍, ଡି. ଟି. ଏଇଚ, ଆଇ. ଏମ୍. ଏସ୍ ମହୋଦୟ କଟକ ମିଉନିସପାଲିଟିର ହେଲ୍‌ଥ ଅଫିସର ଡାକ୍ତର ସତ୍ୟବାଦୀ ମିଶ୍ର ଏମ.ବିଙ୍କ ସଙ୍ଗେ ଭାଷାକୋଷ ଆଶ୍ରମ ପରିଦର୍ଶନ କରି ଏହି କାର୍ଯ୍ୟର ପ୍ରଶଂସା କରିଯାଇ ଅଛନ୍ତି ।

କଟକ ଜିଲ୍ଲାର ମାଜିଷ୍ଟ୍ରେଟ ଓ କଲେକ୍ଟର ମି. ଆର. ପି. ୱାର୍ଡ଼ ଏମ. ସି, ଡି. ଏଫ୍ ସି, ଆଇ. ସି. ଏସ୍. ମହୋଦୟ ସପତ୍ନୀକ ଆଶ୍ରମରେ ପଦାର୍ପଣ କରି ଏହାର ପ୍ରକାଶରେ ଯଥାଶକ୍ତି ସାହାଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଯାଇ ଅଛନ୍ତି ।

ରାୟ ବାହାଦୁର ଭୂୟାଁ ଈଶ୍ୱରଚନ୍ଦ୍ର ମହାପାତ୍ର ସ୍ୱୟଂ ଅନେକ ଥର ଏହି ଆଶ୍ରମ ଦେଖି ଯାଇଅଛନ୍ତି । ଶେଷଥର ରେଭିନ୍ୟୁ କମିସନରଙ୍କ ପର୍ସନାଲ୍ ଆସିଷ୍ଟାଣ୍ଟ ରାୟ ବାହାଦୁର ଉମାଚରଣ ଦାସଙ୍କ ସଙ୍ଗେ ସେ ଭାଷାକୋଷ ଆଶ୍ରମ ପରିଦର୍ଶନ କରିଥିଲେ ।

କଟକ ଜିଲ୍ଲାବୋର୍ଡର ଚେଆରମାନ କନିକାର ଟିକାୟେତ୍ ଶ୍ରୀମାନ ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେବ ୧୯୩୭ ସାଲ ମେ ମାସରେ ଭାଷାକୋଷ ଅଫିସ ପରିଦର୍ଶନ କରି, ଏ କର୍ମରେ ତାଙ୍କ ପିତାଙ୍କର ଓ ତାଙ୍କ ନିଜର ସହାନୁଭୂତି ଥିବା ବିଷୟ ପ୍ରକାଶ କରିଅଛନ୍ତି ।

କଟକର ଇନକମ୍‌ଟାକସ୍ ଅଫିସର ମୌଲବୀ ଏନାମୁର୍ ରହେମାନ୍ ମହୋଦୟ ଇନକମ୍‌ଟାକ୍ସ ଇନ୍‌ସପେକ୍ଟର ବାବୁ ଗୋପୀନାଥ ମହାପାତ୍ର ବି, ଏଙ୍କ ସଙ୍ଗେ ବନ୍ଧୁଭାବରେ ଏଥିମଧ୍ୟରେ ଥରେ ଭାଷାକୋଷ ଆଶ୍ରମ ପରିଦର୍ଶନ କରି ଯାଇଅଛନ୍ତି ।

## ବିଶିଷ୍ଟ ଶୁଭାକାଙ୍କ୍ଷୀ ଓ ସ୍ୱେଚ୍ଛାସେବକବୃନ୍ଦ

ଭାଷାକୋଷର ଶୁଭାକାଙ୍କ୍ଷୀ ନିମ୍ନୋକ୍ତ ସହୃଦୟ ମନୀଷୀମାନେ ସ୍ୱତଃପ୍ରଣୋଦିତ ହୋଇ ଏହାର ପୃଷ୍ଠପୋଷକ, ସହାୟକାରୀ ହୋଇଅଛନ୍ତି ଓ ସାଧାରଣଙ୍କ ନିକଟରେ ଏହାର ପ୍ରଚାର ପାଇଁ ଯଥାଶକ୍ତି ଚେଷ୍ଟା କରି ଅଛନ୍ତି—

ଭାଷାକୋଷ କାର୍ଯ୍ୟରେ ଯାହାଙ୍କ ଆନ୍ତରିକ ଯତ୍ନର କଥା ଶେଷ ଖଣ୍ଡରେ ଉଲ୍ଲିଖିତ ହୋଇଅଛି, ଖଡ଼ିଆଳର ସେହି ସୁନାମଧନ୍ୟ ମନୀଷୀ ଲାଲ ଶିବନାରାୟଣ ଦେବ ଏପର୍ଯ୍ୟନ୍ତ ସାହାଯ୍ୟ କରୁଅଛନ୍ତି ଏବଂ ଏଥିପାଇଁ ଗ୍ରାହକ ମଧ୍ୟ ସଂଗ୍ରହ କରୁଅଛନ୍ତି । ଅଦ୍ୟପର୍ଯ୍ୟନ୍ତ ସେ ଭାଷାକୋଷ ପାଇଁ ପ୍ରାୟ ତିନି ହଜାର ଟଙ୍କାର ସାହାଯ୍ୟ ଓ ପ୍ରତିଶ୍ରୁତି ସଂଗ୍ରହରେ କୃତକାର୍ଯ୍ୟ ହୋଇଅଛନ୍ତି । ସେ ତାଙ୍କ ଅଞ୍ଚଳରେ ପ୍ରଚଳିତ ବହୁସଂଖ୍ୟକ ପ୍ରାଦେଶିକ ଶବ୍ଦ ଏଥିମଧ୍ୟରେ ଅନେକ ଥର ମୋତେ ଯୋଗାଇ ଅଛନ୍ତି । ତାଙ୍କ ସହାୟତା ଲାଭ କରି ନ ଥିଲେ ସେ ଶବ୍ଦଗୁଡ଼ିକ ମୋ ଦୃଷ୍ଟିର ଅନ୍ତରାଳରେ ରହି ଯାଇଥାଆନ୍ତା । ଭାଷାକୋଷର ଆର୍ଥିକ ପରିସ୍ଥିତିର ସଚଳତା ଉଦ୍ଦେଶ୍ୟରେ ପୃଷ୍ଠପୋଷକ ଓ ଗ୍ରାହକ ସଂଗ୍ରହ କରିବା ନିମନ୍ତେ ସେ ଗତ ବର୍ଷ କେତେକ ଗଡ଼ଜାତ ରାଜ୍ୟରେ ମଧ୍ୟ ଭ୍ରମଣ କରିଥିଲେ ।

କଟକ ରେଭେନ୍‌ସା କଲେଜର ପ୍ରିନ୍‌ସିପାଲ୍ ଶ୍ରୀଯୁକ୍ତ ଶ୍ୟାମଚରଣ ତ୍ରିପାଠୀ, ଆଇ. ଇ. ଏସ୍. ମହୋଦୟଙ୍କ ପରାମର୍ଶ ଅନୁସାରେ ମୟୂରଭଞ୍ଜର ମହାରାଜା ମହୋଦୟ ଏହି ଗ୍ରନ୍ଥର ପ୍ରାଥମିକ ବ୍ୟୟ ନିର୍ବାହ ପାଇଁ ଆଠ ହଜାର ଟଙ୍କା ସାହାଯ୍ୟ କରିଥିଲେ । ଏହି ଖଣ୍ଡର ପ୍ରକାଶକାଳ ମଧ୍ୟରେ ମହାରାଜାଙ୍କଠାରୁ ପୁନର୍ବାର ଯେଉଁ ପାଞ୍ଚହଜାର ଟଙ୍କା ସାହାଯ୍ୟ ମିଳିଛି ତହିଁରେ ଯେ ତ୍ରିପାଠୀ ମହାଶୟଙ୍କ ଯତ୍ନ ନିହିତ ଥିଲା, ଏହା ନିଃସନ୍ଦେହ ।

ରେଭେନ୍‌ସା କଲେଜର ଅନ୍ୟତମ ଆଚାର୍ଯ୍ୟ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜା ଏମ୍. ଏ., ଆଇ. ଇ. ଏସ୍. ମହୋଦୟ ମଧ୍ୟ ମୟୂରଭଞ୍ଜର ମହାରାଜାଙ୍କଠାରୁ ପରବର୍ତ୍ତୀ ସାହାଯ୍ୟ ମିଳିବା ବିଷୟରେ ତ୍ରିପାଠୀ ମହାଶୟଙ୍କ ସଙ୍ଗେ ମିଶି ଆନ୍ତରିକ ସହାୟତା କରିଅଛନ୍ତି ।

ମୟୂରଭଞ୍ଜ ଷ୍ଟେଟର ଦେୱାନ ଓ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ କେ. ସି. ନିୟୋଗୀ,

ପୁରୀର ଭୂତପୂର୍ବ ଜିଲ୍ଲା କଲେକ୍ଟର ଶ୍ରୀଯୁକ୍ତ ଡ. ପି. ଶର୍ମା, ଆଇ. ସି. ଏସ୍,

ସମ୍ବଲପୁରର ଡେ: କମିଶନର, ରାୟ ବାହାଦୁର ରାଧାଚରଣ ଦାସ,

ପୁରୀର ସଦର ସବ୍‌ଡିଭିଜନାଲ୍ ଅଫିସର ବାବୁ ସତୀଶଚନ୍ଦ୍ର ମିଶ୍ର,

କଟକର ଆଡ୍‌ଭୋକେଟ୍ ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି,

ରେଭିନ୍ୟୁ କମିଶନରଙ୍କ ପର୍ଶନାଲ୍ ଆସିଷ୍ଟାଣ୍ଟ ରାୟ ବାହାଦୁର ଉମାଚରଣ ଦାସ,

କଟକ ମ୍ୟୁନିସିପାଲିଟିର ଭୂତପୂର୍ବ ଏକ୍‌ଜିକ୍ୟୁଟିଭ୍ ଅଫିସର୍ ରାୟସାହେବ ସୋମନାଥ ମହାପାତ୍ର,

ପାଟନା ଷ୍ଟେଟର ସଦର ଏସ୍. ଡି. ଓ. ଏବଂ ଆସିଷ୍ଟାଣ୍ଟ୍ ସେସନ୍‌ସ ଜଜ ବାବୁ ଦୁର୍ଗାଚରଣ ରାୟ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ସୁମତି ଦେବୀ,

ଆଠମଲ୍ଲିକ ଷ୍ଟେଟର ଦେୱାନ ଓ ସେସନ୍‌ସ ଜଜ ବାବୁ ବାମଦେବ ମିଶ୍ର ବି. ଏ.,

ଖଡ଼ିଆଳର ଅକ୍‌ଟିଙ୍ଗ୍ ଦେୱାନ ବାବୁ ବଇକୃଷ୍ଣ ମହାନ୍ତି ବି. ଏ.,

ବାମଣ୍ଡାର ଷ୍ଟେଟ୍ ଜଜ ଶ୍ରୀମାନ୍ ଅମରବଲ୍ଲଭ ଦେ, ଏମ୍. ଏ., ବି.ଏଲ

କେନ୍ଦୁଝରର ଷ୍ଟେଟ୍‌ର ଦେୱାନ ରାୟ ବାହାଦୁର ଯୁଗଲକିଶୋର ତ୍ରିପାଠୀ ଏମ୍. ଏ.

କେନ୍ଦୁଝର ଷ୍ଟେଟ୍‌ର ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ବାବୁ ବଂଶୀଧର ମହାନ୍ତି,

ବଣାଇ ଷ୍ଟେଟ୍ ରାଜାସାହେବଙ୍କ ପର୍ଶନାଲ୍ କ୍ଲର୍କ୍ ଉଭୟଭାଷାପ୍ରବୀଣ ପଣ୍ଡିତ ଶ୍ରୀ ବିନାୟକ ଦାସ,

କଟକ ଟ୍ରେନିଙ୍ଗ୍ ସ୍କୁଲର ହେଡ୍‌ମାଷ୍ଟର ବାବୁ କୃଷ୍ଣଚନ୍ଦ୍ର ସେନଗୁପ୍ତ
ଏମ୍. ଏ., ବି. ଇଡ୍,

କଟକର ସରକାରୀ ଓକିଲ, ଆଡ୍‌ଭୋକେଟ୍ ବାବୁ ଚିନ୍ତାମଣି
ଆଗୃର୍ଣ୍ଣି ଏମ୍. ଏ., ବି. ଏଲ୍,

ପୁରୀ ପୁଲିସ୍ ହସ୍‌ପିଟାଲ୍‌ର ମେଡିକାଲ୍ ଅଫିସର୍ ଡାକ୍ତର
ଶ୍ରୀ କୈଳାସଚନ୍ଦ୍ର ସ୍ୱର୍ଣ୍ଣ,

ପାଟନା ଷ୍ଟେଟ୍‌ର ସାମ୍ପାଦକ ବାବୁ ତ୍ରିଲୋଚନ ପଟ୍ଟନାୟକ,

ସମ୍ବଲପୁରର ସାମ୍ପାଦକ ବାବୁ ବଣ୍ଣକ୍ୟେନ ବହୁବାର,

ବ୍ରହ୍ମପୁର 'ଦି ନିଉ ଓଡ଼ିଶା' ପତ୍ରିକାର ସମ୍ପାଦକ
ବାବୁ ଶଶିଭୂଷଣ ରଥ,

ବ୍ରହ୍ମପୁର "ଓଡ଼ିଆ" ପତ୍ରିକାର ସମ୍ପାଦକ ବାବୁ
ଆନନ୍ଦ ଅଗୃର୍ଣ୍ଣି,

ସୁପରିଚିତ ଲେଖକ ଓ ଗ୍ରନ୍ଥକାର ବାବୁ ଶଶିଭୂଷଣ ରାୟ, କଟକ,

ଶ୍ରୀମାନ୍ ପ୍ରଭାତକୁମାର ମୁଖୁର୍ଯ୍ୟା ଏମ୍. ଏ., ଡି. ଏଡ୍. କଟକ,

ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ସମ୍ବଲପୁର,

ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ଘୋଷ, କଟକ,

କଟକ 'ପବ୍ଲିଶିଙ୍ଗ୍ ହାଉସ୍'ର ସ୍ୱତ୍ୱାଧିକାରୀ ବାବୁ ଉମାଚରଣ
ମହାନ୍ତି,

କଟକର ସୁବିଖ୍ୟାତ ବୈଦ୍ୟରାଜ ପଣ୍ଡିତ ଶ୍ରୀ ବାଲୁକେଶ୍ୱର ଅଗୃର୍ଣ୍ଣି ଭିଷକ୍‌ରତ୍ନ ଗତ ୧୫ ବର୍ଷ ହେଲା ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟରେ ପ୍ରୀତି-ପୂର୍ଣ୍ଣ ହୃଦୟରେ ମୋର ସହାୟତା କରି ଆସୁଅଛନ୍ତି । ଏଥି ମଧ୍ୟରେ ଡାକ୍ତର କାଶୀନାଥ ମିଶ୍ର, ବି. ଏସ୍‌ସି, ଏମ୍. ବି., ଡି. ଟି. ଏମ୍ ବହୁ ପରିଶ୍ରମ କରି ପ୍ରସନ୍ନଚିତ୍ତରେ ମୋତେ ଦାରୁଣ ରୋଗର ଆକ୍ରମଣରୁ ରକ୍ଷା କରିଅଛନ୍ତି । ଗତ ୩୫ବର୍ଷ ହେଲା ମୋଠାରୁ ବହୁ ଦୂରରେ ରହିଥିବା ମୋର ବାଲ୍ୟସହଚର ଶ୍ରୀପଦ ଏଥି ମଧ୍ୟରେ ମୋତେ ପୁନର୍ବାର ବନ୍ଧୁରୂପେ ଆଲିଙ୍ଗନ କରିବାକୁ ବାହୁ ପ୍ରସାରଣ କରିଥିଲା; ଡାକ୍ତର କାଶୀନାଥଙ୍କ ଚେଷ୍ଟାରେ ମୁଁ ତାହାର ଅଶ୍ଳେଷଣୀୟ ଆକ୍ରମଣରୁ ଏଥିମଧ୍ୟରେ ରକ୍ଷା ପାଇଅଛି ।

ଟିଙ୍କିକୋଠର ଜ୍ୟୋତିଷବିଶାରଦ ପଣ୍ଡିତ ଶ୍ରୀ ବାଇକୋଳି ମହାପାତ୍ର ମୋର ଜନ୍ମକୋଷ୍ଠୀରେ ଅବସ୍ଥିତ ଗ୍ରହ ନକ୍ଷତ୍ରାଦିଙ୍କ ଗତି ବିଷୟ ଉତ୍ତମରୂପେ ନିରୀକ୍ଷଣ କରୁଅଛନ୍ତି ଓ ସେମାନଙ୍କ ସନ୍ତୋଷନିମିତ୍ତ ଶାସ୍ତ୍ରୀୟବିଧିରେ ପୂଜାସ୍ୱସ୍ତ୍ୟୟନାଦି କରୁଅଛନ୍ତି ।

ମୁଁ ବୁଝିପାରିଅଛି ଯେ, ଶଂସିତ ମନୀଷୀମାନେ ମୋର ଏହି କାର୍ଯ୍ୟକୁ ପବିତ୍ର ଜାତୀୟ କର୍ତ୍ତବ୍ୟ ବୋଲି ମନେ କରି ମୋପ୍ରତି ସ୍ନେହ ପ୍ରବଣତା ବଶତଃ ଏ ଭଳି ଭାବରେ ଶ୍ରମସ୍ୱୀକାର କରୁଅଛନ୍ତି ।

## ସ୍ୱର୍ଗବାସୀ ଓ ମର୍ତ୍ତ୍ୟବାସୀ ଆଶୀର୍ବାଦକଗଣ

ମୋର ବିଂଶତିବର୍ଷବ୍ୟାପୀ ଶ୍ରମର ପରିଣାମର ଅସଲବର୍ତ୍ତି ତାବେଳେ ମୋ ସ୍ୱର୍ଗୀୟ ପିତା ନରସିଂହ ପ୍ରହରାଜଙ୍କର ପବିତ୍ର ଆତ୍ମାଙ୍କ ନିକଟରେ ମୁଁ ଶ୍ରଦ୍ଧାପୂର୍ଣ୍ଣ ଅନ୍ତଃକରଣରେ ତାକୁ ସମର୍ପଣ କରୁଅଛି । ମୋର ବିଶ୍ୱାସ, ସେ ସର୍ବଦା ଏହି କାର୍ଯ୍ୟର ଅଗ୍ରଗତି ଲକ୍ଷ୍ୟ କରୁଅଛନ୍ତି ।

ସୋନପୁରର ଭୂତପୂର୍ବ ମହାରାଜ ଧର୍ମନିଧି ଜ୍ଞାନଗୁଣାକର ସର୍ ବୀରମିତ୍ରୋଦୟ ସିଂହ ଦେବ, କେ.ସି. ଆଇ. ଇ., ଏମ୍. ଆର୍. ଏ. ଏସ୍, ଗତ ୩୨ବର୍ଷ କାଳ ମୋର ପରାମର୍ଶଦାତା, ବନ୍ଧୁ ଏବଂ ପୃଷ୍ଠପୋଷକ ଥିଲେ । ଆମେ ଦୁହେଁ ସମବୟସ୍କ ଥିଲୁଁ । ସେ ନାନାବିଧ ସାଧାରଣ ଓ ବିଶିଷ୍ଟ ବଦାନ୍ୟତା ତଥା ସାହିତ୍ୟିକ ପ୍ରୀତି ଦ୍ୱାରା, ବିଶେଷତଃ କଲିକତା ବିଶ୍ୱ-ବିଦ୍ୟାଳୟ ହସ୍ତରେ ଓଡ଼ିଆ ଭାଷାରେ ଏମ୍., ଏ., ପଢ଼ା ହେବା ପାଇଁ ସମର୍ପଣ କରିଥିବା ରାଜୋଚିତ ଦାନ ଦ୍ୱାରା, ଯେଉଁ ସୁନାମ ଅର୍ଜନ କରି ଯାଇଅଛନ୍ତି, ତାହା କେବେହେଁ ଲୁପ୍ତ ହେବ ନାହିଁ । ଭାଷାକୋଷ ତାଙ୍କ ଜୀବଦ୍ଦଶାରେ ତାଙ୍କ ଉଦାର ଦାତୃତ୍ୱପୂର୍ଣ୍ଣ ଦୃଷ୍ଟି ଆକର୍ଷଣ କରି ପାରି ନ ଥିଲେହେଁ, ଓଡ଼ିଆ ଜାତିର ପ୍ରଗତିପାଇଁ ସେ ଯେଉଁ କାର୍ଯ୍ୟମାନ କରି ଯାଇଅଛନ୍ତି ତଦ୍ଦ୍ୱାରା ସେ ଓଡ଼ିଶାର ସମ୍ମାନାର୍ହ ସନ୍ତାନ-ମାନଙ୍କ ମଧ୍ୟରେ ସମ୍ମୁଖବର୍ତ୍ତୀ ଆସନର ଅଧିକାରୀ ହୋଇଅଛନ୍ତି । ସେ ସର୍ବଦା ମୋ ସାଧନାର ଭୂୟସୀ ପ୍ରଶଂସା କରୁଥିଲେ ଏବଂ ତାହା ସୁଧୀ ସମାଜ ସମ୍ମୁଖରେ ବହୁବାର ସ୍ପଷ୍ଟଭାବରେ ପ୍ରକାଶ କରୁଥିଲେ । ପରଲୋକଗତିର କେତେକ ମାସ ପୂର୍ବେ ସେ ତାଙ୍କ ଆଲୋକ-ଚିତ୍ରକୁ ଭାଷାକୋଷରେ ସ୍ଥାନ ଦେବାପାଇଁ ଅନୁମତି ଦେଇ ପଠାଇ-ଥିଲେ; ମାତ୍ର ତାହା ଦେଖିବାକୁ ପ୍ରଭୁ ତାଙ୍କୁ ରଖିଲେ ନାହିଁ । ଏହି ଖଣ୍ଡରେ ତାଙ୍କର ଆଲୋକଚିତ୍ର ଗୋଟିଏ ବିଶିଷ୍ଟସ୍ଥାନ ଅଧିକାର କରିଅଛି ।

କଲିକତା ଗୌଡ଼ୀୟମଠର ବୈକୁଣ୍ଠବାସୀ ମହାରାଜ ଶ୍ରୀ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ।

ସାହିତ୍ୟକ୍ଷେତ୍ରରେ ମୋର ପଥପ୍ରଦର୍ଶକ ଓ ଗୁରୁ ସ୍ୱର୍ଗୀୟ ବିଶ୍ୱନାଥ କର ।

ଯାହାଙ୍କ ନିକଟରେ ମୁଁ କୃତଜ୍ଞତା ପାଶରେ ଆବଦ୍ଧ ଥିବା ବିଷୟ ପୂର୍ବଖଣ୍ଡରେ ପ୍ରକାଶ କରିଅଛି, ସେହି ସ୍ୱର୍ଗୀୟ ଶ୍ରୀଯୁକ୍ତ ଏମ୍. ଏସ୍. ଦାସ, ସି. ଆଇ. ଇ, (ମଧୁବାବୁ),

ସ୍ୱର୍ଗୀୟ ଅଭୟଚନ୍ଦ୍ର ଦାସ—ଯାହାଙ୍କର ଭାଷାକୋଷପାଇଁ ଶବ୍ଦ ସଂଗ୍ରହ ବିଷୟ ମୁଁ ପ୍ରଥମ ଖଣ୍ଡରେ ଉଲ୍ଲେଖ କରିଅଛି ।

ପୁରୀ ଭୋଗବର୍ଦ୍ଧନ ଶଙ୍କରାନନ୍ଦ ମଠର ଅଧିପତି ସ୍ୱାମୀ ଶଙ୍କର ସଚ୍ଚିଦାନନ୍ଦ ସରସ୍ୱତୀ, ଯେ ଏହି ଗ୍ରନ୍ଥର ଆଶୁ ସମାପ୍ତି କାମନାରେ ପ୍ରତ୍ୟହ ପରମ ପୁରୁଷଙ୍କ ଆଶୀର୍ବାଦ ଭିକ୍ଷା କରୁଅଛନ୍ତି ।

ସତ୍ୟ ମହିମା ଧର୍ମର ପ୍ରଚାରକ ବନ୍ଧୁ ଅବଧୂତ ସନ୍ନ୍ୟାସୀ ବିଶ୍ୱନାଥ ବାବା ଯେତେବେଳେ କଟକ ଆସନ୍ତି ସେତେବେଳେ ଭାଷାକୋଷ ଆଶ୍ରମରେ ପଦାର୍ପଣ କରି ତତ୍ପ୍ରତି ପରମାତ୍ମାଙ୍କ ଆଶୀର୍ବାଦ ପ୍ରାର୍ଥନା କରିବାକୁ ସ୍ୱକୀୟ କର୍ତ୍ତବ୍ୟ ବୋଲି ମନେ କରନ୍ତି ।

ବଙ୍ଗଳା ଓ ହିନ୍ଦୁସ୍ଥାନୀ ବିଶ୍ୱକୋଷଦ୍ୱୟର ପ୍ରଣେତା ପ୍ରାଚ୍ୟ ବିଦ୍ୟା ମହାର୍ଣ୍ଣବ ରାୟସାହେବ ନଗେନ୍ଦ୍ରନାଥ ବସୁ ମହୋଦୟ ସର୍ବଦା ଉତ୍କଣ୍ଠାପୂର୍ଣ୍ଣ ହୃଦୟରେ ଏହି ଭାଷାକୋଷ କର୍ମର ଅଗ୍ରଗତି ବିଷୟରେ ତତ୍ତ୍ୱ ନେଉଅଛନ୍ତି । ତାହାଙ୍କ ସାହଚର୍ଯ୍ୟରେ ପଞ୍ଚମଖଣ୍ଡରେ ଓ ଏହି ଖଣ୍ଡରେ ପ୍ରଦତ୍ତ ଫଟୋ ଗୁଡ଼ିକର ବ୍ଲକ୍ ପ୍ରସ୍ତୁତ ହୋଇଅଛି ।

ଶଂସିତ ଜୀବିତ ଓ ମୃତ ମନୀଷୀମାନଙ୍କ ନିକଟରେ ତଥା ମୋର ପୃଷ୍ଠପୋଷକ, ସହାୟକ, ସାହାଯ୍ୟକାରୀ, ଶୁଭଶଂସୀ, ସହକର୍ମୀ, ସହାନୁଭୂତି ପ୍ରଦର୍ଶକ ଓ ପ୍ରଚାରକମାନଙ୍କ ନିକଟରେ ମୁଁ ହୃଦୟର କୃତଜ୍ଞତା ଜ୍ଞାପନ କରୁଅଛି । ଏହି ସୁବିପୁଳ ବ୍ୟାପାରରେ ଏତେଗୁଡ଼ିଏ ସହକର୍ମୀଙ୍କୁ ଓ ସାହାଯ୍ୟକାରୀଙ୍କୁ ପାଇ ନ ଥିଲେ ମୋଭଳି କ୍ଷୀଣଶକ୍ତି ଲୋକପକ୍ଷରେ ଏତେଦୂର ଅଗ୍ରସର ହେବା କେବେହେଁ ସମ୍ଭବପର ହୋଇ ନ ଥାନ୍ତା । ମୁଁ କୃତଜ୍ଞତା ପୂର୍ଣ୍ଣ ଅନ୍ତଃକରଣରେ ସେମାନଙ୍କ ସାହାଯ୍ୟ ଗ୍ରହଣ କରି ସେମାନଙ୍କ ଫଟୋ ମଧ୍ୟରୁ ଯେତେ ଖଣ୍ଡ ମୋ ହସ୍ତଗତ ହେଉଅଛି ତାହା ଏହି ଗ୍ରନ୍ଥର ଭିନ୍ନ ଭିନ୍ନ ଖଣ୍ଡରେ ସନ୍ନିବେଶିତ କରୁଅଛି ।



Sri Umasankar Prasad Singh,
Zamindar Saheb, Mahulpatna, Joypatna,
Kalahandi State.

କଳାହାଣ୍ଡି ଷ୍ଟେଟ ଅନ୍ତର୍ଗତ ମହୁଲପାଟଣା ଜୟପାଟଣାର ଜମିଦାର ସାହେବ
ଶ୍ରୀ ଉମାଶଙ୍କର ପ୍ରସାଦ ସିଂହ

## ସମ୍ମାନ, ପ୍ରଶଂସା ଓ ଗୁଣାନୁବାଦ

ବର୍ତ୍ତମାନ କଟକ ମ୍ୟୁନିସିପାଲିଟିର ଚେୟାରମ୍ୟାନ କଟକ ଜିଲ୍ଲାର ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ଆର. ପି. ୱାର୍ଡ଼ ସାହେବ ଏହି ନଗରବାସୀ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁରୋଧ ଅନୁସାରେ କଟକର ଯେଉଁ ପୁରାତନ ନର୍ମାଲ ସ୍କୁଲ ଲେନ୍‌ରେ ଭାଷାକୋଷର କାର୍ଯ୍ୟାଳୟ ପ୍ରତିଷ୍ଠିତ ହୋଇଅଛି, ତାହାକୁ 'ଭାଷାକୋଷ ଲେନ୍' ନାମରେ ଅଭିହିତ କରି ଅଛନ୍ତି ଏବଂ ଗଳିର ଦୁଇ ପ୍ରାନ୍ତରେ ସାଇନ୍‌ବୋର୍ଡ଼ (ପରିଚୟ-ପଟ୍ଟ) ଦ୍ୱାରା ଏହି ନାମ ସୂଚିତ କରିଅଛନ୍ତି; ଅଧିକନ୍ତୁ ମଧ୍ୟ ଏହି ନାମପରିବର୍ତ୍ତନ ସର୍ବସାଧାରଣରେ ଉଦ୍‌ଘୋଷିତ କରିଅଛନ୍ତି ।

ଭାରତ ସାମ୍ରାଜ୍ୟର ଗଭର୍ଣ୍ଣର୍ ଜେନରଲ୍ ଓ ଭାଇସ୍‌ରୟ ଭାଷାକୋଷ ସଙ୍କଳକଙ୍କୁ ଗତ ନବବର୍ଷ ଉପଲକ୍ଷରେ ନୂତନ ଓଡ଼ିଶା ପ୍ରଦେଶର ଉପାଧି ବିତରଣବେଳେ 'ରାୟ ବାହାଦୁର' ଉପାଧିରେ ସମ୍ମାନିତ କରି ଅଛନ୍ତି ।

ବିଶାଖାପତ୍ତନ ନଗରସ୍ଥିତ ଆନ୍ଧ୍ର ବିଶ୍ୱବିଦ୍ୟାଳୟ (ୱାଲଟେୟାର୍)ର ରେଜିଷ୍ଟ୍ରାର୍ ମହୋଦୟ ଭାଷାକୋଷର ସଙ୍କଳକଙ୍କୁ 'ସାହିତ୍ୟ ବିଶାରଦ' ପଦବୀ ଓ ବିରୁଦପତ୍ର (ସନନ୍ଦ) ପ୍ରଦାନ କରି ଅଛନ୍ତି ।

କବିବର ଚିନ୍ତାମଣି ମହାନ୍ତି ଭାଷାକୋଷ ସମ୍ବନ୍ଧରେ ଗୋଟିଏ ପ୍ରଶଂସାପୂର୍ଣ୍ଣ କବିତା ରଚନା କରି ତତ୍‌ପ୍ରଣୀତ ଗ୍ରନ୍ଥାବଳୀରେ ସଂଯୋଜିତ କରି ଅଛନ୍ତି । ତାଙ୍କ ଗ୍ରନ୍ଥାବଳୀ ବର୍ତ୍ତମାନ ଯନ୍ତ୍ରସ୍ଥ ।

ଯାଜପୁରର ପଣ୍ଡିତ ଏକାଦଶୀ ବେହେରା ଓ ସମ୍ବଲପୁରର କଂଗ୍ରେସ କର୍ମୀ ପଣ୍ଡିତ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର ମଧ୍ୟ ଭାଷାକୋଷ ସମ୍ବନ୍ଧରେ ଗୋଟିଏ ଗୋଟିଏ ପ୍ରଶଂସା-ମୂଳକ କବିତା ପ୍ରକାଶ କରି ଅଛନ୍ତି ।

ଦେଶବିଦେଶରେ ସୁପଣ୍ଡିତରୂପେ ପରିଚିତ କଲିକତା ବିଶ୍ୱ-ବିଦ୍ୟାଳୟର ଅଗ୍ରଣୀ ଡାକ୍ତର ସୁନୀତିକୁମାର ଚାଟାର୍ଜି, ଏମ୍. ଏ, ଡି. ଲିଟ୍, ମହୋଦୟ ମହୀଶୂର ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଗତ ଅଲ୍ ଇଣ୍ଡିଆ ଓରିଏଣ୍ଟାଲ୍ କନ୍‌ଫରେନ୍‌ସର ଭାରତୀୟ ଆର୍ଯ୍ୟଭାଷାବିଷୟକ ଶାଖାର ସଭାପତିରୂପେ ତାଙ୍କ ଅଭିଭାଷଣରେ ଭାଷାକୋଷ ବିଷୟ ଉଲ୍ଲେଖ କରିଥିଲେ । ସେ ମୋ ନିକଟକୁ ଏହି ଭାବରେ ଖଣ୍ଡିଏ ପତ୍ର ମଧ୍ୟ ଲେଖି ଅଛନ୍ତି :—

"ଆପଣଙ୍କର ସୁବୃହତ୍ ଅଭିଧାନକୁ ମୁଁ କଲିକତା ବିଶ୍ୱ-ବିଦ୍ୟାଳୟ ଲାଇବ୍ରେରିରେ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଅଛି ଓ ଆପଣଙ୍କ ବିଦ୍ୱତ୍ତାର ଓ ପ୍ରଗାଢ଼ ଅଧ୍ୟବସାୟର ଭୂୟସୀ ପ୍ରଶଂସା କରୁଅଛି । ଭାରତୀୟ ଆର୍ଯ୍ୟଭାଷା ଅନୁଶୀଳନକାରୀଙ୍କ ପକ୍ଷରେ ଆପଣଙ୍କ ଅଭିଧାନ ଗୋଟିଏ ଅଦ୍ୱିତୀୟ ଗ୍ରନ୍ଥ । ଏହି ବିଶାଳ ଗ୍ରନ୍ଥ ଉତ୍କଳୀୟ ମନୀଷାର ସ୍ମୃତିସ୍ତମ୍ଭରୂପେ ବିରାଜିଥିବ । ସୁଖର ବିଷୟ ଏହି ଯେ, ଉତ୍କଳଜନନୀ ସ୍ୱୀୟ ରାଜ୍ୟରେ ଅଧିଷ୍ଠାତ୍ରୀ ଦେବୀରୂପେ ପ୍ରତିଷ୍ଠିତ ହେବାର ସମକାଳରେ ଏହା ପ୍ରକାଶିତ ହୋଇଅଛି ।

ବଙ୍ଗଳା ଓ ହିନ୍ଦୀ ବିଶ୍ୱକୋଷ ପ୍ରଣେତା ପ୍ରାଚ୍ୟ ବିଦ୍ୟାମହାର୍ଣ୍ଣବ ରାୟସାହେବ ଶ୍ରୀ ନଗେନ୍ଦ୍ରନାଥ ବସୁ ତତ୍‌କୃତ ମହାଗ୍ରନ୍ଥ ବଙ୍ଗଳା ବିଶ୍ୱ-କୋଷର ୨ୟ ସଂସ୍କରଣରେ ଓଡ଼ିଶା ସମ୍ବନ୍ଧରେ ପ୍ରବନ୍ଧ ଲେଖିବାପାଇଁ ମୋତେ ଅନ୍ୟତମ ଲେଖକରୂପେ ଗ୍ରହଣ କରିଅଛନ୍ତି; ତହିଁର ପ୍ରଥମ ଓ ଦ୍ୱିତୀୟ ଖଣ୍ଡ ମାତ୍ର ପ୍ରକାଶିତ ହୋଇଅଛି ।

ବର୍ତ୍ତମାନ ଇଂଲଣ୍ଡରେ ଅଧ୍ୟୟନ କରୁଥିବା କେନ୍ଦୁଝରର ନରପତିଙ୍କ ଅନୁଜ ଜ୍ୟେଷ୍ଠରାୟ ଶ୍ରୀମାନ ଲକ୍ଷ୍ମୀନାରାୟଣ ଭଞ୍ଜଦେବ ଓ କେନ୍ଦୁଝରର ରାଜାଙ୍କର ବିଦୁଷୀ ପଟ୍ଟମହିଷୀ, ଉଭୟେ ଏକ ସାର (ସେଟ) ଲେଖାଏଁ ଭାଷାକୋଷ ଓ ଅନ୍ୟ କେତେକ ଆଦର୍ଶ ଓଡ଼ିଆ ସାହିତ୍ୟ ପୁସ୍ତକ ଅକ୍‌ସଫୋର୍ଡ଼ ଓ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଲାଇବ୍ରେରି-ମାନଙ୍କୁ ଏବଂ ଗ୍ରେଟ୍‌ବ୍ରିଟେନର ଓ ଇଉରୋପ ମହାଦେଶର ଅନ୍ୟ ସାଧାରଣ ଲାଇବ୍ରେରିମାନଙ୍କୁ ଉପହାର ଦେବାକୁ କଳ୍ପନା କରୁଅଛନ୍ତି ।

ଅଧିକନ୍ତୁ ମଧ୍ୟ ପରମ ଆହ୍ଲାଦସହକାରେ ଷ୍ଟେଟ ରାୟସାହେବଙ୍କଠାରୁ ଅବଗତ ହେଲି ଯେ, ଗଞ୍ଜାମ ଜିଲ୍ଲା ଚିକିଟିର ରାଜକୁମାର—ଶ୍ରୀ ସାହେବ ଦେଓଙ୍କ ଚେଷ୍ଟାରେ ଇଂଲଣ୍ଡରେ ଓଡ଼ିଆ ଭାଷା ଗୋଟିଏ ଭାଷାରୂପେ ଗୃହୀତ ହୋଇଅଛି, ଏବଂ ଲଣ୍ଡନ ବିଶ୍ୱବିଦ୍ୟାଳୟର ମାଟ୍ରିକ୍ୟୁଲେସନ (ପ୍ରବେଶିକା) ପରୀକ୍ଷାର ପାଠ୍ୟ ନିର୍ଘଣ୍ଟର ଅନ୍ତର୍ଭୁକ୍ତ ହୋଇଅଛି ।

ବାଣପୁରର ସୁପରିଚିତ ପଣ୍ଡିତ ଶ୍ରୀ ଗୋଦାବରୀଶ ମିଶ୍ର ଏମ୍.ଏ, ବି. ଟି, ଏମ୍. ଏଲ୍. ଏ. ମହୋଦୟ ବାରିପଦା ସାହିତ୍ୟ ସମାଜର ଗତ ବାର୍ଷିକ ଅଧିବେଶନରେ ସଭାପତିରୂପେ ତାଙ୍କ ଅଭିଭାଷଣରେ ମୟୂରଭଞ୍ଜ ମହାରାଜଙ୍କର ଭାଷାକୋଷ ପ୍ରତି ବଦାନ୍ୟତା ପାଇଁ ମହା-ରାଜଙ୍କୁ ଓଡ଼ିଆ ଜାତିର ଧନ୍ୟବାଦ ଅର୍ପଣ କରିଥିଲେ ।

ବ୍ରହ୍ମପୁରର ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ର 'ଓଡ଼ିଆ'ର ସମ୍ପାଦକ ଶ୍ରୀମାନ୍ ଅନନ୍ତ ଆଚାର୍ଯ୍ୟ ୧୪।୫।୩୭ ତାରିଖର ସଂଖ୍ୟାରେ ଭାଷାକୋଷର ଗୁଣାନୁବାଦ ପୂର୍ବକ ଗୋଟିଏ ପ୍ରବନ୍ଧ ପ୍ରକାଶ କରିଥିଲେ ଏବଂ ତହିଁରେ ସଙ୍କଳକର ଗୋଟିଏ ଆଲୋକଚିତ୍ର ମଧ୍ୟ ଦେଇଥିଲେ ।

କଲିକତାର ବିଖ୍ୟାତ ଇଂରାଜି ପତ୍ରିକାଦ୍ୱୟ ଷ୍ଟେଟ୍‌ସମାନ୍ ଓ ଅମୃତବଜାର ପତ୍ରିକା ଓ ମାନ୍ଦ୍ରାଜର ହିନ୍ଦୁ ପତ୍ରିକା ୧୩।୬।୩୭ ତାରିଖର ସଂଖ୍ୟାରେ ଭାଷାକୋଷର ଅର୍ଥପରିଚ୍ଛିତ ଓ ପରିସମାପ୍ତି ବିଷୟରେ କଟକ ସାମ୍ବାଦିକଙ୍କ ପ୍ରେରିତ ଗୋଟିଏ ଲେଖାଏଁ ସଂକ୍ଷିପ୍ତ ବିବୃତି ପ୍ରକାଶ କରିଅଛନ୍ତି ।

## ବିକ୍ରୀତ ଓ ଉପହାରରୂପେ ପ୍ରଦତ୍ତ ପୁସ୍ତକ—

ଅଦ୍ୟାବଧି ୩୮୦ ସେଟ୍ ପୁସ୍ତକ ପାଇଁ ଅଗ୍ରିମ ଗ୍ରାହକ ହୋଇ ଅଛନ୍ତି । ପଞ୍ଚମ ଖଣ୍ଡର ପ୍ରକାଶପରେ ୧୫ ସେଟ୍ ଗ୍ରନ୍ଥପାଇଁ ଯେଉଁ ନୂତନ ଗ୍ରାହକ ହୋଇ ଅଛନ୍ତି, ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ନାମ ଉଲ୍ଲେଖ ଯୋଗ୍ୟ—

ରେଙ୍ଗୁନ ବିଶ୍ୱବିଦ୍ୟାଳୟ ଲାଇବ୍ରେରି, ବଙ୍ଗଳାର ରୟାଲ୍ ଏସିଆଟିକ୍ ସୋସାଇଟି, କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ, ନାଗପୁର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥ ରାମକୃଷ୍ଣମଠ, ସମ୍ବଲପୁର ବରପାଲି ଜମିଦାରୀର ଅପ୍ରାପ୍ତବୟସ୍କା ଅଧିକାରିଣୀ ଶ୍ରୀମତୀ ପ୍ରଭାସ କୁମାରୀ ଦେବୀ (ଏହାଙ୍କ ପାଇଁ ସମ୍ବଲପୁରର ଡେପୁଟୀ କମିଶନର ସାହେବ ଏକ ସେଟ୍‌ର ତାତ୍‌କାଳିକ ମୂଲ୍ୟ ୧୧୫ ଟଙ୍କା ପରିବର୍ତ୍ତେ ୧୫୦ ଟଙ୍କା ପଠାଇ-ଦେଇଅଛନ୍ତି), କଟକ ମିସନ୍ ପ୍ରେସର ସୁପରିଣ୍ଟେଣ୍ଡେଣ୍ଟ, ପ୍ରୋଫେସର ବିପିନ ବିହାରୀରାୟ. ଏମ୍. ଏ., ପାଟନା ଷ୍ଟେଟର ସଦର ସବଡିଭିଜନ ଅଫିସର୍ ବାବୁ ଶ୍ରୀ ଦୁର୍ଗାଚରଣ ରାୟ, ପାଟନା ଷ୍ଟେଟର ଏଡ୍‌ୁକେଶନ୍ ଅଫିସର୍, କେନ୍ଦୁଝର ଷ୍ଟେଟର ଦେବାନ (ରାଜାସାହେବଙ୍କ ଦ୍ୱାରା ପୂର୍ବରୁ ଗୃହୀତ ୧୦ ସେଟ୍‌ରୁ ଅଧିକ), ପାଟନା ଷ୍ଟେଟ ଅନ୍ତର୍ଗତ ଟିଟିଲାଗଡ଼ ଓ ପାଟନାଗଡ଼ ମାଇନର୍‌ସ୍କୁଲର ହେଡମାଷ୍ଟରମାନେ, ବଲାଙ୍ଗିରର ଜଜ୍ କ୍ଲବ୍ ।

ବର୍ତ୍ତମାନ ସୁଦ୍ଧା ୭୦ ସାର ଗ୍ରନ୍ଥ ପୃଷ୍ଠପୋଷକ, ଉତ୍ସାହ ଦାତା ଓ ସହକର୍ମୀମାନଙ୍କୁ ଉପହାର ଦିଆଯାଇଅଛି । ପଞ୍ଚମ ଖଣ୍ଡର ପ୍ରକାଶ ପରେ ୬ ସାର ବହି ଉପହାର ଦିଆଯାଇଅଛି ।

# ଗ୍ରନ୍ଥର ଆର୍ଥିକ ପରିସ୍ଥିତି

ସପ୍ତମ ବା ଶେଷ ଖଣ୍ଡ ପାଇଁ ଓଡ଼ିଆ ବର୍ଣ୍ଣମାଳାର ଶେଷ ଅକ୍ଷର ଦୁଇଟି (ସ ଓ ହ) ବାକି ଅଛି । ଗ୍ରନ୍ଥମାନଙ୍କ ବନ୍ଧାଇ ଖରଚ ସହିତ ପ୍ରତ୍ୟେକ ଖଣ୍ଡର ପ୍ରକାଶ ପାଇଁ ହାରାହାରି ୧୬ ହଜାର ଟଙ୍କା ଲାଗିଛି । ସମଗ୍ର ସାତ ଖଣ୍ଡର ପ୍ରକାଶ ବ୍ୟୟ ପ୍ରାୟ ଏକ ଲକ୍ଷ ପନ୍ଦର ହଜାର ଟଙ୍କା ହେବ । ଏପର୍ଯ୍ୟନ୍ତ ଗ୍ରାହକମାନଙ୍କଠାରୁ ପ୍ରାପ୍ତ ଅଗ୍ରିମ ମୂଲ୍ୟ, ଋଣ, ବିହାର‌ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କଠାରୁ, ପାଟଣା ବିଶ୍ୱବିଦ୍ୟାଳୟରୁ, ମୟୂରଭଞ୍ଜ, ଜୟପୁର, ପାଟଣା, ପାରଳାଖେମଣ୍ଡି, କଳାହାଣ୍ଡି ମହାରାଜାଙ୍କଠାରୁ, ବୌଦ, ଆଠମଲ୍ଲିକ, ଖଲ୍ଲିକୋଟ, କେନ୍ଦୁଝର, ତିଗିରି, ଖଡ଼ିଆଳ ରାଜାଙ୍କଠାରୁ, ଏମାରମଠ ମହନ୍ତ ମହାରାଜାଙ୍କଠାରୁ ଏବଂ ଅନ୍ୟାନ୍ୟ ଉଦାର ହୃଦୟ ଦାତାଙ୍କଠାରୁ ସାହାଯ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ସଂଗୃହୀତ ହୋଇଅଛି । ଏ ଗ୍ରନ୍ଥର ପରିସମାପ୍ତି ନିକଟବର୍ତ୍ତୀ ହୋଇ ଆସିଲାଣି । ଏପରି ଅବସ୍ଥାରେ ମୁଁ ଆଶା କରୁଅଛି ଯେ, ଶେଷ ଖଣ୍ଡର ପ୍ରକାଶବ୍ୟୟ ଓ ଏ ଗ୍ରନ୍ଥ ସଂପର୍କରେ କରାଯାଇଥିବା ଋଣ ଓ ଅନ୍ୟାନ୍ୟ ବାକିଆ ବ୍ୟୟ ନିର୍ବାହ ପାଇଁ ଯାହା ପ୍ରୟୋଜନୀୟ ହେବ ତାହା ଏଥି ମଧ୍ୟରେ ମୋ ହସ୍ତଗତ ହେବ । ଯେଉଁ ଦାତାମାନେ ଅଙ୍ଗୀକୃତ ଧନ ସମ୍ପୂର୍ଣ୍ଣରୂପେ ଦେଇ ନାହାନ୍ତି ଓ ସମଗ୍ର ଗ୍ରନ୍ଥ ପ୍ରକାଶ ନ ହୋଇପାରିବାର ଆଶଙ୍କା କରି ଯେଉଁ ସାହିତ୍ୟ-ପ୍ରେମୀ ପୃଷ୍ଠପୋଷକମାନେ ଏପର୍ଯ୍ୟନ୍ତ ସେମାନଙ୍କର ଦାନାଭ୍ୟସ୍ତ ହସ୍ତକୁ ଏହି ଉଦ୍ଦେଶ୍ୟରେ ପ୍ରସାରିତ କରି ନାହାନ୍ତି, ଆଗାମୀ ବର୍ଷ ଏହାର ପରିସମାପ୍ତି ହେବ, ଏଥିରେ ଆଉ ସନ୍ଦେହ ନ କରି ସେମାନେ ଦାତୃତ୍ୱ ପ୍ରକାଶ କିମ୍ବା ଅଧିକା ସାହାଯ୍ୟ କଲେ ମୁଁ ଏହି କାର୍ଯ୍ୟ ଯଥାକାଳରେ ସାଙ୍ଗ କରି ପାରିବି । ନିମ୍ନୋକ୍ତ ଉଦାର ହୃଦୟ ପୃଷ୍ଠପୋଷକମାନଙ୍କ ବଦାନ୍ୟତାକୁ ସତୃଷ୍ଣ ନୟନରେ ଅନାଇ ମୁଁ ବିଶ୍ୱାସ କରୁଅଛି ଯେ, ସେମାନେ ଏହି ଜାତୀୟ ଜ୍ଞାନମନ୍ଦିରର ମୂର୍ତ୍ତିମାରିବାରେ ଓ ଦେଉଳ ଉପରେ ନୀଳଚକ୍ର ବସାଇବାରେ ସମ୍ପୂର୍ଣ୍ଣ ସହାୟତା କରିବେ;—

ଓଡ଼ିଶା ଗଭର୍ଣ୍ଣମେଣ୍ଟ—( ଯହିଁର କର୍ଣ୍ଣଧାର ମହୋଦୟ ଏହି ମନ୍ଦିରର ଭିତ୍ତି ଦେଇଥିଲେ ଏବଂ ବର୍ତ୍ତମାନ ଅମ୍ଭମାନଙ୍କ ମଧ୍ୟରେ ଥାଇଁ ଥାଇଁ ଏ ସାରସ୍ୱତ ମନ୍ଦିରର ମୂର୍ତ୍ତି ମରିବା ଦେଖିବେ ।

ବାମଣ୍ଡାର ସ୍ୱର୍ଗତ ଦାନଶୌଣ୍ଡ ସାହିତ୍ୟ ପ୍ରେମିକ, ବିଶ୍ରୁତକୀର୍ତ୍ତି ରାଜା ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ ଧର୍ମପ୍ରାଣା ମହିଷୀ ଓ ଅଶେଷ ସଦ୍‌ଗୁଣ ନିଧାନ ବାମଣ୍ଡାର ବର୍ତ୍ତମାନ ଅଧୀଶ୍ୱର ଶ୍ରୀ ଭାନୁଗଙ୍ଗ ତ୍ରିଭୁବନ ଦେବଙ୍କ ପିତାମହୀ, ସତତ ଦାନପରିହସ୍ତା, ମହନୀୟ ଚରିତା, ସାହିତ୍ୟାନୁରାଗିଣୀ—ଶ୍ରୀମତୀ ଜମ୍ବୁଧର ପ୍ରିୟା ଦେବୀ—(ଯେ ଅଳ୍ପ ଉତ୍ତର ବୟସରେ ସୁଦ୍ଧା ରାଜାନ୍ତଃପୁରରେ ବିଦୁଷୀ ମଣ୍ଡଳ ଗଠନ ପୂର୍ବକ ବାମଣ୍ଡା ରାଜବଂଶର ସାହିତ୍ୟସେବାର ପରମ୍ପରା ରକ୍ଷାକରି ପ୍ରତ୍ୟହ ନିୟମିତ ଓଡ଼ିଆ ସାହିତ୍ୟ ଚର୍ଚ୍ଚା କରନ୍ତି ଓ ଜାଗତିକ ସାହିତ୍ୟର ପ୍ରଗତି ବିଷୟରେ ସମ୍ବାଦ ରଖିବା ନିମନ୍ତେ ଇଂରାଜି ଓ ଅନ୍ୟ ଭାଷାରେ ପ୍ରକାଶିତ ପତ୍ର ପତ୍ରିକାମାନ ପାଠ କରନ୍ତି ଓ ପ୍ରତିଭାଶାଳୀ ଦୁଃସ୍ଥ ସାହିତ୍ୟିକ ଓ ଗ୍ରନ୍ଥକାର ମାନଙ୍କ ଦୁଃଖମୋଚନ ଯାହାଙ୍କର ଚିରାଚରିତ ବ୍ରତ ଏବଂ ଉତ୍କଳର ଏହି ଅକ୍ଷୟ ଅକ୍ଷରକୀର୍ତ୍ତି ଭାଷାକୋଷର ପରିପୂର୍ତ୍ତି ନିମନ୍ତେ ଯାହାଙ୍କ ସଦୟଦୃଷ୍ଟି ଆକର୍ଷଣ କରିବା ଭାର ତାଙ୍କର ଗୁଣଗ୍ରାହୀ ତନୁଜ ପୁରୀର ଗଜପତି ମହାରାଜା ବୀର ଶ୍ରୀ ରାମଚନ୍ଦ୍ର ଦେବ, ତାଙ୍କର ପୌତ୍ର ବାମଣ୍ଡାଧୀଶ୍ୱର ମହୋଦୟ, ତାଙ୍କର ଘନିଷ୍ଠ ବାନ୍ଧବଦ୍ୱୟ ତାଳଚେର ନରେଶ ଓ ବଣାଇ ନରେଶ ସ୍ୱତଃ ଗ୍ରହଣ କରି ମୋତେ କୃତାର୍ଥ କରି ଅଛନ୍ତି ) ।

ବାମଣ୍ଡାର ଶାସକ ନୃପତି ଶ୍ରୀ ଭାନୁଗଙ୍ଗ ତ୍ରିଭୁବନ ଦେବ—(ନବଜାତ ଯୁବରାଜଙ୍କୁ ମିଶାଇ ପାଞ୍ଚ ପୁରୁଷ ହେଲା ଯାହାଙ୍କ ପରିବାର ସଙ୍ଗେ ଏହି ସଂଗ୍ରାହକ ସଂପୃକ୍ତ ରହିଅଛି ଏବଂ ଯେ ଏହି ତରୁଣ ବୟସରୁ ସ୍ୱବଂଶର ସମୁଚ୍ଚ ସାହିତ୍ୟିକ ଯଶୋରାଶିକୁ ଅକ୍ଷୁଣ୍ଣ ରଖିବା ପାଇଁ ସମୁଜ୍ଜ୍ୱଳ ସୂଚନା ପ୍ରଦର୍ଶନ କଲେଣି ) ।

ସୋନପୁରର ଶାସକ ନରପତି ମହାରାଜ ସୁଧାଂଶୁ ଶେଖର ସିଂହ-ଦେବ (ଯାହାଙ୍କ ନିକଟରେ ସ୍ୱୟଂ ସଂଗ୍ରାହକ ଓ ତାହାର ପରିଶ୍ରମ ବାଲ୍ୟ-କାଳରୁ ସୁପରିଚିତ ଏବଂ ଯେ ସୋନପୁରର ମହନୀୟ ମହାରାଜ ପ୍ରାସାଦକୁ ସ୍ୱୀୟକୀର୍ତ୍ତି ପ୍ରଭାରେ ନିତ୍ୟ ଦୀପ୍ତିମୟ କରି ରଖିବେ) ।

ସରାଇକଲା ରାଜ୍ୟର ଅଧିପତି ରାଜା ଶ୍ରୀ ଆଦିତ୍ୟ ପ୍ରତାପ ସିଂହଦେବ (ଯାହାଙ୍କର ପିତାମହ ସ୍ୱର୍ଗୀୟ ମହାରାଜ ଉଦିତନାରାୟଣ ସିଂହଦେବ ୧୯୩୦ରେ ଏହି କାର୍ଯ୍ୟପାଇଁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହୋଇଥିଲେ ଏବଂ ପ୍ରତିଜ୍ଞା ପାଳନ ନ କରୁଣୁ ଯେ ସ୍ୱର୍ଗରାଜ୍ୟକୁ ପ୍ରୟାଣ କଲେ, ପାଟନା ରାଜ୍ୟର ରାଜଲକ୍ଷ୍ମୀ ବର୍ତ୍ତମାନ ଯାହାଙ୍କ ବଂଶଧରଙ୍କ ଆଶ୍ରିତ ଏବଂ ଯାହାଙ୍କ ଯୁବରାଜ ଜଣେ ଉଦୟମାନ ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧିଧାରୀ ଯୁବକ ଅଟନ୍ତି) ।

କଳାହାଣ୍ଡିର ମହାରାଜ ଶ୍ରୀ ବ୍ରଜମୋହନ ଦେବ ଓ. ବି. ଇ.—(ଯାହାଙ୍କଠାରୁ ୧୯୨୮ ରେ ପ୍ରାରମ୍ଭିକ ସାହାଯ୍ୟ ଏକ ସହସ୍ର ଟଙ୍କା ପାଇ ମୁଁ ମୂଳ ପାଣ୍ଡୁଲିପିର ସମ୍ମାର୍ଜ୍ଜନ କର୍ମ ଆରମ୍ଭ କରିବାକୁ ସମର୍ଥ ହୋଇଥିଲି ଏବଂ ଯେ ସ୍ୱୟଂ ୨୫ ସେଟ୍ ପୁସ୍ତକର ଅଗ୍ରିମ ଗ୍ରାହକ ହୋଇ ଅଛନ୍ତି ।)

କେନ୍ଦୁଝର ରାଜ୍ୟର ଶାସକ ନରପତି ରାଜା ଶ୍ରୀ ବଳଭଦ୍ର ନାରାୟଣ ଭଞ୍ଜ ଦେବ ( ଯେ ଏକକାଳୀନ ଆଠ ଶତ ଟଙ୍କା ସାହାଯ୍ୟ କରିଥିଲେ ଓ ୧୦ ସେଟ ଗ୍ରନ୍ଥର ଗ୍ରାହକ ହୋଇ ଅଛନ୍ତି ।)

ବଣାଇ ରାଜ୍ୟର ଶାସକ ନରପତି ରାଜା ଶ୍ରୀ ଧରଣୀଧର ଇନ୍ଦ୍ର ଦେଓ ଦେବ (ଯେ ଏ କାର୍ଯ୍ୟରେ ସାହାଯ୍ୟ କରିବାକୁ ସଂକଳ୍ପବଦ୍ଧ ହୋଇଅଛନ୍ତି ଓ ଏଥିର ଅଗ୍ରଗତି ବିଷୟ ମଧ୍ୟେ ମଧ୍ୟେ ଅନୁସନ୍ଧାନ କରୁଅଛନ୍ତି, ଓ ଭାଷାକୋଷ ସମ୍ବନ୍ଧରେ ଯାହାଙ୍କ ଉଚ୍ଚମତ ଗ୍ରନ୍ଥକାର ଅଳ୍ପ ଦିନପୂର୍ବେ ବଣାଇ ଗଡ଼କୁ ଯାଇ ତାଙ୍କ ଶ୍ରୀମୁଖରୁ ଶୁଣି ଆସିଅଛି ଓ ଏ ଗ୍ରନ୍ଥର ସପ୍ତମଖଣ୍ଡର ପ୍ରକାଶାର୍ଥ ପ୍ରୟୋଜନୀୟ ଅର୍ଥ ପାଇଁ ଯେ ପୁଣ୍ୟଶ୍ଳୋକା ବାମଣ୍ଡାରାଜା ଜେଜେମାତା ଶ୍ରୀମତୀ ଜମ୍ବୁଧରପ୍ରିୟା ଦେବୀଙ୍କ ଦୃଷ୍ଟି ଓ ଦାତୃତ୍ୱ ଆକର୍ଷଣ କରିବାକୁ ସ୍ୱତଃ ପ୍ରତିଶ୍ରୁତି ପ୍ରଦାନ କରିଅଛନ୍ତି । )

ଦଶପଲ୍ଲାର ଶାସକ ନରପତି ରାଜା ଶ୍ରୀ କିଶୋରଚନ୍ଦ୍ର ଭଞ୍ଜଦେବ ( ଯେ ଏ ଗ୍ରନ୍ଥପାଇଁ ସାହାଯ୍ୟ କରିବାର ବାସନା ସଂଗ୍ରାହକଙ୍କୁ ଜଣାଇ-ଅଛନ୍ତି ।)

ପୁରୀର ଗଜପତି ମହାରାଜା ଓ କୋଟିଏ ଉତ୍କଳୀୟଙ୍କ ଠାକୁରରଜା ଶ୍ରୀ ରାମଚନ୍ଦ୍ର ଦେବ (ଯେ ତାଙ୍କ ଜନନୀ ବାମଣ୍ଡା ଜେଜେମାତାଙ୍କ ଦୃଷ୍ଟି ଭାଷାକୋଷପ୍ରତି ଆକର୍ଷଣ କରିବେ ବୋଲି ଅଙ୍ଗୀକାର କରିଅଛନ୍ତି ।)

ଖଲ୍ଲିକୋଟ, ଆଠଗଡ଼ ଓ କରୁଆର ରାଜା ବାହାଦୁର ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ଏମ୍. ଏଲ୍, ଏ ( ଯେ ଏଥିପୂର୍ବେ ଏକହଜାର ଟଙ୍କା ସାହାଯ୍ୟ କରିଅଛନ୍ତି ଏବଂ ଓଡ଼ିଶାପ୍ରଦେଶର ଗଢ଼ାରେ ଯାହାଙ୍କ ଦ୍ରୁପଦିତ୍ୱ ଚିରକାଳ ଇତିହାସରେ ଲିପିବଦ୍ଧ ହୋଇ ରହିବ ।)

ତାଳଚେର ରାଜ୍ୟର ଶାସକ ନରପତି ରାଜା ଶ୍ରୀ କିଶୋରଚନ୍ଦ୍ର ବୀରବର ହରିଚନ୍ଦନ—( ସରସ୍ୱତୀ ସେବା ଯାହାଙ୍କ ବଂଶଧର ମାନଙ୍କର ଅସ୍ଥିମଜ୍ଜାଗତ ହୋଇଅଛି ଏବଂ ଯେ ସାହାଯ୍ୟ ଦେବା ପାଇଁ ଅଙ୍ଗୀକାର କରିଅଛନ୍ତି । )



Raja Dharanidhar Indra Deo Deb,
Ruling Chief, Bonai State.
ବଣାଇ ଷ୍ଟେଟର ରୁଲିଙ୍ଗ ଚିଫ୍ ରଜା ଶ୍ରୀ ଧରଣୀଧର ଇନ୍ଦ୍ର ଦେଓ ଦେବ ।
(ସାହାଯ୍ୟଦାତା)



Raja Bahadur Ramchandra Mardaraj Dev,
Raja of Khallikote, Athagarh & Biruli estates.
ଖଲ୍ଲିକୋଟ, ଆଠଗଡ଼ ଓ ବିରୁଳିର ରଜାବାହାଦୁର,
ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ (ସାହାଯ୍ୟଦାତା)

ବାଲେଶ୍ୱର ଜିଲ୍ଲାର ଜମିଦାର ରାୟବାହାଦୁର ଭୁୟାଁ କୈଳାସଚନ୍ଦ୍ର ମହାପାତ୍ର—( ଯାହାଙ୍କ ସଙ୍ଗେ ସ୍ୱୟଂ ସଂଗ୍ରାହକ ଏବଂ ତାହାର ସହକର୍ମିଣୀ ଧର୍ମପତ୍ନୀ ବନ୍ଧୁତା-ସୂତ୍ରରେ ଆବଦ୍ଧ ଏବଂ ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ଏବଂ ଅନ୍ୟ ଅନେକ ସତ୍କର୍ମମାନଙ୍କ ପାଇଁ ପ୍ରଚୁର ଅର୍ଥ ସାହାଯ୍ୟ କରି ଆସିଅଛନ୍ତି । )

ପୁରୀ ଏମାର ମଠର ମହନ୍ତ ମହାରାଜ ଶ୍ରୀ ଗଦାଧର ରାମାନୁଜ ଦାସ ( ଯେ ଏଥିପୂର୍ବେ ଏକ ସହସ୍ର ଟଙ୍କା ଦାନ କରିଅଛନ୍ତି ଓ ଆଉ ଏକ ସହସ୍ର ଟଙ୍କା ଦାନ କରିବାକୁ ଅଙ୍ଗୀକାର କରିଅଛନ୍ତି, ଏବଂ ଯାହାଙ୍କ ବଦାନ୍ୟତାର ନିଦର୍ଶନ ଓଡ଼ିଶାର ବହୁ ଜନହିତକର ଅନୁଷ୍ଠାନ ଓ ଜ୍ଞାନାନୁଶୀଳନ ସମ୍ପର୍କୀୟ କର୍ମରେ ମିଳିଅଛି ।)

ଏହି ଗ୍ରନ୍ଥ ଦିନେ ଓଡ଼ିଆ ଭାଷାର ଓ ସାହିତ୍ୟର ଇତିହାସରେ ବିଶିଷ୍ଟ ସ୍ଥାନ ଅଧିକାର କରି ଓଡ଼ିଆ ଜାତିକୁ ଓ ଭାଷାକୁ ଆନ୍ତର୍ଜାତିକ ସଂସଦ୍‌ରେ ଉଚ୍ଚସ୍ଥାନର ଅଧିକାରୀ କରାଇବ ବୋଲି ଆଶାକରାଯାଏ; ଏହି ଜାତୀୟ ସାରସ୍ୱତ ବଡ଼ ଦେଉଳର ଶୀଳଚକ୍ର ବସିବା ବା ମୁଣ୍ଡି ମରିବା ରୂପ କର୍ମ (ଭାଷାକୋଷ ୭ମ ଖଣ୍ଡର ପ୍ରକାଶ)ର ବ୍ୟୟଭାର ଲକ୍ଷ୍ମୀଙ୍କର ବରପୁତ୍ରମାନଙ୍କ ମଧ୍ୟରୁ କେହି ଜଣେ ଇଚ୍ଛା କଲେ ଅକ୍ଳେଶରେ ଏକା ତୁଲେଇ ପାରିବେ ବୋଲି ମୁଁ ଆଶା କରୁଅଛି ।

## ଗ୍ରନ୍ଥର ମୂଲ୍ୟ

ସମଗ୍ର ଗ୍ରନ୍ଥ ୨ଖଣ୍ଡରୁ କ୍ରମେ ୭ଖଣ୍ଡରେ ପୂର୍ଣ୍ଣତା ପ୍ରାପ୍ତ ହେବା ଦେଖାଯିବାରୁ ପ୍ରଥମେ ବିଜ୍ଞାପିତ ଅଗ୍ରିମ ମୂଲ୍ୟ ୩୦ ଟଙ୍କାରୁ ବଢ଼ି ବଢ଼ି ୫ମ ଖଣ୍ଡର ପ୍ରକାଶ ବେଳକୁ ଏକସାରା ଗ୍ରନ୍ଥର ମୂଲ୍ୟ ୧୧୫ ଟଙ୍କା ହୋଇଥିଲା । ଯେଉଁମାନେ ତତ୍କାଳୀନ ଅଗ୍ରିମ ମୂଲ୍ୟ ଦେଇ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଥିଲେ ସେମାନଙ୍କଠାରୁ ଆଉ ଅତିରିକ୍ତ ମୂଲ୍ୟ ନିଆ ନ ଯାଇ ୭ଖଣ୍ଡ ଯାକ ସେମାନଙ୍କୁ ଦିଆ ଯାଉଅଛି । ସେମାନଙ୍କ ପକ୍ଷରେ ଆଉ ଅଧିକ ମୂଲ୍ୟ ଦେବା ଧର୍ମତଃ ଉଚିତ କି ନାଁ, ତାହା ସେମାନେ ସ୍ୱୟଂ ବିଚାର କରିବେ; ସଂଗ୍ରାହକ ପକ୍ଷରେ ଏହା ଦାବୀ କରିବାର ଅବସର ନାହିଁ ।

ସମଗ୍ର ଗ୍ରନ୍ଥ ପ୍ରକାଶ ପୂର୍ବରୁ କାଳକ୍ରମେ ଯେଉଁ ଗ୍ରାହକମାନେ ଗ୍ରାହକ ଶ୍ରେଣୀ ଭୁକ୍ତ ହୋଇ କ୍ରମଶଃ ବିଜ୍ଞାପିତ ଅଗ୍ରିମ ମୂଲ୍ୟ ପ୍ରଦାନ କରିଥିଲେ, ମୋ କଥା ଉପରେହିଁ ସେମାନେ ବିଶ୍ୱାସ ସ୍ଥାପନ କରି ମୂଲ୍ୟ ଦେଇଥିଲେ, ଏଥିପାଇଁ ସେମାନେ ସମଗ୍ର ଗ୍ରନ୍ଥ ଶସ୍ତାରେ ପାଇଲେ । ବର୍ତ୍ତମାନ ୬ଷ୍ଠଖଣ୍ଡ ପ୍ରକାଶିତ ହେଲା ଓ ଶେଷଖଣ୍ଡର ପ୍ରକାଶର ସମ୍ଭାବନା ଏବେ ଆଖିର ସମ୍ମୁଖରେ ଦେଖା ଦେଲାଣି । ବର୍ତ୍ତମାନ ସମସ୍ତ ୭ଖଣ୍ଡର ମୂଲ୍ୟ ଟ ୧୫୦୲ ଦେଢ଼ଶତ ଟଙ୍କା ନିର୍ଦ୍ଧାରିତ ହେଲା । ଯେବେ କୌଣସି ଗ୍ରାହକ ୭ମ ଖଣ୍ଡର ପ୍ରକାଶ ପୂର୍ବେ ଗ୍ରାହକ ହୋଇ ଅଗ୍ରିମ ମୂଲ୍ୟ ପ୍ରଦାନ କରିବେ, ତେବେ ତାଙ୍କୁ ସମଗ୍ର ଗ୍ରନ୍ଥ ( ୭ଖଣ୍ଡ ) ଟ ୧୩୨୲ (ଏକଶତ ବତିଶ) ଟଙ୍କାରେ ଦିଆଯିବ । ଯେଉଁ ଗ୍ରାହକମାନେ କୌଣସି ଏକଖଣ୍ଡ ମାତ୍ର କ୍ରୟ କରିବାକୁ ଇଚ୍ଛାକରିବେ, ତାଙ୍କୁ ୨୫୲ ( ପଚିଶ ) ଟଙ୍କା ମୂଲ୍ୟ ଦେବାକୁ ପଡ଼ିବ । ଯେଉଁ ଗ୍ରାହକ ମାନଙ୍କର ଅବସ୍ଥା ଅଲ୍ପ, ସେମାନଙ୍କ ସଙ୍ଗେ କିସ୍ତି ଧାର୍ଯ୍ୟ କରାଯାଇ ପାରିବ ।

## କାର୍ଯ୍ୟ ପରିସମାପ୍ତିର ସମ୍ଭାବନା

ସଂଶୋଧନ ଓ ପରିଷ୍କରଣ ପରେ ସପ୍ତମ ଖଣ୍ଡର ପାଣ୍ଡୁଲିପିମାନ ପ୍ରେସକୁ ଦିବାପାଇଁ ପ୍ରସ୍ତୁତ ହୋଇ ରଖା ହେଲାଣି । 'ସ' ଓ 'ହ' ଅକ୍ଷରାଦ୍ୟ ଶବ୍ଦଗୁଡ଼ିକ ଏହି ଖଣ୍ଡରେ ପ୍ରଦତ୍ତ ହେବ । 'କ୍ଷ' ଅକ୍ଷରାଦ୍ୟ ଶବ୍ଦଗୁଡ଼ିକ ବର୍ଣ୍ଣମାଳା କ୍ରମରେ 'କ' ଅକ୍ଷର ପରେ ପ୍ରଦତ୍ତ ହୋଇଅଛି । ପୂର୍ବବର୍ତ୍ତୀ ଖଣ୍ଡମାନଙ୍କ ପ୍ରକାଶ ପରେ ଯେଉଁସବୁ ନୂତନ ଶବ୍ଦ, ନୂତନ ତତ୍ତ୍ୱ, ପରିତ୍ୟକ୍ତ ଶବ୍ଦ ଓ ଭ୍ରମପ୍ରମାଦମାନ ମୋ ଦୃଷ୍ଟିକୁ ଆସିଅଛି, ସେଗୁଡ଼ିକ ବର୍ଣ୍ଣମାଳା କ୍ରମରେ ସଙ୍କଳିତହୋଇ ପରିଶିଷ୍ଟ ଖଣ୍ଡପାଇଁ ପ୍ରସ୍ତୁତ ହେଉଅଛି । ଆଶାକରାଯାଏ, ଶେଷ ବା ୭ମଖଣ୍ଡର ଶେଷରେ ଏହି ପରିଶିଷ୍ଟ ଯୋଗ କରାଯାଇପାରିବ ଓ ଏହା ୧୯୩୮ ସାଲର ଏହିମାସସୁଦ୍ଧା ପ୍ରକାଶିତ ହେବ ।

## ଧନ୍ୟବାଦାର୍ପଣ

ମୋର ସମସ୍ତ ସହକର୍ମୀ, ସହାୟତାକାରୀ, ହିତାକାଂକ୍ଷୀ, ସହାନୁଭୂତି ପ୍ରଦର୍ଶକ ଓ ପୃଷ୍ଠପୋଷକମାନଙ୍କୁ ମୁଁ ଧନ୍ୟବାଦ ଅର୍ପଣ କରୁଅଛି । ମହାନୁଭବ ସମ୍ରାଟ ଷଷ୍ଠ ଜର୍ଜ ଓ ମହାରାଣୀ ଏଲିଜାବେଥଙ୍କ ଶ୍ରୀମୂରେ ଓ ତାଙ୍କ ଭାରତ ପ୍ରତିନିଧି ଭାଇସରାୟଙ୍କ ଠାରେ ମୁଁ ସସମ୍ମାନ ରାଜଭକ୍ତି ସମର୍ପଣ କରୁଅଛି । ଆମ୍ଭମାନଙ୍କ ନୂତନ ପ୍ରଦେଶରେ ସମ୍ରାଟଙ୍କ ପ୍ରତିନିଧିରୂପେ ବିରାଜିତ ମହାମତି ସର୍ ଜନ୍ ଅଷ୍ଟିନ୍ ହବାକ୍ ଏ ଗ୍ରନ୍ଥର ପାଳକପିତାରୂପେ ବରିଜିତ ହୋଇ ଏ ଗ୍ରନ୍ଥର ପରିସମାପ୍ତିର ଆଶାପଥ ସମୁଜ୍ଜ୍ୱଳ କରୁଅଛନ୍ତି; ତାଙ୍କୁ ମୁଁ କୃତଜ୍ଞତା ଅର୍ପଣ କରୁଅଛି ।

ଯାହାଙ୍କ ଅପାର କରୁଣାରୁ ମୁଁ ଏତେଦୂର ଅଗ୍ରସର ହୋଇ ପାରିଅଛି ଏବଂ ମୋ ଜୀବନକାଳର ୨୨ବର୍ଷର ପରିଶ୍ରମର ପରିପୂର୍ଣ୍ଣତା ଯାହାଙ୍କ କୃପାରେ ମୋ ଦୃଷ୍ଟିଗୋଚର ହେଲାଣି, ସେହି ପରମପୁରୁଷଙ୍କ ଶ୍ରୀଚରଣରେ ମୁଁ ଭକ୍ତି ଓ ଶ୍ରଦ୍ଧା ଅର୍ପଣ କରୁଅଛି ।

## ଉପସଂହାର

ସର୍ବଶକ୍ତିମାନ୍ ପରମପୁରୁଷ ଓଡ଼ିଆ ଭାଷାକୋଷର କ୍ରମିକ ଖଣ୍ଡମାନ ପ୍ରକାଶ କରାଇବା ସଙ୍ଗେ ସଙ୍ଗେ ନୂତନ ଓଡ଼ିଶା ପ୍ରଦେଶର ଗଠନ କରାଇଅଛନ୍ତି, ତାଙ୍କ ଦୟାରୁ ଶୀଘ୍ରରେ ଏହି ଗ୍ରନ୍ଥର ପରିସମାପ୍ତି ସଙ୍ଗରେ ନୂତନ ଓଡ଼ିଶା ପ୍ରଦେଶର ସର୍ବାଙ୍ଗୀନ ଉନ୍ନତି ସଂସାଧିତ ହେବ ଏବଂ ଓଡ଼ିଆ ଭାଷା ତଥା ଓଡ଼ିଆ ଜାତି ସଭ୍ୟଜଗତ ଦୃଷ୍ଟିରେ ଅଦୂର ଭବିଷ୍ୟତରେ ଉପଯୁକ୍ତ ସମ୍ମାନର ଅଧିକାରୀ ହେବ ।

ଭାଷାକୋଷ ଆଶ୍ରମ
ଭାଷାକୋଷ ଲେନ୍
କଟକ, ଓଡ଼ିଶା
ଜୁନ ୧ ତାରିଖ ୧୯୩୭ ମସିହା

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ
ସଂଗ୍ରାହକ



**Raja Sri Ramchandra Dev,**
**Gajapati Raja of Puri.**
ପୁରୀର ଗଜପତି ରାଜା ଶ୍ରୀ ରାମଚନ୍ଦ୍ର ଦେବ ।
(ହିତକାମୀ)



**Raja Kishor Chandra Birabar Harichandan,**
**Ruling Chief, Talcher State.**
ତାଳଚେରର ଅଧୀଶ୍ୱର ସାହିତ୍ୟପ୍ରେମିକ, ଗୁଣଗ୍ରାହୀ
ରାଜା ଶ୍ରୀ କିଶୋରଚନ୍ଦ୍ର ବୀରବର ହରିଚନ୍ଦନ (ସାହାଯ୍ୟକାରୀ)

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସଙ୍କଳନରେ ବ୍ୟବହୃତ ଅଭିଧାନ ଗ୍ରନ୍ଥ ଓ ଗ୍ରନ୍ଥକାରମାନଙ୍କର ନାମ ଓ ସାଙ୍କେତିକ :—

M. W.—ମନିଅର୍ ୱିଲିଅମ୍‌ସ୍‌ଙ୍କ କୃତ ସଂସ୍କୃତ-ଇଂରାଜୀ ଶବ୍ଦକୋଷ ।

କୀର୍ତ୍ତିକାର (Kirtikar)—ଡକ୍ଟର୍ କୀର୍ତ୍ତିକାରଙ୍କର 'Indian plants' (ଭାରତୀୟ ଉଦ୍ଭିଦ) ନାମକ ଗ୍ରନ୍ଥ ।

ଆପ୍ଟେ (Apte)—ପ୍ରୋଫେସର୍ ଆପ୍ଟେଙ୍କର Practical Sanskrit-English Dictionary. (ସଂସ୍କୃତ-ଇଂରାଜୀ ଅଭିଧାନ) ।

ବିମ୍‌ସ୍ (Beames)—Beames Comparative Grammar of four Indo-Aryan languages. (ବାମ୍‌ସ୍ ସାହେବଙ୍କ ସଙ୍କଳିତ ଗୌର ଭାଷାର ବ୍ୟାକରଣ ।)

ଚେମ୍ବର୍‌ସ୍ (Chambers)—Chambers's Twentieth Century English Dictionary.

ପ୍ରୋଥେରୋ (Prothero)—A short primer of Indian History by Mr. M. Prothero.

Haines—ହାଏନ୍‌ସ୍ ସାହେବଙ୍କ Botany of Bihar and Orissa (ବିହାର-ଓଡ଼ିଶାର ଉଦ୍ଭିଦତତ୍ତ୍ୱ) ।

Howells—ପାଦ୍ରୀ ହୱେଲ୍‌ସ୍ ସାହେବଙ୍କ ଅପ୍ରକାଶିତ ଓଡ଼ିଆ-ଇଂରାଜୀ ଅଭିଧାନର ପାଣ୍ଡୁଲିପି ।

Fallon—ଡକ୍ଟର୍ ଫାଲନ୍‌ଙ୍କର ହିନ୍ଦୁସ୍ଥାନୀ-ଇଂରାଜୀ ଶବ୍ଦକୋଷ ।

Sir George Greierson—Linguistic Survey of India. (ଗ୍ରୀୟରସନ୍‌ଙ୍କ ଭାରତର ଭାଷାବିଚାର) ।

Grundy—ପାଦ୍ରୀ ଗ୍ରଣ୍ଡି ସାହେବଙ୍କର ଓଡ଼ିଆ-ଇଂରାଜୀ ଶବ୍ଦକୋଷ ।

Sutton—ପାଦ୍ରୀ ସଟନ୍‌ଙ୍କ ସଙ୍କଳିତ ଓଡ଼ିଆ ଅଭିଧାନ ।

ଗୋପୀନାଥ ନନ୍ଦ—ଗୋପୀନାଥ ନନ୍ଦଙ୍କ ଓଡ଼ିଆ 'ଶବ୍ଦତତ୍ତ୍ୱବୋଧ ଅଭିଧାନ' ।

ବୈଜ୍ଞାନିକ ପରିଭାଷା—ବଙ୍ଗୀୟ ବିଜ୍ଞାନ ପରିଷଦ୍ ସଙ୍କଳିତ ଇଂରାଜୀ-ବଙ୍ଗଳା କୋଷ ଗ୍ରନ୍ଥ ।

ଜଗନ୍ନାଥ ରାଓ—ଉତ୍କଳ ଅଭିଧାନ ।

ରାମନାରାୟଣ ଲାଲ—ଇଂରାଜୀ-ହିନ୍ଦି ଶବ୍ଦକୋଷ—The Student's practical English-Hindi Dictionary.

ଜ୍ଞାନେନ୍ଦ୍ର—ଜ୍ଞାନେନ୍ଦ୍ରମୋହନ ଦାସଙ୍କ ବଙ୍ଗଳା ଭାଷାର ଅଭିଧାନ ।

ବିଶ୍ୱକୋଷ—ପ୍ରାଚ୍ୟବିଦ୍ୟାମହାର୍ଣ୍ଣବ ନଗେନ୍ଦ୍ରନାଥ ବସୁଙ୍କ ପ୍ରଣୀତ ବଙ୍ଗଳା ବିଶ୍ୱକୋଷ, ପ୍ରଥମ ସଂସ୍କରଣ ।

ଯୋଗେଶଚନ୍ଦ୍ର—ରାୟ ବାହାଦୁର ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ସଙ୍କଳିତ 'ବଙ୍ଗଳା ଶବ୍ଦକୋଷ' ।

ପ୍ରକୃତିବାଦ—ଶ୍ରୀଯୁକ୍ତ ରାମକମଳ ବିଦ୍ୟାଲଙ୍କାରଙ୍କ ପ୍ରଣୀତ ସଚିତ୍ର ବଙ୍ଗଳା 'ପ୍ରକୃତିବାଦ ଅଭିଧାନ ।'

ହିନ୍ଦି ଶବ୍ଦସାଗର—କାଶୀ ନାଗରୀ ପ୍ରଚାରିଣୀ ସଭାଙ୍କ ପ୍ରକାଶିତ 'ହିନ୍ଦୀ ଶବ୍ଦସାଗର' ବା ହିନ୍ଦୀ ଭାଷାର ବୃହତ୍ ଶବ୍ଦକୋଷ ।

ସୁବଳଚନ୍ଦ୍ର—ସୁବଳଚନ୍ଦ୍ର ମିତ୍ରଙ୍କ ସରଳ ବଙ୍ଗଳା ଅଭିଧାନ ।

ଗାଙ୍ଗୁଲି—The Student's Bengali and English Dictionary (ବି. ଗାଙ୍ଗୁଲିଙ୍କ ବଙ୍ଗଳା-ଇଂରାଜୀ ଅଭିଧାନ)

ଦ୍ରବ୍ୟଗୁଣ—କବିରାଜ ଦେବେନ୍ଦ୍ରନାଥ ଓ ଉପେନ୍ଦ୍ରନାଥ ସେନ୍‌ଗୁପ୍ତଙ୍କ ବଙ୍ଗଳା 'ଦ୍ରବ୍ୟଗୁଣ' ।

ସମର୍ଥକୋଷ—ରାଜା ରାଧାକାନ୍ତ ଦେବଙ୍କଦ୍ୱାରା ପ୍ରକାଶିତ 'ସମର୍ଥକୋଷ' ଅଭିଧାନ ।

ସ୍କୁଲପାଠ୍ୟ ଇତିହାସ—ପ୍ରୋଥେରୋ ସାହେବଙ୍କ ସଙ୍କଳିତ ଇଂରାଜୀ ଭାରତ ଇତିହାସ ।

ପ୍ରାଚୀନ ଉତ୍କଳ—ଶ୍ରୀ ଜଗବନ୍ଧୁ ସିଂହଙ୍କ ସଙ୍କଳିତ ପ୍ରାଚୀନ ଉତ୍କଳ ।

ସାହିତ୍ୟ ଦର୍ପଣ—ବିଶ୍ୱନାଥ କବିରାଜଙ୍କ ସଙ୍କଳିତ ।

ଶବ୍ଦକଳ୍ପଦ୍ରୁମ—ବଙ୍ଗାକ୍ଷରରେ ମୁଦ୍ରିତ ରାଜା ରାଧାକାନ୍ତ ଦେବଙ୍କ ସଂସ୍କୃତ ଅଭିଧାନ ।

ଶଙ୍କର ଦିଗ୍‌ବିଜୟ—ଶ୍ରୀ ଶଙ୍କର ସଚ୍ଚିଦାନନ୍ଦ ସରସ୍ୱତୀ ସ୍ୱାମୀଙ୍କ ସଂସ୍କୃତ ମୂଳ ଗ୍ରନ୍ଥର ଓଡ଼ିଆ ପଦ୍ୟାନୁବାଦ ।

ଚଳନ୍ତିକା—ଶ୍ରୀଯୁକ୍ତ ରାଜଶେଖର ବସୁଙ୍କ କୃତ ବଙ୍ଗ ଭାଷାର ସଂକ୍ଷିପ୍ତ ଅଭିଧାନ ।

ବର୍ତ୍ତମାନ ସମାଜର ଇତିବୃତ୍ତ—ବାବୁ ଭଗବତଚନ୍ଦ୍ର ଦାସ ମେଦିନୀପୁରଙ୍କ ସଙ୍କଳିତ ବଙ୍ଗଳା ଗ୍ରନ୍ଥ ।

ବିରାଟ ନଗର ଓ ସୁବର୍ଣ୍ଣରେଖା—ସ୍ୱର୍ଗୀୟ ପଣ୍ଡିତ ରୁଦ୍ରନାରାୟଣ ଷଡ଼ଙ୍ଗୀ ବାଲେଶ୍ୱରଙ୍କ ରଚିତ ଗ୍ରନ୍ଥ ।

ସମାଜ ସଂସ୍କାର—ଶ୍ରୀ ପ୍ରାଣକୃଷ୍ଣ ଦାସ ଓକିଲ ବାଲେଶ୍ୱରଙ୍କ ସଙ୍କଳିତ ଗ୍ରନ୍ଥ ।

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ବ୍ୟବହୃତ ଶିଷ୍ଟ ପ୍ରୟୋଗମାନଙ୍କ ଗ୍ରନ୍ଥକାରମାନଙ୍କ ନାମ ଓ ସାଙ୍କେତିକ ଚିହ୍ନ ।

( ଦ୍ରଷ୍ଟବ୍ୟ—ଗ୍ରନ୍ଥମାନଙ୍କ ନାମ ଯଥାସ୍ଥାନରେ ଦିଆ ଯାଇଅଛି )

ଅଚ୍ୟୁତ, ଅଚ୍ୟୁତାନନ୍ଦ—କଟକ ଜିଲ୍ଲାର ନେମାଳ ଗାଦିର ମହନ୍ତ ସ୍ୱର୍ଗୀୟ ଅଚ୍ୟୁତାନନ୍ଦ ଦାସ ।

ଅଜୟଚନ୍ଦ୍ର—ସ୍ୱର୍ଗୀୟ ରାୟ ବାହାଦୁର ଅଜୟଚନ୍ଦ୍ର ଦାସ ।

ଅଭିମନ୍ୟୁ—ପ୍ରାଚୀନ କବି ଅଭିମନ୍ୟୁ ସାମନ୍ତସିଂହାର ।

ଅରୁଣୋଦୟ ପ୍ରେସଙ୍କ ସଙ୍କଳିତ ଓଡ଼ିଆ ପଞ୍ଜିକା

ଅଳଙ୍କାର ତରଙ୍ଗିଣୀ—ପଣ୍ଡିତ କୁଳମଣି ଦାଶଙ୍କ ସଙ୍କଳିତ ଅଳଙ୍କାର ଗ୍ରନ୍ଥ ।

ଆଶା—ଶ୍ରୀ ଶଶିଭୂଷଣ ରଥଙ୍କ ସମ୍ପାଦିତ ସାପ୍ତାହିକ ଓ ଦୈନିକ ପତ୍ରିକା ।

ଉତ୍କଳ-ସାହିତ୍ୟ—ସ୍ୱର୍ଗୀୟ ବିଶ୍ୱନାଥ କରଙ୍କ ପ୍ରତିଷ୍ଠିତ ମାସିକ ପତ୍ରିକା ।

ଓଡ଼ିଆ—ଶ୍ରୀ ଆନନ୍ଦ ଅଗୃର୍ଜଙ୍କ ସମ୍ପାଦିତ ସାପ୍ତାହିକ ପତ୍ରିକା ।

କବିସୂର୍ଯ୍ୟ—ପ୍ରାଚୀନ କବି କବିସୂର୍ଯ୍ୟ ବଳଦେବ ରଥ ।

କୁନ୍ତଳା; କୁନ୍ତଳାକୁମାରୀ—ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ ।

କୁଳମଣି—ପଣ୍ଡିତ କୁଳମଣି ଦାଶ କାବ୍ୟତୀର୍ଥ ।

କୃପାସିନ୍ଧୁ—ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର ।

କୃଷ୍ଣସିଂହ—ଧରାକୋଟର ପ୍ରାଚୀନ ରାଜା ।

ଗଙ୍ଗାଧର—ସ୍ୱର୍ଗୀୟ କବି ଗଙ୍ଗାଧର ମେହେର ।

ଗଡ଼ଜାତବାସିନୀ—ତାଳଚେରରୁ ପ୍ରକାଶିତ ସାପ୍ତାହିକ ପତ୍ରିକା ।

ଗୋପବନ୍ଧୁ—ସ୍ୱର୍ଗୀୟ ଗୋପବନ୍ଧୁ ଦାସଙ୍କ ରଚିତ ଧର୍ମପଦ କବିତା ।

ଗୋପାଳକୃଷ୍ଣ—ଗଞ୍ଜାମର ପ୍ରାଚୀନ କବି ।

ଗୋଲୋକ—ଅଧୁନା ପ୍ରକାଶିତ କାବ୍ୟ ଇନ୍ଦୁରେଖାର କବି ।

ଚିକିଟି—ରାଜାସାହେବ, ଚିକିଟି ।
ଚିନ୍ତାମଣି—ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ ।
ଚିନ୍ତାମଣି (କବି)—କବିବର ଚିନ୍ତାମଣି ମହାନ୍ତି ।
ଜଗନ୍ନାଥ— ଓଡ଼ିଆ ଭାଗବତକାର ଭକ୍ତକବି ଜଗନ୍ନାଥ ଦାସ ।
ଜଗବନ୍ଧୁ—ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ।
ତାରିଣୀ—ସ୍ୱର୍ଗୀୟ ତାରିଣୀଚରଣ ରଥ ।
ତୁଳସୀ-ବିକ୍ରମ—ଜୟପୁରର ମହାରାଜା ବିକ୍ରମଦେବଙ୍କ କୃତ ତୁଳସୀ ଦାସଙ୍କ ହିନ୍ଦୀ ରାମାୟଣ ଅଦିକାଣ୍ଡର ପଦ୍ୟାନୁବାଦ ।
ଦାଶରଥି—ପ୍ରାଚୀନ କବି ଦାଶରଥି ଦାସ ।
ଦୀନକୃଷ୍ଣ—ଭକ୍ତକବି ଦୀନକୃଷ୍ଣ ଦାସ ।
ଦୈନିକ ଆଶା—ବ୍ରହ୍ମପୁରରୁ ପ୍ରକାଶିତ ଦୈନିକ ପତ୍ରିକା ।
ନନ୍ଦକିଶୋର—ସ୍ୱର୍ଗୀୟ କବି ନନ୍ଦକିଶୋର ବଳ ।
ନବଭାରତ—ଶ୍ରୀଯୁକ୍ତ ନୀଳକଣ୍ଠ ଦାଶଙ୍କ ପ୍ରତିଷ୍ଠିତ ଓଡ଼ିଆ ମାସିକ ପତ୍ରିକା ।
ନବୀନ—ଶ୍ରୀ କୃପାସିନ୍ଧୁ ପଟ୍ଟଦେବଙ୍କ ସମ୍ପାଦିତ ସାପ୍ତାହିକ ପତ୍ରିକା ।
ନାରାୟଣ—କବି ନାରାୟଣ ଦାସ (ହରିବଂଶ) ।
ନୀଳକଣ୍ଠ—ନୀଳକଣ୍ଠ ଦାଶ ( ପିଲାଙ୍କ ରାମାୟଣ ଓ କୋଣାର୍କେ ) ।
ନୀଳମଣି—ସ୍ୱର୍ଗୀୟ ପଣ୍ଡିତ ନୀଳମଣି ମିଶ୍ର ।
ପଞ୍ଚାମୃତ—କଟକ ଟ୍ରେଡିଙ୍ଗ୍ କମ୍ପାନୀଙ୍କ ପ୍ରକାଶିତ ଶିଶୁ ପତ୍ରିକା ।
ପୀତାମ୍ବର—କବି ପୀତାମ୍ବର ଦାସ ( ନୃସିଂହ ପୁରାଣ ] ।
ପୀତାମ୍ବରୀ—ଶ୍ରୀମତୀ ପୀତାମ୍ବରୀ ଦେବୀ ।
ପ୍ରତାପ—ପ୍ରାଚୀ ସମିତି ପ୍ରକାଶିତ ଶଶିସେଣା ।
ପ୍ରାଚୀ—କଟକ ପ୍ରାଚୀସମିତି ପ୍ରକାଶିତ ଗ୍ରନ୍ଥମାଳା ।
ପ୍ୟାରୀମୋହନ—ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟ (ଇତିହାସ) ।
ଫକୀର; ଫକୀରମୋହନ—ସ୍ୱର୍ଗୀୟ ଫକୀରମୋହନ ସେନାପତି ।
ବଳରାମ—ପ୍ରାଚୀନ କବି ବଳରାମ ଦାସ ( ରାମାୟଣ ) ।
ବି. କେ. ପୁ—ବିଷ୍ଣୁ କେଶରୀ ପୁରାଣ ।
ବିକ୍ରମ ଦେବ—ସାହିତ୍ୟସମ୍ରାଟ୍ ମହାରାଜ ବିକ୍ରମଦେବ, ଜୟପୁର ।
ବାଇକୋଳି – ବାଇକୋଳି ମହାପାତ୍ର ଜ୍ୟୋତିଷ ବିଶାରଦ (ଜ୍ୟୋତିଃସାର ଗ୍ରନ୍ଥାବଳୀ) ।
ବିଜୟଚନ୍ଦ୍ର—ପ୍ରୋଫେସର୍ ଶ୍ରୀ ବିଜୟଚନ୍ଦ୍ର ମଜୁମଦାର ।
ବିନାୟକ—ପଣ୍ଡିତ ଶ୍ରୀ ବିନାୟକ ମିଶ୍ର ।
ବିଶ୍ୱନାଥ—ପ୍ରାଚୀନ କବି ବିଶ୍ୱନାଥ ଖୁଣ୍ଟିଆ (ବିଚିତ୍ରରାମାୟଣ) ।

ବିଶ୍ୱନାଥ ବାବା—ମହିମା ଧର୍ମ ପ୍ରତିପାଦକ ଅନେକ ଗ୍ରନ୍ଥର ରଚୟିତା, ମହିମା ଧର୍ମ ପ୍ରଚାରକ ଅବଧୂତ ବିଶ୍ୱନାଥ ବାବା ।
ବିଷ୍ଣୁ କେଶରୀ ପୁରାଣ—ପ୍ରାଚୀ ଗ୍ରନ୍ଥମାଳା ।
ବ୍ରଜନାଥ—ବ୍ରଜନାଥ ବଡ଼ଜେନାଙ୍କ ପ୍ରଣୀତ ସମରତରଙ୍ଗ ।
ଭକ୍ତଦାସ, ଭକ୍ତଚରଣ—ପ୍ରାଚୀନ କବି ଭକ୍ତଚରଣ ଦାସ ।
ଭଞ୍ଜ—କବି ଉପେନ୍ଦ୍ର ଭଞ୍ଜ ।
ଭୀମଭୋଇ—ନିରାକାରି ଭଜନାଦିର ରଚୟିତା ଅନ୍ଧକବି ଭୀମ ।
ଭୀମା—ଭୀମା ଧୀବର [କପଟପାଶା] ।
ଭିକାରୀଚରଣ—ରାୟ ବାହାଦୁର ଶ୍ରୀ ଭିକାରୀଚରଣ ପଟ୍ଟନାୟକ ।
ଭୂପତି—ପ୍ରାଚୀ ଗ୍ରନ୍ଥମାଳାର କବି ଭୂପତି ପ୍ରଣୀତ ପ୍ରେମପଞ୍ଚାମୃତ ।
ମଦନମୋହନ—ଶ୍ରୀଯୁକ୍ତ ମଦନମୋହନ ପଟ୍ଟନାୟକ (ତୀର୍ଥଦର୍ଶନ) ।
ମହାଦେବ—ପ୍ରାଚୀନ କବି ମହାଦେବ ଦାସ (ମାର୍କଣ୍ଡେୟ ପୁରାଣ) ।
ମଧୁସୂଦନ—ଭକ୍ତକବି ସ୍ୱର୍ଗୀୟ ମଧୁସୂଦନ ରାଓ ।
ଯଶୋବନ୍ତ—ପ୍ରାଚୀନ କବି ଯଶୋବନ୍ତ ସିଂହ । ( ପ୍ରେମଭକ୍ତି ବ୍ରହ୍ମଗୀତା )
ରାଜକିଶୋର—ଡାକ୍ତର ଶ୍ରୀ ରାଜକିଶୋର ନନ୍ଦ ।
ରାଧାନାଥ—କବିବର ସ୍ୱର୍ଗୀୟ ରାଧାନାଥ ରାୟ ।
ରାଧାମୋହନ—ଚିକିଟିର ରାଜା ରାଧାମୋହନ ରାଜେନ୍ଦ୍ର ଦେବ ।
ରାଧାଚରଣ—ଡାକ୍ତର ରାଧାଚରଣ ପଣ୍ଡା ।
ରାମଦାସ—ପ୍ରାଚୀନ କବି ରାମଦାସ ( ଦାର୍ଢ୍ୟତାଭକ୍ତି ) ।
ରାମଶଙ୍କର—ସ୍ୱର୍ଗୀୟ ରାୟବାହାଦୁର ରାମଶଙ୍କର ରାୟ ।
ଶଶିଭୂଷଣ—ଶ୍ରୀ ଶଶିଭୂଷଣ ରାୟ
ଶିଶୁଶଙ୍କର—ପ୍ରାଚୀନ କବି ଶିଶୁଶଙ୍କର (ଉଷା ଅଭିଳାଷ) ।
ସତ୍ୟସମାଚାର—କଟକରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ।
ସମାଜ—କଟକରୁ ପ୍ରକାଶିତ ଦୈନିକ ସମ୍ବାଦପତ୍ର ।
ସହକାର—ଶ୍ରୀ ବାଳକୃଷ୍ଣ କରଙ୍କ ସମ୍ପାଦିତ ମାସିକ ପତ୍ରିକା ।
ସାରଳା—ପ୍ରାଚୀନ କବି ସାରଳା ଦାସ (ମହାଭାରତ) ।
ସୁତଳ ଦେବ—ବାମଣ୍ଡାର ରାଜା ସ୍ୱର୍ଗୀୟ ରାଜା ସର୍ ବାସୁଦେବ ସୁତଳ ଦେବ ।
ସୋନପୁର—ସୋନପୁରର ସ୍ୱର୍ଗୀୟ ମହାରାଜା ସର୍ ବୀରମିତ୍ରୋଦୟ ସିଂହଦେବ ଧର୍ମନିଧି, ଜ୍ଞାନଗୁଣାକର, K. C. I. E.
ଷ୍ଟେଟ୍ସମ୍ୟାନ୍—କଲିକତାରେ ପ୍ରକାଶିତ ଦୈନିକ ଇଂରାଜି ପତ୍ରିକା ।
ହରେକୃଷ୍ଣ—କବିରାଜ ହରେକୃଷ୍ଣ ମିଶ୍ର ।
ହି. ଶ—କାଶୀନାଗରୀପ୍ରଚାରିଣୀ ସଭାସଙ୍କଳିତ ହିନ୍ଦି ଶବ୍ଦସାଗର ।

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ୬ଷ୍ଠ ଖଣ୍ଡରେ ଥିବା କେତେକ ଶବ୍ଦ ବିଷୟରେ ସନ୍ଦର୍ଭଲେଖକଗଣଙ୍କ ନାମ ।

ଶ୍ରୀ ଅପୂର୍ବକୃଷ୍ଣ ସରକାର. ବି. ଏ.—କଟକ
ଶ୍ରୀ କୁମାର ବିଦ୍ୟାଧର ସିଂହ ଦେଓ, ବି.ଏଲ୍—ଜୟପୁର
ଶ୍ରୀ କେଦାରନାଥ ମହାପାତ୍ର ବି.ଏ., ଡି. ଏଡ୍—ଭୁବନେଶ୍ୱର
ଶ୍ରୀ କୈଳାସଚନ୍ଦ୍ର ରାଓ, ଡାକ୍ତର—କଟକ
ଶ୍ରୀ ଚନ୍ଦ୍ରଶେଖର ଦାସ—ଯାଜପୁର
ଶ୍ରୀ ଜଗବନ୍ଧୁ ସିଂହ ଓକିଲ—ପୁରୀ
ଶ୍ରୀ ନରସିଂହ ଶତ୍ପଥି ବି. ଇ. ଅସିଷ୍ଟାଣ୍ଟ ଇଞ୍ଜିନିଅର୍
ଶ୍ରୀ ନାରାୟଣ ପ୍ରସାଦ ପାଠିଆ ବି. ଏ.—କଟକ

ସ୍ୱର୍ଗୀୟ ପଣ୍ଡିତ ଶ୍ରୀ ନୀଳମଣି ମିଶ୍ର—ଯାଜପୁର
ଶ୍ରୀ ବାଇକୋଳି ମହାପାତ୍ର ଜ୍ୟୋତିଷ ବିଶାରଦ—ଖଲ୍ଲିକୋଟ
ଶ୍ରୀ ବିପିନ ବିହାରୀ ରାୟ, ପ୍ରୋଫେସର—କଟକ
ଶ୍ରୀ ବିଶ୍ୱନାଥ ରଥ କାବ୍ୟତୀର୍ଥ ରିସର୍ଚ୍ଚ ପଣ୍ଡିତ—ପୁରୀ
ଶ୍ରୀ ମନମୋହନ ଘୋଷ ଓକିଲ—କଟକ
ଶ୍ରୀ ରାଧାଚରଣ ପଣ୍ଡା, ଡାକ୍ତର—କଟକ ଓ ପୁରୀ
ଶ୍ରୀ ସାହିତ୍ୟ ସମ୍ରାଟ୍ ମହାରାଜ ବିକ୍ରମଦେବବର୍ମା-ଡି-ଲିଟ୍—ଜୟପୁର
ଶ୍ରୀ ସୁନ୍ଦରାନନ୍ଦ ବିଦ୍ୟାବିନୋଦ ମହାମହୋପଦେଶକ ବି. ଏ. ସଚ୍ଚିଦାନନ୍ଦମଠ—କଟକ



**Maharaja Sri Brajamohan Dev, O. B. E.**
**Ruler, Kalahandi State.**
କଳାହାଣ୍ଡି ଅଧୀଶ୍ୱର ମହାରାଜ ଶ୍ରୀ ବ୍ରଜମୋହନ ଦେବ ।
(ସାହାଯ୍ୟଦାତା)



**Raja Sri Balabhadranarayan Bhanj Dev,**
**Ruler, Keonjhar State.**
କେନ୍ଦୁଝରାଧୀଶ୍ୱର ରାଜା ଶ୍ରୀ ବଳଭଦ୍ରନାରାୟଣ ଭଞ୍ଜ ଦେବ ।
(ସାହାଯ୍ୟଦାତା)

## ଓଡ଼ିଆ ଶବ୍ଦମାନଙ୍କ ଉଚ୍ଚାରଣକୁ ଇଂରାଜୀ ଅକ୍ଷରରେ ଅକ୍ଷରାନ୍ତରୀକରଣରେ ବ୍ୟବହୃତ ବର୍ଣ୍ଣମାନଙ୍କର ପରିଚୟ ।

## LETTERS & SOUNDS USED IN THE ENGLISH TRANSLITERATION OF THE ORIYA WORDS IN THIS WORK.

| ଓଡ଼ିଆ ଅକ୍ଷର | Capital | Small | ଓଡ଼ିଆ ଅକ୍ଷର | Capital | Small |
|---|---|---|---|---|---|
| ଅ | A | a | ଟ | Ṭ | ṭ |
| ଆ | Ā | ā | ଠ | Ṭh | ṭh |
| ଇ | I | i | ଡ | Ḍ | ḍ |
| ଈ | Ī | ī | ଡ଼ | — | ṛd |
| ଉ | U | u | ଢ | Ḍh | ḍh |
| ଊ | Ū | ū | ଢ଼ | — | ṛḍh |
| ଋ | Ṛu | ṛu | ଣ | Ṇ | ṇ |
| ୠ | Ṛū | ṛū | ତ | T | t |
| ଌ | Ḷu | ḷu | ଥ | Th | th |
| ଏ | E | e | ଦ | D | d |
| ଐ | Ai | ai | ଧ | Dh | dh |
| ଓ | O | o | ନ | N | n |
| ଔ | Au | au | ପ | P | p |
| ଂ (ଅନୁସ୍ୱାର) | — | ṁ | ଫ | Ph | ph |
| ଃ (ବିସର୍ଗ) | — | ḥ | ବ | B | b |
| ଁ (ଚନ୍ଦ୍ରବିନ୍ଦୁ) | — | ñ | ଭ | Bh | bh |
| କ | K | k | ମ | M | m |
| ଖ | Kh | kh | ଯ | J̄ | j̄ |
| କ୍ଷ | Ksh | ksh | ୟ | Y | y |
| ଗ | G | g | ର | R | r |
| ଘ | Gh | gh | ଳ | Ḻ | ḻ |
| ଙ | Ṅ | ṅ | ଲ | L | l |
| ଚ | Ch | ch | ଅନ୍ତଃସ୍ଥ ବ ବା ୱ | W | w |
| ଛ | Chh | chh | ଶ | Ś | ś |
| ଜ | J | j | ଷ | Sh | sh |
| ଝ | Jh | jh | ସ | S | s |
| ଞ | N̄ | n̄ | ହ | H | h |

---

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ବ୍ୟବହୃତ ସାଙ୍କେତିକ ଅକ୍ଷର ଓ ଚିହ୍ନମାନଙ୍କ ପରିଚୟ ।

ଅ=ଅବ୍ୟୟ ପଦ ।

ଅଦାଲତ=ଅଦାଲତଅଦରେ ବ୍ୟବହୃତ ଶବ୍ଦ ।

+ଅଧିକରଣ=ଅଧିକରଣ ବାଚ୍ୟରେ ପ୍ରତ୍ୟୟ ।

ଅନ୍ୟରୂପ=ଉପର୍ଯ୍ୟୁକ୍ତ ଶବ୍ଦର ଭିନ୍ନରୂପ ।

+ଅପାଦାନ=ଅପାଦାନ ବାଚ୍ୟରେ ପ୍ରତ୍ୟୟ ।

ଅଶୁଦ୍ଧ=କଥାବାର୍ତ୍ତାରେ ବା ଲେଖାରେ ବ୍ୟବହୃତ ଅଶୁଦ୍ଧ ଶବ୍ଦ ବା ଉଚ୍ଚାରଣ ।

ଆ=ଆରବୀ ଭାଷା ।

ଆଇନ୍=ଆଇନ୍ ବା ସ୍ମୃତିଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।

ଇଂ=ଇଂରାଜୀ ଭାଷା ।

ଇତର=ଇତରଜନ ବ୍ୟବହୃତ ଶବ୍ଦ ବା ଭାଷା ।

ଇଟା=ଇଟାଲୀୟ ଭାଷା ।

ଇତ୍ୟାଦି=ପୂର୍ବବର୍ତ୍ତୀ ଶବ୍ଦ ଓ ସେହି ଶବ୍ଦ ସଙ୍ଗେ ବ୍ୟବହୃତ ବା ସେହିଜାତୀୟ ଅନ୍ୟ ଶବ୍ଦମାନ ।

ଉ, ଉର୍ଦ୍ଦୁ=ଉର୍ଦ୍ଦୁ ଭାଷା ।

ଏକାର୍ଥକ ସହଚର=ସ୍ୱୀୟ ଶବ୍ଦ ସଙ୍ଗେ ଏକାର୍ଥରେ ବା ସମାନାର୍ଥରେ ବ୍ୟବହୃତ ଶବ୍ଦ ବା ଶବ୍ଦାଂଶ ।

ଓ=ଓଡ଼ିଆ ଭାଷା ।

କଚିରିଆ=କଚେରି ଓ ଜମିଦାରୀ ଓ ମହାଜନୀ ସେରସ୍ତା ଆଦିରେ ଓ ଅଶିକ୍ଷିତ ଦଲାଲ ଲେଖାଳିଙ୍କ ଦ୍ୱାରା ବ୍ୟବହୃତ ଶବ୍ଦ ବା ଭାଷା ।

କନ୍ଧ, କୁଇ=କନ୍ଧମାନଙ୍କ ବ୍ୟବହୃତ ଭାଷା ।

+କରଣ=କରଣ ବାଚ୍ୟରେ ପ୍ରତ୍ୟୟ ।

+କର୍ତ୍ତୃ=କର୍ତ୍ତୃ ବାଚ୍ୟରେ ପ୍ରତ୍ୟୟ ।

+କର୍ମ=କର୍ମ ବାଚ୍ୟରେ ପ୍ରତ୍ୟୟ ।

କର୍ମଧା=କର୍ମଧାରୟ ସମାସ ।

କୋଲ୍ହ=କୋଲ୍ହ ଭାଷା ।

କ୍ରି=କ୍ରିୟାପଦ ।

କ୍ରିଂ ବିଣ=କ୍ରିୟା ବିଶେଷଣ ।

ଖ୍ରୀ=ଖ୍ରୀଷ୍ଟାବ୍ଦ ।

ଖ୍ରୀ· ପୂ=ଖ୍ରୀଷ୍ଟ ଜନ୍ମର ପୂର୍ବାବ୍ଦ ।

ଗଣିତ=ଗଣିତଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ଗାଳି=ଇତରଜନଙ୍କ ମଧ୍ୟରେ ଗାଳିରେ ବ୍ୟବହୃତ ଶବ୍ଦ ବା ବାକ୍ୟ ।
ଗୁ=ଗୁଜରାଟୀ ଭାଷା ।
ଗ୍ରା, ଗ୍ରାମ୍ୟ=ଗ୍ରାମ୍ୟ ବ୍ୟବହାର; ମାର୍ଜିତ ସାହିତ୍ୟରେ ପରିହାର୍ଯ୍ୟ ଶବ୍ଦ ।
ଗ୍ରୀ, ଗ୍ରୀକ୍=ଗ୍ରୀକ୍ ଭାଷା ।
ଜର୍ମାନ=ଜର୍ମାନ୍ ଭାଷା ।
ଜ୍ୟୋତିଷ=ଜ୍ୟୋତିଃଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ତତ୍=ତତ୍ପୁରୁଷ ସମାସ ।
ତା=ତାମିଲ ଭାଷା ।
ତୁର୍କୀ=ତୁରସ୍କଦେଶୀୟ ଭାଷା ।
ତୁଳ=ଆଲୋଚିତ ବିଷୟକୁ ବା ଶବ୍ଦକୁ ପରବର୍ତ୍ତୀ ବିଷୟ ବା ଶବ୍ଦ ସଙ୍ଗେ ତୁଳନା କର ।
ତେ=ତେଲଗୁ ଭାଷା ।
ଦର୍ଶନ=ଦର୍ଶନ ଶାସ୍ତ୍ରରେ ବ୍ୟବହୃତ ଶବ୍ଦ ।
ଦେ=ଦେଶଜ ଶବ୍ଦ ।
ଦେଖ=ଏ ଭାଷାକୋଷର ଶବ୍ଦକ୍ରମରେ ପୂର୍ବବର୍ତ୍ତୀ ଶବ୍ଦକୁ ଯଥାସ୍ଥାନରେ ଖୋଜ ।
ଦ୍ର=ଦ୍ରଷ୍ଟବ୍ୟ ।
ଦ୍ରା=ଦ୍ରାବିଡ଼ ଭାଷା ।
ଧା, ଧାତୁ=ସଂସ୍କୃତ ଧାତୁ ।
ଧ୍ୱନ୍ୟନୁକରଣ=ଧ୍ୱନିଅନୁକରଣରେ କଥିତ ବା ଉଚ୍ଚାରିତ ବା ଅର୍ଥସୂଚନାକାରୀ ଶବ୍ଦ ।
ଧ୍ୱନ୍ୟନୁକାରୀ ସହଚର=ପୂର୍ବ ଶବ୍ଦର ଧ୍ୱନି ବିଶିଷ୍ଟ ସହଚର ଶବ୍ଦ ବା ଶବ୍ଦାଂଶ ।
ନଞ୍ ତତ୍=ନଞ୍ ତତ୍ପୁରୁଷ ସମାସ ।
ନପୁଂ=ନପୁଂସକ ଲିଙ୍ଗ ।
ନାଟକ, ନାଟକୀୟ=ନାଟକରେ ବ୍ୟବହୃତ ଭାଷା ବା ଶବ୍ଦ ।
ନାମ=ସ୍ଥାନବିଶେଷର ବା ବ୍ୟକ୍ତିବିଶେଷଙ୍କ ନାମ ।
ନିରର୍ଥକ ସହଚର=ପୂର୍ବ ଶବ୍ଦ ସଙ୍ଗେ ବ୍ୟବହୃତ ଅର୍ଥହୀନ ସହଚର ଶବ୍ଦ ।
ନୋଟ୍=ଆଲୋଚିତ ଶବ୍ଦ ବିଷୟରେ ଟୀକା ।
ନ୍ୟାୟ=୧. ନ୍ୟାୟଶାସ୍ତ୍ର; ୨. ଦେଶପ୍ରଚଳିତ ନ୍ୟାୟ ବା ଉଲ୍ଲେଖ ଦିଆଯିବା ପ୍ରାମାଣିକ ଉକ୍ତି ।
ପଦ୍ୟ=କେବଳ ପଦ୍ୟରେ ବ୍ୟବହୃତ ଆକାର ।
ପର୍ତ୍ତୁ (ଟ୍)=ପର୍ତ୍ତୁ (ଟୁ) ଗୀଜ୍ ଭାଷା ।
ପା=ପାଲୀ ଭାଷା ।
ପୁଂ=ପୁଲିଙ୍ଗ ।
ପ୍ରା=ପ୍ରାକୃତ ଭାଷା ।
ପ୍ରାଚୀନ=ପ୍ରାଚୀନ ଗ୍ରନ୍ଥମାନଙ୍କରେ ବ୍ୟବହୃତ ଶବ୍ଦ ।
ଫା=ଫାରସୀ ବା ପାରସ୍ୟ ଦେଶ ପ୍ରଚଳିତ ଭାଷା ।
ବ=ବଚନ ( ୧ବ=ଏକବଚନ, ୨ବ=ଦୁଇବଚନ; ବହୁ ବ=ବହୁବଚନ । )
ବଂ=ବଙ୍ଗଳା ଭାଷା
ବି=ବିଶେଷ୍ୟ ପଦ ।
ବିଜ୍ଞାନ ପରିଭାଷା=ବିଜ୍ଞାନରେ ବ୍ୟବହୃତ ପାରିଭାଷିକ ଶବ୍ଦ ।
ବିଣ=ବିଶେଷଣ ପଦ ।
ବିଣର ବିଣ=ବିଶେଷଣର ବିଶେଷଣ ।
ବିପରୀତ=ପୂର୍ବୋକ୍ତ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ।
ବୈଦେ=ବୈଦେଶିକ ଭାଷା (ଯଥା—ଇଂରାଜୀ, ଆରବୀ, ଫାରସୀ, ଫ୍ରେଞ୍ଚ୍, ଜର୍ମାନ୍)ରୁ ଆଗତ ବା ଗୃହୀତ ଶବ୍ଦ ।
ବୈଦ୍ୟକ=ବୈଦ୍ୟକ ଗ୍ରନ୍ଥ ବା ଆୟୁର୍ବେଦରେ ବ୍ୟବହୃତ ଶବ୍ଦ ।
ଭିତରି, ଭିନ୍ନୀ, ଭିତରୁ=ବସ୍ତର ରାଜ୍ୟର ଉତ୍ତରପୂର୍ବ କୋଣରେ କୋଡ଼ିଏ ହଜାର ଲୋକଙ୍କ କଥିତ ଭାଷା ।
+ଭାବ=୧୦ ଭାବାର୍ଥ ପ୍ରତ୍ୟୟ ।
୨. ଭାବ ବାଚ୍ୟରେ ପ୍ରତ୍ୟୟ ।
ଭିନ୍ନାର୍ଥକ ବା ବିପରୀତାର୍ଥ ସହଚର=ପୂର୍ବ ଶବ୍ଦ ସଙ୍ଗେ ପୃଥକ୍ ବା ବିପରୀତ ଅର୍ଥରେ ବ୍ୟବହୃତ ଶବ୍ଦ ବା ଶବ୍ଦାଂଶ ।
ମ=ମରହଟ୍ଟୀ ଭାଷା ।
ମ. ପ. ଲୋ=ମଧ୍ୟପଦଲୋପୀ କର୍ମଧାରୟ ।
ଯଥା=ପୂର୍ବୋକ୍ତ ଶବ୍ଦର, ଅର୍ଥର ବା ପ୍ରୟୋଗର ଉଦାହରଣ ।
ଲକ୍ଷଣାର୍ଥ=ଉକ୍ତ ଶବ୍ଦର ଆରୋପିତ ଅର୍ଥ ।
ଲରିଆ=ସମ୍ବଲପୁର ଓ ଛତିଶଗଡ଼ ଅଞ୍ଚଳରେ ବ୍ୟବହୃତ ଉପଭାଷା ।
ଶିଶୁବଚନ, ଶିଶୁଗୀତ, ଶିଶୁରଞ୍ଜନ=ଶିଶୁମାନଙ୍କ ମନୋରଞ୍ଜନାର୍ଥ କୋଳିଯିବା ବା ଶିଶୁମାନଙ୍କ ଉଚ୍ଚାରିତ ବଚନ ବା ପଦ ।
ସଂ=ସଂସ୍କୃତ ଭାଷା ।
ସଙ୍ଗୀତ, ପ୍ରାଚୀନ ସଙ୍ଗୀତ—ପ୍ରାଚୀନ ଓଡ଼ିଆ ସଙ୍ଗୀତ ।
+ସଂଜ୍ଞାର୍ଥ=ସଂଜ୍ଞାର୍ଥ ପ୍ରତ୍ୟୟ ।
+ସମ୍ବନ୍ଧ=ସମ୍ବନ୍ଧାର୍ଥ ପ୍ରତ୍ୟୟ ।
ସର୍ବ=ସର୍ବନାମ ପଦ ।
ସହଚର=ମୂଳ ଶବ୍ଦର ସହଚର ଶବ୍ଦରୂପେ ତାହିଁ ସଙ୍ଗେ ବା ପରେ ବ୍ୟବହୃତ ଶବ୍ଦ ।
ସାନ୍ତାଳ=ସାନ୍ତାଳମାନଙ୍କ କଥିତ ଭାଷା ।
ସ୍ତ୍ରୀ=ସ୍ତ୍ରୀଲିଙ୍ଗ ।
+ସ୍ୱାର୍ଥେ=ଶବ୍ଦର ମୌଳିକ ଅର୍ଥରେ ଯୁକ୍ତ ପ୍ରତ୍ୟୟ ।
ହି=ହିନ୍ଦୀ ବା ହିନ୍ଦୁସ୍ଥାନୀ ଭାଷା ।
ହେବ୍ରୁ=ହେବ୍ରୁ ଭାଷା ।
୧ବ=ଏକବଚନ
୧ମ=ପ୍ରଥମ
୧ମା=ପ୍ରଥମା ବିଭକ୍ତି
୨ବ=ଦ୍ୱିବଚନ ।
୨ୟ=ଦ୍ୱିତୀୟ
୨ୟା=ଦ୍ୱିତୀୟା ବିଭକ୍ତି ।
୩ୟ=ତୃତୀୟ
୩ୟା=ତୃତୀୟା ବିଭକ୍ତି ।
୪ର୍ଥ=ଚତୁର୍ଥ
୪ର୍ଥୀ=ଚତୁର୍ଥୀ ବିଭକ୍ତି ।
୫ମୀ=ପଞ୍ଚମୀ ବିଭକ୍ତି ।
୬ଷ୍ଠୀ=ଷଷ୍ଠୀ ବିଭକ୍ତି ।
୭ମୀ=ସପ୍ତମୀ ବିଭକ୍ତି ।
ବହୁବ=ବହୁବଚନ ।
+(ଯୁକ୍ତ)=ପରସ୍ପର ଯୁକ୍ତ ଶବ୍ଦ ବା ଧାତୁ-ପ୍ରତ୍ୟୟର ଯୁକ୍ତ ହେବା ଚିହ୍ନ ।
=(ସମାନ)=ଧାତୁ ପ୍ରତ୍ୟୟ ବା ଦୁଇ ପଦ ମିଶି ନିଷ୍ପନ୍ନ ଶବ୍ଦ ।
—ଡାସ୍=ଦୁଇଟି ଶବ୍ଦ ମଧ୍ୟରେ ବା ଶବ୍ଦ ଓ ଅର୍ଥ ମଧ୍ୟରେ ବା ଦୁଇ ଭାବ ମଧ୍ୟରେ ସମ୍ବନ୍ଧଜ୍ଞାପକ ଚିହ୍ନ । Etc—The words following. Law=Legal term.



The Late Maharaja Sir Biramitrodaya Singh Deb
Dharmanidhi Gyanagunakara K. C. I. E., M. R. A. S., Sonepur.
ସୋନପୁର ରାଜ୍ୟର ସ୍ୱର୍ଗୀୟ ମହାରାଜ ସର୍ ବୀରମିତ୍ରୋଦୟ ସିଂହ ଦେବ,
ଧର୍ମନିଧି, ଜ୍ଞାନଗୁଣାକର, କେ.ସି.ଆଇ.ଇ., ଏମ୍.ଆର୍.ଏ. ଏସ୍ (ଦାନବୀର)



Sree Kherodra Singh Majhi Mandhata, Zamindar, Atgaon, Patna State

ପାଟଣା ଷ୍ଟେଟର ଅଟଗାଁର ଜମିଦାର ଶ୍ରୀ କ୍ଷିରୋଦ୍ର ସିଂହ ମାଝୀ ମାନ୍ଧାତା ।

(ସାହାଯ୍ୟକାରୀ)



Sree Sadanand Singh Bhoi, Zamindar of Bangmunda, Patna State

ପାଟଣା ଷ୍ଟେଟର ବଙ୍ଗମୁଣ୍ଡାର ଜମିଦାର ଶ୍ରୀ ସଦାନନ୍ଦ ସିଂହ ଭୋଇ

(ସାହାଯ୍ୟକାରୀ)

## Wellwishers in heaven.

## ସ୍ୱର୍ଗତ ହିତକାମୀ ।



The late Madhusudan Das, C. I. E.

ସ୍ୱର୍ଗୀୟ ମଧୁସୂଦନ ଦାସ, ସି. ଆଇ. ଇ.



The late Sree Bhakti Siddhanta Saraswati Maharaj of Goudiyamath, Calcutta.

କଲିକତା ଗୌଡ଼ୀୟମଠର ଅଧ୍ୟକ୍ଷ
ସ୍ୱର୍ଗୀୟ ଶ୍ରୀ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ମହାରାଜ ।



Swami Sree Shankar Sachchidananda Saraswati,
Head of the Sankarananda math, Puri.

ପୁରୀ ଭୋଗବର୍ଦ୍ଧନ (ଶଙ୍କରାନନ୍ଦ) ମଠାଧ୍ୟକ୍ଷ
ସ୍ୱାମୀ ଶ୍ରୀ ଶଙ୍କର ସଚ୍ଚିଦାନନ୍ଦ ସରସ୍ୱତୀ ।
(ସଭାର ଦୂତକାମୀ)



Sree Biswanath Baba
Missionary of the Satya Mahima faith.

ସତ୍ୟମହିମାଧର୍ମପ୍ରଚାରକ ବ୍ରହ୍ମଅବଧୂତ ସନ୍ନ୍ୟାସୀ ଶ୍ରୀ ବିଶ୍ୱନାଥ ବାବା ।
(ଦୂତକାମୀ ଓ ସନ୍ଦର୍ଭଲେଖକ)



The late Visvanath Kar.
ସ୍ୱର୍ଗତ ବିଶ୍ୱନାଥ କର
( ଏ ଗ୍ରନ୍ଥର ପ୍ରଥମ ପ୍ରକାଶକ ଓ ସହାୟକର ସାହାଯ୍ୟରୁ । )



The late Rai Bahadur
Ajay Chandra Das, B. A.
ସ୍ୱର୍ଗୀୟ ରାୟ ବାହାଦୁର ଶ୍ରୀ ଅଜୟଚନ୍ଦ୍ର ଦାସ, ବି. ଏ.
(ଗ୍ରନ୍ଥସଂଗ୍ରାହକ)

Constant wellwishers of the work.



Prachyabidyamaharnnaba Rai Sahib Nagendra Nath Vasu,
Editor, The Bengalee & Hindi Viswakoshas.
ବଙ୍ଗଳା ଓ ହିନ୍ଦ ବିଶ୍ୱକୋଷଦ୍ୱୟର ସମ୍ପାଦକ
ପ୍ରାଚ୍ୟବିଦ୍ୟାମହାର୍ଣ୍ଣବ ରାୟ୍ ସାହେବ ଶ୍ରୀ ନଗେନ୍ଦ୍ର ନାଥ ବସୁ, କଲିକତା (ହିତକାମୀ)



Rai Bahadur Laksmidhar Mahanti, B. L.,
Advocate, Cuttack.
ରାୟ୍‌ବାହାଦୁର୍ ଲକ୍ଷ୍ମୀଧର ମହାନ୍ତି, ବି. ଏଲ୍.
ଆଡ୍‌ଭୋକେଟ୍, କଟକ (ହିତକାମୀ)



G. E. Fawcus Esq., M.A., C.I.E., I.E.S.
Director of Public Instruction, B&O
ବିହାର୍-ଓଡ଼ିଶା ଶିକ୍ଷାବିଭାଗର ଡାଇରେକ୍ଟର
ଶ୍ରୀଯୁକ୍ତ ଜି. ଇ. ଫକସ୍ ।
(ସତତ ହିତକାମୀ)



Sreeman Chintamoni Acharya, M.A.,B.L.
Advocate, Govt. Pleader, Cuttack.
ଶ୍ରୀମାନ୍ ଚିନ୍ତାମଣି ଆଚାର୍ଯ୍ୟ ଏମ୍. ଏ, ବି. ଏଲ୍.
ଗଭର୍ଣ୍ଣମେଣ୍ଟ ପ୍ଲିଡର୍, କଟକ ।
(ହିତକାମୀ)



The Compiler, G. C. Praharaj
ଏ ଗ୍ରନ୍ଥର ସଙ୍ଗ୍ରାହକ, ଗୋପାଳଚନ୍ଦ୍ର ପ୍ରହରାଜ



Srimati Pitambari Debi (Associate)
ଶ୍ରୀମତୀ ପୀତାମ୍ବରୀ ଦେବୀ (ସହକର୍ମିଣୀ)



Pandit Kulamoni Das, Kavyatirtha.
ପଣ୍ଡିତ କୁଳମଣି ଦାଶ, କାବ୍ୟତୀର୍ଥ



Babu Mahananda Kar,
Publisher of this volume,
Editor, the Utkal Sahitya.
ଏ ଖଣ୍ଡର ପ୍ରକାଶକ, ଶ୍ରୀ ମହାନନ୍ଦ କର,
ଉତ୍କଳ ସାହିତ୍ୟ ପତ୍ରିକାର ସମ୍ପାଦକ



ଶ୍ରୀମାନ୍ ବିଚ୍ଛନ୍ଦଚରଣ ପଟ୍ଟନାୟକ, ବି. ଏ.
Sriman Bichhanda Charan Patnaik, B.A. (Hons).

# Co-workers
# ସହକର୍ମୀଗଣ



Sreejukta S. N. Ray, M. A., B. L.
Zamindar & Advocate, Lakhannath, Balasore
ଶ୍ରୀଯୁକ୍ତ ସଶୀନ୍ଦ୍ରନାରାୟଣ ରାୟ୍ ଏମ୍. ଏ., ବି. ଏଲ୍.,
ଜମିଦାର, ଅଡ୍ଭୋକେଟ୍, ଲକ୍ଷଣନାଥ,
ବାଲେଶ୍ୱର ।



Pandit Sures Chandra Jha
Vyakaran Sastri
Teacher, Fawcus Vaisya Vidyalaya, Cuttack
ପଣ୍ଡିତ ସୁରେଶ ଚନ୍ଦ୍ର ଝା, ହିନ୍ଦୀବିଶାରଦ,
ବ୍ୟାକରଣଶାସ୍ତ୍ରୀ, କାବ୍ୟ-ଧର୍ମଶାସ୍ତ୍ରତୀର୍ଥ
ଶିକ୍ଷକ, ଫକସ୍ ବୈଶ୍ୟ ବିଦ୍ୟାଳୟ, କଟକ ।



Babu Krishna Chandra Misra, M. A., B. L.
ବାବୁ କୃଷ୍ଣଚନ୍ଦ୍ର ମିଶ୍ର, ଏମ୍. ଏ., ବି. ଏଲ୍.



Pandit Narasinha Mahapatra Samant.
ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର ସାମନ୍ତ ।



Sriman Bhubaneswar Misra.
ଶ୍ରୀମାନ୍ ଭୁବନେଶ୍ୱର ମିଶ୍ର ।

# Workers.

## କର୍ମୀଗଣ



Sriman Kulamani Kar
Manager, Utkal Sahitya Press, Cuttack.
ଉତ୍କଳ ସାହିତ୍ୟ ପ୍ରେସର ମାନେଜର
ଶ୍ରୀମାନ୍ କୁଳମଣି କର (ସହକର୍ମୀ)



Pandit Baikoli Mahapatra
Jyotisha Visarada, Khallikote
ଜ୍ୟୋତିଷବିଶାରଦ
ପଣ୍ଡିତ ଶ୍ରୀ ବାଇକୋଳି ମହାପାତ୍ର, ଖଲ୍ଲିକୋଟ
(ହସ୍ତଲେଖକ)



Sriman Krushna Chandra Kar
ଶ୍ରୀମାନ୍ କୃଷ୍ଣଚନ୍ଦ୍ର କର (କର୍ମୀ)



Pandit Bhagaban Pati
ପଣ୍ଡିତ ଭଗବାନ ପତି (କର୍ମୀ)



Sriman Nrusingha Charan Samıntasinghara
ଶ୍ରୀମାନ୍ ନୃସିଂହ ଚରଣ ସାମନ୍ତସିଂହାର (କର୍ମୀ)



Rai Bahadur R. C. Das, B. A.
Deputy Commissioner, Sambalpur.
ରାୟବାହାଦୁର ଶ୍ରୀଯୁକ୍ତ ରାଧାଚରଣ ଦାସ, ବି. ଏ.
ସମ୍ବଲପୁରର ଡେପୁଟି କମିଶନର୍.
(ହିତକାମୀ ଓ ସାହାଯ୍ୟକାରୀ)



D. P. Sinha Sharma Esq. I. C. S.
Sometime District Magistrate & Collector, Puri
ପୁରୀ ଜିଲ୍ଲାର ପୂର୍ବତନ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର
ଶ୍ରୀଯୁକ୍ତ ଦ୍ୱାରିକାପ୍ରସାଦ ସିଂହଶର୍ମା, ଆଇ. ସି. ଏସ୍. (ହିତକାମୀ)



Babu Amarballav De, M. A., B. L.
State Judge, Bamra State.
ଶ୍ରୀଯୁକ୍ତ ଅମରବଲ୍ଲଭ ଦେ, ଏମ୍. ଏ., ବି. ଏଲ୍.
ଷ୍ଟେଟ୍ ଜଜ୍, ବାମଣ୍ଡା ଷ୍ଟେଟ୍
(ଗ୍ରାହକସଂଗ୍ରାହକ, ସ୍ୱେଚ୍ଛାକର୍ମୀ)



Babu Bamdeb Misra, B. A.,
Dewan, Athmallik State.
ଅଠମଲ୍ଲିକ ଷ୍ଟେଟ୍‌ର ଦେୱାନ
ବାବୁ ବାମଦେବ ମିଶ୍ର, ବି, ଏ
(ଗ୍ରାହକସଂଗ୍ରାହକ, ସ୍ୱେଚ୍ଛାକର୍ମୀ)



Babu Batakrushna Mahanti, B. A.
ବାବୁ ବଟକୃଷ୍ଣ ମହାନ୍ତି ବି. ଏ.
(ଗ୍ରାହକସଂଗ୍ରାହକ, ସ୍ୱେଚ୍ଛାକର୍ମୀ)



Sj. Sashibhushan Rai
Author and writer, Cuttack.
ଶ୍ରୀଯୁକ୍ତ ଶଶିଭୂଷଣ ରାୟ,
ଲେଖକ ଓ ଗ୍ରନ୍ଥକାର, କଟକ ।



Babu Durga Charan Rai
Sadar S. D. O. & Asst. Sessions Judge,
Patna State.
ପାଟଣା ଷ୍ଟେଟ୍‌ର ସଦର ସବ୍‌ଡିଭିଜନାଲ୍ ଅଫିସର ଓ
ସହକାରୀ ସେସନସ୍ ଜଜ୍
ବାବୁ ଦୁର୍ଗାଚରଣ ରାୟ (ସ୍ୱେଚ୍ଛାସେବକ)



Pandit Binayaka Das, U. B. P.
Personal Clerk to the
Ruling Chief of Bonai State.
ବଣାଇ ଷ୍ଟେଟର ରାଜା ସାହେବଙ୍କ ପର୍ସନାଲ୍ କ୍ଲର୍କ
ଶ୍ରୀମାନ୍ ପଣ୍ଡିତ ବିନାୟକ ଦାସ
ଉଭୟଭାଷା ପ୍ରବୀଣ, (ଶବ୍ଦସଂଗ୍ରାହକ ଓ ସ୍ୱେଚ୍ଛାକର୍ମୀ)



Dr. Radhacharan Panda, L. M. P.
ଡାକ୍ତର ଶ୍ରୀମାନ୍ ରାଧାଚରଣ ପଣ୍ଡା, ଏଲ୍. ଏମ୍. ପି
(ଶବ୍ଦ ସଂଗ୍ରାହକ)

# ପୂର୍ଣ୍ଣଚନ୍ଦ୍ର

# ଓଡ଼ିଆ ଭାଷାକୋଷ

( ସମ୍ପୂର୍ଣ୍ଣ )

ସପ୍ତମ (ଭାନୁଗଙ୍ଗା) ଖଣ୍ଡ (ବ୍ୟଞ୍ଜନ ବର୍ଣ୍ଣ ସ—ହ)

ସଂଗ୍ରାହକ—ରାୟ ବାହାଦୁର୍ ଗୋପାଳଚନ୍ଦ୍ର ପ୍ରହରାଜ, ବି. ଏଲ୍.,
ସାହିତ୍ୟଭୂଷଣ, (କୈସର୍-ଇ-ହିନ୍ଦ୍), ଆଡ୍‌ଭୋକେଟ୍, କଟକ ।

ଅମୂଲ୍ୟ ସହକର୍ମିଣୀ ଓ ପ୍ରକାଶିକା—ଶ୍ରୀମତୀ ପୀତାମ୍ବରୀ ଦେବୀ, ଭାଷାକୋଷ ଲେନ୍, କଟକ ।

# PŪRṆṆACHANDRA

# ORḌIĀ BHĀSHĀKOSHA.

( A lexicon of the Oriya language )

Volume VII—(The last two letters—Sa & Ha)

*Compiler*—**Rai Bahadur G. C. Praharaj, B. L.,**
*Sahitya bhushana (A. R. U.), Kaiser-I-Hind,*
*Advocate, Patna High Court, Cuttack, B. N. Ry. Orissa, (India).*

*Principal Colleague and Publisher*—**Srimati Pitambari Debi**

Printed by P. Kar,
THE UTKALA SAHITYA PRESS,
CUTTACK.
1940.

The August Dedicatee of the 7th Volume of the Oriya Lexicon.
His Excellency The Right Hon'ble Marquis of Linlithgow,
Viceroy and Governor General of India.



ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସପ୍ତମ ଖଣ୍ଡର ଉତ୍ସର୍ଗ ପତ୍ର ଗ୍ରହୀତା
ମହାମାନ୍ୟବର ଲର୍ଡ୍ ଲିନ୍‌ଲିଥ୍‌ଗୋ, ଭାରତର ଗଭର୍ଣ୍ଣର୍ ଜେନେରାଲ୍ ଓ ଭାଇସ୍‌ରୟ୍ ।

To

**His Excellency, The Right Honourable**

# THE MARQUIS OF LINLITHGOW, P.C., K.T., G.M.S.I., G.M.I.E.

**VICEROY & GOVERNOR GENERAL OF INDIA,**

whose keen personal solicitude for the welfare and progress of His Majesty's Indian subjects, expressed in multifarious ways, even before His Excellency assumed the reins of Viceroyalty, supplemented by the most unselfish labour of love of

**HER EXCELLENCY, THE MARCHIONESS OF LINLITHGOW**

in redressing and retarding the progress of tuberculosis in India,

has made Their Excellencies dear to the Princes and the people of India and has marked His Excellency's rule as one of the very few golden periods in the history of Modern India, and

whose sincere and spontaneous appreciation of the mother-tongue of 15 millions of His Majesty's most loyal and law abiding Oriya subjects has prompted His Excellency to make liberal personal contribution towards the completion of this national monument, and but for whose generosity and personal interest it would not have been possible for the stranded poor compiler to bring the labours of 27 years of his humble life to successful termination and put the coping stone on this National Temple of Learing,

**The Seventh (and the last) volume**

**of**

**PŪRNNACHANDRA**

# ORDIĀ BHĀSHĀKOSHA

**(Quadrilingual dictionary of the Oriya language) is,**

with His Excellency's most gracious permission,

**DEDICATED**

as an humble mark of affectionate regard, by one who is proud to count His Excellency and Her Excellency as the pre-eminent Patrons of the Oriya Lexicon, and who subscribes himself to be His Majesty's most humble and loyal subject and Their Excellencies' humble admirer.

Bhāshākoshāsrama,
Bhashakosha Lane,
CUTTACK. (ORISSA)
*September, 1940.*

**G. C. Praharaj,**
*Compiler*

### ଶ୍ରୀ ଶ୍ରୀ ଶ୍ରୀ ସମ୍ରାଟ୍-ପ୍ରତିନିଧିଙ୍କ ଶ୍ରୀଛାମୁରେ

# ସମର୍ପଣପତ୍ର

ଭାରତସାମ୍ରାଜ୍ୟର ଶାସନଦଣ୍ଡ ଗ୍ରହଣ କରିବା ପୂର୍ବରୁ ଓ ପରେ ସମ୍ରାଟଙ୍କ ଭାରତୀୟ ପ୍ରଜାପୁଞ୍ଜଙ୍କ ଅହରହଃ ମଙ୍ଗଳ ଓ ଉନ୍ନତି-ବିଧାନାର୍ଥ ଯାହାଙ୍କ ବ୍ୟକ୍ତିଗତ ଉଦ୍ୟମ **ବହୁକ୍ଷେତ୍ରରେ** ପ୍ରକଟିତ ଓ ପ୍ରମାଣିତ ହୋଇଅଛି, ରାଜଯକ୍ଷ୍ମାରୂପୀ ରାକ୍ଷସର କରାଳକବଳରୁ ଭାରତବାସୀଙ୍କୁ ପଣ୍ଟ ଯୋଗାଇ ରକ୍ଷିବାପାଇଁ ଯାହାଙ୍କ ମହିଷୀ **ମହାମାନନୀୟା ମାର୍ସିଅନେସ୍ ଅଫ୍ (ଲେଡୀ) ଲିନ୍‌ଲିଥ୍‌ଗୋଙ୍କ** ନିଃସ୍ୱାର୍ଥ **ସେବାବ୍ରତ** ଭାରତର ଆବାଳବୃଦ୍ଧବନିତାଙ୍କୁ ଚିରକାଳ କୃତଜ୍ଞତାପାଶରେ ଆବଦ୍ଧ କରି ରଖିବ, ଭାରତର ରାଜନ୍ୟମଣ୍ଡଳଙ୍କ ଓ କୋଟି କୋଟି ପ୍ରଜାଙ୍କ ପରମକଲ୍ୟାଣକାମୀ ରୂପେ ଯାହାଙ୍କ ଶାସନକାଳ ଆଧୁନିକ ଭାରତର ଇତିହାସରେ ବିଶିଷ୍ଟ ସ୍ୱର୍ଣ୍ଣଯୁଗ ମଧ୍ୟରେ ପରିଗଣିତ ହେବ, ଅବହମାନକାଳରୁ ରାଜଭକ୍ତ ଓ ଶାନ୍ତିପ୍ରିୟ ଦେଢ଼କୋଟି ଓଡ଼ିଆଙ୍କ ମାତୃଭାଷା ଉପରେ ଯାହାଙ୍କର ସ୍ୱତଃ ପ୍ରଣୋଦିତ ଅନୁରାଗ-ବାରି ବର୍ଷି ନ ଥିଲେ ଓ ଯାହାଙ୍କ ବ୍ୟକ୍ତିଗତ ହିତୈଷଣା ଓ ଉତ୍ସାହ ପ୍ରାପ୍ତ ହୋଇ ନ ଥିଲେ ପ୍ରାଚୀନ ଓଡ଼ିଆ ଭାଷାର ଏହି ସାରସ୍ୱତ ମନ୍ଦିର-ଶିଖରରେ କାଳଚକ୍ର ବସି ନେତ ଉଡ଼ି ପାରି ନ ଥାନ୍ତା ଓ ଏ ନଗଣ୍ୟ ଜୀବନର ସତେଇଶ ବର୍ଷବ୍ୟାପୀ ବ୍ରତର ସଫଳ ଉଦ୍‌ଯାପନ ହୋଇ ପାରି ନ ଥାନ୍ତା

ଓ

ଯାହାଙ୍କୁ ଓ ଯାହାଙ୍କ ସହଧର୍ମିଣୀଙ୍କୁ ମାତୃଭାଷାର ଶୀର୍ଷସ୍ଥାନୀୟ ପୃଷ୍ଠପୋଷକଯୁଗଳରୂପେ ଲାଭ କରି ଆଜି ମୁଁ କୃତାର୍ଥ ହୋଇଅଛି, ସେହି **ଶ୍ରୀ ଶ୍ରୀ ଶ୍ରୀ ଭାରତ ସମ୍ରାଟଙ୍କ ପ୍ରତିନିଧି, ଭାଇସ୍‌ରୟ୍ ଓ ଭାରତର ଗଭର୍ଣ୍ଣର୍ ଜେନେରଲ୍, ଉଦାରହୃଦୟ ମହାମାନ୍ୟବର ମାର୍କୁଇସ୍ ଅଫ୍ ଲିନ୍‌ଲିଥ୍‌ଗୋ, ପି. ସି., କେ. ଟି., ଜି. ଏମ୍. ଏସ୍. ଆଇ., ଜି. ଏମ୍. ଆଇ. ଇ.** ଙ୍କ ସାନୁଗ୍ରହ ଅନୁମତିକ୍ରମେ **ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ଅନ୍ତିମ (ସପ୍ତମ) ଖଣ୍ଡ** ତାଙ୍କ ଶ୍ରୀକରକମଳରେ ଗଭୀର ରାଜଭକ୍ତି ଓ ପ୍ରେମସହକାରେ ଉତ୍ସୃଷ୍ଟ ଓ ସମର୍ପିତ ହେଲା ।

ଭାଷାକୋଷାଶ୍ରମ, ଭାଷାକୋଷ ଲେନ୍,
କଟକ, ଓଡ଼ିଶା
ସନ ୧୯୪୦ ସାଲ, ସେପ୍ଟେମ୍ବର ମାସ

ନିବେଦକ
ଜଣେ ନଗଣ୍ୟ ବିନୀତ ରାଜଭକ୍ତ ଓ ଭାଇସ୍‌ରୟ୍ ଦମ୍ପତିଙ୍କ କରୁଣାମୁଖୀ
**ଗୋପାଳଚନ୍ଦ୍ର ପ୍ରହରାଜ**

The Illustrious Patroness of the 7th Volume of the Oriya Bhashakosha.
Her Excellency, Marchioness Linlithgow.



ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ସପ୍ତମ ଖଣ୍ଡର ଅଭିଭାବକା
ବଡ଼ଲାଟ-ମହିଷୀ ମହାମାନନୀୟା ଶ୍ରୀମତୀ ଲେଡୀ ଲିନ୍‌ଲିଥ୍‌ଗୋ ।

"ଓଁ ଅସତୋ ମା ସଦ୍‌ଗମୟ
ଓଁ ତମସୋ ମା ଜ୍ୟୋତିର୍ଗମୟ
ଓଁ ମୃତ୍ୟୋର୍ମାଽମୃତଂ ଗମୟ ।"

## ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସପ୍ତମ (ଭାନୁରାଗ) ଖଣ୍ଡର

# ଅବତରଣିକା

'କ୍ଲେଶଃ ଫଳେନ ହି ପୁନର୍ନବତାଂ ବିଧତ୍ତେ'—କାଳିଦାସ ।

---

## ଶ୍ରମ ସମାପ୍ତି

ପରମ କାରୁଣିକ ପରମେଶ୍ୱରଙ୍କର ଅପାର କରୁଣାରୁ ଓ ଗୁରୁଦେବଙ୍କ ଆଶୀର୍ବାଦରୁ ୨୭ବର୍ଷ ପୂର୍ବେ (୧୯୧୩ ସାଲରେ) ମୁଁ ଯହିଁର କଳ୍ପନା କରି ଅନ୍ତତଃ ୨୧ବର୍ଷ ପୂର୍ବେ (୧୯୧୯ ସାଲରେ) ଯହିଁର ପାଣ୍ଡୁଲିପିର ସଙ୍କଳନ ଆରମ୍ଭ କରିଥିଲି, ଓଡ଼ିଆ ଭାଷାର ସେହି ସୁଦୀର୍ଘ ଅଭିଧାନ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଆଜି ପୂର୍ଣ୍ଣ ହେଲା ।

୧୯୨୭ ସାଲରେ ପାଣ୍ଡୁଲିପିମାନଙ୍କ ପଠା ଲେଖା ସରିବା ପରେ ବିଶେଷଜ୍ଞମାନଙ୍କଦ୍ୱାରା ଅଟକଳ କରାଯାଇଥିଲା ଯେ, ମୁଦ୍ରିତ ଗ୍ରନ୍ଥ ୩୨୦୦ ପୃଷ୍ଠା ଅଧିକାର କରିବ ଓ ଦୁଇଖଣ୍ଡରେ ସମାପ୍ତ ହେବ ଏବଂ ଏଥିର ସମ୍ମାର୍ଜନ ଓ ମୁଦ୍ରଣାଦିର ବ୍ୟୟ ପ୍ରାୟ ତ୍ରିଶ ହଜାର ଟଙ୍କା ଲାଗିବ । ଓଡ଼ିଶା ବିଭାଗର ତଦାନୀନ୍ତନ କମିସନର୍, ବର୍ତ୍ତମାନ ନବପ୍ରତିଷ୍ଠିତ ଓଡ଼ିଶା ପ୍ରଦେଶର ଗଭର୍ଣ୍ଣର୍ ମାନ୍ୟବର ସର୍ ଜନ୍ ହବାକ୍‌ଙ୍କ ସୁପାରିସ୍ ଅନୁସାରେ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟ ଉକ୍ତ ବ୍ୟୟର ଅର୍ଦ୍ଧେକ ବହନ କରିବାକୁ ପ୍ରତିଶ୍ରୁତ ହେଲେ । ବିହାର ଓଡ଼ିଶା ଶିକ୍ଷାବିଭାଗର ତଦାନୀନ୍ତନ ଡେପୁଟି ଡାଇରେକ୍ଟର୍ ଓ ବର୍ତ୍ତମାନ ଓଡ଼ିଶା ପ୍ରଦେଶର ଶିକ୍ଷା ବିଭାଗର ଡାଇରେକ୍ଟର୍, ମୋ ସୋଦରକଳ୍ପ ଶ୍ରୀଯୁକ୍ତ ଶ୍ୟାମଚରଣ ତ୍ରିପାଠୀ ଆଇ. ଇ. ଏସ୍‌ଙ୍କ ପ୍ରସ୍ତାବ କ୍ରମେ ମୟୂରଭଞ୍ଜାଧୀଶ୍ୱର ମହାରାଜ ସର୍ ପ୍ରତାପଚନ୍ଦ୍ର ଭଞ୍ଜ ଦେଓ କେ. ସି. ଆଇ. ଇ ମୁଦ୍ରଣାଦି ପାଇଁ ଆଠ ହଜାର ଟଙ୍କା ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହୋଇ ଏ ଗ୍ରନ୍ଥର ମୁଦ୍ରଣାରମ୍ଭର ପଥ ସୁଗମ କଲେ । ମହାରାଜଙ୍କ ସୂଚନାକ୍ରମେ ତାଙ୍କ ସ୍ୱର୍ଗତ ଜ୍ୟେଷ୍ଠ ଭ୍ରାତା ପୁଣ୍ୟଶ୍ଳୋକ ମହାରାଜ ପୂର୍ଣ୍ଣଚନ୍ଦ୍ରଙ୍କ ନାମ ଏ ଗ୍ରନ୍ଥର ନାମରେ ସଂଯୋଜିତ ହେଲା ।

ଏ ଗ୍ରନ୍ଥର ମୁଦ୍ରଣ କର୍ମର ଅଗ୍ରସର ହେଉଥିବା ଅବସ୍ଥାରେ ଦେଖାଗଲା ଯେ, ଏ ଗ୍ରନ୍ଥର କଳେବର ପ୍ରଥମ କଳ୍ପିତ କଳେବର ଅପେକ୍ଷା ବେଶି ହେବ । ପରିଶେଷରେ ସମଗ୍ର ଗ୍ରନ୍ଥ ୯୫୦୦ ପୃଷ୍ଠା ଅଧିକାର କରି ୭ଖଣ୍ଡରେ ସମାପ୍ତ ହେଲା ଓ ଏଥିର ସମ୍ମାର୍ଜନ ଓ ମୁଦ୍ରଣାଦି ବ୍ୟୟ ପାଇଁ ସପାଦ ଲକ୍ଷେ ଟଙ୍କା ଲାଗିଲା । ବ୍ୟୟ ବୃଦ୍ଧି ହେବା ବିଷୟ ମହାରାଜ ପ୍ରତାପଚନ୍ଦ୍ରଙ୍କ କର୍ଣ୍ଣଗୋଚର ହେବାରୁ ସେ ୧୯୩୬ ସାଲରେ ଆଉ ପାଞ୍ଚ ହଜାର ଟଙ୍କା ସାହାଯ୍ୟ କଲେ । ବର୍ତ୍ତମାନ ମଧ୍ୟ ମହାରାଜଙ୍କଠାରୁ ଆଉ କିଛି ସାହାଯ୍ୟ ମିଳିବାର ଆଶା ଅଛି । ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କଠାରୁ ଓ ମହାରାଜ ପ୍ରତାପଚନ୍ଦ୍ରଙ୍କ ସାହାଯ୍ୟ ଛଡ଼ା ପାଟଣା ବିଶ୍ୱବିଦ୍ୟାଳୟ, ଉତ୍କଳର ମହାରାଜା, ରାଜା ଆଦି ବିଦ୍ୟାନୁରାଗୀ ଅନ୍ୟ ଯେଉଁ ଦାତାମାନଙ୍କ ଅର୍ଥ-ସାହାଯ୍ୟରେ ପୂର୍ବବର୍ତ୍ତୀଖଣ୍ଡମାନ ପ୍ରକାଶିତ ହୋଇଅଛି, ସେମାନଙ୍କ ବିଷୟ ତତ୍ତତ୍ ଖଣ୍ଡର ଅବତରଣିକାରେ କୃତଜ୍ଞତା ସହକାରେ ଜ୍ଞାପିତ ହୋଇଅଛି ।

ଯେଉଁମାନେ ଏ ସପ୍ତମଖଣ୍ଡର ପ୍ରକାଶବ୍ୟୟ ନିର୍ବାହାର୍ଥ ଅର୍ଥ ସାହାଯ୍ୟ କରିଅଛନ୍ତି ସେମାନଙ୍କର ନାମ ଯଥାସ୍ଥାନରେ ବର୍ଣ୍ଣିତ ହେବ ।

## ଗ୍ରନ୍ଥର ଭିନ୍ନ ଭିନ୍ନ ଖଣ୍ଡମାନଙ୍କର ଉତ୍ସର୍ଗ ପତ୍ର ଗ୍ରହୀତା ଓ ଅଭିଭାବକଗଣ

୧୩ବର୍ଷ ତଳେ ଓଡ଼ିଶା ବିଭାଗର କମିସନର୍ ଥିବାବେଳେ ମାନ୍ୟବର ସର୍ ଜନ୍ ହବାକ୍ ଏମ୍. ଏ., କେ. ସି. ଏସ୍. ଆଇ., ଆଇ. ସି. ଏସ୍. ଏହି ଭାଷାୟ ସୌଧମନ୍ଦିରର ଭିତ୍ତି ଦେଇଥିଲେ । ତତ୍ପରେ ତାଙ୍କ ପଦବୃଦ୍ଧି ସଙ୍ଗେ ସଙ୍ଗେ ଏଥିର ମୂଳଦୁଆ ପଡ଼ିବା, ଦୁଆରି ଦୁଆ କାନ୍ଥ ଉଠିବା, ଲହଡ଼ି ମୁଦ ହେବା, ଛାତ ପଡ଼ିବା ଓ ଦଧିନଉତି ବସିବା ବିଷୟରେ ତାଙ୍କ ସ୍ଥାପତ୍ୟ କଯୋଗ ହେଲା ଓ ଶେଷରେ ନବପ୍ରତିଷ୍ଠିତ ଓଡ଼ିଶା ପ୍ରଦେଶର ପ୍ରଥମ ଗଭର୍ଣ୍ଣର୍ ରୂପେ ତାଙ୍କର ଉଦ୍ୟମ ଫଳରେ ଏ ମନ୍ଦିରରେ କଳସ ବସିଲା । ବର୍ତ୍ତମାନ ସପ୍ତମଖଣ୍ଡର ପ୍ରକାଶରୂପ ମନ୍ଦିର ପ୍ରତିଷ୍ଠାରେ ସେ ଓ ତାଙ୍କ ସହଧର୍ମିଣୀ ପରମ ପରିତୋଷ ଲଭିଅଛନ୍ତି । ତାଙ୍କ ପରି ଅମୃତ-ହସ୍ତ ସ୍ଥପତି ମିଳି ନ ଥିଲେ ଏ ସାରସ୍ୱତ ମନ୍ଦିର 'ଲଣ୍ଡା ଦେଉଳ' ହୋଇ ଓଡ଼ିଶାରେ ପ୍ରବଚନର ବିଷୟ ହୋଇ ରହିଥାଆନ୍ତା । ତାଙ୍କ ନାମରେ ପ୍ରଥମ ଖଣ୍ଡ ଉତ୍ସୃଷ୍ଟ ହୋଇଅଛି ।

**ପ୍ରଥମଖଣ୍ଡ**—(ସନ ୧୯୩୧ ସାଲରେ ପ୍ରକାଶିତ)

**ଉତ୍ସର୍ଗପତ୍ର ଗ୍ରହୀତା**—ମାନ୍ୟବର ସର୍ ଜନ୍ ହବାକ୍ ।

**ଅଭିଭାବକ**—ବିହାର ଓଡ଼ିଶାର ତଦାନୀନ୍ତନ ଗଭର୍ଣ୍ଣର୍ ମାନ୍ୟବର ଏଚ୍. ଏଲ୍. ଷ୍ଟେଫେନ୍‌ସନ୍, କେ. ସି. ଏସ୍. ଆଇ., ଆଇ. ସି. ଏସ୍ ।

**ଦ୍ୱିତୀୟଖଣ୍ଡ**—(ସନ ୧୯୩୨ ସାଲରେ ପ୍ରକାଶିତ)

**ଉତ୍ସର୍ଗପତ୍ରଗ୍ରହୀତା**—କଟକର ଭୂତପୂର୍ବ ମାଜିଷ୍ଟ୍ରେଟ୍ ଓ କଲେକ୍ଟର୍ ଓ ପରେ ବିହାର ପ୍ରଦେଶର ଉଚ୍ଚ ରାଜକର୍ମଚାରୀ ଶ୍ରୀଯୁକ୍ତ ଏନ୍. ଏଫ୍. ପେକ୍, ସି. ଆଇ. ଇ., ଆଇ. ସି. ଏସ୍

ଅଭିଭାବକ—ବିହାର ଓଡ଼ିଶାର ତଦାନୀନ୍ତନ ଗଭର୍ଣ୍ଣର୍ ମାନ୍ୟବର ସର୍ ଜେମ୍ସ୍ ଡାଭିଡ୍ ସିଫ୍ଟନ୍, କେ. ସି. ଏସ୍. ଆଇ., କେ. ସି. ଆଇ. ଇ., ଆଇ. ସି. ଏସ୍ ।

**ତୃତୀୟଖଣ୍ଡ**—(ସନ ୧୯୩୩ ସାଲରେ ପ୍ରକାଶିତ)

ଉତ୍ସର୍ଗପତ୍ରଗ୍ରହୀତା—ବୌଦ୍ଧ ରାଜ୍ୟାଧୀଶ୍ୱର ରାଜା ଶ୍ରୀ ନାରାୟଣ ପ୍ରସାଦ ଦେବ;

ଅଭିଭାବକ—ରାଜାସାହେବ ସ୍ୱୟଂ

**ଚତୁର୍ଥଖଣ୍ଡ**—(ସନ ୧୯୩୪ ସାଲରେ ପ୍ରକାଶିତ)

ଉତ୍ସର୍ଗପତ୍ରଗ୍ରହୀତା—ଜୟପୁର ରାଜ୍ୟର ଅଧୀଶ୍ୱର ସାହିତ୍ୟ-ସମ୍ରାଟ୍ ମହାରାଜ ଶ୍ରୀ ବିକ୍ରମଦେବ ବର୍ମା, ଡି. ଲିଟ୍ ।

ଅଭିଭାବକ—ଭାରତର ପୂର୍ବ ଗଡ଼ଜାତପୁଞ୍ଜ (Eastern States Agency)ର ଗଭର୍ଣ୍ଣର୍ ଜେନେରଲ୍‌ଙ୍କର ତଦାନୀନ୍ତନ ଏଜେଣ୍ଟ୍ (Agent to the Governor General) ଶ୍ରୀଯୁକ୍ତ ଇ. ସି. ଗିବ୍‌ସନ୍, ସି.ଆଇ. ଇ, ଆଇ, ସି. ଏସ୍ ।

**ପଞ୍ଚମଖଣ୍ଡ**—(ସନ ୧୯୩୬ ସାଲରେ ପ୍ରକାଶିତ)

ଉତ୍ସର୍ଗପତ୍ରଗ୍ରହୀତା—ପାରଳାଖେମୁଣ୍ଡି ରାଜ୍ୟର ଅଧୀଶ୍ୱର ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ।

ଅଭିଭାବକ—ଜୟପୁରାଧୀଶ୍ୱର ସାହିତ୍ୟସମ୍ରାଟ୍ ମହାରାଜ ଶ୍ରୀ ବିକ୍ରମଦେବ ବର୍ମା, ଡି. ଲିଟ୍ ।

**ଷଷ୍ଠଖଣ୍ଡ**—(ସନ ୧୯୩୭ ସାଲରେ ପ୍ରକାଶିତ)

ଉତ୍ସର୍ଗପତ୍ରଗ୍ରହୀତା—ପାଟଣା ରାଜ୍ୟାଧୀଶ୍ୱର ମହାରାଜ ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହ ଦେଓ ।

ଅଭିଭାବକ—ସ୍ୱୟଂ ମହାରାଜ ।

**ସପ୍ତମଖଣ୍ଡ**—(ସନ ୧୯୪୦ ସାଲରେ ପ୍ରକାଶିତ)

ଉତ୍ସର୍ଗପତ୍ର ଗ୍ରହୀତା—ପ୍ରବଳପ୍ରତାପ ଶ୍ରୀ ଶ୍ରୀ ଶ୍ରୀ ଭାରତ ସମ୍ରାଟଙ୍କ ଭାଇସ୍‌ରୟ୍ ଓ ଭାରତର ଗଭର୍ଣ୍ଣର୍ ଜେନେରାଲ୍ ମହାମାନ୍ୟବର ମାର୍କ୍ୱିସ୍ ଅଫ୍ ଲିନ୍‌ଲିଥ୍‌ଗୋ ।

ଅଭିଭାବିକା—ଭାଇସ୍‌ରୟ୍-ମହିଷୀ ଉଦାରଚରିତା, ଭାରତ-ସେବାବ୍ରତା ମହାମାନ୍ୟା ମାର୍ସିଅନେସ୍ (ଲେଡ଼ୀ) ଲିନ୍‌ଲିଥ୍‌ଗୋ ।

## କ୍ରମିକ ଖଣ୍ଡମାନଙ୍କ ବିଷୟ ।

ପ୍ରଥମ ଖଣ୍ଡରେ—ସମସ୍ତ ସ୍ୱରବର୍ଣ୍ଣାଦ୍ୟ ଶବ୍ଦମାନ ।

ଦ୍ୱିତୀୟ ଖଣ୍ଡରେ—କ ଠାରୁ ଙ ବ୍ୟଞ୍ଜନବର୍ଣ୍ଣାଦ୍ୟ ଶବ୍ଦମାନ ।

ତୃତୀୟ ଖଣ୍ଡରେ—ଚ ଠାରୁ ଥ ବର୍ଣ୍ଣାଦ୍ୟ ଶବ୍ଦମାନ ।

ଚତୁର୍ଥ ଖଣ୍ଡରେ—ଦ ଠାରୁ ପ ବର୍ଣ୍ଣାଦ୍ୟ ଶବ୍ଦମାନ ।

ପଞ୍ଚମ ଖଣ୍ଡରେ—ଫ ଠାରୁ ମ ବର୍ଣ୍ଣାଦ୍ୟ ଶବ୍ଦମାନ ।

ଷଷ୍ଠ ଖଣ୍ଡରେ—ଯ ଠାରୁ ଷ ବର୍ଣ୍ଣାଦ୍ୟ ଶବ୍ଦମାନ ଓ

ସପ୍ତମ ଖଣ୍ଡରେ—ବର୍ଣ୍ଣମାଳାର ଶେଷରେ ଥିବା ସ ଓ ହ ବର୍ଣ୍ଣାଦ୍ୟ ଶବ୍ଦମାନ ।

ସାଧାରଣତଃ ବାଳଶିକ୍ଷାର୍ଥୀମାନେ ହ ଅକ୍ଷର ପରେ ଅକ୍ଷର କ୍ଷ ସଙ୍ଗେ ପରିଚିତ ହୁଅନ୍ତି । କିନ୍ତୁ କ୍ଷ ଅକ୍ଷର କ ବର୍ଣ୍ଣସଂଯୁକ୍ତ ଗୋଟିଏ ଯୁକ୍ତାକ୍ଷର (କ + ଷ) ଥିବାରୁ ଧ୍ୱନିବିଜ୍ଞାନ ଦୃଷ୍ଟିରେ ଏ ଅକ୍ଷରର ସ୍ଥାନ କ ବର୍ଣ୍ଣ ପରେ ହେବା ଉଚିତ । ଏହି ଦୃଷ୍ଟିରେ କେତେକ ବଙ୍ଗଳା ଓ ସଂସ୍କୃତ ଅଭିଧାନ କ୍ଷ ଅକ୍ଷରାଦ୍ୟ ଶବ୍ଦମାନଙ୍କୁ 'ହ' ପରେ ନ ଦେଇ 'କ' ଅକ୍ଷର ପରେ ସ୍ଥାନ ଦେଇ ଅଛନ୍ତି । ଏହି ଭାଷାକୋଷରେ ମଧ୍ୟ 'କ୍ଷ' ବର୍ଣ୍ଣାଦ୍ୟ ଶବ୍ଦମାନଙ୍କୁ କ ଅକ୍ଷରାଦ୍ୟ ଶବ୍ଦମାନଙ୍କ ପରେ ସ୍ୱତନ୍ତ୍ର ଭାବରେ ଦ୍ୱିତୀୟ ଖଣ୍ଡରେ ୧୮୫୩ ପୃଷ୍ଠାଠାରୁ ୧୮୮୦ ପୃଷ୍ଠା ପର୍ଯ୍ୟନ୍ତ ସନ୍ନିବେଶିତ ହୋଇଅଛି ।

## ସମଗ୍ର ଭାଷାକୋଷରେ ସନ୍ନିବେଶିତ ଶବ୍ଦ ଓ ବାକ୍ୟମାନଙ୍କ ସଂଖ୍ୟା

ପୂର୍ବୋକ୍ତ ୬ ଖଣ୍ଡ ଗ୍ରନ୍ଥରେ ସନ୍ନିବେଶିତ ଶବ୍ଦ ଓ ବାକ୍ୟାଂଶ-ମାନଙ୍କ ସଂଖ୍ୟା ପ୍ରାୟ ଏକ ଲକ୍ଷ ଷାଠିଏ ହଜାର । ସପ୍ତମ ଖଣ୍ଡରେ ସନ୍ନିବେଶିତ ଶବ୍ଦାଦିର ସଂଖ୍ୟା ପ୍ରାୟ ପଚିଶି ହଜାର । ଅତଏବ ସମଗ୍ର ଭାଷାକୋଷରେ ଏକ ଲକ୍ଷ ପଞ୍ଚାଅଶି ହଜାର (୧,୮୫,୦୦୦) ଶବ୍ଦ ସ୍ଥାନ ପାଇଅଛି ।

ମୋ ସଂଗୃହୀତ ଶବ୍ଦମାନଙ୍କର ଅକ୍ଷରକ୍ରମରେ ମୁଦ୍ରଣ ପରେ କାଳ-କ୍ରମେ ତଦ୍ଭିନ୍ନ ଅକ୍ଷରାଦ୍ୟ ପ୍ରାୟ ୫ହଜାର ଦେଶାଂଶ ପ୍ରଚଳିତ, ବ୍ୟାବହାରିକ, ଗ୍ରାମ୍ୟ ଓ ବୈଜ୍ଞାନିକ ଶବ୍ଦ ମୋ ହସ୍ତଗତ ହୋଇଅଛି ଓ ସେହି ସେହି ଅକ୍ଷରାଦ୍ୟ ଶବ୍ଦମାନଙ୍କ ମୁଦ୍ରଣ ସମାପ୍ତ ହୋଇଥିବାରୁ ସେମାନ ଭାଷା-କୋଷରେ ସ୍ଥାନ ପାଇ ପାରି ନାହିଁ । ସେ ଶବ୍ଦମାନଙ୍କୁ ମୁଁ ଅକ୍ଷରକ୍ରମରେ ସଜ୍ଜିତ କରି ଲେଖାଇ ରଖିଅଛି । ମୋ ସହକର୍ମିଗଣ ଇତି ମଧ୍ୟରେ ଉତ୍କଳର ଜୀବିତ ଓ ମୃତ ୪୦।୫୦ ଜଣ ବଶିଷ୍ଟ ବ୍ୟକ୍ତିଙ୍କ ସଂକ୍ଷିପ୍ତ ଜୀବନ-ଚରିତ ମଧ୍ୟ ସଂଗ୍ରହ କରି ଅଛନ୍ତି । ବିଜ୍ଞାନଚର୍ଚ୍ଚାର କ୍ରମାଧିକ୍ୟ ଫଳରେ ସବୁ ଭାଷାରେ ନିରନ୍ତର ଗୁଡ଼ିଏ ନୂଆ ଶବ୍ଦ ପ୍ରବେଶ କରୁଅଛି । ମୁଁ ଦୃଢ଼ତା ସହକାରେ କହି ପାରେ ଯେ, ଯେବେ ବଙ୍ଗ, ବିହାର, ମାନ୍ଦ୍ରାଜ, ମଧ୍ୟ-ପ୍ରଦେଶ ଓ ଓଡ଼ିଆ ଗଡ଼ଜାତ ମାନଙ୍କରେ ଥିବା ଉତ୍କଳଭାଷୀ ଅଞ୍ଚଳର ତନ୍ନ ତନ୍ନ ଖୋଜା ଯିବ, ତେବେ ଅନ୍ତତଃ ଆଉ ଦଶ ହଜାର ପ୍ରାଦେଶିକ, ଦେଶାଂଶ ପ୍ରଚଳିତ ଗ୍ରାମ୍ୟ, ପ୍ରାଚୀନ, ବୈଜ୍ଞାନିକ ଓ ବ୍ୟାବହାରିକ ଶବ୍ଦ ସଂଗୃହୀତ ହୋଇ ପାରିବ ।

ଉଦାହରଣ ସ୍ୱରୂପ ଦେଖାଯାଉ ଯେ, ମୁଁ ୨।୩ ମାସ ପୂର୍ବେ ଭାଷାକୋଷ ପାଇଁ ଅର୍ଥ ସଂଗ୍ରହାର୍ଥ କଟକ ଜିଲ୍ଲାର ଆଳି ରାଜ୍ୟକୁ ଯାଇଥିଲି । ପୂର୍ବେ ସେ ରାଜ୍ୟ ଜାହାଜ ନିର୍ମାଣ, ପୋତ ଚାଳନ ଓ ସାମୁଦ୍ରିକ ବାଣିଜ୍ୟର ଗୋଟିଏ କେନ୍ଦ୍ର ଥିଲା । ସେ ସମୟରେ ବ୍ୟବହୃତ ବହୁ ଶତ ଶବ୍ଦ ବର୍ତ୍ତମାନ ଲୁପ୍ତପ୍ରାୟ । ଭାଷାନୁରାଗୀ ଆଳି ରାଜ୍ୟାଧୀଶ୍ୱର ମୋତେ ଜାହାଜ ଓ ନୌଚାଳନ ସମ୍ପର୍କୀୟ ୫୦ଟି ଶବ୍ଦ ଦେଲେ; ସେ ଶବ୍ଦମାନ ଭାଷାକୋଷରେ ନାହିଁ । ସେ କହିଲେ ଯେ, ଜାହାଜ ନିର୍ମାଣ, ଜାହାଜ-ଚାଳନ, ନୌକାଚାଳନ, ଜାଲ ଓ ମାଛଧରା ସମ୍ପର୍କରେ ଓ ପ୍ରାଚୀନ କାଳରେ ଉତ୍କଳ ପାଇକ ସେନାମାନଙ୍କ ବ୍ୟବହୃତ ଓ ଯୁଦ୍ଧ ସମ୍ପର୍କୀୟ ସହସ୍ରାଧିକ ଶବ୍ଦ ଅର୍ଥ ସହିତ ସେ ଦେଇ ପାରିବେ । ଏ ଶବ୍ଦଗୁଡ଼ିକ ଲିପିବଦ୍ଧ ହୋଇ ନ ରହିଲେ ଆମ ଭାଷାରୁ ଏ ଗୁଡ଼ିକର ଅସ୍ତିତ୍ୱ ଲୁପ୍ତ ହେବ । ମୁଁ ଅନୁମାନ କରୁଛି ଯେ, ପରିଶ୍ରମ, ଅନ୍ୱେଷଣ, ନିଷ୍ଠା ଓ ଅଧ୍ୟବସାୟ ସହକାରେ ଗୁଡ଼ିଏ କର୍ମଠ ଓ ଜ୍ଞାନୀ ଲୋକ ବର୍ଷ ଧରି ଲାଗି ଗଲେ ସେମାନେ ଯେତେ ଶବ୍ଦ ସଂଗ୍ରହ କରିବେ ଓ ମୋ ଦ୍ୱାରା ସଂଗୃହୀତ ଯେଉଁ ନୂତନ ଶବ୍ଦମାନ ଭାଷାକୋଷରେ ସ୍ଥାନ ପାଇ ନାହିଁ, ସେମାନଙ୍କ ସଂଖ୍ୟା ଅନ୍ୟୂନ ୧୫ ହଜାର ହେବ । ଭାଷାକୋଷରେ ନିହିତ ୧ ଲକ୍ଷ ୮୫ ହଜାର ଶବ୍ଦ ସଙ୍ଗେ ସେ ଶବ୍ଦମାନ ମିଶିଲେ ଓଡ଼ିଆ ଭାଷାରେ ଶବ୍ଦ ସଂଖ୍ୟା ଦୁଇଲକ୍ଷ ହେବ ଓ ଆମ ମାତୃଭାଷା, କେବଳ ଭାରତର ନୁହେଁ କି, ପୃଥିବୀର ଅନ୍ୟ ଉନ୍ନତ ଭାଷାମାନଙ୍କ ସଙ୍ଗେ

The Layer of the Foundation of the Bhashakosha,
His Excellency Sir John Austen Hubback, M. A., K. C. S. I., I. C. S.
THE FIRST GOVERNOR OF ORISSA.



ଏହି ସାରସ୍ୱତ ମନ୍ଦିରର ମୂଳଭିତ୍ତିର ପ୍ରତିଷ୍ଠାତା
ମାନ୍ୟବର ସର୍ ଜନ୍ ଅଷ୍ଟେନ୍ ହବାକ୍, ଓଡ଼ିଶାର ପ୍ରଥମ ଗଭର୍ଣ୍ଣର୍ ।

ଷଡ଼ବର୍ଷରେ ପଦ ପକାଇ ପାରବ । ପ୍ରଭୁ ଯେବେ ଏ ସୁଦିନ ମୋତେ ବା ମୋ ଅପେକ୍ଷା କର୍ମଠ ଓ କଳ୍ପନାସ୍ଥାନ କର୍ମୀଗଣଙ୍କୁ ଦେବେ ଓ ତାହାଁର ପ୍ରକାଶାର୍ଥ ଅର୍ଥ ପୋଷକତା ମିଳିବ, ତେବେ ଏ ଭାଷାକୋଷର ସଉପଷ୍ଠ ଖଣ୍ଡରେ ଏ ବିଦ୍ୟମାନ ସ୍ଥାନ ପାଇବ ।

## ଭାଷାକୋଷର କ୍ରମିକ ଖଣ୍ଡମାନଙ୍କ ତୁଳନାରେ ସପ୍ତମ ଖଣ୍ଡର ପ୍ରକାଶରେ ଅତ୍ୟଧିକ ବିଳମ୍ବ

ଏ ଗ୍ରନ୍ଥର ପୂର୍ବବର୍ତ୍ତୀ ଖଣ୍ଡମାନ ନିମ୍ନଲିଖିତ ସମୟ କ୍ରମେ ମୁଦ୍ରିତ ଓ ପ୍ରକାଶିତ ହୋଇଅଛି :—

ପ୍ରଥମ ଖଣ୍ଡ— ସନ ୧୯୩୧ ସାଲ ସେପ୍ଟେମ୍ବର ମାସ,
ଦ୍ୱିତୀୟ ଖଣ୍ଡ—୧୯୩୨ ଅଗଷ୍ଟ ମାସ,
ତୃତୀୟ ଖଣ୍ଡ—୧୯୩୩ ମେଁ,
ଚତୁର୍ଥ ଖଣ୍ଡ—୧୯୩୪ ଜୁନ୍,
ପଞ୍ଚମ ଖଣ୍ଡ—୧୯୩୬ ମାର୍ଚ୍ଚ,
ଷଷ୍ଠ ଖଣ୍ଡ—୧୯୩୭ ଜୁନ୍ ।

ଏଥିରୁ ଦେଖାଯିବ ଯେ, କେବଳ ପଞ୍ଚମ ଖଣ୍ଡ ଛଡ଼ା ଅନ୍ୟ ସବୁ ଖଣ୍ଡ ବର୍ଷେ ଲେଖାଏଁ ବ୍ୟବଧାନରେ ପ୍ରକାଶିତ ହୋଇଥିଲା । କିନ୍ତୁ ଏହି ଅନ୍ତିମ ଖଣ୍ଡର ପ୍ରକାଶ ପାଇଁ (୧୯୪୦ ସାଲ ସେପ୍ଟେମ୍ବର ମାସ) ତିନି ବର୍ଷରୁ ଅଧିକକାଳ ବିତିଗଲା ।

ଷଷ୍ଠ ଖଣ୍ଡର ପ୍ରକାଶ ପରେ ଉତ୍କଳ ପ୍ରବଳ ବନ୍ୟାକ୍ରାନ୍ତ ହେଲା; ସେହି ବନ୍ୟା ଯୋଗୁଁ ମୋର ମଧ୍ୟ ଘରର ଘଡ଼ ଘଟିଲା । ସେ ଧକ୍କାଅରୁ ଉଦ୍ଧାର ପାଇବା ବେଳକୁ ୨୦ ବର୍ଷ ହେଲା ଏ ଗ୍ରନ୍ଥ ସଂକଳନରେ ଓ ପ୍ରକାଶରେ ମୋ ସହକର୍ମିଣୀ ଓ ମୁଁ ପୀଡ଼ିତ ହେଲୁଁ; ତହିଁରୁ ମୁକ୍ତ ହେବାକୁ ୨।୩ ମାସ ଅତିବାହିତ ହେଲା । ତତ୍ପରେ ଶାସନତନ୍ତ୍ରର ପରିବର୍ତ୍ତନ ଫଳରେ ଓ କଂଗ୍ରେସ ସରକାରଙ୍କ ଦ୍ୱାରା ପ୍ରଜାସତ୍ତ୍ୱ, ମହାଜନୀ ଦେବୋତ୍ତର ଆଦି ଆଇନ୍‌ର ପ୍ରଣୀତ, ପରିଚାଳିତ ଓ ପ୍ରବର୍ତ୍ତିତ ହେବା ଫଳରେ ଓ ଗଡ଼ଜାତ ଓ କଲ୍ଲିକୋଟ ରାଜ୍ୟମାନଙ୍କରେ 'ପ୍ରଜା-ମଣ୍ଡଳ' ଓ, 'ଉତ୍କଳ ସଂଘ' ଆନ୍ଦୋଳନ ଫଳରେ ଭାଷାକୋଷର ଭାବୀ ପୋଷଣାହାଶୀ-ମାନଙ୍କ ଦାତୃତ୍ୱ ସମଧିକ ଭାବରେ ପ୍ରତିହତ ହେଲା; ଏଥି ପୂର୍ବରେ ଉତ୍କଳର ଧନିକମଣ୍ଡଳର ଦାନସ୍ରୋତ ଯେଉଁ ବେଗରେ ଗତି କରୁଥିଲା, ସେ ବେଗ ମନ୍ଥର ହୋଇଗଲା । ତତ୍ପରେ [illegible] ପୃଥିବୀବ୍ୟାପୀ ମହାଯୁଦ୍ଧର ଘନଘଟା ହେତୁ ଭାରତର ରାଜନୈତିକ, ବୈଷୟିକ ଓ ବ୍ୟାବସାୟିକ ବାୟୁମଣ୍ଡଳ କୁହେଳିକାମୟ ଓ ଧୂଳି ସମାଚ୍ଛନ୍ନ ହୋଇଗଲା; ଶେଷକୁ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ ।

ଉତ୍କଳର ମୋଗଲବନ୍ଦିର ଓ ଗଡ଼ଜାତର ଏହି ଉତ୍ତାଳ ତରଙ୍ଗାକୁଳ, ଅଥଳ ସମୁଦ୍ରରେ ମୋ ଭଳିଆ ଅସ୍ଥିରପାଦ (ଅଠରପା) ବୁଢ଼ା କାହ୍ନୁସେ ସପ୍ତମଖଣ୍ଡରୂପ ଦଦରା ଡଙ୍ଗାରେ ଉବେଇ ଟୁବେଇ ହେଲା; ଦଦରା ଡଙ୍ଗା କୂଳରେ ଅସି ଲାଗିବା ପୂର୍ବରୁ ଖଣ୍ଡ ଦହଅରେ ଟୁବୁକିନ ବୁଡ଼ି ଯାଇଥାଆନ୍ତା ।

ଏହି ସମୟରେ ଶ୍ରୀକୃଷ୍ଣଙ୍କ କର୍ଣ୍ଣଧାରତ୍ୱରେ ଦଦରା ଡଙ୍ଗାରେ ଯମୁନା ପାର ହେବାକୁ ବସିଥିବା ଗୋପୀମାନଙ୍କ ଉଚ୍ଚାରିତ ଶ୍ଳୋକ ମୋ ମନରେ ପଡ଼ୁଥାଏ—

ଜୀର୍ଣ୍ଣା ତରୀ ସରିଦତୀବ ଗଭୀରନୀରା
ବାଲାବୟଂ ସକଳମିତ୍ୟନର୍ଥ ହେତୁଃ
ବିଶ୍ୱାସ ବୀଜମିଦ ମସ୍ତି କୃଶୋଦରୀଣାଂ
ପଦ୍ମାଧବ ! ତ୍ୱମସି ସଂପ୍ରତି କର୍ଣ୍ଣଧାରଃ ।

(ଅର୍ଥାତ୍—ଆମେ ଗୋପୀମାନେ ବସିଛୁଁ ଦଦରା ଡଙ୍ଗାରେ, ଯମୁନା ନଈ ଅତି ଗଭୀର, ଡଙ୍ଗାରେ ଚଢ଼ିଛୁଁ ସବୁ ଅନର୍ଥର ଓ ଅସ୍ଥିରତାର ମୂର୍ତ୍ତି ଆମେ ଲକ୍ଷଭୃଶୀଯାକ; ଏସବୁ ହୋଇ ସୁଦ୍ଧା ଆମ ମନରେ 'ବିଶ୍ୱାସ' ବୀଜ ବୁଣା ହୋଇଛି; କାରଣ, ଆପଣ ସ୍ୱୟଂ ଶ୍ରୀକୃଷ୍ଣ ପରା ଆମର ମଙ୍ଗୁଆଳ । ଅତଏବ ଆମ ଦଦରା ଡଙ୍ଗା ବୁଡ଼ିଯିବ ନାହିଁ ।)

ଯାହାଙ୍କ କର୍ଣ୍ଣଧାରତ୍ୱରେ ଦଦରା ଡଙ୍ଗା ୬ ସମୁଦ୍ର ପାର ହୋଇ ସପ୍ତମ ସମୁଦ୍ରରେ ଅସି ପଡ଼ିଲା, ସେହି ମାନ୍ୟବର ସର୍ ଜନ୍ ହବାକ୍‌ଙ୍କ ଭଳି ଦୃଢ଼ମୁଷ୍ଟି କର୍ଣ୍ଣଧାର (ମଙ୍ଗୁଆଳ) ଏ ଡଙ୍ଗାର ସୁକାନ ଧରିଥାଆନ୍ତି, ତଥାପି ପାହାଡ଼ମୟ ଓ ବାଡ଼ବାନଳସେବିତ ସପ୍ତମ ସମୁଦ୍ରରେ ଅସି ଡଙ୍ଗା ପଡ଼ିଲାବେଳକୁ ଭାରତ ଶାସନପୋତର ଅଧକ୍ଷ, ନୀତିବିଶାରଦ, ସାହିତ୍ୟାନୁରାଗୀ, ଗୁଣଗ୍ରାହୀ ବଡ଼ଲାଟ ମହାମାନ୍ୟବର ମାର୍କ୍ୱିସ୍ ଅଫ୍ ଲିନ୍‌ଲିଥ୍‌ଗୋ ନଙ୍ଗୁଆଳ ମିଳିଗଲେ; ଗଙ୍ଗବଂଶର ଅବଭ୍ରବକା ବାମଣ୍ଡା ରାଜପଟ୍ଟମହୀ ରାଣୀ ଶ୍ରୀମତୀ ଉମସୁଧାର ପ୍ରିୟାଦେବୀ ଓ ବାମଣ୍ଡାଧୀଶ୍ୱର ରାଜା ଭାନୁଗଙ୍ଗ ତ୍ରିଭୁବନ ଦେବ ଡଙ୍ଗାର ଅଞ୍ଚଳ (ପାଲ) ଧରିଲେ ଓ ଡଙ୍ଗା ଅସି 'ବିଷମ'ବନ୍ଦରର କୂଳରେ ଲାଗିବା ପୂର୍ବରୁ ନୟାଗଡ଼ର ଅଧୀଶ୍ୱର ରାଜା ଶ୍ରୀ କୃଷ୍ଣଚନ୍ଦ୍ରସିଂହ ମାନଧାତା ହାତ ଧରି ଡଙ୍ଗା ଉପରେ ଠିଆ ହେଲେ । ଏମାନଙ୍କ ଲଘୁହସ୍ତତା, କ୍ଷିପ୍ର ହସ୍ତତା, ସାଧୁହସ୍ତତା, ସିଦ୍ଧହସ୍ତତା, ଅମୃତହସ୍ତତା ଓ ପରଶେଷରେ ମୁକ୍ତହସ୍ତତା ଡଙ୍ଗାକୁ ଅଣି ମଙ୍ଗଳମୟ ଘାଟରେ ଲଗାଇ ଦେଲା । ନାନା କାରଣରୁ ଯେଉଁ ଦାନ ସ୍ରୋତର ଗତି ଶିଥିଳ ହୋଇଥିଲା ତାହା ପୁଣି ଦାତାମାନଙ୍କ କୃପାରୁ ପୂର୍ବର ବେଗ ଧାରଣ କଲା ।

## ସପ୍ତମଖଣ୍ଡର ଉତ୍ସର୍ଗପତ୍ର ଗ୍ରହୀତା (Dedicatee) ଓ ଅଭିଭାବିକା (Patroness) ଙ୍କ କରୁଣା ଲାଭ :—

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରତିଷ୍ଠାର ସ୍ମାରକ ଓ ଓଡ଼ିଆ ଜାତିର ରାଜଭକ୍ତିର ନିଦର୍ଶନରୂପେ ମହାମହିମ ଭାରତ ସମ୍ରାଟଙ୍କ ମହନୀୟ ନାମରେ ଏ ଗ୍ରନ୍ଥର ଅନ୍ତିମଖଣ୍ଡ ଉତ୍ସର୍ଗ କରିବ ବୋଲି ମୁଁ ୧୯୩୩ ସାଲରେ କଳ୍ପନା କରିଥିଲି ( ତୃତୀୟ ଖଣ୍ଡର ଅବତରଣିକାରେ ମୋର ଏ ମଧୁର ସ୍ୱପ୍ନ କଥା ଉଲ୍ଲେଖ ହୋଇଅଛି ) । ଏ ଗ୍ରନ୍ଥର ଜଣେ ବିଶିଷ୍ଟ ଶୁଭକାମୀ ପାଟଣା ହାଇକୋର୍ଟର ଚିଫ୍ ଜଷ୍ଟିସ୍ ସ୍ୱର୍ଗତ ସର୍ କୋର୍ଟ୍ନି ଟେରେଲ୍ ବିଲାତ ଯାଇ ଭାରତ ସମ୍ରାଟଙ୍କ ରାଜଦରବାରରୁ ଏ ବିଷୟର ତତ୍ତ୍ୱ ଅନୁସନ୍ଧାନ କରି ମୋତେ ଜଣାଇଲେ ଯେ, ପୂର୍ବବର୍ତ୍ତୀ ଖଣ୍ଡମାନ ସମ୍ରାଟଙ୍କ ଅପେକ୍ଷା ନ୍ୟୂନ ପଦାଧିଷ୍ଠିତ ବ୍ୟକ୍ତିମାନଙ୍କ ନାମରେ ଉତ୍ସୃଷ୍ଟ ହୋଇଥିବାରୁ ଅନ୍ତିମଖଣ୍ଡ ସମ୍ରାଟଙ୍କ ନାମରେ ଉତ୍ସୃଷ୍ଟ ହେବା ପ୍ରସ୍ତାବ ଗୃହୀତ ହେବାର ଆଶା ସୁଦୂର-ପରାହତ । ଏହା ଅବଗତ ହୋଇ ବାମନର ଚନ୍ଦ୍ରକୁ ଧରିବା ଆଶା ପରି ମୁଁ ଏ ଆଶାରେ ଅଗତ୍ୟା ଜଳାଞ୍ଜଳି ଦେଲି । (ଚତୁର୍ଥ ଖଣ୍ଡର ଅବତରଣିକାରେ ଏ ବିଷୟର ଉଲ୍ଲେଖ ଅଛି ।)

ଷଷ୍ଠଖଣ୍ଡ ପାଟଣାରାଜ୍ୟାଧୀଶ୍ୱର ମହାରାଜ ଶ୍ରୀ ରାଜେନ୍ଦ୍ରନାରାୟଣସିଂହ ଦେବଙ୍କୁ ଉତ୍ସୃଷ୍ଟ ହୋଇଥିଲା । ଉକ୍ତ ଖଣ୍ଡର ମୁଦ୍ରଣ ୧୯୩୭ ଜୁନ୍ ମାସରେ ସମାପ୍ତ ହେଲା ଓ ଜୁଲାଇ ମାସ ସୁଦ୍ଧା ସେହି ଖଣ୍ଡର ବନ୍ଧାଇ ଆଦି ସମାପ୍ତ

ହେଲା । ସ୍ୱର୍ଗପ୍ରାପ୍ତଙ୍କ ହସ୍ତରେ ଅର୍ପିତ ନ ହେଲେ ଉତ୍ସୃଷ୍ଟ ପୁସ୍ତକର ସାଧାରଣରେ ପ୍ରଚାର ସ୍ୱଭାବଗର୍ହିତ ଅଟେ । ଅତଏବ ମୁଁ ପାଟଣା ରାଜ୍ୟକୁ ଯାଇ ମହାରାଜଙ୍କ ହସ୍ତରେ ପୁସ୍ତକ ଅର୍ପଣ କରିବା ସ୍ଥିର କଲି; କିନ୍ତୁ ବୁଝିଲି ଯେ, ମହାରାଜ ସିମଲା ଶୈଳାବାସରେ ଗ୍ରୀଷ୍ମଋତୁ ଯାପନ କରୁଅଛନ୍ତି ଓ ତାଙ୍କର ରାଜଧାନୀକୁ ଫେରିଆସିବାକୁ ଅନ୍ତତଃ ୨ ମାସ ବିଳମ୍ବ ହେବ । ଅଗତ୍ୟା ମୁଁ ସିମଲା ଯିବା ସ୍ଥିର କଲି । ଏହି ସମୟରେ ମହାମାନ୍ୟ ଭାଇସ୍‌ରୟ୍ (ବଡ଼ଲାଟ)ଙ୍କୁ ଏକସାର ଭାଷାକୋଷ ସିମଲାଠାରେ ଭେଟି ଦେବାର କଳ୍ପନା ମୋ ମନରେ ଉଦିତ ହେଲା । ମୁଁ ଯାଇ ମୋ କଳିକତାରୁ ଭାଷାକୋଷର ଅଜସ୍ର ଆଶ୍ରୟଦାତା ସର୍ ଜନ୍ ହବାର୍ଟଙ୍କ ସମ୍ମୁଖରେ ଉପସ୍ଥାପିତ କଲି । ସେତେବେଳକୁ ମୋର ସିମଲା ଯିବାକୁ ଦୁଇ ଦିନ ମାତ୍ର ଥାଏ ଓ ସେ ସମୟରେ ଭାଇସ୍‌ରୟ୍ ସିମଲାରେ ନ ଥାନ୍ତି । ସର୍ ଜନ୍‌ଙ୍କ ପରାମର୍ଶ କ୍ରମେ ମୁଁ ବଡ଼ଲାଟଙ୍କ ଦର୍ଶନ ପ୍ରାର୍ଥନା କରି ତାଙ୍କ ସାମରିକ ସେକ୍ରେଟେରୀଙ୍କଠାକୁ ପତ୍ର ଦେଲି । ସୌଭାଗ୍ୟର ବିଷୟ ଯେ, ମୁଁ ଯାଇ ସିମଲାରେ ପହଞ୍ଚିବା ବେଳକୁ ଭାଇସ୍‌ରୟ୍ ସିମଲାକୁ ବାହୁଡ଼ି ଆସିଲେ ଓ ୧୦।୮।୧୯୩୭ ତାରିଖ ଦିନ ନିର୍ଦ୍ଧାରିତ ସମୟରେ ବଡ଼ଲାଟଙ୍କ ଭାଇସ୍‌ରେଗାଲ୍ ପ୍ରାସାଦରେ ମୋ ସଙ୍ଗେ ତାଙ୍କର ଭେଟହେବା ପାଇଁ ଆଦେଶ ଦେଲେ । ନିର୍ଦ୍ଧାରିତ ସମୟରେ ଭାଷାକୋଷର ପ୍ରକାଶିତ ଛଅଖଣ୍ଡ ପୁସ୍ତକ ନେଇ ବଡ଼ଲାଟଙ୍କ ଭବନରେ ପହଞ୍ଚି ତାଙ୍କ ଶ୍ରୀହସ୍ତରେ ସେମାନ ଅର୍ପଣ କଲି । ସେ ସେମାନ ଅତି ଆଗ୍ରହ, ଅନୁଗ୍ରହ ଓ ସ୍ନେହ ସହକାରେ ଗ୍ରହଣ କଲେ ଓ ମୋତେ ତାଙ୍କ ସନ୍ନିଧିରେ ବସାଇ ମୋଠାରୁ ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ, ଓଡ଼ିଶାର ଇତିହାସ, ଭାଷାକୋଷ ସଙ୍କଳନର ବିସ୍ତୃତ ବିବରଣ, ଅର୍ଥ ଓ କର୍ମ ସାହାଯ୍ୟ ଓ ବିଶିଷ୍ଟ ସାହାଯ୍ୟକାରୀମାନଙ୍କ ବିବରଣ ମନୋଯୋଗ ସହକାରେ ଶ୍ରବଣ କଲେ । ପ୍ରସଙ୍ଗକ୍ରମେ ଓଡ଼ିଆ ଭାଷାର ଶବ୍ଦବିଭବ, ଅର୍ଥବିଭବ, ଛନ୍ଦୋବିଭବ, ପ୍ରାଚୀନତା ଏବଂ ଭାଷାକୋଷରେ ସନ୍ନିବେଶିତ ଗୋଟିକେତେ ଶବ୍ଦର ଓ କ୍ରିୟାର ଅର୍ଥ ଓ ଟୀକା ମୁଁ ତାଙ୍କୁ ଶୁଣାଇଲି । ସେ ସ୍ୱୟଂ ପୁସ୍ତକର ଖଣ୍ଡମାନଙ୍କ ପୃଷ୍ଠାମାନ ଲେଉଟାଇ ତହିଁରେ ଯେଉଁମାନଙ୍କ ପ୍ରତିକୃତିମାନ ମୁଦ୍ରିତ ହୋଇଅଛି, ସେମାନଙ୍କ ସାହାଯ୍ୟର ପରିମାଣ ଓ ପ୍ରକୃତି ମୋଠାରୁ ଶୁଣିଲେ । ଏ ସମସ୍ତ ଅବଗତ ହୋଇ ସେ ପରମ ପରିତୋଷ ଜ୍ଞାପନ କଲେ । ସେ ମହୋଦୟଙ୍କ ପ୍ରଶ୍ନର ଉତ୍ତରରେ ମୁଁ ନିବେଦନ କଲି—"ଅନ୍ତିମଖଣ୍ଡ ଆପଣଙ୍କ ନାମରେ ଉତ୍ସର୍ଗ କରିବାକୁ ଆପଣଙ୍କ ଅନୁମତି ପ୍ରାର୍ଥନା (ବାମନର ଚନ୍ଦ୍ରକୁ ଧରିବା କାମନା ନ୍ୟାୟ) ଗୃହୀତ ହେବ ନାହିଁ ବୋଲି ମୋର ଆଶଙ୍କା ହେବାରୁ ସେଥିପାଇଁ ଆପଣଙ୍କ ସାନୁଗ୍ରହ ଅନୁମତି ପ୍ରାର୍ଥନା କରିବାକୁ ମୁଁ ଭରସି ପାରୁନାହିଁ ।" ଏହା ଶୁଣିବା ମାତ୍ରେ ସେ କହିଲେ—"ପକ୍ଷାନ୍ତରରେ ଏପରି ବିଶିଷ୍ଟ ଗ୍ରନ୍ଥ ସଙ୍ଗେ ମୋ ନାମ ସଂଶ୍ଲିଷ୍ଟ ହେଲେ ମୁଁ ପରମାନନ୍ଦିତ ହେବି । ମୋ ନାମରେ ଏ ବିସ୍ମୟୋତ୍ପାଦକ ଗ୍ରନ୍ଥର ଅନ୍ତିମଖଣ୍ଡ ଉତ୍ସୃଷ୍ଟ ହେବା ନିମନ୍ତେ ମୁଁ ପ୍ରସନ୍ନ ହୃଦୟରେ ଅନୁମତି ପ୍ରଦାନ କରୁଅଛି ।"

ମୋର ଚିର ପୋଷିତ ଓ ଏକଦା ନିଷ୍ଫଳୀ-ଭୂତ ଆଶାର ଏବମ୍ଭୂତ ଅତର୍କିତପୂର୍ବ ସଫଳତା ଦେଖି ମୁଁ ଏପରି ଦିଗ୍‌ବିଦିଗ୍‌ଜ୍ଞାନଶୂନ୍ୟ ହୋଇଗଲି ଯେ, ଭାଇସରୟଙ୍କ ଶ୍ରୀମୁଖରୁ ଏହା ଶୁଣିବାମାତ୍ରେ ମୁଁ ଆସନ ପରିତ୍ୟାଗ କରି ତାଙ୍କ ସମ୍ମୁଖରେ ଆନନ୍ଦରେ ହସ୍ତୋତ୍ତୋଳନପୂର୍ବକ ନୃତ୍ୟ କଲି ଓ ତାଙ୍କ ସନ୍ନିଧିକୁ ଅଗ୍ରସର ହୋଇ ତାଙ୍କ ଶ୍ରୀଅଙ୍ଗରେ କର ସ୍ପର୍ଶ କରି କହିଲି:—

"ମହାମହିମ ଭାରତ ସମ୍ରାଟଙ୍କ ମହାମାନ୍ୟ ପ୍ରତିନିଧିଙ୍କ ଦ୍ୱାରା ଦେଢ଼କୋଟି ରାଜଭକ୍ତ ଓ ଶାନ୍ତିପ୍ରିୟ ଓଡ଼ିଆ ପ୍ରଜାଙ୍କ ଜାତୀୟ ସାରସ୍ୱତ ମନ୍ଦିରର ଅଭିଷେକକାର୍ଯ୍ୟଟା ଓଡ଼ିଶାର ଇତିହାସରେ ଚିରକାଳ ଚାକ୍ଷୁଲ୍ୟମାନ ହୋଇ ରହିବ । ଭଗବାନ୍ ସମ୍ରାଟଙ୍କର ତଥା ତାଙ୍କ ଭାଇସ୍‌ରୟ୍‌ଙ୍କ ମଙ୍ଗଳ ସାଧନ କରନ୍ତୁ । ମୋ ରାଜଭକ୍ତ ସମ୍ରାଟ୍‌ପ୍ରତିନିଧିଙ୍କ ଜରିଆରେ ସମ୍ରାଟଙ୍କୁ ଜ୍ଞାପନ କରୁଅଛି" । ଏହା ଶୁଣି ଭାଇସ୍‌ରୟ୍ ସସ୍ମିତବଦନରେ ପରମପରିତୋଷ ପ୍ରକାଶ କଲେ ।

ଆଗାମୀ ବର୍ଷେ ଦୁଇ ବର୍ଷରେ ସେ ଓଡ଼ିଶା ଦର୍ଶନ କରିବାକୁ କାମନା କରୁଅଛନ୍ତି ବୋଲି ମୋତେ କହି, ଭାଇସ୍‌ରୟ୍ ପ୍ରସନ୍ନ ହୃଦୟରେ ମୋତେ ସ୍ୱହୀତବାଦନ କରି ବିଦାୟ ଦେଲେ । ତାଙ୍କଠାରୁ ବିଦାୟ ଗ୍ରହଣ କରି ଉକ୍ତ ବଡ଼ଲାଟଭବନରେ ଭାଇସ୍‌ରୟ୍‌ଙ୍କ ପ୍ରାଇଭେଟ ସେକ୍ରେଟେରୀ ଶ୍ରୀଯୁକ୍ତ ଜେ. ଜି. ଲେଥ୍‌ୱେଟ୍, ସି. ଆଇ. ଇ, ଆଇ. ସି. ଏସ୍‌ଙ୍କୁ ଭେଟିଲି ଓ ତାଙ୍କଠାରୁ ଅବଗତ ହେଲି ଯେ, ଟେଲିଫୋନ୍ ଯୋଗେ ସରଜନ୍ ହବାର୍ଟ୍ ମୋ ସମ୍ବନ୍ଧେ ଓ ଭାଷାକୋଷ ସମ୍ବନ୍ଧେ ବହୁ ଜ୍ଞାତବ୍ୟ ବିଷୟ ମୋ ଭେଟ ପୂର୍ବରୁ ଭାଇସ୍‌ରୟ୍‌ଙ୍କ କର୍ଣ୍ଣଗୋଚର କରାଇଥିଲେ ।

୧୯୩୭ ଡିସେମ୍ବର ମାସରେ ମୋର ଚିକିତ୍ସାର୍ଥ କଲିକତାରେ ରହିଥିବା ସମୟରେ ଭାଇସ୍‌ରୟ୍‌ଦମ୍ପତି ସେଠାକୁ ବିଜେ କଲେ । ଭାଇସରୟ୍-ମହିଷୀ ଭାରତରେ ସର୍ବଗ୍ରାସୀ ରାଜଯକ୍ଷ୍ମା ରୋଗର ନିରାକରଣ ନିମନ୍ତେ ଯେଉଁ ନିଷ୍ଠା, ନିଃସ୍ୱାର୍ଥପରତା ଓ ତ୍ୟାଗ ଦେଖାଇଅଛନ୍ତି, ତାହା ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ; ଅତଏବ ଓଡ଼ିଆଜାତିର କୃତଜ୍ଞତାପ୍ରକାଶର ଚିହ୍ନରୂପେ ତାଙ୍କୁ ଭାଷାକୋଷ ସପ୍ତମଖଣ୍ଡର ଅଭିଭାବିକା ରୂପେ ବରଣ କରିବାକୁ ସେ ସମୟରେ ମୁଁ ଅନୁମତି ପ୍ରାର୍ଥନା କଲି । ତହିଁର ଉତ୍ତରରେ ସଙ୍ଗେ ସଙ୍ଗେ ତାଙ୍କର ସାନୁଗ୍ରହ ଅନୁମତି ପ୍ରାପ୍ତ ହେଲା ।

ମହାମାନ୍ୟ ଭାଇସ୍‌ରୟ୍ ସପ୍ତମଖଣ୍ଡ କୋଷର ବ୍ୟୟନିର୍ବାହାର୍ଥ ତିନିଥର ବିଶିଷ୍ଟ ଅର୍ଥ ସାହାଯ୍ୟ ମଧ୍ୟ କରିଅଛନ୍ତି ।

ଓଡ଼ିଆଭାଷାର ଏ ସାରସ୍ୱତ ମନ୍ଦିର ସଙ୍ଗେ ଭାରତର ମହାମାନ୍ୟବର ଭାଇସ୍‌ରୟ୍-ଦମ୍ପତିଙ୍କ ନାମ ସଂଯୋଜିତ ହେବା ଓଡ଼ିଆ ଜାତି ପକ୍ଷରେ ପରମ ଗୌରବର ବିଷୟ । ଏଥିପାଇଁ ଏ ମନ୍ଦିରସ୍ଥାପକର ବିସ୍ତୃତ ବିବରଣ ଲିପିବଦ୍ଧ ନ କରି ସମ୍ଭାଳି ହୋଇ ରହି ପାରିଲି ନାହିଁ ।

## ଏହି ଅନ୍ତିମଖଣ୍ଡର ସହାୟକଗଣ

ଏହି ଅନ୍ତିମଖଣ୍ଡର ପ୍ରକାଶରେ ଅଭାବନୀୟ ଅସୁବିଧା, ଅଭାବ ଓ ଆବର୍ଷରୁ ଅଧିକ ବିଳମ୍ବ ଘଟିବାରୁ ମତେ ଏକାଧିକଥର ପ୍ରତିଶ୍ରୁତି ଦାତା, ଭାବୀ ସାହାଯ୍ୟକାରୀ ଓ ପୃଷ୍ଠପୋଷକମାନଙ୍କ ନିକଟକୁ ଯିବାପାଇଁ ନାନା ସ୍ଥାନ ପରିଭ୍ରମଣ କରିବାକୁ ହେଲା ଓ କେତେକ ସ୍ଥାନକୁ ମଧ୍ୟ ଏକାଧିକଥର ଯିବାକୁ ହେଲା; କେତେକ ସ୍ଥାନରୁ ସଫଳକାମ ଓ କେତେକ ସ୍ଥାନରୁ ବିଫଳକାମ ହୋଇ ଫେରିଲି । ଯୁଦ୍ଧ ଯୋଗୁଁ କାଗଜର ମୂଲ୍ୟ, ଆର୍ଟ୍ ପେପର୍‌ର ମୂଲ୍ୟ, ବ୍ଲକ ତିଆରିର ମୂଲ୍ୟ, ବହିବନ୍ଧା ଉପକରଣମାନଙ୍କ ମୂଲ୍ୟର ଅତ୍ୟଧିକ ବୃଦ୍ଧି ହୋଇଯିବାରୁ ଏ ଖଣ୍ଡପାଇଁ ପୂର୍ବଖଣ୍ଡମାନଙ୍କ ବ୍ୟୟର ପ୍ରାୟ ଦେଢ଼ଗୁଣ ବ୍ୟୟ କରିବାକୁ ପଡ଼ିଲା ।

ନିମ୍ନଲିଖିତ ବଦାନ୍ୟବର୍ଗଙ୍କ ଅର୍ଥସାହାଯ୍ୟ ନ ପାଇଥିଲେ ଏ ଗ୍ରନ୍ଥର ପ୍ରକାଶ ବର୍ତ୍ତମାନ ମଧ୍ୟ ହୋଇପାରି ନ ଥାନ୍ତା ।

The constant well-wishers of the Lexicon
His Excellency Sir John Austen Hubback and Lady Hubback.



ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ଆମୂଳଚୂଳ ହିତକାମିଯୁଗଳ
ଓଡ଼ିଶାର ପ୍ରଥମ ଗଭର୍ଣ୍ଣର୍ ସର୍ ଜନ୍ ହବାକ୍ ଓ ଲେଡୀ ହବାକ୍ ।

ମହା ମାନ୍ୟବର ମାର୍କ୍ୱିସ୍ ଅଫ୍ ଲିନ୍‌ଲିଥ୍‌ଗୋ ଭାରତର ଭାଇସ୍‌ରୟ ଓ ଗଭର୍ଣ୍ଣର୍ ଜେନେରଲ, ମାନ୍ୟବର ସର୍ ଜନ୍ ହବାର୍ଟ, ଓଡ଼ିଶାର ଗଭର୍ଣ୍ଣର୍, ଓଡ଼ିଶା ଗଭର୍ଣ୍ଣମେଣ୍ଟ, ବାମଣ୍ଡା ରାଜପିତାମହୀ ଶ୍ରୀ ଶ୍ରୀମତୀ ଡମରୁଧର-ପ୍ରିୟାଦେବୀ ଓ ବାମଣ୍ଡାଧୀଶ୍ୱର ରାଜା ଭାନୁଗଙ୍ଗ ଦେବ, ରାଜା ଶ୍ରୀ କୃଷ୍ଣଚନ୍ଦ୍ର ସିଂହ ମାନଧାତା ନୟାଗଡ଼ ଅଧୀଶ୍ୱର, କେନ୍ଦୁଝର ଅଧୀଶ୍ୱର ରାଜା ଶ୍ରୀ ବଳଭଦ୍ର ନାରାୟଣଭଞ୍ଜ ଦେବ, ସରାଇକଳା ଅଧୀଶ୍ୱର ରାଜା ଶ୍ରୀ ଆଦିତ୍ୟପ୍ରତାପ ସିଂହଦେବ, ଆଠମଲ୍ଲିକ ଅଧୀଶ୍ୱର ରାଜା ଶ୍ରୀ କିଶୋରଚନ୍ଦ୍ର ଦେବ; ଖଲ୍ଲିକୋଟ, ଆଠଗଡ଼ ଓ ବରୁଣର ଅଧିପତି ରାଜା ବାହାଦୁର ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ, ତାଳଚେରର ଅଧୀଶ୍ୱର ରାଜା ଶ୍ରୀ କିଶୋରଚନ୍ଦ୍ର ବୀରବର ହରିଚନ୍ଦନ, ଖଡ଼ିଅଲର ଯୁବରାଜ ଶ୍ରୀ ଅନୁପସିଂହ ଦେବ, ଖଡ଼ିଅଲର ଲାଲସାହେବ ଶ୍ରୀ ଶିବନାରାୟଣ ଦେବଙ୍କ ସହଧର୍ମିଣୀ ଶ୍ରୀମତୀ ବୈଦେହୀକୁମାରୀ ଦେବୀ, ଆଠଗଡ଼ ଅଧୀଶ୍ୱର ରାଜା ଶ୍ରୀ ରାଧାନାଥ ଦେବବର୍ମା, ବଣାଇ ଅଧୀଶ୍ୱର ରାଜା ଶ୍ରୀ ଧରଣୀଧର ଇନ୍ଦ୍ରଦେଓ ଦେବ, ଶ୍ରୀ ମାହେଶ୍ୱରୀ ପ୍ରସାଦ ଦେବ (ଲଞ୍ଜିଗଡ଼), ଶ୍ରୀ ଶ୍ରୀ ବ୍ରଜସୁନ୍ଦର ଦେବ ରାଜା ସାହେବ ଅଳ, ଦଶପଲ୍ଲାଧୀଶ୍ୱର ରାଜା ଶ୍ରୀ କିଶୋରଚନ୍ଦ୍ର ଦେଓଭଞ୍ଜ, ଅଧିକାରୀ ବୃନ୍ଦାବନ ଦାସ ଗୋସ୍ୱାମୀ ଓଡ଼ିଆ ମଠ ପୁରୀ, ବାଲେଶ୍ୱର ଲଡ଼ଜା ଇଷ୍ଟେଟ୍ ଜମିଦାର ଶ୍ରୀ ଚଉଧୁରୀ ମୃତ୍ୟୁଞ୍ଜୟ ନାରାୟଣ ପ୍ରହରାଜ ମାନ୍ଧାତା, ଗୋରକ୍ଷପୁର ଗୀତା ପ୍ରେସର ସ୍ୱତ୍ୱାଧିକାରୀ ଶ୍ରୀ ଜୟଦୟାଲ ଗୋଏଙ୍କା, କଟକର ଜମିଦାର ଶ୍ରୀଯୁକ୍ତ ମୋହନଲାଲ ପଣ୍ଡିତ ବି. ଏ., ଯାଜପୁର ଜମିଦାର ରାୟ ସାହେବ ଚୌଧୁରୀ ନୃସିଂହଚରଣ ମହାପାତ୍ର, ରେଭେନ୍ସା କଲେଜର ପ୍ରୋଫେସର୍ ଶ୍ରୀ ବିପିନବିହାରୀ ରାୟ, ତାଳଚେରର ପଞ୍ଚାଏତ ଶ୍ରୀ ପ୍ରମୋଦଚନ୍ଦ୍ର ଦେବ, ରଣପୁରାଧୀଶ୍ୱର ରାଜା ଶ୍ରୀ ବୀରବର କୃଷ୍ଣଚନ୍ଦ୍ର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର, ବାଲେଶ୍ୱରର ମହାରାଜ କୁମାର ରାୟ ବାହାଦୁର ମନ୍ମଥନାଥ ଦେବ, ଦ୍ୱାରଭଙ୍ଗା ଜିଲ୍ଲାର ଲହେରିଆ ସରାଇର ପୁସ୍ତକ ଭଣ୍ଡାରର ସ୍ୱତ୍ୱାଧିକାରୀ ପଣ୍ଡିତ ଶ୍ରୀ ରାମଲୋଚନ ଶରଣ, ପୁରୀ ଜିଲ୍ଲାର ରାହାଙ୍ଗ ପ୍ରଗଣାର ଶ୍ରୀ ବାବୁ ଜଗନ୍ନାଥ ଶତପଥୀ, ଶ୍ରୀ ବାବୁ ସତ୍ୟବାଦୀ ଓଡ଼ା ସାକ୍ଷିଗୋପାଳ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦେବ ରାଜସାହେବ ସୁରଙ୍ଗୀ, ଶ୍ରୀଯୁକ୍ତ ଜଗନ୍ନାଥ ରାଜମଣି ରାଜଦେବ ରାଜା ସାହେବ ମଞ୍ଜୁଷା, ସ୍ୱର୍ଗତ ରାୟ ବାହାଦୁର ଭୂୟାଁ ଈଶ୍ୱରଚନ୍ଦ୍ର ମହାପାତ୍ରଙ୍କ ସହଧର୍ମିଣୀ ଶ୍ରୀମତୀ ସୁନୀତି-କୁମାରୀ ଦେବୀ, କଟକର ମହାଜନ ରାୟ ସାହେବ ଗିରିଧାରୀଲାଲ ମୋଡ଼ୀ ।

ନିମ୍ନଲିଖିତ ଦାତାମାନେ ଭାଷାକୋଷର ପୂର୍ବବର୍ତ୍ତୀ ଖଣ୍ଡମାନଙ୍କ ପ୍ରକାଶାର୍ଥ ପ୍ରତିଶ୍ରୁତ ଅର୍ଥ ଇତି ମଧ୍ୟରେ ପୂର୍ଣ୍ଣରୂପେ ବା ଆଂଶିକ ପ୍ରଦାନ କରିଅଛନ୍ତି ।

ପାଟଣା ଅଧୀଶ୍ୱର ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେବ, ପାଲଲହଡ଼ା ଅଧୀଶ୍ୱର ରାଜା ଶ୍ରୀ ଶରଚ୍ଚନ୍ଦ୍ର ମୁନିପାଲ, ସ୍ୱର୍ଗତ ରାଜା ଲାଲ ରାଜେନ୍ଦ୍ର ସିଂହଙ୍କ ପୁତ୍ର ଶ୍ରୀ ଶ୍ରୀ ଲାଲ ସଦାନନ୍ଦ ସିଂହ (ରାଜା ବୋଡ଼ାସମ୍ବର), ପାଟଣାର ଲାଲ ରଘୁରାଜ ସିଂହ ଦେଓ, ସମ୍ବଲପୁରର ରାୟସାହେବ ସଙ୍କର୍ଷଣ ଗଡ଼ତିଆ, ପାଟଣା ଷ୍ଟେଟର କଣ୍ଟ୍ରାକ୍ଟର ଜମର୍ଷି ହରିଦାସ, ପାଟଣା ଷ୍ଟେଟର ରାଜପଣ୍ଡିତ ଶ୍ରୀ ଅଚ୍ୟୁତାନନ୍ଦ ପଣ୍ଡା ଭକ୍ତିବିନୋଦ, ଶ୍ରୀ ମହନ୍ତ ଗଦାଧର ରାମାନୁଜ ଦାସ ପୁରୀ ।

## ଭାଷାକୋଷ ସପ୍ତମଖଣ୍ଡର ସମ୍ମାର୍ଜନ ଓ ପ୍ରକାଶାର୍ଥ ନିମ୍ନଲିଖିତ କର୍ମୀମାନଙ୍କଠାରୁ ମୁଁ ସାହାଯ୍ୟ ପାଇଅଛି :—

ଶ୍ରୀମତୀ ପୀତାମ୍ବରୀ ଦେବୀ ୧୯୧୯ ସାଲଠାରୁ ଅଦ୍ୟ ପର୍ଯ୍ୟନ୍ତ ଗତ ୨୧ ବର୍ଷ ହେଲା ଅକୁଣ୍ଠିତ ଭାବରେ ଭାଷାକୋଷର ସଙ୍କଳନ, ସାଫି କରିବା, ସମ୍ମାର୍ଜନ, ପ୍ରୁଫ୍ ସଂଶୋଧନ ବିଷୟରେ ମୋତେ ସାହାଯ୍ୟ କରିଅଛନ୍ତି । ତାଙ୍କର ସାହଚର୍ଯ୍ୟ, ଶୁଶ୍ରୂଷା ଓ ସାହାଯ୍ୟ ପାଇ ନ ଥିଲେ ଏକାଦିକ୍ରମେ ଏତେ ଦୀର୍ଘକାଳ ପରିଶ୍ରମ ପାଇଁ ମୋ ଧୈର୍ଯ୍ୟଚ୍ୟୁତି ଘଟିଥାଆନ୍ତା ।

ପଣ୍ଡିତ କୁଳମଣି ଦାଶ କାବ୍ୟତୀର୍ଥ, ପୂର୍ବତନ ହେଡ୍‌ପଣ୍ଡିତ, ରେଭେନ୍ସା କଲେଜିଏଟ୍ ସ୍କୁଲ, କଟକ (ସମ୍ମାର୍ଜନ)

ଶ୍ରୀ ସତ୍ୟେନ୍ଦ୍ରନାରାୟଣ ରାୟ ଏମ୍. ଏ., ବି. ଏଲ୍. ଅଡ୍‌ଭୋକେଟ୍, ଜମିଦାର, ଲକ୍ଷଣନାଥ (ବଙ୍ଗଳା ପ୍ରତିଶବ୍ଦ ଯୋଜନା)

ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର ଏମ୍. ଏ., ବି. ଏଲ୍ ଓକିଲ, କଟକ (ସମ୍ମାର୍ଜନ ଓ ପ୍ରୁଫ୍‌ସଂଶୋଧନ) ।

ଶ୍ରୀ ବଳଭଦ୍ରଚରଣ ପଟ୍ଟନାୟକ, ବି. ଏ., ବି. ଏଲ୍. (ସାଫି ଲେଖା, ସନ୍ଦର୍ଭ ଲେଖା)

ଶ୍ରୀ ପଣ୍ଡିତ ସୁରେଶଚନ୍ଦ୍ର ଝା କାବ୍ୟସାଂଖ୍ୟତୀର୍ଥ, ବ୍ୟାକରଣଶାସ୍ତ୍ରୀ, ବିଶାରଦ, ଶିକ୍ଷକ ଫକସ୍ ବୈଶ୍ୟବିଦ୍ୟାଳୟ, କଟକ (ହିନ୍ଦୀ ପ୍ରତିଶବ୍ଦ ଯୋଜନା)

ପଣ୍ଡିତ ଶ୍ରୀ ତ୍ରିପୁରାନାରାୟଣ ଠାକୁର, ହେଡ୍‌ପଣ୍ଡିତ, ଫକସ୍ ବୈଶ୍ୟବିଦ୍ୟାଳୟ, କଟକ (ହିନ୍ଦୀ ପ୍ରତିଶବ୍ଦ ଯୋଜନା)

ଶ୍ରୀ କୃଷ୍ଣଚନ୍ଦ୍ର କର, ରିଡର୍, ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ୍ (ସାଫିଲେଖା)

ଶ୍ରୀ ପଣ୍ଡିତ ଭୁବନେଶ୍ୱର ମିଶ୍ର, ଅମ୍ବିକା ପ୍ରେସ ପୁସ୍ତକ ଭଣ୍ଡାର, କଟକ (ସାଫିଲେଖା)

ଶ୍ରୀ କୁଳମଣି କର, ମାନେଜର, ଉତ୍କଳ ସାହିତ୍ୟ ପ୍ରେସ, କଟକ (ପ୍ରୁଫ ସଂଶୋଧନ)

ଶ୍ରୀ ସାମନ୍ତ ନରସିଂହ ମହାପାତ୍ର, ଶିକ୍ଷକ, ପ୍ୟାରୀମୋହନ ଏକାଡେମୀ, କଟକ (ସାଫି ଲେଖା)

ଶ୍ରୀ ଜଗନ୍ନାଥ ତ୍ରିପାଠୀ ବି. ଏ. ବି. ଟି, ପୂର୍ବତନ ହେଡ୍ ମାଷ୍ଟର, କଟକ ଟ୍ରେନିଙ୍ଗ୍‌ସ୍କୁଲ (ସମ୍ମାର୍ଜନ ଓ ସନ୍ଦର୍ଭ)

ମୋ ବାଲ୍ୟବନ୍ଧୁ ଓ ଯୌବନସହଚର ଓ ବାର୍ଦ୍ଧକ୍ୟସୁହୃତ୍ ଶ୍ରୀ ଶଶିଭୂଷଣ ରାୟ, କାଳୀଗଳି, କଟକ, (ପ୍ରାଦେଶିକ ଶବ୍ଦ)

ଶ୍ରୀ ପଣ୍ଡିତ ସତ୍ୟଶଙ୍କର ମୁଖାର୍ଜୀ, ଶିକ୍ଷକ, ପ୍ୟାରୀମୋହନ ଏକାଡେମୀ (ବଙ୍ଗଳା ପ୍ରତିଶବ୍ଦ)

ଶ୍ରୀ ଲାଲସାହେବ ଶିବନାରାୟଣ ଦେବ, ଖଡ଼ିଅଲ (ପ୍ରାଦେଶିକ ଶବ୍ଦ)

ଶ୍ରୀ ତ୍ରିଲୋଚନ ପଟ୍ଟନାୟକ, ସମ୍ପାଦକ, ପାଟଣାଷ୍ଟେଟ୍ (ପ୍ରାଦେଶିକ ଶବ୍ଦ)

ଶ୍ରୀ ବଣ୍ଡକ୍ ଟେଜ ବହିଦାର, ସମ୍ପାଦକ, ସମ୍ବଲପୁର (ପ୍ରାଦେଶିକ ଶବ୍ଦ)

ଶ୍ରୀ ଭବଚନ୍ଦ୍ର କାଳୀଚରଣ ପଟ୍ଟନାୟକ, କଟକ (ପ୍ରାଦେଶିକ ଶବ୍ଦ ଓ ସନ୍ଦର୍ଭ)

ଶ୍ରୀ ଦୁର୍ଗାଚରଣ ରାୟ ବି. ଏ. ସଦର୍ ସବ୍‌ଡିଭିଜନ୍ ଅଫିସର୍, ପାଟଣାଷ୍ଟେଟ୍ (ପ୍ରାଦେଶିକ ଶବ୍ଦ)

ଶ୍ରୀମତୀ ସୁମତି ଦେବୀ, ଶ୍ରୀ ଦୁର୍ଗାଚରଣ ରାୟଙ୍କ ସହଧର୍ମିଣୀ (ପ୍ରାଦେଶିକ ଓ ଗ୍ରାମ୍ୟଶବ୍ଦ

ରାୟସାହେବ ବାମଦେବ ମିଶ୍ର ବି. ଏ. ଦେବାନ, ଆଠମଲ୍ଲିକ ଷ୍ଟେଟ୍ (ପ୍ରାଦେଶିକ ଶବ୍ଦ, ପୃଷ୍ଠପୋଷକ ଓ ଗ୍ରାହକ ସଂଗ୍ରହ)

ମୋର ଓ ଶ୍ରୀମତୀ ପିତାମହୀଙ୍କର ଆଶୈଶବ ସ୍ନେହବର୍ଦ୍ଧିତ ,ପାଳିତ ପୁତ୍ର ଶ୍ରୀମାନ୍ ଜଗବନ୍ଧୁ ପ୍ରହରାଜ (ସେ ନଅ ବର୍ଷ ବୟସ୍କ ହେଲେ ସୁଦ୍ଧା କ୍ରୀଡ଼ାଭୂମିରେ, କ୍ରିକେଟ୍‌ରେ, କ୍ଲାସ୍‌ରେ, ବିଦ୍ୟାଳୟର ଉଦ୍ୟାନରେ ଓ ଧୂଳି ଖେଳରେ, ଯେଉଁଠାରେ ଗୋଟିଏ ନୂଆ ଶବ୍ଦ ଶୁଣେ ତାହା ବାଲେ ତା 'ବାବା'ଙ୍କ ଭାଷାକୋଷରେ ସ୍ଥାନ ପାଇ ନ ଥିବ, ଏହା ଭାବି ଆସି ମୋତେ କହେ ଓ ଭାଷାକୋଷରେ ସେ ଶବ୍ଦ ଅଛି ବୋଲି ମୁଁ ଦେଖାଇ ନ ଦେବା ପର୍ଯ୍ୟନ୍ତ ସେ ନିବର୍ତ୍ତେ ନାହିଁ; ଯେଉଁ ଶବ୍ଦ ଭାଷାକୋଷରେ ସ୍ଥାନ ପାଇ ନ ଥାଏ ତାହା ମୁଁ ଟିପି ରଖେଁ । ତା ଉଦ୍ୟମ ଫଳରେ ମୁଁ ଅନ୍ତତଃ ୨୦।୩୦ଟି ଶିଶୁରଞ୍ଜକ ପଦ ଯୋଗକରି ପାରିଅଛି । କିଂବଦନ୍ତୀ ବର୍ଣ୍ଣିତ ସ୍ୱର୍ଣ୍ଣଚମ୍ପୂଷାର ପାଣିରେ ବୃହତ୍ ବାଲିରେ ଗଡ଼ି ଶ୍ରୀରାମଚନ୍ଦ୍ରଙ୍କ ସେତୁବନ୍ଧ ଉପରେ ଆସି ଦେହରୁ ବାଲି ଝାଡ଼ି ହୋଇ ସାହାଯ୍ୟ କଲାଭଳି ବାବା ଜଗବନ୍ଧୁର ଭାଷାକୋଷ ପ୍ରତି ସାହାଯ୍ୟଦାନ ବିଷୟରେ ଯେଉଁ ଆନ୍ତରିକତା ମୁଁ ଲକ୍ଷ କରିଅଛି ତାହା ମୋର ପରମାଦରର ବସ୍ତୁ ।)

ଶ୍ରୀ ଜଗନ୍ନାଥ ରାଓ, ସିଭିଲ୍‌କୋର୍ଟ କମିସନର୍ ଜଜକୋର୍ଟ, କଟକ (ଶବ୍ଦ ସଂଗ୍ରହ)

ଶ୍ରୀ ଧନେଶ୍ୱର ଷଡ଼ଙ୍ଗୀ, ସାରସ୍ୱତ ପ୍ରେସ, କଟକ (ଶବ୍ଦ ସଂଗ୍ରହ)

ଶ୍ରୀ ନାରାୟଣ ସାଠିଆ ବି. ଏ., ସିନିଅର୍ ରିଡ଼ର୍, ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ (ଶବ୍ଦ ସଂଗ୍ରହ)

ମୋ କନିଷ୍ଠଭ୍ରାତା ଶ୍ରୀମାନ୍ ବଟକୃଷ୍ଣ ପ୍ରହରାଜ ବି.ଏ. (ଗ୍ରାମ୍ୟ ଶବ୍ଦ ସଂଗ୍ରହ)

ଶ୍ରୀମତୀ ଅପର୍ଣ୍ଣା ଦେବୀ ନାଗରିକା, ପୁରୀ (ନାରୀ ସମାଜ ପ୍ରଚଳିତ ଓ ଗ୍ରାମ୍ୟ ଶବ୍ଦ ସଂଗ୍ରହ)

ଶ୍ରୀ ପରୀକ୍ଷିତ ଖଣ୍ଡୁଆଳ, ସମ୍ବଲପୁର (ପ୍ରାଦେଶିକ ଶବ୍ଦ ସଂଗ୍ରହ)

ଶ୍ରୀ ନନ୍ଦକିଶୋର ପଟେଲ, ଲଇଡ଼ା, ସମ୍ବଲପୁର (ସମ୍ବଲପୁରୀ ଓ ଲରିଆ ଶବ୍ଦ ସଂଗ୍ରହ)

ଶ୍ରୀ ଚୂଡ଼ାମଣି ନାୟକ, ଗାଙ୍ଗପୁର (ପ୍ରାଦେଶିକ ଶବ୍ଦ ସଂଗ୍ରହ)

ଶ୍ରୀ ଗୋପୀନାଥ ବେହେରା, ଶିକ୍ଷକ, ସମ୍ବଲପୁର (ପ୍ରାଦେଶିକ ଶବ୍ଦସଂଗ୍ରହ)

ଶ୍ରୀ ପ୍ରହ୍ଲାଦ ବଶି, ବୌଦ୍ଧ ଷ୍ଟେଟ୍ (ପ୍ରାଦେଶିକ ଶବ୍ଦ ସଂଗ୍ରହ)

ଶ୍ରୀଯୁକ୍ତ ସି. ଆର୍, ବାଟର୍‌ସ୍ବି ଏମ୍. ବି. ଇ, ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସର ସୁପରିଣ୍ଟେଣ୍ଡେଣ୍ଟ୍ (ଏ ଖଣ୍ଡରେ ପ୍ରଦତ୍ତ ଚିତ୍ରମାନଙ୍କ ବ୍ଲକ୍ ତିଆର ଓ ଚିତ୍ରମାନଙ୍କ ମୁଦ୍ରଣ ଓ ବହି ବନ୍ଧାଇ ଉପକରଣ ସଂଗ୍ରହ ବିଷୟରେ ମୂଲ୍ୟବାନ୍ ପରାମର୍ଶ) ।

ସ୍ୱର୍ଗତ ମହାନନ୍ଦ କରଙ୍କ ସହଧର୍ମିଣୀ ଶ୍ରୀମତୀ ବିମଳା କର, ଉତ୍କଳସାହିତ୍ୟ ପ୍ରେସ, (ମୁଦ୍ରଣର ତତ୍ତ୍ୱାବଧାରଣ)

ଶ୍ରୀ ପୂର୍ଣ୍ଣାନନ୍ଦ କର, ଉତ୍କଳ ସାହିତ୍ୟ ପ୍ରେସ, (ଏ ଖଣ୍ଡର ମୁଦ୍ରଣ)

ମନ୍ତର୍ ଖାଁ, ହେଡ୍ କମ୍ପୋଜିଟର୍, ଉତ୍କଳ ସାହିତ୍ୟ ପ୍ରେସ୍ (ଏ ଗ୍ରନ୍ଥର କମ୍ପୋଜ୍ ଓ ମୁଦ୍ରଣ)

ଏସ୍ ଜଅଉଲ୍ଲା, ଫଟୋଗ୍ରାଫର୍, ପ୍ରୋପ୍ରାଇଟର୍, ଫଟୋ ହାଉସ୍, ଚୌଧୁରୀ ବଜାର କଟକ (ଏ ଖଣ୍ଡରେ ଓ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କରେ ପ୍ରକାଶିତ ଚିତ୍ରମାନଙ୍କର ଫଟୋ ଗ୍ରହଣକାରୀ ।)

ଶ୍ରୀ ବାଳକୃଷ୍ଣ କର ବି. ଏ., ପ୍ରୋପ୍ରାଇଟର୍, ସାରସ୍ୱତ ପ୍ରେସ୍ (କଟକରେ ଫଟୋମାନଙ୍କର ହାଫ୍‌ଟୋନ୍ ବ୍ଲକ୍‌ମାନ ତିଆର ତିଆରି ବିଷୟରେ ଏହାଙ୍କ ଉଦ୍ୟୋଗ ଯୋଗୁଁ ଏ ଖଣ୍ଡରେ ପ୍ରକାଶିତ ଚିତ୍ରମାନଙ୍କ ବ୍ଲକ ପ୍ରସ୍ତୁତ ହୋଇ ପାରିଅଛି । ପୂର୍ବେ ବ୍ଲକମାନ କଲିକତାରେ ଅଧିକତର ବ୍ୟୟରେ ତିଆରି କରାଇବାକୁ ପଡ଼ୁଥିଲା) ।

ଅବଦୁଲ ଅଲି ଖାଁ ଦପ୍ତରୀ, ସର୍କୁଲାର କୋର୍ଟ, କଟକ (ଏ ଗ୍ରନ୍ଥର ଦ୍ୱିତୀୟଖଣ୍ଡଠାରୁ ସପ୍ତମଖଣ୍ଡର ପୁସ୍ତକମାନଙ୍କ ବନ୍ଧାଇ ଏହାଙ୍କ ତତ୍ତ୍ୱାବଧାରଣରେ ହୋଇଅଛି ।)

ଶ୍ରୀ ରାମଚନ୍ଦ୍ର ଦାସ, ବ୍ଲକ୍ ମେକର୍, କଟକ (ଏ ଖଣ୍ଡର ଅନ୍ୟ କେତେକ ଚିତ୍ର ଓ ପୁସ୍ତକାଙ୍କିତ ନାମାକ୍ଷର ବ୍ଲକ୍ ପ୍ରସ୍ତୁତକାରୀ ।)

ଶ୍ରୀଯୁକ୍ତ ରଙ୍ଗଲାଲ ମୋଦି ଏମ୍. ଏଲ୍. ଏ., ନୟାସଡ଼କ୍ କଟକଙ୍କଠାରୁ ଭାଷାକୋଷର କାଗଜ କ୍ରୀତ ହୋଇଅଛି ।

ମୋର ବାଲ୍ୟକାଳର ସହପାଠୀ ଦେବାନ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ର ଏ ଅବତରଣିକାର ସମ୍ମାର୍ଜନରେ ସବିଶେଷ ସାହାଯ୍ୟ କରିଅଛନ୍ତି ।

ଓଡ଼ିଶା ଗଭର୍ଣ୍ଣରଙ୍କ ଆଡ୍‌ଭାଇସର ଶ୍ରୀଯୁକ୍ତ ଇ. ସି. ଆନ୍‌ସୋର୍ଜ, ସି, ଆଇ. ଇ., ଆଇ. ସି. ଏସ୍. ସଦୟ ହୋଇ ଏ ଖଣ୍ଡର ଇଂରାଜୀ ଅବତରଣିକାର ଭାଷାକୁ ସମ୍ମାର୍ଜନ କରି ଦେଇଅଛନ୍ତି ।

## ସପ୍ତମ ଖଣ୍ଡରେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସନ୍ଦର୍ଭମାନ ପ୍ରକାଶିତ ହୋଇଛି :—

ସାହିତ୍ୟସମ୍ରାଟ୍ ମହାରାଜ ଶ୍ରୀ ବିକ୍ରମଦେବ ବର୍ମା, ଡି.ଲିଟ୍, ଜୟପୁର

ଶ୍ରୀ ବାଇକୋଳ ମହାପାତ୍ର ଜ୍ୟୋତିଷବିଶାରଦ—ଖଲ୍ଲିକୋଟ

ଅଧ୍ୟାପକ ଶ୍ରୀ ବିପିନବିହାରୀ ରାୟ ଏମ୍. ଏ. ରେଭେନ୍‌ସା କଲେଜ, କଟକ

ଶ୍ରୀ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ—କଟକ

ଶ୍ରୀ ନିତ୍ୟାନନ୍ଦଚରଣ ପଟ୍ଟନାୟକ ବିଏ., ବିଏଲ—କଟକ

ଶ୍ରୀ ପଣ୍ଡିତ ବଳଭଦ୍ର ଧୀର—ମଧୁପୁର

ଶ୍ରୀ ମନମୋହନ ଘୋଷ, ଉକିଲ—କଟକ

ଶ୍ରୀ ଜଗନ୍ନାଥ ତ୍ରିପାଠୀ ବି. ଏ, ବି. ଟି,—କଟକ

ଶ୍ରୀ ଜଗବନ୍ଧୁ ସିଂହ ଏମ୍. ଏଲ୍. ଏ., ଓକିଲ—ପୁରୀ

ଶ୍ରୀ ଚନ୍ଦ୍ରଶେଖର ଦାସ, କବି—ଯାଜପୁର

ବ୍ରହ୍ମଅବଧୂତ ବିଶ୍ୱନାଥ ବାବା—ସତ୍ୟମହିମା ଧର୍ମପ୍ରଚାରକ

ଡାକ୍ତର ଶ୍ରୀ ନଟବର ମହାନ୍ତି—ପ୍ରିନ୍‌ସିପାଲ୍, ଉତ୍କଳ ହୋମିଓପାଥିକ୍ କଲେଜ୍, କଟକ

ଡାକ୍ତର ଶ୍ରୀ କୈଳାଶଚନ୍ଦ୍ର ରାଓ—କଟକ

ମହାମହୋପଦେଶକ ଶ୍ରୀ ସ୍ୱାମୀ ଶିବାନନ୍ଦ ବିଦ୍ୟାବିନୋଦ, ବି. ଏ.,—ସଚ୍ଚିଦାନନ୍ଦମଠ, କଟକ

ଶ୍ରୀ ବଂଶୀଧର ମହାନ୍ତି, ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ୍—କେନ୍ଦୁଝର ଷ୍ଟେଟ୍

ଶ୍ରୀ କେଦାରନାଥ ମହାପାତ୍ର ବି.ଏ, ଡିପ ଏଡ୍—ଭୁବନେଶ୍ୱର

ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମିଶ୍ର ନ୍ୟାୟରତ୍ନ—ରାମକୃଷ୍ଣ ଟୋଲ, ପୁରୀ

ଶ୍ରୀମାନ୍ ଯୋଗେନ୍ଦ୍ରଚନ୍ଦ୍ର ଦାସ—କଟକ

ଶ୍ରୀମାନ ପ୍ରଫୁଲ୍ଲ ଚରଣ ପଟ୍ଟନାୟକ—ସବରେଜିଷ୍ଟ୍ରାର, ଓଡ଼ିଶା

## ସମଗ୍ର ଗ୍ରନ୍ଥର ସାହାଯ୍ୟକାରିବୃନ୍ଦ

ପାଣ୍ଡୁଲିପି ଲେଖାର ଆରମ୍ଭଠାରୁ ସପ୍ତମ ଖଣ୍ଡର ପରିସମାପ୍ତି ପର୍ଯ୍ୟନ୍ତ ଯେଉଁମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ, ମୁଖ୍ୟ ଓ ଗୌଣ ଭାବରେ, କାର୍ଯ୍ୟତଃ ଓ ବାକ୍ୟତଃ ସାହାଯ୍ୟ କରିଅଛନ୍ତି, ସେମାନଙ୍କ ନାମ

Rja Sri Bhanuganga Tribhubana Deb,
The promising Young Ruler of the Bamra State.
( See page 8571 to 8574 of this Volume ).



ବାମଣ୍ଡା ରାଜ୍ୟାଧୀଶ୍ୱର ରାଜା ଶ୍ରୀ ଭାନୁଗଙ୍ଗ ତ୍ରିଭୁବନ ଦେବ ।
(ଏହାଙ୍କ ପ୍ରସଙ୍ଗ ଏହି ସପ୍ତମ ଖଣ୍ଡର ୮୫୭୧ ପୃଷ୍ଠାଠାରୁ ୮୫୭୪ ପୃଷ୍ଠାରେ ବର୍ଣ୍ଣିତ ହୋଇଅଛି) ।

କୃତଜ୍ଞତା ସ୍ୱୀକାରରେ ଏ ଗ୍ରନ୍ଥର ଭିନ୍ନ ଭିନ୍ନ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କରେ ଓ ଏହି ଅନ୍ତିମ ଖଣ୍ଡରେ ଉଲ୍ଲିଖିତ ହୋଇଅଛି । ସେଥିରୁ ଦେଖାଯିବ ଯେ, ସମାଜରେ, ଧର୍ମ ବିଶ୍ୱାସରେ, ରାଜନୀତି କ୍ଷେତ୍ରରେ, ଧର୍ମାଧିକରଣରେ ପରସ୍ପର ବିଦ୍ୱେଷ ପୋଷଣ ସାହିତ୍ୟାନୁରାଗୀ ଆବାଳବୃଦ୍ଧବନିତା ସେମାନଙ୍କର ଅନ୍ୟାନ୍ୟ କ୍ଷେତ୍ରରେ ଥିବା ପରସ୍ପର ଭେଦଭାବ ଓ ପାର୍ଥକ୍ୟ ଭୁଲି ଯାଇ ଏ ସାରସ୍ୱତ ମନ୍ଦିରନିର୍ମାଣରେ ଯଥାଶକ୍ତି ସହଯୋଗ କରିଅଛନ୍ତି । ଏତେ ଭକ୍ତଙ୍କ ଉଦ୍ୟମ ନିୟୋଜିତ ହୋଇ ନ ଥିଲେ ମୋ ପରି ଅକିଞ୍ଚନ, ଅଶକ୍ତ, ଅନଭିଜ୍ଞ ଓ ନିଃସମ୍ବଳ ବ୍ୟକ୍ତି ଏ ଦୁରୁହ କର୍ମ ସମାପନରେ ସମର୍ଥ ହୋଇ ନ ଥାନ୍ତା ।

ଏ ଯଜ୍ଞର ସଂକଳ୍ପବାକ୍ୟ ବୋଲି ହେବା ବେଳେ ମହାତ୍ମା ଗାନ୍ଧି ପୁରୋଧା ହୋଇଥିଲେ; ଯଜ୍ଞପରେ ଅବଭୃଥ ସ୍ନାନ ବେଳକୁ ସମ୍ରାଟ୍‌ପ୍ରତିନିଧି ୱାଇସ୍‌ରୟ ପୌରୋହିତ୍ୟ ଗ୍ରହଣ କଲେ ।

ଉତ୍କଳମଣି ମହାତ୍ମା ଗୋପବନ୍ଧୁ ଏଥିର ସ୍ୱସ୍ତିବାଚନ କରିଥିଲେ, ଓଡ଼ିଶା ପ୍ରଦେଶର ଗଭର୍ଣ୍ଣର୍ ଏଥିର ଶାନ୍ତିବାଚନ କଲେ । କଂଗ୍ରେସ ସରକାର ସପ୍ତମ ଖଣ୍ଡର ଲହଡ଼ି ବସାଇଥିଲେ, ବେକଂଗ୍ରେସୀ ସରକାର ଏଥିର ଲହଡ଼ି ମୁଦ କଲେ । ମହାମାନ୍ୟ ସର୍ ଜନ୍ ହବାକ୍ ଓଡ଼ିଶା ବିଭାଗର କମିସନର୍ ରୂପେ ଏ ସାରସ୍ୱତ ମନ୍ଦିରର ଭିତ୍ତି ଦେଇଥିଲେ । ସେହି ସ୍ଥପତି-ରତ୍ନ ଆଜି ଏଥି ଉପରେ ନୀଳଚକ୍ର ବସାଇଲେ । ପ୍ରଥମ ଖଣ୍ଡର ଉତ୍ସର୍ଗପତ୍ର-ଗ୍ରହୀତା ହୋଇଥିଲେ ଓଡ଼ିଶାର ଭାବୀ ଗଭର୍ଣ୍ଣର୍, ଶେଷ ଖଣ୍ଡର ଉତ୍ସର୍ଗପତ୍ର-ଗ୍ରହୀତା ହେଲେ ଭାରତସମ୍ରାଟଙ୍କ ପ୍ରତିନିଧି ଗଭର୍ଣ୍ଣର୍ ଜେନେରଲ୍ । ମଞ୍ଜି ବୁଣିଲେ ବିହାର-ଓଡ଼ିଶା ସରକାର, ଫସଲ ଅମଳ କଲେ ଓଡ଼ିଶା ସରକାର ।

ବିହାର ଓଡ଼ିଶା ସରକାର ଏ ଗ୍ରନ୍ଥର ତଳି ରୋଇଲେ, ଉତ୍କଳର ଏକତମ ପ୍ରସିଦ୍ଧ ରାଜବଂଶୀୟ ସ୍ୱର୍ଗତ କଳାହାଣ୍ଡି ଅଧୀଶ୍ୱର ରୁଆ ତଳରେ ପାଣି ଛିଞ୍ଚିଲେ, ଅନ୍ୟତମ ପ୍ରସିଦ୍ଧ ରାଜବଂଶୀୟ ମୟୂରଭଞ୍ଜାଧୀଶ୍ୱର ଗଛ ମୂଳର ମଳାରେ ମାଟିଅରୁ ପାଣି ଦେଲେ ଓ ଏ ଗଛକୁ ତାଙ୍କ ସ୍ୱର୍ଗତ ଜ୍ୟେଷ୍ଠ ଭ୍ରାତା (ପୂର୍ଣ୍ଣଚନ୍ଦ୍ର)ଙ୍କ ନାମ ଦେଇଗଲେ । ଢେଙ୍କାନାଳର ଓ ମୋଗଲବନ୍ଦିର ସାହିତ୍ୟାନୁରାଗୀ ଜମିଦାରପୁତ୍ରକନ୍ୟାମାନେ କ୍ଷେତରେ ସିଅର କାଟି ଗଛ ମୂଳକୁ ପାଣି ମଡ଼ାଇଲେ । ଏମାନଙ୍କ ଚେଷ୍ଟାରେ ଗଛଟି ତାଜା ହେଲା ଓ କ୍ରମେ କ୍ରମେ ଗଛରୁ ସାତଟି ଭୁଆଁ (ସାତ ଭଲ୍ୟୁମ୍) ବାହାରିଲା । ଏହି ଗଛ ବଢ଼ିଯାଇ ଫୁଲ ଫଳ ଧରିବା ବେଳକୁ ଓଡ଼ିଶା ସରକାର ଓ ଉତ୍କଳର ଅନ୍ୟତମ ଦୁଇଟି ପ୍ରସିଦ୍ଧ ରାଜବଂଶ (ବାମଣ୍ଡା ଓ ନୟାଗଡ଼) ଶେଷରେ ପାଣି ବୁହାଇ ସପୁଷ୍ପଫଳ ବୃକ୍ଷର ଶୋଭା ସମ୍ପାଦନ କଲେ । ଏମାନଙ୍କ ସମ୍ମିଳିତ ଚେଷ୍ଟାଦ୍ୱାରା ବର୍ଦ୍ଧିତ ଏହି ସାରସ୍ୱତ ବୃକ୍ଷର ଫଳ ଓ ପୁଷ୍ପ ଦେଢ଼ କୋଟି ଓଡ଼ିଆ ପୁଅ ଝିଅ ଭୋଗ କରନ୍ତୁ ।

## ଏ ଗ୍ରନ୍ଥର ପ୍ରଧାନ ପୃଷ୍ଠପୋଷକଗଣ

ପୃଷ୍ଠପୋଷକମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ସମ୍ମାନାସ୍ପଦ ଭାରତ ସମ୍ରାଟଙ୍କ ପ୍ରତିନିଧି ମହାମାନ୍ୟ ୱାଇସ୍‌ରୟ ଓ ମାନନୀୟା ୱାଇସ୍‌ରୟ୍-ମହିଷୀଙ୍କ କଥା ପୂର୍ବରୁ ଉଲ୍ଲିଖିତ ହୋଇଅଛି ।

ଏ ଗ୍ରନ୍ଥର ପାଣ୍ଡୁଲିପିର ସମାପ୍ତିଠାରୁ ଆଜି ପର୍ଯ୍ୟନ୍ତ ଏ ଦୀର୍ଘ ୧୩ ବର୍ଷକାଳ ଏ ଭାଷାକୋଷ ଓ ଏଥିର ସଂଗ୍ରାହକ ଯାହାଙ୍କ କରୁଣା, ସ୍ନେହ, ସହଯୋଗ ଓ ସମର୍ଥନ ପାଇଁ ଅସିଅଛି, ସେହି ମାନ୍ୟବର ସର୍ ଜନ୍ ଅଷ୍ଟେନ୍ ହବାକ୍, ଏମ୍. ଏ., କେ. ସି. ଏସ୍. ଆଇ., ଆଇ. ସି. ଏସ୍. ନବ-ପ୍ରତିଷ୍ଠିତ ଓଡ଼ିଶା ପ୍ରଦେଶର ପ୍ରଥମ ଗଭର୍ଣ୍ଣର୍‌ଙ୍କଠାରେ ମୁଁ ଓ ମୋ ଜାତି ଋଣୀ ଅଛୁଁ । ଭାଷାକୋଷର ମୁଁ ଜନ୍ମଦାତା ଅଟେଁ, କିନ୍ତୁ ତାହା ଆଜକୁ ୧୩ ବର୍ଷ ହେଲା ତାଙ୍କ ଅହର୍ନିଶ ଯତ୍ନରେ ଲାଳିତ ପାଳିତ ହୋଇ ଅସିଅଛି । ତାଙ୍କ ପରି ପାଳକ ପିତାଙ୍କୁ ପାଇ ନ ଥିଲେ ଭାଷାକୋଷ ରୂପ ଶିଶୁର ଆଜି ମୁଣ୍ଡକୁ ହାତ ପାଇ ନ ଥାନ୍ତା । ସେ ତେର ବର୍ଷ ପୂର୍ବେ ଓଡ଼ିଶା ବିଭାଗର କମିସନର୍ ଥିଲେ । ଦୈବଗତ୍ୟା କଟକର ତଦାନୀନ୍ତନ କଲେକ୍ଟର୍ ଓ ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ଏନ୍. ଏଫ୍. ପେକ୍, ସି. ଆଇ. ଇ, ଆଇ. ସି. ଏସ୍‌ଙ୍କ (ଯେ ଓଡ଼ିଶା ପ୍ରଦେଶର ପ୍ରତିଷ୍ଠା ପରେ ବିହାର ଗଭର୍ଣ୍ଣମେଣ୍ଟଙ୍କର ଜଣେ ଉଚ୍ଚ କର୍ମଚାରୀ ହେଲେ, ତାଙ୍କ) ଦୃଷ୍ଟି ଏ ପାଣ୍ଡୁଲିପିମାନଙ୍କ ଉପରେ ପଡ଼ିଲା । ପେକ୍ ସାହେବ ଏଥିରେ ମୁଗ୍ଧ ହୋଇ ଶ୍ରୀଯୁକ୍ତ ହବାକ୍ ସାହେବଙ୍କ ଦୃଷ୍ଟି ଏଥିପ୍ରତି ଆକର୍ଷଣ କଲେ । ଏଥି ପୂର୍ବରୁ ଓଡ଼ିଆ ଭାଷା ସମ୍ବନ୍ଧେ ହବାକ୍ ସାହେବଙ୍କର ସମ୍ୟକ ଧାରଣା ନ ଥିଲା । ପେକ୍ ସାହେବଙ୍କ ସୁପାରିସ୍‌କୁ ଏଡ଼ି ନ ପାରି ସେ ତାଙ୍କ ସଙ୍ଗେ ଭାଷାକୋଷାଶ୍ରମରେ ପାଦ ପକାଇଲେ ଓ ତାଙ୍କ ଗହଣରେ ଆସିଥିବା ଓଡ଼ିଆ ଭାଷାବିଶାରଦ ସ୍ୱର୍ଗତ ହେଣ୍ଡ୍ରିକ୍‌ସନ୍ ସାହେବଙ୍କ ଦ୍ୱାରା ପାଣ୍ଡୁଲିପିର ଏକାଧିକ ଅଂଶ ପାଠ କରାଇଲେ । ଦୈବ ଯୋଗକୁ ହେଣ୍ଡ୍ରିକ୍‌ସନ୍ ସାହେବ ପାଣ୍ଡୁଲିପିର ଯେଉଁ ଯେଉଁ ଅଂଶ ପାଠ କଲେ ସେଥିରେ ନିୟୋଜିତ ଗବେଷଣା, ଅଧ୍ୟୟନ ଓ ଅଧ୍ୟବସାୟର ପ୍ରମାଣ ସ୍ପଷ୍ଟ ରୂପେ ରହିଥିଲା । ହବାକ୍ ସାହେବ ଏମାନ ଦେଖି ଏପରି ତୁଷ୍ଟ ହେଲେ ଯେ, ଏ ପାଣ୍ଡୁଲିପିର ସମ୍ମାର୍ଜନ, ମୁଦ୍ରଣ ଓ ମୁଦ୍ରିତ ଗ୍ରନ୍ଥର ଉଦାକଳିତ ବ୍ୟୟର ଅର୍ଦ୍ଧେକ ସାହାଯ୍ୟଦେବା ନିମନ୍ତେ ସେ ବିହାର ଓଡ଼ିଶା ସରକାରଙ୍କୁ ଦୃଢ଼ ରୂପେ ସୁପାରିସ କଲେ । ଇତ୍ୟବସରେ ରାଜକର୍ମରେ ତାଙ୍କର ଅନ୍ୟତ୍ର ବଦଳି ହେବାରୁ ତାଙ୍କ ସ୍ଥାନରେ ନିଯୁକ୍ତ ପେକ୍ ସାହେବ ଓଡ଼ିଶାର କମିସନର୍ ରୂପେ ହବାକ୍ ସାହେବଙ୍କ ସୁପାରିସକୁ ଦୃଢ଼ତର କଲେ । ଏଥିର ଫଳରେ ପାଣ୍ଡୁଲିପିମାନଙ୍କ ସମ୍ମାର୍ଜନ ଓ ମୁଦ୍ରଣ ନିମନ୍ତେ ସେ ସମୟରେ ଅଟକଳ କରାଯାଇଥିବା ବ୍ୟୟ (ପ୍ରାୟ ୪୦ ହଜାର ଟଙ୍କା)ର ଅର୍ଦ୍ଧେ ବିହାର ଓଡ଼ିଶା ସରକାର୍ ପ୍ରଦାନ କଲେ । ଶ୍ରୀ ହବାକ ସାହେବ ମହୋଦୟ ଓଡ଼ିଶାର କମିସନର୍ ଗାଦି ଛାଡ଼ିବା ପରେ ବାଙ୍କିଙ୍ଗ୍ ଏନକ୍ୱାୟାରି କମିଟିର ସଭାପତି, ଭାବୀ ଓଡ଼ିଶାପ୍ରଦେଶର ଶାସନ ସମ୍ପର୍କୀୟ କମିଟିର ସଭାପତି, ବିହାର ଓଡ଼ିଶା ପ୍ରଦେଶର ଶାସନସଭାର ସଦସ୍ୟ ଓ ସହକାରୀ ସଭାପତି କାର୍ଯ୍ୟ କଲେ । ସେ ସମୟରେ କଟକରେ, ରାଞ୍ଚିରେ ଓ ପାଟଣାରେ ତାଙ୍କ ସଙ୍ଗେ ମୋର ଏକାଧିକ ଥର ଭେଟ ହୋଇଥିଲା । ମୋତେ ଭେଟିଲାକ୍ଷଣି ସେ ପ୍ରଥମେ ପଚାରୁଥିଲେ-ଭାଷାକୋଷର ମୁଦ୍ରଣ କର୍ମ କେତେଦୂର ଅଗ୍ରସର ହେଲା ? ସେଥିପାଇଁ କଅଣ ଅଧିକା ସାହାଯ୍ୟ ଲୋଡ଼ା ? ଏମନ୍ତ କି, ତାଙ୍କ ବନ୍ଧୁ ଏକାଧିକ ପୋଲିଟିକାଲ୍ ଏଜେଣ୍ଟ୍, ଗଭର୍ଣ୍ଣର୍ ଜେନେରଲଙ୍କ ଏଜେଣ୍ଟ୍ ଓ ରେସିଡେଣ୍ଟଙ୍କଠାକୁ ମୋ ହାତରେ ପରିଚୟ ପତ୍ର ଦେଇ ଅର୍ଥ ସଂଗ୍ରହ ବିଷୟରେ ମୋତେ ବୁଦ୍ଧି ବତାଇବାକୁ ସାହେବ ମହୋଦୟ ସ୍ୱତଃପ୍ରବୃତ୍ତ ହୋଇ ସେମାନଙ୍କଠାକୁ ମୋତେ ପଠାଇଥିଲେ । ଓଡ଼ିଶାର ଗଭର୍ଣ୍ଣର୍ ହୋଇ ଆସିବା ପୂର୍ବରୁ ସେ ବିଲାତ ଯାଇଥିଲେ ଓ ସେଠାରେ ପ୍ରାଚ୍ୟ ବିଦ୍ୟାଧ୍ୟୟନ ବିଦ୍ୟାଳୟ (College of Oriental studies) ର ପୁସ୍ତକାଗାରରେ ଭାଷାକୋଷର ପ୍ରକାଶିତ ଖଣ୍ଡମାନ ଦେଖି ପରମାନନ୍ଦିତ ହେଲେ । ଯେଉଁ ଦିନ ସେ ନବପ୍ରତିଷ୍ଠିତ ଓଡ଼ିଶା ପ୍ରଦେଶର ଲାଟ ଗାଦି ଅଧିକାର କଲେ, ତହିଁ

ବାଷି ଦିନ (୨।୮।୧୯୩୭ରେ) ଭାଷାକୋଷର ଶୁଭକାମନା କରି ନିଜ ହାତରୁ କିଛି ଅର୍ଥସାହାଯ୍ୟ ମଧ୍ୟ ପଠାଇଥିଲେ । ଓଡ଼ିଶାର ଗଭର୍ଣ୍ଣର ହେବା ପରେ ସରକାରଙ୍କ ହାତରେ ଯେତେ ପ୍ରକାର ପାଣ୍ଠି ଅଛି, ସବୁପ୍ରକାର ପାଣ୍ଠିରୁ ଭାଷାକୋଷପାଇଁ ସାହାଯ୍ୟ ଦିଆଯିବାର ମୂଳରେ ତାଙ୍କ ଶୁଭକାମନା ଓ ପ୍ରେରଣା ବିଦ୍ୟମାନ । ମୋତେ କୈସର୍-ଇ-ହିନ୍ଦ୍ ପଦକ ଓ ରାୟ ବାହାଦୁର ଉପାଧି ମିଳିବାର ମୂଳରେ ମାନ୍ୟବର ହବାକ୍ ସାହେବଙ୍କ ପ୍ରେରଣା ବିଦ୍ୟମାନ ଥିଲା ।

ସପ୍ତମ ଖଣ୍ଡର ପ୍ରକାଶ ପୂର୍ବରୁ ୧୯୩୭ ସାଲ ଜାନୁଆରି ମାସରେ ନବ ବର୍ଷରେ ମୋତେ ଯେଉଁ ଉପାଧି ମିଳିଥିଲା, ତହିଁର ସନନ୍ଦ ଓ ପଦକ ଦିଆଯିବାପାଇଁ ୧୯୩୮ ସାଲ ଜାନୁଆରି ମାସ ତା।୨୦ଖରେ କଟକରେ ଯେଉଁ ଦରବାର ହୋଇଥିଲା, ସେହି ଦରବାରରେ ମାନ୍ୟବର ମହୋଦୟ ଯେଉଁ ଇଂରାଜି ଅଭିଭାଷଣ ଶୁଣାଇ ମୋତେ ଉକ୍ତ ପଦକର ସନନ୍ଦ ଓ ପଦକ ଅର୍ପଣ କରିଥିଲେ, ତହିଁରେ ପଦେ ପଦେ ମୋ ପ୍ରତି ତାଙ୍କର କରୁଣା ଉଚ୍ଛୁଳି ପଡ଼ିଅଛି । ତହିଁର ଅନୁବାଦ ଯଥାସ୍ଥାନରେ ସନ୍ନିବେଶିତ ହେଲା । ସର୍ ଜନ୍ ହବାକଙ୍କ ସହଧର୍ମିଣୀ ଲେଡ଼ୀ ହବାକ୍ ମଧ୍ୟ ଭାଷାକୋଷର "ପୋଷିଆ ମାଆ" ଙ୍କ ସ୍ଥାନ ଗତ ୧୩ ବର୍ଷ ହେଲା ଅଧିକାର କରିଅଛନ୍ତି । ହବାକ୍ ଦମ୍ପତିଙ୍କ ଲାଳନ ପାଳନରେ ଏ ଅସହାୟ ଶିଶୁ କେତେ ବାଧାବିପତ୍ତି ଓ ଅରିଷ୍ଟମାନ ଏଡ଼ି ବଞ୍ଚିଅଛି । ଲେଡ଼ୀ ହବାକ୍ ମୋ ସହକର୍ମିଣୀ ଶ୍ରୀମତୀ ପୀତାମ୍ବରୀ ଦେବୀଙ୍କୁ ଦର୍ଶନ ଦେଇ ଏ ଗ୍ରନ୍ଥର ସହକର୍ମିଣୀତା ଓ ଅଧ୍ୟବସାୟ ଯୋଗୁ ତାଙ୍କୁ ଭୂୟସୀ ପ୍ରଶଂସା କରି ଉତ୍ସାହିତ କରିଅଛନ୍ତି । ଏ ଗ୍ରନ୍ଥର ପରିସମାପ୍ତି ପରେ ମାନ୍ୟବର ସର୍ ଜନ୍ ହବାକ୍, ଶ୍ରୀମତୀ ପୀତାମ୍ବରୀଙ୍କୁ ତାଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଅଛନ୍ତି ।

ତ୍ରିବାଙ୍କୋଡ଼ ମହାରାଜ ଶ୍ରୀ ଶ୍ରୀ ଶ୍ରୀ ସର୍ ବଳରାମ ବର୍ମା ଡି.ଲିଟ୍ ଓ ମହାରାଜଙ୍କ ମାତା ମହାରାଣୀ ଶ୍ରୀ ଶ୍ରୀ ଶ୍ରୀମତୀ ସେଥୁ ପାର୍ବତୀବାଈ, ଏ ଦୁଇ ଜଣଙ୍କର ବିଦ୍ୱତ୍ତା, ଗୁଣଗ୍ରାହକତା ଜଗଦ୍ୱିଖ୍ୟାତ ଅଟେ । ମହାରାଜଙ୍କ ଦ୍ୱାରା ନିଜରାଜ୍ୟର ହିନ୍ଦୁମନ୍ଦିରମାନଙ୍କରେ ହରିଜନମାନଙ୍କର ଅବାଧ ପ୍ରବେଶଲାଗି ଯେଉଁ ଘୋଷଣାପତ୍ର (ଅର୍ଡିନାନ୍ସ) ପ୍ରଚାରିତ ହେଲା, ତାହା ନବ୍ୟ ଭାରତର ଇତିହାସରେ ଚିରକାଳ ଜାଜ୍ୱଲ୍ୟମାନ ହୋଇ ରହିବ । ବିଶାଖାପାଟଣାଠାରେ ୧୯୩୭ ଡିସେମ୍ବର ମାସରେ ଗୋଟିଏ ସାନ୍ଧ୍ୟ ସମ୍ମେଳନରେ ଜୟପୁରାଧୀଶ୍ୱର ସାହିତ୍ୟସମ୍ରାଟ୍ ମହାରାଜ ବିକ୍ରମଦେବ ବର୍ମା, ଡି.ଲିଟ୍ ମୋତେ ଏମାନଙ୍କ ସଙ୍ଗେ ପରିଚିତ କରାଇଥିଲେ । କିଛିଦିନ ପରେ ମହାରାଜଙ୍କଠାକୁ ମୁଁ ଏକ ସାର ଗ୍ରନ୍ଥ ଉପହାର ପଠାଇଲି ଓ ମହାରାଜ ତାହା ଗ୍ରହଣ କଲେ ଓ ଭାଷାକୋଷର ବିଶିଷ୍ଟ ପୃଷ୍ଠପୋଷକମାନଙ୍କ ପ୍ରତିକୃତିମାନଙ୍କ ସହିତ ସେ ଦୁହିଁଙ୍କ ଫଟୋ ସପ୍ତମ ଖଣ୍ଡରେ ପ୍ରକାଶିତ ହେବା ନିମନ୍ତେ ମୋ ନିକଟକୁ ପ୍ରେରଣ କଲେ । ଓଡ଼ିଆ ଭାଷା ସେମାନଙ୍କ ମାତୃଭାଷା ନ ହେଲେ ମଧ୍ୟ ସେମାନେ ଓଡ଼ିଆ ଭାଷାକୋଷର ପୃଷ୍ଠପୋଷକତା ସ୍ୱୀକାର କରି ଆମ ମାତୃଭାଷା ପ୍ରତି ଯେଉଁ ମମତା ଦେଖାଇ ଅଛନ୍ତି, ତହିଁପାଇଁ ଓଡ଼ିଆ ଜାତି ସେମାନଙ୍କଠାରେ ଚିରକାଳ ଋଣୀ ରହିବ ।

ପାଟଣାଧୀଶ୍ୱର ମହାରାଜ ରାଜେନ୍ଦ୍ରନାରାୟଣ ସିଂହଦେବ ।

ମୟୂରଭଞ୍ଜାଧୀଶ୍ୱର ମହାରାଜ ସର୍ ପ୍ରତାପଚନ୍ଦ୍ର ଭଞ୍ଜଦେବ, କେ. ସି. ଆଇ. ଇ ।

ବୌଦ୍ଧ ରାଜ୍ୟାଧୀଶ୍ୱର ରାଜା ଶ୍ରୀ ନାରାୟଣ ପ୍ରସାଦ ଦେବ ।

ପାରଳାଧୀଶ୍ୱର ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ।

ପାଟଣା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ।

କଂଗ୍ରେସ ମନ୍ତ୍ରୀମଣ୍ଡଳ ପରିଚାଳିତ ଓଡ଼ିଶା ଗଭର୍ଣ୍ଣମେଣ୍ଟ ।

ଏମାନଙ୍କ ଓ ଅନ୍ୟମାନଙ୍କ ବିଶିଷ୍ଟ ସାହାଯ୍ୟ ପୂର୍ବବର୍ତ୍ତୀ ଖଣ୍ଡମାନଙ୍କ ଅବତରଣିକାରେ କୃତଜ୍ଞତାସହକାରେ ବର୍ଣ୍ଣିତ ହୋଇଅଛି । ଏ ଖଣ୍ଡର ଅର୍ଥ-ସହାୟକମାନଙ୍କ ନାମ ମଧ୍ୟ ଏଥିପୂର୍ବେ ବିବୃତ ହୋଇଅଛି ।

ଓଡ଼ିଶା ଗଭର୍ଣ୍ଣରଙ୍କ ସରକାରୀ ପରାମର୍ଶଦାତା ଶ୍ରୀଯୁକ୍ତ ଇ. ସି. ଅନ୍ସୋର୍ଜ, ସି.ଆଇ.ଇ., ଆଇ. ସି. ଏସ୍ ୧୩ବର୍ଷ ପୂର୍ବେ ବିହାର ଓଡ଼ିଶା ସରକାରଙ୍କ ଶିକ୍ଷା-ସେକ୍ରେଟେରୀ ଥିଲେ । ସେ ସମୟରେ ଏ ଗ୍ରନ୍ଥ ପାଇଁ ସରକାରୀ ଅର୍ଥ ସାହାଯ୍ୟ ଦିଆଯିବା ସମ୍ବନ୍ଧରେ ତାଙ୍କ ଉଦ୍ୟମ ନିୟୋଜିତ ହୋଇଥିଲା ଓ ବର୍ତ୍ତମାନ ଏ ସାରସ୍ୱତ ମନ୍ଦିରର ଦଧିନଉତି ବସିଲା ବେଳେ ଓଡ଼ିଶା ସରକାରଙ୍କଠାରୁ ୮୦ ସାର ଗ୍ରନ୍ଥର ଅଗ୍ରିମ ମୂଲ୍ୟପ୍ରାପ୍ତି ମୂଳରେ ତାଙ୍କ ଉଦ୍ୟମ ନିହିତ ହେଲା ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ, ବିଜୟନଗରସ୍ଥ ଅନ୍ଧ୍ର ରିସର୍ଚ୍ଚ ୟୁନିଭର୍ସିଟୀ (ବିଶ୍ୱଭାରତୀ)ଙ୍କ ଦ୍ୱାରା ୧୯୨୭ ସାଲରେ କବିସମ୍ରାଟ୍ ଉପାଧି ଅର୍ପିତ ହୋଇଥିଲା । ଉକ୍ତ ୟୁନିଭର୍ସିଟୀର ସଦସ୍ୟରୂପେ ମୁଁ ସେହି ଉତ୍ସବ ଉପଲକ୍ଷରେ କବିସମ୍ରାଟଙ୍କୁ ଏକସାର ଭାଷାକୋଷ ଉପହାର ଦେଇଥିଲି । ସେ ସମ୍ବନ୍ଧେ ଯେଉଁ ପ୍ରଶଂସା ପତ୍ର ସେ ମୋ ନିକଟକୁ ସ୍ୱତଃପ୍ରବୃତ୍ତ ହୋଇ ପଠାଇ ଅଛନ୍ତି ତାହା ଆମଭାଷାର ଗୌରବର ବସ୍ତୁ ହୋଇ ରହିବ ।

ଜୟପୁରାଧୀଶ୍ୱର ସାହିତ୍ୟ ସମ୍ରାଟ୍ ମହାରାଜ ବିକ୍ରମଦେବ ବର୍ମାଙ୍କଠାରେ ମୁଁ ଯେଉଁ ଋଣରେ ଋଣୀ, ସେ ଋଣର ହିସାବ ଏପରି ଛନ୍ଦଣି ମନ୍ଦଣି ହୋଇ ମୋତେ ଜାବୁଡ଼ି ଧରିଛି ଯେ, ଇହ ଜନ୍ମରେ ସେଥିରୁ ମୁକୁଳିବାର ଶକ୍ତି ମୋର ନାହିଁ । ଜୟପୁର ସିଂହାସନର ଅଧିକାରୀ ହେବାର ବହୁ ପୂର୍ବରୁ, ଅନ୍ୟୁନ ୪୦ ବର୍ଷ ହେବ, ମୁଁ ମହାରାଜଙ୍କ ବନ୍ଧୁତା ଲାଭ କରିଅଛି । ସେ ସମୟରେ ଓ ବର୍ତ୍ତମାନ ଯେଉଁ ଓଡ଼ିଆ ଅଞ୍ଚଳମାନ ମାନ୍ଦ୍ରାଜ ପ୍ରଦେଶର ସୀମାଭୁକ୍ତ ଥିଲା ଓ ଅଛି, ସେ ଅଞ୍ଚଳରେ ଓଡ଼ିଆ ଜାତୀୟତା ଓ ଜାଗରଣକୁ ଜୀଆଇ କରି ମହାରାଜ ରଖି ଅଛନ୍ତି । ଓଡ଼ିଆ ସାହିତ୍ୟର ସେ ନିଷ୍ଠାପର ସାଧକ ଓ ଅନୁରାଗୀ ଓ ବହୁ ଓଡ଼ିଆ, ତେଲଗୁ ଓ ସଂସ୍କୃତ ଗ୍ରନ୍ଥର ଗ୍ରନ୍ଥକାର ଅଟନ୍ତି । ଜୟପୁର ରାଜ୍ୟ ଓଡ଼ିଶା ପ୍ରଦେଶଭୁକ୍ତ ହେବା ମହାରାଜାଙ୍କ ପ୍ରେରଣା, ପ୍ରଚେଷ୍ଟା ଓ ଉଦ୍ୟମର ଅନ୍ୟତମ ଫଳ ଅଟେ । ଭାଷାକୋଷର ପାଣ୍ଡୁଲିପିମାନଙ୍କ ପ୍ରତି ବିହାର ଓଡ଼ିଶା ସରକାରଙ୍କ ଦୃଷ୍ଟି ମହାରାଜ ପ୍ରଥମ ଆକର୍ଷଣ କରିଥିଲେ । ମହାରାଜ ଅସଳ ଅଲଙ୍କୃତ କରି ସେ ଭାଷାକୋଷକୁ ମୁକ୍ତହସ୍ତ ହୋଇ ଅର୍ଥ ସାହାଯ୍ୟ କଲେ । ଅର୍ଥସାହାଯ୍ୟ ଛଡ଼ା ଜୟପୁର ଓ ବିଶାଖାପାଟଣା ଅଞ୍ଚଳ ପ୍ରଚଳିତ ବହୁଶତ ଓଡ଼ିଆ ଶବ୍ଦ ମହାରାଜ ଏ ଭାଷାକୋଷକୁ ଯୋଗାଇ ଅଛନ୍ତି ଓ ଭାଷାକୋଷ ପାଇଁ ସ୍ୱୟଂ ସନ୍ଦର୍ଭ ଲେଖିଅଛନ୍ତି । ତାଙ୍କ ନେତୃତ୍ୱରେ ଅନୁଷ୍ଠିତ ଅନ୍ଧ୍ର ରିସର୍ଚ୍ଚ ବିଶ୍ୱଭାରତୀଙ୍କଠାରୁ ମୋର ପ୍ରଥମେ 'ସାହିତ୍ୟବିଶାରଦ' ଓ ପରେ 'ସାହିତ୍ୟଭୂଷଣ' ଉପାଧି ପ୍ରାପ୍ତି ମୂଳରେ ମହାରାଜଙ୍କ ସୂଚନା ବିଦ୍ୟମାନ ।

୧୯୩୭ ଡିସେମ୍ବରରେ ତ୍ରିବାଙ୍କୋଡ଼ ମହାରାଜ ଓ ମହାରାଣୀ ସେଥ ପାର୍ବତୀ ବାଈଙ୍କୁ ଭେଟିବାପାଇଁ ମହାରାଜ ବିଶାଖାପାଟଣାଠାରେ ଯେଉଁ

Raja Sri Bhanuganga Tribhubana Deb, Ruler, Bamra State
(Of the Bamra House, which has contributed most
liberally to the 7th Volume of the Bhashakosha).



ଭାଷାକୋଷ ସପ୍ତମ ଖଣ୍ଡର ପ୍ରଧାନ ପୃଷ୍ଠପୋଷକ
ବାମଣ୍ଡା ରାଜବଂଶର ଉଦୟମାନ ଭାସ୍କର ରାଜା ଶ୍ରୀ ଭାନୁଗଙ୍ଗ ତ୍ରିଭୁବନଦେବ

ସାନ୍ନ୍ୟସମ୍ମିଳନ କରାଇଥିଲେ ସେଥିକୁ ମୋତେ ନିମନ୍ତ୍ରଣ କରି ମୋତେ ନେଇ ତ୍ରିବାଙ୍କୋଡ଼ ମହାରାଜ ଓ ମହାରାଣୀଙ୍କ ସଙ୍ଗେ ପରିଚିତ କରାଇବା ଫଳରେ ଭାଷାକୋଷ ସେ ଦୁହିଁଙ୍କ ଅଭିଭାବକତ୍ୱ ଲାଭ କରିବାକୁ ସମର୍ଥ ହୋଇଅଛି । ଆମେରିକା ଯୁକ୍ତରାଜ୍ୟରୁ ଭାଇସ୍‌ରୟ୍‌ଙ୍କ ନିକଟକୁ ସମାଗତ ରାଜଦୂତ ବିଦ୍ୟାନୁରାଗୀ କବି, ଗ୍ରନ୍ଥକାର ମହାପଣ୍ଡିତ ଉଦାର ମାନ୍ୟବର ଶ୍ରୀଯୁକ୍ତ ପୋଷ୍ଟ୍‌ ହ୍ୱିଲର୍‌ ଓ ତାଙ୍କ କବି ଗ୍ରନ୍ଥକର୍ତ୍ତ୍ରୀ ସହଧର୍ମିଣୀଙ୍କ ସଙ୍ଗେ ବିଜୟନଗରଠାରେ ଅନୁଷ୍ଠିତ ଅନ୍ଧ୍ର ଉତ୍ସବ୍‌ ବିଶ୍ୱଭାରତୀର ରଜତ ମହୋତ୍ସବରେ ମହାରାଜ ମୋତେ ଓ ଭାଷାକୋଷକୁ ପରିଚିତ କରାଇଅଛନ୍ତି । ବ୍ୟକ୍ତିଗତ ଭାବରେ ମୁଁ ମହାରାଜଙ୍କ ସ୍ନେହବନ୍ଧନରେ ବନ୍ଧା । ଭାଷାକୋଷର ଚତୁର୍ଥ ଖଣ୍ଡ ମହାରାଜଙ୍କ ନାମରେ ଉତ୍ସର୍ଗ କରିବାପାଇଁ ମହାରାଜଙ୍କଠାରୁ ଅନୁମତି ପାଇ ଓ ପଞ୍ଚମ ଖଣ୍ଡରେ ତାଙ୍କୁ ଅଭିଭାବକରୂପେ ବରଣ କରି ଓ ଏ ଗ୍ରନ୍ଥର ଏକାଧିକ ଖଣ୍ଡରେ ତାଙ୍କର ଓ ମହାରାଜକୁମାରଙ୍କ ପ୍ରତିକୃତି ମୁଦ୍ରିତ କରି ମୁଁ ତାଙ୍କ ଋଣରୁ କଥଞ୍ଚିତ୍‌ ମୁକ୍ତିଲାଭ କରିବାକୁ କ୍ଷୀଣ ଚେଷ୍ଟା କରିଅଛି ମାତ୍ର ।

କାମଣ୍ଡା ଗଙ୍ଗବଂଶର ଭାରତପ୍ରଥିତଯଶା ପୁଣ୍ୟଶ୍ଳୋକ ସ୍ୱର୍ଗତ ସର୍‌ ବାସୁଦେବ ସୁଡ଼ଳଦେବ କେ. ସି. ଆଇ. ଇ ଙ୍କ ପୁତ୍ରବଧୂ ଓ ସୁନାମଧନ୍ୟ ସ୍ୱର୍ଗତ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ସହକର୍ମିଣୀ ଓ ସହଧର୍ମିଣୀ ଏବଂ ବର୍ତ୍ତମାନ ରାଜା ଶ୍ରୀମାନ୍‌ ଭାନୁଗଙ୍ଗ ତ୍ରିଭୁବନ ଦେବଙ୍କ ପିତାମହୀ ରାଜ୍ଞୀ ଶ୍ରୀମତୀ ଭମରଧବପ୍ରିୟା ଦେବୀଙ୍କର ବିଶିଷ୍ଟ ଅର୍ଥସାହାଯ୍ୟ ସଙ୍ଗେ ମିଳିତ ରାଜା ଭାନୁଗଙ୍ଗଙ୍କ ଅର୍ଥସାହାଯ୍ୟ ମିଳି ନ ଥିଲେ ଏ ସାରସ୍ୱତ ମନ୍ଦିର ଅସମ୍ପୂର୍ଣ୍ଣ 'ଲଣ୍ଡା ଦେଉଳ' ହୋଇ ରହିଥାଆନ୍ତା । ଉତ୍କଳର ରାଜବଂଶରେ ଏତାଦୃଶୀ ବିଦୁଷୀ, କର୍ମୀସୁଧୀ, କର୍ମକୁଶଳା, ଦାନମୁକ୍ତହସ୍ତା, ଗୁଣଚତୁରା ରାଜମହିଳା ମୋ ଦୃଷ୍ଟିରେ ପଡ଼ି ନାହାନ୍ତି । ତାଙ୍କ ଦାନର ବିଶେଷତ୍ୱ ଏହି କି, ନାନା ଅନିବାର୍ଯ୍ୟ ଅସୁବିଧା ଓ ଅସୁସ୍ଥତା ବଶତଃ ପ୍ରତିଶ୍ରୁତ ଅର୍ଥ ପ୍ରେରଣରେ ବିଳମ୍ବ ଘଟିଲେ ସେ ପ୍ରତିଗ୍ରହୀତାଙ୍କଠାରେ ବିଳମ୍ବପାଇଁ କୃତାଞ୍ଜଳି ହୋଇ କ୍ଷମାଭିକ୍ଷା କରନ୍ତି । ସପ୍ତମଖଣ୍ଡ ପାଇଁ ପ୍ରଦତ୍ତ ଅର୍ଥସାହାଯ୍ୟ ମଧ୍ୟରେ କାମଣ୍ଡା ରାଜବଂଶର ଦାନ ସର୍ବାଧିକ ଅଟେ ।

ଅଠମଲ୍ଲିକ ଅଧୀଶ୍ୱର ରାଜା ଶ୍ରୀ କିଶୋରଚନ୍ଦ୍ର ଦେବଙ୍କର ଏ ଗ୍ରନ୍ଥ ଓ ଗ୍ରନ୍ଥସଂଗ୍ରାହକ ପ୍ରତି କରୁଣା ଅନିର୍ବଚନୀୟ । ଅଜକୁ ୯ ବର୍ଷ ପୂର୍ବେ ପ୍ରଥମଖଣ୍ଡର ପ୍ରକାଶପରେ ମୋତେ କଟକଠାରେ ତାଙ୍କର ପ୍ରଥମେ ଦେଖା ମିଳିଥିଲା । ସେ ପ୍ରଥମଖଣ୍ଡ ଦେଖି ଯେଉଁ ଉତ୍ସାହ ଓ ଆଶାମୟ ପତ୍ର ଲେଖିଥିଲେ, ସେ ବିଷୟ ମୁଁ ଦ୍ୱିତୀୟଖଣ୍ଡର ଅବତରଣିକାରେ ବର୍ଣ୍ଣନା କରିଅଛି । କିଛିଦିନ ପରେ ସେ ତାଙ୍କ ଅର୍ଥ ସାହାଯ୍ୟ ପଠାଇଥିଲେ ଓ ପ୍ରାୟ ପ୍ରତିଖଣ୍ଡ ପାଇଁ ରାଜାସାହେବଙ୍କଠାରୁ ଭାଷାକୋଷ ସାହାଯ୍ୟ ପାଇ ଆସିଅଛି । ସର୍ବସୁଦ୍ଧା ଅଠମଲ୍ଲିକ ରାଜକୋଷରୁ ଭାଷାକୋଷକୁ ଯାହା ମିଳିଅଛି ତାହା ଅନ୍ୟ ରାଜାମାନଙ୍କ ଅପେକ୍ଷା ତୁଳନାରେ ଅଧିକ ଅଟେ ।

ପାଟଣା ରାଜ୍ୟର ଉଦୟମାନ ନରପତି ମହାରାଜ ଶ୍ରୀ ରାଜେନ୍ଦ୍ର, ନାରାୟଣ ସିଂହଦେବଙ୍କ ବଦାନ୍ୟତା, ଗୁଣଗ୍ରାହକତା, ସାହିତ୍ୟାନୁରାଗ ଅନନ୍ୟସାଧାରଣ । ତାଙ୍କ ସୌଜନ୍ୟ, ଅକୃତ୍ରିମ ବାତ୍ସଲ୍ୟ, ପ୍ରଜାଙ୍କ ପ୍ରତି ପୁତ୍ରବତ୍‌ ସ୍ନେହ ଓ ଶାସନକୁଶଳତା ଏକାଧିକ ଥର ମୁଁ ଅନୁଭବ କରି ପରମାନନ୍ଦ ଲାଭ କରିଅଛି ।

ଖଡ଼ିଆଳର ରାଜପିତୃବ୍ୟ ଶ୍ରୀଯୁକ୍ତ ଲାଲ ସାହେବ ଶ୍ରୀ ଶିବନାରାୟଣ ଦେବଙ୍କ ସଙ୍ଗେ ମୋର ପୂର୍ବେ ଆଳାପ ନ ଥିଲା । ମୁଁ କାମଣ୍ଡା-କଳାହାଣ୍ଡି ମଙ୍ଗଳକୃତ୍ୟ ଉପଲକ୍ଷରେ ଭବାନୀ ପାଟଣା ଯାଇଥିଲି । ସେ ମଧ୍ୟ ସେଠାକୁ ଆସିଥିଲେ । ଏକାଧିକ ଥର ମୋ ଡେରାକୁ ଆସି ସେ ମୋତେ ବାରମ୍ବାର ଅନୁରୋଧ କଲେ—"ଭାଷାକୋଷର ଜଣେ ସହକର୍ମୀ ହେବାର ନିଯୁକ୍ତିପତ୍ର ମୋତେ ମିଳୁ ।" ମୁଁ କୌତୁହଳପରବଶ ହୋଇ ତାଙ୍କ ଅନୁରୋଧ ରକ୍ଷା କରି ତାଙ୍କୁ ଗୋଟିଏ ନିଯୁକ୍ତିପତ୍ର ଲେଖିଦେଲି । ଦେଖିଲି ଯେ, ୩।୪ ଦିନ ମଧ୍ୟରେ ବିବାହାର୍ଥ ସମାଗତ ଏକାଧିକ ରାଜାଙ୍କଠାରୁ ୩।୪ ହଜାର ଟଙ୍କାପାଇଁ ପ୍ରତିଶ୍ରୁତି ପତ୍ର ସେ ଆଣି ମୋତେ ଅର୍ପଣ କଲେ ଓ ଏକାଧିକ ରାଜବଂଶରୁ ସାହାଯ୍ୟ ମିଳିବାର ପଥ ସୁଗମ କରିଦେଲେ । ତତ୍‌ପରେ ସେଠାରୁ ଫେରିବାର ଖଡ଼ିଆଳ ଅଞ୍ଚଳ ପ୍ରଚଳିତ ସହସ୍ରାଧିକ ପ୍ରାଦେଶିକ ଶବ୍ଦ ଅର୍ଥ ସହିତ ସେ ମୋତେ ଯୋଗାଇଲେ ଏବଂ କିଛିଦିନ ପରେ ଭାଷାକୋଷର ଅର୍ଥସଙ୍କଟ କଥା ଶୁଣି ଏକାଧିକ ରାଜଦ୍ୱାରରେ ସ୍ୱୟଂ ଉପସ୍ଥିତ ହୋଇ ଭାଷାକୋଷ ପାଇଁ ଅର୍ଥ ଭିକ୍ଷା କଲେ ଓ ଭବାନୀ ପାଟଣାଠାରେ ତାଙ୍କୁ ପ୍ରତିଶ୍ରୁତି ଦେଇ ଥିବା ଦାତାମାନଙ୍କଠାରୁ ପ୍ରତିଶ୍ରୁତ ଅର୍ଥ ମୋ ହସ୍ତଗତ ହେବାପର୍ଯ୍ୟନ୍ତ ସେ ନିଶ୍ଚିନ୍ତ ହୋଇ ନଥିଲେ । ଏତିକରେ ସନ୍ତୁଷ୍ଟ ନ ହୋଇ ସେ ନିଜେ ମଧ୍ୟ ବିଶିଷ୍ଟ ଅର୍ଥ ସାହାଯ୍ୟ କଲେ ଓ ତାଙ୍କ ଭ୍ରାତୁଷ୍ପୁତ୍ର ଖଡ଼ିଆଳ ଅଧୀଶ୍ୱର ଲାଲ ଅନିରୁଦ୍ଧ ଦେବ, ଏମ. ଏଲ. ଏ ଓ ଯୁବରାଜ ଶ୍ରୀମାନ ଅନୁପସିଂହ ଦେବଙ୍କଠାରୁ ବିଶିଷ୍ଟ ଅର୍ଥ ସାହାଯ୍ୟ ମିଳିବାର ପଥ ସୁଗମ କଲେ । ଶ୍ରୀମାନ ଲାଲ ସାହେବଙ୍କ ସହଧର୍ମିଣୀ ଶ୍ରୀମତୀ ବୈଦେହୀକୁମାରୀ ଦେବୀ ମୋତେ ତାଙ୍କ ମାତୃସ୍ନେହର ଅଧିକାରୀ କଲେ ଓ ଭାଷାକୋଷ ନିମନ୍ତେ ଅନେକ ଗୁଡ଼ିଏ ପ୍ରାଦେଶିକ ଶବ୍ଦ ଓ ସ୍ୱୟଂ ପୁଣି ବିଶିଷ୍ଟ ଅର୍ଥସାହାଯ୍ୟ କଲେ । ଜଣେ ନିଃସ୍ୱ ମୁସଲମାନ୍‌ ଗ୍ରାହକ ମୌଲବୀ ଶେଖ୍‌ ଅବ୍‌ଦୁଲ୍‌ ରସିଦ୍‌ ନିଠକର ମାଦ୍ରାସା ସୁଲତାନିଆ ବିଦ୍ୟାଳୟର ସ୍ୱଳ୍ପବେତନଭୋଗୀ ଶିକ୍ଷକ ଥାଇ ମଧ୍ୟ ନିଜର ସ୍ୱଳ୍ପ ମାସିକ ୧୬ ଟଙ୍କା ବେତନରୁ ମାସକୁ ଦୁଇଟଙ୍କା ଲେଖାଏଁ ଦେବାକୁ ଅଙ୍ଗୀକାର କରି ମୋତେ ବହୁ ଅନୁସରଣ କରିବାରୁ ମୁଁ ତାଙ୍କୁ ସମସ୍ତ ଭାଷାକୋଷ ଶହେଟି ଟଙ୍କା ମୂଲ୍ୟରେ ଦେବି ବୋଲି ସ୍ୱୀକାର କଲି । ଏହି ନିଃସ୍ୱ ଗ୍ରାହକଙ୍କ ଭାଷାକୋଷପ୍ରୀତିରେ ମୁଗ୍ଧ ହୋଇ ତାଙ୍କ ବିଷୟ ପଞ୍ଚମଖଣ୍ଡର ଅବତରଣିକାର 'ଜ' ପୃଷ୍ଠାରେ ମୁଁ ଉଲ୍ଲେଖ କରିଥିଲି । ମାତୃକଳ୍ପା ଶ୍ରୀମତୀ ବୈଦେହୀକୁମାରୀ ଦେବୀ ତାହା ପାଠକରି ମୋ ନିକଟକୁ ଏକସାର ଭାଷାକୋଷର ଅବଶିଷ୍ଟ ମୂଲ୍ୟ ୧୩୨ ଟଙ୍କା ପଠାଇଦେଲେ ଓ ମୋତେ ଜଣାଇଲେ :—"ଉକ୍ତ ଗ୍ରାହକଙ୍କ ନିଃସ୍ୱତା ଓ ଭାଷାନୁରାଗ ଦେଖି ମୁଁ ଯତ୍‌ପରୋନାସ୍ତି ଆନନ୍ଦ ଲାଭ କରୁଅଛି । ଏ ଟଙ୍କାତକ ଦେବାକୁ ତାଙ୍କୁ ବଡ଼ କଷ୍ଟ ଭୋଗ କରିବାକୁ ପଡ଼ିଥିବ । ତାଙ୍କ ନିର୍ବନ୍ଧତା ଯୋଗୁ ଭାଷାକୋଷ ସଂଗ୍ରାହକଙ୍କର କଅଣ ହାନି ହେବ ? ଆପଣ ତାଙ୍କ ନିକଟରେ ମୋ ନାମ ପ୍ରକାଶ କରିବେ ନାହିଁ ଓ ଅଜି ପର୍ଯ୍ୟନ୍ତ ଭାଷାକୋଷର ମୂଲ୍ୟ ପାଇଁ ସେ ଯେତେ ଟଙ୍କା ଦେଇ ଅଛନ୍ତି ତା ମୋ ପ୍ରେରିତ ଟଙ୍କାରୁ ତାଙ୍କୁ ଫେରାଇ ଦେବେ ଏବଂ ବାକି ଟଙ୍କା ଆପଣ ତାଙ୍କୁ ଦେଇଥିବା ଏକସାର ଗ୍ରନ୍ଥର ପୂର୍ଣ୍ଣ ମୂଲ୍ୟରୂପେ ଗ୍ରହଣ କରିବେ ।" ଉକ୍ତ ଗ୍ରାହକଙ୍କୁ ଡକାଇ ମୁଁ ତାଙ୍କ ପ୍ରଦତ୍ତ ଟଙ୍କାତକ ତାଙ୍କୁ ଲେଉଟାଇ ଦେଲି ଓ ଉପକାରିଣୀଙ୍କ ନାମ ପ୍ରକାଶ କରିବାକୁ ତାଙ୍କର ଅନୁମତି ନ ଥିବାରୁ ମୁଁ ତାଙ୍କ ନାମ ପ୍ରକାଶ କଲି ନାହିଁ । ଲାଲସାହେବ-ଦମ୍ପତି ଭାଷାକୋଷପ୍ରତି ଯେଉଁ ବାତ୍ସଲ୍ୟ ପ୍ରଦର୍ଶନ କରି ଅଛନ୍ତି ତହିଁର ପଟାନ୍ତର ନାହିଁ । ଏ ପ୍ରସଙ୍ଗରେ ତାଙ୍କ ନାମ ପ୍ରକାଶ କରିବାକୁ ତାଙ୍କର ଅନୁମତି ନଥିଲେ ସୁଦ୍ଧା ସେ ଦମ୍ପତିଙ୍କ ଆଦର୍ଶ, ସହୃଦୟତା ଓ ଭାଷାନୁରାଗ ଉତ୍କଳ ସାହିତ୍ୟର ଇତିହାସରେ ସର୍ବଥା ଉଲ୍ଲେଖ-

ଯୋଗ୍ୟ ବୋଲି ଧର୍ମତଃ ଜନକର ମୁଁ ମାଗାଜ୍ଞାର ବ୍ୟତିକ୍ରମ କରିଅଛି; ଆଶାକରେଁ ବାତ୍ସଲ୍ୟମୟୀ ମାତା ମୋ ତ୍ରୁଟି ମାର୍ଜନା କରିବେ ।

ଖଡ଼ିଆଳ ଅଧୀଶ୍ୱର ଶ୍ରୀ ବୀର ଆର୍ତ୍ତତ୍ରାଣ ଦେବ ଏମ୍. ଏଲ୍. ଏ. ଷଷ୍ଠ ଖଣ୍ଡର ମୁଦ୍ରଣାର୍ଥ ବିଶିଷ୍ଟ ଅର୍ଥ ସାହାଯ୍ୟ କରିଥିଲେ ଓ ତାଙ୍କ ଯୁବରାଜଙ୍କର ଭାଷାକୋଷ ପ୍ରତି ଅନୁରାଗ ଦର୍ଶନ କରି ସପ୍ତମ ଖଣ୍ଡର ବ୍ୟୟ ନିର୍ବାହାର୍ଥ ଯୁବରାଜ ଶ୍ରୀ ଅନୂପ ସିଂହଦେବଙ୍କ ନାମରେ ସ୍ୱତଃପ୍ରବୃତ୍ତ ହୋଇ ପୁଣି ଅର୍ଥ ସାହାଯ୍ୟ କରିଅଛନ୍ତି ।

କେନ୍ଦୁଝର ଅଧୀଶ୍ୱର ରାଜା ଶ୍ରୀ ବଳଭଦ୍ର ନାରାୟଣ ଭଞ୍ଜ ଦେବ ଭାଷା-କୋଷର ପ୍ରଥମ ଖଣ୍ଡ ଓ ତୃତୀୟ ଖଣ୍ଡ ପାଇଁ ଦୁଇଥର ଅର୍ଥ ସାହାଯ୍ୟ କରିଥିଲେ । ଅଷ୍ଟମ ଖଣ୍ଡ ପାଇଁ ସେ ପୁଣି ବିଶିଷ୍ଟ ଅର୍ଥ ସାହାଯ୍ୟ କରିଅଛନ୍ତି ।

ଦାନ ବିଷୟରେ ଯେଉଁ ଉଦାରତା ମୁଁ ନୟାଗଡ଼ ରାଜ୍ୟାଧୀଶ୍ୱର ରାଜା ଶ୍ରୀ କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କଠାରେ ଅନୁଭବ କଲି, ଏ ଅନୁଭୂତି ଅନ୍ୟତ୍ର ମୋ ଭାଗ୍ୟରେ ଘଟି ନଥିଲା । ରାଜା ସାହେବଙ୍କ ସଙ୍ଗେ ମୋର ପୂର୍ବରୁ ଆଳାପ ନ ଥିଲା । ତାଙ୍କ ଦେବାନ୍ କର୍ମପ୍ରାଣ ଶ୍ରୀଯୁକ୍ତ ଜନାର୍ଦ୍ଦନ ନାଥ ବି. ଏ ମହାଶୟଙ୍କୁ ଭାଷାକୋଷର ସପ୍ତମଖଣ୍ଡର ମଙ୍ଗଳ ମୁଦ୍ରଣରେ ପଡ଼ିଥିବା ପାଇଁ ଅନୁଭୂତ ଅଭାବ ବିଷୟ ଜଣାଇଲି । ସେ ରାଜା ସାହେବଙ୍କୁ ଜଣାଇ ମୋ ସଙ୍ଗେ ରାଜଧାନୀରେ ତାଙ୍କର ଭେଟ ହେବାର ବ୍ୟବସ୍ଥା କରିଦେଲେ । ମୁଁ ରାଜା ସାହେବଙ୍କ ସଙ୍ଗେ ଦେଖା କରି

'ବସ୍ତୁ ଯଚ୍ଛତୁ ବା ନ ବା ନରେନ୍ଦ୍ରୋ
ଯଦ କାଂକ୍ଷି କଢଗ୍ରିଢୀଂଗୃହୋଢି'

(ରାଜା ମୋ କଥା ଥରେ କାନରେ ଶୁଣନ୍ତୁ, କେଉଁଠି ତାଙ୍କଠାରୁ ଧନ ନ ବାହାରିଲେ ସେଥିପାଇଁ ମୁଁ ସିନା ଦୋଷୀ ହେବି; କାରଣ, ମୁଁ ତାଙ୍କ ଦାନର ଉପଯୁକ୍ତ ପାତ୍ର ଅଟେଁ ବୋଲି ତାଙ୍କ ମନରେ ମୁଁ ଧାରଣା ଜନ୍ମାଇ ନ ପାରିଲି ବୋଲି ସିନା ସେ ଧନ ନ ଦେଲେ) ଏହି ଶ୍ଳୋକାଂଶଟି ଆବୃତ୍ତି କଲି । ରାଜା ସାହେବଙ୍କ ନାରିକେଳଶସ୍ୟକୋମଳ ହୃଦୟ ମୌନରୂପ ଖୋଳ ଦ୍ୱାରା ଆବୃତ । ସେ ଖୋଳକୁ ବିଦାରଣ କରିବାରେ ସମର୍ଥ ହେବାରୁ ମୁଁ ସୁମଧୁର ନାରିକେଳ ଗର୍ଭଗତ ମଧୁର ଶସ୍ୟ ଓ ସୁମଧୁର ଜଳ ପାନ କରି ପରିତୃପ୍ତ ହେଲି । ରାଜା ସାହେବ ମୋଠାରୁ ସପ୍ତମଖଣ୍ଡର ଉପସ୍ଥିତ ପରିସ୍ଥିତି ବିଷୟ ଶୁଣିଲେ । ମୋର ଆଉ କେତେ ମୁଦ୍ରା ଲୋଡ଼ାଥିବା କଥା ଜଣାଇବାରୁ ସେ ତତ୍କ୍ଷଣାତ୍ ନିଲୋଡ଼ା ଧନ ଦେବାକୁ ଦେବାନ ସାହେବଙ୍କୁ ସୂଚନା ଦେଲେ ଓ ଦେବାନ୍ ସାହେବ ସଙ୍ଗେ ସଙ୍ଗେ ଉକ୍ତ ଧନ ମୋତେ ଦେଲେ । ଦାନ ବିଷୟରେ ଏପରି ଉଦାରତା ଏଥିପୂର୍ବେ ମୋର ଅନୁଭବ ହୋଇ ନଥିଲା । ଏ ସହୃଦୟତା ଦେଖି ମୁଁ ମୁଗ୍ଧ ହୋଇଅଛି ।

ରୋମର ସମ୍ରାଟ୍ ଜୁଲିଅସ୍ ସୀଜର୍ ଆଫ୍ରିକା ଯାଇ ସେ ରାଜ୍ୟ ଜୟ କରି ସେଠାରୁ ଫେରିଆସି କହିଥିଲେ 'ଭେନି, ଭିଡ଼ି, ଭିସି' (ଲାଟିନ)— ମୁଁ ଗଲି, ମୁଁ ଦେଖିଲି, ମୁଁ ଜିଣିଲି । ମୋର ନୟାଗଡ଼ ଅନୁଭୂତି ସେହିପରି ହେଲା । 'ମୁଁ ନୟାଗଡ଼ ଗଲି, ରାଜା ସାହେବଙ୍କୁ ଭେଟିଲି, ଅଭାବ ଜଣାଇଲି, ଟଙ୍କା କାନିରେ ବାନ୍ଧିଲି, ଅଷ୍ଟମକୁ ବାହୁଡ଼ିଲି ।'

ନିମ୍ନଲିଖିତ ବନ୍ଧୁମାନେ ସବୁପ୍ରକାର କଲ୍ୟାଣମୟ ଉପାୟରେ ମୋତେ ସାହାଯ୍ୟ କରିଅଛନ୍ତି । କିଏ ପ୍ରଥମ ଖଣ୍ଡ ଆରମ୍ଭରୁ ଆଜିପର୍ଯ୍ୟନ୍ତ, କିଏ ପାଣ୍ଡୁଲିପି ସମାପ୍ତି ଠାରୁ ଆଜି ପର୍ଯ୍ୟନ୍ତ, କିଏ ଶବ୍ଦ ଯୋଗାଇ, କିଏ ଧନାଗମନର ଉପାୟ ବତାଇ ଓ ଚିନ୍ତା କରି, କିଏ ଭାଷାକୋଷ ପ୍ରତି ପୃଷ୍ଠପୋଷକ, ଅର୍ଥସହାୟକ, ଅଭିଭାବକ, ଗ୍ରାହକ ଆଦିଙ୍କ ଦୃଷ୍ଟି ଆକର୍ଷଣ କରି, କିଏ ଭାଷାକୋଷର ଓ ତାହାଁର ସଂଗ୍ରାହକର ପକ୍ଷ ସମର୍ଥନ କରି, କିଏ ପ୍ରଚାର କରି, କିଏ ମଙ୍ଗଳବାଞ୍ଛା କରି, କିଏ ସାହାଯ୍ୟ-ଦାତାମାନଙ୍କ ପାଖେ ଅଳି କରି, କିଏ କଳକର, ସବୁଉପାୟରେ ଭାଷାକୋଷର ମଙ୍ଗଳ କାମନା ଓ ମଙ୍ଗଳ କାର୍ଯ୍ୟ କରିଅଛନ୍ତି ।

ସେମାନଙ୍କ ପ୍ରସଙ୍ଗରେ ପ୍ରଥମେ ଅଠମଲ୍ଲିକ ରାଜାଙ୍କ ଦେବାନ୍, ସୋଦର ପ୍ରତିମ ରାୟ ସାହେବ ବାମଦେବ ମିଶ୍ର ବି. ଏ. ଙ୍କ ନାମ ଉଲ୍ଲେଖ ଯୋଗ୍ୟ ବୋଲି ମନେକରୁଅଛି । ଅଭିଧାନଗତ 'କାୟମନୋବାକ୍ୟ' ପ୍ରୟୋଗ ପୂର୍ବକ ଭାଷାକୋଷର ହିତସାଧନ ମୁଁ ତାଙ୍କଠାରେ ଅନୁଭବ କରୁଅଛି । ଭାଷାକୋଷର ସାଫଲ୍ୟ ଓ ପୂର୍ତ୍ତି ନିମନ୍ତେ ସେ କଲ୍ୟାଣମୟ ସବୁ ଉଦ୍ୟମ ଓ କାର୍ଯ୍ୟ କରିଅଛନ୍ତି । ପ୍ରଥମ ଖଣ୍ଡର ପ୍ରକାଶ ପରେ ତାଙ୍କ ସଙ୍ଗେ ମୋର ଦେଖାହେଲା । ସେହି ଦିନଠାରୁ ସେ ଯେତେ ଯେତେ ସ୍ଥାନରେ ଓ ଦେଶବିଦେଶରେ ପର୍ଯ୍ୟଟନ କରିଅଛନ୍ତି, ସର୍ବତ୍ର ଭାଷାକୋଷର ପୂର୍ତ୍ତି ଓ ପ୍ରଚାର ପାଇଁ ଅଧ୍ୟବସାୟ ସହକାରେ ନିଷ୍ଠାପର ଯତ୍ନ କରିଅଛନ୍ତି । ଯାଜପୁର ଓ ଭଦ୍ରକାର ପ୍ରଚଳିତ ପ୍ରାଦେଶିକ ଶବ୍ଦ ସଂଗ୍ରହ, ଭାଷାକୋଷପାଇଁ ଅର୍ଥସହାୟକ, ଗ୍ରାହକ ଓ ଅର୍ଥ ସଂଗ୍ରହ, ଭାଷାକୋଷ ପ୍ରତି ଗଭର୍ଣ୍ଣରସମୂହର ରେସିଡେଣ୍ଟ୍, ପୋଲିଟିକାଲ୍ ଏଜେଣ୍ଟ୍, ରାଜା, ମହାରାଜାଆଦିଙ୍କ ଦୃଷ୍ଟି ଆକର୍ଷଣବ୍ରତ ତାଙ୍କ ଦୈନନ୍ଦିନ ଅବଶ୍ୟକର୍ତ୍ତବ୍ୟରୂପେ ସେ ଗ୍ରହଣ କରିଅଛନ୍ତି । ଭାଷାକୋଷ ଶତ ଶତ ଭକ୍ତଙ୍କ ନିଷ୍ଠାପର ସେବା ଓ ସାହାଯ୍ୟ ଉପରେ ପ୍ରତିଷ୍ଠିତ ହୋଇଅଛି; କିନ୍ତୁ ତାଙ୍କ ସାହାଯ୍ୟ ଅତୁଳନୀୟ ।

ଭାଷାକୋଷ ପାଇଁ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କ ମଞ୍ଜୁର ଅର୍ଥ ବିଷୟ ପ୍ରାଦେଶିକ ସଭାରେ ଉପସ୍ଥାପିତ ହେବାବେଳେ ମୋର ଆବାଲ୍ୟ ବନ୍ଧୁ ଦେବାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ର ଏ ଗ୍ରନ୍ଥ ପାଇଁ ଗଭର୍ଣ୍ଣମେଣ୍ଟଙ୍କ ଠାରୁ ସାହାଯ୍ୟ ଅବଶ୍ୟ ଦେୟ ବୋଲି ଅଳି କରିଥିଲେ ।

ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଏ ଗ୍ରନ୍ଥର ଜଣେ ପ୍ରଧାନ ଭକ୍ତ । ଭାଷାକୋଷର ଅର୍ଥସଙ୍କଟ ଉପସ୍ଥିତ ହେବାକ୍ଷଣି ମୁଁ ତାଙ୍କ ଦ୍ୱାରସ୍ଥ ହୋଇ ଥାଏ । ତାଙ୍କ ଦ୍ୱାର ମୋ ପାଇଁ ସବୁବେଳେ ଉଦୁଆ ।

ସୁଲେଖକ, ଜନ ସେବକ ଡାକ୍ତର ରାଧାଚରଣ ପଣ୍ଡା ଭାଷାକୋଷର ପାଣ୍ଡୁଲିପିମାନ ଦେଖି ଅନ୍ତତଃ ୧୨।୧୩ ବର୍ଷ ପୂର୍ବେ ଭାଷାକୋଷର ମୂଲ୍ୟ ପାଇଁ ବଇନା ଟ ୫୦ ମୋତେ ଦେଇଗଲେ । ସେ ସମୟରେ ଭାଷାକୋଷର ମୁଦ୍ରଣ ଓ ପ୍ରକାଶର ଆଶା ନ ଥିଲା । କିନ୍ତୁ ସେ ମତେ ମୁହଁରେ ଓ ପତ୍ର ଦ୍ୱାରା ଲେଖିଲେ 'ଆପଣଙ୍କ ଭାଷାକୋଷ' ରୂପ ଜାଜ୍ୱଲ୍ୟ ଗ୍ରନ୍ଥ ଅପ୍ରକାଶିତ ହୋଇ ରହିବ ନାହିଁ ।'

ପୁରୀର ରାଜା ଶ୍ରୀ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ ଓଡ଼ିଶା ଗଜପତି ମହାରାଜ ତାଙ୍କ ମାତା ବାମଣ୍ଡା ରାଜପିତାମହୀଙ୍କ ଦୃଷ୍ଟି ଭାଷାକୋଷ ପ୍ରତି ଆକର୍ଷଣ କରିଥିଲେ ।

ସରାଇକଲା ଟିକାଏତ ଶ୍ରୀ ନୃପେନ୍ଦ୍ରନାରାୟଣ ସିଂହଦେବ ବି. ଏ. ବି. ଏଲ୍; ଶ୍ରୀମତୀ ସରଳା ଦେବୀ ଏମ୍. ଏଲ୍. ଏ.; ଶ୍ରୀମତୀ ଅପର୍ଣ୍ଣା ଦେବୀ, ନାଗରକର; ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ବି. ଏଲ୍. ଏମ୍.ଏଲ୍. ଏ, ଓଡ଼ିଶାର ଭୂତପୂର୍ବ ମନ୍ତ୍ରୀ; ବିହାର ଓଡ଼ିଶା ଶିକ୍ଷା ବିଭାଗର ପୂର୍ବତନ ଡାଇରେକ୍ଟର ଶ୍ରୀଯୁକ୍ତ ଜି.ଇ ଫକସ୍ ସି.ଆଇ.ଇ, ଆଇ.ସି.ଏସ୍; ଓଡ଼ିଶାର ଭୂତପୂର୍ବ କମିଶନର୍ ଶ୍ରୀ ସି. ଏଲ୍ ଫିଲିପ୍ ସି. ଆଇ. ଇ, ଆଇ. ସି. ଏ;

The Late Raja Satchidananda
Tribhubana Deb of Bamra.



ସ୍ୱର୍ଗତ ବାମଣ୍ଡାଧୀଶ୍ୱର ରାଜା ଶ୍ରୀ ସଚ୍ଚିଦାନନ୍ଦ
ତ୍ରିଭୁବନ ଦେବ

Raja Sri Sri Sri Ramachandra Deb
Gajapati of Utkal



ଉତ୍କଳର ଗଜପତି ରାଜା ଶ୍ରୀ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ

The Late Raja Sri Basudeb
Sudhala Dev, K. C. I. E., Bamra



ସ୍ୱର୍ଗତ ରାଜା ସର୍ ବାସୁଦେବ ସୁଢଳଦେବ,
କେ. ସି. ଅଇ. ଇ. ବାମଣ୍ଡା

The Late Raja
Dibyasankar Sudhal Deb, Bamra



ସ୍ୱର୍ଗତ ବାମଣ୍ଡାଧୀଶ୍ୱର
ରାଜା ଶ୍ରୀ ଦିବ୍ୟଶଙ୍କର ସୁଢଳଦେବ

Sriman Pradipta Ganga Deb,
Jubaraj Saheb, Bamra



ବାମଣ୍ଡା ଯୁବରାଜ ଶ୍ରୀମାନ୍ ପ୍ରଦୀପ୍ତ ଗଙ୍ଗ ଦେବ

ଓଡ଼ିଶା ଶିକ୍ଷାବିଭାଗର ପୂର୍ବତନ ଡାଇରେକ୍ଟର୍ ମିଷ୍ଟର୍ ଏର୍‌ଡ଼ୀଗ୍ରୀ, ସି. ଆଇ. ଇ, ଏସ୍, ଓ, ଆଇ. ଇ. ଏସ୍; ଓଡ଼ିଶା ଶିକ୍ଷାବିଭାଗର ବର୍ତ୍ତମାନ ଡାଇରେକ୍ଟର୍ ଶ୍ରୀ ବ୍ୟୋମଚରଣ ତ୍ରିପାଠୀ ଆଇ. ଇ. ଏସ୍; ରାୟବାହାଦୁର ସାମ୍ଏଲ୍ ଦାସ ଏମ୍. ଏ; ଶ୍ରୀଯୁକ୍ତ ଯାମିନୀଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମୟୂରଭଞ୍ଜର ଭୂତପୂର୍ବ ଦେୱାନ୍ ଓ ବର୍ତ୍ତମାନ ପରାମର୍ଶଦାତା; ଶ୍ରୀଯୁକ୍ତ ରାୟବାହାଦୁର ଅରୁଣକୁମାର ଘୋଷ ଅବସରପ୍ରାପ୍ତ ଜଜ୍ କଲେକ୍ଟର ଓ ବର୍ତ୍ତମାନ ବାମଣ୍ଡା ଷ୍ଟେଟର ଦେୱାନ; ଶ୍ରୀ ପ୍ରାଣକୃଷ୍ଣ ପଡ଼ିହାରୀ ଏମ୍. ଏ. ରେଭେନ୍ସା କଲେଜର ପ୍ରିନ୍ସିପାଲ; ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ଆଡ଼ଭୋକେଟ; ରାୟବାହାଦୁର ଚକ୍ରମଣି ଆଚାର୍ଯ୍ୟ, ଏମ୍. ଏ. ବି. ଏଲ୍.; ରାୟ ବାହାଦୁର ଉମାଚରଣ ଦାସ; ରାୟସାହେବ ଭଗବାନଚରଣ ପଟ୍ଟନାୟକ କଟକ; କେନ୍ଦୁଝରର ଜ୍ୟେଷ୍ଠରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଭଞ୍ଜଦେଓ; ରାୟସାହେବ ବଂଶୀଧର ମିଶ୍ର; ରାୟସାହେବ ମନ୍ମଥନାଥ ବସୁ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ; ରାୟସାହେବ ସୋମନାଥ ମହାପାତ୍ର; ରାୟସାହେବ ପ୍ରଭାତରଞ୍ଜନ ଦତ୍ତ, ଓଡ଼ିଶା ଗଭର୍ଣ୍ଣରଙ୍କ ସେକ୍ରେଟେରିଏଟ୍‌ର ହେଡ଼୍ ଆସିଷ୍ଟାଣ୍ଟ; ରାୟସାହେବ ସେଠ ଗିରିଧାରୀ ଲାଲ ମୋଡ଼ା, କଟକ; ଶ୍ରୀ ହରେକୃଷ୍ଣ ମହତାବ ଅଲ୍ ଇଣ୍ଡିଆ କଂଗ୍ରେସ ୱାର୍କିଂ କମିଟିର ପ୍ରଥମ ଓଡ଼ିଆ ସଦସ୍ୟ; ପାଲଲହଡ଼ାର ଦେୱାନ ଶ୍ରୀଯୁକ୍ତ ହରିପ୍ରସାଦ ଦେବ; ବାମଣ୍ଡା ଷ୍ଟେଟର ଏସ୍. ଡି. ଓ ଶ୍ରୀ ଅଦ୍ୱୈତଚରଣ ମହାନ୍ତି; ବାମଣ୍ଡା ଷ୍ଟେଟର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ନିତ୍ୟାନନ୍ଦ ସାହୁ; ଓଡ଼ିଶା ଗଭର୍ଣ୍ଣମେଣ୍ଟ ହୋମ୍ ଡିପାର୍ଟମେଣ୍ଟର ହେଡ଼୍ ଆସିଷ୍ଟାଣ୍ଟ ମିଷ୍ଟର୍ ଇ. ବି. ସାମ୍ଏଲ୍; ଓଡ଼ିଶା ସରକାରଙ୍କ ସେକ୍ରେଟେରୀ ମିଷ୍ଟର ଆର. ପି. ୱାର୍ଡ ଆଇ. ସି. ଏସ୍. କଟକର ଭୂତପୂର୍ବ କଲେକ୍ଟର; ନୟାଗଡ଼ ଷ୍ଟେଟର ଦେୱାନ ଶ୍ରୀଯୁକ୍ତ ଜନାର୍ଦ୍ଦନ ନନ୍ଦ; ନୟାଗଡ଼ର ଦେବୋତ୍ତର ମାନେଜର ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ନନ୍ଦ; ନୟାଗଡ଼ର ଟ୍ରେଜରୀ ଅଫିସର ଶ୍ରୀଯୁକ୍ତ ଅକ୍ଷୟ କୁମାର ଘୋଷ; ମୋର ଅକାଳୀ ବନ୍ଧୁ ଶ୍ରୀ ଶଶିଭୂଷଣ ରାୟ; ଖଲ୍ଲିକୋଟ, ଆଠଗଡ଼ ଓ ତିଗିରିଆ ରାଜ୍ୟର ଦେୱାନ୍ ଶ୍ରୀ ଜଗମୋହନ ପଟ୍ଟନାୟକ; ତାଳଚେରର ଅଧୀଶ୍ୱରଙ୍କ ସେକ୍ରେଟେରୀ ଶ୍ରୀ ଜଗନ୍ମୋହନ ମିଶ୍ର; କେନ୍ଦୁଝରର ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ବଂଶୀଧର ମହାନ୍ତି; ଗଞ୍ଜାମର ଶ୍ରୀଯୁକ୍ତ ଲାଲମୋହନ ପଟ୍ଟନାୟକ ବି. ଏଲ. ଓକିଲ; ଶ୍ରୀ ଯଦୁମଣି ମଙ୍ଗରାଜ ଏମ୍. ଏଲ୍. ଏ; କଟକ ମିଉନିସିପାଲିଟିର ଚେଆରମ୍ୟାନ୍ ଶ୍ରୀମାନ୍ ଭଗୀରଥୀ ମହାପାତ୍ର ଏମ୍. ଏ. ବି. ଏଲ୍; ଅରୁଣୋଦୟ ପ୍ରେସର ମାନେଜର ଚୌଧୁରୀ ମଧୁସୂଦନ ମହାପାତ୍ର; ସାକ୍ଷିଗୋପାଳ ୟୁନିଅନ୍ ବୋର୍ଡ଼ର ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ମଦନମୋହନ ମିଶ୍ର; ନବ ଓଡ଼ିଶାର ଓ ଦୈନିକ ଆଶାର ସମ୍ପାଦକ ଶ୍ରୀ ଶଶିଭୂଷଣ ରଥ; ଦେଶକଥାର ସମ୍ପାଦକ ଲାଲ ନଗେନ୍ଦ୍ରକୁମାର ରାୟ; ବ୍ରହ୍ମପୁର ଓଡ଼ିଆ ପତ୍ରିକାର ସମ୍ପାଦକ ଶ୍ରୀମାନ୍ ଆନନ୍ଦ ଆଚାର୍ଯ୍ୟ; ସ୍ୱଦେଶୀଚକ୍ରର ରାଜକର୍ମଚାରୀ ଶ୍ରୀମାନ୍ ଶ୍ୟାମାପଦ ଷଡ଼ଙ୍ଗୀ; ହିନ୍ଦୁଭୂମିର ପଣ୍ଡିତ ଶ୍ରୀ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ; କଟକ ପବ୍ଲିସିଙ୍ଗ୍ ହାଉସ୍‌ର ସ୍ୱତ୍ୱାଧିକାରୀ ଶ୍ରୀମାନ୍ ଉମାଚରଣ ମହାନ୍ତି; ଆର ଇଷ୍ଟେଟର ମାନେଜର୍ ଶ୍ରୀ ଗୋବିନ୍ଦ ପ୍ରସାଦ ସିଂହ; ଆଠଗଡ଼ର ଶ୍ରୀ ଶ୍ରୀନାଥ ସାମନ୍ତ; ଶ୍ରୀ ନୀଳବନ୍ଧୁ ରଥ; ଶ୍ରୀ ବାଳକୃଷ୍ଣ ମହାନ୍ତି; ଗଞ୍ଜାମ ବ୍ରହ୍ମପୁରର ଇନ୍‌କମ୍‌ଟାକ୍ସ ଅଫିସର୍ ଶ୍ରୀ ଏନାମୁଲ୍ ରହେମାନ୍ ସାହେବ; ଦ୍ୱାରଭଙ୍ଗା ପୁସ୍ତକ ଭଣ୍ଡାରର ସ୍ୱତ୍ୱାଧିକାରୀ ପଣ୍ଡିତ ଶ୍ରୀ ତ୍ରିଲୋଚନ ଶରଣ; ଉକ୍ତ ଭଣ୍ଡାରର ସହକାରୀ ମାନେଜର ଶ୍ରୀ ରାମେଶ୍ୱର ଝା; କଟକ ଟକସ୍ ବୈଶ୍ୟ ବିଦ୍ୟାଳୟର ଶିକ୍ଷକ ପଣ୍ଡିତ ସୁରେଶଚନ୍ଦ୍ର ଝା କାବ୍ୟତୀର୍ଥ ବ୍ୟାକରଣ ଶାସ୍ତ୍ରୀ ହିନ୍ଦୀବିଶାରଦ; ଉକ୍ତ ବିଦ୍ୟାଳୟର ହେଡ଼୍ ପଣ୍ଡିତ ତ୍ରିପୁରାନାରାୟଣ ଠାକୁର ହିନ୍ଦୀ ବିଶାରଦ; ଇମ୍ପିରିଅଲ୍ ବ୍ୟାଙ୍କ୍ କଟକ ଶାଖାର ଟ୍ରେଜରର୍ ଶ୍ରୀଯୁକ୍ତ ରୂପନାରାୟଣ ଉପାଧ୍ୟାୟ; ବୌଦ୍ଧ ଓ ଖଣ୍ଡପଡ଼ାର ପୂର୍ବତନ ଦେୱାନ ଶ୍ରୀ ବଟକୃଷ୍ଣ ମହାନ୍ତି, ବି ଏ; ଶ୍ରୀ ଭୁବନାନନ୍ଦ ଦାସ, ଏମ୍. ଏଲ୍. ଏ. (ସେଣ୍ଟ୍ରାଲ); ସ୍ୱୀକୃତ ସ୍ୱାମିପଦମଣ୍ଡିତ ଶ୍ରୀମାନ୍ ଭରତାନନ୍ଦ ଦାସ, ଆଡ଼ଭୋକେଟ୍; ସୁଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ଶ୍ରୀ ପରୀକ୍ଷିତ ଦାଶ; କଟକ ଜଜ୍‌କୋର୍ଟ ସିରସ୍ତାଦାର ଶ୍ରୀ ନିତ୍ୟାନନ୍ଦ ମିଶ୍ର; ହେଡ଼୍‌କ୍ଲର୍କ ଶ୍ରୀ ବିଶ୍ୱନାଥ ମିଶ୍ର, କଟକ ସ୍କୁଲ ସମୂହର ଡିଷ୍ଟ୍ରିକ୍ଟ ଇନ୍‌ସ୍‌ପେକ୍‌ଟର୍ ଶ୍ରୀ ପଦ୍ମଚରଣ ପଟ୍ଟନାୟକ ଏମ୍. ଏ; ବି. ଟି, ବୋଡ଼ାସମ୍ବରର ଦେୱାନ ଶ୍ରୀଯୁକ୍ତ ଅନିରୁଦ୍ଧ ମିଶ୍ର, ଏମ୍. ଏ, ବି. ଏଲ୍; ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାଶ ଏମ୍. ଏଲ୍. ଏ (ସେଣ୍ଟ୍ରାଲ) ଓଡ଼ିଶା ଗଡ଼ଜାତ ସମୂହର ପୂର୍ବତନ ପୋଲିଟିକାଲ ଏଜେଣ୍ଟ ମାଜର୍ ଡବ୍ଲ୍ୟୁ ଏଫ ୱେବ; ଓଡ଼ିଶା ଗଡ଼ଜାତ ସମୂହର ବର୍ତ୍ତମାନ ପୋଲିଟିକାଲ୍ ଏଜେଣ୍ଟ ଏଲ୍. ସି. ଏଲ ଗ୍ରିଫିଥ୍ ଆଇ. ସି. ଏସ୍; ଡାକ୍ତର ରାଧାଚରଣ ପଣ୍ଡା; ବିଜୟନଗର ଅନ୍ତ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ଡକ୍ଟର ବି. ଶେଷଗିରି ରାଓ ଏମ୍. ଏ.; ଭାରତ ସେବକ ସମିତିର ସଦସ୍ୟ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ; ସମ୍ବଲପୁରର ପଣ୍ଡିତ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର; ଶ୍ରୀ ବିଶ୍ୱକ୍‌ସେନ ବହିଦାର; ଶ୍ରୀ ଯଜ୍ଞେଶ୍ୱର ଖଣ୍ଡୁଆଳ; ଖାଙ୍ଗପୁରର ଶ୍ରୀ ଚୂଡ଼ାମଣି ନାୟକ; ବୌଦ୍ଧର ଶ୍ରୀମାନ୍ ପ୍ରହ୍ଲାଦ ବଳି; ଲଇଡ଼ାର ପଣ୍ଡିତ ଶ୍ରୀ ଗୋପୀନାଥ ବେହେରା ଓ ନନ୍ଦକିଶୋର ପଟେଲ; ପାଟଣା ଷ୍ଟେଟର ସଦର ଏସ୍. ଡି. ଓ. ଶ୍ରୀ ଦୁର୍ଗାଚରଣ ଦାସ ବି. ଏ. ଓ ରାଜସ୍ୱ ବିଭାଗ କର୍ମଚାରୀ ସର୍ଦ୍ଦାର ଅମର ସିଂହ; ରାୟପୁର ରାଜକୁମାର କଲେଜର ପ୍ରିନ୍ସିପାଲ ମିଷ୍ଟର ଟି. ଏଲ୍. ଏଚ ସ୍ମିଥ୍ ପିଅର୍ସ ଓ ସହକାରୀ ପ୍ରିନ୍‌ସିପାଲ୍ ମିଷ୍ଟର୍ ଫର୍ବିସ୍; ଉକ୍ତ କଲେଜର ପ୍ରୋଫେସର୍ ଶ୍ରୀ ଅଚ୍ୟୁତକୁମାର ଦାସ ବି. ଏ; ଶ୍ରୀଯୁକ୍ତ ଗଜେନ୍ଦ୍ରପ୍ରସାଦ ଦାସ ଆଡ଼ଭୋକେଟ, ପାଟଣା; ଶ୍ରୀ ତ୍ରିଲୋଚନ ପଟ୍ଟନାୟକ ସାମନ୍ତ, ପାଟଣାଷ୍ଟେଟ; କଟକର ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୋଷ; ସମ୍ବଲପୁର ଜିଲ୍ଲାସ୍କୁଲର ହେଡ଼୍‌ମାଷ୍ଟର ଶ୍ରୀମାନ୍ କୃଷ୍ଣଚନ୍ଦ୍ର ସେନଗୁପ୍ତ ଏମ୍. ଏ. ବି. ଇଡ଼୍; ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ସତୀଶଚନ୍ଦ୍ର ଘୋଷ; ରେଭେନ୍ସା କଲେଜର ପ୍ରୋଫେସର ରାୟସାହେବ ଆର୍ତ୍ତବଲ୍ଲଭ ମହାନ୍ତି; ପ୍ରୋଫେସର ବିପିନବିହାରୀ ରାୟ; ବେଙ୍ଗଲ ନାଗପୁର ରେଲର ଟି. ଟି. ଆଇ. ଶ୍ରୀ ପଦ୍ମନାଭ ମିଶ୍ର, ବୈଦ୍ୟରତ୍ନ ଶ୍ରୀ ବାଲୁକେଶ୍ୱର ଆଚାର୍ଯ୍ୟ; ଶ୍ରୀ ପଣ୍ଡିତ ରତ୍ନାକର ଗର୍ଗବଡ଼ୁ; ଭୁବନେଶ୍ୱରର ଶ୍ରୀ ଲକ୍ଷ୍ମୀଧର ଗର୍ଗବଡ଼ୁ ପ୍ରୋପ୍ରାଇଟର ରାଧାରମଣ ପ୍ରେସ ଓ ପୁସ୍ତକାଳୟ; ଡାକ୍ତର କୈଳାଶଚନ୍ଦ୍ର ରାଓ; ବୈଦ୍ୟରାଜ ଶ୍ରୀ ଦୟାନିଧି ମିଶ୍ର; କଟକର ଭୂତପୂର୍ବ ଜେଲର ଶ୍ରୀ ସତ୍ୟବାଦୀ ପ୍ରଧାନ; କଟକ ଜେଲର ଡାକ୍ତର ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ; କଳିଙ୍ଗ ବ୍ୟାୟାମ ବିଦ୍ୟାଳୟର ଉଦ୍‌ଯୋକ୍ତା ଶ୍ରୀ ପଦ୍ମଚରଣ ରାୟ; ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସର ହେଡ୍ ରିଡର ଶ୍ରୀ ନାରାୟଣ ସାଠିଆ ବି ଏ.; ରିଡର୍ ଶ୍ରୀ କୃଷ୍ଣଚନ୍ଦ୍ର କର; ଜଜକୋର୍ଟର ସିଭିଲକୋର୍ଟ କମିସନର ଶ୍ରୀ ଜଗନ୍ନାଥ ରାଓ; ସାରସ୍ୱତ ପ୍ରେସର କର୍ମଚାରୀ ଶ୍ରୀ ଧନେଶ୍ୱର ଶତପଥୀ ।

ସପ୍ତମ ଖଣ୍ଡରେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସନ୍ଦର୍ଭମାନ ପ୍ରକାଶିତ ହୋଇଅଛି :—

ସାହିତ୍ୟସମ୍ରାଟ୍ ମହାରାଜ ଶ୍ରୀ ବିକ୍ରମଦେବ ବର୍ମା; ଅଧ୍ୟାପକ ଶ୍ରୀ ବିପିନବିହାରୀ ରାୟ ଏମ୍. ଏ.; ପଣ୍ଡିତ ଶ୍ରୀ କୁଳମଣି ଦାଶ କାବ୍ୟତୀର୍ଥ; ଶ୍ରୀ ଜଗନ୍ନାଥ ତ୍ରିପାଠୀ ବି.ଏ., ବି. ଟି.; ଯାଜପୁରର କବି ଶ୍ରୀ ଚନ୍ଦ୍ରଶେଖର ଦାସ; ସତ୍ୟମହିମାଧର୍ମର ପ୍ରଚାରକ ବ୍ରହ୍ମଅବଧୂତ ବିଶ୍ୱନାଥ ବାବା; ଶ୍ରୀ ଶଶିଭୂଷଣ ରାୟ; କେନ୍ଦୁଝରର ଶ୍ରୀ ବଂଶୀଧର ମହାନ୍ତି; ପୁରୀ ରାମକୃଷ୍ଣଟୋଲର ଅଧ୍ୟାପକ ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମିଶ୍ର କାବ୍ୟରତ୍ନ; ଭୁବନେଶ୍ୱରର ଶ୍ରୀ କେଦାରନାଥ ମହାପାତ୍ର ବି.ଏ., ଡିପ୍, ଏଡ୍; କଟକର ଶ୍ରୀ ଯୋଗେନ୍ଦ୍ରଚନ୍ଦ୍ର ଦାସ; ଜ୍ୟୋତିଷାଚାର୍ଯ୍ୟ ଶ୍ରୀ ବାଇକୋଳ ମହାପାତ୍ର ଜ୍ୟୋତିଷବିଶାରଦ; କବିଚନ୍ଦ୍ର ଶ୍ରୀ କାଳୀଚରଣ ପଟ୍ଟନାୟକ; ଶ୍ରୀ ନିତ୍ୟାନନ୍ଦଚରଣ ପଟ୍ଟନାୟକ ବି.ଏ., ବି. ଏଲ୍; ଡାକ୍ତର ଶ୍ରୀ କୈଳାଶଚନ୍ଦ୍ର ରାଓ; ମଧୁପୁରର ପଣ୍ଡିତ ଶ୍ରୀ ବଳଭଦ୍ର ଧୀର; ଶ୍ରୀ ଜଗବନ୍ଧୁ ସିଂହ ଏମ୍. ଏଲ୍. ଏ; କଟକ ସଚ୍ଚିଦାନନ୍ଦମଠର ମହାମହୋପଦେଶକ ଶ୍ରୀ ସୁନ୍ଦରାନନ୍ଦ ବିଦ୍ୟାବିନୋଦ ବି.ଏ; ଶ୍ରୀ ମନ୍ମୋହନ ଘୋଷ ବି. ଏଲ୍ ଉକିଲ କଟକ; ଶ୍ରୀ ପ୍ରଫୁଲ୍ଲଚରଣ ପଟ୍ଟନାୟକ, ସବ୍‌ରେଜିଷ୍ଟ୍ରାର।

ନିମ୍ନଲିଖିତ ବ୍ୟକ୍ତିମାନେ ଭାଷାକୋଷାଶ୍ରମରେ ଓ ଅନ୍ୟତ୍ର ଭାଷାକୋଷର ପ୍ରକାଶିତ ଖଣ୍ଡମାନ ପରିଦର୍ଶନ କରିଅଛନ୍ତି—

ପାଟଣା ହାଇକୋର୍ଟର ଜଜ୍ ମାନ୍ୟବର ଏସ୍. ପି. ବର୍ମା

କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରୀ ପ୍ରିୟରଞ୍ଜନ ସେନ କାବ୍ୟତୀର୍ଥ ଏମ୍. ଏ., ପି. ଆର୍. ଏସ୍.

ପାଟଣାଧୀଶ୍ୱର ମହାରାଜ ରାଜେନ୍ଦ୍ରନାରାୟଣ ସିଂହ ଦେବ ଓ ତାଙ୍କ ଗହଣରେ ସମାଗତ ଢେଙ୍କାନାଳ ଅଧୀଶ୍ୱର ରାଜା ଶଙ୍କରପ୍ରତାପ ମହୀନ୍ଦ୍ର ବାହାଦୁର

ବଡଖେମିଣ୍ଡିର ରାଜା ଶ୍ରୀ ରାମଚନ୍ଦ୍ର ଗଜପତି ଦେବ ଏମ୍. ଏଲ୍. ଏ.

ଖଡ଼ିଅଲର ରାଜା ଲାଲ ଆର୍ତ୍ତତ୍ରାଣ ଦେବ ଏମ୍. ଏଲ୍. ଏ.

ଓଡ଼ିଶା ସ୍ୱାସ୍ଥ୍ୟବିଭାଗର ଡାଇରେକ୍ଟର କର୍ଣ୍ଣେଲ୍ ଭର୍ଗୀଜ୍

ଜିଲ୍ଲା ମାଜିଷ୍ଟ୍ରେଟ ଓ କଲେକ୍ଟର ରାୟସାହେବ ମନ୍ମଥନାଥ ବସୁ

ବ୍ରହ୍ମବିଦ୍ୟା ସମାଜର ସହକାରୀ ସଭାପତି ଶ୍ରୀଯୁକ୍ତ ହୀରେନ୍ଦ୍ରନାଥ ଦତ୍ତ ବେଦାନ୍ତରତ୍ନ ଏମ୍. ଏ., ବି.ଏଲ୍, ପି. ଆର୍. ଏସ୍

ବ୍ରହ୍ମବିଦ୍ୟା ସମାଜ ଭାରତୀୟ ଶାଖାର ସମ୍ପାଦକ ଶ୍ରୀଯୁକ୍ତ ଜି. ଏନ୍. ଗୋଖଲେ

ଶ୍ରୀଯୁକ୍ତ ରାଧାକାନ୍ତ ଶରଣ, ସହକାରୀ ଇନ୍‌କମ୍‌ଟାକ୍ସ କମିଶନର୍, ପାଟଣା

ଶ୍ରୀ ବିଶ୍ୱନାଥ ଦାସ, ଓଡ଼ିଶାର ପୂର୍ବତନ ପ୍ରଧାନ ମନ୍ତ୍ରୀ

ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସର ସୁପରିଣ୍ଟେଣ୍ଡେଣ୍ଟ ମିଷ୍ଟର୍ ସି. ଆର୍. କାର୍ଟର୍ସ ଏମ୍. ବି. ଇ.

## ଭାଷାକୋଷର ତଥା ସଂଗ୍ରାହକର ସମ୍ମାନଲାଭ ଓ ପ୍ରଶଂସା

ଷଷ୍ଠଖଣ୍ଡର ପ୍ରକାଶ ପୂର୍ବରୁ ମୋତେ ଯେଉଁ ରାୟ ବାହାଦୁର ଉପାଧି ଭାଇସରାୟଙ୍କ ଦ୍ୱାରା ଅର୍ପିତ ହୋଇଥିଲା, ତହିଁର ସନନ୍ଦ ଓ ପଦକ ମୋତେ ଅର୍ପଣ କରିବା ଉପଲକ୍ଷରେ କଟକରେ ୨୦।୧।୧୯୩୮ ରେ ଯେଉଁ ପ୍ରାଦେଶିକ ଦରବାର ଅନୁଷ୍ଠିତ ହୋଇଥିଲା, ସେଥିରେ ମୋତେ ଏମାନ ଅର୍ପଣ କରି ଓଡ଼ିଶାର ଗଭର୍ଣ୍ଣର ମାନ୍ୟବର ସରଜନ୍ ହବାକ୍ ଏମ୍. ଏ. କେ. ସି. ଏସ୍. ଆଇ.; ଆଇ. ସି. ଏସ୍. ନିମ୍ନଲିଖିତ ମର୍ମରେ ଇଂରାଜୀରେ ଅଭିବାଦନ କରିଥିଲେ—

ରାୟବାହାଦୁର ଗୋପାଳଚନ୍ଦ୍ର ପ୍ରହରାଜ!

"ଆମ୍ଭେ ବିଶ୍ୱସ୍ତ ହୃଦୟରେ ଏହି ଆଶା ପୋଷଣ କରୁଅଛୁଁ ଯେ ଚିରସ୍ମରଣୀୟ କୀର୍ତ୍ତିସ୍ତମ୍ଭରୂପୀ ଭାଷାକୋଷକୁ ସମାପ୍ତ କରି ସାରସ୍ୱତ ସେବାବ୍ରତ ଉଦ୍‌ଯାପନପୂର୍ବକ ଆପଣ ଯଶଃଶ୍ରୀମଣ୍ଡିତ ହେବେ। ଏହି ଅଭିଧାନ ସଙ୍କଳନ ଯୋଗୁଁ ଆପଣ ଉତ୍କଳର ଚତୁଃସୀମା ଅତିକ୍ରମ କରି ବହୁ ଦୂରଦେଶର ବିଦ୍ୱତ୍‌ମଣ୍ଡଳୀରେ ସୁଖ୍ୟାତି ଅର୍ଜନ କରିଅଛନ୍ତି। ଆପଣ ଭାଷାତତ୍ତ୍ୱାଲୋଚନାରେ ବିଶିଷ୍ଟରୂପେ ସହାୟତା କରିଅଛନ୍ତି ଓ ଓଡ଼ିଆ ଜାତୀୟ କୃଷ୍ଟିର ପୁନଃପ୍ରବର୍ତ୍ତନର ପଥକୁ ସୁଗମ କରିଅଛନ୍ତି। ଏ କର୍ମରେ ଆପଣ ଯେଉଁ ତେଜସ୍ୱିତା, ଉତ୍ସାହ ଓ ପ୍ରତିଭା ନିୟୋଜିତ କରି ଉତ୍କଳର ନାମକୁ ଉଜ୍ଜ୍ୱଳତର କରିଅଛନ୍ତି, ତାହା ସୁପରିଚିତ ଓ ସମ୍ମାନିତ ହେବା ସମୀଚୀନ ହୋଇଅଛି।

"ଯାହାଙ୍କ ସଙ୍ଗେ ବାରବର୍ଷ ପୂର୍ବେ ଆମ୍ଭର ବନ୍ଧୁତାର ସୂତ୍ରପାତ ହୋଇଥିଲା ଓ ଯାହାଙ୍କ ବନ୍ଧୁତାକୁ ଆମ୍ଭେ ତଦବଧି ମୂଲ୍ୟବାନ୍ ଜ୍ଞାନ କରି ଆସିଅଛୁଁ, ଆଜି ତାହାଙ୍କୁ ରାୟ ବାହାଦୁର ପଦବୀସୂଚକ ପଦକ ଅର୍ପଣ କରି ଆମ୍ଭେ ପରମାନନ୍ଦ ଅନୁଭବ କରୁଅଛୁଁ।"

ଭାଷାକୋଷର ପ୍ରଥମ ଖଣ୍ଡର ପ୍ରକାଶ ହେବା ସମୟରୁ ଯେଉଁ କତିପୟ ବନ୍ଧୁ ଭାଷାକୋଷ ପ୍ରତି ତଥା ତହିଁର ଅକିଞ୍ଚନ ସଂଗ୍ରାହକ ପ୍ରତି ଅନୁରାଗ ପ୍ରଦର୍ଶନ କରିଅଛନ୍ତି ସେମାନଙ୍କୁ ଲକ୍ଷ୍ୟ କରି ସମ୍ବଲପୁରର ଜନପ୍ରିୟ କଂଗ୍ରେସ କର୍ମୀ ପଣ୍ଡିତ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର 'ଉତ୍କଳ ସାହିତ୍ୟ' ପତ୍ରିକାର ୪୧ଶ ଖଣ୍ଡ, ୩ୟ ସଂଖ୍ୟା (୧୩୪୫ ଆଷାଢ଼)ରେ ନିମ୍ନଲିଖିତ କବିତାଟି ପ୍ରକାଶ କରିଅଛନ୍ତି :—

## ଓଡ଼ିଆ ଭାଷାକୋଷ

"ଭାଷାକୋଷ ଭାରତର ଗୌରବର କୋଷ,
ହୁଅ ମୌନ, ହେ ନିନ୍ଦକ! ନ ଦେଖାଅ ଦୋଷ।
କର ପ୍ରଣିପାତ ଧୀରେ ତପସ୍ୱୀ ଚରଣେ
ସାଧନା ଯାହାର ବାଣୀ ବିଭବ ଚୟନେ,
ବାର୍ଦ୍ଧକ୍ୟେ ଦେଖାଏ ସ୍ଥିର ଯୌବନର ତେଜ,
ନ ମାନେ ନୈରାଶ୍ୟ, ତେଜ କଳନାର ଶେଯ—
ଯାଥାର୍ଥ୍ୟର ରଙ୍ଗଭୂମି କରେ ବିମଣ୍ଡିତ
କରିବାକୁ ଉତ୍କଳର ଘାତକତା ଖଣ୍ଡିତ,

ଯେଉଁ ମହାରଥୀ ପଙ୍କେ ପ୍ରମତ୍ତର ସାଜ,
ବୋଲାଏ ଅଜେୟ, ପୁଣ୍ଟ, ବୃଦ୍ଧ ପ୍ରହରାଜ,
ଯଶ କୀର୍ତ୍ତି ହେବ ତାର ବିଲୁପ୍ତ ନିଃଶେଷେ,
ଈର୍ଷାର ଦାବାନଳେ ନ୍ୟାୟ ପରବେଶେ।
ରହିବ "ଗୋପାଳ" ଭାଷାକୋଷର ଜନକ,
ବିଶ୍ୱବକ୍ଷେ ଉତ୍କଳର ଅସ୍ମିତା ରକ୍ଷକ।
ନୋହି ଅକୃତଜ୍ଞ, ଅହେ ଉତ୍କଳ ସନ୍ତାନ!
ବକ୍ଷପରେ ରଖି ହସ୍ତ କର ପ୍ରଣିଧାନ—

One of the Leading Financial supporters of this volume,
Raja Sri Krushna Chandra Singh Mandhata, Ruler, Nayagarh State.



ସପ୍ତମଖଣ୍ଡର ବଶିଷ୍ଟ ଅର୍ଥସାହାଯ୍ୟକାରୀ ନୟାଗଡ଼ ରାଜ୍ୟାଧୀଶ୍ୱର
ଦାନଶୀଳ ଶ୍ରୀ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ।

ଶୁଣିବ ବିବେକ ବାଣୀ :—"ଯେ ମହାସ୍ତୂପତ
ସ୍ଥାପିଅଛୁ ଶବ୍ଦସୌଧେ ଏ ମହା ଗୌରବ,
ବ୍ୟାକୁଳ ପରାଣେ ତାର ଶତ୍ରୁ ମିତ୍ର ସର୍ବେ
ବାଷ୍ପାକୁଳ ନେତ୍ରେ ଦେଖି ବାଣୀ ଗ୍ଲାନଗର୍ବେ
ଜଣାଇଛୁ ଯୁକ୍ତକରେ—'ଏ ମହା ସମ୍ଭାର
ଚନ୍ଦ୍ର ସୂର୍ଯ୍ୟ ଥିବାଯାଏ କର ଅଧିକାର,
ହେ ମୋର ସ୍ୱଦେଶବାସୀ ଓଡ଼ିଆ ସୋଦରେ !'
ସୌଧସ୍ଥିତା ସିଦ୍ଧିଦାତ୍ରୀ ମୂର୍ତ୍ତିର ପାଦରେ
ନ କର ବନ୍ଦନା, ଯଦି ଅବହେଳନା ଛଳେ
ପଡ଼ିବ ହେ ଈର୍ଷାପ୍ରସୂ ନରକ ଅନଳେ,
ଅଧଃପାତ ହେବ ତାହା; ତ୍ୟାଗୀୟ ସେବକ
ଉତ୍କଳର ବରବପୁ କର ନିଷ୍କାସନ,
ଧାଇଁବ ବିପଥେ ଯାସେ ନ୍ୟସ୍ତ ଇଙ୍ଗିତେ;
ସହିବକି ଏ ଦୁର୍ଦ୍ଦଶା ଅନ୍ୟଙ୍କ ଅହିତେ ?
ପଶ୍ଚାନ୍ତରେ, କୃତଜ୍ଞତା ପୂରିତ ଅନ୍ତରେ,
ଦେବ ଯଦି ନ୍ୟାଯ୍ୟ ପ୍ରାପ୍ୟ ଯୁଗଯୁଗାନ୍ତରେ
ଅଦମ୍ୟ ଉଦ୍‌ଯୋଗମୟ ଏହି ପ୍ରହରାଜେ,
ଦେଖ, ପ୍ରିୟ ଶ୍ରେଷ୍ଠ ସହ ସର୍ବ ନରରାଜେ,
ସର୍ବଗୋଷ୍ଠୀ ଉପଗୋଷ୍ଠୀ ସର୍ବଶ୍ରେଣୀ ମିଶି,
ମିଶାଇ କଣ୍ଠର ସଙ୍ଗେ କଣ୍ଠ ଦିବାନିଶି
ଗାଅ ଯଦି ଗାଇଛିଲେ ଗ୍ରନ୍ଥନିର୍ମାତାର
ନିର୍ମଳ ବିଜୟଗାଥା, ଶକ୍ତି ଦୁର୍ନିବାର,
ଲଭିବ ହେ ପ୍ରାଣପ୍ରିୟ ! ଉତ୍କଳ ସୁନ୍ଦର,
ହୋଇବ ଭାରତବକ୍ଷେ ମହା ଧୁରନ୍ଧର ।
ଗଙ୍ଗାଠାରୁ ଗୋଦାବରୀ ଭଣିବାର ଯଶ
କୋଣାର୍କର ଶିଳ୍ପକୀର୍ତ୍ତି ଉଦାର ସରସ,—
ବାସ୍ତବ ସ୍ୱଭାବେ କର ପ୍ରଭାବ ପ୍ରସାର
ଉଡ଼ାଇବ ବୈଜୟନ୍ତୀ ଓଡ଼ିଆଜାତିର ।
ଦ୍ରବିଡ଼ର ଆର୍ଯ୍ୟଜନ ବିନାଶର ହେତୁ,
ଗୌଡ଼ଭୂର ଆର୍ଯ୍ୟଜନ ମିଳନର ସେତୁ ।
ହେ ଉତ୍କଳବାସୀ ! ଏବେ ଭାଷାକୋଷ ବଳେ
ବଜାଅ ବିଜୟଭେରୀ ଏ ତପନ ତଳେ—
ଭାରତେ, ପାଶ୍ଚାତ୍ୟେ ଅତି ସୁଦୂର ପ୍ରାନ୍ତରେ,
ଗିରିଶିରେ, ସିନ୍ଧୁପାରେ, କାନନେ, ପ୍ରାଚୀରେ,
ଶତାବ୍ଦୀର ଶ୍ରେଷ୍ଠକୃତ୍ୟ କର ପ୍ରଦର୍ଶନ,
କର କ୍ଷୁଦ୍ରତାର ତୁଚ୍ଛ ସଙ୍କୋଚ ବର୍ଜନ,"
ବୋଲି—ଭାଷାକୋଷ ଜୟ ! ଜୟ ! ପ୍ରହରାଜ !
ମରମୂର୍ଦ୍ଧ୍ୱର ତୁମ୍ଭେ ମୃତ୍ୟୁଞ୍ଜୟ ଆଜ ।
ମିଳନେ ମିଳଇ ଏବେ ସାଫଲ୍ୟ ନିର୍ମଳ
ବାଣୀହିଁ ମିଳନମନ୍ତ୍ରୀ, ବିଶ୍ୱର ସମ୍ବଳ !
ବାଣୀର ମନ୍ଦିରେ ରଚି ଦିବ୍ୟ ଭାଷାକୋଷ,
ଲଭିଅଛ ପ୍ରହରାଜ ବାଣୀ ପରିତୋଷ,
ଅନନ୍ତ କଲ୍ୟାଣ; ଆଉ ନାହିଁ ଭୟ ତାର—
ପାପ ପୁଣ୍ୟ ନେଇ ସେ ଯେ ଲଭିବ ନିସ୍ତାର ।

ବିଶ୍ୱସମ୍ରାଟ୍ ରବୀନ୍ଦ୍ରନାଥ ଠାକୁର ତାଙ୍କ ସେକ୍ରେଟେରୀଙ୍କ ଦ୍ୱାରା ମୋ ନିକଟକୁ ନିମ୍ନଲିଖିତ ମର୍ମରେ ଇଂରାଜୀ ପତ୍ର ଲେଖି ଅଛନ୍ତି—

ଉତ୍ତରାୟଣ
୨୦।୭।୧୯୩୮

"ବିଶ୍ୱଭାରତୀର ଗବେଷଣା ବିଭାଗର କର୍ମରେ ବିଶ୍ୱକୋଷାତ୍ମକ ଅଭିଧାନ—ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ଅତୀବ ଉପକାରୀ ଅଭିଜ୍ଞାନ ଗ୍ରନ୍ଥବୋଲି ଅନୁଭୂତ ହୋଇଅଛି । ଏଥିର ସଂଗ୍ରାହକ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ଓ ତାଙ୍କ ସହକର୍ମିଗଣ ସେମାନଙ୍କର ଏହି ଉତ୍କୃଷ୍ଟ କର୍ମପାଇଁ ଆମ୍ଭମାନଙ୍କର ଆନ୍ତରିକ ଧନ୍ୟବାଦର ପାତ୍ର ଅଟନ୍ତି ।"

(ସ୍ୱାଃ) ରବୀନ୍ଦ୍ରନାଥ ଠାକୁର

କଟକ ମ୍ୟୁନିସିପାଲିଟି ସରକାରଙ୍କ ସାକ୍ଷାତ୍ ତତ୍ତ୍ୱାବଧାନରେ ଥିବା ସମୟରେ ତହିଁର ପରିଚାଳକ ରାଜକର୍ମଚାରୀ ରାୟସାହେବ ସୋମନାଥ ମହାପାତ୍ରଙ୍କ ସୂଚନାକ୍ରମେ କଟକର ମାଜିଷ୍ଟ୍ରେଟ୍ ଆର୍. ପି. ୱାର୍ଡ୍ ସାହେବ (ବର୍ତ୍ତମାନ ଓଡ଼ିଶା ସରକାରଙ୍କ ସେକ୍ରେଟେରୀ) ଭାଷାକୋଷାଶ୍ରମ ଯେଉଁ ଗଳିରେ ଅବସ୍ଥିତ ସେହି ପୂର୍ବତନ ନର୍ମାଲ୍ ସ୍କୁଲ୍ ଗଳିକୁ "ଭାଷାକୋଷ ଲେନ୍" ନାମକରଣ କରି ଯାଇ ଅଛନ୍ତି ।

ସାହିତ୍ୟ ସମ୍ରାଟ୍ ମହାରାଜ ଡକ୍ଟର ବିକ୍ରମଦେବ ବର୍ମାଙ୍କ ଅଧିନାୟକତ୍ୱରେ ପ୍ରତିଷ୍ଠିତ ବିଜୟନଗରସ୍ଥ ଅନ୍ଧ୍ର ରିସର୍ଚ୍ଚ୍ ୟୁନିଭର୍ସିଟୀ ଗବେଷଣା ବିଶ୍ୱ ଭାରତୀ) ସପ୍ତମଖଣ୍ଡର ପ୍ରକାଶ ପୂର୍ବେ ଏ ଗ୍ରନ୍ଥର ସଂଗ୍ରାହକଙ୍କୁ "ସାହିତ୍ୟ ବିଶାରଦ" ଉପାଧିରେ ମଣ୍ଡିତ କରିଥିଲେ । ଇତି ମଧ୍ୟରେ ଆମେରିକା ଯୁକ୍ତରାଜ୍ୟ ପକ୍ଷରୁ ଭାରତର ଭାଇସ୍‌ରୟଙ୍କ ନିକଟରୁ ସମାଗତ ରାଜଦୂତ ଡକ୍ଟର୍ ପୋଷ୍ଟ୍ ହ୍ୱିଲର୍ ଏମ୍. ଏ ଙ୍କ ସଭାପତିତ୍ୱରେ ସମାହୃତ ଉକ୍ତ ବିଶ୍ୱଭାରତୀର ଗତ ସାମ୍ବତ୍ସରିକ ଉତ୍ସବରେ ୧୦।୩।୪୦ ତାରିଖରେ 'ସାହିତ୍ୟ ବିଶାରଦ' ଉପାଧିର ଉର୍ଦ୍ଧ୍ୱତନ 'ସାହିତ୍ୟ ଭୂଷଣ' ଉପାଧି ମୋତେ ଅର୍ପିତ ହୋଇଅଛି ।

ମୋ ଲିଖିତ 'ଓଡ଼ିଆ ଭାଷା ଓ ଭାଷାକୋଷ' ନାମ୍ନୀ ଇଂରାଜୀ ପୁସ୍ତିକା ଉକ୍ତ ବିଶ୍ୱଭାରତୀ ପକ୍ଷରୁ ମୁଦ୍ରିତ ଓ ପ୍ରକାଶିତ ହୋଇ ଇଉରୋପ, ଏସିଆ ଓ ଆମେରିକା ଆଦିର ବିଦ୍ୱନ୍ମଣ୍ଡଳୀଙ୍କଠାରୁ ପ୍ରେରିତ ହୋଇଅଛି ।

ରାୟପୁର ରାଜକୁମାର କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ସ୍ମିଥ୍ ପିଅର୍ସ୍ ଓ ଶ୍ରୀଯୁକ୍ତ ଫର୍ବିସ୍ ତତ୍ରତ୍ୟ ରାଜକୁମାରମାନଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ଇତିହାସ ବିଷୟକ ବକ୍ତୃତା ଶୁଣାଇବା ପାଇଁ ମୋତେ ସାଗ୍ରହ ନିମନ୍ତ୍ରଣ କରି ଓ ସୁବିଧା ଦେଇ କୃତାର୍ଥ କରିଅଛନ୍ତି ।

ବ୍ରହ୍ମବିଦ୍ୟା ସମାଜ (Theosophical Socie'y)ର କାଶୀରେ ପ୍ରତିଷ୍ଠିତ ଭାରତୀୟ ଶାଖାପକ୍ଷରୁ ପ୍ରକାଶିତ ମାସିକ ପତ୍ରିକା ଭାରତୀୟ ବ୍ରହ୍ମ-ବିଦ୍ୟା (The Indian Theosophist)ର ୧୯୩୯ ସାଲର ମାର୍ଚ୍ଚ ମାସର ସଂଖ୍ୟାରେ ଉକ୍ତ ଶାଖାର ତଥା ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ଡି. ଏନ୍. ଗୋଖଲେ ଭାଷାକୋଷ ବିଷୟରେ ନିମ୍ନଲିଖିତ ମର୍ମରେ ସମ୍ପାଦକୀୟ ଲେଖା ପ୍ରକାଶ କରିଅଛନ୍ତି ।

"ଆନ୍ତର୍ଜାତିକ ସଂସଦ୍‌ରେ ଓଡ଼ିଶାର ନିଜର ଉପଯୁକ୍ତ ଆସନ ପାଇବାକୁ ବିଳମ୍ବ ଅଛି ବୋଲି କୁହା ଯାଉଥିଲେ ମଧ୍ୟ, ଭାଷା ବିଷୟରେ ଓଡ଼ିଶା ଆପଣା ଘରକୁ ସଜାଡ଼ିଲାଣି । ଏକମାତ୍ର ଲକ୍ଷ୍ୟସାଧନରେ ଦୃଢ଼ବ୍ରତ ଜଣେ ମାତ୍ର ବ୍ୟକ୍ତିଙ୍କ ଅଦମ୍ୟ ପରିଶ୍ରମ ଦ୍ୱାରା ସଙ୍କଳିତ, ସାତଖଣ୍ଡରେ ସମାପ୍ତ ପ୍ରାୟ ଆଠହଜାର ପୃଷ୍ଠାବ୍ୟାପୀ ଗୋଟିଏ ବିରାଟ ଅଭିଧାନର ଅଧିକାରୀ ହୋଇ

ଓଡ଼ିଆ ଜାତି ଗର୍ବ ଅନୁଭବ କରୁଅଛି। ଏଥି ମଧ୍ୟରୁ ୬ଖଣ୍ଡ ପ୍ରକାଶିତ ହେଲଣି ଓ ସପ୍ତମ ଖଣ୍ଡ ବର୍ତ୍ତମାନ ଯନ୍ତ୍ରସ୍ଥ । ଏପର୍ଯ୍ୟନ୍ତ (ପ୍ରକାଶିତ ୬ଖଣ୍ଡରେ) ୧ଲକ୍ଷ ୫୯ ହଜାର ଶବ୍ଦ ସ୍ଥାନ ପାଇଛି ଓ ସପ୍ତମ ଖଣ୍ଡର ସମାପ୍ତି ବେଳକୁ ସଂଗୃହୀତ ଶବ୍ଦମାନଙ୍କ ସଂଖ୍ୟା ୧ଲକ୍ଷ ୮୪ ହଜାର ହେବ । ଏ ଅଭିଧାନରେ ଥିବା ପ୍ରତ୍ୟେକ ମୂଳ ଶବ୍ଦ ତଳେ ତହିଁର ଉଚ୍ଚାରଣ ଇଂରାଜୀ ଅକ୍ଷର (transliteration)ରେ ଦିଆଯାଇଅଛି ଏବଂ ଶବ୍ଦମାନଙ୍କ ଓଡ଼ିଆ, ଇଂଲିଶ, ହିନ୍ଦି, ବଙ୍ଗଳା, ମରହଟ୍ଟୀ ପ୍ରତିଶବ୍ଦ ଓ ଅର୍ଥ ଦିଆଯାଇଅଛି । ଆବଶ୍ୟକ ସ୍ଥଳରେ ପ୍ରାମାଣିକ ବଚନମାନ ଉଦ୍ଧୃତ ହୋଇଅଛି ଓ ଟୀକା notes) ମଧ୍ୟ ଦିଆଯାଇଅଛି । ଏହା ଅତ୍ୟନ୍ତ ଦୁରଶ୍ରମସାଧ୍ୟ କର୍ମ । କେବଳ ତାଙ୍କର 'ଅଶିକ୍ଷିତା' ଶ୍ୟାଳିକା ଶ୍ରୀମତୀ ପୀତାମ୍ବରୀ ଦେବୀଙ୍କ ଛଡ଼ା ଅନ୍ୟ କାହାରି ସାହାଯ୍ୟ ନ ନେଇ ପ୍ରହରାଜେ ଏକା ଏ ଗ୍ରନ୍ଥର ମୌଳିକ ପାଣ୍ଡୁଲିପି ସଂକଳନ କରିଅଛନ୍ତି । ଶ୍ରୀମତୀ ପୀତାମ୍ବରୀ ଦେବୀ ଗାଆଁ ଗଣ୍ଡାର ଅଶିକ୍ଷିତ ବ୍ୟକ୍ତିମାନଙ୍କଠାରୁ ଶତ ଶତ ଗାଉଁଲି ଶବ୍ଦ ଉକ୍ତ ପାଣ୍ଡୁଲିପି ପାଇଁ ସଂଗ୍ରହ କରି ଆଣି ଅଛନ୍ତି । ପାଣ୍ଡୁଲିପିର ଢାଞ୍ଚା ପ୍ରସ୍ତୁତ କରିବାକୁ ୧୪ ବର୍ଷ ଲାଗିଲା । ତହିଁ ପରେ କେତେକ ପଣ୍ଡିତଙ୍କ ଦ୍ୱାରା ପାଣ୍ଡୁଲିପିର ତନ୍ନତନ୍ନ ସମାର୍ଜନ କର୍ମ ସମାହିତ ହେଲା ଏବଂ ୧୯୩୧ ସାଲରେ ଗ୍ରନ୍ଥପ୍ରକାଶର ଆରମ୍ଭ ହେଲା । ସଂଗ୍ରାହକଙ୍କୁ ମୂଲ୍ୟହୀନା ହେବ ବୋଲି ତାଙ୍କ ନାମ ମୁଁ ପଛୁଲେ ଉଲ୍ଲେଖ ନ କରି ଶେଷକୁ ରଖିଲି । ଭାଷାକୋଷରେ ତାଙ୍କ ନାମ ମୁଦ୍ରିତ ହୋଇଅଛି । ଇହ ଜୀବନରେ ତାଙ୍କ ନାମ ଗୋପାଳଚନ୍ଦ୍ର ପ୍ରହରାଜ ବୋଲି ଲୋକେ କହନ୍ତି । ଏ ନାମର ପୂର୍ବେ 'ରାୟବାହାଦୁର' ପଦବୀ ଓ ଶେଷରେ 'ସାହିତ୍ୟ ବିଶାରଦ' ପଦବୀଟିଏ ଜୋଡ଼ା ହୋଇଛି । ସେ ଯେଉଁ ଗଳିରେ ରହନ୍ତି ସେ ଗଳିର ନାମ ହୋଇଛି 'ଭାଷାକୋଷ ଲେନ୍' । ଏ ସମସ୍ତ କର୍ମରେ—ଅର୍ଥ ଅଭିଜ୍ଞ କଥା ଗାଧୋଇ ଯାଉ—ଏତେ ପରିଶ୍ରମ କରିବାକୁ ପଡ଼ିଛି ଯେ, ମୁଁ ଚକିତ ହୋଇ ନିଜକୁ ପଚାରୁଛି "ସେ ଏ କାମରେ ଆଦୌ ହାତ ପୂରାଇଲେ କାହିଁ ?" ମୁଁ ଏ ପ୍ରଶ୍ନର ଏହିମାତ୍ର ଉତ୍ତର କଳ୍ପନା କରୁଛି:—ବୋଧ ହୁଏ ଆର ଜନ୍ମରେ ସେ ଜଣେ କୈବର୍ତ୍ତ-

କରଣିକ ଥାଇ ତାଙ୍କ ମାତୃଭାଷା ଓଡ଼ିଆର ଅବସ୍ଥା ଅନୁଭବ କରି ଦୁଃଖିତ ହୋଇଥିଲେ, କିମ୍ବା ବହୁଶତ ବର୍ଷ ପୂର୍ବେ ସେ କୌଣସି ଜନ୍ମରେ ଜଣେ ରାଜ୍ୟବିଜୟୀ ବୀର ଥାଇ ଓଡ଼ିଆ ଭାଷାର ଗ୍ରନ୍ଥରାଜି ନଷ୍ଟ କରି ଦେଇଥିଲେ ଓ ଏହି ଜନ୍ମରେ ତଜ୍ଜନିତ ଋଣ ପରିଶୋଧ କରୁଅଛନ୍ତି । ଯାହାହେଉ ମୁଁ ଏତିକି ଜାଣୁଛି ଯେ, ମୁଁ ଏପରି କର୍ମ ଆରମ୍ଭ କରି ନ ଥାନ୍ତି କିମ୍ବା ଏହାକୁ ସମାପ୍ତ କରି ପାରି ନ ଥାନ୍ତି । କାହାଣିରେ ଶୁଣିଥିଲି ଯେ, ଥଣ୍ଟରେ ଥରକେ ଲେଖାଏଁ ପାଣି ନେଇ ନେଇ ସମୁଦ୍ରକୁ ଶୁଖାଇବା ପାଇଁ ଟିକି ଚଢ଼େଇ-ଟିଏ ଚେଷ୍ଟା କରିଥିଲା । ପ୍ରହରାଜଙ୍କ ପରିଶ୍ରମ ଦେଖି ମୋର ସେହି ଚଢ଼େଇ କଥା ମନେ ପଡ଼ୁଛି ।

ଯେବେ କସ୍ମିନ୍‌କାଳେ ମୁଁ ଧୈର୍ଯ୍ୟ ଦେବତାଙ୍କୁ ପ୍ରତିଷ୍ଠିତ କରିବା ପାଇଁ ଗୋଟିଏ ମନ୍ଦିର ତୋଳାଇବି ତେବେ ସେହି ମନ୍ଦିରରେ ଧୈର୍ଯ୍ୟ-ଦେବତାରୂପେ ରାୟବାହାଦୁରଙ୍କ ମୂର୍ତ୍ତିକୁ ପ୍ରତିଷ୍ଠା କରିବହିଁ କରିବି ।

ଏହା ମଧ୍ୟ ଉଲ୍ଲେଖ ଯୋଗ୍ୟ ଯେ, ଓଡ଼ିଆ ଭାଷାର ପିତା ଓ ତାଙ୍କ ଶ୍ୟାଳିକା ୪ ମାସ ହେଲା ଥିଅଜଫିକାଲ୍ ସୋସାଇଟି (ବ୍ରହ୍ମବିଦ୍ୟା ସମାଜ)ରେ ଯୋଗ ଦେଇଛନ୍ତି ।"

ବ୍ରହ୍ମବିଦ୍ୟା ପତ୍ରିକା, ୧୯୩୯ ମାର୍ଚ୍ଚ

ବୋମ୍ବାଇର ଇଣ୍ଡିଅନ୍ ପି.ଇ.ଏନ୍ P. E. N. ନାମକ ଇଂରାଜୀ ସାହିତ୍ୟିକ ପତ୍ରିକାର ୨ୟ ଖଣ୍ଡ ୬ଷ୍ଠ ସଂଖ୍ୟାରେ ଭାଷାକୋଷର ପ୍ରଶଂସାମୂଳକ ବର୍ଣ୍ଣନ କରାଯାଇଥିଲା ।

କବିବର ଶ୍ରୀ ଚିନ୍ତାମଣି ମହାନ୍ତି 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଶୀର୍ଷକ ନିମ୍ନଲିଖିତ ପଦ୍ୟ ତାଙ୍କ ଗ୍ରନ୍ଥାବଳୀରେ ୨ୟ ଖଣ୍ଡର ୧୫୨୫ ପୃଷ୍ଠାରେ ପ୍ରକାଶ କରିଅଛନ୍ତି । ଉକ୍ତ ଖଣ୍ଡର ୧୪୧୦ ପୃଷ୍ଠାରେ ଉତ୍କଳ ମିଳନ କାବ୍ୟରେ ଓ ତୃତୀୟ ଖଣ୍ଡର ଜୟପୁର ଶୀର୍ଷକ ଲେଖାରେ ୨୦୭ ପୃଷ୍ଠାରେ ଓ ଲକ୍ଷ୍ମୀଗଡ଼ ଭ୍ରମଣକାହାଣୀର ୭୪୭ ପୃଷ୍ଠାରେ ମଧ୍ୟ ଭାଷାକୋଷର ଉଲ୍ଲେଖ କରିଅଛନ୍ତି ।

## ପୂର୍ଣ୍ଣଚନ୍ଦ୍ର ଭାଷାକୋଷ

ବହୁ ବର୍ଷେ କେବଳ ଲକ୍ଷ ଶବ୍ଦ ସୁସମ୍ପଦ
ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ଶବ୍ଦ ଯକ୍ଷପତି,
ବାସନ୍ତୀ ପୂର୍ଣ୍ଣିମା ନିଶା ପୂର୍ଣ୍ଣଚନ୍ଦ୍ର ପ୍ରାୟ
ଉତ୍କଳ-ସାହିତ୍ୟ-ନଭ କରେ ଆଲୋକିତ ।
ଉତ୍କଳୀୟ ଶବ୍ଦ-ବୃନ୍ଦେ ଫୁଟିଛି ବିବିଧ
ପୁଷ୍ପ, ବଙ୍ଗ ହିନ୍ଦୀ ପୁଣି ସମୃଦ୍ଧ ଇଂରାଜୀ,
ଫୁଟେ ଯଥା କାବ୍ୟବୃକ୍ଷେ ରସ, ଭାବ, ଅର୍ଥ;
ଉହଟେ ସୌରଭ ତାର ଦିଗ ଦିଗନ୍ତରେ,
ଆଘ୍ରାଣି ତା' ସୁବାଧିତ ମୁଗ୍ଧ ପାଶ୍ଚାତ୍ୟ ମଣ୍ଡଳ,—
(ସମୁନ୍ନତ ଶ୍ରୁତିଦର୍ଶେ ଶିକ୍ଷା ସଭ୍ୟତାରେ)
ସମାପ୍ତ ସେ ସପ୍ତଖଣ୍ଡେ, ସପ୍ତସିନ୍ଧୁ ସମ
ବିରାଟ ବିଶାଳକାୟ, ବହିଛି ଉଦରେ
ବିବିଧ ରତନ-ମୁକ୍ତା ମାଣିକ୍ୟ ପ୍ରବାଳ,
ମହାର୍ଘ ବିଭବ ତାହା ହବ୍ୟ ଜ୍ୟୋତିର୍ମୟ ।
ଦେବଭୂମି ଏ ଉତ୍କଳ, ସ୍ୱର୍ଗାର୍ଥ ମାଳିନୀ
ହେଉ ପଛେ ସିନା, ମାତ୍ର ଗୁଣେ ଗରୀୟସୀ;
ତାର ସାରସ୍ୱତ ଶକ୍ତି, ସୂକ୍ଷ୍ମ ପ୍ରତିଭାର
ମାନଦଣ୍ଡ—"ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଗ୍ରନ୍ଥ ।"
ଦେବୀ ବାଗୀଶ୍ୱରୀଙ୍କ ମହା ଦରବାରେ
ଲଭିଛି ଉତ୍କଳ ଭାଷା ଗୌରବ ଆସନ,
ନିରେଖି ଏ ଦୃଶ୍ୟ, ଗର୍ବେ ସ୍ଫୀତବକ୍ଷ ଆଜି
ଉତ୍କଳ କୋବିଦକୁଳ, ଉଲ୍ଲାସେ ଅଧୀର ।
ଉଠୁଅଛି ଧନ୍ୟବାଦ ଭାଷାକୋଷ ନାମେ
ଜୟଧ୍ୱନି ସହ, ତାର ପୁଣ୍ୟ ପ୍ରତିଧ୍ୱନି
ମିଶି ସେ ଧ୍ୱନିରେ, କରେ ପୁଲକିତ ତାହାକୁ,
ଅମର ଦୁନ୍ଦୁଭି ବାଜେ ଉତ୍କଳ-ହୃଦବେ ।
ପ୍ରହରାଜ କୃପାଧିକ ହେ ଗୋପାଳଚନ୍ଦ୍ର !
କର୍ମଯୋଗୀ ତୁମ୍ଭେ, ତବ କର୍ମ ଉପାସନା,
ପଞ୍ଚବିଂଶ ବର୍ଷବ୍ୟାପୀ ତୀବ୍ର ଯୋଗବଳେ
ସୃଜିଲ ଯେ ସୁବିଶାଳ ଶବ୍ଦ-ହିମାଳୟ,



The late Maharaja Purnnacandra Bhanj Deo



Maharaja Sir Pratap Chandra Bhanj Deo, K.C.I.E.
Ruler, Mayurbhanj State

ହେଉ ତା'ର ତୁଙ୍ଗଶୃଙ୍ଗ ବନ୍ଧୁହୂରୁ ଜଳେ
ନମିବେ ସମ୍ମୁଖେ ତାକୁ ଯୋଡ଼ି ବେନିକର ।
ରଚିଗଲ ତୁମ୍ଭେ ନିଜେ ସ୍ମୃତିସ୍ତମ୍ଭ ତବ
ରହିଲା ତୁମ୍ଭର ମୂର୍ତ୍ତି ତୁମ୍ଭ କର୍ମ ମଧ୍ୟେ,
ଦେବଧାମେ ରୂପମୂର୍ତ୍ତି ଦେହ ମଧ୍ୟେ ଯଥା;
ତୁମ୍ଭର ଏ ଗ୍ରନ୍ଥ-ପୁଞ୍ଜ ରଖିବ ତୁମ୍ଭଙ୍କୁ
ଯୁଗେ ଯୁଗେ ଜୀବିତର ! କରଣ ଅମର ।
ଉତ୍କଳର ଭବିଷ୍ୟତ ବଂଶଧରଗଣ
ନିର୍ମିଣି ସୁବର୍ଣ୍ଣେ ତବ ସୌମ୍ୟ ଦେବମୂର୍ତ୍ତି,
ପୂଜିବେ ବକ୍ଷରେ ସ୍ଥାପି ସୁବର୍ଣ୍ଣ ଦେଉଳେ ।
ନ ଚାହିଁ ଶରୀରେ, ପ୍ରାଣେ, ଯାହାଙ୍କ ସକାଶେ
କଲ ତୁମ୍ଭେ ଅଯୁତ ଯତ୍ନ, ସେ କୃତଜ୍ଞ ଜନେ
ବୁଝିବେ ତୁମ୍ଭର ମୂଲ୍ୟ, ମହତ୍ତ୍ୱ ନିଶ୍ଚୟ ।
ତୁମ୍ଭର ଅଦ୍ଭୁତ ଧୈର୍ଯ୍ୟ, ଅସୀମ ସାହସ,
ତ୍ୟାଗ, ଦାନ, ସହିଷ୍ଣୁତା, ସଙ୍କଳ୍ପଦୃଢ଼ତା,
ଏ ଆଦି ବିଶିଷ୍ଟ ଶୁଭ ସୁଗୁଣ ନିଚୟେ
କରିଣ ଆଦର୍ଶ, ଧରି ଉଚ୍ଚଲକ୍ଷ୍ୟ ତବ
ହେବେ ସର୍ବେ କର୍ମଯୋଗେ ନିରତ ସତତ;
ଢାଳିବେ ପଦ୍ମରେ ତବ ଭକ୍ତି ପୁଷ୍ପାଞ୍ଜଳି
ବରେଣ୍ୟ ଅମର ସ୍ଥାନେ, ଅର୍ପିବେ ଅବିରତ
ଜାଳି ଶ୍ରଦ୍ଧା ଦୀପାବଳୀ ପ୍ରୀତି-ଜ୍ୟୋତିର୍ମୟ;
ଅମର ଯାହାର କୀର୍ତ୍ତି ସେହି ତ ଅମର ।
ମାହେନ୍ଦ୍ର ମୁହୂର୍ତ୍ତେ ଦେଖ ଉତ୍କଳ ଭାରତୀ
ତୁମ୍ଭ ଭଳି ପୁତ୍ରବର ଲଭିଥିଲେ, ଅଙ୍କେ,
ଉଚ୍ଛୁଳିଲ ମାତୃମୁଖ ତୁମ୍ଭେ ନିଜଗୁଣେ ।
ଧରିଥିଲ ଶୁଭକ୍ଷଣେ ହେ ଭାରତୀଶିଷୀ !
ମାତୃପୂଜା ବ୍ରତ, ତାହା ନିର୍ବାହ ନିମନ୍ତେ
ବିକା ଦେଲ ବାସଗୃହ, କି ଅଦ୍ଭୁତ ତ୍ୟାଗ !
ମାତୃପୂଜା ସହ କଲ ତ୍ୟାଗପୂଜା ଦେବ !
ଏହା ବିନା ବିଶେଷତ୍ୱ ଉଚ୍ଚ ଆଦର୍ଶର ।
ସାରସ୍ୱତ ପ୍ରତିଭାରେ ମୁଗ୍ଧ ହୋଇ ତବ
ରାଜରାଜେଶ୍ୱର—ମହାମହିମାଭୂଷଣ,
ଅର୍ପିଲେ ତୁମ୍ଭଙ୍କୁ ଉଚ୍ଚ ଗୌରବ ଉପାଧି—
ଗୁପ୍ତ ବାହାଦୁର, ରହୁ ଜଗତ ବାଖନେ;
ଅବର ପିନ୍ଧାଇ ଦେଲେ ମସ୍ତକେ ତୁମ୍ଭର
ଅଭ୍ର-ଭାରତୀ-ତୀର୍ଥର ବରେଣ୍ୟ ପଣ୍ଡିତେ
ସାହିତ୍ୟ ବିଶାରଦାଖ୍ୟ ଉପାଧି ମୁକୁଟ;
ବୁଝନ୍ତି ଗୁଣିକେ ବିନା ଗୁଣର ଗୌରବ ।
ହେ ମହାସାଧକ । କୀର୍ତ୍ତି କି ବର୍ଣ୍ଣିବ ତବ ?
ସ୍ମରି ତବ ସୁକଠୋର ଅଖଣ୍ଡ ତପସ୍ୟା
ନତ ହୁଏ ସ୍ୱତଃ ଶିର ପାଦମୂଳେ ତବ,
ସେନ ମୋର କୃତଜ୍ଞତା, ଭକ୍ତ୍ୟଭିନନ୍ଦନ ।

ଭଦ୍ରଖ
୧୯୩୭ ସାଲ } ଶ୍ରୀ ଚିନ୍ତାମଣି ମହାନ୍ତି

ମୋ ସୋଦରକଳ୍ପ ବାଲ୍ୟବନ୍ଧୁ, ଯୌବନ ସହଚର, ବାର୍ଦ୍ଧକ୍ୟ-ସୁହୃତ୍, ଉତ୍କଳ ସାହିତ୍ୟ ସମାଜର ଆଜକୁ ୧୭ବର୍ଷ ହେଲା ଅବୈତନିକ ସମ୍ପାଦକ ଓ ଅର୍ଥ ସଂଗ୍ରାହକ, ଆବାଲ୍ୟ ସାହିତ୍ୟସେବାବ୍ରତୀ, ଗ୍ରନ୍ଥକାର ଓ ସୁଲେଖକ ଶ୍ରୀ ଭାଇ ଶଶିଭୂଷଣ ଗୁପ୍ତ ସରସ୍ୱତୀଙ୍କ ସେବାରେ ନିଯୁକ୍ତଥାଇ କଟକର 'ଶ୍ରୀରାମଚନ୍ଦ୍ର ଭବନ' ଠାରୁ ଧବଳେଶ୍ୱର ଦ୍ୱୀପସ୍ଥ 'ନିଭୃତନିଳୟ', ପର୍ଯ୍ୟନ୍ତ ସାପ୍ତାହିକ ଧାଁ ଧପଡ଼ରେ ଲାଗିଥାଆନ୍ତି । ଆଜକୁ ୫୨ବର୍ଷ ହେଲା ଦୁହିଁଙ୍କି ଦୁହେଁ ସଂସାରରେ, ସମାଜରେ, ସାହିତ୍ୟ କ୍ଷେତ୍ରରେ, ରାଜନୀତି-କ୍ଷେତ୍ରରେ, ଶିକ୍ଷାକ୍ଷେତ୍ରରେ କେତେ ଧକାମକା ତୋଡ଼ମାଡ଼ ସହିଛୁଁ ଓ ରାଜଦରବାରଠାରୁ ମୂଲିଆଙ୍କ କୁଡ଼ିଆ ପର୍ଯ୍ୟନ୍ତ ଗସ୍ତ କରିଛୁଁ । 'କଳଣଠା' ଛପିବାରୁ କଟକରେ ଥିବାଯାକେ ଦୁହିଁଙ୍କର ଦିନକେ ଅନ୍ତତଃ ଥରେ ଭେଟ ହେବାପାଇଁ ଦୁହେଁ ଚୁକ୍ତିରେ ପରସ୍ପର ବନ୍ଧା । ମୁଁ ତାଙ୍କ 'ବନ୍ଦିପ୍ରତିଜ୍ଞା' ପାଇଁ ଉପକରଣ ଯୋଗାଉଛି; ସେ ମୋ ଭାଷାକୋଷପାଇଁ ଉପାଦାନ ଯୋଗାଇଛନ୍ତି; ଭାଷାକୋଷପାଇଁ ସାହାଯ୍ୟଦାତାମାନଙ୍କ ପାଖେ ମୋ ସଙ୍ଗେ ଓ ଏକୁଟିଆ ଅଳ ଓ ବଳ କରି ଗଳ, ଛଳ, ଟେଳ ଓ ଜଳ, ବହୁ ଦୁଃଖ ଅଙ୍ଗେ ନିଭେଇ ଅଛନ୍ତି । ଏ ସବୁର ଅବତାରଣାର ଉଦ୍ଦେଶ୍ୟ ଏହିକି, ତାଙ୍କ ଆଦେଶ ଅଦଳ କରିବା ତାକତ୍ ମୋର ନାହିଁ । ତାଙ୍କ ଅନୁଗ୍ରହାତିଶଯ୍ୟ, ଆଗ୍ରହାତିଶଯ୍ୟ, ବିଗ୍ରହାତିଶଯ୍ୟ, ନିଗ୍ରହାତିଶଯ୍ୟ ଓ ଦୁର୍ଗ୍ରହାତିଶଯ୍ୟରୁ ଏହି ନପାର (Mutual Admiration Society) ପରସ୍ପର ପ୍ରଶସ୍ତି-ଗାୟକସଙ୍ଘର ସଭ୍ୟରୂପେ ତାଙ୍କ ପ୍ରଦତ୍ତ ନିମ୍ନଲିଖିତ ସାର୍ଟିଫିକେଟ୍ ଏଠାରେ ଲିପିବଦ୍ଧ କଲି । ଯାହାଙ୍କର ମନ ହେବ ସେ ପଢ଼ିବେ, ନଇଲେ ଉଦ୍ଧୃତ ଚିହ୍ନାଙ୍କିତ ଅଂଶକୁ ଛାଡ଼ିଯିବେ ।

## "ଭାଷାକୋଷକାର

"ସଂସାରରେ ମନୁଷ୍ୟର ଅନେକ ଦଶା ଥାଏ, ସଂସାରରୁ ଅନେକ ଅପେକ୍ଷା ବ୍ୟାପୃତ ରହିବାକୁ ହୁଏ, ଅନେକ କାର୍ଯ୍ୟ କରିବାକୁ ହୁଏ; କିନ୍ତୁ ପ୍ରହରାଜଙ୍କର ଯେବେ କୌଣସି ଦଶା ଥାଏ, ଯେବେ ସେ ସମସ୍ତ ଜୀବନରେ କିଛି ଆରାଧନା କରିଥାଆନ୍ତି, ତେବେ ତାହା ଏକମାତ୍ର ଜ୍ଞାନ । ସଂସାରରେ ମୋହର ଯେଉଁ ସମସ୍ତ ବ୍ୟକ୍ତିଙ୍କ ସହିତ ପରିଚୟ ହୋଇଅଛି ସେମାନଙ୍କ ମଧ୍ୟରୁ ଜଣକୁ ପ୍ରହରାଜଙ୍କ ଭଳି ଜ୍ଞାନର ଅନନ୍ୟନିଷ୍ଠ ସେବକ ଦେଖି ନାହିଁ । ଉତ୍ସାହସମ୍ପନ୍ନ ଯୁବକର କ୍ଳାନ୍ତି ଅଛି, କିନ୍ତୁ ଶାସ୍ତ୍ରତନ୍ତ୍ରର ବନ୍ଧ୍ୟା ସଂସାରର ଯେ କୌଣସି ଜ୍ଞାନଚର୍ଚ୍ଚାରେ ପ୍ରହରାଜଙ୍କର କେବେ କ୍ଳାନ୍ତି ଦେଖିପାରିଛି ବୋଲି ମୋହର ସ୍ମରଣ ହେଉ ନାହିଁ ।

ତାଙ୍କର ଚିନ୍ତାଶକ୍ତି ଦର୍ଶନରେ ବିସ୍ମିତ ଓ ଅବାକ୍ ହେବାକୁ ହୁଏ । ମୁଁ ଦେଖିଅଛି, ଶାସ୍ତ୍ରର ସାହାଯ୍ୟ ଗ୍ରହଣ ନ କରି ସୁଦ୍ଧା ସେ କେବଳ ନିଜର ଚିନ୍ତା ପ୍ରଭାବରେ କୋଣସି ସିଦ୍ଧାନ୍ତରେ ଉପସ୍ଥିତ ହୋଇ ଦୃଢ଼ତା ସହକାରେ କହିଅଛନ୍ତି—ଏହା ଏହିପରି ହେବ ।

ପ୍ରହରାଜେ ଯେ ଖାଁ ଖାଁ ଗ୍ରନ୍ଥ ଅଧ୍ୟୟନ କରନ୍ତି ତାହା ନୁହେଁ; ସେ ଅଳ୍ପ ଅଧ୍ୟୟନ କରନ୍ତି, ମାତ୍ର ଚିନ୍ତା କରନ୍ତି ଅତ୍ୟନ୍ତ ଅଧିକ। କେତେଗୁଡ଼ିଏ ମାତ୍ର ଶବ୍ଦ ଆବୃତ୍ତି କରି ସେ ସନ୍ତୁଷ୍ଟ ରହିବା ଲୋକ ନୁହନ୍ତି। ସେ ଯାହା ଧରିବେ ତାକୁ ଭାଙ୍ଗି ଗୁଣ୍ଡା କରି ତାହାର ଅନ୍ତଃସ୍ଥଳରେ କିମ୍ବା ମର୍ମସ୍ଥଳରେ ପ୍ରବେଶ ନ କରି କ୍ଷାନ୍ତ ହେବେ ନାହିଁ। ଅସଲ ଖାଣ୍ଟି ଦ୍ରବ୍ୟ ଖୋଜି ବାହାର କରିବାହିଁ ତାଙ୍କର ରୀତି।

ତାଙ୍କ ହୃଦୟ କୌଣସି ସାମ୍ପ୍ରଦାୟିକ ସଂସ୍କାରରେ କଳୁଷିତ ନୁହେଁ। ପକ୍ଷପାତିତା ତାହାଙ୍କୁ ସତ୍ୟ ପଥରେ ଅନ୍ଧ କରି ଦେଇ ନାହିଁ। ସେ ନିଜର କୁ ଦେଖନ୍ତି, ମାତ୍ର ଅନ୍ୟର ସୁ ଦେଖନ୍ତି। ମୁଁ ଦେଖିଅଛି, ସେ କୌଣସି ସମ୍ପ୍ରଦାୟର, କୌଣସି ଅନୁଷ୍ଠାନର ବହିର୍ଭାଗ ନ ଦେଖି ଅନ୍ତର୍ଭାଗରେ ପ୍ରବିଷ୍ଟ ହୋଇ ତାହାର ତତ୍ତ୍ୱ ବୁଝିବାକୁ ଚେଷ୍ଟା କରନ୍ତି।

ତାଙ୍କର ସରଳତା ପଞ୍ଚମ ବର୍ଷୀୟ ଶିଶୁ ଭଳି, ମୁଁ ଏହା ଦେଖିଅଛି ଓ ମୁଗ୍ଧ ହୋଇଅଛି। ତାହାଙ୍କ ଅସ୍ୱର ବ୍ୟବହାର ସମସ୍ତହିଁ ପ୍ରୟୋଜନାନୁସାରେ। ପ୍ରଚଳିତ ପ୍ରଥା ବୋଲି ତାହାଙ୍କ ନିକଟରେ କିଛିହିଁ ନାହିଁ। ଯେତେଟିକି ପ୍ରୟୋଜନ, ସେ ସେତିକି କରିବେ; ଆହାର ବିହାର ବସନ ପରିଚ୍ଛଦ ପ୍ରଭୃତି ସର୍ବତ୍ରହିଁ ତାହାଙ୍କର ଏହି ନିୟମ ଅବ୍ୟାହତ ଭାବରେ ଚାଲିଅଛି। ପ୍ରୟୋଜନର ଅତିରିକ୍ତ ସେ କିଛିହିଁ କରନ୍ତି ନାହିଁ।

କୌଣସି ଲେଖାରେ ଶବ୍ଦପ୍ରୟୋଗ ସମ୍ବନ୍ଧରେ ତାହାଙ୍କୁ ଏହି ନିୟମରେ ପରିଚାଳିତ ହେବା ଦେଖାଯାଏ। ହୃଦୟର ଭାବ ଯଥାଯଥ ରୂପେ ସୁବ୍ୟକ୍ତ ହୋଇପାରେ, ଏ ଭଳି ଶବ୍ଦ ପ୍ରୟୋଗରେ ତାହାଙ୍କ ଭଳି ନିପୁଣ ଲେଖକ ମୁଁ ବୋଧହୁଏ ଦେଖି ନାହିଁ। ଗୋଟିଏ ଗୋଟିଏ କ୍ଷୁଦ୍ର କ୍ଷୁଦ୍ର ବାକ୍ୟରେ ଭାବସମ୍ପଦ କି ଭଳି ସୁସ୍ପଷ୍ଟରୂପେ ପ୍ରକାଶିତ ହୁଏ, ଯେଉଁମାନେ ତାହାଙ୍କ ଲେଖା ପଢ଼ିଅଛନ୍ତି ସେମାନେ ଜାଣନ୍ତି। ଭାଷାକୁ ପରିପୁଷ୍ଟ କରିବା ସକାଶେ ତାହାଙ୍କର ଏହିପରି ଅନୁରାଗ। ନୂତନ ନୂତନ ଭାବର ପ୍ରକାଶ ସକାଶେ ନବ ନବ ଶବ୍ଦ ଉଦ୍ଭାବନରେ ସୁଦ୍ଧା ତାହାଙ୍କ ଚତୁର ଶକ୍ତିର ପରିଚୟ ମିଳେ। ତାହାଙ୍କ ଉତ୍କଳକାହାଣୀ, ଦୁନିଆର ହାଲଚାଲ, ବାଇମାହାନ୍ତି ପାଞ୍ଜି, ଆମଘରର ହାଲଚାଲ, ନନାଙ୍କ ବସ୍ତାନି, ଭାଗବତ ଟୁଙ୍ଗୀରେ ସନ୍ଧ୍ୟା, ଜେଜେବାପାଙ୍କ କାହାଣୀ ପ୍ରଭୃତି ରଚନାବଳୀରେ ଏଥିର ବିଶିଷ୍ଟ ପରିଚୟ ରହିଅଛି।

ପ୍ରହରାଜଙ୍କ ରଚନାପ୍ରଣାଳୀର ମୂଳ କେଉଁଠାରେ ଏବଂ ତାହାଙ୍କର ଅନ୍ତରରେ ବୈଶିଷ୍ଟ୍ୟ କଅଣ ? ଏ ପ୍ରଶ୍ନର ଉତ୍ତର ଗୋଟିଏ କଥାରେ ଦିଆଯାଇ ପାରେ। **Sir Walter Scot** ଙ୍କ ପରି ସେ **Wizard of Orissa**—ଓଡ଼ିଶାର ଅପୂର୍ବ ଯାଦୁକର। ସେ ସୌନ୍ଦର୍ଯ୍ୟର ଉପାସକ। ସେ ତାଙ୍କ ରଚନାରେ ପ୍ରାୟ ସବୁ ରସର ଅବତାରଣା କରିଅଛନ୍ତି; କିନ୍ତୁ ସର୍ବତ୍ର ତାହାଙ୍କ ଚକ୍ଷୁ ଯାହା ସୁନ୍ଦର ଓ ଶୋଭନ କିମ୍ବା ମନୋରମ ତାହା ଉପରେ ନିବଦ୍ଧ ରହିଥାଏ। ଜୀବନରହସ୍ୟର ବ୍ୟାଖ୍ୟା ସେ ଯାହା କରିଅଛନ୍ତି ତହିଁରେ ଦୁଃଖ କଷ୍ଟର ଦାଗ ଫୁଟି ଉଠି ନାହିଁ। ସଂସାରର ଅସ୍ୱର ବ୍ୟବହାର ଦେଖି ସେ ବିରକ୍ତ ଓ ବିଷଣ୍ଣ ନ ହୋଇ ମନୁଷ୍ୟଜୀବନର ଅତି ମ୍ଳାନ କଦର୍ଯ୍ୟ ଓ ଅବନତ ଅଂଶରୁ ସୌନ୍ଦର୍ଯ୍ୟ ଚୟନ କରିଅଛନ୍ତି। ଅତ୍ୟାଚାର, ଅବିଚାର, ଅନାଚାର ପ୍ରଭୃତି ଏ ଜାତିକୁ କେତେ ଶତାବ୍ଦୀ ହେଲା ଜର୍ଜରିତ କରିଅଛି। ସାମାଜିକ କୁପ୍ରଥା ଜାତିର ମେରୁଦଣ୍ଡକୁ ଦୁର୍ବଳ କରିଅଛି। ସ୍ୱାର୍ଥପରତା, ନୀଚତା, କାପୁରୁଷତା, ସଙ୍କୀର୍ଣ୍ଣତା ଓ ଅଜ୍ଞତା ପ୍ରଭୃତି ଏ ସବୁରେ ସ୍ପଷ୍ଟ ହୋଇଅଛି। ଏ ଦୈନ୍ୟ ମଧ୍ୟରେ ଥାଇ ସୁଦ୍ଧା ପ୍ରହରାଜେ ଉତ୍କଳର ଅତୀତର ଓ ବର୍ତ୍ତମାନର ଅନ୍ତରରେ ସୌନ୍ଦର୍ଯ୍ୟର ଖଣି ସନ୍ଧାନ ଅଛି, କେବଳ ଏ ଭଳି ଅଭ୍ୟାସରେ ଓ ଭଙ୍ଗିରେ ତାହାଙ୍କ ରଚନାବଳୀ ପୂର୍ଣ୍ଣ କରିଅଛନ୍ତି; ଏହିଭଳି ସରସତା ଓ ପ୍ରୀତିମୂଳରେ ତାହାଙ୍କର ତୀବ୍ର ସ୍ୱଦେଶାନୁରାଗହିଁ କାରଣରୂପେ ବିଦ୍ୟମାନ। ଉତ୍କଳୀୟଙ୍କ ମନରେ ପୌରୁଷର ଅଭିମାନ ଜାଗ୍ରତ କରିବାକୁ ପ୍ରହରାଜେ ଅଗ୍ରଣୀ। ଏ କାଳରେ ଦେଶରକୁ ପୁଙ୍ଖାନୁପୁଙ୍ଖ ରୂପେ ଜାଣିବା ସକାଶେ ଗୁରୁଆଡ଼େ ଗୋଟିଏ ଆଗ୍ରହ ଦେଖା ଯାଉଅଛି ଓ ଦୁଃଖ ଦୈନ୍ୟ କଳୁଷ ଓ ଦୌର୍ବଲ୍ୟ ଦୂର କରି ପ୍ରକୃତ ସଂସ୍କାର କରିବା ସକାଶେ କିମ୍ବା ଜାତିକୁ ଉନ୍ନତ କରିବା ସକାଶେ ବାସନା ଦୃଷ୍ଟି ଦେଉଅଛି। ପ୍ରହରାଜଙ୍କ ଯୌବନ କାଳରେ ଏହା ଅସମ୍ଭବ ହୋଇଥିଲା। କିନ୍ତୁ ଆଜି ଯେ ଏହା ସମ୍ଭାବ୍ୟ ମଧ୍ୟରେ ଆସିଅଛି, ଏଥିପାଇଁ ପ୍ରହରାଜେ କୃତଜ୍ଞତାର ଅଧିକାରୀ।

ପ୍ରହରାଜଙ୍କ ପ୍ରତିପାଦ୍ୟ ବିଷୟ ଓ ଭାବରାଶି ଯେତେ, ତାହାଙ୍କ ରଚନାଗୁଡ଼ିକର ଶିକ୍ଷା ଯେତେ ମତଦ୍ୱୈଧ ଥାଇପାରେ, କିନ୍ତୁ ତାହାଙ୍କର ଭାଷା ଓ ରୀତି ବିଷୟରେ ସହୃଦୟ ସମାଜରେ ଐକମତ୍ୟ ଅବଶ୍ୟମ୍ଭାବୀ। ଏ ଭାଷାର ତୁଳନା ନାହିଁ, କିମ୍ବା ଏ ରୀତିର ଦ୍ୱିତୀୟ ନାହିଁ। ସମ୍ରାଟଙ୍କ ନାମାଙ୍କିତ ରଜତଖଣ୍ଡ ଭଳି ଉତ୍କଳ ସାହିତ୍ୟ ରାଜ୍ୟରେ ଏହି ରୀତିହିଁ ଚଳିବ। ଅନ୍ୟ ସମସ୍ତ ମୁଦ୍ରା ଭେଣ୍ଡି—ହୁଏତ ମେଲ କିମ୍ବା ଓଜନରେ ଖାଉ ଏବଂ ଅବାଜରେ ବୋଦକା। ରଚନାର ପ୍ରଧାନ ଗୁଣ ଏବଂ ପ୍ରଥମ ପ୍ରୟୋଜନ, ସରଳତା ଓ ସ୍ପଷ୍ଟତା। ଯେଉଁ ରଚନା ଆବାଳବୃଦ୍ଧବନିତା ସମସ୍ତେ ବୁଝି ପାରନ୍ତି ଏବଂ ପଢ଼ିବା ମାତ୍ରେ ଯାହାର ଅର୍ଥ ବୁଝାଯାଏ, ଅର୍ଥଗୌରବ ଥିଲେ ତାହା ସିନା ସର୍ବୋତ୍କୃଷ୍ଟ ରଚନା।

